ଆୟରଙ୍କୁ ମିଳିଲାନି ସ୍ଥାନ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-56 ◆WEDNESDAY ◆20 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୬ ◆ବୁଧବାର ◆୨୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

ରେଳଯାତ୍ରୀ ଦେବେ ଲଗେଜ୍ ଚାର୍ଜ

ଓଜନ ଅନୁଯାୟୀ ଆଦାୟ ହେବ ଭଡ଼ା

ପ୍ଲାଟଫର୍ମରେ ଯାଞ୍ଚ ହେବ ବ୍ୟାଗ୍‌ର ଆକାର ଓ ଓଜନ

ବିମାନବନ୍ଦର ପରି ଯାତ୍ରୀଙ୍କୁ ଦିଆଯିବ ବୋର୍ଡିଂ ପାସ୍

■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ବିମାନଯାତ୍ରୀଙ୍କ ପରି ଏଣିକି ରେଳ ଯାତ୍ରୀ ବି ଦେବେ ବ୍ୟାଗେଜ୍ ଓ ଲଗେଜ୍ ଚାର୍ଜ। ଯାତ୍ରା ସମୟରେ ସାଥୀରେ ନେଉଥିବା ସାମଗ୍ରୀ, ବ୍ୟାଗ୍ ଓ ଲଗେଜ୍ ଓଜନ ଅନୁସାରେ ଯାତ୍ରୀଙ୍କୁ ଭଡ଼ା ଦେବାକୁ ପଡ଼ିବ। ଉତ୍ତରପ୍ରଦେଶର ପ୍ରୟାଗରାଜ ଓ ଲକ୍ଷ୍ନୌ ଷ୍ଟେସନରୁ ଏହା କାର୍ଯ୍ୟକାରୀ ହେବ; ପରବର୍ତ୍ତୀ ସମୟରେ ଏହା ସାରା ଦେଶରେ ପ୍ରଚଳନ କରାଯିବ। ରେଳଯାତ୍ରୀଙ୍କ ପାଇଁ ଏହି ନିୟମ କଠୋର ଭାବରେ ଅନୁପାଳନ କରାଯିବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି।

ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀଙ୍କ ଲଗେଜ୍‌ର ଓଜନ ଓ ଆକାର ସମ୍ପର୍କରେ ପୂର୍ବରୁ ନିୟମ ଥିଲେ ହେଁ ଏହାକୁ ଅନୁପାଳନ କରାଯାଉ ନାହିଁ। ମାତ୍ର ଏବେ ରେଳ ବିଭାଗ ଏହି ନିୟମକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛି। ନୂଆ ନିୟମ ଅନୁସାରେ ରେଳ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କୁ ଇଲେକ୍‌ଟ୍ରୋନିକ୍ ଓଜନ ମେସିନରେ ସେମାନଙ୍କର ଲଗେଜ୍ ଓଜନ କରିବାକୁ ପଡିବ। ଯଦି ଲଗେଜ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ କିମ୍ବା ▶ପୃଷ୍ଠା-୭

ଉପରାଷ୍ଟ୍ରପତି ନିର୍ବାଚନ

ବି ସୁଦର୍ଶନ ବିରୋଧୀ ମେଣ୍ଟ ପ୍ରାର୍ଥୀ

ଅଡୁଆରେ ଫସିଲା ତାମିଲନାଡୁ ଏବଂ ଆନ୍ଧ୍ର ରାଜନୀତି

■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛି ବିରୋଧୀ ଦଳ ଇଣ୍ଡିଆ ବ୍ଲକ୍। ତାଙ୍କର ମୁକାବିଲା ଶାସକ ଏନ୍‌ଡିଏର ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନଙ୍କ ସହିତ ହେବ। ରାଧାକ୍ରିଷ୍ଣନଙ୍କ ଘର ତାମିଲନାଡୁ ହୋଇଥିବା ବେଳେ ରେଡ୍ଡୀଙ୍କ ଘର ହେଉଛି ଆନ୍ଧ୍ର ପ୍ରଦେଶରେ। ଏହି ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଅଡୁଆରେ ପକାଇପାରେ ବୋଲି କୁହାଯାଉଛି।

ଆଜି ଇଣ୍ଡିଆ ବ୍ଲକର ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ସୁଦର୍ଶନ ରେଡ୍ଡୀଙ୍କ ନାମ ଘୋଷଣା କରିଥିଲେ। ସେ କହିଥିଲେ ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଲାଗି ଏହା ହେବ ଆଦର୍ଶଗତ ଲଢେଇ। ଆଜି ସନ୍ଧ୍ୟାରେ ଶ୍ରୀ ରେଡ୍ଡୀ ଦିଲ୍ଲୀରେ ପହଞ୍ଚିବା ପରେ ଆସନ୍ତାକାଲି ଇଣ୍ଡିଆ ବ୍ଲକ୍ ନେତାମାନଙ୍କର ବୈଠକ ହେବ। ୨୧ ତାରିଖରେ ରେଡ୍ଡୀ ମନୋନୟନପତ୍ର ଦାଖଲ କରିବେ। ଶ୍ରୀ ଖଡ଼ଗେ କହିଲେ ଯେ ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ପଡ଼ିଲେ ବିରୋଧୀ ଦଳ ▶ପୃଷ୍ଠା-୭

ଭୋଟ ଅସଙ୍ଗତି

ସିଇସିଙ୍କୁ ଭେଟିଲା ବିଜେଡି

ଫର୍ମ-୧୭ସି ପ୍ରଦାନ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ

ବିହାର ପରି ଏସ୍‌ଆଇଆର୍ ହେଲେ ତୀବ୍ର ବିରୋଧ

ଫର୍ମ -୧୭ ସି ପ୍ରଦାନ ଆବଶ୍ୟକ ଥିଲା: ସିଇସି

■ ଭୁବନେଶ୍ୱର, ୧୯।୮ (ସମିସ): ଭୋଟ ଅସଙ୍ଗତି ପ୍ରସଙ୍ଗରେ ପୁଣିଥରେ ଦେଶର ମୁଖ୍ୟ ନିର୍ବାଚନ କମିସନଙ୍କ ନିକଟରେ ଫେରାଦ ହୋଇଛି ବିଜେଡ଼ି। ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ସିଇସିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି। ପ୍ରାୟ ୨ ଘଣ୍ଟା ଧରି ଚାଲିଥିବା ଏହି ସାକ୍ଷାତ ଆଲୋଚନାରେ ବିଜେଡି ନେତାମାନେ ଗତ ସାଧାରଣ ନିର୍ବାଚନରେ ଘଟିଥିବା ଅସଙ୍ଗତି ସମ୍ପର୍କରେ ସିଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦଳ ପକ୍ଷରୁ ଉଠାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନରେ ନିର୍ବାଚନ ଅଧିକାରୀମାନଙ୍କ ଅବହେଳା, ଫର୍ମ ୧୭ ସି ପ୍ରଦାନ ନ କରିବା ପ୍ରସଙ୍ଗ ମଧ୍ୟ ବିଜେଡି ଏହି ଅବସରରେ ଉଠାଇଛି। ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିସନଙ୍କ ଏପରି ମନୋଭାବ ଗଣତନ୍ତ୍ର ପାଇଁ ଅହିତକର ବୋଲି ଉଲ୍ଲେଖ କରି ବିଜେଡି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଆବେଦନ କରାଯାଇଥିବା ଫର୍ମ ୧୭ ସି ଏଯାଏ ମିଳି ନ ଥିବା ପ୍ରସଙ୍ଗରେ ଆଶ୍ଚର୍ଯ୍ୟପ୍ରକାଶ କରିଛନ୍ତି ▶ପୃଷ୍ଠା-୭

ରାମେଶ୍ୱର-ଟାଙ୍ଗୀ ୬ ଥାକିଆ ରାସ୍ତାକୁ ମଞ୍ଜୁରୀ

୧୧୧ କିମି ପାଇଁ ବ୍ୟୟହେବ ୮୩୦୮ କୋଟି

■ ଭୁବନେଶ୍ୱର, ୧୯।୮ (ସମିସ): ଦୀର୍ଘ ଦେଢ଼ ଦଶନ୍ଧି ପରେ ରାଜଧାନୀ ଭୁବନେଶ୍ୱର ଓ କଟକ ବର୍ହିଭାଗରେ ରିଙ୍ଗରୋଡ଼ ନିର୍ମାଣ ଦାବିକୁ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଆଜି ୬ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିୟନ୍ ରିଂ ରୋଡ(ଭୁବନେଶ୍ୱର ବାଇପାସ୍) କୁ ମଞ୍ଜୁର ମିଳିଛି। ୧୧୧ କିଲୋମିଟର ଏହି ରଙ୍ଗ ରୋଡ୍ ରାସ୍ତା ପାଇଁ ୮୩୦୭.୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ରିଙ୍ଗ ରୋଡ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। ଏନଏଚ-୫୫, ଏନଏଚ-୫୭, ଏନଏଚ୍-୬୫୫ ଓ ଗୋଟିଏ ରାଜ୍ୟ ରାଜପଥ ଏସଏଚ୍-୬୫କୁ ▶ପୃଷ୍ଠା-୭

ମୋଦୀ ଓ ଗଡ଼କରୀଙ୍କୁ ଧନ୍ୟବାଦ ଦେଲେ ମୋହନ

ପ୍ରସ୍ତାବିତ ଭୁବନେଶ୍ୱର ବାଇପାସ୍‌ର ନକ୍ସା।

ଧ୍ୱଂସେଇଯାଇଛି ବିକାଶ କାର୍ଯ୍ୟ, କ୍ଷମତାହୀନ ଜନପ୍ରତିନିଧି

ସମ୍ବଲପୁର,୧୯ା୮ (ସମିସ)

ସମ୍ବଲପୁର ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଧ୍ୱଂସେଇ ଯାଇଥିବା ବେଳେ ଜନପ୍ରତିନିଧିଙ୍କୁ କ୍ଷମତାହୀନ କରାଯାଉଛି। ବିଭିନ୍ନ ପଞ୍ଚାୟତରେ ହେଉଥିବା ବିକାଶମୂଳକ କାର୍ଯ୍ୟ ନେଇ ଜନପ୍ରତିନିଧି ଅବଗତ ନୁହଁନ୍ତି। ଏହାକୁ ନେଇ ବିଜେଡିର ଏକ ଜନପ୍ରତିନିଧି ଦଳ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରିବାସହ ଜିଲ୍ଲାର ସମସ୍ତ ୪ଟି ନିର୍ବାଚନମଣ୍ଡଳୀ ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା କରିଛନ୍ତି। ପ୍ରତିନିଧି ଦଳରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ରେଙ୍ଗାଲି ବ୍ଲକ୍ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

ପଞ୍ଚାୟତ ସମିତିକୁ ଅଣଦେଖା କରାଯାଉଛି। ବିଧାୟକଙ୍କୁ କ୍ଷମତା ହ୍ରାସ କରାଯାଇ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ

ଦାୟିତ୍ୱ ଦିଆଯାଉଛି, ଏହା ଗଣତନ୍ତ୍ରର ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି, ଏହା ଗଣତନ୍ତ୍ରର ହତ୍ୟା ବୋଲି କହିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ଲୋକେ ବହୁତ ଆଶା କରି ଜଣେ ପ୍ରତିନିଧିଙ୍କୁ ନିର୍ବାଚିତ କରି ପଠାଇଥାନ୍ତି, ତାଙ୍କୁ ଯଦି କ୍ଷମତାହୀନ କରିଦିଆଯାଏ ତାହେଲେ ଲୋକେ କାହାଠାରୁ ଆଶା ରଖିବେ। ଆଜି ଯେତେ ପ୍ରକଳ୍ପ ଦିଆଯାଉଛି ପଞ୍ଚାୟତ ସମିତି ମାଧ୍ୟମରେ ସମିତି ସଭ୍ୟ, ବ୍ଲକ୍ ଚେୟାରମ୍ୟାନ ଜାଣିପାରୁନାହାନ୍ତି। ଏହା ଦୁର୍ଭାଗ୍ୟର କଥା। ତେବେ, ପ୍ରକଳ୍ପ ଦେଉଛି କିଏ ଏବଂ ପାସ୍ କିଏ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଏସି ଚ୍ୟାମ୍ବରରେ ବସି ସେମାନେ ପ୍ରକଳ୍ପ ଲେଖି ଦେଉଛନ୍ତି ତେବେ ପଞ୍ଚାୟତ ସମିତିର ଆବଶ୍ୟକତା ନାହିଁ, ପଞ୍ଚାୟତ ସମିତିରେ ଯେତେ ନିର୍ବାଚିତ ଜନପ୍ରତିନିଧିଙ୍କ ଆବଶ୍ୟକତା ନାହିଁ। ଏମାନେ ଏବେ ଅମଲାତାନ୍ତ୍ରିକ ସରକାର ଭାବେ ତାଙ୍କ କାର୍ଯ୍ୟ ଆରମ୍ଭ କରିଦେଲେଣି ବୋଲି ବିଧାୟକ ଶ୍ରୀ ହରିପାଲ ଅଭିଯୋଗ କରିଛନ୍ତି। ଗଣତନ୍ତ୍ରରୁ ଆମେ ରାଜତନ୍ତ୍ରକୁ ଫେରୁଛୁ ଭଳିଆ ଲାଗୁଛି। ଏପରିହେଲେ ଲୋକମାନେ ଆଉ ଭୋଟ୍ ଦେବାକୁ ମଧ୍ୟ ଆସିବେ ନାହିଁ। ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଜାଗାରେ ଯେଉଁ ପ୍ରକଳ୍ପ ଦିଆଯାଇଛି, ତାହା ଆମ ନିର୍ବାଚିତ ପ୍ରତିନିଧିମାନେ ଜାଣିନାହାନ୍ତି, ଏହା ହିଁ ମୁଖ୍ୟ ସମସ୍ୟା ବୋଲି ସେ କହିଛନ୍ତି। ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ କହିଛନ୍ତି, ଜିଲ୍ଲାର ସମସ୍ତ ୪ଟି ବିଧାନସଭା

ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା

ନିର୍ବାଚନମଣ୍ଡଳୀର ଉନ୍ନତି ସକାଶେ ଆଜି ଆସିଛୁ। ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖାଏ ଉନ୍ନତି ପାଇଁ ଦିଆଯାଇଥିଲା। ତାହାକୁ ଫେରସ୍ତ ନନେଇ ଅଧିକ ଟଙ୍କା ଦେଇ ପଞ୍ଚାୟତ ଗୁଡ଼ିକୁ ବିକଶିତ କରିବାର ଥିଲା। ସାଧାରଣରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଉଛି। ଆଗକୁ କିପରି କାମ ଭଲ ଭାବେ ହୋଇପାରିବ ତାହା ଦେଖିବା କଥା। ଲୋକେ ଡବଲ୍ ଇଞ୍ଜିନ ସରକାରରେ ବହୁତ କିଛି ଆଶା କରିଥିଲେ, କିନ୍ତୁ କାମ ଗୁଡ଼ିକ ଠପ୍ ହୋଇଯାଇଥିବାରୁ ଲୋକମାନେ ବିକାଶମୂଳକ କାର୍ଯ୍ୟ କିପରି ତ୍ୱରାନ୍ୱିତ ହେବ ତାହାକୁ ନେଇ ଚିନ୍ତାରେ ପଡ଼ିଲେଣି ବୋଲି ଶ୍ରୀମତୀ ନାୟକ କହିଛନ୍ତି। ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲଙ୍କ ଅନୁଯାୟୀ, ସମ୍ବିଧାନ ଆମକୁ ଯେଉଁ କ୍ଷମତା ଦେଇଛି, ଲୋକମାନେ ଆମକୁ ନିର୍ବାଚିତ କରି ବସେଇଛନ୍ତି, ସେଠାରେ କ୍ଷମତା ନେବାପାଇଁ କୌଣସି ବି ଲୋକ କିଏ? ସମ୍ବିଧାନ ଅନୁଯାୟୀ ଆମ ଗ୍ରାମାଞ୍ଚଳରୁ ଯେତେ ବି ପ୍ରକଳ୍ପ ଆସିବ ତାହା ପ୍ରଥମେ ଗ୍ରାମସଭାରେ ପାସ ହେବ, ସମିତିରେ ପାସ ହେବ, ସମିତିରୁ ତାହା ଅନୁମୋଦନ ପାଇଁ ଜିଲ୍ଲାପାଳଙ୍କ ପାଖକୁ ଆସିବ। ତେବେ ଏହି ପ୍ରକ୍ରିୟାରେ ହେଉନାହିଁ। ଗ୍ରାମସଭା, ସରପଞ୍ଚ, ସମିତି ସଭ୍ୟ କେହି ଜାଣୁନାହାନ୍ତି, ସେମାନେ ପ୍ରକଳ୍ପ କେଉଁଠୁ ଆଣୁଛନ୍ତି ତାହା ତାଙ୍କୁ ହିଁ ଜଣା। ପ୍ରକଳ୍ପ ପାସ୍ ହେଲାପରେ ଆମେ ଜାଣୁଛୁ, ତେବେ ପ୍ରକଳ୍ପ କିଏ ଦେଲା ତାହା ଜଣାନାହିଁ ବୋଲି ଶ୍ରୀ ଅଗ୍ରୱାଲ କ୍ଷୋଭ ବ୍ୟକ୍ତ କରିଛନ୍ତି। ପୂର୍ବରୁ ଯେଉଁ ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଥିଲା ତାହା ନଥିବାରୁ ଲୋକେ ଜନପ୍ରତିନିଧିଙ୍କୁ ଅବିଶ୍ୱାସ କରୁଛନ୍ତି ଏବଂ ସରକାରଙ୍କୁ ମଧ୍ୟ ଅବିଶ୍ୱାସ କରୁଛନ୍ତି ବୋଲି ଜଣେ ଜନପ୍ରତିନିଧି ଅଭିଯୋଗ କରିଛନ୍ତି।

ଲହଡ଼ି ମାରୁଛି କାଶତଣ୍ଡୀ ଫୁଲ (ସ୍ଥାନୀୟ ସମ୍ବଲପୁରୀ ଭାଷାରେ କାଏଁଶ୍ ଫୁଲ)

ଗୁଣି ଗାରେଡ଼ି ସଂପର୍କିତ ଅଭିଯୋଗ

କୁଚିଣ୍ଡା,୧୯ ।୮ (ସମିସ): ଆଜିର ଡିଜିଟାଲ ଯୁଗରେ ଲୋକେ ଏବେ ବି ଗୁଣି ଗାରେଡ଼ି ଭଳି ଅନ୍ଧ ବିଶ୍ୱାସକୁ ଗ୍ରହଣ କରି ନାନା ପ୍ରକାର ଅସାମାଜିକ ବାତାବରଣ ସୃଷ୍ଟି କରୁଛନ୍ତି। ବାମରା ବ୍ଲକ୍ ଅନ୍ତର୍ଗତ କୁଟାରିମାଲ ଗ୍ରାମର ଜଣେ ମହିଳାଙ୍କୁ ସେହିଗାଁର ୨ ଜଣ ବ୍ୟକ୍ତି , ଗୁଣି ଗାରେଡ଼ି କରିଛନ୍ତି ବୋଲି ଗୁଜବ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୀଡ଼ିତ ବ୍ୟକ୍ତିମାନେ ଗୋବିନ୍ଦପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ,କୁଟାରିମାଲ ଗ୍ରାମର ଚୈତନ୍ୟ ପଟେଲ(୫୨) ଓ ରୁଦ୍ର ପୋଡ଼(୫୦) ଦୁଇ ଜଣ ମିଶି ସେହିଗ୍ରାମର ଲଳିତା ପଟେଲ(୪୦)ଙ୍କୁ ଗୁଣି ଗାରେଡ଼ି କରିଛନ୍ତି ବୋଲି ସେ ନିଜେ ବୁଲିବୁଲି ଚାରିଆଡ଼େ ଲୋକଙ୍କୁ କହି ଆସୁଛନ୍ତି। ହେଲେ ଉକ୍ତ କଥାକୁ ନେଇ ଗ୍ରାମରେ ଗଣ୍ଡଗୋଳ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବା ଜାଣିପାରି ଗତ ସୋମବାର ଦିନ ଗ୍ରାମରେ ବୈଠକ ବସିବା ପରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ଗୋବିନ୍ଦପୁର ଥାନାର ସବ ଇନ୍ସପେକ୍ଟର ଦେବଜାନୀ ଛତର ଉଭୟ ପକ୍ଷକୁ ମଙ୍ଗଳବାର ଦିନ ଥାନାକୁ ଡକାଇ ପଚରାଉଚୁରା କରିଥିଲେ। ଏଥିରେ ଲଳିତା ପଟେଲଙ୍କ ବାପା ମିତ୍ରଭାନୁ(୬୫) ନିଜ ଝିଅର କାର୍ଯ୍ୟକଳାପକୁ ନେଇ ଲଜ୍ଜିତ ହୋଇ ପରେ ଆଉ ଏଭଳି କରିବେ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହା ସହ ନିଜ ଝିଅର ମାନସିକ ସ୍ଥିତି ଠିକ ନ ଥିବାରୁ,ତାଙ୍କୁ ହସ୍ପିଟାଲକୁ ନେଇ ଉତ୍ତମ ଚିକିତ୍ସା କରାଇବେ ବୋଲି ମଧ୍ୟ କହିଛନ୍ତି। ଉଭୟ ପକ୍ଷ ଆପୋଷ ବୁଝାମଣା ହୋଇଥିଲେ। ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ଥିବାବେଳେ, ଏହା ପଛରେ କେହି ଷଡ଼ଯନ୍ତ୍ର କରି ଆମକୁ ବଦନାମ କରିବାକୁ ଚେଷ୍ଟା ଚାଲିଛି ବୋଲି ପୀଡ଼ିତମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବୋମାଲଇ ରାସ୍ତା କାର୍ଯ୍ୟର ଭୂମିପୂଜା

ସମ୍ବଲପୁର,୧୯ା୮ (ସମିସ): ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଲପଙ୍ଗା ଠାରୁ ବୋମାଲୋଇ ପର୍ଯ୍ୟନ୍ତ ଦୀର୍ଘ ୮୦୦ ମିଟର ଦୂରତାର ରାସ୍ତା କାର୍ଯ୍ୟ ପାଇଁ ଭୂମିପୂଜା ହୋଇଛି। ଏହି ରାସ୍ତା ନିର୍ମାଣ ହେଲେ ୨ଟି ପଞ୍ଚାୟତର ପ୍ରାୟ ୧୦ ହଜାର ଜନସାଧାରଣ ଉପକୃତ ହେବେ। ରାସ୍ତା ଦେଇ ପ୍ରତିଦିନ ଶତାଧିକ ଗାଡ଼ି ଗମନା ଗମନ କରୁଛନ୍ତି। ଉତ୍ତମ ରାସ୍ତା ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂମି ପୂଜା ଉତ୍ସବରେ ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପ୍ରଧାନ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ। ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଯୋଗଦେଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର କରିବା ପାଇଁ କହିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ରବି ନିୱାଶ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ପରିଚାଳନା କରିଥିଲେ। ସ୍ଥାନୀୟବାସିନ୍ଦା ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ କମ୍ପାନୀକୁ ସାଧୁବାଦ ଜ୍ଞାପନ କରିଥିଲେ।

ବିନା ସୂଚନା ଫଳରେ ନିମ୍ନମାନର ଜିପିଏଲଏଫ୍ ଗୃହ ନିର୍ମାଣ

କୁଚିଣ୍ଡା,୧୯ ।୮ (ସମିସ): କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ ପାରୁଆଭାଡିରେ ଜିପିଏଲଏଫ୍ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି। ମାତ୍ର ଏହାର କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଯାଇ ନ ଥିବା ବେଳେ କାମଟି ମଧ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୁଚିଣ୍ଡା ପଞ୍ଚାୟତ ସମିତିର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ବର୍ତ୍ତମାନ ପାରୁଆଭାଡି ଠାରେ ୨୨ ଲକ୍ଷ ଟଙ୍କା ବିନିମୟରେ ଜିପିଏଲଏଫ୍ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି। ମାତ୍ର ସରକାରୀ ନିୟମକୁ ବେଖାତିର କରି କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ତିଆରି କରାଯାଇ ନାହିଁ। ଏହା ସହିତ କୋଠରୀ ଗୁଡିକର ବେସରେ ବାଲି ବଦଳରେ ମାଟି ଭର୍ତ୍ତି କରାଯାଇଛି। କାନ୍ଥ ଯୋଡେଇ ପାଇଁ ବ୍ୟବହାର ହେଉଥିବା ଇଟା ଓ ବାଲି ଅତି ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବାଲି ଓ ସିମେଣ୍ଟ ମିଶ୍ରଣରେ ପରିମାଣ ମଧ ସଠିକ ମାତ୍ରାରେ ହେଉନାହିଁ ଏହି ଗୃହର ସ୍ଥାୟିତ୍ୱ ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଗତ ସୋମବାର ଦିନ ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ନିର୍ମାଣସ୍ଥଳୀ ପରିଦର୍ଶନ କରି ଅସନ୍ତୋଷ ପ୍ରକାଶ କରିଥିଲେ। ନିମ୍ନମାନର ନିର୍ମାଣ କାର୍ଯ୍ୟ ଚାଲୁଥିବା ଗ୍ରାମବାସୀ ସଂପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ସୂଚନା ଦେବା ପରେ ବର୍ତ୍ତମାନ କାମଟି ବନ୍ଦ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ବାବଦର ମତାମତ ପାଇଁ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପ୍ରଗଣିଆଙ୍କୁ ଯୋଗାଯୋଗ କରିବାରୁ ଏହି ସୂଚନା ମୁଁ ଆଗରୁ ପାଇଛି ଏବଂ ଠିକାଦାରକୁ ସେଠାରୁ ମାଟି କାଢ଼ି ବାଲି ଭର୍ତ୍ତି କରିବାକୁ ଓ ଇଟା ବଦଳାଇ ଭଲ ଇଟା ଆଣି କାମରେ ବ୍ୟବହାର କରିବାକୁ କହିଛି ବୋଲି ସୂଚନା ଦେଇଥିଲେ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀଅରବିନ୍ଦ ଜୟନ୍ତୀ

ପାଇକମାଲ,୧୯ା୮ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ୧୫୩ ତମ ଶ୍ରୀଅରବିନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବବିତା ପ୍ରଧାନ ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ଜଗନ୍ନାଥ ରଣା ମାଁ ବହି ପଠନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରଗଡ଼ ମହିଳା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ଡ.ସଙ୍ଘମିତ୍ରା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ଶିକ୍ଷାକେନ୍ଦ୍ର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ, ଅଧକ୍ଷ ଗଙ୍ଗାଧର ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଅନିରୁଦ୍ଧ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପରେ ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅଧକ୍ଷ ଗଙ୍ଗାଧର ରଣା ଧନ୍ୟବାଦ ଦେଇଥିଲେ।

ଝାରବନ୍ଧ: ଝାରବନ୍ଧ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କର ଜନ୍ମ ଦିନ ପାଳନ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଜଗଦିଶ ସାହୁ, ଅଇଁଠା ପ୍ରଧାନ ଯୋଗ ଦେଇ ଶ୍ରୀ ଅରବିନ୍ଦଙ୍କ ଜୀବନ ଦର୍ଶନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ରର ଅଧକ୍ଷ କୈଳାଶ ରଣା ପରିଚାଳନା କରିଥିଲେ। ଏହି ଅବସରରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ନିକତା ସିଦାର ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ମାତୃମନ୍ତ୍ର ଆସା ଧରେଇ ଗାନ କରିଥିଲେ। ମାଆ ପୁସ୍ତକ କଲ୍ୟାଣି ଦଳ ପଠନ କରିଥିବା ବେଳେ ଧ୍ୟାନ ଓ ପ୍ରାର୍ଥନା ସୌଦାମିନି ଦାସ ପଠନ କରିଥିଲେ ଏବଂ ବାଣୀ ଯଶୋବନ୍ତି ସିଦାର ପଠନ କରିଥିଲେ। ଶେଷରେ ଦୁଇ ମିନିଟ ନିରବ ପ୍ରାର୍ଥନା ପୂର୍ବକ ଅଜିତ ସାହୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

ବିପର୍ଯ୍ୟୟ ପରିଚାଳନା ପରିଚିତିକରଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୯ା୮ (ସମିସ): ଐତିହାସିକ ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍) ଦ୍ୱାରା ବିପର୍ଯ୍ୟୟ ପରିଚାଳନା ଉପରେ ପରିଚିତିକରଣ କାର୍ଯ୍ୟକ୍ରମ (ଫାମେକ୍ସ) ଏବଂ ଗୋଷ୍ଠୀ ସଚେତନତା (ସିଏପି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୦୩ ବାଟାଲିୟନ ଏନ୍‌ଡିଆର୍‌ଏଫ୍, ମୁଣ୍ଡଲୀ, କଟକର ଇନ୍ସପେକ୍ଟର ଅଭିଜିତ ସାହୁ ଓ ସବ୍‌ଇନ୍ସପେକ୍ଟର ଅଭିଷେକ ଶର୍ମା ଯୋଗ ଦେଇଥିଲେ। ଇନ୍ସପେକ୍ଟର ଶ୍ରୀ ସାହୁ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍)ର ସ୍ଥାପନା, ଗଠନ ତଥା କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏନ୍‌ଡିଆର୍‌ଏଫ୍ ସଦସ୍ୟ ପ୍ରଭାତ ପଟେଲ ତାଙ୍କ ସହକର୍ମୀଙ୍କ ସହିତ ଛାତ୍ରଛାତ୍ରୀମାନଙ୍କୁ ବନ୍ୟା, ଭୂମିକମ୍ପ, ବାତ୍ୟା, ଅଂଶୁଘାତ, ସର୍ପ ଦଂଶନ, ତଥା ବୁଡି ଯାଉଥିବା ଲୋକଙ୍କୁ ଉଦ୍ଧାର ଏବଂ ହୃଦଘାତ ଜନିତ ରୋଗୀଙ୍କୁ କିପରି କାର୍ଡ଼ିଓପଲ୍‌ମୋନାରି ରିସସିଟେସନ୍ (ସିପିଆର୍) ଦିଆଯାଇ ଜୀବନ ରକ୍ଷା କରାଯାଇପାରିବ ତାହାର ସବିଶେଷ ପ୍ରଦର୍ଶନ କରି ଦେଖାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଦିଲ୍ଲୀପ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟତମ ବରିଷ୍ଠ ଶିକ୍ଷକ କୁଳମଣି ଦାଶ ସଭା ପରିଚାଳନା ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଡୁମ୍ବେରବାହାଲରେ ଅବସରକାଳୀନ ସମ୍ବର୍ଦ୍ଧନା

ପାଇକମାଲ,୧୯ା୮ (ସମିସ): ପାଇକମାଲ ବ୍ଲକ୍ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାଣ୍ଡୋସିଲ କ୍ଲଷ୍ଟର ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଦିନମଣି ସୁନା ସଭାର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପ୍ରମୋଦ ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ପାଇକମାଲ ଏବିଇଓ ଧଳେନ୍ଦ୍ର ବାରିକ ଓ ନିଳାଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମ୍ପଦ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମାଣ୍ଡୋସିଲ କ୍ଲଷ୍ଟର ସ୍ତରର ସିଆରସିସି, ଶିକ୍ଷକ ତଥା ଶିକ୍ଷୟିତ୍ରୀମାନେ ଥିଲେ। ବାବୁଲାଲ ଧରୁଆ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଡେଜଲିଙ୍ଗ ଦନ୍ତା ଧନ୍ୟବାଦ ଦେଇଥିଲେ।

ଗୁଦେରପାଲି ମହାବିଦ୍ୟାଳୟରେ ସଂସ୍କୃତ ଦିବସ

ଗାଇସିଲେଟ,୧୯ା୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଅଧୀନ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟରେ ଅଧକ୍ଷ ପ୍ରୀତିଶ ପଣ୍ଡାଙ୍କ ଅଧକ୍ଷତାରେ ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ନବଭାରତ ବିଦ୍ୟାୟତନ ନୂଆପାଲିର ଆଚାର୍ଯ୍ୟ ନେତ୍ରାନନ୍ଦ ମହାପାତ୍ର ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ପୁଞ୍ଜିପଥରର ସଂସ୍କୃତ ଶିକ୍ଷକ ଦେବରାଜ ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଦ୍ୱାରା 'ବଦତୁ ସଂସ୍କୃତଂ ଜୟତୁ ଭାରତଂ' ଉକ୍ତିରେ ମହାବିଦ୍ୟାଳୟ ପ୍ରକମ୍ପିତ ହୋଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଅଧ୍ୟାପକ ମୁକେଶ ସାହୁ, ଚମ୍ପେଶ୍ୱର ସେଠ, ନରେନ୍ଦ୍ର ଦେହେରୀ ଅଧ୍ୟାପିକା ଲୋପାମୁଦ୍ରା ପ୍ରଧାନ, ହେତୁ ପାତ୍ର, ଲିଙ୍ଗ ହାତୀ ଓ କୁଶ ପାତ୍ର ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଅର୍ଚ୍ଚନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଇମ୍ପେରିୟଲ କଲେଜରେ ସମାଜସେବୀ ଗୀତାଞ୍ଜଳୀ ଜେ ଅଙ୍ଗମୋଙ୍କ କାର୍ଯ୍ୟକ୍ରମ

ବରଗଡ଼,୧୯ା୮ (ସମିସ): ପ୍ରସିଦ୍ଧ ସମାଜସେବୀ, ଶିକ୍ଷାବିତ୍ ଏବଂ ହିମାଳୟନ୍ ଇନଷ୍ଟିଚ୍ୟୁଟ ଅଫ୍ ଅଲ୍ଟରନେଟିଭ୍ସର ସ୍ଥାପିକା ସାମାଜିକ କର୍ମୀ ଓ ଶିକ୍ଷା ସୁଧାରକ ଗୀତାଞ୍ଜଳୀ ଜେ ଅଙ୍ଗମୋ ସୋମବାର ବରଗଡ଼ ଇମ୍ପେରିୟଲ କଲେଜରେ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଭବିଷ୍ୟତରେ ଶିକ୍ଷାର ୫ଟି ସ୍ତମ୍ଭ ଉପରେ ବକ୍ତୃତା ଦେଇଥିଲେ। ଏହି ଅଧିବେଶନରେ ଛାତ୍ରଛାତ୍ରୀ ଦକ୍ଷତା ଭିତ୍ତିକ ଶିକ୍ଷା, ସମ୍ପ୍ରଦାୟର ଆବଶ୍ୟକତା ଓ ସହାନୁଭୂତିଶୀଳ ନେତୃତ୍ୱ ଉପରେ ଆଲୋଚନାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଇମ୍ପେରିୟଲ କଲେଜର ନିର୍ଦ୍ଦେଶକ ଦିପକ ଗୋୟଲ ଗୀତାଞ୍ଜଳୀ ଜେ ଅଙ୍ଗମୋଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଲାବଣ୍ୟ ପଣ୍ଡା ଓ ଭି ମୋହନା ହରିଣୀ ପରିଚାଳନା କରିଥିଲେ।

ରସାନନ୍ଦ ସାମଲଙ୍କ ପରଲୋକ

ପାଇକମାଲ,୧୯ା୮ (ସମିସ): ବରଗଡ଼ ଜିଲ୍ଲା ବିଜେପି ଉପସଭାପତି ସରୋଜ ସାମଲଙ୍କ ପିତା ରସାନନ୍ଦ ସାମଲ (୮୪)ଙ୍କ ସୋମବାର ପାଇକମାଲ ବାସଭବନରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ସେ ଦୀର୍ଘ ଦିନରୁ ଶଯ୍ୟାଶାୟୀ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ପାଖରେ ତାଙ୍କର ଧର୍ମପତ୍ନୀ ଦେବକୀ ସାମଲ, ପୁତ୍ର ସରୋଜ ସାମଲ, ପୁତ୍ରବଧୂ ଅନୀମା ରାଉତ, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନ ଘାଟରେ ଅଞ୍ଚଳର ଶତାଧିକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା। ତାଙ୍କର ପୁତ୍ର ସରୋଜ ମୁଖାଗ୍ନି ଦେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତି, ରାଜନୈତିକ ଶୁଭେଚ୍ଛୁ ସହକର୍ମୀ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି।

ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ପାଇକମାଲ,୧୯ା୮ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଜୁନିଅର କଲେଜ ପରିସରରେ ଶ୍ରୀଜଗନ୍ନାଥ ଯୁବ ସଙ୍ଗଠନ ଉପସ୍ଥିତରେ ମାଣ୍ଡୋସିଲ ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସର୍ବସମ୍ମତି କ୍ରମେ ଡିସେମ୍ବର ମାସରେ କ୍ରୀଡ଼ା ପ୍ରତିଯୋଗିତା କରିବା ପାଇଁ ସ୍ଥିର ହୋଇଛି। ବୈଠକରେ ଗୋକୁଳାନନ୍ଦ ଡନସନା, ବୈବସ୍ୱତ ପ୍ରଧାନ, ମହେନ୍ଦ୍ର ଖୁଣ୍ଟିଆ, ଶରତ ଚନ୍ଦ୍ର ହଂସ, ତପନ ବହିଦାର, ରାଜୀବ ସାହୁ, ରକ୍ଷଦେବ ରଣା, ପ୍ରଦୀପ ଦାଶ, ଚନ୍ଦ୍ର ବିରାଟ, ମଣ୍ଟୁ ରଣା, ମହେନ୍ଦ୍ର ମଲ୍ଲିକ, ବେଦବ୍ୟାସ ପୁଟା, ରିଙ୍କୁ ସାହୁ, ଅକ୍ଷୟ ସାହୁ, ଅନିଲ ଦାସ, ଅଜୟ ଖୁଣ୍ଟିଆ, ଭୂପେନ୍ଦ୍ର ସାହୁ, ମାନସ ନାୟକ, ଗୋପିନାଥ ସାହୁ, ଘନ ବଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବୈବସ୍ୱତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଶ୍ରୀମଦ୍‌ଭାଗବଦ୍ ଗୀତା ଓଡ଼ିଆ ପଦ୍ୟାନୁବାଦ ପାଠକାର୍ପଣ

ବରଗଡ଼,୧୯ା୮ (ସମିସ): ଶ୍ରୀମଦ୍‌ଭାଗବଦ୍ ଗୀତାର ପଦ୍ୟାନୁବାଦର ପାଠକାର୍ପଣ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ହିନ୍ଦୀ ବିଭାଗ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାଧିକା କବି ପାର୍ବତୀ ଦାଶଙ୍କ ଦ୍ୱାରା ଅନୁଦିତ ପାଠକାର୍ପଣ ଉତ୍ସବରେ ସାହିତ୍ୟିକ ମନୋରଞ୍ଜନ ମେହେର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ସ୍ତମ୍ଭକାର ଡ.ସୁଜିତ ପୃଷେଠ ଓ ଅବସରପ୍ରାପ୍ତ ଅଧକ୍ଷ ଆୟୁଷ୍ମନ୍ତ ଷଡଙ୍ଗୀ ମୂଳ ଶ୍ରୀମଦ୍‌ଭାଗବତ ଗୀତା ପୁସ୍ତକ ସହ ଅନୁଦିତ ପୁସ୍ତକଟିର ଏକ ତୁଳନାତ୍ମକ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ ହୋତା, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ପୁସ୍ତକଟିକୁ ଲୋକାର୍ପିତ କରିଥିଲେ। ଶିଶୁ ସାହିତ୍ୟିକ ଡ.ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ବହୁ ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ସାହିତ୍ୟିକ ଯୋଗ ଦେଇଥିଲେ। ପୁସ୍ତକର ସ୍ରଷ୍ଟା ପାର୍ବତୀ ଦାଶ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ତେଜସ୍ୱୀ ହିନ୍ଦୁ ସାହୁ ଶ୍ରୀମଦ୍‌ଭାଗବଦ୍ ଗୀତାଙ୍କୁ କଣ୍ଠସ୍ଥ କରି ଉପସ୍ଥାପନ କରିଥିଲେ। ତରଣୀସେନ ଗୁରୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚେରଙ୍ଗାଝାଞ୍ଜି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

ପାଇକମାଲ,୧୯ା୮ (ସମିସ): ପାଇକମାଲ ବ୍ଲକ୍ ଚେରଙ୍ଗାଝାଞ୍ଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଉଗ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ବିଦ୍ୟାଳୟ ସାଧନ ସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ପଦ୍ମଲୋଚନ ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସହଦେବ ମାଝୀ, ସିଆରସିସି ଉଗ୍ରସେନ ପ୍ରଧାନ ଓ କ୍ଷିତେଶ୍ୱର ଗଏଁତା ଡ୍ରପଆଉଟ ପିଲାଙ୍କୁ ମୁଖ୍ୟ ସ୍ରୋତରେ ଫେରାଇ ଆଣିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଗତ ଗ୍ରୀଷ୍ମ ଅବକାଶରେ ଶିକ୍ଷକମାନେ ଘରକୁ ଘର ଯାଇ ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାଙ୍କ ସର୍ଭେ କରିଥିଲେ। ସର୍ଭେ ଅନୁସାରେ ବରତୁଣ୍ଡା ପଞ୍ଚାୟତର ୬୪ ଜଣ ଓ ଜାମସେଡ ପଞ୍ଚାୟତର ୯ ଜଣ ଡ୍ରପଆଉଟ ଛାତ୍ରଛାତ୍ରୀ ଚିହ୍ନଟ ହୋଇଥିଲେ। ସେହି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସରକାର ଆସ ଆମେ ସ୍କୁଲଯିବା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏସଆଇଓଏସ ଓ ଏନଆଇଓଏସ ମାଧ୍ୟମରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାସ କରିବାର ବ୍ୟବସ୍ଥା ଏବଂ ଆଇଟିଆଇ ଭଳି ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇ ଅଧାରୁ ପାଠ ଛାଡୁଥିବା ପିଲା ଉପକୃତ ହୋଇପାରିବେ। କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଗ୍ରାମବାସୀ, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ବ୍ୟାନର ପୋଷ୍ଟର ଧରି ଗାଁ ପରିକ୍ରମା କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଚୋରି ଘଟଣାର ଅଭିଯୁକ୍ତ କୋର୍ଟ ଚାଲାଣ

କୁଚିଣ୍ଡା,୧୯ ।୮ (ସମିସ): ଗତ ଜୁନ ମାସ ୫ ତାରିଖ ଦିନ ବାମରା ନିକଟ ତାଲଡିହି ମୁଖ୍ୟ ଛକ ଠାରେ ଥିବା ବାମରା (ପଣ୍ଡରିପଥର) ଗ୍ରାମର ଶେଖ ଇସାକଙ୍କ ଗ୍ୟାରେଜରୁ ୨ଟି ଗ୍ୟାସ କଟର ସହ ଅନ୍ୟାନ୍ୟ ପାର୍ଟସ ଚୋରି ହୋଇଥିଲା। ଏହାକୁ ନେଇ ସେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନାରେ କେଶ ନମ୍ବର ୭୩/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ଗ୍ୟାରେଜ ପାଖରେ ଥିବା ସିସିଟିଭି ଫୁଟେଜକୁ ଆଧାର କରି ଚୋରି ଅଭିଯୁକ୍ତଙ୍କ ପରିଚୟ ପଣ୍ଡରିପଥର ଗ୍ରାମର ଅମିତ ସିଂ ବାଲି(୩୦) ବୋଲି ଜଣାପଡିଥିଲା। ମଙ୍ଗଳବାର ଦିନ ଚୋରି ଘଟଣାର ଅଭିଯୁକ୍ତ ଅମିତକୁ ଗିରଫ କରି କୁଚିଣ୍ଡା କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରାଧିନ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଯୁଯୋମୁରା କଲେଜରେ ପରିଚାଳନାଗତ ବିଶୃଙ୍ଖଳା ଅଭିଯୋଗ

ସମ୍ବଲପୁର, ୧୯ା୮ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରାସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ପରିଚାଳନାଗତ ବିଶୃଙ୍ଖଳାକୁ ନେଇ ସ୍ଥାନୀୟ ଜନସାଧାରଣ, ପରିଚାଳନା କମିଟି ସଦସ୍ୟ, ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଗତ ୧୭ ତାରିଖ କଲେଜର ପ୍ରତିଷ୍ଠା ଦିବସକୁ ସ୍ଥାନୀୟ କୌଣସି ଜଣେ ବି ସଦସ୍ୟଙ୍କୁ ନିମନ୍ତ୍ରଣ କରାନଯିବା, ପ୍ରତିଷ୍ଠାତା ବରିଷ୍ଠ ସଭ୍ୟମାନଙ୍କୁ ଅଣଦେଖା କରିବା, ଅଧ୍ୟାପକମାନେ ନିୟମିତ ଠିକ୍ ସମୟରେ କଲେଜକୁ ନଆସିବା, କଲେଜରେ କୌଣସି ପ୍ରକାର ଉତ୍ସବ ପାଳନ ବା ପିଲାଙ୍କ ଗୁଣାତ୍ମକ ଶିକ୍ଷାପାଇଁ କିଛି ବ୍ୟବସ୍ଥା ନହେବା, ପାଠପଢ଼ା ଓ ଖେଳକୁଦ ପ୍ରତି ଆବଶ୍ୟକୀୟ ପ୍ରୋତ୍ସାହନ ନଦେବା, ତିନିବର୍ଷ ବିତିଯାଇଥିଲେ ସୁଦ୍ଧା ରୌପ୍ୟଜୟନ୍ତୀ ପାଳନ ନ ହେବା, ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ସଭାରେ ଆଲୋଚନା ହୋଇଥିଲା। ସଭ୍ୟମାନେ ପ୍ରତିଷ୍ଠା ଦିବସ ପରି ସ୍ମରଣୀୟ ଦିବସକୁ ପାଳନ ନ କରିବାକୁ ନିଷ୍ପତ୍ତି ନେବା ଘଟଣାକୁ ଦୁର୍ଭାଗ୍ୟଜନ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସରକାରଙ୍କ ଅନୁଦାନ ପାଇବା ଆଳରେ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ଅବଦାନ ଥିବା ପ୍ରତିଷ୍ଠାତା ସଭ୍ୟମାନଙ୍କୁ ଭୁଲିଯିବା ଘଟଣାକୁ ସଭାରେ ନିନ୍ଦା କରାଯାଇଥିଲା। ପିଲାଙ୍କ ପାଠପଢ଼ାକୁ ପ୍ରାଥମିକତା ଦେଇ ଏକ ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବାକୁ ସଭ୍ୟମାନେ ଆହ୍ୱାନ ଦେଇଥିଲେ। ବୈଠକରେ ଏ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ପ୍ରତିଷ୍ଠାତା ସଭ୍ୟ, ଲୋକପ୍ରତିନିଧି, ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ପର୍ବ

ବରଗଡ଼,୧୯ା୮ (ସମିସ)

ବରଗଡ଼ ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ରାଷ୍ଟ୍ରୀୟ ଏକତା ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼, ବଲାଙ୍ଗିର, ସୋନପୁର, ନୂଆପଡା, ଖରିଆର, ଧର୍ମଗଡ ଓ ଭବାନୀପାଟଣାର ମୋଟ ୮ଟି କେନ୍ଦ୍ରୀୟ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ

ବରଗଡ଼ ଜିଲ୍ଲାର ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଅକ୍ଷୟ ରାୟ ସ୍ୱାଗତ ଭାଷଣ କରିବା ସହିତ ରାଷ୍ଟ୍ରୀୟ ଏକତା ଶିବିରର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦଳଗତ ଭାବେ ମହାରାଷ୍ଟ୍ରର କଳା ସଂସ୍କୃତି ଉପରେ ଆଧାରିତ ସମୂହ ଗାନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ତା ସହିତ ସ୍ୱଦେଶୀ ମୃତ୍ତିକା ହସ୍ତଶିଳ୍ପ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ ମୀମାଂସା ଦାସ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲଷ୍ଟର୍ ସ୍ତରୀୟ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନେ ଭୁବନେଶ୍ୱର ଠାରେ ହେବାକୁଥିବା ଆଞ୍ଚଳିକ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶେଷରେ ବିଦ୍ୟାଳୟର ଶିକ୍ଷକ ଯୋଗେଶ ରାଣା ଧନ୍ୟବାଦ ଜ୍ଞାପନ କରିଥିଲେ।

କୃଷି ବିଭାଗ ଉପରେ ଚାଷୀଙ୍କ ବିଶ୍ୱାସ ନାହିଁ !

କଳାବଜାର ଧରିପଡ଼ିଲାପରେ ବି ସମ୍ପୂର୍ଣ୍ଣ ସିଲ୍ ହେଲାନି

ସମ୍ବଲପୁର, ୧୯।୮ (ସମିସ)

ସମ୍ବଲପୁର ସଦର ମହକୁମା କୃଷି କାର୍ଯ୍ୟାଳୟଠାରୁ ଅନତି ଦୂରରେ ବରେଇପାଲିରେ ପ୍ରାଇଭେଟ୍ ସଂସ୍ଥା ଦୁଇଗୁଣା ଦରରେ ସାର ବିକ୍ରୟ କରୁଥିବାବେଳେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ତାହାର ପର୍ଦ୍ଦାଫାଶ କରିବାସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ତେବେ, କୃଷି ଅଧିକାରୀମାନେ ତାହାର କେବଳ ଗୋଟିଏ ପାର୍ଶ୍ୱ (ଡିଲର୍) ସିଲ୍ କରିଥିବାବେଳେ ଅନ୍ୟ ପାର୍ଶ୍ୱରେ ହୋଲସେଲ୍‌ଫରେ ୟୁରିଆ ସାର ବିକ୍ରୟ ଚାଲିଛି। ଦୋକାନୀ ଡିଲର୍ ରସିଦ ପୋଡ଼ିଯାଇଥିବା କହିଥିବାବେଳେ ତାହାକୁ କୃଷି ବିଭାଗ ଅଧିକାରୀମାନେ ମାନିଯାଇ ଦୋକାନୀକୁ ସମର୍ଥନ କରୁଥିବା ଦେଖାଯାଉଛି। ଏଭଳି କାର୍ଯ୍ୟର ପ୍ରତିବାଦ କରି ଆଜି କୃଷକ ସଙ୍ଗଠନ ପକ୍ଷରୁ ଚାଷୀମାନେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଘେରିଥିଲେ। କୃଷି ଅଧିକାରୀଙ୍କ ଉପରେ ସେମାନଙ୍କ ବିଶ୍ୱାସ ତୁଟି ଯାଇଥିବା କହିଥିଲେ। ଚାଷୀ ଚାଷ କାର୍ଯ୍ୟ ଛାଡ଼ି ବାରମ୍ବାର କୃଷି କାର୍ଯ୍ୟାଳୟକୁ ଆସି ଅଭିଯୋଗ କରୁଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। କୃଷି ଅଧିକାରୀ କେବଳ ଆମେ ଚଢ଼ଉ କରିବୁ, ଯାଞ୍ଚ କରିବୁ ବୋଲି କହୁଛନ୍ତି। ଚାଷୀମାନେ ଯାଞ୍ଚ କରି ସାର କଳାବଜାର ନେଇ ପ୍ରକୃତ ତଥ୍ୟ ଉନ୍ମୋଚନ କରିବାବେଳକୁ ଦୋକାନ ସିଲ୍, ଲାଇସେନ୍ସ ବାତିଲ, ଦୋକାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଚାଷୀଙ୍କୁ ଲେଖି ଦେବାସହିତ ଦସ୍ତଖତ କରିବାକୁ କୁହାଯାଉଛି। ଦୋକାନୀ ଓ କୃଷି କାର୍ଯ୍ୟାଳୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଚାଷୀ ଅଭିଯୋଗ କରିଛି। ଏଭଳି ସ୍ଥିତିରେ କାହିଁକି ଏଠାରେ ଏକ କୃଷି କାର୍ଯ୍ୟାଳୟ ରହିଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷି କାର୍ଯ୍ୟାଳୟ ସ୍ଥାଣୁ ହୋଇଯାଇଛି। ବାରମ୍ବାର ସାର ମାମଲାରେ ଚାଷୀମାନେ କୃଷି ଅଧିକାରୀଙ୍କୁ ଘେରିବାସହ ତାଗିଦ କଲେ ମଧ୍ୟ ଫଳାଫଳ 'ଶୂନ' ରହୁଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ ଜେନା ଚାଷୀମାନଙ୍କୁ ଅଭିଯୋଗ କରିବାକୁ କହିବାସହ ଚଢ଼ଉ କରାଯିବ ବୋଲି କହି କଥାକୁ ଏଡ଼ାଇ ଯାଉଛନ୍ତି। ମାସକ ତଳେ ଜୁଲାଇ ୧୪ ତାରିଖ ଖରିଫ ଚାଷ ଆରମ୍ଭ ହୋଇଥିବାବେଳେ ଡିଏପି ସାର (କାଦୁଅ ସାର) ଓ କମ୍ପ୍ଲେକ୍ସ ସାର ଅଭାବ ନେଇ ଅଭିଯୋଗ କରିଥିଲେ। ସେତେବେଳେ ସିଡିଏଓ ଶ୍ରୀ ଜେନା ବ୍ଲକ କୃଷି ଅଧିକାରୀ, ଏଏଓ, ସାର ନିରୀକ୍ଷକଙ୍କ ଦ୍ୱାରା ବିଭିନ୍ନ ବ୍ୟବସାୟୀଙ୍କ ଷ୍ଟକ୍ ଯାଞ୍ଚ କରାଯିବ ଏବଂ କଳାବଜାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ କହିଥିଲେ। କିନ୍ତୁ ଚଢ଼ଉ କରାଗଲା ନା'ନାହିଁ ସେନେଇ କୌଣସି ତଥ୍ୟ ମିଳିପାରିନାହିଁ। ଏହାପରେ ପୁଣି ଗତ ଅଗଷ୍ଟ ୧୪ ତାରିଖରେ ୟୁରିଆ ସାର କଳାବଜାରୀ ନେଇ ଚାଷୀମାନେ କୃଷି ଅଧିକାରୀଙ୍କୁ ଅବଗତ କରିଥିଲେ। ଏହାପରେ କୃଷକ ସଙ୍ଗଠନ ପକ୍ଷରୁ ୧୬ ତାରିଖରେ ଚାଷୀମାନେ ସଦର ଉପଖଣ୍ଡ କୃଷି କାର୍ଯ୍ୟାଳୟଠାରୁ ମାତ୍ର କେଇଶହ ମିଟର ଦୂରରେ ଥିବା ବରେଇପାଲିସ୍ଥିତ ଇଣ୍ଡିଆନ ଏଣ୍ଟରପ୍ରାଇଜେସ୍‌ରେ ପହଞ୍ଚି ପ୍ୟାକେଟ୍‌ପିଛା ୨୬୭ ଟଙ୍କା ମୂଲ୍ୟର ୟୁରିଆ ସାର ୫୨୦ ଟଙ୍କାରେ ବିକ୍ରୟ କରୁଥିବା ଧରିଥିଲେ। ଏହାପରେ ଉକ୍ତ ଦୋକାନ ସିଲ୍, ଦୋକାନୀର ଷ୍ଟକ୍ ଯାଞ୍ଚ କରିବାସହ ଲାଇସେନ୍ସ ବାତିଲ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। କିନ୍ତୁ କୃଷି କାର୍ଯ୍ୟାଳୟର ଅଧିକାରୀମାନେ ତାହାକୁ କେବଳ ଡିଲର୍ ଅଂଶକୁ ସିଲ୍ କଲେ ଏବଂ ସେହିଦିନ ଉପରେବେଳା ଉକ୍ତ ଦୋକାନୀ ହୋଲସେଲ୍‌ଫ ଅଂଶରେ ୟୁରିଆ ସାର ବିକ୍ରୟ କରିବା ଅଭିଯୋଗ ହୋଇଥିଲା। ଏହା କିଭଳି କାର୍ଯ୍ୟାନୁଷ୍ଠାନ ବୋଲି ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ସମ୍ବଲପୁର ଜିଲ୍ଲା ଉପାନ୍ତ ଅଞ୍ଚଳ ତଥା ଗ୍ରାମାଞ୍ଚଳରେ ସାର କଳାବଜାରୀ ହେଉଥିବାବେଳେ ସମ୍ବଲପୁର ସଦର ମହକୁମାରେ କେବେ ଏଭଳି ସାର କଳାବଜାରୀ ହେବାର ଇତିହାସ ନାହିଁ। ପ୍ୟାକ୍ସ ମାନଙ୍କରେ 'ଶୂନ' ସାର ମହଜୁଦ ରହିବାବେଳକୁ ପ୍ରାଇଭେଟ୍ ଦୋକାନୀ କଳାବଜାରୀ କରୁଛନ୍ତି। ଦୋକାନ ସିଲ୍‌କୁ ନେଇ ଦୋଷୀ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଗଲେ ସମଗ୍ର ଜିଲ୍ଲାର ଚାଷୀମାନଙ୍କୁ ଆଶ୍ୱସ୍ତି ମିଳିବ ବୋଲି ସମନ୍ୱୟ ସମିତି ଆବାହକ ଶ୍ରୀ ପ୍ରଧାନ ଦାବି କରିଛନ୍ତି। ସମ୍ବଲପୁର ସଦରରେ ୫୦୦ ଟଙ୍କାରେ ସାର ବିକ୍ରୟ ହେଉଥିବାବେଳେ ଉପାନ୍ତ କୁଚିଣ୍ଡା, ରେଢ଼ାଖୋଲ ଅଞ୍ଚଳରେ ତାହା ୭୦୦ ଟଙ୍କାରେ ବିକ୍ରୟ ହେଉଥିବ। ଜିଲ୍ଲା ପ୍ରଶାସନ ଜମି କାଦୁଅ କଳା ସମୟରେ କମ୍ପ୍ଲେକ୍ସ ସାରର ଦର ବହୁ ବିଳମ୍ବରେ ଆସିବା ବେଳକୁ ଚାଷୀ ହଜାର ହଜାର ବସ୍ତା ସାର ଉଠାଇ ସାରିଥିଲା, ସେଭଳି ନକରି ଏହାକୁ ଗୁରୁତ୍ୱର ସହିତ ନେଇ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ଅନୁଯାୟୀ, ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସହଯୋଗ କରାଯାଉନାହିଁ। ପ୍ୟାକ୍ସ / ଲ୍ୟାମ୍ପସ୍ ମାନଙ୍କରେ ସାର ନଥିବାବେଳେ ପ୍ରାଇଭେଟ୍ ଦୋକାନରେ ସାର ବହୁଳଭାବେ ମହଜୁଦ ରହୁଛି। କୃଷି ଅଧିକାରୀମାନେ ଚାଷୀଙ୍କ ପକ୍ଷ ନନେଇ ଦୋକାନୀ ମାନଙ୍କ ପକ୍ଷ ନେଉଛନ୍ତି। ଏହି ଦୋକାନ ସିଲ୍ ଘଟଣାର ତଦନ୍ତ କରିବାସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସମ୍ପାଦକ ଦେବେନ ପ୍ରଧାନ କହିଛନ୍ତି, ଗତ ୧୬ ତାରିଖ କୃଷକ ସଙ୍ଗଠନ ପକ୍ଷରୁ ପ୍ରାଇଭେଟ୍ ଡିଲର୍ ବରେଇପାଲିସ୍ଥିତ ଇଣ୍ଡିଆନ ଏଣ୍ଟରପ୍ରାଇଜ୍‌ଠାରୁ ଗୋପାଳପାଲି, କିଲାସମା, ତାଲବ ଆଦି ଅଞ୍ଚଳର ଛୋଟ ଛୋଟ ଚାଷୀମାନେ ସାର ନେଉଥିଲେ। ୟୁରିଆ ପ୍ୟାକେଟ୍ ପିଛା ୫୨୦ ଟଙ୍କା ବିକ୍ରି କରୁଥିବା ଜଣାପଡ଼ିଥିଲା। ଏହାକୁ ସଙ୍ଗଠନ ବିରୋଧ କରିଥିଲା। ପରଦିନ ଦେଖିବାବେଳକୁ ଅଧା ଖୋଲା ଓ ଅଧା ବନ୍ଦ ଥିଲା ଓ ସାର ବିକ୍ରି ଚାଲିଥିଲା। ଛୋଟ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଣୁ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି।

ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା କହିଛନ୍ତି, ଚାଷୀ ସଙ୍ଗଠନ ପକ୍ଷରୁ ଆଜି ଦୋକାନ ସିଲ୍‌ରେ ଅନିୟମିତତାକୁ ନେଇ ଅଭିଯୋଗ କରାଯାଇଛି। ଆସନ୍ତାକାଲି ନିଜେ ସ୍ଥିତି ଅନୁଧ୍ୟାନ ପରେ ଆବଶ୍ୟକସ୍ଥଳେ ଉକ୍ତ ଦୋକାନୀଙ୍କ ଲାଇସେନ୍ସ ବାତିଲ କରାଯିବ।

ନବୀନଙ୍କ ସୁସ୍ଥତା ପାଇଁ ବିଜେଡି ପକ୍ଷରୁ ମା'ସମଲେଇଙ୍କ ପାଖରେ ପ୍ରାର୍ଥନା

ସମ୍ବଲପୁର, ୧୯।୮ (ସମିସ): ବିରୋଧୀ ଦଳ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ହସ୍ପିଟାଲରେ ସଫଳ ଭାବେ ଚିକିତ୍ସିତ ହେବା ପରେ ତାଙ୍କର ଦ୍ରୁତ ଆରୋଗ୍ୟ ତଥା ସୁସ୍ଥ ଏବଂ ନିରାମୟ ଜୀବନ ପାଇଁ ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରାଯାଇଛି। କିଛି ଦିନ ପୂର୍ବରୁ ଶ୍ରୀ ପଟ୍ଟନାୟକ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।ବର୍ତ୍ତମାନ ସଫଳ ଭାବେ ତାଙ୍କର ଚିକିତ୍ସା ଶେଷ ହୋଇ ଧୀରେ ଧୀରେ ଆଶୁ ଆରୋଗ୍ୟ ଲାଭ କରୁଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ବସନ୍ତ ମିଶ୍ର, ସୁରୁବାବୁ ମେହେର, ଭାବେଶ ଚାନ୍ଦ, ପ୍ରହ୍ଲାଦ ଗୁରୁ, ସିପ୍ରା ମହାନ୍ତି, ଉଷା ପ୍ରଧାନ, ସଂଯୁକ୍ତା ମେହେର, ସୁରେନ୍ଦ୍ର ବିଶ୍ୱାଳ, ବଳି ଗୌଡ଼, ଦେବାଶିଷ ପରିଡ଼ା, ଧର୍ମରାଜ ମରେଇ, ରବୀନ୍ଦ୍ର ସିଂ, ଅନ୍ମୋଲ୍ ଦାସ, ସୁକେଶ ସିଂ, ଶିବ ପ୍ରସାଦ ସାହୁ, ସୁଦାମ ବାଗ, ଭାସ୍କର ଦାସ, ବିଜୟ ପଣ୍ଡା, ଶେଷଦେବ ଗୁରୁ, ବ୍ରହ୍ମଦେବ ମହାନ୍ତି, ରାଜ କିଶୋର ହରିପାଲ, ସୂରେଖା ସାହୁ, ନନ୍ଦିନୀ ପ୍ରଧାନ, ସ୍ୱେତା ନାୟକ, ତ୍ରିବେଣୀ ପଣ୍ଡା, ମାମି ଆୟନ, ସସ୍ମିତା ଦେହୁରୀ, ଲିଲିମା ମଲ୍ଲିକଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରିଥିଲେ।

ବିଶ୍ୱ ଫଟୋଗ୍ରାଫି ଦିବସରେ ଫଟୋ ପ୍ରଦର୍ଶନୀ

ସମ୍ବଲପୁର, ୧୯।୮ (ସମିସ): ସମ୍ବଲପୁର ଜିଲ୍ଲାର ଅନେକ ଲୋକଙ୍କ ପାଖରେ କିଛି ନା' କିଛି ସ୍ମୃତି ଭଳିଆ ଫଟୋ ରହିଥିବ। ଆଗାମୀ ଦିନରେ ଏହାକୁ ବଡ଼ ଆକାରରେ କରିବାସହ ସେହି ଅନନ୍ୟ ଫଟୋଗ୍ରାଫ୍ ଗୁଡ଼ିକୁ ଯୋଡ଼ିବା। ପ୍ରଦର୍ଶନୀରେ ଶ୍ରେଷ୍ଠ ଫଟୋ ଚୟନ କରି ରଖିପାରିବା। ପୁରୁଣା ଫଟୋ ଗୁଡ଼ିକର ଏକ ପୁସ୍ତକ ଆକାରରେ କରିବା ଆବଶ୍ୟକ ତଦ୍ୱାରା ଯେଉଁମାନେ ଆମ ପାଖକୁ ଆସୁଛନ୍ତି, ସେମାନେ ଏଭଳି ପୁରୁଣା ଫଟୋ ଗୁଡ଼ିକ ଦେଖିପାରିବେ। ଯେପରିକି ସମଲେଶ୍ୱରୀ ମନ୍ଦିର ଓ ପରିସର ଆଗରୁ କେମିତି ଥିଲା, ଏବେ କେମିତି ଅଛି, ସମ୍ବଲପୁର ଆଗରୁ କେମିତି ଥିଲା ଏବେ କେମିତି ହୋଇଛି, ହୀରାକୁଦ ନଦୀବନ୍ଧ ପ୍ରଥମରୁ କିପରି ଥିଲା ଏବଂ ଏବେ କିଭଳି ବିକଶିତ ହୋଇଛି, ଏହିସବୁ ଫଟୋଗ୍ରାଫ ସଂକଳନ କରି ପ୍ରକାଶିତ କଲେ ତାହା ନୂତନ ପିଢ଼ି ଜାଣିବା ସହ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ଗବେଷକ ମାନେ ଉପକୃତ ହୋଇପାରିବେ ବୋଲି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସମ୍ବାଦିକ ଭବନରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଥିଲେ। ଏଥିରେ ପୁରୁଣା ସମ୍ବାଦପତ୍ର, ଐତିହାସିକ ଫଟୋ, ପୋଟ୍ରେଟ୍ ଫୋଟୋଗ୍ରାଫି, ଟ୍ରାଭେଲ ଫଟୋଗ୍ରାଫି ସହ ଅନନ୍ୟ ଫଟୋ ଗୁଡ଼ିକ ପ୍ରଦର୍ଶିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ଅର୍ଜନ ରଞ୍ଜନ ପଣ୍ଡା, ସାଧାରଣ ସମ୍ପାଦକ ଶଙ୍କର ବେହେରା ମଞ୍ଚାସୀନ ଥିଲେ। ଏହି ପ୍ରଦର୍ଶନୀ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ।

ସୁରକ୍ଷିତ ସେପ୍ଟିକ ଟ୍ୟାଙ୍କ ସଫେଇ ନେଇ ସଚେତନତା

ସମ୍ବଲପୁର, ୧୯।୮ (ସମିସ): ସୁରକ୍ଷିତ ଓ ନିରାପଦ ଭାବେ ସେପ୍ଟିକ ଟ୍ୟାଙ୍କ ସଫେଇ ନେଇ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ନିରାପଦ ପରିମଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଶୀର୍ଷକରେ ଅଭିଯାନ ଆରମ୍ଭ ହୋଇଛି। ଅଭିଯାନକୁ ଆନୁଷ୍ଠାନିକ ଭାବରେ ଏସ୍ଏମସି କମିଶନର ରେହାନ ଖେତ୍ରୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା।କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର, ଡେପୁଟି କମିଶନର (ପରିମଳ), ସ୍ୱଚ୍ଛସାଥୀ, ସ୍ୱଚ୍ଛ ପର୍ଯ୍ୟବେକ୍ଷକ, ୱାର୍ଡ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।ସେପ୍ଟିକ ଟ୍ୟାଙ୍କ ସଫେଇ ବେଳେ କର୍ମଚାରୀଙ୍କୁ ଆଇନଗତ ବ୍ୟବସ୍ଥା ବିଷୟରେ ଜନସଚେତନତା ବୃଦ୍ଧି କରିବା, ପଞ୍ଜିକୃତ ଠିକାଦାରଙ୍କ ବ୍ୟବହାରର ଗୁରୁତ୍ୱ ବିଷୟରେ ନାଗରିକଙ୍କୁ ଶିକ୍ଷା ଦେବା ଓ ଉପଯୁକ୍ତ ସୁରକ୍ଷା ଉପକରଣ ଏବଂ ପଦକ୍ଷେପ ସହିତ ସଜ୍ଜିତ ଲାଇସେନ୍ସପ୍ରାପ୍ତ ସେବା ପ୍ରଦାନକାରୀଙ୍କ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଅଭିଯାନର ଉଦେଶ୍ୟ ରହିଛି। ଟ୍ୟାଙ୍କ ସଫା କରିବା ସେବା ପାଇଁ ଟୋଲ ଫ୍ରି ନମ୍ବର-୧୪୪୨୦କୁ ଯୋଗାଯୋଗ କରିବା। ଏହି ଅଭିଯାନ ବିଷୟରେ ଲୋକେ ସଚେତନ ହେବା ପାଇଁ ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜରମାନଙ୍କ ଦ୍ୱାରା ଘର ଘର ବୁଲି ସଚେତନ କରିବେ। ବିଭିନ୍ନ ୱାର୍ଡରେ ଷ୍ଟିକରିଂ କରାଯିବ। ଅଳିଆ ସଂଗ୍ରହ ଯାନ ମାଧ୍ୟମରେ ମାଇକିଂ ଘୋଷଣା ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ। ଟାଙ୍କି ସଫେଇ ବେଳେ ପଞ୍ଜିକୃତ ନ ଥିବା ବ୍ୟକ୍ତି କିମ୍ବା ଏଜେନ୍ସିଗୁଡ଼ିକୁ ଯୋଗାଯୋଗ ନ କରିବାକୁ ଏସ୍ଏମସି ପକ୍ଷରୁ ପରାମର୍ଶ ଦିଆଯାଇଛି।

ଉପଜିଲ୍ଲାପାଳ ନିର୍ଦ୍ଦେଶକୁ ତହସିଲଦାରଙ୍କ ଅମାନ୍ୟ

କୋଠା ନିର୍ମାଣ ପାଇଁ ଅଢ଼େଇ ଏକର୍ ଜାଗା ମିଳୁନି

ଜମନକିରା, ୧୯।୮ (ସମିସ): ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଅଫିସ୍ ଏବଂ କର୍ମଚାରୀ ବାସଗୃହ, ପ୍ରଶିକ୍ଷଣ ହଲ୍, ପାର୍କିଂ ବ୍ୟବସ୍ଥା, ପତାକା ପୋଷ୍ଟ ଆଦି କୋଠା ନିର୍ମାଣ ପାଇଁ ଅତିକମରେ ଅଢ଼େଇ ଏକର ଜମି ଦେବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୭୮୮୧, /ତା.୨୭/୨/୨୦୨୫, ପୁଣି ଥରେ ଆରଇଡି/ ଡିଏମ୍ ବିଭାଗ ଚିଠି ସଂଖ୍ୟା ୧୫୬୮୪, ତା.୨୮.୪.୨୦୨୫ ଏବଂ ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁରଙ୍କ ଚିଠି ସଂଖ୍ୟା ୭୮୩୫, ତା.୬.୫.୨୦୨୫ ଅନୁଯାୟୀ ଜମନକିରା ତହସିଲଦାରଙ୍କୁ ପ୍ରାୟ ୨.୫୦ ଏକର ସରକାରୀ ଜାଗା ଚିହ୍ନଟ କରି ପ୍ରସ୍ତାବ ଦାଖଲ କରିବାକୁ ଆଦେଶ ମିଳିଥିଲା। ଗତ ମେ ମାସ ୩୧ ତାରିଖ ସୁଦ୍ଧା ଜାଗା ଚିହ୍ନଟ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦାଖଲ କରିବାକୁ ଚିଠିରେ ଉଲ୍ଲେଖ ଥିବା ବେଳେ ରାଜ୍ୟ ସରକାରଙ୍କ ନିକଟକୁ ଜୁନ୍ ୧୫ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରାଯିବ ବୋଲି ସମୟ ସୀମା ଧାର୍ଯ୍ୟ କରି ସୂଚୀତ କରାଯାଇଥିଲା। କୁଚିଣ୍ଡା ଉପଜିଲ୍ଲାପାଳ ଏବଂ ବିଇଓ ଅଫିସରୁ ବାରମ୍ବାର ଚିଠି ଲେଖି ଅବଗତ କରିଥିଲେ ହେଁ ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ ଓଲଟା ବିଇଓଙ୍କୁ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ମାଗି ନୀରବ ରହିଛନ୍ତି। ତହସିଲଦାର ସୁଶ୍ରୀ ବିଲୁଙ୍ଗଙ୍କୁ ଉପଜିଲ୍ଲାପାଳ ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ ବିଇଓ ଅଫିସ୍ ଏବଂ କର୍ମଚାରୀଙ୍କ ବାସଗୃହ ସାଙ୍ଗକୁ ପ୍ରଶିକ୍ଷଣ ହଲ୍ ନିର୍ମାଣ ପାଇଁ ସରକାରୀ ଜମି ଆବଣ୍ଟନ କରୁ ନାହାନ୍ତି। କୁଚିଣ୍ଡା ଠାରେ ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ କୁଚିଣ୍ଡା ଉପଜିଲ୍ଲାପାଳ ସମୀକ୍ଷା ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଜାଣିବାକୁ ଚାହିଁଥିଲେ। ଯେହେତୁ ବ୍ଲକ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ତଦାରଖ ସାଙ୍ଗକୁ ପ୍ରଶାସନ ନିକଟରେ ଉତ୍ତରଦାୟୀ ରହିଥାଏ ବିଇଓ ଅଫିସ୍ କୋଠା ନିର୍ମାଣ ସହିତ ଏହାର ଭିତ୍ତିଭୂମି ସୁଦୃଢ଼ କରିବାକୁ ଜରୁରୀ ଥିବାରୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରୀ ଜମି ଯୋଗାଇ ଦେବାକୁ କୁହାଯାଉଛି। କିନ୍ତୁ ତହସିଲଦାର ବିଇଓଙ୍କ ନିକଟକୁ ସରକାରୀ ମାର୍ଗଦର୍ଶିକା ମାଗି ନିରବ ରହିଛନ୍ତି। ଯାହାକି ପ୍ରାଥମିକ ଶିକ୍ଷକ ମହଲ ରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏନେଇ ତହସିଲଦାର ପ୍ରବୀଣା ବିଲୁଙ୍ଗଙ୍କୁ ଫୋନ୍ କରି ପଚାରିବାରୁ ବିଇଓ ଅଫିସ ପକ୍ଷରୁ ବିଧିବଦ୍ଧ ଭାବେ ଏକ ନିର୍ଦ୍ଦିଷ୍ଟ ଫର୍ମ ଯୋଗେ ଅଢେଇ ଏକର ଜାଗା ଦେବାକୁ ଆବେଦନ କରାଯିବ। ପରେ ଆବେଦନ ଉପରେ ଯାଞ୍ଚ କରାଯିବା ସହ ଜମି ସର୍ଭେ କରି ଉପଯୁକ୍ତ କାଗଜାତ ପରେ ଜମିପଟ୍ଟା ଯୋଗାଇ ଦେବାର ନୀତିଗତ ବ୍ୟବସ୍ଥା ରହିଥିବା ସୁଶ୍ରୀ ପ୍ରବୀଣା ବିଲୁଙ୍ଗ କହିଛନ୍ତି।

ବିଇଓଙ୍କୁ ମାର୍ଗଦର୍ଶିକା ମାଗି ତହସିଲଦାର ନିରବ

ପଶ୍ଚିମ ଓଡ଼ିଶା ସୁଟିଂ ଚାମ୍ପିଅନସିପ୍‌ରେ ସମ୍ବଲପୁରକୁ ୪ ସ୍ୱର୍ଣ୍ଣ

ସମ୍ବଲପୁର, ୧୯।୮ (ସମିସ):ଝାରସୁଗୁଡାରେ ଆୟୋଜିତ ପ୍ରଥମ ପଶ୍ଚିମ ଓଡ଼ିଶା ଏୟାର ଓପନ ସୁଟିଂ ଚାମ୍ପିଅନସିପରେ ସମ୍ବଲପୁରକୁ ସଫଳତା ମିଳିଛି। ଏଥିରେ ସମ୍ବଲପୁରକୁ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟାଏ ବ୍ରୋଞ୍ଜ ପଦକ ମିଳିଛି। ଝାରସୁଗୁଡ଼ା ସୁଟିଂ ସ୍ପୋର୍ଟ୍‌ସ ଆସୋସିଏସନ ଓ ସମ୍ବଲପୁର ରାଇଫଲ ଆସୋସିଏସନର ମିଳିତ ସହଯୋଗରେ ଏହି ଚାମ୍ପିଅନସିପ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ଅଗଷ୍ଟ ୧୫ରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ରାଇଫଲ ଆସୋସିଏସନର ସଭାପତି କ. ପ୍ରଭାତ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଓଡ଼ିଶା ରାଇଫଲ ଆସୋସିଏସନର ଆଶିଷ ନାୟକ, ଉପସଭାପତି ଓଡ଼ିଶା ହକି ଆସୋସିଏସନର ଜୀବନ ମହାନ୍ତି ଓ ପ୍ରାଞ୍ଜାଲ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ରାଇଫଲ ଆସୋସିଏସନର ସମ୍ପାଦକ ଅର୍ଦ୍ଧେନ୍ଦୁ ଓ ଝାରସୁଗୁଡ଼ା ସୁଟିଂ ଆସୋସିଏସନର ସମ୍ପାଦକ ଅତିଶ ନାଏକ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ତି ସାଜିଦ ରଜା, ଭିଶେଷ ମୁଦ୍ରା, ସମ୍ପୂର୍ଣ୍ଣା କୌର ଓ ସୁକାନ୍ତ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ସିଦ୍ଧାର୍ଥ ଶର୍ମା, ଆଦିଦେବ ସାହୁ ରୌପ୍ୟ ହାସଲ କରିଥିବା ବେଳେ ବିଶ୍ୱସ୍ମିତା ପ୍ରଧାନ କାଂସ୍ୟ ପଦକ ହାସଲ କରିଛନ୍ତି।

ଆଇଓସିଏଲ୍‌ରେ ଏନ୍‌ଡିଆର୍‌ଏଫ୍ ଦ୍ୱାରା ଫାମେକ୍ସ କାର୍ଯ୍ୟକ୍ରମ

ସମ୍ବଲପୁର, ୧୯।୮ (ସମିସ): ସମ୍ବଲପୁର ନକ୍ସାପାଲିସ୍ଥିତ ଆଇଓସିଏଲ୍‌ଠାରେ ଏନ୍‌ଡିଆରଏଫ୍ ଦ୍ୱାରା ଜନସାଧାରଣଙ୍କୁ ଦୁର୍ଘଟଣା ସମୟରେ ସଚେତନ ଓ ସଜାଗ କରିବା ଉଦ୍ଦେଶ୍ୟରେ ଏକ ଫାମେକ୍ସ (ଫେମିଲିଆରାଇଜେସନ୍ ଏକ୍ସରସାଇଜ୍) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ଅଭିଜିତ ସାହୁ, ସବ୍-ଇନ୍ସପେକ୍ଟର ଅଭିଷେକ ଶର୍ମା ଏବଂ ଟିମ୍ ସଦସ୍ୟ ସିଟି/ଜିଡି ରାଜେନ୍ଦ୍ର ଓ ପ୍ରଭାତ ପଟେଲ, ସିଟି ତୁଳସୀ, ବିଜୟ ଓ ସମ୍ବମୂର୍ତ୍ତି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା, ଫେକ୍ଟ୍ରି ଆଣ୍ଡ ବଏଲର୍ ଅତିରିକ୍ତ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତ, ସଦର ପୁଲିସ ଏସ୍‌ଡିପିଓ ତୋଫାନ ବାଗ, ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ କିସ୍କୋ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ଫାଷ୍ଟଏଡ୍, ସିପିଆର୍, ଏଫ୍‌ବିଏଓ, ଫାୟାର ଫାଇଟିଙ୍ଗ, ସର୍ପଦଂଶନ ପ୍ରତିକ୍ରିୟା ଏବଂ ଆପାତକାଳୀନ ସ୍ଥିତିରେ ଉଦ୍ଧାର ପ୍ରବନ୍ଧନ ବିଷୟରେ ତାଲିମ ଏବଂ ଅଭ୍ୟାସ କରିଥିଲେ।

ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଆଲୋଚନା

ସମ୍ବଲପୁର, ୧୯।୮ (ସମିସ):ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବଲପୁରର ଯୁବ ନେତା ସୁନିଲ ସାଗର ଭେଟି ସହରର ବିଭିନ୍ନ ବିଦ୍ୟାଳୟରେ ଥିବା ଶିକ୍ଷକ ଅଭାବ ବିଷୟରେ ଆଲୋଚନା କରିଥିଲେ। ମନ୍ତ୍ରୀ ସମସ୍ୟାକୁ ଗୁରୁତ୍ୱ ସହ ନେଇ ଶୀଘ୍ର ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଏହା ସହିତ ବିଭିନ୍ନ ସ୍କୁଲରେ ଶାରୀରିକ ଶିକ୍ଷକ ନିଯୁକ୍ତ ପାଇଁ ମଧ୍ୟ ଦାବି କରିଥିଲେ।

ଜିଲ୍ଲା ଜୁନିୟର ରେଡ୍‌କ୍ରସ କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, ୧୯।୮ (ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରେଡକ୍ରସ ସଚିବ ରୋଜଲୀନା ତିର୍କୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ଓ ସିନ୍ଦୁରପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀରା ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଚଳିତ ଶିକ୍ଷା ବର୍ଷ ପାଇଁ ସିନ୍ଦୁରପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜୁନିୟର କ୍ୟାମ୍ପ ଅନୁଷ୍ଠିତ ହେବାନେଇ ସ୍ଥିରୀକୃତ ହୋଇଥିଲା। ଶିକ୍ଷା ବିଭାଗ କର୍ମଚାରୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରକ୍ତଦାତା ଗ୍ରୁପ ଗଠନ, ବୃକ୍ଷରୋପଣ ଓ ସଡ଼କ ସୁରକ୍ଷା ସଚେତନତା ଏବଂ ସମସ୍ତ ବିଦ୍ୟାଳୟରେ ରେଡକ୍ରସ କ୍ଲବ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ପ୍ରତ୍ୟକ ବ୍ଲକରୁ ୯ ଜଣ ଜୁନିୟର ରେଡକ୍ରସ ସଂଯୋଜକ ଯୋଗ ଦେଇଥିବାବେଳେ ରାଜ୍ୟସ୍ତରୀୟ ପ୍ରାଥମିକ ସହାୟତା ପ୍ରଶିକ୍ଷକ ସତ୍ୟରଞ୍ଜନ ପଣ୍ଡା, ଆନନ୍ଦ ଡନସନା ଓ ପ୍ରତାପ ସେନାପତି ଉପସ୍ଥିତ ଥିଲେ।

ଅପରେସନ 'ଗରୁଡ଼' ସମ୍ବଲପୁରରେ ୨୦୩ ମାମଲାରେ ୩୬ ଗିରଫ

ସମ୍ବଲପୁର, ୧୯।୮ (ସମିସ)

ଅପରେସନ ଗରୁଡ଼ ଅଭିଯାନରେ ସମ୍ବଲପୁର ପୁଲିସକୁ ବଡ଼ ସଫଳତା। ଏହି ଅପରେସନ ଆରମ୍ଭ ହେବା ପୂର୍ବରୁ ଜିଲ୍ଲା ପୁଲିସ ୨୫୨ରୁ ଅଧିକ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରିଥିଲା। କୌଣସି ବି ଅପରାଧ ଘଟିଲେ ପୁଲିସ ୨୪ ଘଣ୍ଟା ଭିତରେ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି। ଏହା ସହ ଗତ ଜୁନ ଓ ଜୁଲାଇ ମାସରେ ୫୦୦ରୁ ଅଧିକ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ ହୋଇଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ସୂଚନା ଅନୁସାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟ ୧ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲା ପୁଲିସ ଏସପିଙ୍କ ନେତୃତ୍ୱରେ ଏହି ଅପେରସନ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ଜିଲ୍ଲା ପୁଲିସ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆ‡ା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ବଲପୁରରେ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅଭିଯାନ ଆରମ୍ଭ ହେବା ଦିନାଠାରୁ ଗତ ୧୪ ତାରିଖ ପର୍ଯ୍ୟନ୍ତ ୧୨୮ଟି ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରାଯାଇଛି। ସେହିପରି ଅବକାରୀ ମାମଲାରେ ପୁଲିସ ୧୮୦ଟି ମାମଲା ରୁଜୁ କରିଥିବା ବେଳେ ୩୭୪୪ ପାଉଚ ମଦ, ୫୫୦ ଲିଟର ଦେଶୀ ମଦ ଓ ୨୧୫ ଲିଟର ବିଦେଶୀ ମଦ ଜବତ କରିଛି। ଏହି ମାମଲରେ ୧୮୦ ଜଣ ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇଛି। ବେଆଇନ କଫସିରପ ବିକ୍ରି ଓ ଚାଲାଣ ଅଭିଯୋଗରେ ୧୧ ଟି ମାମଲା ରୁଜୁ ହୋଇ ୨୫୧୯ ବୋତଲ କଫ ସିରପ, ୧୩.୧ ଷ୍ଟ୍ରିପ୍ ନାଇଟ୍ରାଜେପାନ୍ ଟାବଲେଟ୍ ଏବଂ ୨୦ ପ୍ୟାକେଟ ଇଞ୍ଜେକ୍ସନ, ୨ଟି ମୋଟର ସାଇକେଲ ଓ ୫ଟି ମୋବାଇଲ ଫୋନ ଜବତ ହୋଇଛି। ଏଥିରେ ୨୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜୁଆ ଆ‡ା ଉପରେ ଚଢ଼ଉ କରି ସମ୍ବଲପୁର ପୁଲିସ ଜିଲ୍ଲା ୧୦ଟି ମାମଲା ରୁଜୁ କରିଥିବା ବେଳେ, ୩୧, ୭୬୦ ଟଙ୍କା, ୩ ଟି ମୋଟର ସାଇକେଲ ଏବଂ ୭ ଟି ମୋବାଇଲ୍ ଫୋନ୍ ଜବତ କରିଛି। ଏହି ମାମଲାରେ ୯ ଜଣଙ୍କୁ ଗିରଫ କରିବା ସହ ୯ ଜଣଙ୍କୁ ନୋଟିସ ଦେଇ ଛାଡି ଦେଇଛି। ଗଞ୍ଜେଇ ଚୋରାଚାଲଣରେ ଗୋଟାଏ ମାମଲା ରୁଜୁ ହୋଇଛି। ଏଥିରେ ୫୦.୫୮ କିଲୋଗ୍ରାମ ଗଞ୍ଜେଇ, ୬୩ ହଜାର ୭୫୦ ଟଙ୍କା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ବେଆଇନ ବନ୍ଧୁକ କାରବାରରେ ଗୋଟାଏ ମାମଲା ରୁଜୁ କରି ଗୋଟେ ବନ୍ଧୁକ, ୧ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଧନୁପାଲି ଥାନା ଅଞ୍ଚଳରେ ଗତକାଲି ହତ୍ୟା ଘଟଣାରେ ପୁଲିସ ଅଭିଯୁକ୍ତ ଉପରେ ଏନକାଉଣ୍ଟର କରିଛି। କୁଖ୍ୟାତ ଅପରାଧି ନାରେ ପୁର୍ବରୁ ବିଭିନ୍ନ ଅପରାଧିକ ମାମଲା ଥିବାରୁ ପୋଲିସ ଏନକାଉଣ୍ଟର କରିଛି। ଆଗକୁ ଯେଉଁମାନେ ଅପରାଧିକ କାର୍ଯ୍ୟକଳାପ କରିବେ ଏନକାଉଣ୍ଟରରେ ଜବାବ ଦିଆଯିବ ବୋଲି ଆଇଜି ହିମାଂଶୁ ଲାଲ କହିଛନ୍ତି।

ଅଢେଇ ମାସରେ ୫୦୦ରୁ ଅଧିକ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ
୨୫୨ ମହିଳା ଓ ଶିଶୁ ଉଦ୍ଧାର

ଓଡ଼ିଆ ଯୁବକଙ୍କ କୃତିତ୍ୱ

କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍.ଏଲ୍.(M.L.) ପ୍ରୟୋଗର ଉନ୍ନତ ଅନୁକଳନା (ଆଲଗୋରିଦମ) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

ଉତ୍କଳ ଗୀତିକବି ସମାଜର ମୌସୁମୀ କବିତା ଆସର

ରାଉରକେଲା,୧୯।୮(ସମିସ): ସ୍ଥାନୀୟ ସେକ୍ଟର - ୩ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରସ୍ଥ ମା' ଶୀତଳାଙ୍କ ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ଗୀତିକବି ସମାଜର ମୌସୁମୀ ସାହିତ୍ୟ ଆସର 'ଶ୍ରାବଣର ଗୀତ' ଅନୁଷ୍ଠିତ ହୋଇଯାଇଛି। କବି ଶ୍ରୀ ରାମକୃଷ୍ଣ ତ୍ରିପାଠୀଙ୍କର ସଭାପତିତ୍ୱରେ ଆୟୋଜିତ ଏହି ବର୍ଷା ଆସର ପର୍ବ 'ଶ୍ରାବଣର ଗୀତ' ଆସରର ପ୍ରଥମ ପର୍ଯ୍ୟାୟ ଆଲୋଚନାଚକ୍ର 'ମୌସୁମୀର ସିଦ୍ଧହସ୍ତା କବିକୁଳ' ଶୀର୍ଷକରେ ଉପସ୍ଥିତ ସମସ୍ତ କବି ଅଂଶ ଗ୍ରହଣ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଛୋଟ ପିଲାଙ୍କ ପାଇଁ ବର୍ଷା କେତେ ଆମୋଦ ଦାୟକ ତାହା 'ମେଘ ବରସିଲା ଟୁପୁରୁ ଟୁପୁରୁ ପଦ୍ୟାଂଶରୁ ସହଜେ ଅନୁମେୟ ଓ ଗ୍ରହଣୀୟ ବୋଲି ମାଲକାନଗିରି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ସାହୁ ବକ୍ତବ୍ୟ ରଖିଥିଲେ। କବି ଗଗନ ବିହାରୀ ନାୟକ କହିଥିଲେ, ବର୍ଷାରେ ଅନେକ କ୍ଷୁଦ୍ର ଜୀବ ଜନ୍ମ ନିଅନ୍ତି ଓ ଅନେକ ମରିଯାଆନ୍ତି। ନିଦାଘର କଷ୍ଟକୁ ଉପଶମ କରିଥାଏ ବର୍ଷା। ଇଂ ବିଜୟ କୁମାର ସେନାପତି, କବି ରାମକୃଷ୍ଣ ତ୍ରିପାଠୀ, ଗାୟକ ଗୌରବ ଭୋଳେଶ୍ୱର ବେହେରା ପ୍ରମୁଖ ଆମର ଅର୍ଥନୀତି ବର୍ଷା ସହିତ କିପରି ଜଡିତ ଓ ଆଧ୍ୟାତ୍ମିକତା ଦିଗକୁ ବର୍ଷା କିପରି ପରିପୁଷ୍ଟ କରିଥାଏ, ଚେତନା ସହିତ ବର୍ଷାର ସମ୍ପର୍କ ନିବିଡ ଆଦି ବର୍ଷାର ଶ୍ରେଷ୍ଠତ୍ୱ ଉପରେ ପ୍ରତିପାଦନ କରିଥିଲେ। ୨ୟ ପର୍ଯ୍ୟାୟରେ କବି ଇଂ ବିଜୟ କୁମାର ସେନାପତି, ଶ୍ରୀଧର ସୁନା, ଗଗନ ବିହାରୀ ନାୟକ, ଜ୍ଞାନ ରଞ୍ଜନ ମିଶ୍ର, ରାମକୃଷ୍ଣ ତ୍ରିପାଠୀ, କରୁଣାକର ସାହୁ, ସମୀର ବାଳା ଦାଶ, ଅଭିମନ୍ୟୁ ବେହେରା, ଭୋଳେଶ୍ୱର ବେହେରା ମୋହନ ସିଂହ ପ୍ରମୁଖ ବର୍ଷା ଭିତ୍ତିକି ସ୍ୱରଚିତ କବିତା ପାଠ କରିଥିଲେ। ଶ୍ରୀଧର ସୁନା କବିତା ପାଠୋତ୍ସବ ପରିଚାଳନା କରିଥିଲେ। ମୋହନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଆୟ ବର୍ହିଭୁତ ସମ୍ପତ୍ତି ଠୁଳ

ଭିଜିଲାନ୍ସ ଜାଲରେ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ

ରାଉରକେଲା,୧୮।୮(ସମିସ)

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୁଳ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କୁ ଆଜି ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ରାଉରକେଲା, ସୁନ୍ଦରଗଡ଼ ସମେତ ୮ ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ମାତ୍ରାରେ ଆୟ ବହିର୍ଭୂତ ସମ୍ପତ୍ତିକୁ ଠାବ କରାଯାଇଛି। ତାଙ୍କ ଆୟର ୨୦୬ ପ୍ରତିଶତ ସମ୍ପତ୍ତି ଅଧିକ ଉପାର୍ଜନ କରିଥିବା ନେଇ ଭିଜିଲାନ୍ସ ଆକଳନ କରିଛି।

ଏହି ଅବସରରେ ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ନଗରରେ ଥିବା ଶ୍ରୀ ବେହେରାଙ୍କର ଏମ୍-୨୦ରେ ୩୫୦୦ ବର୍ଗ ଫୁଟ ବିଶିଷ୍ଟ ଦୁଇ ମହଲା କୋଠା ଏବଂ ସୁନ୍ଦରଗଡ଼ କେନ୍ଦୁପଡ଼ା ସ୍ଥିତ ୪୨୦୦ ବର୍ଗ ଫୁଟ ଜମିରେ ନିର୍ମିତ ତିନି ମହଲା କୋଠାରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା । ସୁନ୍ଦରଗଡ଼ ବିଲଡିଂର ମୂଲ୍ୟ ୧ କୋଟି ୧୧ ଲକ୍ଷ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି । ଭୁବନେଶ୍ୱର ଘାଟିକିଆରେ ୧୫୬୫ ବର୍ଗ ଫୁଟର ଏକ ୩ - ବିଏଚକେ ଫ୍ଲାଟ, ୧୨୪୦ ବର୍ଗ ଫୁଟର ୨-ବିଏଚକେ ଫ୍ଲାଟ୍, ସୁନ୍ଦରଗଡ ଓ ରାଉରକେଲାରେ ଗୋଟିଏ ଲେଖାଏଁ ଏବଂ ଗଞ୍ଜାମର ପୁରୁଷୋତ୍ତମପୁରରେ ୨ଟି ଦାମୀ ପ୍ଲଟ୍ ରହିଥିବା ଭିଜିଲାନ୍ସ ଠାବ କରିଛି। ସୂଚନାଯୋଗ୍ୟ, ଶ୍ରୀ ବେହେରା ସୁନ୍ଦରଗଡ଼ ଆଇଟିଡିଏ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ୨୦୧୬ ରୁ ୨୦୨୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ସେହି ସମୟରେ ତାଙ୍କ ବିରୁଦ୍ଧରେ ଅନେକ ଦୁର୍ନୀତିର ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗୀୟ କାର୍ଯ୍ୟର ନିଜେ ଠିକା କରିବା ସହ ଅନେକ ପୁରୁଣା କାମରେ ଚୂନ ମାରି ନୂଆ କାମ ଦେଖାଇ ଲକ୍ଷାଧିକ ଟଙ୍କା ବିଲ କରି ଉଠାଇ ନେବା ଭଳି ଅଭିଯୋଗ ମାନ ହୋଇଥିଲା। ତେବେ

ଆୟ ବର୍ହିଭୂତ ସମ୍ପତ୍ତି(ଡିଏ) ଠୁଳ କରିବା ଅଭିଯୋଗରେ ସୁନ୍ଦରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସର ୩ ଜଣ ଡିଏସ୍ପି, ୧୦ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍ଆଇଙ୍କ ସମେତ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଭୁବନେଶ୍ୱର, ରାଉରକେଲା ସୁନ୍ଦରଗଡ଼, ଅନୁଗୁଳ, ଗଞ୍ଜାମରେ ଥିବା ତାଙ୍କର ୮ଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଥିଲା। ସେହିସବୁ ସ୍ଥାନ ମଧ୍ୟରେ ସୁନ୍ଦରଗଡ଼

ରାଉରକେଲା, ସୁନ୍ଦରଗଡ଼ ସମେତ ୮ ସ୍ଥାନରେ ଚଢ଼ଉ

ସହରରେ ଥିବା ତିନି ମହଲା କୋଠା, ରାଉରକେଲା ଛେଣ୍ଡ ଗୋପବନ୍ଧୁ ନଗରର ,ଏମ୍-୨୦ରେ ଥିବା ଦୁଇ ମହଲା ବିଶିଷ୍ଟ କୋଠା, ଭୁବନେଶ୍ୱର ଘାଟିକିଆରେ ଥିବା ଅରୋଭିଲା-୧, ଫେଜ୍-୩ରେ ଫ୍ଲାଟ୍ ନମ୍ବର ୪୦୩, ଭୁବନେଶ୍ୱର ଘାଟିକିଆରେ ଅରୋଭିଲା-୧, ଫେଜ୍-୩ର ଫ୍ଲାଟ ନମ୍ବର ୪୦୨ ରହିଛି। ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଥାନା ଅଧିନସ୍ଥ ରାଞ୍ଚାଲି ଗ୍ରାମରେ ଶ୍ରୀ ବେହେରାଙ୍କ ପୈତୃକ ଘର ରହିଥିବା ବେଳେ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଆଳାଡିଗାଁ ଗ୍ରାମର ବେହେରାସାହିରେ ତାଙ୍କ ଶ୍ୱଶୁର ଘର ରହିଛି। ଅନୁଗୁଳର ୩ ଆରଏ/୧ ଜଳସେଚନ କଲୋନୀରେ ତାଙ୍କ ଆବାସିକ ସରକାରୀ କ୍ୱାର୍ଟର ଏବଂ ଶ୍ରୀ ବେହେରାଙ୍କ ଜଳସେଚନ ଡିଭିଜନର କାର୍ଯ୍ୟାଳୟରେ ମଧ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ଏପର୍ଯ୍ୟନ୍ତ ଚଢ଼ଉର ସବିଶେଷ ବିବରଣୀ ମିଳି ନ ଥିବା ବେଳେ ୨ ଲକ୍ଷ ୩୩ ହଜାର ୪୨୦ ନଗଦ ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି। ଏହାସହ ୫୧ ଲକ୍ଷ ୯୭ ହଜାର ୩୪୦ ଟଙ୍କାର ବ୍ୟାଙ୍କ ଜମା ଜବତ କରାଯାଇଛି। ଏଥିସହ ୧୮.୪୧ ଲକ୍ଷ ଟଙ୍କାର ଘର ସାମଗ୍ରୀକୁ ଭିଜିଲାନ୍ସ ଠାବ କରିଥିବା ଜଣାପଡ଼ିଛି।

ଡାଲମିଆ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

କୁତ୍ରା,୧୯।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟର ମଙ୍ଗଳବାର ଦିନ ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜିତେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ଼ଃ ବାନୋ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ମହାବିଦ୍ୟାଳୟର ପୁରାତନ ଛାତ୍ର ଜଗୁ ସାହୁ ଓ ବିନୋଦ ଶର୍ମା ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରଧାପକ ଶ୍ରୀ ପାଇକରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଜନିତ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ସଭାରେ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମ୍ମାନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଶେଷରେ ଅଧ୍ୟାପିକା ଡ଼ଃ ତବସ୍ସୁମ ବାନୋ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକ ଏଥିରେ ଯୋଗଦେଇଥିଲେ।

● ଦ୍ୱିତୀୟ ଦିନରେ ଜିଭିପିଆର୍ ଖଣି ଆଗରେ ସିଆଇଟିୟୁର ଧାରଣା

ଧସ୍ତାଧସ୍ତି ଘଟଣା ପରେ ଥାନାରେ ୪ ମାମଲା ରୁଜୁ

କୋଇଡା,୧୯।୮(ସମିସ): କୋଇଡା ଖଣି ମଣ୍ଡଳ ଅଧୀନସ୍ଥ ଜିଭିପିଆର୍ ଖଣି ଗେଟ୍ ସମ୍ମୁଖରେ ୭୦୦ ଲୋକଙ୍କୁ ସ୍ଥାନୀୟ ନିଯୁକ୍ତି ଦାବି ନେଇ ସୋମବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଚାଲିଥିବା ଗଣଧାରଣା ଓ ବିକ୍ଷୋଭ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଲଗାଣ ବର୍ଷା ସତ୍ତ୍ୱେ ଖଣି ଗେଟ୍ ସମ୍ମୁଖରେ ବସି ରହିଥିଲେ ସ୍ଥାନୀୟ ନେତୃ ମଣ୍ଡଳିଙ୍କ ସହ ଶତାଧିକ କର୍ମୀ। ଦାବି ପୂରଣ କିମ୍ବା ଚୁକ୍ତିନାମା ନ ହେଲା ଯାଏଁ ଏ ଗଣ ବିକ୍ଷୋଭ ଜାରି ରହିବ ବୋଲି ଗତକାଲି ବିଧାୟକ ପ୍ରକାଶ କରିଥିଲେ। ହେଲେ ଗତକାଲି ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ବେଳେ ଖଣି ସମ୍ମୁଖରେ ପୂର୍ବରୁ ମହଜୁଦ୍ ଥିବା ଆଉ ଏକ ସ୍ଥାନୀୟ ଗୋଷ୍ଠୀ ସହ ବଚସା ଓ ଧସ୍ତାଧସ୍ତି ଘଟିଥିଲା। ଏଥିସହ ଦିନ ତମାମ୍ ଖଣ୍ଡଯୁଦ୍ଧ ପରିସ୍ଥିତି ପରେ କୋଇଡା ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଥିଲା। ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ଥାନାରେ ୪ ମାମଲା ରୁଜୁ ହେଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ୩ ଗୋଟି ମାମଲା ବିଧାୟକ ଓ ନେତୃବୃନ୍ଦଙ୍କ ବିରୋଧରେ ରୁଜୁ ହୋଇଥିବା ବେଳେ ବିଧାୟକଙ୍କ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ବିଧାୟକଙ୍କ ସମେତ ମୁଖ୍ୟ ନେତୃ ମଣ୍ଡଳୀଙ୍କ ଅନୁପସ୍ଥିତିରେ ସ୍ଥାନୀୟ ସିପିଆଇଏମ୍ ଓ ସିଆଇଟିୟୁ ନେତୃ ମଣ୍ଡଳୀଙ୍କ ଅଧ୍ୟକ୍ଷତାରେ ଶତାଧିକ ସିଆଇଟିୟୁ କର୍ମୀ ଘଟଣା ସ୍ଥଳରେ ଶାନ୍ତି ରକ୍ଷା କରି ଖଣି ଆଗରେ ଦାବି ପୂରଣ ପାଇଁ ବିକ୍ଷୋଭ ଜାରି ରଖିଥିଲେ। ଘଟଣାର ଗଭୀରତାକୁ ନଜର ରଖି ଖୋଦ୍ ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳଙ୍କ ସମେତ ବହୁ ଥାନା ଅଧିକାରୀ ଓ ୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଧାରଣାସ୍ଥଳରେ ମୁତୟନ ରହିଥିଲେ।

ମଦବିକ୍ରି ବନ୍ଦ ଦାବିରେ ମହିଳା ଥାନାର ଦ୍ୱାରସ୍ଥ

ବୀରମହାରାଜପୁର,୧୯।୮(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବରଝୁଲା ଗ୍ରାମରେ ମଦବିକ୍ରି ବନ୍ଦ କରିବା ଦାବିରେ ଶତାଧିକ ମହିଳା ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ଗାଁ ଓ ଆଖ ପାଖ

ଅଞ୍ଚଳରେ ଅବାଧ ଦେଶୀ ମହୁଲି ଓ ବିଦେଶୀ ମଦ ବିକ୍ରି ବିରୋଧରେ ବୀରମହାରାଜପୁର ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଅବାଧରେ ମଦ ବିକ୍ରି ହେଉଥିବାରୁ ଗ୍ରାମର ଅଳ୍ପ ବୟସର ଯୁବକମାନେ ମଦପିଇ ପଥଭ୍ରଷ୍ଟ ହେଉଛନ୍ତି। ଗ୍ରାମରେ ଚୋରି, ଡକାୟତି, ଘରୋଇ କଳହ, ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ମଦ୍ୟପଙ୍କ ଦୌରାତ୍ମ୍ୟ ବଢୁଥିବାରୁ ସ୍କୁଲ ଛାତ୍ରଛାତ୍ରୀ, ଯୁବତୀ, ବୃଦ୍ଧବୃଦ୍ଧା, ମହିଳାମାନେ ଘରୁ ବାହାରକୁ ବାହାରିବାକୁ ସୁରକ୍ଷିତ ମଣୁନାହାଁନ୍ତି। ଏଣୁ ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ଦେଶୀ ମହୁଲି ଓ ବିଦେଶୀ ମଦ ବିକ୍ରି ସଂପୂର୍ଣ୍ଣ ବନ୍ଦ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଗ୍ରାମର ମହିଳାମାନେ ଦାବି କରିଛନ୍ତି।

ଯବାନଙ୍କ ମାଡ଼ରେ ୮ ଶ୍ରମିକ ଆହତ

ରାଉରକେଲା,୧୯।୮(ସମିସ): ସୁନ୍ଦରଗଡ଼ ଦର୍ଲିପାଲି ଏନ୍‌ଟିପିସି ସୁପର ଥର୍ମାଲ ପାୱାର ପ୍ଲାଣ୍ଟରେ ଶ୍ରମିକଙ୍କୁ ସିଆଇଏସ୍ଏଫ୍ ଯବାନ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ୮ ଜଣ ଶ୍ରମିକ ଆହତ ହୋଇଥିବା ଜଣାପଡିଛି। ସମସ୍ତ ଆହତଙ୍କୁ ସୁନ୍ଦରଗଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ଅଣାଯାଇଛି। ସୂଚନାନୁଯାୟୀ, ଜଣେ ଯୁବକ କୁଆଡେ ପ୍ଲାଣ୍ଟରୁ କିଛି ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଶ୍ରମିକଙ୍କ ସହ କାମ କରୁଥିବା ଅନ୍ୟ ୮ ଶ୍ରମିକଙ୍କୁ ପଚରାଉଚରା ବାହାନାରେ ଯବାନମାନେ ନିସ୍ଠୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଦର୍ଲିପାଲି ଫାଣ୍ଡିରେ ଏତଲା ଦେଇଥିବା ଆହତ ଯୁବକମାନେ କହିଛନ୍ତି।

ଜିଲ୍ଲାପାଳଙ୍କୁ ଫେରାଦ ହେଲେ ମନମୁଣ୍ଡା ଗ୍ରାମରକ୍ଷୀ

ମନମୁଣ୍ଡା,୧୯।୮(ସମିସ): ଗ୍ରାମରକ୍ଷୀମାନେ ମାସକୁ ମାତ୍ର ୧୮୦୦ ଟଙ୍କା ଭତ୍ତା ଆକାରରେ ପାଉଛନ୍ତି। ସେମାନଙ୍କୁ ସରକାରୀ କର୍ମଚାରୀ ଦର୍ଶାଇ ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ସୁଭଦ୍ରା ଯୋଜନା ଇତ୍ୟାଦି ଅନେକ ସରକାରୀ ଯୋଜନାରୁ ବଞ୍ଚିତ କରାଯାଇଛି। ଫଳରେ ଅନୁସୂଚିତ ଜାତିର ଏହି ଗ୍ରାମରକ୍ଷୀମାନେ ନାହିଁ ନ ଥିବା ଅସୁବିଧାରର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଗତ ୧୨ ତାରିଖରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନମୁଣ୍ଡା ଗସ୍ତରେ ଆସିଥିବାବେଳେ ମନମୁଣ୍ଡା ଗ୍ରାମରକ୍ଷୀମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଲିଖିତ ଭାବେ ଜଣାଇଥିଲେ। ସମସ୍ୟା ବୁଝିବାକୁ ମନ୍ତ୍ରୀ ସେଠାରେ ଉପସ୍ଥିତ ଥିବା ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁପ୍ରକାରେ ଗ୍ରାମରକ୍ଷୀ ମାନଙ୍କୁ ସମସ୍ତ ସରକାରୀ ଯୋଜନାରେ ଯୋଗ୍ୟ ଘୋଷିତ କରିବା ଓ ସୁବିଧା ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ ଆଜି ମନମୁଣ୍ଡାର ସମସ୍ତ ଗ୍ରାମରକ୍ଷୀ କଣ୍ଟାମାଳରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କୁ ଲିଖିତ ଅଭିଯୋଗ କରି ଅନୁରୋଧ କରିଥିଲେ। ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଷ୍ଟେଟ୍ ସିନିଅର ଫିଡେରେଟିଂ ଚେସ୍ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

ବୌଦ୍ଧ,୧୯।୮(ସମିସ): ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ଆୟୋଜିତ ୬୫ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚାମ୍ପି÷ଅନ୍‌ସିପ୍ ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ଦୈନିକ ହୀରାଞ୍ଚଳ ସମ୍ପାଦକ ଯୁଗଳ କିଶୋର ସାମଲ, ସମ୍ବଲପୁର ଜିଲ୍ଲା ଚେସ୍ ସଙ୍ଘ ସଭାପତି ତଥା ଭୀମସାର ପ୍ରଫେସର ଡ. ରାଜୀବ କୁମାର ନନ୍ଦ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ ଯୋଗଦେଇଥିଲେ। ରାଜ୍ୟ ଚେସ ସଙ୍ଘ ଉପସଭାପତି ତଥା ବୌଦ୍ଧ ଜିଲ୍ଲା ଚେସ ସଙ୍ଘ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଏହି ପ୍ରତିଯୋଗିତାରେ ପ୍ରଥମରୁ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଚାରିଜଣ ପ୍ରତିଯୋଗୀ ଆଗାମୀ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ସ୍ଥିତ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଭାଗ ନେବେ ବୋଲି ଜଣାପଡିଛି। ମୁଖ୍ୟ ଆର୍ବୀଟର ସୁରେଶ ଚନ୍ଦ୍ର ସାହୁ, ଉପମୂଖ୍ୟ ଆର୍ବୀଟର ସନ୍ତୋଷ ମହାପାତ୍ର, ଆର୍ବୀଟର ପିଙ୍କି ମହାପାତ୍ର, ଆର୍ବୀଟର ସତ୍ୟଜିତ ବାରିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲ୍ଲା ଚେସ ସଙ୍ଘ ତରଫରୁ ନିରୋଦ ମେହେର, ରଞ୍ଜିତ ପଟ୍ଟନାୟକ, ପ୍ରତ୍ୟାଶା ମିଶ୍ର, ଅନିକେତ ଦାନୀ, ଗଜେନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ଯଦୁମଣି ପ୍ରଧାନ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

ଖ୍ରୀଷ୍ଟିଆନ୍‌ଙ୍କ ଉପରେ ଅତ୍ୟାଚାର ବିରୁଦ୍ଧରେ ଶାନ୍ତି ଶୋଭାଯାତ୍ରା

ରାଉରକେଲା,୧୯।୮(ସମିସ): ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପ୍ରତି ହେଉଥିବା ଅତ୍ୟାଚାର ଏବଂ ଅନ୍ୟାୟ ବିରୁଦ୍ଧରେ ରାଉରକେଲା ଖ୍ରୀଷ୍ଟିଆନ୍ ଫୋରମ୍ ପକ୍ଷରୁ ଏକ ବିଶାଳ ଶାନ୍ତି ଶୋଭାଯାତ୍ରା କରାଯାଇଥିଲା। ବିଶ୍ରା ଛକ ଠାରୁ ରାଲି ଆରମ୍ଭ ହୋଇ ରିଙ୍ଗ ରୋଡ୍ ଦେଇ ଉଦିତନଗର ସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ହଜାର ହଜାର ଲୋକ ହାତରେ ପ୍ଲାକାର୍ଡ ଏବଂ ବ୍ୟାନର ଧରି ରାଲିରେ ଯୋଗଦେଇ ଶାନ୍ତିପୂର୍ଣ୍ଣ ଭାବରେ ସରକାରଙ୍କ ଠାରୁ ନ୍ୟାୟ ଏବଂ ସୁରକ୍ଷା ଦାବି କରିଥିଲେ। ରାଷ୍ଟ୍ରପତି, ରାଜ୍ୟପାଳ, ଜାତୀୟ ସଂଖ୍ୟାଲଘୁ କମିଶନର ଅଧ୍ୟକ୍ଷ ଏବଂ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ର ମୁତାବକ, ଓଡ଼ିଶାର ଜଳେଶ୍ୱର, ମାଲକାନଗିରି, ସୁନ୍ଦରଗଡ଼

ସମେତ ଦେଶବ୍ୟାପୀ ପାଦ୍ରୀ, ନନ୍ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଉପରେ ହୋଇଥିବା ଆକ୍ରମଣ, ଚର୍ଚ୍ଚ ଏବଂ ଧାର୍ମିକ ସ୍ଥଳ ଗୁଡ଼ିକରେ ଭଙ୍ଗାରୁଜା ଘଟଣାକୁ ଗମ୍ଭୀର ଚିନ୍ତାର ବିଷୟ। ଏହି ଘଟଣା ଗୁଡ଼ିକ କେବଳ ଭୟ ଏବଂ ଅସୁରକ୍ଷିତ ପରିବେଶ ସୃଷ୍ଟି କରିନାହିଁ ବରଂ ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୯, ୨୧ ଏବଂ ୨୫ରେ ପ୍ରଦତ୍ତ ମୌଳିକ ଅଧିକାରକୁ ମଧ ଉଲ୍ଲଂଘନ କରିଛି। ପ୍ରଶାସନ ଏବଂ ସୁରକ୍ଷା ସଂସ୍ଥା ଗୁଡ଼ିକର ନିଷ୍କ୍ରିୟତା, ସମ୍ବେଦନହୀନତା ଉପରେ ମଧ ଗଭୀର ଅସନ୍ତୋଷ ପ୍ରକାଶ କରାଯାଇଛି। ଖ୍ରୀଷ୍ଟିଆନଙ୍କ ଉପରେ ଆକ୍ରମଣ ତୁରନ୍ତ ବନ୍ଦ କରିବା, ପାଦ୍ରୀ, ନନ୍, ପରିବାର ଏବଂ ଧାର୍ମିକ ସ୍ଥଳ ଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା, ପୀଡିତଙ୍କୁ କ୍ଷତିପୂରଣ ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକର ନିୟମିତ ତଦାରଖ କରିବା ଏବଂ ସାମ୍ପ୍ରଦାୟିକ ସଦଭାବ ପାଇଁ ସଚେତନତା କାର୍ଯ୍ୟକ୍ରମ ଚଳାଇବା ପାଇଁ ଦାବି କରାଯାଇଛି। ରାଉରକେଲା ଖ୍ରୀଷ୍ଟିଆନ ଫୋରମ୍ ସଭାପତି ସୁଶୀଲ କିଣ୍ଡୋଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଖ୍ରୀଷ୍ଟିଆନ ଲୋକ ସାମିଲ ହୋଇଥିଲେ।

ମେଗା ପ୍ରକଳ୍ପରୁ ଜମିକୁ ମିଳୁନି ପାଣି

ଶଗଡା,୧୯।୮(ସମିସ)

ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଚାଷୀ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ଗ୍ରାମର ସମସ୍ତ ଚାଷୀ ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପରୁ ପାଣି ପାଇବାରୁ ବଞ୍ଚିତ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦେବା ପାଇଁ ମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଇରମାଳଠାରେ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଉକ୍ତ ପ୍ରକଳ୍ପରୁ କିଛି ଗ୍ରାମର ଜମିକୁ ପାଣି ମିଳୁଥିବା ବେଳେ ଗୁଡଭେଲିପଦର, ଉଚ୍ଚବାହାଲି, ଡାଙ୍ଗମୁଣ୍ଡା, ଖଳିଆ ମୁଣ୍ଡା, ବିଛଣା ପାଟି ଆଦି ଗ୍ରାମର ଚାଷୀ ମେଗା ପ୍ରକଳ୍ପରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏହି ମେଗା ପ୍ରକଳ୍ପ ତିନି ବର୍ଷ ହେବ କାର୍ଯ୍ୟକାରୀ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମର ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ପ୍ରକଳ୍ପରୁ ଜମିକୁ ପାଣି ଯୋଗାଇ ଦେବାକୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମେଗା ପ୍ରକଳ୍ପର କର୍ମଚାରୀଙ୍କୁ ଅଭିଯୋଗ କଲେ ଆମ ଦ୍ୱାରା କିଛି ହୋଇ ପାରିବ ନାହିଁ ବୋଲି କହି କଥାକୁ ଏଡାଇ ଦେଉଛନ୍ତି। ବର୍ତ୍ତମାନ ଆବଶ୍ୟକତା ଅନୁସାରେ ବର୍ଷା ହେଉ ନ ଥିବାରୁ ଜମିଗୁଡିକ ଫାଟିଆଁ କଲାଣି। ଧାନ ଗଛ ସବୁ ମରିଗଲାଣି। ଚାଷୀ ପାଣିକୁ ଅନାଇ ବସିଥିବାବେଳେ ପ୍ରକଳ୍ପ ନିକଟରେ ଥାଇ ଚାଷୀ ମରୁଡିର ସମ୍ମୁଖୀନ ହେଉଥିବା ପରିତାପର ବିଷୟ ବୋଲି ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଚାଷୀ ମଙ୍ଗଳୁ ଦନ୍ତା, ଲୋକନାଥ ମହାଲିକ, ଚନ୍ଦ୍ରମଣି ମିଶ୍ର, ମୋହନ ପାତ୍ର, ନବୀନ ବାରିକ, ବିଶ୍ୱନାଥ ବାଘ, ବ୍ରଜ ପ୍ରଧାନ, ଗଣପତି ମଲ୍ଲିକ, ରାଇଧର ସାହୁ, ମାଗୁଣି ସାହୁ, ରଂଜିତ ମେହେର, ଆଦିତ୍ୟ ସାହୁ, ବାସୁଦେବ ମହାକୁଡ଼, ନବୀନ ମହଲା, ପ୍ରମୋଦ ମେହେର, ସୂର୍ଯ୍ୟ ରଣା, ହରେନ୍ଦ୍ର ନାଏକ, ଧ୍ରୁବ ମହାକୁଡ଼, ପ୍ରଦେଶୀ ଦାରି ପ୍ରମୁଖ କଣ୍ଟାମାଳଠାରେ ହୋଇଥିବା ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ହିତକୁ ଦୃଷ୍ଟିରେ ରହି ଖୁବ୍‌ଶୀଘ୍ର ଏହାର ସମାଧାନ କରା ନ ହେଲେ ଚାଷୀମାନେ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲ୍ଲାପାଳଙ୍କ କଲେଜ ଓ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ

ଶଗଡା,୧୯।୮(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ କଣ୍ଟାମାଳ ବ୍ଲକ୍‌ସଦର ପଞ୍ଚାୟତ କଲେଜ ପରିଦର୍ଶନ କରିଛନ୍ତି। କଲେଜରେ ପହଞ୍ଚି ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କ ସହ କଲେଜର ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବରଗୋଛା ଆବାସିକ ବିଦ୍ୟାଳୟରେ ପହଞ୍ଚି ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରଗୋଛା ନିକଟରେ ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ଯାଇଥିବା ଯୋଗୁଁ ପାନୀୟ ଜଳ ଯୋଗାଣ ବନ୍ଦ ଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଡାକି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଚାଉଳସିଂ, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପଲ୍ଲବୀ ସାମଲ, କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡି, ତହସିଲଦାର୍ ଶ୍ୱେତପଦ୍ମା ଜୋଶୀ, କଣ୍ଟାମାଳ ବ୍ଲକ୍ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଅଜିତ ସେଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ।

● ଆର୍‌ଏସ୍‌ପି ପ୍ଲେଟ୍ ମିଲ୍‌ର ନୂଆ ରେକର୍ଡ

ଦିନକରେ ୫୪୪୫ ଟନ୍ ସ୍ଲାବ୍ ରୋଲିଂ ଉତ୍ପାଦନ

ରାଉରକେଲା,୧୯।୮ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ବିଭାଗ ଏକ ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି। ନୂତନ ପ୍ଲେଟ୍ ମିଲ୍ ବିଭାଗ ଅଗଷ୍ଟ ୧୫ ତାରିଖରେ ଏହାର ସର୍ବୋଚ୍ଚ ଏକଦିବସୀୟ ଉତ୍ପାଦନ ହାସଲ କରି କାର୍ଯ୍ୟଦକ୍ଷତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉକ୍ତ ଦିନ ମିଲ୍ ୫,୪୪୫ ଟନ୍ ସ୍ଲାବ୍ ରୋଲିଙ୍ଗ କରି ଗତ ଜୁଲାଇ ୧୦ ତାରିଖରେ ହାସଲ କରିଥିବା ୫,୧୦୯ ଟନ୍ ସ୍ଲାବ ରୋଲିଙ୍ଗର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଏହି ସଫଳତା ସହିତ ମିଲ୍ ଉକ୍ତ ଦିନ 'ସି' ସିଫ୍ଟରେ ଏହାର ସର୍ବୋତ୍ତମ ସିଫ୍ଟ ପ୍ରଦର୍ଶନ ମଧ୍ୟ ପଞ୍ଜିକୃତ କରିଥିଲା। ଗତ ଜାନୁଆରୀ ୧୦ ତାରିଖରେ 'ଏ' ସିଫ୍ଟରେ ହାସଲ କରାଯାଇଥିବା ୧,୮୩୪ ଟନ୍‌ର ପୂର୍ବ ରେକର୍ଡରେ ଉନ୍ନତି ଆଣିଥିଲା। ଉଲ୍ଲେଖନୀୟ ଯେ, ଦେଶର ୭୯ତମ ସ୍ୱାଧୀନତା ଦିବସ ଅବସରରେ ଏହି ସଫଳତା ହାସଲ ହୋଇଥିବା ବେଳେ ଏହା କର୍ମଚାରୀଙ୍କ ନିଷ୍ଠା ଏବଂ ଉତ୍କର୍ଷତାକୁ ପ୍ରଦର୍ଶିତ କରୁଛି। ଏନ୍‌ପିଏମ୍ ସାମୂହିକଙ୍କ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇଥିବା ବେଳେ ଏଥିରେ ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ, ଶକ୍ତି ପରିଚାଳନା, ଆର୍ ଆଣ୍ଡ ସି ପ୍ରୟୋଗଶାଳା, ରୋଲ୍ ସପ୍, ଷ୍ଟିଲ୍ ମେଲଟିଙ୍ଗ ସପ୍-୨, ଟ୍ରାଫିକ୍ ଏବଂ କଞ୍ଚାମାଲ, କେନ୍ଦ୍ରୀୟ ଯାନ୍ତ୍ରିକ ଏବଂ ବୈଦ୍ୟୁତିକ, ଇନଷ୍ଟ୍ରୁମେଣ୍ଟେସନ, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରୀ ଏବଂ ଏମ୍‌ଏମ୍ ଷ୍ଟୋର ଭଳି ସହଯୋଗୀ ବିଭାଗଗୁଡିକରୁ ପୂର୍ଣ୍ଣ ସମର୍ଥନ ମିଳିଥିଲା।

ରକ୍ତଦାନ ଶିବିର; ୫୦ ୟୁନିଟ୍ ସଂଗୃହୀତ

ରାଉରକେଲା,୧୯।୮ (ସମିସ): ଅପରେସନ ସିନ୍ଦୂରର ସଫଳତାକୁ ଉଜ୍ଜୀବିତ କରି ରଖିବା ପାଇଁ ସେକ୍ଟର -୪ ସ୍ଥିତ ରାଉରକେଲା କଲେଜରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ଶାଖା ତରଫରୁ ଏକ ସ୍ୱତନ୍ତ୍ର ରକ୍ତଦାନ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ରକ୍ତଦାନ କରୁଥିବା ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା ସମାଜସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଅପରେସନ ସିନ୍ଦୂର ପାଇଁ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ପ୍ରାୟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମିଂ ଅଫିସର ଅଧ୍ୟାପକ କରୁଣାକର ପାଟ୍ଟଶାଣି, ରଶ୍ମିପ୍ରଭା ମଥାନ, ଯୁବ ରେଡକ୍ରସର ସଂଯୋଜକ ମନୋଜ କୁମାର ଦଳେଇ, ରଞ୍ଜିତ ପ୍ରଧାନ, ପ୍ରଶାସନିକ ଅଧିକାରୀ ରଶ୍ମୀ ରଂଜନ ରାଉତ, ବନ୍ଦନା ସୋରେନ, ଭାରତୀ ବରୁଆ, ତରଣୀ ନାୟକ, ଅନୁପ ଏକ୍କା, ଦୀପାଳି ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ପ୍ରିୟଙ୍କା ପଲେଇ, ଦିଲ୍ଲୀପ ମୁଦୁଲି, ସିଦ୍ଧାର୍ଥ ସାହୁ, ସୁଶାନ୍ତ ପଟେଲ, ଅଜିତ୍ ବେକ୍, ମୌସୁମୀ ଦାସ ପ୍ରମୁଖ ଅଧ୍ୟାପକ-ଅଧ୍ୟାପିକା ଓ ସ୍ୱେଚ୍ଛାସେବୀ ଆରୁସୀ ସେନାପତି, ଅନ୍ୱେଷା ନାୟକ, ଗୌରବ ସାହୁ, ଜଗନ ମହାନ୍ତି, ଦେବସ୍ମିତା ପଟ୍ଟନାୟକ, ଚନ୍ଦନ ଦାସ, ଲକ୍ଷ୍ମୀ ସାହୁ, ସନ୍ଧ୍ୟାରାଣୀ ସାହୁ, ରୋହିତ ବେବର୍ତ୍ତା, ପ୍ରିୟଙ୍କା ମାହାତୋ, ମାହି କୁମାରୀ, ସ୍ୱପ୍ନାରାଣୀ ସାହୁ, ସୁପ୍ରିୟା ସାବତ, ସୁଜଳ ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସରକାରୀ ଡାକ୍ତରଖାନାର ଡା. ଏମ୍ ସୋରେନ, ସାଇ ଶୁଭେନ୍ଦୁ ଆକାଶ, ପବିତ୍ର ପଲେଇ, ତୃପ୍ତିମୟୀ ବେହେରା, ଶୁଭେନ୍ଦୁ ନାୟକ, ଦିଲ୍ଲୀପ ପୋଥାଳ, ଚୈତନ୍ୟ ମହନ୍ତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ସେଲ୍ ସାବାସ ଯୋଜନା

ଖଣି କେନ୍ଦ୍ରୀକୃତ ସମନ୍ୱୟ, ଏସ୍‌ଏମ୍‌ଏସ୍-୨ର କର୍ମଚାରୀ ପୁରସ୍କୃତ

ରାଉରକେଲା, ୧୯।୮ (ସମିସ)

ରାଉରକେଲା ଇସ୍ପାତ କାରଖାନାର ଖଣି କେନ୍ଦ୍ରୀକୃତ ସମନ୍ୱୟର ୧୦ ଜଣ ଅଧିକାରୀ ଓ କର୍ମଚାରୀ ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ ହୋଇଥିଲେ। ମାର୍ଚ୍ଚ ୨୯ ତାରିଖରେ ଇଡି ମାଇନ୍ସ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଉତ୍ସବରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ କର୍ମଚାରୀ ଓ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମାଇନ୍ସ ପ୍ରୋଜେକ୍ଟ ବିଭାଗର ସିଜିଏମ୍ ଆନନ୍ଦ କୁମାର, ଜିଏମ୍ ଅପରେସନ୍ସ ତିଳକ ପଟ୍ଟନାୟକ, ଖଣି ବିଭାଗର ଜିଏମ୍ ପିକେ ରାୟ, ଖଣି କେନ୍ଦ୍ରୀକୃତ ସମନ୍ୱୟ ବିଭାଗର ଜିଏମ ଏସ୍ ବସକ, ଏଚଆରଓଡି ବିଭାଗର ଜିଏମ୍ ଏସ୍. ବଡପଣ୍ଡା ଏବଂ ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶ୍ରୀ ସିଂହ ଓଡିଶା ଗ୍ରୁପ ଅଫ୍ ମାଇନ୍ସର ପ୍ରଦର୍ଶନରେ ଉନ୍ନତି ଆଣିବାରେ ଯୋଗଦାନ ନିମନ୍ତେ ପୁରସ୍କାର ବିଜେତାଙ୍କ ପ୍ରଶଂସା କରିଥିଲେ। ସମସ୍ତଙ୍କୁ କାରଖାନାର ସାମଗ୍ରିକ ପ୍ରଦର୍ଶନ ସହ ତାଳ ବଜାୟ ରଖିବା ନିମନ୍ତେ ନିଜର ଶ୍ରେଷ୍ଠ ଯୋଗଦାନ ଜାରି ରଖିବା ପାଇଁ ସେ ଉତ୍ସାହିତ କରିଥିଲେ। ବର୍ଗ-୧ ଅଧୀନରେ ପୁରସ୍କାର ବିଜେତାମାନେ ହେଉଛନ୍ତି, ବିଭାଗର ଜିଏମ୍ ଶିବବ୍ରତ ବସାକ, ଏଜିଏମ୍ ଗୁଞ୍ଜନ ଆନନ୍ଦ, ସିନିୟର ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ରାଜେଶ କୁମାର ମିଶ୍ର, ସିନିୟର ଟେକନିସିଆନ ଉଦୟ ଶଙ୍କର ଏବଂ ଟିସିଓ ଭଗବାନ ପ୍ରଧାନ। ଅନୁରୂପ ଭାବେ ଷ୍ଟିଲ ମେଲଟିଙ୍ଗ ସପ୍-୨ ବିଭାଗରେ ୪୬ ଜଣ

କର୍ମଚାରୀଙ୍କୁ ସେମାନଙ୍କର ଉଦାହରଣୀୟ ପ୍ରୟାସ ନିମନ୍ତେ ସେଲ ସାବାସ ଯୋଜନା ବର୍ଗ-୨ ଅଧୀନରେ ପୁରସ୍କୃତ କରାଯାଇଥିଲା। ମାର୍ଚ୍ଚ ୩୧ ତାରିଖରେ ଏସ୍‌ଏମ୍‌ଏସ୍-୨ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏକ ଉତ୍ସବରେ ଏସଏମଏସ-୨ ବିଭାଗର ସିଜିଏମ୍ ଟିପି ଶିବଶଙ୍କର କର୍ମଚାରୀମାନଙ୍କୁ ପ୍ରଶଂସା ପତ୍ର ଓ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ମେକାନିକାଲ ବିଭାଗର ଜିଏମ ଇନ୍‌ଚାର୍ଜ ଏମ୍ ଜି ଶ୍ରୀକାନ୍ତ, ଅପରେସନ ବିଭାଗର ଜିଏମ୍ ଇନ୍‌ଚାର୍ଜ ଅଜିତ କୁମାର ଦାସ, ଇଲେକ୍ଟ୍ରିକଲ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି ପ୍ରଣୟ, ଏଚଆର ବିଭାଗର ଡିଜିଏମ୍ ଡି ପଟ୍ଟନାୟକ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ଶିବଶଙ୍କର କର୍ମଚାରୀଙ୍କ ନବସୃଜନ, ଦକ୍ଷତା ଓ ଅପରେସନାଲ ନିପୁଣତା ନିମନ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ଏଭଳି ନବସୃଜନର ଧାରା ବିଭାଗରେ ନିରନ୍ତର ଉନ୍ନତି ଓ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବ ବୋଲି ସେ ମତ ଦେଇଥିଲେ। ଏସ୍‌ଏମ୍‌ଏସ୍-୨ ବିଭାଗର ମ୍ୟାନେଜର ପି କେ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଇଏସ୍‌ଆଇସି ମଡେଲ ହସ୍ପିଟାଲ ସମସ୍ୟା ଓ ବୃତ୍ତିଗତ ରୋଗ କେନ୍ଦ୍ର ପ୍ରତିଷ୍ଠା ଦାବି

ରାଉରକେଲା,୧୯।୮ (ସମିସ)

ରାଉରକେଲା ମଡେଲ ହସ୍ପିଟାଲରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଉପରେ ସିଆଇଟିୟୁ ସହ ବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିୟନ, ଆଇଏଫଜିଏଲ ରିଫ୍ରାଟୋରିଜ ଓ୍ୱର୍କସ ୟୁନିୟନ ଓ ଏସିଆଟିକ ଅକ୍ସିଜେନ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ବୀମାଭୁକ୍ତ ଶ୍ରମିକମାନଙ୍କୁ

ହସ୍ପିଟାଲ ସମ୍ମୁଖରେ ବୀମାଭୁକ୍ତ ଶ୍ରମିକଙ୍କ ଧାରଣା

ନେଇ ହସ୍ପିଟାଲ ସମ୍ମୁଖରେ ଏକ ବିଶାଳ ଧାରଣା ପ୍ରଦର୍ଶନ କରାଯାଇଥିଲା। ପ୍ରକାଶଯୋଗ୍ୟ, ରାଉରକେଲା ମଡେଲ ହସ୍ପିଟାଲରେ ସୁନ୍ଦରଗଡ଼ ଜିଲ୍ଲା ଓ ପଡୋଶୀ ଜିଲ୍ଲାର ପ୍ରାୟ ୧୨ ଲକ୍ଷ ଇଏସ୍‌ଆଇ ବୀମାଭୁକ୍ତ ଶ୍ରମିକ ଓ ସେମାନଙ୍କ ପରିବାର ଏହି ଏକମାତ୍ର ମଡେଲ ହସ୍ପିଟାଲ ଉପରେ ନିର୍ଭର କରୁଥିବା ବେଳେ ସେମାନଙ୍କର ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରତିବାଦରେ ବାରମ୍ବାର ୟୁନିଅନ୍ ପକ୍ଷରୁ ଆନ୍ଦୋଳନ ହୋଇଆସିଛି। ମଡେଲ ହସ୍ପିଟାଲରେ ଆବଶ୍ୟକ ସଂଖ୍ୟକ ସ୍ପେଶାଲିଷ୍ଟ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ରେଡିଓଲୋଜିଷ୍ଟ, ପାରାମେଡିକାଲ, ଟେକ୍ନିସିଆନ ନ ଥିବା ବେଳେ ଆବଶ୍ୟକ ସମସ୍ତ ଔଷଧ ମିଳେ ନାହିଁ। ତେଣୁ ରାଉରକେଲା ଇଏସ୍‌ଆଇ ମଡେଲ ହସ୍ପିଟାଲର ବିଭିନ୍ନ ସମସ୍ୟାର ସମାଧାନ ତୁରନ୍ତ କରିବା ପାଇଁ ଗତ ୨୦୨୪ ସେପ୍ଟେମ୍ବର ୧୪ରେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ୟୁନିୟନ ନେତୃତ୍ୱଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଇଏସ୍‌ଆଇ ପୂର୍ବାଞ୍ଚଳ ମେଡିକାଲ କମିଶନର ଡକ୍ଟର ରଚିତା ବିଶ୍ୱାସ, ଇଏସ୍‌ଆଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଜୟନ୍ତୀ ବେହେରା ଓ ଇଏସ୍‌ଆଇ ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶକ ସୁକାନ୍ତ ଚନ୍ଦ୍ର ଦାସ ପ୍ରମୁଖ ରାଉରକେଲା ମଡେଲ ହସ୍ପିଟାଲରେ ବୀମାଭୁକ୍ତ ଶ୍ରମିକ ଓ ତାଙ୍କର ପରିବାର ବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରି ଡାକ୍ତର ରଚିତା ବିଶ୍ୱାସ ଦ୍ୱାରା ଏକ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ଇଏସ୍‌ଆଇ ମଡେଲ ହସ୍ପିଟାଲରେ ସମସ୍ତ ବିଭାଗରେ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ କରାଯିବା, ରୋଗୀଙ୍କର ଅଧିକ ଓ ଉନ୍ନତ ଚିକିତ୍ସା ପାଇଁ ପୂର୍ବ ଭଳି ରେଫରାଲ ବ୍ୟବସ୍ଥାକୁ ଚାଲୁ ରହିବା, ମେଡିସିନ ସ୍ପେଶାଲିଷ୍ଟ, ଅର୍ଥୋ ସ୍ପେଶାଲିଷ୍ଟ, ଇଏନଟି ସ୍ପେଶାଲିଷ୍ଟ ଓ ଆନେସେସ୍ଥିଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବା ନେଇ ଉକ୍ତ ପ୍ରତିଶ୍ରୁତି ପତ୍ରରେ ଉଲ୍ଲେଖ କରାଯାଇଥିଲା।

କିନ୍ତୁ ଦୁଃଖ ଓ ପରିତାପର ବିଷୟ ଇତି ମଧ୍ୟରେ ପ୍ରାୟ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ମଡେଲ ହସ୍ପିଟାଲରେ ଯଥା ପୂର୍ବ ତଥା ପରମ୍ ଅବସ୍ଥାରେ ରହିଛି। ତେଣୁ ୟୁନିୟନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ଗତ ୨୦୨୫ ଫେବୃଆରୀ ୧୮ ତାରିଖରେ ମେଡିକାଲ କମିଶନର ଡାକ୍ତର ରଚିତା ବିଶ୍ୱାସଙ୍କୁ ଏକ ପତ୍ର ଲେଖି ତାଙ୍କର ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ନିବେଦନ କରିଥିଲେ। ୨୦୨୫ ମାର୍ଚ୍ଚ ୩୧ରେ ମଧ୍ୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତ ପାଇବେ ବୋଲି ଡାକ୍ତର ବିଶ୍ୱାସ ଜଣାଇଥିଲେ। ମାତ୍ର ନୂତନ ଡାକ୍ତର ନିଯୁକ୍ତି ପରିବର୍ତ୍ତେ ରାଉରକେଲା ମଡେଲ ହସ୍ପିଟାଲରୁ ଅର୍ଥୋ ସ୍ପେଶାଲିଷ୍ଟ ଓ ପେଡିଆଟିକ ସ୍ପେଶାଲିଷ୍ଟଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ୩ ଜଣ ଡାକ୍ତର ଚାକିରି ଛାଡି ଦେଇଥିବା ସୂଚନା ମିଳିଛି। ଏହାପରେ ଏହି ସମସ୍ୟା ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଇତି ମଧ୍ୟରେ ମଡେଲ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡାକ୍ତର ମନିଷ ପ୍ରକାଶ ମିଞ୍ଜ ଗତ ମେ ୩୦ରେ ବିକ୍ଷୋଭ ପୂର୍ବରୁ ସମସ୍ୟା ଉପରେ ଆଲୋଚନା ପାଇଁ ୟୁନିୟନକୁ ନିବେଦନ କରିଥିଲେ। ଉକ୍ତ ଆଲୋଚନାରେ ମେଡିକାଲ ସୁପରିଟେଣ୍ଡେଣ୍ଟ ବୀମାଭୁକ୍ତ ଶ୍ରମିକମାନଙ୍କର ସମସ୍ତ ସମସ୍ୟା ସମ୍ପର୍କରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ସହ ୩ ଦିନ ମଧ୍ୟରେ ୟୁନିୟନକୁ ଲିଖିତ ଆକାରରେ ଜଣାଇବା ପାଇଁ କହିଥିଲେ। କିନ୍ତୁ ଅଢେଇ ମାସ ବିତିଯାଇଥିଲେ ମଧ୍ୟ ସୁପରିଟେଣ୍ଡେଣ୍ଟଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଆଜି ୟୁନିୟନ ପକ୍ଷରୁ ହସ୍ପିଟାଲ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଥିଲା। ଏହି ବୀମାଭୁକ୍ତ ଶ୍ରମିକ ଧାରଣା କାର୍ଯ୍ୟକ୍ରମରେ ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀଙ୍କ ସମେତ ସମ୍ପାଦକ ଯଯାତୀ କେଶରୀ ସାହୁ, ଅଜିତ ଏକ୍କା, କ୍ଷୀରୋଦ ବେହେରା, ସନ୍ଦିପ ସ୍ୱାଇଁ, ଶୁଧାଶଂ ଜେନା, ଅନିଲ ସ, ସରୋଜ ବାର୍ଲା, ଭବାନୀ ସାହୁ, ସି. ଦିବାକର ରାଓ ପ୍ରମୁଖ ସାମିଲ ହୋଇଥିଲେ।

ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାରସ୍ୱତ ସମାବେଶ

ରାଉରକେଲା,୧୯।୮ (ସମିସ): ରାଉରକେଲା ମହାବିଦ୍ୟାଳୟ, ରାଉରକେଲା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ମହାନଗର ଅନ୍ତର୍ଗତ ମାଧବନଗର ଶାଖାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ନିରୁପମା ପତି ଯୋଗଦେଇ ଆଲୋଚ୍ୟ ବିଷୟ 'ରାଷ୍ଟ୍ର ନିର୍ମାଣରେ ନାରୀ ମାନଙ୍କ ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ। ନାରୀମାନଙ୍କର ସମାଜ ଗଠନରେ ଭୂମିକା, ରାଜନୀତି, ଶିକ୍ଷା, ସେବା ଓ ଆବଶ୍ୟକ ସ୍ଥଳେ ନେତୃତ୍ୱ ନେଇ ସମାଜକୁ ଦିଗଦର୍ଶନ ଦେଇଥିବା ବିଭିନ୍ନ ନାରୀ ଚରିତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ତ୍ରିଲୋଚନ ସ୍ୱାଇଁ ଅତିଥି ପରିଚୟ ସହ ମଞ୍ଚ ସଂଯୋଜନା ଓ ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶ କାର୍ଯ୍ୟକ୍ରମର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପରିଷଦର ସିଧାରଣ ସମ୍ପାଦିକା ଡ. ସୁଷମା ମୋଦୀ ସଭାପତିତ୍ୱରେ ସଂଗୀତ ଓ କବିତା ପାଠ କାର୍ଯ୍ୟକ୍ରମ କରାଯାଇଥିଲା। କବିତାଗୁଡ଼ିକୁ ବିଭୁ ନାୟକ ଓ ଶ୍ରେୟସୀ ସାହୁ ସଂଯୋଜନା କରିଥିଲେ। ଏଥିରେ ତାରିଣୀ ଚରଣ ସାହୁ, ବିରଞ୍ଚି ବାରିକ,

ସୌମ୍ୟରଞ୍ଜନ କର, ପ୍ରତାପରୁଦ୍ର ତ୍ରିପାଠୀ, ଶ୍ରୀଧର ସୁନା, କୁଞ୍ଜବିହାରୀ ରାଉତ, ସଂଜୀବ କୁମାର ଭୋଇ, ପ୍ରକାଶ ଚନ୍ଦ୍ର ସେଠୀ, ଅଳକା ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ପ୍ରତାପ କୁମାର ପଣ୍ଡା, ସତ୍ୟନାରାୟଣ ଦାଶ, ଶ୍ୱେତ କୁମାର ବେହେରା, ବିନାୟକ କର ପ୍ରମୁଖ କବିତା ଓ ସଂଗୀତ ଗାନ କରିଥିଲେ। ହାରମନିୟମରେ ଦିଲ୍ଲୀପ ପତି ଓ ତାବଲାରେ ବିଶ୍ୱନାଥ ପଟ୍ଟନାୟକ, ବିଶ୍ୱରଂଜନ ବାରିକ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ସଂଯୋଜକ କରୁଣାକର ପାଟ୍ଟଶାଣୀ, ଧରିତ୍ରୀ ପାଇକରାୟ, ରାଜେଶ୍ୱରୀ ମହାପାତ୍ର, ଅନୁପ ଏକ୍କା, ଜ୍ଞାନରଞ୍ଜନ ତ୍ରିପାଠୀ, ବେଣୁଧର ବାରିକ, ଶକୁନ୍ତଳା ବାରିକ, ହଜାରୀ ବେହେରା, ସସ୍ମିତା ବେହେରା, କାଶୀନାଥ ନନ୍ଦୀ, ଜଗନ୍ନାଥ ରାଉତ, ସୋନିଆ ବୁଢ଼, ପ୍ରୀତି ସିଂ, ବର୍ଣ୍ଣାଳୀ ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ. ସୁଶାନ୍ତ କୁମାର କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

କାଠମାଣ୍ଡୁରେ ସେଲ୍‌ର ଗ୍ରାହକ ସମ୍ମିଳନୀ

ରାଉରକେଲା,୧୯।୮ (ସମିସ): ଭାରତ ଏବଂ ଏହାର ସୀମା ବାହାର ଗ୍ରାହକଙ୍କ ସହିତ ସମ୍ପର୍କ ବୃଦ୍ଧି କରିବାର ନିରନ୍ତର ପ୍ରୟାସ ଦିଗରେ ସେଲ୍‌ର ଅନ୍ତର୍ଜାତୀୟ ବାଣିଜ୍ୟ ବିଭାଗ ଅଗଷ୍ଟ ୧୩ ତାରିଖରେ ନେପାଳର କାଠମାଣ୍ଡୁରେ ଏକ ଗ୍ରାହକ ସମ୍ମିଳନୀ ଆୟୋଜନ କରିଥିଲା। ସେଲ୍

ଅର୍ଥ ବିଭାଗର ନିର୍ଦ୍ଦେଶକ ଏବଂ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱରେ ଥିବା ଡକ୍ଟର ଏ.କେ ପଣ୍ଡାଙ୍କ ନେତୃତ୍ୱରେ ସେଲ୍‌ର ବରିଷ୍ଠ ଅଧିକାରୀଙ୍କ ଏକ ଦଳ ନେପାଳ ଇସ୍ପାତ ଶିଳ୍ପର ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଆଲୋଚନା କରିଥିଲେ। ଯାହା ନେପାଳକୁ ସେଲ୍‌ର ଇସ୍ପାତ ରପ୍ତାନି ବୃଦ୍ଧି ପାଇଁ ପଥ ପ୍ରସ୍ତୁତ କରିଥିଲା। ଆର୍‌ଏସ୍‌ପି ପିପିସି ବିଭାଗର ସିଜିଏମ୍ ସୁନିତା ସିଂହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଗ୍ରାହକମାନଙ୍କ ସହିତ ଆଲୋଚନା କରିଥିଲେ।

'ରେଳ ଟ୍ରାଫିକ୍ ପରିଚାଳନାରେ ସୁରକ୍ଷା' କର୍ମଶାଳା

'ଶୂନ୍ୟ କ୍ଷତି ହାସଲ ଲକ୍ଷ୍ୟରେ ସମସ୍ତ କାର୍ଯ୍ୟ କରିବା ଉଚିତ'

ରାଉରକେଲା,୧୯।୮ (ସମିସ)

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସେଫ୍ଟି ଇଞ୍ଜିନିୟରିଂ ବିଭାଗ (ଏସଇଡି) ଏବଂ ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗ (ଟି ଆଣ୍ଡ ଆରଏମ) ଦ୍ୱାରା ସେଲ୍ ସୁରକ୍ଷା ସଂଗଠନ (ଏସଏସଓ) ସହଭାଗିତାରେ ଆୟୋଜିତ 'ରେଳ ଟ୍ରାଫିକ୍ ପରିଚାଳନାରେ ସୁରକ୍ଷା' ଉପରେ ଏକ ଦୁଇଦିନିଆ କର୍ମଶାଳା ମଙ୍ଗଳବାର ଆରଏସପିର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ଆରମ୍ଭ ହୋଇଯାଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ

ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର୍ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏବଂ ଏସ୍‌ଏସ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୁପ କୁମାର ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନୀ ଅଧିବେଶନରେ ଆରଏସ୍‌ପିର ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ସୁରକ୍ଷା ଅଧିକାରୀମାନଙ୍କ ସହିତ ଟାଟା ଷ୍ଟିଲ୍, ଜାମସେଦପୁରର ଅଧିକାରୀ ଏବଂ ସେଲ୍‌ର ଅନ୍ୟ ସହଯୋଗୀ ୟୁନିଟ ଗୁଡିକ ମଧ୍ୟ ଯୋଗ ଦେଇଥିଲେ। ଶ୍ରୀ ବର୍ମା ସମସ୍ତ ସୁରକ୍ଷା ପଦକ୍ଷେପର ମୂଳ ହେଉଛି 'ଶୂନ୍ୟ କ୍ଷତି' ଏବଂ ପ୍ରତ୍ୟେକ କାର୍ଯ୍ୟ ଏହି ଲକ୍ଷ୍ୟ ହାସଲ କରିବାର ମାନସିକତା ସହିତ କରାଯିବା ଉଚିତ ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତା ଇସ୍ପାତ ପରି ମଜବୁତ ହେବା ଉଚିତ। ସେ ଅଂଶଗ୍ରହଣକାରୀମାନଙ୍କୁ ଗଭୀର ଭାବରେ ଚିନ୍ତା କରିବା ସହିତ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁଥିବା ପରିମାପଯୋଗ୍ୟ ଫଳାଫଳ ବାହାର କରିବାକୁ ପରାମର୍ଶ ଦେଇଥିଲେ। ଅନୁପ କୁମାର ବହୁ ତାଲିମ ଏବଂ ପଦକ୍ଷେପ ସତ୍ତ୍ୱେ ଅନେକ ସମୟରେ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି କହିବା ସହିତ ଦୁର୍ଘଟଣା ପରେ କେବଳ ଏହାର ବିଶ୍ଳେଷଣ କରିବା ପରିବର୍ତ୍ତେ ପ୍ରଥମେ ଏହାକୁ କିପରି ରୋକାଯିବ ଓ ଘଟଣାଗୁଡ଼ିକର ପୁନରାବୃତ୍ତି ନହେବ ତାହା ନିଶ୍ଚିତ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେ ଆହୁରି ମଧ୍ୟ ଯେକୌଣସି ସଙ୍କଟ ସମୟରେ ଶୀର୍ଷ ପରିଚାଳନା ସହିତ ଖୋଲାପଣ ଏବଂ ସମୟୋଚିତ ସୂଚନା ବଣ୍ଟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଟି ଆଣ୍ଡ ଆର୍‌ଏମ୍ ବିଭାଗର ସିଜିଏମ୍ କୌଶିକ ସୁନ୍ୟାନି, ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିବା ବେଳେ ଏସଇଡି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ ଏହି ଉଦ୍‌ଘାଟନୀ ସମାରୋହର ପରିଚାଳନା କରିଥିଲେ। କର୍ମଶାଳାର ଶେଷ ଭାଗରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ (ବିଏସ୍‌ପି), ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି), ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ (ବିଏସ୍‌ଏଲ୍), ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ (ଡିଏସ୍‌ପି), ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ (ଆଇଏସ୍‌ପି) ଏବଂ ଟାଟା ଷ୍ଟିଲ୍, ଜାମସେଦପୁରର ପ୍ରତିନିଧିମାନଙ୍କ ଦ୍ୱାରା ବିସ୍ତୃତ ଉପସ୍ଥାପନା ଏବଂ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ କପଲିଂ/ଡିକପଲିଂ ପ୍ରକ୍ରିୟା, ୱାଗନ୍ ଟିପଲିଂ କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା, ଲୋକୋ ମୁଭମେଣ୍ଟ ଅଭ୍ୟାସ ଏବଂ ଦୁର୍ଘଟଣା ନିବାରଣ ପଦକ୍ଷେପ ସମେତ ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରାଯିବା ସହ ଘଟିଥିବା ପ୍ରମୁଖ ଦୁର୍ଘଟଣା ଓ ଏହାର ପରବର୍ତ୍ତୀ ସଂଶୋଧନମୂଳକ ପଦକ୍ଷେପ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଶେଷ ଅଧିବେଶନରେ ଏକ ବିସ୍ତୃତ ଆଲୋଚନା ସହ ବିଚାର ବିମର୍ଶ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ଅନ୍ତର୍ଦୃଷ୍ଟି ଏବଂ ଅଭିଜ୍ଞତା ବାଣ୍ଟିବା ସହିତ ସେଲ୍ ପ୍ଲାଣ୍ଟଗୁଡ଼ିକରେ ରେଳ ଟ୍ରାଫିକ୍ କାର୍ଯ୍ୟରେ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ସାଧାରଣ ରଣନୀତି ବିକଶିତ କରିବା ଏବଂ ଭିତ୍ତିଭୂମି ସ୍ଥାପନ ଦିଗରେ ଦୃଷ୍ଟି ଆକର୍ଷଣ କରିଥିଲେ।

ଓଡ଼ିଆ ଯୁବକଙ୍କ କୃତିତ୍ୱ

କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନତ ଅନୁକଳନା (ଆଲଗୋରିଦମ) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ (LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବାଚପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

ସକାଳ
THE SAKALA

www.sakalaepaper.com

କୃଷି ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ତେଜିଲା ରାଜନୀତି

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅସନ୍ତୋଷ ଜାହିରକଲେ କଳିକେଶ



ବଲାଙ୍ଗିର,୧୯ ।୮ (ସମିସ): କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଘୋଷଣା କରିଥିଲେ। ଗତ ୧୦ବର୍ଷ ହେଲା ଏ ନେଇ ବଲାଙ୍ଗିରରେ ଏହା ସ୍ଥାପନ କରାଯିବାକୁ ଦାବି ହୋଇ ଆସୁଛି; କିନ୍ତୁ ଏ ପର୍ଯ୍ୟନ୍ତ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ବିଭିନ୍ନ ସମୟରେ ବଲାଙ୍ଗିରରେ ଏନେଇ ଜନ ଆନ୍ଦୋଳନ ହୋଇଛି; କିନ୍ତୁ ସରକାର ନୀରବ ରହିଛନ୍ତି। ସେପଟେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଭୁବନେଶ୍ୱର ଲୋକସେବା ଭବନରେ ଏକ ବୈଠକ କରାଯାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷି କୃଷକ ଓ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଟ୍ୱିଟ୍ କରିବା ପରେ ବଲାଙ୍ଗିରରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରତିକ୍ରିୟା ପ୍ରକାଶ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଏକ ଚିଠି ଲେଖିଛନ୍ତି। କଳିକେଶ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବଲାଙ୍ଗିରରେ ଦୀର୍ଘବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହେଉଛି; କିନ୍ତୁ ଏହାକୁ ଅଣଦେଖା କରାଯାଇ କେବିକେ ଅଞ୍ଚଳ ବଦଳରେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ କରାଯାଉଛି। ଏହା ବଲାଙ୍ଗିର ଲୋକଙ୍କ ଭାବନାକୁ ଆଘାତ ଦେଇଛି। ମରୁଡି, ଦାଦନପ୍ରବଣ ତଥା କୃଷିଉପରେ ନିର୍ଭର କରୁଥିବା ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲେ ଗବେଷଣାର ଅନେକ ସମ୍ଭାବନା ରହିଛି। ଏହା ଏହି ଅଞ୍ଚଳରେ ଅନେକ ସମସ୍ୟାର ସମାଧାନ କରିପାରିବ। କୃଷି ଗବେଷଣା ପାଇଁ ଏଠାରେ ଉପଯୁକ୍ତ ଭିତ୍ତିଭୂମି ଥିବା ବେଳେ ରାଜ୍ୟସରକାରଙ୍କ ଆନ୍ତରିକତାର ଅଭାବରୁ ତାହା ହୋଇପାରୁନି। ବଲାଙ୍ଗିରର ଦାବିକୁ ଅଣଦେଖା କରାଯାଇଥିବାରୁ ଏଥିରେ କଳିକେଶ ଗଭୀର ଭାବରେ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ତୁରନ୍ତ ଏନେଇ ପଦକ୍ଷେପ ନେଇ କେନ୍ଦ୍ରସରକାରଙ୍କ ସହ କଥା ହୋଇ ବଲାଙ୍ଗିରରେ ହିଁ କୃଷି ବିଶ୍ୱବିଦ୍ୟାଳୟ କରିବାକୁ ପ୍ରସ୍ତାବ ପଠାଇବାକୁ ଚିଠି ଲେଖିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ମଧ୍ୟ ଏହି ଚିଠିର ନକଲ ପଠାଇଛନ୍ତି।

ପଶ୍ଚିମ ଓଡ଼ିଶାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଗୌରବର ବିଷୟ

ବଲାଙ୍ଗିର,୧୯ ।୮ (ସମିସ): ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। ଏମିତିରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସମ୍ବଲପୁରରେ ପ୍ରତିଷ୍ଠା ହେବାକୁ ଥିବା ବେଳେ ସରକାରଙ୍କ ଏହିଭଳି ନିଷ୍ପତ୍ତିକୁ ନେଇ ଜିଲ୍ଲାରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୂର୍ବରୁ ପାଟଣାଗଡ ବିଧାୟକ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ କୃଷି ବିଶ୍ୱବିଦ୍ୟାଳୟ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଆସୁଥିବା ବେଳେ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ପୂର୍ବରୁ ଏହି ଦାବିକୁ ଦୋହାରାଇ ଆସୁଥିଲେ; କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏଦିଗରେ କୌଣସି ପଦକ୍ଷେପ କିମ୍ବା ଆଲୋଚନା କରାଯାଉ ନ ଥିବା ବେଳେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ରୂପରେଖ ପ୍ରସ୍ତୁତ ହୋଇଛି। ଯାହାକୁ ଏବେ ଜିଲ୍ଲାରେ ବିରୋଧୀ ନେତା ପ୍ରସଙ୍ଗ କରି ସରକାରୀ ଦଳର ବିଧାୟକମାନଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ତେବେ ଏହାକୁ ନେଇ ଜିଲ୍ଲା ବିଜେପି ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ପଶ୍ଚିମ ଓଡିଶାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଗୌରବର ବିଷୟ ଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ତେବେ ଏହା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଆଗକୁ ବଲାଙ୍ଗିରରେ ମଧ୍ୟ କିଭଳି କୃଷି ମହାବିଦ୍ୟାଳୟ ସ୍ଥାପନ କରାଯାଇପାରିବ ସେ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରୟାସ ଚଳାଇଥିବା ବେଳେ ଜିଲ୍ଲା ବିଜେପି ପକ୍ଷରୁ ମଧ୍ୟ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ଏହା ସହ ଜିଲ୍ଲାର ବିକାଶ ପାଇଁ ଯାହାକିଛି ଆବଶ୍ୟକତା ରହିଛି ସେଥିପାଇଁ ଜିଲ୍ଲା ବିଜେପି ପ୍ରୟାସ କରିବ ବୋଲି ଗୋପାଳଜୀ ପାଣିଗ୍ରାହୀ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଦୀନେଶ ଶର୍ମା, ରଞ୍ଜିତା ପାଣିଗ୍ରାହୀ ଓ ଅମରଜୀତ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

ବଲାଙ୍ଗିରର ଦାବି ସମ୍ବଲପୁରକୁ ଟେକିଦେବା ଦୁର୍ଭାଗ୍ୟଜନକ



ବଲାଙ୍ଗିର,୧୯ ।୮ (ସମିସ): ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ସମ୍ବଲପୁରରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେବା ଏକ ଯୋଜନା କରାଯାଉଥିବା ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗିର ପୂର୍ବତନ ବିଧାୟକ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ନିଜସ୍ୱ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ବଲାଙ୍ଗିରର ଦୀର୍ଘ ଦିନର ଦାବିକୁ ବିଜେପି ସରକାର ସମ୍ବଲପୁର ହାତକୁ ଟେକି ଦେଉଥିବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ବିଜେପି ସରକାର ବିରୋଧୀରେ ଥିଲା ବେଳେ ଭିନ୍ନ ଭୂମିକା ଗ୍ରହଣ କରୁଛି। ସରକାରକୁ ଆସିଲେ ଭିନ୍ନ ମୁଖା ପ୍ରଦର୍ଶନ କରୁଛି। ୨୦୧୪ ମସିହାରେ ତତ୍କାଳୀନ ରାଜ୍ୟପାଳ ବିଧାନସଭାକୁ ସମ୍ବୋଧନ କଲାବେଳେ କେବିକେ ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯିବା ନେଇ ଘୋଷଣା କରିଥିଲେ। ଯାହା ତତ୍କାଳୀନ ସରକାରଙ୍କ ପ୍ରସ୍ତାବ ବୋଲି ଗ୍ରହଣ କରାଯାଏ। ସେ ସମୟରେ ତତ୍କାଳୀନ ବିଜେପି ବିଧାୟକମାନେ ଏହାକୁ ବିରୋଧ କରିବା ପରିବର୍ତ୍ତେ ଏହାକୁ ସମର୍ଥନ ଜଣାଇଥିଲେ। ତା ଛଡା ତତ୍କାଳୀନ କୃଷି ମନ୍ତ୍ରୀଙ୍କ ସମ୍ବଲପୁରରେ ହୋଇଥିବା ଏକ ସଭାରେ କୃଷି ବିଶ୍ୱ ବିଦ୍ୟାଳୟ ବଲାଙ୍ଗିରରେ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲି; ଯାହାକୁ କୃଷି ମନ୍ତ୍ରୀ ସ୍ୱୀକାର କରିବା ସହ ପ୍ରସ୍ତାବକୁ ବିଧାନସଭାରେ ଉପସ୍ଥାପନ ପାଇଁ ପରାମର୍ଶ ଦେଇଥିଲେ। ଏହା ପରେ ମୁଁ ବାରମ୍ବାର ବିଧାନସଭାରେ ବଲାଙ୍ଗିରରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ରଖିଥିଲି। ତେବେ ପୂର୍ବରୁ କେବିକେରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେବାକୁ ସମର୍ଥନ ଜଣାଇଥିବା ବିଜେପି ଏହାକୁ ସମ୍ବଲପୁରକୁ ଟାଣି ନେଇ ନିଜର ଦୋମୁହାଁ ଚେହେରା ସର୍ବସମ୍ମୁଖରେ ରଖିଛି। ବଲାଙ୍ଗିରରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଆମର ଦୃଢ ଦାବି ଜାରି ରହିଛି। ବଲାଙ୍ଗିରରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଯଥେଷ୍ଟ ସୁବିଧା ମଧ୍ୟ ରହିଛି। ଯଦି ଏହି ପ୍ରକଳ୍ପକୁ ବଲାଙ୍ଗିରରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଏ ତେବେ ଲୋକେ ଏହାର ଜୋରଦାର ବିରୋଧ କରିବେ ବୋଲି ଶ୍ରୀ ମିଶ୍ର ଚେତାଇ ଦେଇଛନ୍ତି।

ଚାଷ ପାଇଁ ଚିନ୍ତାରେ ଚାଷୀ

ବର୍ଷା ଅଭାବରୁ ଜମି ଫାଟି ଆଁ କଲାଣି

ବଲାଙ୍ଗିର,୧୯ ।୮ (ସମିସ)

● କାମକୁ ଆସୁନି ବିକଳ୍ପ ଜଳସେଚନ ବ୍ୟବସ୍ଥା
● ଜୁନ, ଜୁଲାଇ ଓ ଅଗଷ୍ଟରେ ସ୍ୱାଭାବିକଠାରୁ କମ୍ ବର୍ଷା

ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କୁ ମରୁଡି ଭୟ ଘାରିଲାଣି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷ ଜମିରେ ପାଣି ମାଡିପାରିନାହିଁ। ନଦୀଗୁଡିକ ଶୁଖିବାକୁ ବସିଥିବା ବେଳେ ଆଉ ବର୍ଷାର ମଧ୍ୟ ସମ୍ଭାବନା ନାହିଁ। ଆଷାଢ, ଶ୍ରାବଣରେ ଯେଉଁ ପରିମାଣର ବର୍ଷା ହେବା କଥା ତାହା ହୋଇ ନ ଥିବା ବେଳେ ଆଗକୁ ଚଳିତ ଖରିଫରେ ଭଲ ଧାନ ଚାଷ ହେବା ନେଇ ଏବେ ପ୍ରଶ୍ନ ଉଠିଛି। ଶ୍ରାବଣ ବର୍ଷାରେ ଚାଷୀମାନେ ରୁଆ ବେଉଷଣ କାମ ଆରମ୍ଭ କରିଥିଲେ; କିନ୍ତୁ ଏବେ ବର୍ଷାଭାବ ଯୋଗୁଁ ଜମି ଫାଟି ଆଁ କରିଛି। ଜମିରେ ପଡିଥିବା ପଲହା ତକ ବି ନଷ୍ଟ ହେବାକୁ ବସିଛି। ଆଗକୁ ନୂଆଖାଇ ଥିବା ବେଳେ ଖୁସି ମନାଇବା ବଦଳରେ ଏବେ ଚାଷୀ ମୁଣ୍ଡରେ ହାତ ମାରି ବସିଛି। ତେବେ ଆଗକୁ ବର୍ଷା ନ ହେଲେ ଚଳିତ ବର୍ଷ ପୁଣି ବଲାଙ୍ଗିର ଜିଲ୍ଲା ଏକ ବଡ ଧରଣର ମରୁଡିର ସାମ୍ନା କରିବ ବୋଲି ଆକଳନ କରାଯାଇଛି।

ବଲାଙ୍ଗିର ଜିଲ୍ଲାରେ ଖରିଫ ସମୟରେ ମୁଖ୍ୟତଃ ଧାନଚାଷ କରାଯାଇଥାଏ। ଯଦିଓ ଅଧିକ ପରିମାଣର ଧାନ ଚାଷ କରାଯାଇଥାଏ; କିନ୍ତୁ ତାହା ଜୁଆ ଖେଳ ସହ ସମାନ ହୋଇଥାଏ। କେଉଁବର୍ଷ ଅଧିକ ବର୍ଷା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଥାଏ ତ ପୁଣି କେଉଁ ବର୍ଷ ବର୍ଷାଭାବ ଯୋଗୁଁ ଫସଲ ନଷ୍ଟ ହୋଇ ବଲାଙ୍ଗିର ଜିଲ୍ଲାର ଚାଷୀ ମରୁଡିର ସାମ୍ନା କରିଥାନ୍ତି । ଆବଶ୍ୟକ ପରିମାଣର ଜଳସେଚନ ବ୍ୟବସ୍ଥା ନ ଥିବାରୁ ବିଶେଷ କରି ଖରିଫ ଧାନ ଚାଷ ବର୍ଷା ଉପରେ ହିଁ ଚାଷୀ ନିର୍ଭର କରିଥାଏ। ଗତ ଖରିଫରେ ବଲାଙ୍ଗିର ଜିଲ୍ଲାରେ ଆଶାତୀତ ଧାନ ଅମଳ ହୋଇଥିଲା; କିନ୍ତୁ ଚଳିତ ବର୍ଷ ଚାଷୀ ମରୁଡିର ସାମ୍ନା କରିବାକୁ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଆଶାନୁରୂପ ବର୍ଷାଭାବ ଯୋଗୁଁ ବଲାଙ୍ଗିର ଜିଲ୍ଲାରେ ଜମି ଫାଟି ଆଁ କରିବାକୁ ବସିଲାଣି।

ଜିଲ୍ଲାରେ ଖରିଫ ସମୟରେ ପ୍ରାୟ ୧ ଲକ୍ଷ ୮୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ। ସମୁଦାୟ ୩ ଲକ୍ଷ ୪୫ ହଜାର ୪୭୫ ହେକ୍ଟର ଚାଷ ଉପଯୋଗୀ ଜମି ରହିଛି। ତେବେ ଜଳସେଚନ ଅଭାବ ଯୋଗୁଁ ମାତ୍ର ଲକ୍ଷେ ୮୦ ହେକ୍ଟର ଜମିରେ ଧାନଚାଷ କରାଯାଇଥାଏ। ବିଭାଗୀୟ ତଥ୍ୟ ଅନୁସାରେ ଜିଲ୍ଲାରେ ବୃହତ୍ତ, ମଧ୍ୟମ, କ୍ଷୁଦ୍ର ଜଳସେଚନ, ବୃହତ୍ତ ଓ କ୍ଷୁଦ୍ର ଉଠା ଜଳସେଚନ, ନଦୀ ଉଠା ଜଳସେଚନ, ଡଗୱେଲ୍ ଜରିଆରେ ମାତ୍ର ୧ ଲକ୍ଷ ୨ହଜାର ୧୭୧ ହେକ୍ଟର ଜମିରେ ଜଳସେଚନ କରାଯାଉଥିବା ସୂଚନା ରହିଛି। କିନ୍ତୁ ବାସ୍ତବିକ ଚିତ୍ର ଭିନ୍ନ ରହିଛି। ଅନେକ ଡଗୱେଲ, ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଠିକ୍ ଭାବେ ଚାଷୀଙ୍କ କାମରେ ଆସୁ ନ ଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। କେଉଁଠି ବିଦ୍ୟୁତ୍ ସମସ୍ୟା ରହିଛି ତ କେଉଁଠି ପୁନରୁଦ୍ଧାରର ଆବଶ୍ୟକତା ରହିଛି। ଏହାଫଳରେ ବଲାଙ୍ଗିର ଜିଲ୍ଲାରେ ଖରିଫ ସମୟରେ ଧାନଚାଷର ଭାଗ୍ୟ ବର୍ଷା ହିଁ ନିର୍ଭର କରିଥାଏ। ତେବେ ଚଳିତ ବର୍ଷ ଜିଲ୍ଲାକୁ ବର୍ଷା ଧୋକା ଦେଇଥିବା ବେଳେ ଆଗକୁ ଭଲ ଧାନ ଫସଲ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବଲାଙ୍ଗିର ଜିଲ୍ଲା ପାଇଁ ଜୁନ୍ ମାସରେ ୧୮୩.୨ ମିମି ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ମାତ୍ର ୧୫୭.୩୯ ମିମି ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ଜୁଲାଇ ମାସର ବର୍ଷା ଚାଷ କାମ ପାଇଁ ବେଶଖ ସହାୟକ ହୋଇଥାଏ। ଏହି ମାସରେ ସ୍ୱାଭାବିକ ବର୍ଷା ପରିମାଣ ୩୬୨.୧ ମିମି ହୋଇଥିବା ବେଳେ ୩୧୧.୧୮ ମିମି ବର୍ଷା ରେକର୍ଡ କରାଯାଇଛି। ଅଗଷ୍ଟରେ ସ୍ୱାଭାବିକ ବର୍ଷା ପରିମାଣ ୩୬୨ ମିମି ହୋଇଥିବା ବେଳେ ୨୦ ଦିନରେ ମାତ୍ର ୧୬.୩୭ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ଏହିଠାରୁ ହିଁ ଅନୁମାନ କରାଯାଇପାରେ ଜିଲ୍ଲାରେ ବର୍ଷାର ସ୍ଥିତି ଓ ଆଗାମୀ ଦିନରେ ଧାନଚାଷର ପରିସ୍ଥିତି। ଗୋଟିଏ ପଟେ ବର୍ଷାଭାବ ଯୋଗୁଁ ମି ଫାଟି ଆଁ କରିବାକୁ ବସିଥିବା ବେଳେ ଫସଲ ବଞ୍ଚାଇବା ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ନାହିଁ। ଜିଲ୍ଲା ଦେଇ ଯାଇଥିବା ନଦୀ ପ୍ରାୟତଃ ଶୁଖିବାକୁ ବସିଛି। ଫଳରେ ନଦୀରୁ ହେଉଥିବା ଜଳସେଚନ ବ୍ୟବସ୍ଥାଗୁଡିକ ମଧ୍ୟ ଫେଲ୍ ମାରିଛି। ଏମିତିରେ ଜିଲ୍ଲାରେ ଆଗକୁ ମରୁଡି ପରିସ୍ଥିତିରେ ଦେଖାଦେବାର ଯଥେଷ୍ଟ ସମ୍ଭାବନା ପ୍ରକାଶ ପାଇଛି। ଏହିଭଳି ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ବିକଳ୍ପ ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ଗୋମାଂସ ବିକ୍ରି ସନ୍ଦେହରେ ରାସ୍ତାରୋକ

ବଲାଙ୍ଗିର,୧୯ ।୮ (ସମିସ): ବଲାଙ୍ଗିର ପ୍ୟାଲସ ଲାଇନ୍‌ରେ ଥିବା ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ଏକ ବାଛୁରୀର ମୁଣ୍ଡ, ଗୋଡ ଓ ଚମଡା ପଡିଥିବା ଦେଖିବାକୁ ମିଳିଥିଲା। ଉକ୍ତ ସ୍ଥାନରେ ଥିବା ଏକ ଫାଷ୍ଟଫୁଡ ଦୋକାନକୁ ଲାଗି ଏହା ପଡିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଖବର ପାଇବା ପରେ ଗୋ-ପ୍ରେମୀ ଓ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ। ଏହି ଅଞ୍ଚଳରେ ଗୋ-ମାଂସ ବିକ୍ରି ହେଉଥିବା ସନ୍ଦେହ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ କରିଥିଲେ।

ଗନ୍ଧମାର୍ଦ୍ଦନ ବଞ୍ଚାଅ ଆନ୍ଦୋଳନର ଉତ୍ସବ

ଖପ୍ରାଖୋଲ,୧୯ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଟେଲେନପାଲି ଗ୍ରାମର ହାଟପଦାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ୪୪ତମ ଉତ୍ସବ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଲିଙ୍ଗରାଜ ଆଜାଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟଙ୍କଧର ସାହୁ, କ୍ଷେତ୍ରି ଲୁହାର, ଆବାହକ ଶଶିକାନ୍ତ ଧରୁଆ, ଯୁଗ୍ମ ଆବାହକ ସୁବାଷ ଧରୁଆ, ଶୁଖିରାମ ଷାଣ୍ଡ, କୃଷ୍ଣଧ୍ୱଜ ମାଝୀ, ଟେକେନ୍ଦ୍ର ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷାକୁ ନେଇ ସରକାର ଏକ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ କରନ୍ତୁ; ନ ଚେତ୍ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି ଉତ୍ସବ ସମାରୋହରେ ଗର୍ଜନ କରିଥିଲେ।। ରାଜକୁମାର ସେଠ୍ ମଞ୍ଚ ପରିଚାଳନା କରିଥିବା ବେଳେ ବୃନ୍ଦାବନ ବାରିକ, କ୍ଷମା ନିଧି ଭୋଇ, ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, ରଘୁନାଥ ବରିହା, ପ୍ରମୁଖ ଯୋଗ ଦେଇଥିଲେ।

ନୂଆଁଖାଇ ପାଇଁ ୩ ଦିନ ସରକାରୀ ଛୁଟି ଘୋଷଣା ଦାବି

ବଲାଙ୍ଗିର,୧୯ ।୮ (ସମିସ): ବଲାଙ୍ଗିର ଜିଲ୍ଲାର ସମସ୍ତ ସାମାଜିକ ଅନୁଷ୍ଠାନଗୁଡ଼ିକ ନୂଆଁଖାଇ ଛୁଟି ୩ ଦିନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇକୁ ଆଖି ଆଗରେ ରଖି ୩ ଦିନ ଛୁଟି ପ୍ରଦାନ କରିବା ଲାଗି ଦାବିପତ୍ରରେ ଦର୍ଶା ଯାଇଛି। ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ବା .କିରି କରୁଥିବା ଲୋକ ଗୋଟିଏ ଦିନ ଛୁଟି ଦେଲେ କେହି ଘରକୁ ଆସି ନିଜ ପରିବାର ସହ ନବାନ୍ନ ଖାଇବାରେ ଅନେକ ଅସୁବିଧା ହେଉଛି। ଏହି ୩ ଦିନ ପର୍ଯ୍ୟନ୍ତ ନୂଆଁଖାଇର ପ୍ରଭାବ ଅଞ୍ଚଳରେ ଥାଏ। ସେଥିପାଇଁ ଛାତ୍ରଛାତ୍ରୀ ସ୍କୁଲ କଲେଜ ମଧ୍ୟ ଯାଆନ୍ତି ନାହିଁ। ତେଣୁ ଏହି ୩ ଦିନ ଛୁଟି ଘୋଷଣା କରି ପଶ୍ଚିମ ଓଡିଶାବାସୀଙ୍କୁ ସାଂସ୍କୃତିକ ଓ ଐତିହ୍ୟକୁ ସମ୍ମାନ ଦେଇ ଓଡିଶାର ଅସ୍ମିତାକୁ ବଞ୍ଚାଇବାକୁ ଦାବି କରାଯାଇଛି। ଯଦି ଦାବି ପୂରଣ ନ ହୁଏ ରାସ୍ତାକୁ ଓହ୍ଲାଇବେ ବୋଲି ବିନୋଦ କାଲସାଏ, ଥବିର କର୍ମୀ, ଗୋବିନ୍ଦ ଶତପଥୀ, ବିକାଶ ସା, ପ୍ରଦୀପ ଜୁଏଡ, ରାମ ଶଙ୍କର ଶତପଥୀ, ସତ୍ୟ ହୋତା, ରବୀନ୍ଦ୍ର ପ୍ରଧାନ, କନ୍ଦର୍ପ ରଣା, ସୁରେଶ କମ୍ପ, ଦେବରାଜ ନାଗ, କାହ୍ନା ଶତପଥୀ, ସୁବ୍ରତ ନିଆଲ, ରାଜେଶ ସାହୁ, ରମାକାନ୍ତ ମେଶ୍ରା ପ୍ରମୁଖ ଚେତାବନୀ ଦେଇଛନ୍ତି।

ଷ୍ଟାର୍ଟଅପ୍ ଓ ଇନୋଭେସନ୍ ପ୍ରତିଯୋଗିତା

ଲୋଇସିଂହା,୧୯ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଓ ଇନୋଭେସନ୍ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଜଗମୋହନ ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ପ୍ରୟୋଗାତ୍ମକ ଅନୁଚିନ୍ତା ଏବଂ ସନ୍ଦର୍ଭ ଉପରେ ଟିପ୍ପଣୀ ସହ ମୂଲ୍ୟାଙ୍କନ କରିଥିଲେ। ଏଥିସହ କଲେଜ ଅଧକ୍ଷ ବିଭୁଦେନ୍ଦୁ ମହାନ୍ତି ଏବଂ ଶିକ୍ଷା ବିଭାଗ ଅଧ୍ୟାପିକା ଶାନ୍ତିପ୍ରିୟା ହୋତା ଉପସ୍ଥିତ ଥିଲେ। କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ସଭାରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ଅବିନାଶ ମିଶ୍ର ସ୍ୱାଗତ ଜଣାଇବା ସହ ଅଧ୍ୟାପକ ଅଭିଷେକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଜୋସେଫ୍ ମେହେର୍ ଓ ସଜନ୍ ରଣା ସହଯୋଗ କରିଥିଲେ।

କନ୍ୟା ସନ୍ତାନ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ବଲାଙ୍ଗିର,୧୯ ।୮ (ସମିସ): ସ୍ଥାନୀୟ ସିଭିଲ କୋର୍ଟ ପରିସର ବିକଳ୍ପ ସମାଧାନ କେନ୍ଦ୍ରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ଓ ଦୌରା ଜଜ୍ ଡ଼. ପବିତ୍ର ମୋହନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭିଜିଲାନ୍ସ ଜଜ୍ ମଳୟ ରଞ୍ଜନ ଦାଶ, ପରିବାର ଅଦାଲତ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ଏସ୍‌ପି ଅଭିଲାଷ ଜି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ରାଜେଶ ନାୟର, ଆଇନ୍ ମହାବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସର ଚଣ୍ଡୀ ପ୍ରସାଦ ଖମାରି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ, ସୁଖୀଶ୍ୟାମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଯୁଧିଷ୍ଠିର ମିଶ୍ର ଉଚ୍ଚବିଦ୍ୟାଳୟରେ ଜୟନ୍ତୀ

ସମ୍ବିଧାନରେ ଜନଜାତିଙ୍କ ସୁରକ୍ଷାକୁ ସ୍ଥାନୀତ କରିଥିଲେ ଯୁଧିଷ୍ଠିର ମିଶ୍ର

ବଲାଙ୍ଗିର,୧୯ ।୮ (ସମିସ)

ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୀବନୀକୁ ଦେଖିଲେ ତାଙ୍କର ଅନେକ କାର୍ଯ୍ୟକଳାପ ଆଜି ବି ଅନାଲୋଚିତ ଭାବେ ରହିଛି। ତାଙ୍କର ଚିନ୍ତାଧାରା ଦେଶର ସମ୍ବିଧାନରେ ଲିପିବଦ୍ଧ ଅଛି। ତଥାପି ମଧ୍ୟ ଏପରି କିଛି ଅବଦାନ ଅଛି ଯାହା ଦ୍ୱାରା ସେ କାଳ କାଳ ପାଇଁ ସ୍ମରଣୀୟ ରହିବେ। ତାହା ହେଲା ସମ୍ବିଧାନ ପ୍ରଣେତା ସଭାରେ ଜନଜାତିଙ୍କ ସୁରକ୍ଷାର କଥା। ସ୍ୱର୍ଗତ ମିଶ୍ର ସମ୍ବିଧାନ ପ୍ରଣୟନ ସମୟରେ ଦେଶର ଅଗଣିତ ଜନଜାତିଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଯାହା ପରବର୍ତ୍ତି ସମୟରେ ସମ୍ବିଧାନରେ ସ୍ଥାନୀତ ହୋଇଥିଲା। ଏହା ହେଉଛି ଦେଶର ଅଗଣିତ ଜନଜାତିଙ୍କ ପ୍ରତି ତାଙ୍କର ଗୋଟିଏ ବଡ ଅବଦାନ। ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୧୧୧ତମ ଜୟନ୍ତୀ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି।

ଛତାମଖନା ପଞ୍ଚାୟତସ୍ଥିତ ଯୁଧିଷ୍ଠିର ମିଶ୍ର ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଛତାମଖନା ମାଟି ଅନେକ ମହାପୁରୁଷଙ୍କୁ ଜନ୍ମ ଦେଇଛି। ଆଗାମୀ ଦିନରେ ଆହୁରି ମହାପୁରୁଷ ଯେ ଏ ଅଂଚଳରୁ ଜନ୍ମ ନେଇ ମାଟି ମାତୃକା ସେବାରେ ଆସିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଯୁଧିଷ୍ଠିର ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ୧୦ଲକ୍ଷ ଟଙ୍କା ନିଜ ଅନୁଦାନ ପାଣ୍ଠିରୁ ଅନୁଦାନ ପ୍ରଦାନ କରି ଏକ ବାଳିକା କମନ ରୁମ୍ ସହ ଶୌଚାଳୟ ପାଇଁ ଶୁଭ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେ ବିଧାୟକ ଥିବା ସମୟରେ ଡବ୍ଲୁଓଡିସି ତରଫରୁ ଉଚ୍ଚ ବିଦ୍ୟାଳୟର ଉନ୍ନତି ପାଇଁ ଅଣାଯାଇଥିବା ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଆଜି ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟକୁ ଆସିପାରି ନ ଥିବାରୁ ସେ ଉପରେ ମୁଖ୍ୟ ଅତିଥି ମୁକେଶ ମହାଲିଙ୍ଗ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ତା ସହ ଏ ଅଞ୍ଚଳରେ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ। ମୁଖ୍ୟବକ୍ତା ଭାବେ ଉପସ୍ଥିତ ସଂଜୀବ ପ୍ରଧାନ ଯୁଧିଷ୍ଠିର ମିଶ୍ରଙ୍କ ଜୀବନୀ ଆଲୋଚନା କରି କହିଥିଲେ ଯେ ଯୁଧିଷ୍ଠିର ମିଶ୍ର ରେଭେନ୍ସା ମହାବିଦ୍ୟାଳୟ ପାଠ ପଢୁଥିବା ବେଳେ ୧୯୩୮ ମସିହାରେ ଇଷ୍ଟ ହଷ୍ଟେଲରେ ଇଂରେଜ ପତାକାକୁ ହଟେଇ ଜାତୀୟ ପତାକା ଉତ୍ତୋଳନ କରାଇଥିଲେ। ଏଥିରୁ ତାଙ୍କର ସାହସିକତା, ଜାତୀୟ ବୋଧତା ଓ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଥିବା ତାଙ୍କ ଅନୁରକ୍ତିର ପ୍ରମାଣ ମିଳେ। ଆଇନ ପାଠ ଅଧ୍ୟୟନ ପାଇଁ ବିହାରର ପାଟଣା ଯାଇଥିବା ବେଳେ ସେ ବାମପନ୍ଥୀ ଆନ୍ଦୋଳନରେ ଜଡିତ ହୋଇ ଛାତ୍ର, ଯୁବକ, କୃଷକ, ଶ୍ରମିକ, ଅବହେଳିତଙ୍କ ସ୍ୱାର୍ଥ ଲାଗି ଲଢେଇରେ ସାମିଲ ହୋଇଥିଲେ। ଛାତ୍ର ସମୟରେ ଏଆଇଏସ୍‌ଏଫ୍ ଛାତ୍ର ସଂଗଠନର ରାଜ୍ୟ ସାଧାରଣ ସଂପାଦକ ପଦବୀରେ ରହି ଛାତ୍ରଙ୍କ ସୁରକ୍ଷା ପାଇଁ ଲଢେଇରେ ଅବତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ସମୟରେ ବଲାଙ୍ଗିର ପ୍ରତ୍ୟାବର୍ତ୍ତନ କରି ଆଇନ ବୃତ୍ତିରେ ନିଜକୁ ନିୟୋଜିତ କରି କୃଷକ ଦଳ ଗଠନ କରିବା ସହ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ।

ପରବର୍ତ୍ତୀ ସମୟରେ ଡ. ବି.ଆର. ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ସମ୍ବିଧାନ ପ୍ରଣେତା ସଦସ୍ୟ ଏବଂ ପରବର୍ତ୍ତୀ ସମୟରେ ୧୯୫୦-୫୨ ଦୁଇ ବର୍ଷ ପାଇଁ ସଂସଦର ସଦସ୍ୟ ଥିଲେ। ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର ଜଣେ ଜନନାୟକ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛତିଶଗଡରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ହୋତା ଯୋଗ ଦେଇ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ବର୍ତ୍ତମାନର ସମାଜକୁ ଅବଦାନ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଧନଞ୍ଜୟ ସେଠ, ଦୈତାରି ପୁଝାରୀ, ପବିତ୍ର ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମ ପରି.ଳନା କରିଥିଲେ।

ପିଚୁ ରାସ୍ତା ଏବେ କାଦୁଅ ରାସ୍ତା

ଲୋଇସିଂହା,୧୯ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବୁର୍ଡାରୁ ବାଞ୍ଜିପାଲିକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବା ଅଭିଯୋଗ ହୋଇଛି। କିଛି ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ପିଚୁ ରାସ୍ତା ଏବେ କାଦୁଅ ରାସ୍ତାରେ ପରିଣତ ହୋଇଛି। ଏହାର ପୁନଃ ନିର୍ମାଣ ପାଇଁ ଦାବି ହୋଇଛି। ଗତ କିଛି ବର୍ଷ ପୂର୍ବରୁ ଲୋଇସିଂହା ବ୍ଲକ ବୁର୍ଡାଠାରୁ ବାଞ୍ଜିପାଲି ଦେଇ ସିଆଲବାହାଲିକୁ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା କିଛି ମାସ ମଧ୍ୟରେ ହିଁ ନଷ୍ଟ ହୋଇଯାଇଥିଲା। ପରେ ଏହାର ମରାମତି କରାଯାଇ ନ ଥିବାରୁ ଏବେ ଏହି ରାସ୍ତା କାଦୁଅ ରାସ୍ତାରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ଦୁରାବସ୍ଥା ଯୋଗୁ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

ଖେଳ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା

ସଇଁତଲା,୧୯ ।୮ (ସମିସ): ଖେଳ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା ପଡିଛି। ଛାତ୍ରଛାତ୍ରୀ ଓ ଅଭିଭାବକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ସ୍କୁଲରେ ଏହା ଦେଖିବାକୁ ମିଳିଛି। ସ୍କୁଲ ଖେଳ ଶିକ୍ଷକ ରଞ୍ଜିତ କୁମ୍ଭାରଙ୍କୁ ଡେପୁଟେସନରେ ଲୋଇସିଂହାର ଏକ ସ୍କୁଲକୁ ବଦଳି ହୋଇଛି। ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଖବର ପାଇବା ପରେ ବ୍ଲକ ଶିକ୍ଷା ଧିକାରୀଙ୍କ ନିର୍ଦ୍ଦେଶରେ ସିଆରସିସି ହରେକୃଷ୍ଣ ନାଗ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ଖେଳ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରିବା ନେଇ ସବୁଜ ସଂକେତ ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

ଓଡ଼ିଆ ଯୁବକଙ୍କ କୃତିତ୍ୱ



କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନା (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗିରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

କେସିଙ୍ଗାର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେସିଙ୍ଗା,୧୯ ।୮ (ସମିସ):କେସିଙ୍ଗା ଠାରୁ ଜୁନାଗଡ଼ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରାୟ ୬୦ କିଲୋମିଟର ଏନ୍ ଏଚ ୨୬ ରାସ୍ତା ଚାରିଲେନ ହେବ ବୋଲି ସରକାର ଘୋଷଣା କରିଛନ୍ତି ଓ ବହୁତ ଶୀଘ୍ର କାମ ମଧ୍ୟ ଆରମ୍ଭ ହୋଇ ଯିବ। ଯାହାକୁ ଅଞ୍ଚଳବାସୀ ସ୍ୱାଗତ କରୁଛନ୍ତି କିନ୍ତୁ ସେହି ଚାରି ଲେନ ରାସ୍ତାକୁ ଆଉ ପ୍ରାୟ ୧୪ କିଲୋମିଟର ସମ୍ପ୍ରସାରଣ କରି ଅମାଠ ଛକ ପର୍ଯ୍ୟନ୍ତ ବଢ଼େଇବା ପାଇଁ ସ୍ଥାନୀୟ ସଦର ବିଧାୟକ ସାଗର ଚରଣ ଦାସ ମାନ୍ୟବର କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରିଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।ଅନ୍ୟପଟେ କେସିଙ୍ଗାର ବିଭିନ୍ନ ପ୍ରକାରର ସମସ୍ୟା ଯଥା ଅତ୍ୟାବଶ୍ୟକ ବାଏପାସ ରାସ୍ତା, କୋଣାର୍କ ସୂତାକଳର ପୁନରୁଦ୍ଧାର ସ୍ଥାନୀୟ ତୁର୍ଲାଖମନ ଠାରେ ବ୍ୟାରେଜ ନିର୍ମାଣ ସମେତ ଆହୁରି ଅନେକ କିଛି ଦାବି ନେଇ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ସହଯୋଗରେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ,ସଚେତନ ନାଗରିକ ମଞ୍ଚ ସଭାପତି ଉତ୍ତର ମହଲା,ବଂଶିପାଣି ସାହା,ଧରଣୀଧର ନାଏକ ପ୍ରମୁଖ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଉକ୍ତ ବିଷୟ ଉପରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଘର ସାମ୍ନାରେ ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ

ଲାଞ୍ଜିଗଡ଼,୧୯ ।୮ (ସମିସ):ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି। କୌଣସି ସ୍ଥାନରେ ଲୋକେ ଆଘାତ ନହେବା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଚେତା ପଶିବ ନାହିଁ।

ଲାଞ୍ଜିଗଡ଼ ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ଲାଞ୍ଜିଗଡ଼ରୋଡ଼ ଗାଁରେ ଥିବା ପୂର୍ଣ୍ଣଚନ୍ଦ୍ର ଗଉଡ଼ଙ୍କ ଘର ସାମ୍ନାରେ ବହୁ ବର୍ଷରୁ ପୋତା ହୋଇଥିବା ପୁରୁଣା ଲୁହା ବିଦ୍ୟୁତ୍ ଖୁଣ୍ଟ କଳଙ୍କି ଲାଗି ବିପଜ୍ଜନକ ଅବସ୍ଥାରେ ରହିଛି। ପୂର୍ଣ୍ଣଚନ୍ଦ୍ର ଗଉଡ଼ଙ୍କ ସମେତ ଗାଁ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ପଦକ୍ଷେପ ନନେଇ ଚୁପ ବସି ରହିଛି ବିଶ୍ୱନାଥପୁର ବିଦ୍ୟୁତ ବିଭାଗ। ପରିସ୍ଥିତି ଏପରି ହୋଇଛି ଯେ ଏହା ଭାଙ୍ଗିବା ସହ କାହାର ଘର ଉପରେ କିମ୍ବା ଏହା ଦ୍ୱାରା ଜୀବନ ହାନି ହେବା ଆଶଙ୍କା ଦେଖାଦେଇଛି। ବିପଦ ସଂକୁଳ ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତନ କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରାଗଲେ ମଧ୍ୟ ଏଥି ପ୍ରତି ବିଭାଗୀୟ ପଦାଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ତୁରନ୍ତ ଏହି ବିପଦ ସଂକୁଳ ଲୁହା ଖୁଣ୍ଟକୁ ହଟାଇ ସିମେଣ୍ଟ ପୋଲ ଲଗାଇବା ଆବଶ୍ୟକ ରହିଛି। କେବଳ ଘରୋଇ ସର୍ଭିସ୍ ଲାଇନ୍ ଯୋଗୁଁ ଲୁହାଖୁଣ୍ଟଟି ଝୁଲି ରହିଛି ପବନ ଆସିଲେ ଦୋହଲୁ ଥିବା ଜଣାପଡୁଛି। ଆଗାମୀ ଦିନରେ ବିଦ୍ୟୁତ ବିଭାଗ ଏଠାରେ ନୂଆଁ ଖୁଣ୍ଟ ନଲଗାଇଲେ ଗ୍ରାମବାସୀ ବିଦ୍ୟୁତ୍ ବିଲ୍ ଜମା କରିବେ ନାହିଁ ବୋଲି କହିଛନ୍ତି।

ଗଣେଶ ପୂଜା ପାଇଁ ଶୁଭଖୁଣ୍ଟ ସ୍ଥାପନ

ଲାଞ୍ଜିଗଡ଼,୧୯ ।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଜେଜେ ଗ୍ରୁପ ପକ୍ଷରୁ ଗଣେଶ ପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତବର୍ଷ ୧୩ଫୁଟ ଉଚ୍ଚର ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆକୃତିର ଗଣେଶଙ୍କ ମୂର୍ତ୍ତି ସ୍ଥାପନ ସହ ଆକର୍ଷଣୀୟ ତୋରଣ କରାଯିବାକୁ ପୂଜାକମିଟି ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଶୁଭ ଖୁଣ୍ଟ ସ୍ଥାପନ ହୋଇଛି। ଏଥିରେ କମିଟି ସଭାପତି ଦେବାଶିଷ ନାଗ, କମିଟି ସଦସ୍ୟ ସୌମ୍ୟରଞ୍ଜନ କର, ଆକାଶ ସାହୁ, ପିଣ୍ଟୁ ପ୍ରଧାନୀ,ଧିରଜ ଦାସ,ରାମ ପ୍ରଧାନୀ,ରୁନୁ ପ୍ରଧାନୀ, ନରେନ୍ଦ୍ର ବେହେରା,ରିଙ୍କୁ ପ୍ରଧାନୀ, ମାନସ ଘଡେଇ, ପବିତ୍ର ବେହେରା, ବିଶ୍ୱନାଥ ମହାପାତ୍ର, ସିପୁନ ଚନ୍ଦନ, ସାଇକିରଣ ନାୟକ ବିରେନ ନାୟକ, କ୍ରିଷ୍ଣା ପ୍ରଧାନୀ, ସୁଜିତ ପାତ୍ର,ଅଜିତ ପାତ୍ର,ମାନସ ପାତ୍ର,ଜୟନ୍ତ ଘଡେଇ, ସିପୁନ ଘଡେଇ, ପ୍ରସାଦ ବେହେରା, ପିଣ୍ଟୁ ସୁନା,ବିନୁ ସୁନା,ସଞ୍ଜିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କ୍ୱାର୍ଟଜାଇଟ୍ ଉତ୍ତୋଳନ ଲାଗି ଜନଶୁଣାଣି

ଖଣି ଖନନକୁ ବାଟିଗୁଡା ଗ୍ରାମବାସୀଙ୍କ ତୀବ୍ର ବିରୋଧ

କୋକସରା,୧୯ ।୮ (ସମିସ)

କାଳୀବୀର ମାଟି କନ୍ଧାନ କଳାହାଣ୍ଡିରେ ବାର ପ୍ରକାର ମାଟି ଅଛି। ଏ ମାଟିର ନିଜସ୍ୱ କାହାଣୀ ଅଛି। ରତ୍ନଗର୍ଭା କଳାହାଣ୍ଡି ବିଭିନ୍ନ ଖଣିଜ ପଦାର୍ଥରେ ଭରପୁର। ଏହା ଉପରେ ଏବେ ବିଭିନ୍ନ କମ୍ପାନୀର ଲୋଲୁପ ଦୃଷ୍ଟି ପଡ଼ିଛି। ଖଣିଜ ପଦାର୍ଥ ଉତ୍ତୋଳନ ହେଲେ ଜଙ୍ଗଲ ଧ୍ୱଂସ ହେବ ଏବଂ ଆମର ସର୍ବନାଶ ହେବ। ଡଙ୍ଗର ପର୍ବତ ଆମର ଦେବତା। ଏ ଜଙ୍ଗଲର ଶିର୍ଷରେ ଆମ ଦେବୀ ମା' ରହିଛନ୍ତି। ସୁଖରେ ଦୁଃଖରେ ସେ' ସାହା ହୁଅନ୍ତି। ଆମେ ଏହି ଜଙ୍ଗଲକୁ ବଞ୍ଚାଇବା ପାଇଁ ଅନେକ କଷ୍ଟ କରିଛୁ। ଜୀବନ ଯିବ ପଛେ ଆମେ ଖଣିଜ ପଦାର୍ଥ ଉତ୍ତୋଳନ କରିବାକୁ ଦେବୁ ନାହିଁ। ଆମ ମା' ବସତି କରିଥିବା ସ୍ଥାନକୁ ଧ୍ୱଂସ ହେବା ପାଇଁ କେବେ ମଧ୍ୟ ଦିଆଯିବନାହିଁ ବୋଲି ମଙ୍ଗଳବାର କୋକସରା ବ୍ଲକ୍ ବାଟିଗୁଡା ଠାରେ କ୍ୱାର୍ଟଜାଇଟ ଉତ୍ତୋଳନ ନିମନ୍ତେ ହୋଇଥିବା ଜନ ଶୁଣାଣିରେ ଉପସ୍ଥିତ ଥିବା ଅଧିବାସୀମାନେ ମତ ପ୍ରକାଶ କରିଛନ୍ତି। ଖଣିଖନନକୁ ଶହ ଶହ ସଂଖ୍ୟାରେ ମହିଳା,ପୁରୁଷ ଯୋରଦାର ବିରୋଧ କରି ଅଧାରୁ ସଭା ଭଙ୍ଗ କରି ଚାଲିଯାଇଥିଲେ।ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୋକସରା ବ୍ଲକ୍ ମୋଟେର ପଞ୍ଚାୟତର ବାଟିଗୁଡା ଖେଳ ପଡ଼ିଆଠାରେ କ୍ୱାର୍ଟଜାଇଟ ଉତ୍ତୋଳନ ନିମନ୍ତେ ମଙ୍ଗଳବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବାଟିଗୁଡା ଗାଁ ନିକଟରେ ଥିବା ପାହାଡ଼ରୁ ୭.୬୮ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ଖାତା ନମ୍ବର ୧,୨୭, ୬୮, ୮୯, ୯୧, ୧୦୯, ୧୬୪, ୧୭୪, ୨୨୩, ୨୩୮, ୨୩୯ ରୁ ବାର୍ଷିକ ୪୪,୪୮୭.୮ ମେଟ୍ରିକ୍ ଟନ୍ କ୍ୱାର୍ଟଜାଇଟ ପ୍ରତିବର୍ଷ ଉତ୍ତୋଳନ ମଞ୍ଜୁରୀ ଲାଗି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହିତ ଆଲୋଚନା ହୋଇଥିଲା। ରାଜ୍ୟ ବାହାର ଏକ କମ୍ପାନୀ ଗ୍ରୀନ୍ ସର୍କଲ୍, ଆଇଏନ୍‌ସି ଏହି ଖଣିଜ ପଦାର୍ଥ ଉତ୍ତୋଳନ କରିବା ନେଇ ସୂଚନା ରହିଛି। ଜନଶୁଣାଣିରେ ଧର୍ମଗଡ଼

ଅଧାରୁ ବାତିଲ ହେଲା ସଭା, ଫେରିଗଲେ ଅଧିକାରୀ

ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଏଡିଏମ୍ ବୈତାରୁ ଦିପ, କ୍ଷେତ୍ରିୟ ଅଧିକାରୀ ଏକେ ଭୋଇ, କୋକସରା ତହସିଲଦା କ୍ଷୀରୋଦ ବିହାରୀ ଭାରତ ନାଗ, ଉପଖଣ୍ଡ ପୁଲିସ ଅଧିକାରୀ ଡୋଲାମଣି ଭୋଇ ସମେତ ଅନେକ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ପ୍ରଶାସନ ପକ୍ଷରୁ ଖଣିଜ ପଦାର୍ଥ ଉତ୍ତୋଳନ କଲାପରେ ବିଭିନ୍ନ ପ୍ରକାର ସୁବିଧା ଓ ଅଞ୍ଚଳର ଉନ୍ନତି ଦିଗରେ କାର୍ଯ୍ୟ କରିବା ନେଇ ଲୋକଙ୍କୁ ବୁଝାଇଥିଲେ।ଉକ୍ତ ବିଷୟରେ ମତାମତ ଲୋଡିଥିବା ବେଳେ ଗ୍ରାମବାସୀଙ୍କ ଏହାକୁ ତିବ୍ର ବିରୋଧ କରିଥିଲେ। ଏହି ପାହାଡ଼ ଶିଖରରେ ଆମ୍ଭମାନଙ୍କ ଦେବା ଦେବୀ ପଣ୍ଡରା ପୋଲେନ, ମାଟି ଦେବତା ଓ ବୀର ଠେଙ୍ଗାଙ୍କ ପୀଠ ରହିଛି। ଉକ୍ତ ପାହାଡ଼କୁ ଦିର୍ଘ ବର୍ଷରୁ ଗ୍ରାମବାସୀ ସୁରକ୍ଷା ଦେଇ ଆସୁଛନ୍ତି।

ତେଣୁ ଆମ ମାନଙ୍କ ଦେବୀ ମା' ବସତି କରିଥିବା ପାହାଡ଼କୁ ସରକାର ଖଣିଜ ପଦାର୍ଥ ପାଇଁ କମ୍ପାନୀ ହାତକୁ ଟେକି ଦେଇ ଆମ ଗ୍ରାମବାସୀଙ୍କୁ ବିପଦରେ ଠେଲି ଦେଉଛନ୍ତି। ତେଣୁ ଜଙ୍ଗଲକୁ ଧ୍ୱଂସ ହେବା ପାଇଁ କେବେ ଦେବୁନାହିଁ ବୋଲି ମୋଟେର ସରପଞ୍ଚ ବାସନ୍ତୀ ନାଏକଙ୍କ ସମେତ ସଚେତନ ନାଗରିକ ବେଣୁଧର ଦଳପତି, ପରମେଶ୍ୱର ବାଗ, ମୋହନ ନାଏକ, ଜଗଜୀବନ କୁମାର, ବିରବଲ ଦଳପତି, ପିତାମ୍ବର ଦଳପତି, ଗଜିନ୍ଦ୍ର ପୂଝରୀ, ରଘୁ ସରାପ, ବିଷମ୍ବର ଦଳପତି, ଶକୁନ୍ତଳା ହାତୀ, ବିଳାସିନୀ ଦଳପତି, ମଞ୍ଜୁଲତା ବାଗ, ଅମ୍ବିକା ଦଳପତି ସମେତ ଶତାଧିକ ଗ୍ରାମବାସୀ ନିଜ ପକ୍ଷ ରଖିବା ସହ ତିବ୍ର ବିରୋଧ କରି ଜନଶୁଣାଣି ଅଧାରୁ ଚାଲି ଆସିଥିଲେ। ଯାହା ଫଳରେ ଅଧାରୁ ଜନ ଶୁଣାଣି ସଭା ଅଧାରୁ ବନ୍ଦ ହୋଇଯାଇଥିଲା। ଶାନ୍ତିଶୃଙ୍ଖଳା ଲାଗି କୋକସରା ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତାଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ରହିଥିଲା।

ସ୍ୱାମୀଙ୍କୁ ଛାଡ଼ି ପ୍ରେମିକ ହାତ ଧରିଲେ ମହିଳା

ସ୍ୱାମୀ ଆଗରେ ସ୍ତ୍ରୀକୁ ସିନ୍ଦୂର ପିନ୍ଧାଇଲା ପ୍ରେମିକ

ଲାଞ୍ଜିଗଡ଼,୧୯ ।୮ (ସମିସ): ପ୍ରଥମେ ପ୍ରେମ, ପ୍ରେମ ପରେ ଘରୁ ଲୁଚି ପଳାଇ ବିବାହ। ବିବାହ ପରେ ଦୀର୍ଘ ୧୮ ବର୍ଷର ଘରସଂସାର। ସେଇ ସମୟରେ ଜନ୍ମ ନିଅନ୍ତି ଗୋଟିଏ ପୁଅ, ଦୁଇଟି ଝିଅ। ପୁଅଝିଅ ଧିରେଧିରେ ବଡ଼ ହୁଅନ୍ତି। ପରିବାରର ଆବଶ୍ୟକତା ବଢ଼େ ଆଉ ବିଚରା ସ୍ୱାମୀ ସେଇ ଆବଶ୍ୟକତାର ପରିପୂରଣ ପାଇଁ ଘର ଛାଡ଼ି ଦାଦନ ଖଟିବାକୁ ଯାଏ କେରଳ। ସେଠାରେ ରକ୍ତକୁ ପାଣି କରି ହାଡ଼ଭଙ୍ଗା କାମ କରେ। ପ୍ରତି ମାସରେ ଘରକୁ ଟଙ୍କା ପଠାଏ। ସେଇ ଟଙ୍କାରେ ଘର ଚଳେ, ପିଲାଛୁଆ ପାଠ ପଢ଼ନ୍ତି। ସେଇ ସମୟ ମଧ୍ୟରେ ହିଁ ଘରର ଭଲମନ୍ଦ ଜାଣିବାକୁ ସ୍ତ୍ରୀ ପାଇଁ ମୋବାଇଲଟିଏ କିଣିଦିଏ ସ୍ୱାମୀ। ନିୟମିତ ଫୋନ କରେ ନିଜର ପତ୍ନୀକୁ ଭଲମନ୍ଦ ବୁଝେ। କିନ୍ତୁ କାହିଁକି କେଜାଣି ଏତେପରେ ବି ସ୍ତ୍ରୀ ଜଣକ ସ୍ୱାମୀର ବିଶ୍ୱାସରେ ବିଷଦିଏ। ଲୁଚି ଲୁଚି ପରପୁରୁଷ ସହିତ ଫୋନରେ କଥାହୁଏ, ସମ୍ପର୍କ ଯୋଡ଼େ। ପରପୁରୁଷ ସହିତ ଗଢିଉଠେ ସମ୍ପର୍କ। ଦିନ ଯାଏ, କଥା ଯାଏନାହିଁ। ପରିବାର ପ୍ରତିପୋଷଣ ପାଇଁ ଘର ଛାଡ଼ି ଦାଦନ ଖଟୁଥିବା ସ୍ୱାମୀ ଜଣକ ଘରକୁ ଫେରିଆସେ। ଆଉ ଯାହା ଦେଖେ ବିଶ୍ୱାସ କରିପାରେନି। ଯେଉଁମାନଙ୍କ ପାଇଁ ଘରଦ୍ୱାର, ଗାଁ-

ଭୂଇଁ ଛାଡ଼ି ବାହାରେ ଦାଦନ ସାଜିଛି। ସେଇ ସ୍ତ୍ରୀ ଏବେ ତାକୁ ଧୋକା ଦେଇ ଫୋନରେ ଆଉ ଜଣକ ସହିତ ଭାବ ବଢ଼େଇଛି। ଆଉ ଏସବୁର ଅଡିଓ ରେକର୍ଡିଂ ସବୁ ତା' ହାତରେ ଲାଗିବା ପରେ ସ୍ତ୍ରୀ ଓ ତାର ପ୍ରେମିକଙ୍କ ନାଁରେ ହୋଇଛି ଥାନାର ଦ୍ୱାରସ୍ଥ। ତେବେ ପୁଲିସ ସାମ୍ନାରେ ସ୍ତ୍ରୀ ଜଣକ ନିଜର ସ୍ୱାମୀ ଓ ତିନି ସନ୍ତାନଙ୍କ ସହିତ ସବୁ ସମ୍ପର୍କକୁ ତ୍ୟାଗ କରି ନିଜର ପ୍ରେମିକର ହାତ ଧରି ଚାଲିଯାଇଛି। ପ୍ରେମିକ ବିବାହିତ ଓ ପାଞ୍ଚ ପାଞ୍ଚଟି ସନ୍ତାନର ବାପା ବୋଲି ଜାଣିବା ପରେ ବି ବନ୍ଧୁବାନ୍ଧବ ଆଗରେ ପ୍ରେମିକ ହାତରୁ ସିନ୍ଦୁର ପିନ୍ଧିଛି। ଏହି ଘଟଣାଟି ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଥାନା ବେଡାଗାଁରେ। ଗାଁର ଜନୈକ ବ୍ୟକ୍ତି ଗତ ୧୮ ବର୍ଷ ତଳେ ଖଜୁରଗୁଡ଼ା ଗାଁର ଜଣେ ମହିଳାଙ୍କୁ ଭଲ ପାଇ ବିବାହ କରିଥିଲେ। ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି। କିନ୍ତୁ ଉକ୍ତ ବ୍ୟକ୍ତି କେରଳ ଯିବା ସମୟରେ ସ୍ତ୍ରୀ ଡଙ୍ଗରୀ ଗାଁର ବିବାହିତ ବ୍ୟକ୍ତି ମୂରଲୀ ବାଗ ସହିତ ସଂପର୍କରେ ରହନ୍ତି। ଏ ସମ୍ପର୍କରେ ସ୍ୱାମୀ ଜାଣିବା ପରେ ପ୍ରଥମେ ଥାନାରେ ଅଭିଯୋଗ ପରେ ମାମଲା ଉଠାଇନେବା ସହିତ ସ୍ତ୍ରୀର ପ୍ରେମିକ ମୂରଲୀ ହାତରେ ନିଜ ସ୍ତ୍ରୀକୁ ଟେକିଦେଇଛନ୍ତି। ନିଜର ସ୍ୱାମୀ ଓ ତିନି ସନ୍ତାନକୁ ଛାଡ଼ି ମହିଳା ଜଣକ ଏବେ ମୂରଲୀଙ୍କ ହାତ ଧରିଛନ୍ତି। ପ୍ରେମିକ ମୂରଲୀ ମଧ୍ୟ ଉକ୍ତ ମହିଳାଙ୍କୁ ଦ୍ୱିତୀୟ ସ୍ତ୍ରୀର ମର୍ଯ୍ୟାଦା ଦେବାକୁ ରାଜି ହେବାପରେ ଉଭୟ ମାଳ ବଦଳ କରି ଥାନା ସାମ୍ନାରେ ବିବାହ କରିଛନ୍ତି। ତେବେ ଆପୋଷ ବୁଝାମଣା ଯୋଗୁଁ ପୁଲିସରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

● ବେଆଇନ ସାମଗ୍ରୀ ଉପରେ ଜିଏସ୍‌ଟି ଛାଟ

ଦୁଇ ଲକ୍ଷ ସତୁରି ହଜାର ଜରିମାନା

କର୍ଲାମୁଣ୍ଡା,୧୯ ।୮ (ସମିସ):କର୍ଲାମୁଣ୍ଡା ବ୍ଲକ୍ ରିଷିଡା ପୁଲିସ ବେଆଇନ ଭାବେ ସାମଗ୍ରୀ ଚାଲାଣ ହେଉଥିବା ତଥା ଟିକସ ଫାଙ୍କୁ ଥିବା ଦୁଇଟି ପିକଅପ ଗାଡିକୁ ଜବତ କରି ଜିଏସଟି ଏନଫୋର୍ସ ମେଣ୍ଟ ଟିମ୍‌କୁ ଖବର ଦେଇଥିଲେ।ସୂଚନା ମତେ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଏକ ପାନମସଲା, ସାବୁନ ଆଦି ନେଉଥିବା ଏକ ପିକଅପ୍ ଗାଡି ନଂ ଓଡି ଜିରୋ ୮ଜି-୩୮୭୭ ଓ ଭାଙ୍ଗ ନେଉଥିବା ପିକଅପ୍ ନଂ ଓଡିଜିରୋ୩-ଏଇ ୮୯୯୯କୁ ତନଖି କଲାବେଳେ ଜିଏସଟି ଫାଙ୍କି ଥିବା ଜାଣିବାକୁ ପାଇଥିଲେ। ତାପରେ ସେ ଉକ୍ତ ବିଭାଗକୁ ଖବର ଦେବାପରେ ଜିଏସଟି ଏନଫୋର୍ସମେଣ୍ଟ ଭବାନୀପାଟଣାର ସହକାରୀ କମିଶନର ଦିବ୍ୟଜ୍ୟୋତି ନନ୍ଦ ଓ ସହକାରୀ ବାଣିଜ୍ୟକାର ଅଧିକାରୀ ସୁଧାଂଶୁ ଶେଖର ବେହେରାଙ୍କୁ ନେଇ ଏକ ଟିମ୍ ରିଷିଡା ଫାଣ୍ଡିରେ ସାବୁନ ଉପରେ ଦୁଇ ଲକ୍ଷ ଓ ଭାଙ୍ଗ ଉପରେ ସତୁରି ହଜାର ଟଙ୍କାର ଜିଏସଟି ଆଦାୟ କରିଥିଲେ। ରିଷିଡା ପୁଲିସ କଳା ବେପାରୀଙ୍କ ଉପରେ ତୀକ୍ଷଣ ନଜର ରଖୁଥିବାରୁ କଳା ବେପାରୀ ମହଲରେ କୋକୁଆ ଭୟ ସୃଷ୍ଟି ହେଉଛି।

ଅଧ କିଲୋଗ୍ରାମ ଗଞ୍ଜେଇ ଜବତ,ଅଭିଯୁକ୍ତ ଗିରଫ

ଗୋଲାମୁଣ୍ଡା,୧୯ ।୮ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଅବକାରୀ ବିଭାଗ ପକ୍ଷରୁ ଗୋଲାମୁଣ୍ଡା ଗ୍ରାମର ସୁଶାନ୍ତ ନାଏକ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚାଲାଣ ଅଭିଯୋଗ ରେ ସୁଶାନ୍ତ ନାଏକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଦୀର୍ଘ ଦିନରୁ ଗଞ୍ଜେଇ ବେପାର ଚଳାଇଛି। ମଙ୍ଗଳବାର ଗଞ୍ଜେଇ ଚାଲାଣ କରୁଥିବା ସମୟର ଧର୍ମଗଡ ଅବକାରୀ ଥାନା ଅଧିକାରୀ ପ୍ରତିମା ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅଭିଯୁକ୍ତଙ୍କ ଠାରୁ ଅଧ କେଜି ଗଞ୍ଜେଇ ଜବତ ହୋଇଥିବା ନେଇ ଅବକାରୀ ପୁଲିସ ପକ୍ଷରୁ ସୂଚନା ମିଳିଛି।

ସିଙ୍ଗଝର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ସିନାପାଲି,୧୯ ।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିଙ୍ଗଝର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସିଙ୍ଗଝର ଗୋନ୍ତିଆ ଧରଣୀଧର ମାଝିଙ୍କ ଉପସ୍ଥିତିରେ ଏଥିପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ପୂର୍ବତନ ସରପଞ୍ଚ ଗୌରୀ ଶଙ୍କର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଭାବେ ଯୀଶୁରାମ ବୈଠାରୁ, ଉପ ସଭାପତି ଭାବେ ସୁରେଶ ମାଝି, ଦିଲୀପ ନିଆଲ, ସମ୍ପାଦକ ଭାବେ ନରେନ୍ଦ୍ର ନାଏକ, ସହ ସମ୍ପାଦକ ଭାବେ ମହେନ୍ଦ୍ର ଅଗ୍ରୱାଲ, ଦେବେନ୍ଦ୍ର କଶ୍ୟପ, କୋଷାଧ୍ୟକ୍ଷ ଭାବେ ରମେଶ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସରୋଜ ବୈଠାରୁ, ଶୁଭ୍ରାଂଶୁ ନାଏକ, ଗୁପ୍ତେ ସିଂ ମାଝି ପ୍ରମୁଖ ରହିଛନ୍ତି।

ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ସଚେତନତା

କେସିଙ୍ଗା,୧୯ ।୮ (ସମିସ): ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ କନ୍ତେଶିର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟ ଉପରେ

ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅଧକ୍ଷା ତାଲୁକ ଆଇନ ସେବା ସମିତି କେସିଙ୍ଗା ତଥା ବିଚାରପତି ଦୀପ୍ତା ସେଠୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉପରୋକ୍ତ ବିଷୟ ଉପରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର,ପଞ୍ଚାୟତ ସରପଞ୍ଚ ମମତା ରାଣି ନାଗ ,କେସିଙ୍ଗା ଆଦର୍ଶ ଥାନା ଉପଆରକ୍ଷୀ ଅଧିକାରୀ ରାସ ବିହାରୀ ସାହାଙ୍କ ସମେତ ପଞ୍ଚାୟତ କର୍ମଚାରୀ ଏବଂ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ।

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

ଭବାନୀପାଟଣା,୧୯ ।୮ (ସମିସ):ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧକ୍ଷତାରେ 'ବ୍ୟାକରଣ ଶାସ୍ତ୍ରସ୍ୟ ମହତ୍ତ୍ୱମ୍' ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ସ୍ୱାଗତ ଅଭିଭାଷଣ ଦେଇ ବ୍ୟାକରଣ ଶାସ୍ତ୍ରର ଉପଯୋଗିତା ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଏହି ଅଭିଭାଷଣରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରଫେସର ଡକ୍ଟର ମନୋରଞ୍ଜନ ଶତପଥି ବକ୍ତାରୂପେ ଉପସ୍ଥିତ ହୋଇ ବ୍ୟାକରଣ ଶାସ୍ତ୍ରର ମହତ୍ତ୍ୱ ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ବ୍ୟାକରଣ ହିଁ ଭାଷାକୁ ଶୃଙ୍ଖଳିତ କରେ, ଯାହାଦ୍ୱାରା ଭାଷା ସୁଦୃଢ଼ ଓ ବଳିଷ୍ଠ ହୋଇଥାଏ ବୋଲି ବକ୍ତାମାନେ କହିଥିଲେ। ଉକ୍ତ ଅଭିଭାଷଣରେ ସଂସ୍କୃତ ବିଭାଗ ମୁଖ୍ୟ ମେଜର ଡକ୍ଟର ଜୟଦେବ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡକ୍ଟର ନିରଞ୍ଜନ ଶବର, ମନୋଜ ସାହୁ, ରାଜରାଜେଶ୍ୱରୀ ପଣ୍ଡା ପ୍ରଭୃତି ଉପସ୍ଥିତ ଥିଲେ। ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଆବର୍ତ୍ତ ହରିଜନ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅତିଥି ଅଧ୍ୟାପକ ଡକ୍ଟର ଠାକୁର ରଣା ମଞ୍ଚ ପରିଚାଳନା ଓ ଅତିଥି ଅଧ୍ୟାପକ ପ୍ରହ୍ଲାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ। ସଂସ୍କୃତ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ହୋଇ ଉକ୍ତ ଅଭିଭାଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ନୂଆଁଖାଇ ଅବ୍ୟବହିତ ପୂର୍ବରୁ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ସିନାପାଲି,୧୯ ।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିର ସାମୂହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ନୂଆଁଖାଇ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମହିଳାଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟା ଆଶା ଜୈନ, ଶିକ୍ଷାବିତ ତୁଳସୀରାମ ମେହେର, ପୂର୍ବ ଜିଲ୍ଲା ପରିଷଦ ପ୍ରିୟରଂଜନ ମେହେର, ତ୍ରିନାଥ ମେହେର, ସୁଶାନ୍ତ କୁମାର, ସୁରଜ ମେହେର, ପ୍ରଭାତ ମେହେର ମଞ୍ଚାସୀନ ଥିଲେ। ବେଣୁଧର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ରଶ୍ମିରଂଜନ ସା ପ୍ରତିଯୋଗିତାର ନିୟମାବଳୀ ଉପସ୍ଥାପନ କରିଥିଲେ। ଏଥିରେ ବିଚାରକ ଭାବେ ସନ୍ତୋଷ ନାୟକ, ନିକୁଞ୍ଜ ବିହାରୀ ସା, ଦୀପକ ସା, ବଂଶୀଧର ଜଗତ, ଦିନେଶ ମେହେର, ବିଦ୍ୟାଧର ସା, ଯତୀନ୍ଦ୍ର ମେହେର, ହରେଶ ମେହେର, ଗୌତମ ମେହେର, ସୁନିଲ ମେହେର, ଗଣେଶ ମେହେର, ବିଶ୍ୱାସ ଯୋଷୀ, ସୁନୀଲ ମେହେର ଉପସ୍ଥିତ ଥିଲେ। ବେଲୁନ କପ୍ ପ୍ରତିଯୋଗିତାରେ ନମିତା ମେହେର, ଉର୍ବଶୀ ମେହେର,

ସ୍ନିଗ୍ଧା ମେହେର, ସାଲାଡ ପ୍ଲେଟରେ କୁମୁଦିନି ମେହେର, ସ୍ନିଗ୍ଧା ମେହେର, ନନ୍ଦିନୀ ମେହେର, ଅନ୍ତାକ୍ଷରୀରେ ପୁଷ୍ପାଞ୍ଜଳି ମେହେର, ତୃପ୍ତିମୟୀ ମେହେର, ନମିତା ମେହେର, ମମତା ମେହେର, ରଞ୍ଜିତା ମେହେର, ହଂସିକା ବେମାଲ, ପିଙ୍କି ମେହେର, ଗୁଣ୍ଡିଚା ମେହେର, ଡୋଲେଶ୍ୱରୀ ମେହେର ଓ ମାଠିଆ ଫଟାରେ ରଶ୍ମିତା ମେହେର, ଚିନ୍ମୟୀ ମେହେର, ଗୀତାଞ୍ଜଳି ମେହେର, ଗୁଣ୍ଡିଚା ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କ ଧାରଣା

ନୂଆପଡା, ୧୯ ।୮ (ସମିସ): ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଲେବେଲ -୨ରୁ ଲେବେଲ ୧ -କୁ ପଦୋନ୍ନତିରେ ବିଭାଗୀୟ ଚରମ ଅବହେଳା ପରିଲକ୍ଷିତ ହୋଇଛି। ଏଭଳି ଅଭିଯୋଗ କରି ସଂଘ ତରଫରୁ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଚିଠି ନମ୍ବର ୩୫୦୦୨ରେ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୧।୧୨।୨୪ରେ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ୨୦୨୫ ମସିହା ଜାନୁଆରୀ ମାସ ଶେଷ ସୁଦ୍ଧା ଡିପିସି ବୈଠକ ସମ୍ପୂର୍ଣ୍ଣ କରାଯାଇ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଲେବେଲ ୨ରୁ ଲେବେଲ ୧କୁ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୨୯।୭।୨୦୨୫ରେ ଡିପିସି ବୈଠକ ବସି ସାରିଛି। ବିଭିନ୍ନ ଆଳ ଦେଖାଇ କିନ୍ତୁ ଫଳାଫଳ ପ୍ରକାଶ କରାଯାଉନି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ଜିଲ୍ଲାପାଳଙ୍କୁ ବାରମ୍ବାର ଗୁହାରି କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁପାରୁନି ବୋଲି ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହା ଦ୍ୱାରା ନୂଆପଡା ଜିଲ୍ଲାର ସମସ୍ତ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଅତ୍ୟନ୍ତ ମାନସିକ, ଶାରୀରିକ ଓ ଆର୍ଥିକ ଦୃଷ୍ଟି କୋଣରୁ ଭାଙ୍ଗି ପଡିଛନ୍ତି। ଏହାକୁ ନେଇ ସେମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। କୌଣସି ସୁଫଳ ନ ମିଳିବାରେ ମଙ୍ଗଳବାରଠାରୁ ଧାରଣରେ ବସିଛନ୍ତି।

ଯୁବ ରେଡ଼କ୍ରସ ଜିଲ୍ଲାସ୍ତରୀୟ ବାର୍ଷିକ କାର୍ଯ୍ୟକାରୀ ସମିତି ବୈଠକ

ନୂଆପଡା, ୧୯ ।୮ (ସମିସ): ନୂଆପଡା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାର୍ଷିକ ଯୁବ ରେଡ଼କ୍ରସ କାର୍ଯ୍ୟକାରୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ହିତେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଏସ୍.କେ. ନସିମ, ଖଡ଼ିଆଲ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ ସାହୁ, ପ୍ରଫେସର ବିଧାନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ-ସଂପାଦକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସଂଯୋଜକ ଅଶ୍ୱିନୀ ଓତା ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହେଉଥିବା ରେଡ଼କ୍ରସ ପାଉଣାର ସଦୁପଯୋଗ ସଂପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ବୈକୁଣ୍ଠ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପକ ଗୋପୀ ଗୋପାଳ ସୁନା, କ୍ରୀଡା ଶିକ୍ଷକ ପ୍ରକାଶ ସାହୁ, ଲାବଣ୍ୟ ଖର୍ସେଲ, ବିକାଶ ରାଉତ, କ୍ରିଷ୍ଣା ଜାଲ, ଗୌତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA
ବୁଧବାର
୨୦ ଅଗଷ୍ଟ, ୨୦୨୫

କାଦୁଅ ପଚପଚ ରାସ୍ତା, ଦୁର୍ଦ୍ଦଶା ଭୋଗୁଛନ୍ତି ଭେଜିପୁଟ ଗ୍ରାମବାସୀ

ମେସିନ୍ କରୁଛି ରାସ୍ତା କାମ, ଗ୍ରାମବାସୀ ହନ୍ତସନ୍ତ

ପୋଡ଼ାଗଡ଼,୧୯।୮ (ସମିସ):

କାଦୁଅ ପଚପଚ ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଦଶମନ୍ତପୁର ବ୍ଲକ୍ ନନ୍ଦିଗାଁ ପଞ୍ଚାୟତ ଭେଜିପୁଟ ଗ୍ରାମବାସୀ। କାଦୁଅ ରାସ୍ତାରେ ପ୍ରତିଦିନ ଯାତାୟତ କରୁଛନ୍ତି ଗ୍ରାମବାସୀ। ବର୍ଷାଦିନେ ରାସ୍ତା ଅଧିକ ଖରାପ ହୋଇ ପଡୁଥିବାରୁ ଗ୍ରାମବାସୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ମୁରୁମ ରାସ୍ତାରେ ମେସିନରେ ପାହାଡ଼ ମାଟି ଖୋଳି ମରାମତି ନାଁରେ ରାସ୍ତା ଉପରେ ପକାଉଛନ୍ତି ଠିକାଦାର। ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ। ଗ୍ରାମବାସୀ କହିଛନ୍ତି ଏଭଳି ସମସ୍ୟା ଏବେ ଦେହସୁଆ ହୋଇଗଲାଣି। ରାସ୍ତା ଅତ୍ୟନ୍ତ ଶୋଚନୀୟ ଥିବାରୁ ବିଗତ ଦିନରେ ଗୁରୁତର ରୋଗୀଙ୍କୁ ଭାରରେ ବୋହି ମୁଖ୍ୟ ରାସ୍ତାକୁ ଅଣା ଯାଇଥିଲା। ପୁଣି ଏହି ରାସ୍ତାରେ ମୃତଦେହ ସହ ଶବ ବାହକ ଗାଡ଼ି କାଦୁଅରେ ଫସିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ନିର୍ବାଚନ ସମୟ ଆସିଲେ ନେତା ମନ୍ତ୍ରୀ ଗାଁକୁ ଆସି ବିକାଶ ପାଇଁ ବହୁ ପ୍ରତିଶୃତି ଦେଉଛନ୍ତି । ନିର୍ବାଚନ ପରେ ସବୁ ପ୍ରତିଶୃତି ପାଣିର ଗାର ପାଲଟି ଯାଉଛି। କାଦୁଅ ରାସ୍ତାକୁ ମରାମତି କରିବାକୁ ଗ୍ରାମବାସୀ ବାରମ୍ବାର ଦାବି କରିବା ପରେ ଦୀର୍ଘବର୍ଷ ପରେ ବ୍ଲକ୍ ପକ୍ଷରୁ ମନେରେଗା ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । କିନ୍ତୁ ଠିକାଦାର ନିକଟ ପାହାଡ଼ରୁ ମେସିନରେ ମାଟି ଖୋଳି ରାସ୍ତାକୁ କାଦୁଅରେ ପରିପୂର୍ଣ୍ଣ କରି ଦୁର୍ଦ୍ଦଶା ଦୁଇଗୁଣ କରି ଦେଇଛନ୍ତି। ଏବେ ରାସ୍ତାରେ ଗାଡ଼ି ଚଲାଇବା ତ ଦୂରର କଥା ଚାଲିବା ମଧ୍ୟ ମୁସ୍କିଲ ହୋଇପଡିଛି। ରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଗାଁର କୁନି କୁନି ଛାତ୍ରଛାତ୍ରୀ ସ୍କୁଲ୍ ଯାଇପାରୁ ନାହାନ୍ତି। ଏପରିକି ଗୁରୁତର ରୋଗୀଙ୍କୁ ମେଡିକାଲ ନେବା କଷ୍ଟକର ହୋଇ ପଡୁଥିବା ଗ୍ରାମର ତ୍ରିଲୋଚନ ଖୋସଲା, ଆଦମ ଖୋସଲା, ଇସାକ୍ ଖୋସଲା ପ୍ରମୁଖ ପ୍ରକାଶ କରିଛନ୍ତି। ଜୀବନ ଜୀବିକା ହେଉ କି କିଛି ଜରୁରୀ ପଡ଼ିଲେ ପଞ୍ଚାୟତ ସଦରମହକୁମା ସହ ବ୍ଲକ୍ ସଦରମହକୁମା ଯିବାକୁ ଅସୁବିଧା ହେଉଛି। ପିଡିଏସ ସାମଗ୍ରୀ ହେଉ ଅବା ଜରୁରୀକାଳୀନ କିଛି କାମ, ଗ୍ରାମବାସୀ ଗାଁରୁ ବାହାରି ଯିବାକୁ କଷ୍ଟସାଧ ହୋଇପଡ଼ିଛି। ବିଶେଷକରି ଏବେ ଲାଗି ରହିଥିବା ବର୍ଷା ଯୋଗୁଁ ରାସ୍ତା ଆହୁରି କାଦୁଅ ହେବା ସହ ପାଣି ଭର୍ତ୍ତି ହୋଇଯାଇଛି। ବ୍ଲକ୍ ପ୍ରଶାସନ ତୁରନ୍ତ ରାସ୍ତା ମରାମତି କାମ କରିବା ସହ ସ୍ଥାୟୀ ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଫୋନ ରିସିଭ୍ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

● ରାସ୍ତା ଖରାପ, ଯାଇ ପାରିଲାନି ଗାଡ଼ି

ଭାରରେ ଦୁଇ କିଲୋମିଟର ବୁହାହେଲେ ରୋଗୀ

କୋରାପୁଟ,୧୯।୮ (ସମିସ): ଗାଁକୁ ପକ୍କା ରାସ୍ତା ନାହିଁ। ଲଗାଣ ବର୍ଷାରେ ମାଟି ରାସ୍ତା ନଷ୍ଟ ହୋଇଯାଇଛି। ଫଳରେ ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଜଣେ ରୋଗୀଙ୍କୁ ଦୁଇ କିମି ଦୂର ଭାରରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବା ପରେ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଛି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ଅନ୍ତର୍ଗତ ବାରକାମୁଡ଼ି ଗ୍ରାମରେ। ସୂଚନା ଅନୁସାରେ ଗ୍ରାମର ଲବି ସାଉନ୍ତା (୪୫) କୌଣସି ରୋଗରେ ଆକ୍ରାନ୍ତ ହୋଇ ଦୁଇ ବର୍ଷ ହେଲା ଯନ୍ତ୍ରଣା ଭୋଗୁଛନ୍ତି। ଅର୍ଥ ଅଭାବରୁ ଡାକ୍ତରଖାନା ଯାଇପାରୁ ନଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଥିଲା। ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଦିପକ କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ବାରକାଉଡି ଗାଁକୁ ଯିବା ଲାଗି ବାହାରି ଥିଲେ। ହେଲେ ଗାଁ କୁ ଯିବା ଲାଗି ପକ୍କା ରାସ୍ତା ନଥିବାରୁ ନେର୍କାଗୁଡା ଗାଁ ଛକରେ ଗାଡି ରଖି, ବାରକାଉଡ଼ି ଗ୍ରାମରେ ସ୍ୱାସ୍ଥ୍ୟ ଟିମ୍ ଯାଇଥିଲେ। ସମ୍ପୃକ୍ତ ରୋଗୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇ, ଡାକ୍ତରଖାନା ଯିବାକୁ କହିଥିଲେ। ପରେ ସମ୍ପର୍କୀୟ ମାନେ, ଲବି ସାଉନ୍ତାକୁ ଭାର କରି ଦୁଇ କିମି ଦୂର ନେର୍କାଗୁଡା ଗାଁ ଛକ ପର୍ଯ୍ୟନ୍ତ ନେଇଥିଲେ। ସେହି ଠାରୁ ଭ୍ରାମ୍ୟମାଣ ଚିକିତ୍ସା ସେବା ଗାଡ଼ିରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ୍ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ।

ଗଣେଶ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି

ଉମରକୋଟ,୧୯।୮ (ସମିସ):

ପ୍ରତିବର୍ଷ ପରି ଚଳିତ ବର୍ଷ ଧରାପୃଷ୍ଠରେ ପ୍ରଭୁ ଶ୍ରୀଗଣେଶ ଅବତରଣ କରିବା ପୂର୍ବରୁ ଗଣେଶ ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ମୂର୍ତ୍ତି କାରିଗର। କାରିଗରମାନେ ଶ୍ରୀଗଣେଷଙ୍କ ମୂର୍ତ୍ତି ତିଆରିରେ ନିମଗ୍ନ ହୋଇଥିବା ବେଳେ ସମଗ୍ର ଉମରକୋଟ ସହର ହେବ ଚଳଚଞ୍ଚଳ ଆଲୋକର ରଙ୍ଗୀନ ମାଳାରେ ସାଜସଜ୍ଜା ହେବ ବିଭିନ୍ନ ଅନୁଷ୍ଠାନ। ଏଥର ନୂଆ ନୂଆ ଡିଜାଇନର ମୂର୍ତ୍ତି ତିଆରି ହୋଇଥିବା ଦେଖିବାକୁ ମିଳିଛି। ଉମରକୋଟ ସହରର ବିଭିନ୍ନ ସ୍ଥାନରେ ଚାଲିଛି ବିଘ୍ନବିନାଶକଙ୍କ ମୂର୍ତ୍ତି ଗଢା। ସହରର ପ୍ରତ୍ୟେକ ସ୍ଥାନରେ ମୂର୍ତ୍ତି ତିଆରି କାର୍ଯ୍ୟ ସାରିବା ପାଇଁ କାରିଗର ମାନେ ଦିନରାତି ଏକ କରିଦେଇଛନ୍ତି। ବିଭିନ୍ନ ପୂଜା କମିଟି କିଏ ଜିଲ୍ଲାରୁ ତୋ କିଏ ଜିଲ୍ଲା ବାହାରୁ କାରିଗର ଆଣି ବିଭିନ୍ନ ଡିଜାଇନର ମୂର୍ତ୍ତି ଗଢୁଛନ୍ତି। ଏକ ଫୁଟ ମୂର୍ତ୍ତି ଠାରୁ ଆରମ୍ଭ କରି ୧୨/୧୪ଫୁଟ ଉଚ୍ଚତା ପର୍ଯ୍ୟନ୍ତ ମୂର୍ତ୍ତି ତିଆରି କରାଯାଉଛି। ପ୍ରତି ସାହିରେ ଯୁବ ଗୋଷ୍ଠୀଙ୍କ ଦ୍ୱାରା ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରଖି ବହୁ ଧୁମଧାମରେ ପୂଜାର୍ଚ୍ଚନା କରିବା ସହ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏହି ପରିପ୍ରେକ୍ଷୀରେ ଉମରକୋଟ ସହରର ବିଭିନ୍ନ ଅନୁଷ୍ଠାନ ତରଫରୁ ଗଣେଷ ପୂଜା ଆୟୋଜନ ହେଉଛି। ଗଣେଶ ମୂର୍ତ୍ତୀର ଉଚ୍ଚତା କମ ରହିଥିଲେ ମଧ୍ୟ ଗଣେଶ ମୂର୍ତ୍ତି ବହୁତ ଆକର୍ଷଣୀୟ ହୋଇଥାଏ। ସହରର ବିଭିନ୍ନ ଶିକ୍ଷା ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକରେ ରେ ମଧ୍ୟ ଗଣେଶ ପୂଜା ବଡ଼ ଉତ୍ସାହର ସହ ପାଳନ କରିବା ପାଇଁ ଜୋରସୋରରେ ଲାଗିଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ମଧ୍ୟ ଆଗକୁ ପାର୍ବଣ ଆସୁଥିବାରୁ ସଜାଗ ହୋଇଛି।

ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପୋଡ଼ାଗଡ଼,୧୯।୮ (ସମିସ): ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିରିଲିଗୁମା ପଞ୍ଚାୟତର ଗଉଡ଼ଗୁଡା ଗ୍ରାମ ନିକଟ ପଟାଝଡ଼ି ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଦଶମନ୍ତପୁର ପୋଲିସ। ସୂଚନା ନେବାରୁ ଜଣାପଡ଼ିଛି କି ଗୀରିଲିଗୁମା ପଞ୍ଚାୟତର ଗଉଡ଼ଗୁଡା ଗ୍ରାମର ପକ୍ଷୀର ଖସଲା (୩୭) ଗତ ରାତିରେ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ଆଜି ତାଙ୍କର ମୃତଦେହ ନାଳରୁ ଉଦ୍ଧାର ହୋଇଛି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ଜାରି ରଖି ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଶିକ୍ଷା ଅବ୍ୟବସ୍ଥାରେ ସମ୍ବରଲେଣ୍ଡି, ଢେପାଗୁଡ଼ା କ୍ଲଷ୍ଟର

ଗୁଡାରି,୧୯।୮ (ସମିସ): ଗୁଡାରୀ ବ୍ଲକ୍‌ରେ ଶିକ୍ଷା ଅବ୍ୟବସ୍ଥାରେ ସମ୍ବରଲେଣ୍ଡି ଏବଂ ଢେପାଗୁଡା କ୍ଲଷ୍ଟରର ଅନେକ ସ୍କୁଲ ରହିଛି। ଢେପାଗୁଡା କ୍ଲଷ୍ଟରରେ ସମୁଦାୟ ୧୧ ସ୍କୁଲ ଥିବା ବେଳେ ସମ୍ବରଲେଣ୍ଡି କ୍ଲଷ୍ଟରରେ ୧୩ଟି ସ୍କୁଲ ରହିଛି। କେତେକ ବିଦ୍ୟାଳୟରେ ଅଧିକ ପିଲା ପଢୁ ଥିବାବେଳେ ଶିକ୍ଷକ କମ୍ ଅଛନ୍ତି। ଅନ୍ୟ କେତେକ ବିଦ୍ୟାଳୟରେ ଶିକ୍ଷକ ଅଧିକା ଥିବାବେଳେ ପିଲା କମ୍ ଅଛନ୍ତି। ଏଭଳି ଶିକ୍ଷା ଚାଲିଛି ଗୁଡାରି ଢେପାଗୁଡା କ୍ଲଷ୍ଟରର ଢେପାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୧୦୩ ଜଣ ପିଲାଙ୍କୁ ମାତ୍ର ୪ ଜଣ ଶିକ୍ଷକ, ଡି. ପେଣ୍ଡିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫ ଜଣ ପିଲାଙ୍କୁ ମାତ୍ର ୨ ଜଣ ଶିକ୍ଷକ, ମୁତୁଲିପାଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ଜଣ ପିଲାଙ୍କୁ ୪ ଜଣ ଶିକ୍ଷକ, ଲଦ୍ରି ପ୍ରାଥମିକ ବିଦ୍ୟାଳୟରେ ୫ ଜଣ ପିଲାଙ୍କୁ ୨ ଶିକ୍ଷକ, ଥୁରୁଡି ପ୍ରାଥମିକ ବିଦ୍ୟାଳୟରେ ୫ ଜଣ ପିଲାରେ ୨ ଜଣ ଶିକ୍ଷକ, ସେହିପରି ଏସ. ପେଣ୍ଡିଲି ସେବାଶ୍ରମରେ ୧୫୩ ଜଣ ଅଧ୍ୟୟନ କରୁଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ସେହିଭଳି ସମ୍ବରଲେଣ୍ଡି କ୍ଲଷ୍ଟରର ଡାହାଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୪ ପିଲାକୁ ୪ ଜଣ ଶିକ୍ଷକ, ବିରିପାଙ୍ଗା ପ୍ରାଥମିକ ବିଦ୍ୟାଳୟରେ ୮ ଜଣ ପିଲାଙ୍କୁ ୨ ଜଣ ଶିକ୍ଷକ, ରେଙ୍ଗାମାଙ୍କୁ ପ୍ରାଥମିକ ବିଦ୍ୟାଳୟରେ ୧୧ ଜଣ ପିଲାଙ୍କୁ ୨ ଜଣ ଶିକ୍ଷକ, କାଜୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୨ ଜଣ ପିଲାଙ୍କୁ ୫ ଜଣ ଶିକ୍ଷକ, କର୍ଲାଘାଟି ଆଶ୍ରମ ବିଦ୍ୟାଳୟରେ ୨୯୫ ପିଲାଙ୍କୁ ମାତ୍ର ୩ ଜଣ ଶିକ୍ଷକ, ନାଉଲି ପ୍ରାଥମିକ ବିଦ୍ୟାଳୟରେ ୧୩ ପିଲାଙ୍କୁ ୨ ଜଣ ଶିକ୍ଷକ, ହାଲମ ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୬ ଜଣ ପିଲାଙ୍କୁ ୨ ଜଣ ଶିକ୍ଷକ, ଝିମାରାଓ ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ପିଲାଙ୍କୁ ୧ ଜଣ ଶିକ୍ଷକ, ଡକରପଡା ପ୍ରାଥମିକ ବିଦ୍ୟାଳୟରେ ୧୮ ଜଣ ପିଲାଙ୍କୁ ୩ ଜଣ ଶିକ୍ଷକ, ସେହିପରି ଜମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ ଜଣ ପିଲାଙ୍କୁ ୨ ଜଣ ଶିକ୍ଷକ ଅଛନ୍ତି । ଏଭଳି ବିଚିତ୍ର ଶିକ୍ଷା ବ୍ୟବସ୍ଥା ଭିତରେ ଚାଲିଛି ଗୁଡାରି ଶିକ୍ଷା ବିଭାଗ। ଢେପାଗୁଡା ଗ୍ରାମରେ ପୂର୍ବରୁ ପ୍ରଥମେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଚାଲିଥିଲା। ୨୦୧୯-୨୦ ମସିହାରେ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉନ୍ନତି ହୋଇ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଅଛି । କିନ୍ତୁ ସରକାରୀ କ୍ଷେତ୍ରରେ ପ୍ରାଥମିକ ବିଦ୍ୟାଳୟ ବଦଳରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହେବାକଥା । କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରାଥମିକ ବିଦ୍ୟାଳୟ ନାମରେ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୦୩ପିଲା ଅଧ୍ୟୟନ କରୁଛନ୍ତି। କିନ୍ତୁ ଶିକ୍ଷକ ମାତ୍ର ୪ ଜଣ। ତେଣୁ ଏହି ବିଦ୍ୟାଳୟକୁ ଅଧିକ ଶିକ୍ଷକ ଆବଶ୍ୟକ ରହିଛି। ଶୀଘ୍ର ଏହି ବିଦ୍ୟାଳୟକୁ ଶିକ୍ଷକ ଦେବା ନିମନ୍ତେ, ସତ୍ୟନାରାୟଣ ଦୋରା, ସୋମନାଥ ପରଜା, ଭଗବାନ ଗୌଡ଼ ଏବଂ ଅଭିଭାବକମାନେ ଦାବି କରିଛନ୍ତି।

ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ରାୟଗଡ଼ା,୧୯।୮ (ସମିସ): ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ହେଲେ ତ୍ରିନାଥ ମିଶ୍ର (୫୬)। ରାୟଗଡା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେ କାଗଜ କଳ ସମ୍ମୁଖରେ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଖବର ପାଇ ଚାନ୍ଦିଲି ପୁଲିସ ତ୍ରିନାଥଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ଲଗାଣ ବର୍ଷାରେ ଭୁଶୁଡ଼ିଲା ଛପର

ସେମିଳିଗୁଡ଼ା,୧୯।୮ (ସମିସ): କୋରାପୁଟ ଜିଲ୍ଲାର ଗତ ତିନି ଦିନରୁ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ରାସ୍ତାରେ ବର୍ଷା ପାଣି । ଲୋକଙ୍କ ଅବସ୍ଥା ଶୋଚନୀୟ

ଦମ୍ପତି ଆହତ

ରହିଛି। ଲଗାଣ ବର୍ଷା ପବନରେ ଉଡ଼ିଲା ଛପର ଘର। ସ୍ୱାମୀ ସ୍ତ୍ରୀ ୨ ଜଣ ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଦୁଧାରୀ ଗ୍ରାମର ସ୍ୱାମୀ ପୁରୀ ମଣ୍ଡଳ ନାୟକ ଏବଂ ତାଙ୍କ ସ୍ତ୍ରୀ ଡାଲୁ ମଣ୍ଡଳ ନାୟକ ସାମାନ୍ୟ ଆହତ ହୋଇଛନ୍ତି। ତାଙ୍କ ଘରର ଜିନିଷ ସବୁ ନଷ୍ଟ ହୋଇଯାଇଛି। ଯଥା ଘରର କାଗଜପତ୍ର, ଆଧାର କାର୍ଡ, ରାସନ୍ କାର୍ଡ, ଭୋଟ ପରିଚୟପତ୍ର ସହ ନଗଦ ୩୦ ହାଜର ଟଙ୍କା, ୧୫ ବସ୍ତା ଧାନ, ମାଣ୍ଡିଆ ଆଦି ଅନେକ ଜିନିଷ ନଷ୍ଟ ହୋଇଯାଇଛି। ଦୁଇ ଜଣ ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ କୁନ୍ଦୁରି ଚିକିତ୍ସାଳୟକୁ ପଠାଯାଇଛି। ଏହା ପରେ କୋରାପୁଟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

କାନ୍ଥପଡ଼ି ଆହତ ଘଟଣାର ତଦନ୍ତ

ପାପଡାହାଣ୍ଡି, ୧୯।୮ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସଦର ଲହରା ସାହିରେ ସୋମବାର ସନ୍ଧ୍ୟାରେ କାନ୍ଥ ପଡି ଲହରା ସାହିର କୁସୁମ ବିନ୍ଧାଣି ଆହତ ହେବା ଖବର ପ୍ରକାଶ ପାଇବା ପରେ ବିଡ଼ିଓ କପିଳଦେବ ସାହୁଙ୍କ ନିର୍ଦ୍ଦେଶରେ ତଦନ୍ତ ହୋଇଛି। ଏମଆଇ ଶଶୀକାନ୍ତ ଦାସ ଓ ପିଇଓ ମଙ୍ଗରୁ ଭତରା ଓ ଗୁପ୍ତ ପ୍ରସାଦ ପଟନାୟକ ବୃଦ୍ଧାଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି। ଚାଉଳ ପାଇଁ ବୃଦ୍ଧାଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି। ବ୍ୟାଙ୍କ ପାସବୁକ ଖୋଲିବା ପରେ ତୁରନ୍ତ ପେନସନ ପ୍ରଦାନ କରାଯିବ। ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ଶୀଘ୍ର ଆବାସ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଲଗାଣ ବର୍ଷା ଯୋଗୁଁ ସେ ଘରେ ରହିଥିବା ସମୟରେ ଘରର କାନ୍ଥ ପଡି ଯାଇ ତାଙ୍କ ଗୋଡ଼ ଓ ଛାତିରେ ମାଡ଼ ହୋଇଛି । ବର୍ତ୍ତମାନ ସେ ବାସନ୍ତି ବିନ୍ଧାଣିଙ୍କ ଘରେ ଆଶ୍ରୟ ନେଇଥିଲେ । ତାଙ୍କର ମାନସିକ ଅବସ୍ଥା ଠିକ ନ ଥିବା ବେଳେ ପତ୍ର ବିକି ସେ ନିଜ ପେଟ ପୋଷୁଛନ୍ତି। ସରକାରଙ୍କ ତରଫରୁ କୌଣସି ସହାୟତା ମିଳୁନଥିବା ଖବର ପ୍ରକାଶ ପାଇବା ପରେ ବିଡ଼ିଓ ତୁରନ୍ତ ପଦକ୍ଷେପ ନେଇଥିଲେ। ତାଙ୍କର ପରିବାର ବୋଲି କେହି ନାହାନ୍ତି । ଦଦରା ଘର ଉପରେ ପଲିଥିନ ଘଡ଼ାଇ ସେ ଏକାକୀ ରହୁଥିଲେ । ସାହି ବାସିନ୍ଦା ଓ କୁସମ ଗଣ ମାଧ୍ୟମ ଓ ବିଡ଼ିଓଙ୍କୁ ଧନ୍ୟବାଦ ଜଣାଇଛନ୍ତି

ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତ କରି ସ୍ୱାବଲମ୍ବୀ ମହିଳା ଗ୍ରୁପ୍

ପୋଡ଼ାଗଡ଼,୧୯।୮ (ସମିସ): ଦଶମନ୍ତପୁର ବ୍ଲକ ସଦରମହକୁମା ପଞ୍ଚାୟତ ବଜାର ଗୃହରେ ମାଣ୍ଡିଆ ଖାଦ୍ୟକୁ ଉଦଘାଟନ କରିଛନ୍ତି ବିଡ଼ିଓ ମିଳନ କୁମାର ଝାଙ୍କର। ପ୍ରକାଶ ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ଦଶମନ୍ତପୁର ଠାରେ ପ୍ରଥମ କରି ମିଲେଟ୍ ମିଶନ ଆରମ୍ଭ କରିଥିବା ବେଳେ ଏଠାରେ ରସ୍ କେକ୍, ଲଡୁ, ମୁର୍କି, ଲିମିକି, କାଙ୍ଗୁ ଲଡୁ, ମିକ୍ସଚର, ବିସ୍କୁଟ ଆଦି ନିଜେ ପ୍ରସ୍ତୁତ କରି ବଜାର ରେ ସୁଲଭ ମୂଲ୍ୟରେ ବିକ୍ରୟ କରି ରୋଜଗାରକ୍ଷମ ହେବାକୁ ପ୍ରକାଶ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ମହିଳା ଅଣ୍ଟା ଭିଡିଛନ୍ତି। ଦୀର୍ଘ ବର୍ଷର ସଂଘର୍ଷ ପରେ ପ୍ରଶିକ୍ଷଣ ନେଇ ଆଜି ସଫଳତା ହାସଲ କରିଥିବା ମହିଳା ଗୋଷ୍ଠୀ ଖୁସି ଅନୁଭବ କରିଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ବଜାରରେ ବିକ୍ରି କରିବା ସହ ସହରରେ ମଧ୍ୟ ଏହାର ଚାହିଦା ବୃଦ୍ଧି କରିବାର ଲକ୍ଷ୍ୟ ରଖିଥିବା କୁହାଯାଇଛି। ଧାନ ଫାଉଣ୍ଡେସନ, କୃଷି ବିଭାଗ ଓ ମିଶନ ଶକ୍ତିର ସହଯୋଗରେ ଏହା ସମ୍ଭବ ହୋଇପାରିଥିବା ଜଣାପଡ଼ିଛି।

■ ଚାଷ ଆରମ୍ଭରୁ ସାର ଅଭାବ

ଆନ୍ଧ୍ରବେପାରୀଙ୍କ ଚକ୍ରବ୍ୟୂହରେ ଓଡ଼ିଶା ଚାଷୀ

ନାରାୟଣପାଟଣା, ୧୯।୮ (ସମିସ): ବ୍ଲକରେ ପ୍ରାୟ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ଏବେ ଏକ ମାସରୁ ଅଧିକ ହେବ ଚାଷ କାମ ସରିଥିବା ବେଳେ ଜମିରେ ଖାଲି ସାର ପକାଇବା ବାକି ରହିଛି। ଏହାର ଫାଇଦା ନେଇ ଚାଷୀଙ୍କୁ ଖାଲି ଲୁଟି ଚାଲିଛନ୍ତି ଆନ୍ଧ୍ର ସାର ବେପାରୀ। ସରକାରୀ ଦାମରୁ ଅଧିକ ଟଙ୍କା ନେଉଥିବା ଅଭିଯୋଗ। ସୂଚନା ମୁତାବକ ୨୮୦ ଟଙ୍କାର ୟୁରିଆ ସାର ପ୍ୟାକେଟ ୫୫୦ ରୁ ୭୦୦ ଟଙ୍କାରେ ବିକୁଛନ୍ତି ସାର ବେପାରୀ। ଏଥିରେ ଚାଷୀ ହଇରାଣ ହେଉଥିବା ବେଳେ ମାଲେମାଲ୍ ହେଉଛନ୍ତି ସାର ବେପାରୀ। ଏମିତି କିଛି ଦେଖିବାକୁ ମିଳିଛ କୋରାପୁଟ ଜିଲ୍ଲା ନାରାୟଣାପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ହଜାର ହଜାର ଚାଷୀଙ୍କ କ୍ଷେତ୍ରରେ। ଆନ୍ଧ୍ରପ୍ରଦେଶର କିଛି ବ୍ୟବସାୟୀ ବେପାରୀ କରିବା ଉଦେଶ୍ୟରେ ନାରାୟଣାପାଟଣାରେ ଟ୍ରକ ଟ୍ରକ ସାର ଆନ୍ଧ୍ର ପ୍ରଦେଶରୁ ଶସ୍ତାରେ ୟୁରିଆ ସାର ଆଣି ଲୁଚାଇ ରଖିଥିବା ବେଳେ ଚାଷୀଙ୍କୁ ଚଢ଼ା ଦରରେ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି। ଏହି ସାର ବେପାରୀ ବିନା ଲାଇସେନ୍ସରେ ଆନ୍ଧ୍ରରୁ ଟ୍ରକ୍ ଟ୍ରକ୍ ସାର ଆଣି ଖୁଲମଖୁଲା ଭାବେ ସାର କଳାବଜାରୀ ଚଳାଇଥିବା ବେଳେ ଚଢ଼ାଦରରେ ସାର ବିକ୍ରୀ କରୁଥିବା ଅଭିଯୋଗ କରିଛନ୍ତି କିଛି ଚାଷୀ। ନାରାୟଣାପାଟଣାରେ ଲ୍ୟାମ୍ପସ ଥିବା ସତ୍ତ୍ୱେ ଚାଷ ଆରମ୍ଭରୁ ସାର ଅଭାବ ଯୋଗୁ ଚାଷୀ ଚିନ୍ତାରେ। ବ୍ଲକରେ ଦେଖାଦେଇଛି ସାରର ଅଭାବ। କିଛି ଚାଷୀ ଅଭିଯୋଗ ଆଣିଛନ୍ତି ଯେ ଲ୍ୟାମ୍ପସ କୁ ଆସୁଥିବା ସାର ଚାଷୀଙ୍କୁ କମ୍ ଦିଆଯାଉଛି। ସାର ମିଳୁନଥିବା ଯୋଗୁଁ ଲକ୍ଷ୍ମୀପୁର, ଆନ୍ଧ୍ରରୁ ବାଧ ହୋଇ ଆଣିବାକୁ ପଡୁଛି। ବିଲରେ ତଳି ଲଗା କାମ ସରିଥିବା ବେଳେ ସାର ମିଳୁନଥିବା ଅଭିଯୋଗ କରୁଛନ୍ତି ଚାଷୀ। କଳା ବଜାରରେ ୟୁରିଆ ସାରର ଦାମ ଆକାଶ ଛୁଆଁ ବୋଲି ଚାଷୀ କିଣିବାକୁ ସକ୍ଷମ ନାହାନ୍ତି। ସରକାର ଚାଷୀଙ୍କୁ ତୁରନ୍ତ ସାର ଉପଲବ୍ଧ କରିବାକୁ ଚାଷୀ ମାନେ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଧାନ ଫସଲରେ ଡିଏପି ଏବଂ ୟୁରିଆ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ଆନ୍ଧ୍ର ସାର ବେପାରୀ ଏହାର ଫାଇଦା ଉଠାଇ ଚଢ଼ା ଦରରେ ବିକ୍ରି କରି କଳାବଜାରୀ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଅନେକ ଅଞ୍ଚଳରେ ଧାନ ରୋଇବା କାମ ଆରମ୍ଭ ହୋଇସାରିଲାଣି। ତେବେ ସଠିକ୍ ସମୟରେ ସାର ନ ମିଳିବାରୁ ଚାଷୀକୁଳ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ସ୍ୱୀକୃତି ପ୍ରାପ୍ତ ସାର ବେପାରୀଙ୍କ କହିବା ଅନୁଯାଇ ସରକାର ୟୁରିଆ ସହ ନାନୋ ୟୁରିଆ ଯୋଡିକି ନେବାପାଇଁ ବାଧ କରୁଥିବା ବେଳେ ଚାଷୀ ନାନୋର ବେବହାର ଜାଣିନଥିବାରୁ ନେବାକୁ ଇଚ୍ଛା କରୁ ନାହାନ୍ତି।

ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

କୋରାପୁଟ,୧୯।୮ (ସମିସ): ସ୍ଥାନୀୟ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ କୋରାପୁଟ ବ୍ଲକର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ତନିବେଶୀ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୭୦ରୁ ଅଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆଲିମକୋ ଦ୍ୱାରା ପ୍ରେରିତ ସ୍ୱତନ୍ତ୍ର ଚିକିତ୍ସା ଦଳ ପିଲାଙ୍କ ବିଭିନ୍ନ ପରୀକ୍ଷା କରି ଆବଶ୍ୟକ ସହାୟକ ଉପକରଣ ନିର୍ଦ୍ଧାରଣ କରିଥିଲେ। ୨୦୨୪-୨୫ ଶିକ୍ଷାବର୍ଷରେ ଯେଉଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ଦେବାକୁ ଚୟନ କରାଯାଇଥିଲା, ସେମାନଙ୍କୁ ବିଭିନ୍ନ ପ୍ରକାରର ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। କୋରାପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଜଗନ୍ନାଥ ଭତ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ପଞ୍ଚାୟତ ସମିତି ଅଧକ୍ଷା ନମିତା ମାଝୀ ଯୋଗ ଦେଇଥିବା ବେଳେ ସାଂସଦ ପ୍ରତିନିଧି ବାବୁଲା ବେନ୍ୟା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଏବିଇଓ ସଂଯୁକ୍ତା କହଁର, ସିଆରସିସି ହର ମିଶ୍ର, ତ୍ରିଲୋକେଶ ପଣ୍ଡା, ସୁବୋଧ ମାଝୀ, ଜ୍ୟୋତି ପାଢ଼ୀ, ବାସୁଦେବ ଦାସ, ଜୟନ୍ତ ସାହୁ, କମୁଲୁ ହେନ୍ତାଳ, ରମା ମହାନ୍ତି, ଦେବ କିରଣ ପଟ୍ଟନାୟକ, ମନୋଜ ଦାସ ,ସୁଜିତ୍ ପଲେଇ ଓ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ବିଆରପି ଦାୟିତ୍ୱରେ ଥିବା ପ୍ରଦୀପ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଶିକୁଳିରେ ବନ୍ଧା ଜୀବନ

୧୦ ବର୍ଷ ହେଲା ଅଭିଶପ୍ତ ଜୀବନ ବଞ୍ଚୁଛନ୍ତି ଡୁଲ୍ଲେ



ମୁନିଗୁଡା,୧୯।୮ (ସମିସ): ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିବିଧ ଯୋଜନା କରାଯାଉଛି। ହେଲେ ଏହି ସୁବିଧା ଆଜି ବି ଅନେକ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅମ୍ବାଦଳା ରେଲୱେ ପଡ଼ାରେ। ଉକ୍ତ ଗ୍ରାମର ସ୍ୱର୍ଗତ ବାସୁଦେବ ସାହୁଙ୍କ ପୁଅ ଡୁଲ୍ଲେ ଜଣେ ମାନସିକ ବିକାରଗ୍ରସ୍ତ ରୋଗୀ। ଡୁଲ୍ଲେ ଅବିବାହିତ ଥିବା ବେଳେ ଅନ୍ୟ ତିନି ଭାଇ ଦିନ ମଜୁରିଆ କାମ କରୁଥିବା ବେଳେ ତାଙ୍କର ଦେଖାଶୁଣା କରିବା ପାଇଁ କେହି ନାହାନ୍ତି। ପରିବାରର ଅଭାବ ଅନଟନ ଯୋଗୁଁ ତାଙ୍କର ଚିକିତ୍ସା ହୋଇ ପାରୁନାହିଁ। ଫଳରେ ଦୀର୍ଘ ୧୦ ବର୍ଷ ହେଲା ଶିକୁଳିରେ ବନ୍ଧା ଜୀବନ ଜିଇଁବାକୁ ପଡୁଛି। ଅର୍ଥାଭାବ ସହ ସରକାରଙ୍କ ସ୍ୱାସ୍ଥ୍ୟସେବା ଅପହଞ୍ଚ ପାଇଁ ତାଙ୍କ ଚିକିତ୍ସା ହୋଇ ପାରୁନାହିଁ ବୋଲି ଗ୍ରାମବାସ ଅଭିଯୋଗ କରୁଛନ୍ତି। ଡୁଲ୍ଲେ ୧୦ ବର୍ଷ ଧରି ମାଟି ପିଣ୍ଡାରେ ଶିକୁଳିରେ ବନ୍ଧାହୋଇ ଏକ ଅଭିଶପ୍ତ ଜୀବନ କାଟୁଥିବା ପରିଲକ୍ଷିତ ହୋଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାନସିକ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଛି। ହେଲେ ଦୁଃଖ ଓ ପରିତାପର ବିଷୟ ଏଭଳି ମାନସିକ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ୧୦ ବର୍ଷ ପୂର୍ବରୁ ସାମାନ୍ୟ ଅସୁସ୍ଥ ଥିଲେ। ସମ୍ପ୍ରତି ମାନସିକ ବିକାର

ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି

ଗ୍ରସ୍ତ ହୋଇ ଏଣେତେଣେ ବୁଲୁଥିବା ବେଳେ ସେ ଲୋକଙ୍କୁ କାମୁଡିବା ବା କୁଆଡେ ପଳାଇବା ସମ୍ଭାବନାକୁ ଆଖି ଆଗରେ ରଖି ପରିବାର ଲୋକେ ତାଙ୍କ ବାମ ଗୋଡ଼ରେ ଲୁହାର ଶିକୁଳି ପକାଇ ଏକ ଖୁଣ୍ଟରେ ବାନ୍ଧି ରଖିଛନ୍ତି। ବେଳେ ବେଳେ ଶିକୁଳି ଖୋଲି ଏଣେ ତେଣେ ଘୂରି ବୁଲୁଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦା ମଧ୍ୟ ଭୟରେ ରହୁଛନ୍ତି। ମାନସିକ ରୋଗୀଙ୍କ ପରିବାର ସରକାରୀ ସୁବିଧା ବିଷୟରେ ଅଜ୍ଞ ରହିଛନ୍ତି। ଏ ସମ୍ପର୍କରେ ରାୟଗଡ଼ା ସିଡିଏମ୍‌ଓଙ୍କୁ ପଚାରିବାରୁ ତାଙ୍କ ବିଭାଗରେ ସେମିତି କିଛି ବ୍ୟବସ୍ଥା ନାହିଁ ବୋଲି କହିଛନ୍ତି। ଡୁଲ୍ଲେଙ୍କୁ ଜିଲ୍ଲା ପ୍ରଶାସନ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଅବିଳମ୍ବେ ତାଙ୍କୁ ଶିକୁଳିରୁ ଖୋଲିବାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀଙ୍କ ସମେତ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

ମେଡିକାଲ ଯିବା ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା

କଲ୍ୟାଣସିଂହପୁର,୧୯।୮ (ସମିସ): କଲ୍ୟାଣସିଂହପୁର ମୁଖ୍ୟ ରାସ୍ତା ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ମୁଖ୍ୟ ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଗତ ୨୦୧୮ ମସିହାରେ ସମବାୟ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସିସି ରାସ୍ତା ନିର୍ମାଣ ହୋଇଥିଲା।

ପରେ ୨୧ ମସିହାରେ ଆଇଟିଡିଏ ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ଓ ବ୍ଲକ ମନରେଗା ପକ୍ଷରୁ ପାଞ୍ଚ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ସେତେବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ରାସ୍ତାରେ ପଡ଼ିଥିବା ବେରିଙ୍ଗ କଟର ଲୁହାଛଡ଼ ବାହାରି ଯାଇଥିବା ଓ ଖାଲଖମା ହୋଇ ଯାଇଥିବାରୁ ଲୋକେ ଉକ୍ତ ରାସ୍ତାରେ ଯାତାୟତ କରିବା ବିପଦ ମଣୁଛନ୍ତି। ରୋଗୀକୁ ଉକ୍ତ ରାସ୍ତାଦେଇ ଯିବା ବେଳେ ଅନେକ ଦୁର୍ଘଟଣା ଘଟିଥିବା ନଜର ରହିଥିବା ଅଭିଯୋଗ ହୋଇଛି। ନିକଟରେ ଲ୍ୟାମ୍ପସ ରହିଥିବାରୁ ବ୍ଲକର ବିଭିନ୍ନ ଗ୍ରାମରୁ ଚାଷୀମାନେ ଆସି ମଣ୍ଡି ପଞ୍ଜିକରଣ କରିବା ଓ ସାର ନେବାବେଳେ ଚାଷୀଙ୍କ ଗହଳି ହେଉଥିବାରୁ ଉକ୍ତ ଖାଲି ସ୍ଥାନରେ ପାଣି ଜମୁଥିବାରୁ ଲୋକେ ଜାଣି ନପାରି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ମରାମତି କରିବା ପାଇଁ ଦାବି ହେଉଛି।

ଶ୍ରେଣୀଗୃହ ଅଛି, ଶିକ୍ଷକ ନାହାନ୍ତି

ଅନ୍ୟ ବିଦ୍ୟାଳୟରେ ପାଠପଢୁଛନ୍ତି ୮ ଶ୍ରେଣୀର ୨୪୦ ଛାତ୍ରଛାତ୍ରୀ

କଲ୍ୟାଣସିଂହପୁର,୧୯।୮ (ସମିସ): ସରକାର ବଦଳିଲା। କିନ୍ତୁ ନିୟମଗିରି ଡଙ୍ଗରିଆ ଛାତ୍ର ମାନଙ୍କ ଭାଗ୍ୟ ବଦଳିଲା ନାହିଁ । ଏମିତି ଏକ ବିଦ୍ୟାଳୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତ କାଣସୁର ପି.ଭି.ଟି.ଜି ବିଦ୍ୟାଳୟରେ। ଏଠାରେ ଥିବା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଭିନ୍ନ ସମସ୍ୟା ନେଇ ଗତି କରୁଛି। ଏହି ସମସ୍ୟା ସରକାରଙ୍କ ଅବହେଳାରୁ ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ମଙ୍ଗଳ ବିଭାଗ ଓ ଆଦିବାସୀ ଉନ୍ନୟନ ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ନିରୀହ ଡଙ୍ଗରିଆ ଛାତ୍ରମାନଙ୍କୁ ଓ ଅଭିଭାବକଙ୍କୁ ଭୋଗିବାକୁ ପଡୁଛି ସମସ୍ୟା। ୬ ଦଶନ୍ଧି ପୂର୍ବେ ଡଙ୍ଗରିଆ ପୁଅ ପିଲାଙ୍କ ନିମନ୍ତେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବିଦ୍ୟାଳୟ ପାଇଁ ତିନିଟି କୋଠା ନିର୍ମାଣ ହେଲା। କିନ୍ତୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢିବା ପାଇଁ ଜଣେ ହେଲେ ଶିକ୍ଷକ ନିଯୁକ୍ତି ହୋଇନଥିବାରୁ ସେମାନଙ୍କୁ କାଣଶୁର ବାଳିକା ବିଦ୍ୟାଳୟରେ ପାଠ ପଢିବାକୁ ପଡୁଛି। ବିଦ୍ୟାଳୟକୁ ଲାଗି ଛାତ୍ରୀ ନିବାସ ରହୁଥିବା ବେଳେ ସେଠାରେ ଛାତ୍ରଙ୍କ ପାଠପଢା ମଙ୍ଗଳ ବିଭାଗର ନୀତିକୁ ଅଭିଭାବକଙ୍କୁ ଆଶ୍ଚର୍ଯ୍ୟ କରିଛି। ଡିକେଡିଏ ଅଧୀନରେ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଥିବାରୁ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି ଅଭିଭାବକ। କିନ୍ତୁ କୌଣସି ସମସ୍ୟାର ସମାଧାନ ହୋଇପାରୁନି ବୋଲି ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଦ୍ୟାଳୟ ପ୍ରଥମେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁଥିବା ବେଳେ ଏମାନଙ୍କୁ ପଢାଇବା ପାଇଁ ଜଣେ ବି

ଶିକ୍ଷକ ନିଯୁକ୍ତି ହୋଇନାହିଁ। ବିରଳ ଡଙ୍ଗରିଆ ଛାତ୍ରଙ୍କୁ ଶିକ୍ଷାର ବିକାଶ ପାଇଁ ଆଇଟିଡିଏ ପକ୍ଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଛାତ୍ରାବାସ, ଶ୍ରେଣୀ ଗୃହ, ଡାଇନିଂ ହଲ୍ ଭଳି ଅନେକ ସୁବିଧା ରହିଥିଲେ ମଧ୍ୟ କେବଳ ଶୋଇବା ପାଇଁ ହିଁ କୋଠା ବ୍ୟବହାର ହେଉଛି । ନଚେତ ଡିକେଡିଏର ଅଧିକାରୀ କିମ୍ବା କେଉଁ ଅଧିକାରୀ ଆସିଲେ ଉକ୍ତ ବିଦ୍ୟାଳୟ ଶୟନ କକ୍ଷ ପାଲଟିଛି କହିଲେ ଭୁଲ ହେବ ନାହିଁ। ଏହି ବିଦ୍ୟାଳୟ ୧୭ ମସିହାରୁ ୨୩ ମସିହା ପର୍ଯ୍ୟନ୍ତ ଡିକେଡିଏ ସଂସ୍ଥା ଦ୍ୱାରା ଚାଲୁଥିଲା। ୨୩ ଠାରୁ ମଙ୍ଗଳ ବିଭାଗ ହାତକୁ ନେଲେ ସୁଦ୍ଧା ଶିକ୍ଷକ ନିଯୁକ୍ତି ପ୍ରଦାନ ନକରିବାରୁ ନିକଟସ୍ଥ ବାଳିକା ବିଦ୍ୟାଳୟରେ ଛାତ୍ରମାନଙ୍କୁ ପଢିବା ପାଇଁ କୁଆଡେ ମଙ୍ଗଳ ବିଭାଗ ହାତକୁ ନେଇଥିବା ଜଣାପଡିଛି। ରାୟଗଡା ଜିଲ୍ଲାରେ ମଙ୍ଗଳ ବିଭାଗର ପୁଷମାସ ପିଛା ଛାଡୁ ନଥିବା ବେଳେ ଶିକ୍ଷକ ନିଯୁକ୍ତି ପ୍ରଦାନ ନ କରି ଶିକ୍ଷାଦାନ କରି ନିଜର ଦାୟିତ୍ୱ ସାରି ଦେଉଛି। ଏହା ପୁଣି କଳଙ୍କକୁ ଆମନ୍ତ୍ରଣ କରୁନାହିଁ ତ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲା ପ୍ରଶାସନ ଛାତ୍ରଙ୍କ ପାଇଁ ଶିକ୍ଷକ ନିଯୁକ୍ତି ପ୍ରଦାନ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

● ପଦ୍ମପୁର ନୂଆ ଏନ୍ଏସି ଆଶା ପୁରଣ ହେବ ତ!

ଦାବି କରି ନିରବୀ ଗଲେଣି ଲୋକେ

ପଦ୍ମପୁର,୧୯।୮ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁରକୁ ଏନ୍ଏସି ମାନ୍ୟତା ମିଳିବା ନେଇ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି ପଦ୍ମପୁର ବାସିନ୍ଦା। ରାଜ୍ୟରେ ନୂଆ ୧୨ଟି ବିଜ୍ଞାପିତ ପରିଷଦ ଅଞ୍ଚଳ ଗଠନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗ। ୭ ଜିଲ୍ଲାରେ ୧୨ ଏନଏସି ଗଠନ ପାଇଁ ବିଜ୍ଞପ୍ତିରେ ରାୟଗଡ଼ା ଜିଲ୍ଲାରେ କେବଳ ବିଷମ କଟକକୁ ସ୍ଥାନିତ କରାଯାଇଛି। ପଦ୍ମପୁରକୁ ପ୍ରଥମ ପର୍ଯ୍ୟାୟରେ ବାଦ୍ ଦିଆଯାଇଛି। ଗତବର୍ଷ କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ ଗୁଣପୁର ବିଧାନସଭା ଆସନରୁ ନିର୍ବାଚିତ ହେବାପରେ ଏ ନେଇ ଉଦ୍ୟମ କରାଯାଉଥିବା କହିଥିଲେ। ଏବେ ରାଜ୍ୟରେ ବିଜେପି ସରକାର ଚାଲିଛି। ପ୍ରକୃତରେ ପଦ୍ମପୁର ଏନ୍ଏସି ହେବାପାଇଁ ଯୋଗ୍ୟ ହେଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ହୋଇପାରୁନାହିଁ। ପଦ୍ମପୁରରେ ୨୦୧୯ ଜନଗଣନା ଅନୁଯାୟୀ ୧୫ ହଜାରରୁ ଅଧିକ ଜନସଂଖ୍ୟା ରହିଛି। ଏବେ ତାହା ଦୁଇଗୁଣ ବଢିଯାଇଛି। ତଥାପି ଏହା ଏନ୍ଏସି ହୋଇପାରୁନାହିଁ। ଏହା ପୂର୍ବରୁ ପଦ୍ମପୁରର ବ୍ୟବସାୟୀ ସଂଘ, ବିଭିନ୍ନ ଅନୁଷ୍ଠାନ ତଥା ଦଳଗତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେଇ ଦାବି କରିଛନ୍ତି । କିନ୍ତୁ ଏହାକୁ ଅଣଦେଖା କରାଯାଉଛି। ୨୦୧୭ ମସିହାରେ ପଦ୍ମପୁର ବ୍ଲକ୍ ଉନ୍ନୟନ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ସମସ୍ତ ନିୟମକୁ ପାଳନ କରୁଥିବାରୁ ଅଞ୍ଚଳକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଘୋଷଣା କରାଯିବା କଥା। ମାତ୍ର କେଉଁ କାରଣରୁ ଏହାକୁ କରେଇ ଦିଆଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହର ବଢ଼ିବା ସାଙ୍ଗକୁ ବିକାଶ ସେହି ତୁଳନାରେ ଆବଶ୍ୟକ ପଡୁଥିବା ବେଳେ ପଞ୍ଚାୟତର ସେତିକି କ୍ଷମତା ନଥିବାରୁ ଉନ୍ନତିମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ। ସୂଚନାଯୋଗ୍ୟ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଗତ ମାର୍ଚ୍ଚ ୫ତାରିଖରେ ପତ୍ର ସଖ୍ୟା ୭୧୪ରେ ପଦ୍ମପୁରକୁ ଏନ୍ଏସି ମନ୍ୟତା ପାଇଁ ଏକ ବିସ୍ତୃତ ପ୍ରସ୍ତାବ ପ୍ରକଳ୍ପ ନିର୍ଦ୍ଦେଶକ ରାୟଗଡ଼ା ଜିଲ୍ଲା ନଗର ଉନ୍ନୟନ ସଂସ୍ଥାକୁ ପ୍ରଦାନ କରାଯାଇଥିଲା। ଏହାପରେ ଏହି ପ୍ରସ୍ତାବ ଜିଲ୍ଲା ସ୍ତରରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଗତ ମାର୍ଚ୍ଚ ୭ ତାରିଖ ଦିନ ପତ୍ର ସଖ୍ୟା ୧୫୩ ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥିଲା। ସେହି ସମୟରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ନଗର ଉନ୍ନୟନ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଏସମ୍ପର୍କରେ ଆଲୋଚନା କରିଥିବା କହିଥିଲେ। ତେବେ ଏତେସବୁ ପରେ ମଧ୍ୟ ପଦ୍ମପୁରକୁ ଏନ୍ଏସି ମନ୍ୟତା ନମିଳିବାରୁ ପଦ୍ମପୁର ଅଞ୍ଚଳରେ ଆନ୍ଦୋଳନ ଦାନା ବାନ୍ଧିଲାଣି। ଏଥିପାଇଁ ରାଜ୍ୟ ସରକାର ଦାୟୀ ହେବେ ବୋଲି ସାଧାରଣରେ ଆଲୋଚନା ହେଉଛି।

ପାନୀୟ ଜଳଯୋଗାଣ ସଚିବଙ୍କ ପଦ୍ମପୁର ଗସ୍ତ

ପଦ୍ମପୁର,୧୯।୮ (ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଜଳ ଯୋଗାଣ ବିଭାଗ କମିଶନର ତଥା ସଚିବ ଗିରିସ୍ ଏସ୍ଏନ୍(ଆଇଏଏସ୍) ପଦ୍ମପୁର, ଖମାପଦର, ଡିବିରିସିଙ୍ଗ୍ ଆଦି ଅଞ୍ଚଳ ଗସ୍ତ କରିଛନ୍ତି। ପଦ୍ମପୁର ଖମାପଦରରେ ନିର୍ମାଣ ଚାଲିଥିବା ଅମୃତ ସରୋବରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ସାରିବାକୁ ପରାମର୍ଶ ଦେଇଥିଲେ। ଉଦ୍ୟାନ କୃଷି ମାଧ୍ୟମରେ ଟିସୁ କଲଚର ଚାଷ ଉପରେ ଗୁରୁତ୍ୱ ଦେବାକୁ ଚାଷୀ ମାନଙ୍କୁ କହିଥିଲେ। ପଦ୍ମପୁର ଦେବହୃତି ଷଡ଼ଙ୍ଗୀ ଏବଂ ବନ୍ଧ୍ୟବାସିନୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ଆକାଂକ୍ଷା ହାଟ ପରିଦର୍ଶନ କରି ଖୁସି ବ୍ୟକ୍ତ କରିଥିଲେ। ସେଠାରେ ମା'ମାନଙ୍କ ସହ ସୁଭଦ୍ରା ଯୋଜନା ଉପରେ ଆଲୋଚନା କରିଥିଲେ। ଏହି ସମୟରେ ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ରମେଶ ଚନ୍ଦ୍ର ପଣ୍ଡା ପଦ୍ମପୁରର ଉନ୍ନତି ପାଇଁ ଏନ୍ଏସି ସମ୍ପର୍କୀତ ଏକ ଦାବିପତ୍ର ପ୍ରଦାନ କରି ଦୀର୍ଘବର୍ଷ ଧରି ପଦ୍ମପୁର ଉନ୍ନୟନ ପରିଷଦ ଲୋକଙ୍କ ସମସ୍ୟାକୁ ନେଇ ବାରମ୍ବାର ଦାବି ସତ୍ତ୍ୱେ ଅବହେଳା କରାଯାଉଥିବା କହିଥିଲେ। ସେଠାରୁ ଡିବିରିସିଙ୍ଗ୍ ଗ୍ରାମକୁ ଯାଇ ଅନ୍ତ୍ୟୋଦୟ ଘର ଯୋଜନାରେ ଘର ପାଇଥିବା ହିତାଧିକାରୀ ମାନଙ୍କୁ ତୁରନ୍ତ ଘରକାର୍ଯ୍ୟ ସାରିଲେ ଅଧିକ ସରକାରଙ୍କ ପ୍ରୋତ୍ସାହନ ସୁବିଧା ଉପରେ କହିଥିଲେ। ଅପରାହ୍ନରେ ପଦ୍ମପୁର ଶ୍ରୀରାମ ମନ୍ଦିରରେ ସନ୍ଧ୍ୟା ଆରତୀ ଦର୍ଶନ ସମୟରେ ପଦ୍ମପୁରର ବରିଷ୍ଠ ଆଇନଜୀବୀ ସରୋଜ ପାଣିଗ୍ରାହୀ, ବିଜେଡି ନେତା ଦୁର୍ଗା ସାହୁ, ବିଜେପି ନେତା ହରେକୃଷ୍ଣ ପାଢ଼ୀ ପ୍ରମୁଖ ପାଛୋଟି ନେଇଥିଲେ। ଏହି ସମୟରେ ଗୁଣପୁର ଉପଜିଲ୍ଲାପାଳ ବୁଧାଲ୍ ଅଭିଷେକ ଦିଲିପ୍, ଗୁଣପୁର ବିଡ଼ିଓ ସ୍ୱସ୍ତିକ ଜମାଦାର, ପଦ୍ମପୁର ବିଡ଼ିଓ କୁରେଶୁ ଜାନୀ, ପଦ୍ମପୁର

ସରପଞ୍ଚ ପ୍ରକାଶ କଣ୍ଡାଗିରି, ପଦ୍ମପୁର ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଗୋଷ୍ଠୀ ମହିଳା ସଂଘ ର ସଭାପତି ମମତା ପାଣିଗ୍ରାହୀ,ବିପିଶି ମିଶନ ଶକ୍ତିର କ୍ରାନ୍ତି କୁମାର ପାଢ଼ୀ,ଏଡିଇଓ ଗଙ୍ଗା ସୁରେଶ କୁମାର, ପଦ୍ମପୁର ବ୍ଲକ୍ ଯନ୍ତ୍ରୀ ଇସ୍ମାଇଲ୍ ଶବର, ଅଂଶୁମାଳି ସାହୁ, ନରକେତନ ଶବର, ଜଳ ଓ ପରିମଳ ଯନ୍ତ୍ରୀ ଅଜୟ ମାଝୀ, ପଦ୍ମପୁର ପିଇଓ ପ୍ରତିଭା ଶବର, ଜିପିଓ ଗୈରାଙ୍ଗ କାଦମ୍ବଲ, ମିଶାରା ସୀମାରାଓ, ଯାଜ୍ଞସେନୀ ପାଢ଼ୀଙ୍କ ସହ ବହୁ ବ୍ୟକ୍ତି ଯୋଗଦାନ କରିଥିଲେ।

ଅଗ୍ନିଶମ ବିଭାଗର ସୁରକ୍ଷା ସଚେତନତା

ଜୟପୁର,୧୯।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଠାରେ ଅଗ୍ନିସମ ବିଭାଗ ପକ୍ଷରୁ ସଚେତନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ୟାସ ସିଲିଣ୍ଡର ଏବଂ ଚୂଲାରେ ନିଆଁ ଲାଗିଲେ କିଭଳି ସୁରକ୍ଷିତ ଭାବେ ଏହି ନିଆଁକୁ ଲିଭାଯାଇପାରିବ ଏବଂ ବନ୍ୟା ବେଳେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ଏବଂ ସୁରକ୍ଷିତ ସ୍ଥାନକୁ ନିଆଯାଇ ପାରିବ ସେଥିନେଇ ସଚେତନତା ଏବଂ ପ୍ରାଥମିକ ସୂଚନା ଦିଆଯାଇଥିଲା। ଏହି ଅବସରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାଞ୍ଚନରାଣି ପଣ୍ଡା, ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ମାନେ ଏଥିନେଇ ବୁଝାଇଥିଲେ। ଏହି ଅବସରରେ ଏସିଡିଏସର ୬ ଜଣ ସୁପରଭାଇଜର ଏବଂ ୨ଶହର ଉଶହର କର୍ମୀ ଏବଂ ସହାୟିକା ଉପସ୍ଥିତ ଥିଲେ।

ଆଇଚର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ନନ୍ଦପୁର,୧୯।୮ (ସମିସ): ଆଜି ବନମାଳୀପୁଟ ପଞ୍ଚାୟତ ଅନ୍ତର୍ଗତ କଣ୍ଡାଗାଁ ମଶାଣି ନିକଟ ବୁଲାଣିରେ ଜଣେ ବାଇକ୍ ଆରୋହୀ ଆଇଚର ଧକ୍କାରେ ଗୁରୁତର ହୋଇଛି। ସୂଚନା ପ୍ରକାରେ କୁମାର ଗନ୍ଧଣା ପଞ୍ଚାୟତ ହାଟସୁକୁ ଗ୍ରାମର ଉଦ୍ଧବ ମାଝି (୩୨) ଆଜି ଦେବଗନ୍ଧଣା ସ୍ଥିତ ବିଦ୍ୟାଳୟକୁ ନିଜ ପୁଅକୁ ଦେଖିବା ନିମନ୍ତେ ନିଜ ବାଇକ୍ ନଂ ଓଡି ୧୦ ଏକ୍ସ ୭୦୬୩ ରେ ଆସୁଥିବା ବେଳେ କଣ୍ଡାଗାଁ ମଶାଣି ନିକଟ ବୁଲାଣି ନିକଟରେ ବିପରୀତ ଦିଗରୁ କାଠ ବୋଝେଇ ଲାଗି ଆସୁଥିବା ଏକ ଆଇଚାର ଗାଡି ନଂ ସିଜି ୦୪ ପିବି ୨୯୩୫ ସହ ମୁହାମୁହୀ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଗୋରା ଜାନି ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉଦ୍ଧବଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେପଟେ ଧକ୍କା ଦେଇ ଆଇଚର୍ ଗାଡ଼ିକୁ ଭାଲିଆ ହିଙ୍ଗେଇପୁଟ ନିକଟରେ ଲୁଚାଇ ଗାଡିଛାଡ଼ି ଡ୍ରାଇଭର ଚମ୍ପଟ୍ ମାରିଥିବା ବେଳେ ଖବର ପାଇ ନନ୍ଦପୁର ପୋଲିସ ଉଭୟ ଗାଡ଼ିକୁ ନିଜ ଆୟତ୍ତକୁ ନେଇଥିବା ଜଣାପଡିଛି।

ବହୁଜନ ସମାଜ ପାର୍ଟିର ଜିଲ୍ଲାସ୍ତରୀୟ ସମ୍ମିଳନୀ

ଲକ୍ଷ୍ମୀପୁର,୧୯।୮ (ସମିସ): ବହୁଜନ ସମାଜ ପାର୍ଟି କୋରାପୁଟ ଜିଲ୍ଲାରେ ତାର ସ୍ଥିତି ଜାହିର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଶନିବାର ଦିନ କୋରାପୁଟ ପୌରପାଳିକା ଅଡିଟୋରିୟମ ବଙ୍ଗଳାରେ ବହୁଜନ ସମାଜ ପାର୍ଟିର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବହୁଜନ ସମାଜ ପାର୍ଟିର କେନ୍ଦ୍ରୀୟ ପ୍ରଭାରୀ ଡଃ ଲାଲଜୀ ମେଧାଙ୍କର ଓ ରାଜ୍ୟ ସଭାପତ ଟଙ୍କଧର ବାଗ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ସୋରଜ୍ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେବା ସହ ଅନ୍ୟତମ ଅତିଥି ରାୟଗଡା ଜୋନ୍ ଦାୟିତ୍ୱରେ ଥିବା ସଞ୍ଜୀବ କୁମାର୍ ନାଏକଙ୍କ ସମେତ ମନୋରଞ୍ଜନ

ଟାକ୍ରୀ, ବିଶୋଇ କୁଲଦୀପ ସମେତ କୋରାପୁଟ ଜିଲ୍ଲାର ବହୁ ବହୁଜନ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ପ୍ରଭାରୀ ଯୋଗଦେଇ କୋରାପୁଟ ଜିଲ୍ଲା ହେଉଛି ଏକ ବହୁଜନ ବହୁଳ ଜିଲ୍ଲା ଅଟେ। ଏହାକୁ କିପରି ସଂଘଠାନକୁ ମଜଭୁତ କରାଯିବ ସେ ନେଇ ଉପସ୍ଥିତ କର୍ମକର୍ତ୍ତା ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହା ସହ ନୂତନ ଜିଲ୍ଲା ସଭାପତି ଚୟନ କରାଯାଇଥିଲା। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଓଡ଼ିଆପେଣ୍ଠ ପଞ୍ଚାୟତ ବିରିଗୁଡା ଗାଁର ଘନସ୍ୟାମ ହଲୱାଙ୍କୁ କୋରାପୁଟ ଜିଲ୍ଲାର ବହୁଜନ ସମାଜ ପାର୍ଟିର ଜିଲ୍ଲା ସଭାପତି ଓ ଜିଲ୍ଲା ପ୍ରଭାରୀ ଭାବରେ ସୋମନାଥ ଖରା, ବାସୁ ନାଏକ ଓ ଜାକବ ଗାଣ୍ଡା, ସାଧରଣ ସମ୍ପାଦକ ଭାବେ ପ୍ରଦୀପ କୁମାର ସେଠୀ ଓ ଉପ ସଭାପତି ଭାବେ ଲୋକନାଥ କାଣ୍ଡାଙ୍କୁ କେନ୍ଦ୍ରୀୟ ପ୍ରଭାରୀ ଘୋଷଣା କରିଥିଲେ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ର ସଭାପତି ପ୍ରମୋଦକୁମାର ଡୁରୁକ ସଭା ପରିଚାଳନା କରି ଥିଲେ।

ବାଲାପାଡୁ କ୍ୱାର୍ଟଜ୍ ଖଣି ଖନନକୁ ବିରୋଧ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀଙ୍କୁ ଦାବିପତ୍ର

ରାୟଗଡ଼ା,୧୯।୮ (ସମିସ): ପ୍ରାକୃତିକ ଖଣିଜ ସମ୍ପଦରେ ଭରପୁର ରହିଛି ରାୟଗଡ଼ା ଜିଲ୍ଲା। ଆଉ ଏହି ଖଣିକୁ ଉତ୍ତୋଳନ କରି ଅଞ୍ଚଳର ବିକାଶ ନାମରେ ପରିବେଶକୁ ଦୂଷିତ କରାଯାଉଛି। ଅଞ୍ଚଳର କୌଣସି ବିକାଶ ହେଉ ନ ଥିବା ବେଳେ ଅଭିଯୋଗ ଗୁଡିକର ଦଶନ୍ଧି ଦଶନ୍ଧି ଧରି ସମାଧାନ ହୋଇପାରୁନାହିଁ। ଏହାମଧ୍ୟରେ ଜିଲ୍ଲାର ସଦର ବ୍ଲକ୍ ବଡ଼ଇରକୁବାଡି ଗ୍ରାମପଞ୍ଚାୟତର ବାଲାପାଡୁ ଗାଁରେ ଥିବା କ୍ୱାର୍ଟଜ୍ ଓ କ୍ୱାର୍ଟଜାଇଟ୍ ଖଣି ଖନନ ପାଇଁ ଚଳିତ ମାସ ୧୨ ତାରିଖରେ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାୟଗଡ଼ା ତରଫରୁ ଜିଲ୍ଲା ପ୍ରଶାସନର ରାଜସ୍ୱ ବିଭାଗ ସହାୟତାରେ ଅନୁଷ୍ଠିତ ହୋଇଥିବା ଜନସାଧାରଣ ଅଭିଯୋଗ ଶୁଣାଣିକୁ ସ୍ଥାନୀୟ ଜନପ୍ରତିନିଧି ଏବଂ ଅଞ୍ଚଳବାସୀ ବିରୋଧ କରିବା ସହ ପ୍ରତିବାଦ କରିଥିଲେ। ଯାହାକୁ ନେଇ ଏହି ଶୁଣାଣି ଅନୁଷ୍ଠିତ ହୋଇପାରି ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଖଣି ଖନନକୁ ବନ୍ଦ କରିବା ପାଇଁ ରାୟଗଡ଼ା ଗସ୍ତରେ ଆସିଥିବା ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଭେଟି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ବାଲାପାଡୁ ଖଣି

ଖନନ ହେଲେ ବଡଇରକୁବାଡି, ଗାଜିଗାଁ, ପିତାମହଲ ଏବଂ ତାଡମା ଗ୍ରାମ ପଞ୍ଚାୟତର ଅନେକ ଗ୍ରାମ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଦର୍ଶାଯାଇଛି। ବାଲାପାଡୁ ଗାଁର କ୍ୱାର୍ଟଜ ଓ କ୍ୱାର୍ଟଜାଇଟ ଖଣିରେ ଭରପୁର ଥିବା ପାହାଡରେ ଅନେକ ଔଷଧୀୟ ବୃକ୍ଷଲତା ରହିଥିବା ବେଳେ ଏହି ପାହାଡର ଅଞ୍ଚଳବାସୀଙ୍କ ଚାଷ ହିଁ ଜୀବିନ ଜୀବିକା ଅଟେ। ପାହାଡରୁ ଖଣି ଖନନ ହେଲେ ଜୀବନଜୀବିକା ଉପରେ ସିଧାସଳଖ ପ୍ରଭାବ ପଡିବ। ଫଳରେ ପେଟପୋଷଣ ପାଇଁ ବାସସ୍ଥାନ ହରେଇବାକୁ ପଡିବ ଏବଂ ପ୍ରାକୃତିକ ସଂପଦ,ବଣ ଜଙ୍ଗଲ,ପାଣି ସ୍ରୋତ,କୃଷି ଭୂମି ଓ ପରିବେଶ ଗୁରୁତର କ୍ଷତି

ଖଣି ଖନନ ହେଲେ ପ୍ରଭାବିତ ହେବ ପରିବେଶ

ଆଖପାଖରେ ପ୍ରାୟ ୬ଟି ଗ୍ରାମ ଅବସ୍ଥିତ ଏବଂ ପ୍ରାୟ ୧୮୦୦ରୁ ଉର୍ଦ୍ଧ ଲୋକେ ବସବାସ କରୁଛନ୍ତି। ପାହାଡ ନିକଟରେ ବାଲାପାଡୁ,ନାକଟି,ସାନ ଓ ବଡ ଇରକୁବାଡି ଭଳି ଅନେକ ଗ୍ରାମ ଅବସ୍ଥିତ। ଯେଉଁଥିରେ ପ୍ରାୟ ୩ ହଜାରରୁ ଅଧିକ ଲୋକେ ବସବାସ କରୁଛନ୍ତି। କୃଷି ଉପରେ ନିର୍ଭର କରୁଥିବା ପହଞ୍ଚାଇବା ସହ ସ୍ୱାସ୍ଥ୍ୟ ଏବଂ ପାରମ୍ପରିକ ସଂସ୍କୃତିରେ ଅପରିବର୍ତ୍ତନୀୟ ପ୍ରଭାବ ପଡିବ। ତେଣୁ ସ୍ଥାନୀୟ ସମସ୍ତ ଗାଁର ମତାମତ ସଂଗ୍ରହ କରି ଖଣି ଉତ୍ତୋଳନ ପାଇଁ ତରବର ଭାବେ ହେଉଥିବା ଯୋଜନାକୁ ତୁରନ୍ତ ବନ୍ଦ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ରରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ପିତାମହଲ ପଞ୍ଚାୟତର ସରପଞ୍ଚଙ୍କ ସମେତ ୱାର୍ଡମେମ୍ବର ଓ ଗ୍ରାମବାସୀମାନେ ଦସ୍ତଖତ କରି ପ୍ରଦାନ କରିଛନ୍ତି। ସେହିପରି ଏହି ଖଣି ଖନନ ହେଲେ ଏହାର ପ୍ରଭାବ ରାୟଗଡ଼ା ସହର ଉପରେ ମଧ୍ୟ ଅଧିକ ପ୍ରଭାବ ପକାଇବା ସହ ରାୟଗଡା ସହରବାସୀ ଭୟଙ୍କର ପ୍ରଦୂଷଣର ସମ୍ମୁଖୀନ ହୋଇପାରନ୍ତି ବୋଲି ସ୍ଥାନୀୟ ପରିବେଶବିତମାନେ ମତ ରଖିଛନ୍ତି। ସେହିପରି ରାୟଗଡ଼ା ବନ ବିଭାଗ ସୂଚନା ପ୍ରକାରେ, ବାଲାପାଡୁ ଖଣି ପାହାଡଟି ଭୌଗଳିକ ସ୍ଥିତି ଅନୁଯାୟୀ ରାୟଗଡ଼ା ସହର ଠାରୁ ମାତ୍ର ୮ କିମି ଦୂରରେ ଅବସ୍ଥିତ। ରାୟଗଡ଼ା ବନାଞ୍ଚଳ ଅଧିନସ୍ଥ ହଂସା (ଆରଏଫ) ସଂରକ୍ଷିତ ଜଙ୍ଗଲ ଠାରୁ ୨କିମି ଏବଂ ଗୁମ୍ମା ସେକ୍ଟର ଅନ୍ତର୍ଗତ ନାଥମା ସଂରକ୍ଷିତ ଜଙ୍ଗଲଠାରୁ ମାତ୍ର ୧କିମି ଦୂରରେ ରହିଛି। ଏହି ଦୁଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଲାପାଡୁ ପାହାଡରେ ଅଧିକ ସବୁଜ ବନାନୀ ଥିବା ବେଳେ ଏଠାରେ ୪ଟି ଚିରସ୍ରୋତା ଝରଣା ଭୂତଳ ଜଳସ୍ତର ମଧ୍ୟ ପ୍ରଭାବ ହେବାର ଅଧିକ ସମ୍ଭାବନା ରହିଛି। ଏହି ପାହାଡରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଯଥା ହରିଣ, କୁଟ୍ରା, ଭାଲୁ, ସମ୍ବର, ଠେକୁଆ, ବାରିହା, ମାଙ୍କଡ ସମେତ ମୟୂର, ଶୁଆଶାରୀ ଭଳି ଅନେକ ବନ୍ୟପ୍ରାଣୀ ଓ ସରୀସୃପ ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ବନ ବିଭାଗର ଅଧିକାରୀ ଓ କର୍ମଚାରୀ, ବାଲାପାଡୁ,ନାକଟି ଭଳି ଅନ୍ୟ ଗ୍ରାମବାସୀମାନଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷିତ ଥିବାରୁ ପଶୁପକ୍ଷୀମାନେ ସୁରକ୍ଷିତ ରହିଛନ୍ତି ବୋଲି ରାୟଗଡ଼ା ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀ କହିଛନ୍ତି। ସେହିପରି ଖଣି ଖନନ ହେଲେ ବଡ଼ବଡ଼ ମେସିନ ଗାଡ଼ି ବୁଲିବ ଯଦ୍ୱାରା ଶବ୍ଦ ଓ ପରିବେଶ ପ୍ରଦୂଷଣ ବଢିବ ଏବଂ ବନ୍ୟଜନ୍ତୁ ପ୍ରତି ବିପଦ ବଢିବା ସୁନିଶ୍ଚିତ ବୋଲି ଫରେଷ୍ଟର ଗୌରୀ ଶଙ୍କର ସାହୁ କହିଛନ୍ତି। ଏହି ପର୍ବତରେ ଲଘୁ ବନଜାତ ଦ୍ରବ୍ୟ ଆମ୍ବ, ପଣସ, ଅଁଳା, ହରଡା, ବାହାଡା, ମହୁଲ, ନିମ୍ବ, ନାଟଂଜି, ସଲପ ଆଦି ଗଛଗୁଡିକ ହଜାର ହଜାର ସଂଖ୍ୟାରେ ଥିବା ଗ୍ରାମବାସୀ ପ୍ରକାଶ କରିଥିବା ବେଳେ ମରିବୁ ପଛେ ଖଣି ଖନନ କରିବାକୁ ଦେବୁନାହିଁ ବୋଲି କହିଛନ୍ତି। ପ୍ରକାଶ ଥାଉ କି,ବାଲାପାଡୁ ଗାଁ ଠାରେ ଥିବା ୫୫.୩୯୪ହେକ୍ଟର ପରିମିତ ଅଞ୍ଚଳରେ କ୍ୱାର୍ଟଜ ଏବଂ କ୍ୱାର୍ଟଜାଇଟ ଖଣି ପାହାଡରୁ ବାର୍ଷିକ ୫୪୫୦୦ଘନ ମିଟର ଉତ୍ତୋଳନ ନିମନ୍ତେ ପରିବେଶ ମଂଜୁରୀ ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ଯୋଗୁଁ ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରି ଦିଆଯାଇଛି।

ଡାକ୍ତରୀ ପଢ଼ିବେ ଆଦିବାସୀ ଝିଅ

ପୋଡ଼ାଗଡ ୧୯।୮ (ସମିସ) କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଛଣାବାଡ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝୋଡିପାଇ ଗ୍ରାମର ଗୋପାଳ ସାଉଁନ୍ତାଙ୍କ ଝିଅ ସୁଶ୍ରୀ ଚିନ୍ମୟୀ ସାଉଁନ୍ତା (ସୁନି) ଜାତୀୟ ସ୍ତରୀୟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇ ରାଜ୍ୟସ୍ତରରେ ଏସଟି ୧୧୬ ନମ୍ବରରେ ରହି ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ କୋରାପୁଟ ଠାରେ ଡକ୍ଟର ପାଠ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଦଶମନ୍ତପୁର, ଲକ୍ଷ୍ମୀପୁର, ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳ ପାଇଁ ଡକ୍ଟର ପାଠ ପଢିବା ପାଇଁ ପ୍ରଥମ ଆଦିବାସୀ ଛାତ୍ରୀ ଭାବେ ଚୟନ ହୋଇଛନ୍ତି। ତାଙ୍କର ପାଠ ପଢା ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶିଶୁ ମନ୍ଦିର ଲକ୍ଷ୍ମୀପୁର ସମାପ୍ତପରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ଏକଲବ୍ୟ ମଡେଲ ସ୍କୁଲ, ଯୁପିଟର କଲେଜ ରାୟଗଡ଼ା+୨ ସମାପ୍ତ କରିଛନ୍ତି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ରେ ବିଧାୟକ ପବିତ୍ର ସାଉନ୍ତା, ଦଶମନ୍ତପୁର ବ୍ଲକ ସଂସଦ ପ୍ରତିନିଧି ପଙ୍କଜ ବାଘ ପୁର୍ବତନ ବିଧାୟକ ପ୍ରଭୁ ଜାନି ସମେତ ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୋରାପୁଟ ଜିଲ୍ଲା ବିଜେଡ଼ି ଉପସଭାପତି ନାରାୟଣ ବିଶୋଇ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ପାଠପଢାରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଜିଲ୍ଲା ସ୍ୱାସ୍ଥ୍ୟ ଏଡିପିଏଚ୍ଓଙ୍କ ଖିଲାମଣ୍ଡା ବାଳିକା ବିଦ୍ୟାଳୟ ପରିଦର୍ଶନ

ପଦ୍ମପୁର,୧୯।୮ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାମଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚ୍ଓ ମମତା ସାହୁ ପରିଦର୍ଶନ କରିଛନ୍ତି। ସେ ସ୍କୁଲ ପ୍ରଧାନ ଶିକ୍ଷକ କୁମ୍‌କୁମ୍ ସାହୁଙ୍କ ସହ

ଆଲୋଚନା କରି ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପିଲା ମାନଙ୍କ ସ୍ୱାସ୍ଥ୍ୟ ଉପରେ ପିଲାମାନଙ୍କୁ ପଚାରି ବୁଝିବା ସହ ସ୍ୱାସ୍ଥ୍ୟ ବିଭାଗର ଅମ୍ଳାନ ଯୋଜନା ଓ ଏନ୍‌ଡିଡି ଯୋଜନା ଭଳି କାର୍ଯ୍ୟ ଉପରେ ତଦାରଖ କରିଥିଲେ। ଏହି ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରି, ସ୍ୱାସ୍ଥ୍ୟ ଅଧିକାରୀ ଉଦୟଚନ୍ଦ୍ର ଶବରଙ୍କ ସହ ସ୍କୁଲର ସମସ୍ତ ଶିକ୍ଷକ କମଚାରୀ ମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର ସିଟି

ମାଲ୍ ଖାଉଛି ମୂଷା; ମାମଲା ଖାଉଛି ପୁଲିସ

ଭୁବନେଶ୍ୱର, ୧୯ ।୮ (ସମିସ)

ଥାନାର ମାଲ୍‌ଖାନା ଦାୟିତ୍ୱରେ ଏବେ ମୂଷା ରହିଛି। ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ହିଁ ସତ। କାରଣ ମାଲ୍‌ଖାନାରେ ରଖାଯାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏହି ମୂଷା କାଟି ନଷ୍ଟ କରି ଦେଉଛନ୍ତି। ଯାହାଫଳରେ ପ୍ରମାଣ ନଷ୍ଟ ହୋଇଯାଉଥିବାରୁ ଅଭିଯୁକ୍ତ ସହଜରେ କୋର୍ଟରୁ ଜାମିନ୍ ପାଇ ଯାଉଛନ୍ତି। ପୁଲିସ ଅଭିଯୁକ୍ତ ଠାରୁ ଜବତ କରୁଥିବା ସାମଗ୍ରୀ ଏହି ମାଲ୍ ଖାନାରେ ରଖୁଛି।

- ମୂଷାକାଟି ଗୁଣ୍ଡ କରିସାରିଲାଣି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ
- ଗାଏବ ହୋଇଯାଉଛି ଡ୍ରଗ୍ସ; ମିଳୁଛି ପାଉଡର୍ ଗୁଣ୍ଡ
- ୬ ବର୍ଷରେ ପୁଲିସ ନାଁରେ ହେଲାଣି ୪୦ ମାମଲା

କିନ୍ତୁ ମାଲ୍‌ଖାନାକୁ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ସେଠାରେ ମୂଷା ବଂଶବିସ୍ତାର କରିବାରେ ଲାଗିଲେଣି। ସେମାନେ ଏହି ଜବତ ସାମଗ୍ରୀକୁ ମୂଷାମାନେ କାଟି ଗୁଣ୍ଡ କରି ଦେଉଛନ୍ତି। ପୁଲିସ କୋର୍ଟରେ ଦାଖଲ କରିବାକୁ ଖୋଜିବା ବେଳେ ଖାଲି ଗୁଣ୍ଡ ପାଉଛି। ପ୍ରମାଣ ନଷ୍ଟ ହୋଇଯାଉଥିବାରୁ ପୁଲିସ ଜାଣିଶୁଣି କିଛି ନକଲ ପ୍ରମାଣ ଯୋଗାଡ଼ କରି କୋର୍ଟରେ ଦାଖଲ କରୁଛି। ଫଳରେ କୋର୍ଟରେ ତାହା ଦୋଷୀ ସାବ୍ୟସ୍ତ କରିବା ଯଥେଷ୍ଟ ହେଉ ନ ଥିବାରୁ କୋର୍ଟ ଅଭିଯୁକ୍ତକୁ ନିର୍ଦ୍ଦେଶରେ ଖଲାସ କରି ଦେଉଛନ୍ତି। ବିଶେଷକରି କମିସନରେଟ୍ ପୁଲିସରେ ନୂଆ ଥାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳୁନଥିବା ବେଳେ ପୁରୁଣା ଥାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଆହୁରି ମଧ୍ୟ ମାଲ୍ ଖାନାରେ ଜାଗା ନଥିବାରୁ ପୁଲିସ ବାଧ୍ୟ ହୋଇ ଜବତ ସାମଗ୍ରୀ ବାହାରେ ରଖୁଛି। ଯେଉଁଥି ପାଇଁ ତାହା ଚୋରି ହୋଇଯାଉଛି। ଫଳରେ ମାଲ୍ ଥାନା ଦାୟିତ୍ୱରେ ଥିବା ଅଧିକାରୀ ନାମରେ ମାମଲା କରାଯାଉଛି। ଗତ ୬ ବର୍ଷ ମଧ୍ୟରେ ୪୦ଟି ମାମଲା ପୁଲିସ ବିରୋଧରେ ହେଲାଣି। ତଥାପି ମାଲ୍ ଥାନା ଦାୟତ୍ୱରେ ଥିବା ବାବୁ ସୁଧୁରୁ ନାହାନ୍ତି।

ଥାନାରେ ଥିବା ମାଲ୍‌ଖାନାରେ ସବୁ କିଛି ଠିକ୍ ଠାକ୍ ଚାଲୁଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ କୋର୍ଟଙ୍କ ନିୟମ ରହିଛି। ଏପରିକି ଡିସିପି ଏବଂ ସିପି ଅତର୍କିତ ଚଢାଉ କରି ମାଲ୍ ଖାନା ଯାଞ୍ଚ କରିବେ। ଜବତ ହୋଇଥିବା ଦାମୀ ସାମଗ୍ରୀ ଅଛି କି ନାହିଁ ତାହାର ତାଲିକା ଥାନା ଅଧିକାରୀଙ୍କୁ ମାଗିବେ। ତାଲିକା ଦେଖିବା ପରେ ତାହା ମାଲ୍ ଖାନାରେ ଅଛକି ନାହିଁ ତାହା ମଧ୍ୟ ବୁଲି ଦେଖିବେ। କିନ୍ତୁ ଏହା ହେଉନଥିବାରୁ ମାଲ୍ ଖାନା ଦାୟିତ୍ୱରେ ଥିବା ଅଧିକାରୀ ଫାଇଦା ନେଉଛନ୍ତି। କମ୍ପ୍ୟୁଟର, ଲାପ୍‌ଟପ, ଏଲିଡି କିମ୍ବା ଏସି ଭଳି ଦାମୀ ସାମଗ୍ରୀକୁ ପୁଲିସ ଗାଏବ କରି ଦେଉଥିବା ଅଭିଯୋଗ ହେଉଛି।

ରାଜଧାନୀରେ ନିଶାଦ୍ରବ୍ୟର ହବ୍ ଚାଲିଥିବାରୁ ପୁଲିସ ଏକ ଡ୍ରାଇଭ୍ କରିଛି। ଏହି ଡ୍ରାଇଭ୍ ଅନୁସାରେ ଥାନା ଅଧିକାରୀ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ବସ୍ତା ବସ୍ତା ଗଞ୍ଜେଇ ଏବଂ ବ୍ରାଉନ୍ ସୁଗର ଜବତ କରୁଛି। ହେଲେ ଏବେ ଏତେ ପରିମାଣର ଗଞ୍ଜେଇ ଜବତ ହେଲାଣି ଯେ ମାଲ୍‌ଖାନାରେ ରଖିବାକୁ ଜାଗା ନାହିଁ। ତେଣୁ ପୁଲିସ ବାହାରେ ରଖିବାକୁ ବାଧ ହେଉଛି। ରାଜଧାନୀରେ ୨୨ଟି ଥାନାରେ ୭ହଜାର କୁଇଣ୍ଟାଲ ଗଞ୍ଜେଇ ଏବଂ ୧୦କେଜିରୁ ଉର୍ଦ୍ଧ୍ୱ ବ୍ରାଉନ୍ ସୁଗର ପଡ଼ି ରହିଛି। ବିଶେଷ କରି ଭୁବନେଶ୍ୱର ଜିଆରପି ଥାନାରେ ସର୍ବାଧିକ ଗଞ୍ଜେଇ ରହିଛି। ଏହାକୁ ନଷ୍ଟ କରାଯାଉନଥିବାରୁ ମୂଷା ଖାଇ ଖୋଳ କରିସାରିଲେଣି।

ବୋତଲ ଗଡୁଛି, ମଦ ନାହିଁ

ରାଜଧାନୀର ଏକାଧିକ ଥାନାରେ ପ୍ରତିଦିନ ମଦ ଜବତ କରାଯାଇ ମାଲ୍‌ଖାନାରେ ରଖାଯାଉଛି। କିନ୍ତୁ ଦାମୀ ମଦ ବୋତଲ ମାଲ୍ ଖାନାରୁ ଗାଏବ ହୋଇଯାଉଛି। କେଉଁଠି ଯଦି ମଦ ବୋତଲ ଅଛି କିନ୍ତୁ ଭିତରେ ମଦ ନାହିଁ। ଦାୟିତ୍ୱରେ ଥିବା ଅଧିକାରୀ ନିଜ ସମ୍ପର୍କୀୟ ଏବଂ ଥାନା କର୍ମଚାରୀଙ୍କୁ ପିଇବାକୁ ଦେଉଛନ୍ତି। ଅନେକ ଥାନାରେ ମଦ ବୋତଲ ଅଛି କିନ୍ତୁ ଭିତରେ ମଦର ରଙ୍ଗ ବଦଳି ଗଲାଣି। ଏହାର କାରଣ ହେଲା ମଦ ପିଇ ବୋତଲ ଭିତରେ ପାଣି ମିଶାଇ ରଖି ଦେଉଥିବା ଅଭିଯୋଗ ହେଉଛି। କାରଣ ମଦ ଏବଂ ଗଞ୍ଜେଇକୁ କୋର୍ଟକୁ ଜଣାଇବା ପରେ ଆଉ ଦେଖାଇବାକୁ ପଡୁନି। ଯେଉଁଥି ପାଇଁ ଫାଇଦା ନେଉଛନ୍ତି ଅଧିକାରୀ।

ମାମଲା ଫଇସଲା ପୂର୍ବରୁ ଗଞ୍ଜେଇ ଏବଂ ବ୍ରାଉନ୍ ସୁଗର ନଷ୍ଟ କରିହେବ ବୋଲି ସୁପ୍ରିମ୍‌କୋର୍ଟ ୨୦୧୬ରେ ଏକ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଥିରେ ସମସ୍ୟା ରହିବାରୁ ଓଡ଼ିଶା ପୁଲିସ ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ନିଶା ଦ୍ରବ୍ୟ ନଷ୍ଟ କରି ହେବ ବୋଲି ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଲିସ ନିଜର ଦାୟିତ୍ୱହିନତା ପାଇଁ ତାହା କରୁନାହିଁ ବୋଲି ଅଭିଯୋଗ ହେଉଛି।

୧୦ ଲକ୍ଷର ଧଳାଜହର ଜବତ; ଅଟୋ ଚାଳକ ଗିରଫ

ବାଲିଅନ୍ତା, ୧୯ ।୮ (ସମିସ): ପାହାଳ ଥାନା ଅଧୀନ ଅଟଳାଗଡ଼ା ଛକ ନିକଟରେ ଆଜି ସକାଳେ ଭୁବନେଶ୍ୱର ଅବକାରୀ ବିଭାଗ ଚଢଉ କରି ୮୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ତେବେ ଘଟଣାସ୍ଥଳରୁ ମୁଖ୍ୟ ବ୍ରାଉନସୁଗାର ବେପାରୀ ଅବକାରୀ ବିଭାଗକୁ ଚକମା ଦେଖାଇ ଫେରାର ହୋଇଯାଇଥିଲା। ସୂଚନା ଅନୁସାରେ ଅଟୋରେ ମୁଖ୍ୟ ବେପାରୀ ଓ ପାହାଳ ଥାନା ଅଧୀନ ଅଟଳା ଅଞ୍ଚଳର ଅଟୋ ଚାଳକ ନିରଞ୍ଜନ ବ୍ରାଉନସୁଗାର ନେଇ ପାଇକାରୀ ବେପାରୀଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ବାଲିଅନ୍ତା ଅବକାରୀ ଟିମ ଏସ ଆଇ ପ୍ରଫୁଲ୍ଲ ଗୁରୁଙ୍କ ନେତୃତ୍ୱରେ ୫ ଜଣିଆ ଟିମ ଚଢ଼ଉ କରିଥିଲେ। ଏହା ସହିତ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ କୋର୍ଟରେ ଜାମିନ ଖାରଜ ହୋଇଯିବାରୁ ନିରଞ୍ଜନକୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଚିକେନ୍ ଦୋକାନୀଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର, ୧୯ ।୮ (ସମିସ): ଚିକେନ୍ ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଚି। ଗିରଫ ଅଭିଯୁକ୍ତ ହେଲେ ପୁରୁଣା ଭୁବନେଶ୍ୱରର ଆକାଶ ବେହେରା, ପଟିଆର ଆଲୋକ ଗୌଡ଼ ଏବଂ ରଘୁନାଥପୁରର କୁନାଲ ରାଉତ। ସେମାନଙ୍କ ନିକଟରୁ ପୁଲିସ ୨ଟି ଆଇରନ୍ ରଡ଼କୁ ଜବତ କରିଛି। ମନ୍ଦାକିନୀ ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି।

ଅଭିଯୋଗ ପରେ ୩ ଗିରଫ

ସୂଚନାଯୋଗ୍ୟ ଯେ, ଦମଣା ଛକରେ ଥିବା ଭି-ମାର୍ଟ ସଫି ମଲ୍ ନିକଟରେ, 'ମନୋଜ ବ୍ରଏଲର୍ ଦୋକାନ' ନାମରେ ମନ୍ଦାକିନୀ ସାହୁଙ୍କ ସ୍ୱାମୀ ଏକ କୁକୁଡ଼ା ଦୋକାନ କରିଛନ୍ତି। ଘଟଣା ଦିନ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ କୁନାଲ ରାଉତ ଏବଂ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ପଠାଯାଇଥିବା କିଛି ଭଡ଼ାଟିଆ ଗୁଣ୍ଡା ଅଭିଯୋଗକାରିଣୀଙ୍କ ଦେଢଶୁର ଏବଂ ଦୋକାନରେ କାମ କରୁଥିବା କର୍ମଚାରୀ ମାନଙ୍କୁ ମାଡ଼ ମାରିବା ସହ ଦୋକାନ ଖାଲି କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଦୋକାନ ଖାଲି ନକଲେ ସେମାନେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ସେହିଦିନ ରାତିରେ ମନ୍ଦାକିନୀଙ୍କ ଦେଢଶୁର ଏବଂ ଅନ୍ୟମାନେ ଚିକେନ ଦୋକାନ ନିକଟରେ ପାର୍କିଂ ହୋଇଥିବା ଏକ ଗାଡିରେ ଶୋଇଥିବା ବେଳେ, ଅଭିଯୁକ୍ତମାନେ ପୁନର୍ବାର ହାତରେ ବିଭିନ୍ନ ମରଣାସ୍ତ୍ର ଧରି ଆସି ସେଠାରେ ପହଞ୍ଚିବା ସହ ହଠାତ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଅଭିଯୁକ୍ତମାନେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ନାମ ଉଚ୍ଚାରଣ କରିଥିଲେ, ଯେଉଁମାନେ କି ଆକ୍ରମଣ ଲାଗି ସେମାନଙ୍କୁ ସେଠାକୁ ପଠାଇଥିଲେ। ସୂଚନା ପାଇ ପିସିଆର ଅବିଳମ୍ବେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ପରବର୍ତ୍ତୀ ସମୟରେ କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏହି ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ଚଢଉ ଜରିଆରେ ନିମ୍ନୋକ୍ତ ତିନିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତମାନେ ନିଜ ନିଜର ଅପରାଧ ସ୍ୱୀକାର କରିଥିଲେ। ନିମ୍ନୋକ୍ତ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ଆକାଶ ବେହେରା ଓରଫ କୁମ୍ଭୀରଙ୍କ ନାମରେ ପୂର୍ବରୁ ମଧ୍ୟ ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ, ଅଭିଯୁକ୍ତ ଆଲୋକ ଗଉଡ଼ ନାମରେ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ମାମଲା ରହିଛି।

କୁଆଖାଇ ପଠାରୁ ୪୦ କିଲୋର ବିରଳ କଇଁଛ ଉଦ୍ଧାର

ନନ୍ଦନକାନନ, ୧୯।୮ (ସମିସ): ଭୁବନେଶ୍ୱର ଉପକଣ୍ଠ ଗଣ୍ଡରପୁର ହାଇସ୍କୁଲ ଗଡ଼ା ନିକଟ କୁଆଖାଇ ନଦୀ ପଠାରୁ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଏକ ବିଶାଳକାୟ ବିରଳ ମଧୁରଜଳ କଇଁଛ ଉଦ୍ଧାର ହୋଇଛି। କଇଁଛର ଓଜନ ପ୍ରାୟ ୪୦ କିଲୋ ହେବା ନେଇ ଅନୁମାନ କରାଯାଉଛି। ଉଦ୍ଧାର କଇଁଛଟି ଅସୁସ୍ଥ ଥିବାରୁ ବନବିଭାଗ ଆସି ତାର ଚିକିତ୍ସା ପାଇଁ ନେଇଯାଇଛି। ମିଳିଥିବା ଖବର ଅନୁସାରେ ସୋମବାର ବିଳମ୍ବିତ ରାତ୍ରି ପ୍ରାୟ ଆଜି ଭୋର ସମୟରେ ଏହି କଇଁଛଟିକୁ କୁଆଖାଇ ନଦୀପଠାରେ କିଛି ଲୋକ ଦେଖିଥିଲେ। ତାକୁ ସେଠାରୁ ଉଦ୍ଧାର କରି ଗ୍ରାମକୁ ଆଣିଥିଲେ। ପରେ ଖବର ପାଇ ସିଟି ଡିଭିଜନ ବନ ବିଭାଗ ଆସି କଇଁଛଟିକୁ ଚିକିତ୍ସା କରିବାକୁ ନେଇଥିବା ଜଣାପଡ଼ିଛି। ଗଣ୍ଡରପୁର ଗ୍ରାମବାସୀ ପଡ଼ିଆରେ ବୁଲୁଥିବା ଏକ ବିଶାଳକାୟ କଇଁଛକୁ ଧରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି।

ମାଡ଼ ମାରି ମୋବାଇଲ୍ ଲୁଟ୍; ୨ ଗିରଫ

ଭୁବନେଶ୍ୱର, ୧୯ ।୮ (ସମିସ): ମାଡ଼ ମାରି ମୋବାଇଲ୍ ଲୁଟ୍ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରବୀନ୍ଦ୍ର ବେହେରା ଓ ଅମିର କୁଣ୍ଡା। ଅଭିଯୋଗକାରୀ ଦେବାଶିଷ ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଦେବାଶିଷ ବ୍ରହ୍ମପୁର ବାସିନ୍ଦା ହୋଇଥିବା ବେଳେ, ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥ ଆପୋଲୋ ହସ୍ପିଟାଲକୁ ଆସିଥିଲେ। ସେଠାରୁ କାମ ସାରି ଘରକୁ ଯିବା ଲାଗି ସେ ବରମୁଣ୍ଡା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିବା ବେଳେ ଦୁଇ ଅଭିଯୁକ୍ତ ସେଠାରେ ପହଞ୍ଚି ଦେବାଶିଷଙ୍କ ସହ କଥା ହୋଇଥିଲେ। ଏହି ସମୟରେ ଦେବାଶିଷଙ୍କ ଚାର୍ଜର ଦରକାର ପଡ଼ିବାରୁ ଅଭିଯୁକ୍ତ ରବୀନ୍ଦ୍ର ତାଙ୍କୁ ନିଜର ଚାର୍ଜର ଦେଇଥିଲେ। କିଛି ସମୟ ପରେ ଦୁଇ ଅଭିଯୁକ୍ତ ହଠାତ ଦେବାଶିଷଙ୍କୁ ଧମକ ଦେବା ସହ ମାଡ଼ ମାରିଥିଲେ ଏବଂ ତାଙ୍କ ହାତରୁ ତାଙ୍କ ମୋବାଇଲ ଫୋନ ଜୋରଜବରଦସ୍ତ ଛଡାଇ ନେଇ କେଉଁଆଡେ ଫେରାର ହୋଇଯାଇଥିଲେ।

ହାଇଡ୍ରାମା କଲେ 'ପାପା କି ପରୀ'

ଭୁବନେଶ୍ୱର, ୧୯ ।୮ (ସମିସ): ସର୍ବସାଧାରଣ ସ୍ଥାନରେ ହାଇଡ୍ରାମା କଲେ 'ପାପା କି ପରୀ। ନିଶା ଖାଇ ରାଜରାସ୍ତାରେ ଉତ୍ପାତ କଲେ। ରାସ୍ତାରେ ଯାଉଥିବା ଗାଡିବାଲା ମଧ୍ୟ ଏହା ଦେଖି ଭୟଭିତ ହୋଇଯାଇଥିଲେ। ଶେଶରେ ପୁଲିସ ଆସି ଯୁବତୀଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ଆଗରେ ଦେଖିବାକୁ ମିଳିଥିଲା। ଯାହାର ଭିଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି। ନିଶା ଖାଇ ଯାହାକୁ ପାରିଲେ ତାକୁ ଗାଳି ଦେଲେ। ଏପରିକି ଉଦ୍ଧାର କରିବାକୁ ଯାଇଥିବା ପୁଲିସକୁ ବି ଛାଡ଼ିନଥିଲେ। ୮ ମାସ ତଳେ ପୁଲିସକୁ ଆକ୍ରମଣ କରି ଉକ୍ତ ମହିଳା ଜେଲ୍ ଯାଇଥିଲେ।

ମହିଳା ଉଠାଦୋକାନୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର

ଭୁବନେଶ୍ୱର, ୧୯ ।୮ (ସମିସ)

କିଛିଦିନ ତଳେ ଉଠାଦୋକାନୀ ନେତା ବୋଲାଉଥିବା ବିଜେପିର ନେତା ତଥା ମୟୂରିକା ହୋଟେଲର ମାଲିକ ଏବଂ ଅନ୍ୟମାନଙ୍କ ନାମରେ ସଂଗୀନ ଅଭିଯୋଗ ଆସିଛି। ଉଠାଦୋକାନୀ ମହିଳାମାନେ ମହିଳା ଥାନାରେ ହୋଟେଲ ମାଲିକଙ୍କ ନାମରେ ଅଭିଯୋଗ କରିଛନ୍ତି।

ହୋଟେଲ ମାଲିକ ତଥା ବିଜେପିର ସାଲିଆସାହି ଜୋନ୍‌ର ସମ୍ପାଦକ ବିପିନ ଜେନା ତା'ଙ୍କର ସାଥୀ

ଥାନାର ଦ୍ୱାରସ୍ଥ

ଅନୁଜ ପ୍ରଧାନ, ପ୍ରଦୀପ ସାହୁ ବହୁ ସମୟରେ ମହିଳା ଉଠାଦୋକାନୀ ଲିଡ଼ରମାନଙ୍କୁ ଖରାପ ଇଙ୍ଗିତ କରିବା ସହ ଟାହିଟାପରା କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କୋଲକାତାର ଏକ ମିଟିଙ୍ଗ ଏବଂ ମୋନାଲିର ଏକ ମିଟିଙ୍ଗରେ ଅନୁଜ ପ୍ରଧାନ ଓ ପ୍ରଦୀପ ସାହୁ ମହିଳାମାନଙ୍କୁ ବହୁ ଖରାପ ବ୍ୟବହାର କରିଥିବାବେଳେ ମୟୂରିକା ହୋଟେଲରେ ମିଛ ମିଟିଙ୍ଗ ଆଳରେ ଗୀତାରାଣୀ ଓ ତାପସୀ (ଛଦ୍ମନାମ)କୁ ଡ଼ାକି ମଦ ପିଇବା ପାଇଁ ବାଧ କରିଥିଲେ। ଏବଂ ଆଶାଳୀନ ବ୍ୟବହାର କରିଥିଲେ। ଏହି ଲିଡ଼ରମାନେ ମହାସଂଘର ସଭାପତି ପ୍ରତାପ କୁମାର ସାହୁଙ୍କୁ ଲିଖିତ ଅଭିଯୋଗ କରିଥିଲେ।

ଅନୁଜ ପ୍ରଧାନ, ପ୍ରଦୀପ ସାହୁ ଓ ବିପିନ ଜେନାଙ୍କୁ ଆଲୋଚନା ପାଇଁ ବାରମ୍ବାର ମିଟିଙ୍ଗକୁ ଡାକିଥିଲେ ମଧ୍ୟ ସେମାନେ ଆସି ନ ଥିଲେ। ଚଞ୍ଚକତା କରି ପ୍ରମାଣକୁ ନଷ୍ଟ କରିବା ପାଇଁ ଦୁଇଟି ହ୍ୱାଟସ୍‌ଅପ୍ ଗ୍ରୁପ୍‌କୁ ବିପିନ ଜେନା ଓ ଅନୁଜ ପ୍ରଧାନ ବନ୍ଦ କରିଦେବା ଫଳରେ ଆଉ କୌଣସି ସୂଚନା ଦିଆଯାଇପାରି ନ ଥିଲା। ଆଜି ମହିଳା ଲିଡ଼ରମାନେ ସମାଜସେବୀ ସସ୍ମିତା ଦାଶଙ୍କ ନେତୃତ୍ୱରେ ସସ୍ମିତା ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ସ୍ୱର୍ଣ୍ଣମୟୀ ରାଉତ, ମଞ୍ଜୁଳା ନାୟକ ପ୍ରମୁଖ ମହିଳା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

ପାଣିଭଳି ଖର୍ଚ୍ଚ ହେଉଛି; ପାଣିରେ ଧୋଇଯାଉଛି

ଭୁବନେଶ୍ୱର, ୧୯ ।୮ (ସମିସ)

ସହରର ସୌନ୍ଦର୍ଯ୍ୟ ବୃଦ୍ଧି ବଢ଼ାଇବା ପାଇଁ ସହରର ପ୍ରମୁଖ ପ୍ରାଚୀର, କାନ୍ଥବାଡ଼ ସହିତ ଓଭରବ୍ରିଜ୍, ଅଣ୍ଡରପାସ୍ ଦାଢ଼ରେ ବିଭିନ୍ନ ପ୍ରକାରର ମହାପୁରୁଷଙ୍କର ଚିତ୍ର ସହିତ ଓଡ଼ିଶୀ, ମୁନିଋଷିଙ୍କ ସମେତ ବିଭିନ୍ନ କଳା ଓ ସଂସ୍କୃତିର ଶିକ୍ଷା ଦଉଥିବା ପ୍ରତିଛବି ଅଙ୍କନ କରାଯାଇଛି। ବିଶେଷକରି ଉତ୍କଳ ପ୍ରଦେଶ ଗଠନ ସହିତ ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବ ସାଜିଥିବା ମହାପୁରୁଷଙ୍କର ଚିତ୍ର ସହିତ ନିଜ ଲେଖନୀ ମୁନରେ ଓଡ଼ିଆ ଜାତିକୁ ସମୃଦ୍ଧ କରିଥିବା ମହାପୁରୁଷଙ୍କ ମୁଖ ନିଶୃତ ବାଣୀକୁ ଚିତ୍ରିତ କରି ଅତୀତର ଗୌରବମୟ ଅଧ୍ୟାୟକୁ ପୁନଃଜୀବିତ କରୁଥିବାର ଦେଖିବାକୁ ମିଳିଥିବା ବେଳେ ଏବେ କିନ୍ତୁ ଓଲଟା ଚିତ୍ର ଦେଖିବାକୁ ମିଳିଛି। ପ୍ରତିବର୍ଷ ବିଏମ୍‌ସି ପକ୍ଷରୁ ଏଥିପାଇଁ ପାଣିଭଳି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ବର୍ଷାପାଣିରେ ଧୋଇ ନଷ୍ଟ ହୋଇଯାଉଛି।

ଏହି ମହାପୁରୁଷ ମାନେ ଆମକୁ ଅନେକ କିଛି ଶିଖାଇଥିଲେ। ହେଲେ ଏବେ ସେହି ଶିକ୍ଷା ବାଟବଣା ହୋଇଥିବା କହିଲେ ଚଳେ। ଯେଉଁ ମହାପୁରୁଷମାନଙ୍କ ଛବିକୁ ଦେଖିଲେ ମନରେ କିଛି ନୂଆ କରିବାର ଆଶା ସଞ୍ଚାର ହେବା ସହିତ ଗର୍ବରେ ଛାତି ଫୁଲି ଉଠେ

- କାନ୍ଥରେ ବିକୃତ ହେଲେଣି 'ମହାପୁରୁଷ'
- ଗଛଲତା ଆଢୁଆଳରେ ଲୁଚିଯାଉଛି ବିଏମ୍‌ସି ସୌନ୍ଦର୍ଯ୍ୟକରଣ

ସେହିମାନଙ୍କ ଛବି ଏବେ ଗଛଲତା ତଳେ ଲୁଚି ରହିବା ସହିତ ଅଧା ସ୍ଥାନରୁ ରଙ୍ଗ ଛାଡ଼ିବା ସହ ଶିଉଳୀ ଲାଗଲାଣି। ଏଥି ସହିତ ଆଉ କିଛି ସ୍ଥାନରେ ଅଳିଆ ଆବର୍ଜନାରେ ମହାପୁରୁଷ ମାନେ ଲୁଚିଲେଣି। ଯାହାଦ୍ୱାରା ଆମ ସଂସ୍କୃତି, ସଭ୍ୟତା ଉପରେ ଆଙ୍ଗୁଳି ଉଠୁଛି। ବିଭିନ୍ନ ଦେଶ ବିଦେଶରୁ ପ୍ରତିଦିନି ଅନେକ ପର୍ଯ୍ୟଟକ ସ୍ମାର୍ଟ ସିଟିକୁ ବୁଲି ଆସୁଥିବା ବେଳେ ମହାପୁରୁଷଙ୍କର ଚିତ୍ରକୁ ଗଛଲତା ତଳେ ଦେଖି ଉପହାସ କରିବା ସହିତ ନକରାତ୍ମକ ମନଭୋବ ଦେଖି ଫେରୁଛନ୍ତି। କଳିଙ୍ଗସ୍ଟୁଡ଼ିଓ, ଉଦୟଗିରି, ପଟିଆ, ନୟାପଲ୍ଲୀ, ଆଇଆରସି ଭିଲେଜ ଆଦି ସ୍ଥାନ ମାନଙ୍କରେ ଅଙ୍କା ଯାଇଥିବା ଛବି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ।

ଏହି ଚିତ୍ରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ପ୍ରାଚୀର ଚିତ୍ରଣ (ୱାଲ ପେଣ୍ଟିଂ)ରେ ଟଙ୍କା ଖର୍ଚ୍ଚ କରାଯାଉଛି। ତଥ୍ୟ ଅନୁଯାୟୀ ଗତ ମାର୍ଚ୍ଚ ମାସରେ ପ୍ରାଚୀର ଚିତ୍ରଣରେ ବିଏମ୍‌ସି ୯୫ ଲକ୍ଷ ୬୫ ହଜାର ୨୩୪ ଟଙ୍କା ଖର୍ଚ୍ଚ କରିଥିଲା। ଏପ୍ରିଲରେ ୨୫ ଲକ୍ଷ ୯୧ ହଜାର ୯୬୯ ଟଙ୍କା ଖର୍ଚ୍ଚ କରିଥିଲା। ଏହିପରି ମେ ମାସରେ ସର୍ବାଧିକ ୨ କୋଟି ୬୧ ଲକ୍ଷ ୨୬ ହଜାର ୯୧୭ଟଙ୍କା ଖର୍ଚ୍ଚ କରିଛି। ଏନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସମୁଦାୟକୁ ଦେଖିଲେ ତିନିମାସ ଭିତରେ ୩ କୋଟି ୮୨ ଲକ୍ଷ ୭୪ ହଜାର ଟଙ୍କା ପ୍ରଚୀର ଚିତ୍ରଣ ବିଏମ୍‌ସି ମୁକ୍ତା ଯୋଜନା ଓ ଅନ୍ୟ ପାଣ୍ଠିରୁ ଖର୍ଚ୍ଚ କରୁଥିଲେ ମଧ୍ୟ ଏହି ସବୁ ଯଥା ପୂର୍ବ ତଥା ପରଂ ହୋଇଯାଉଛି। ଫଳରେ ମହାପୁରୁଷଙ୍କ ପ୍ରତି ଘୋର ଅପମାନ ଦେଉଛି। ଯାହାକୁ ନେଇ ବୃଦ୍ଧିଜୀବିମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଓଡ଼ିଆ ଯୁବକଙ୍କ କୃତିତ୍ୱ

କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନା (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

ଭୁବନେଶ୍ୱର ସିଟି

ଗଣେଶ ପୂଜା ଟି-ସାର୍ଟ ଛାପିବାରେ ବ୍ୟସ୍ତ ପ୍ରିଣ୍ଟିଙ୍ଗ ପ୍ରେସ୍

ଟ୍ରେଣ୍ଡରେ ୩-ଡି ଗଣେଶ ଟି-ସାର୍ଟ

ଭୁବନେଶ୍ୱର, ୧୯।୮ (ସମିସ)

ଆଉ କେଇଟା ଦିନପରେ ଆରମ୍ଭ ହେବ ପାର୍ବଣ ଋତୁ। ସେଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ରାଜଧାନୀ। ମୂର୍ତ୍ତି ଗଢ଼ାରେ ବ୍ୟସ୍ତ କାରିଗର। ପ୍ରଥମେ ଗଣେଶ ପୂଜା

କ୍ଲବ ଓ ପ୍ରତିଷ୍ଠାନ ମଧ୍ୟରେ ବଢୁଛି ଚାହିଦା

ଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ସହ ପ୍ରତିଯୋଗିତା ମଧ୍ୟ ଚାଲିଛି। ସାଜସଜ୍ଜାଠୁ ମୂର୍ତ୍ତି ପ୍ରସ୍ତୁତି ସବୁଠି ଚଳଚଞ୍ଚଳ ହୋଇ ଉଠିଲାଣି। ସେହିପରି ପ୍ରିଣ୍ଟିଂ ପ୍ରେସ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ପୂଜାରେ ଗଣେଶଙ୍କ ଫଟୋଚିତ୍ର ଟି ସାର୍ଟ ପିନ୍ଧିବା ଏକ ପ୍ରକାର ଟ୍ରେଣ୍ଡରେ ପରିଣତ ହେଲାଣି। ତେଣୁ ପ୍ରିଣ୍ଟିଂ ପ୍ରେସ୍‌ରେ ଆଗୁଆ ଅର୍ଡର ଦେବାକୁ ଅନୁଷ୍ଠାନଗୁଡିକ ଆଗେଇ ଆସିଲେଣି।

ପୂଜାରେ ଅନ୍ୟ ଅନୁଷ୍ଠାନଠୁ ଭିନ୍ନ ଦେଖାଯିବା ବର୍ତ୍ତମାନ ସମୟର ଏକ ଟ୍ରେଣ୍ଡ। ତେଣୁ ପୂଜାର ୧୫ ଦିନ ଆଗରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅର୍ଡର ମଧ୍ୟ ଦିଆସରିଛି। କିଏ ନିଜ କ୍ଲବ ଓ ଅନୁଷ୍ଠାନର ନାମ ସହ ଗଣେଶଙ୍କ ଫଟୋ ପ୍ରିଣ୍ଟ କରିବାକୁ

ଦଉଛି, ତ କିଏ ନିଜର ଏବଂ ଅନୁଷ୍ଠାନ ତଥା କ୍ଲବର ନାମ ପ୍ରିଣ୍ଟ୍ କରାଉଛନ୍ତି। ସେହିପରି ଚଳିତ ବର୍ଷ ଆଉ ଏକ ଟ୍ରେଣ୍ଡ ମଧ୍ୟ ପରିଲକ୍ଷିତ ହେଉଛି ଯାହାକି ଟି-ସାର୍ଟରେ ନିଜ ଅନୁଷ୍ଠାନ ତରଫରୁ ହେଉଥିବା ଗଣେଶଙ୍କ ଥ୍ରି-ଡି ଫଟୋ ପ୍ରିଣ୍ଟ କରିବା। ଏଥିପାଇଁ ବିଭିନ୍ନ ପ୍ରିଣ୍ଟିଙ୍ଗ ପ୍ରେସ୍‌ରେ ଭିଡ ଲାଗିଲାଣି। ଏନେଇ ସପ୍ତାହେ ପୂର୍ବରୁ ଅର୍ଡର ମଧ୍ୟ ଦିଆଗଲାଣି। ଡୁମଡୁମାସ୍ଥିତ ଏକ ପ୍ରିଣ୍ଟିଂ ପେସର କର୍ମଚାରୀଙ୍କ କହିବାନୁଯାୟୀ ପୂର୍ବଥର ଅପେକ୍ଷା ଏଥର ଟିକେ ଅଧିକ ଅର୍ଡର ଆସିଛି। ବର୍ତ୍ତମାନ ସୁଦ୍ଧା ଦୁଇରୁ ତିନି ହଜାର ମଧ୍ୟରେ ଅର୍ଡର ଆସିସାରିଲାଣି। ପୂଜା ନିକଟ ହେଲେ ଅର୍ଡର ସଂଖ୍ୟା ମଧ୍ୟ ବଢ଼ିଥାଏ। ପ୍ରତି କ୍ଲବ ବା ଅନୁଷ୍ଠାନ ପିଛା ୩୦ ରୁ ୪୦ ପିସ ଟି-ସାର୍ଟ ଅର୍ଡର ରହିଥାଏ। ଏହାର ମୂଲ୍ୟ ୧୧୦ ରୁ ୩୭୦ ପର୍ଯ୍ୟନ୍ତ ରହିଛି ବୋଲି ଜାଣିବାକୁ ମିଳିଛି। ଏହାବ୍ୟତୀତ ଗଣେଶ ପୂଜା ପାଇଁ ରାଜଧାନୀର ପ୍ରମୁଖ ଏକ ନଂ ମାର୍କେଟ ଏବଂ ବିଭିନ୍ନ ଛକରେ କଷ୍ଟମାଇଜ ସହ ରେଡିମେଟ ଟି-ସାର୍ଟ ବିକ୍ରି ହେଉଛି। ଯାହାର ମୂଲ୍ୟ ୧୦୦ରୁ ୧୫୦ ରହୁଛି। ଏହି ସବୁ ଟି-ସାର୍ଟ ଦିଲ୍ଲୀରୁ ଆସୁଥିବା ଦୋକାନୀ କହିଛନ୍ତି। ସେହିପରି କେହି କେହି ଅନଲାଇନ ମାଧ୍ୟମରେ ବି ଅର୍ଡର କରୁଛନ୍ତି। ସେଥିରେ ଅଧିକ ଭେରାଇଟି ସହ ଛୋଟରୁ ବଡ ସବୁ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ହେଉଛି। ଯେଉଁଠି ମୂଲ୍ୟ କ୍ୱାଲିଟି ହିସାବରେ ୧୭୦ରୁ ୮୦୦ ପର୍ଯ୍ୟନ୍ତ ପରିଲକ୍ଷିତ ହେଉଛି।

ସୃଜନୀର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯।୮ (ସମିସ): ସୃଜନୀର ଅନୁଷ୍ଠାନର ୩୯ତମ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ ଯୋଗ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ, ଲେଖକ, ନାଟ୍ୟକାର, କଳାକାର କବି ଓ ସମାଜସେବୀ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସୃଜନୀର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସୃଜନୀର ସମ୍ପାଦକ ଦ୍ୱାରା ଆଗାମୀ ଦିନରେ ହେବାକୁ ଥିବା ନାରାୟଣ ନାଟ୍ୟ ମହୋତ୍ସବ ଓ ଶିଶୁ ନାଟକ ମହୋତ୍ସବରେ ତାରିଖ ଘୋଷଣା ହୋଇଥିଲା। ସ୍ୱାଧୀନତାର ୭୯ତମ ଅମୃତ ମହୋତ୍ସବ ପାଇଁ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ସୃଜନୀର ସମ୍ପାଦକ ଚିତ୍ତ ରଞ୍ଜନ ରାୟ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସ୍ଥିତ ଅତିଥିମାନେ ସୃଜନୀର ପ୍ରତିଷ୍ଠାତା ବିଶିଷ୍ଟ କବି, ନାଟ୍ୟକାର, ନିର୍ଦ୍ଦେଶକ, କଳାକାର ଓ ସମାଜସେବୀ ସର୍ଗତଃ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ସୃଜନୀର ଉପସଭାପତି ମାନସ ରଞ୍ଜନ ରାୟମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ସଭାରେ ସୃଜନୀର ବରିଷ୍ଠ ସଭ୍ୟ ପ୍ରସନ୍ନ ମିଶ୍ର, ନୃସିଂହ ମହାପାତ୍ର, ସୁଧାକର ମହାନ୍ତି, ଶଶିପ୍ରଭା ଦାସ ପ୍ରମୁଖ ଯୋଗ ଦେଇଥିଲେ।

'ଚ୍ୟାଲେଞ୍ଜ'ର ଫାଷ୍ଟ ଲୁକ୍ ଲୋକାର୍ପିତ

ଭୁବନେଶ୍ୱର, ୧୯।୮ (ସମିସ): ଦଶହରାରେ ମୁକ୍ତିଲାଭ କରିବାକୁ ଥିବା 'ଚ୍ୟାଲେଞ୍ଜ'ର ଟିଜର୍ ମୁକ୍ତିଲାଭ କରିଛି। ଓଲିଉଡ ଷ୍ଟାର ଅର୍ଦ୍ଧେନ୍ଦୁ ଏବଂ ବଲିଉଡ ଷ୍ଟାର ପୁନିତଙ୍କୁ ଗୋଟିଏ ପରଦାରେ ଏକାଠି ଦେଖିବାକୁ ମିଳିବେ। ଏହା ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରର ୬ଷ୍ଠ ଅବଦାନ। ସେହିପରି ନାୟିକା ଭୂମିକାରେ ଏଲିନା ସାମନ୍ତରାୟ ରହିଥିବା ବେଳେ ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ସାଇ କିରଣ ମଙ୍ଗରାଜ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

ପ୍ରତି ୧୦ ଜଣରେ ୩ ଜଣ ପୁରୁଷ ଭୋଗୁଛନ୍ତି ଯୌନ ଯନ୍ତ୍ରଣା

ଭୁବନେଶ୍ୱର, ୧୯।୮ (ସମିସ): ବିଭିନ୍ନ ପ୍ରକାର ସମସ୍ୟା ଏବେ ରୋଗ ଆକାରରେ ମଣିଷ ଶରୀର ରେ ଦେଖା ଦେଉଛି। ସେଥିରୁ ଯୌନ ସମସ୍ୟା ଅନ୍ୟତମ। ଏଭଳି କେତେକ ସମସ୍ୟାର ସମାଧାନ ପାଇଁ ଏବେ ଲିଙ୍ଗ ପ୍ରତ୍ୟାରୋପଣର ଅବଶକ୍ୟତା ପଡୁଛି ବୋଲି ବରିଷ୍ଠ ମୂତ୍ରାଶଲ୍ୟ ଚିକିତ୍ସକ ଡାକ୍ତର ବିଶ୍ୱଜିତ ନନ୍ଦ ଏବଂ ଡାକ୍ତର ସରୋଜ କୁମାର ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ସେମାନେ କହିଥିଲେ ଯେ, ପୁରୁଷମାନଙ୍କର ଯୌନ ଦୃଷ୍ଟିର ଅସମର୍ଥତା ହେଉଛି ଏକ ସାଧାରଣ କିନ୍ତୁ ଗୁରୁତର ସମସ୍ୟା। ଯାହା ପ୍ରତି ୧୦ ଜଣ ପୁରୁଷ ମଧ୍ୟରୁ ୩ ଜଣଙ୍କୁ ପୀଡା ଦେଇଥାଏ। ମଧୁମେହ, ହର୍ମନ ଅସନ୍ତୁଳିତ, ବୟସ, ଔଷଧ ଏବଂ ଡିକିପିଡିମିଆ ଏହି ରୋଗର ମୁଖ୍ୟ କାରଣ। ବହୁତ ଏହାକୁ ନେଇ ଲଜ୍ୟାବୋଧ କରୁଥିବା ରୁ ଠିକ ସମୟରେ ଚିକିତ୍ସା ନେଇ ପାରୁ ନାହାନ୍ତି ଓ ଜୀବନରେ ଦୁଃଖ, ମାନସିକ ଚାପଗ୍ରସ୍ତ ଏବଂ ପାରିବାରିକ ସମସ୍ୟା ର ସମ୍ମୁଖୀନ କରିଥାନ୍ତି। ଏହି ଭଳି ସମସ୍ୟାର ସମାଧାନ ଆଧୁନିକ ଚିକିତ୍ସା ପ୍ରଣାଳୀରେ ସମ୍ଭବ ବୋଲି କହିଛନ୍ତି ଡା ବିଶ୍ୱଜିତ ନନ୍ଦ ଓ ଡା ସରୋଜ ପଣ୍ଡା। ଯେଉଁଥିରେ ଏକ ପ୍ରକାର କୃତ୍ରିମ ଯନ୍ତ୍ରକୁ ଲିଙ୍ଗ ମଧ୍ୟରେ ଅସ୍ତ୍ରୋପଚାର ଦ୍ୱାରା ସ୍ଥାପିତ କରାଯାଇଥାଏ। ଏଇ ଅସ୍ତ୍ରୋପଚାର ପାଇଁ ରୋଗୀ ଡାକ୍ତରଖାନା ରେ ୨ ରୁ ୩ ଦିନ ରହିବାକୁ ପଡ଼ିଥାଏ। ଅପରେସନ ପରେ ରୋଗୀ ୩-୭ ଦିନ ମଧ୍ୟରେ ସ୍ୱାଭାବିକ ଅବସ୍ଥା କୁ ଆସି ଯାଇଥାନ୍ତି। ରୋଗୀ ୪ ରୁ ୬ ସପ୍ତାହ ପରେ ସହବାସ କରି ପାରିବେ। ଏହି ଅପରେସନ ଦ୍ୱାରା ଲିଙ୍ଗ ଉପରେ କୌଣସି ମଧ୍ୟ ଦାଗ ରହେ ନାହିଁ ବୋଲି ଡାକ୍ତରମାନେ କହିଛନ୍ତି।

'ପଞ୍ଚକର୍ମ ଚିକିତ୍ସା ବିଜ୍ଞାନ' ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର, ୧୯।୮ (ସମିସ): ବିଶିଷ୍ଟ ଭେଷଜ ଚିକିତ୍ସକ ଡ. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ଦ୍ୱାରା ରଚିତ 'ପଞ୍ଚମକର୍ମ ଚିକିତ୍ସା ବିଜ୍ଞାନ'

ଉକ୍ତ ପୁସ୍ତକଟକୁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳିତ ହେବା ପାଇଁ ରାଜ୍ୟ ସରକାର ସୁପାରିଶ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସଂସ୍କୃତି ପୁରୁଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳ, ଡ. ସଞ୍ଜୟ କୁମାର ବେହୁରା, ଆୟୁର୍ବେଦ ଚିକିତ୍ସକ ସୂର୍ଯ୍ୟକାନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କ୍ରାନ୍ତି କୁମାର ସକସେନା, ପ୍ରକାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପୁସ୍ତକଟି ଜନକଲ୍ୟାଣ ଦିଗରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୧୯।୮ (ସମିସ): ଏଆଇ ଏବଂ ସୋସିଆଲ ମିଡ଼ିଆର ଅପପ୍ରଚାର ଯୁଗରେ ସାମ୍ପ୍ରଦାୟିକତା ସାରା ବିଶ୍ୱରେ ଗୁରୁତର ବିପଦ ଦେଇ ଗତି କରୁଛି। ସାମାଜିକ ଗଣମାଧ୍ୟମର କ୍ରମବର୍ଦ୍ଧିଷ୍ଣୁ ଭୂମିକା ଏବଂ ଯୋଗାଯୋଗ ପ୍ରକ୍ରିୟାରେ ଲୋକଙ୍କ ଅଂଶଗ୍ରହଣ ସହିତ ଏଆଇ ଇଣ୍ଟରନେଟରେ କୋଟି କୋଟି ସଂଖ୍ୟାରେ ଘଟଣାର ଅପପ୍ରଚାର ପ୍ରସାରିତ କରିବାକୁ ଅନୁମତି ଦେଉଥିବା ବେଳେ, ପାରମ୍ପରିକ ଗଣମାଧ୍ୟମର ଏକମାତ୍ର ଭୂମିକା ହେଉଛି ଜନସାଧାରଣଙ୍କ ପାଇଁ ବିଶ୍ୱସନୀୟ ଏବଂ ନିର୍ଭରଯୋଗ୍ୟ ସୂଚନାର ଉତ୍ସ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାମ୍ବାଦିକ ସଙ୍ଘ, ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ ୟୁନିୟନ ନୂଆଦିଲ୍ଲୀ ଏବଂ ଇଣ୍ଟରନେସନାଲ ରିଲେସନ ସେଣ୍ଟର, ପୋଲାଣ୍ଡର ମିଳିତ ସହଯୋଗରେ ଭୁବନେଶ୍ୱର ଆର୍ଯ୍ୟ ପ୍ୟାଲେସଠାରେ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରନାସନାଲ ରିଲେସନ ସେଣ୍ଟରର ସଭାପତି ପ୍ରଫେସର ଡ. ମାଲଗୋରଜାଟା ବୋନିକୋସ୍କି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଓଡ଼ିଶା ସାମ୍ବାଦିକ ସଙ୍ଘର ସଭାପତି ଶଶି ଭୂଷଣ ପ୍ରହରାଜ, ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ ୟୁନିୟନ ଏବଂ ଇଣ୍ଟରନେସନାଲ ଫେଡେରେସନ ଅଫ ଜର୍ଣ୍ଣାଲିଷ୍ଟର ଉପାଧ୍ୟକ୍ଷ ସବିନା ଇନ୍ଦ୍ରଜିତ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସାମ୍ବାଦିକ ସଂଘର ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମଚିତ ହୋଇଥିଲା। ସାମ୍ବାଦିକ ଶ୍ରୀକାନ୍ତ ରାଉତ ସେମିନାର ପରିଚାଳନା କରିଥିବାବେଳେ ଓଡ଼ିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯୋଧନ ମହାରଣା, ରାଜ୍ୟ ସମ୍ପାଦକ ରାଜକିଶୋର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସାରସ୍ୱତ ସମାଜ କବିତା ସଙ୍କଳନ ଉନ୍ମୋଚିତ



ଭୁବନେଶ୍ୱର, ୧୯।୮ (ସମିସ): ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସମାଜ ଓଡ଼ିଶା ଭୁବନେଶ୍ୱରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ମଙ୍ଗଳବାର ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟକ ତଥା କଥାକାର ବୈଷ୍ଣବ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟକା ଓ ସ୍ତମ୍ଭକାର ଡ. ପ୍ରତିଭା ମହାରଥୀ ଏବଂ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟକ ଅତିସ୍ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସାହିତ୍ୟ ପତ୍ରିକା ସାରସ୍ୱତ ସମାଜ କବିତା ସଙ୍କଳନ ୨୦୨୫ ଉନ୍ମୋଚିତ ହୋଇଥିଲା। ରବି ନାରାୟଣ ରାୟଙ୍କର ପୁସ୍ତକ 'ସାଧାରଣ ଜ୍ଞାନ' ଏବଂ ନିରଞ୍ଜନ ଚନ୍ଦ୍ର ପଣ୍ଡାଙ୍କ ପୁସ୍ତକ "ଅଙ୍ଗେଲିଭା ଅନୁଭୂତିରୁ କେଇପଦ' ଉନ୍ମୋଚନ କରାଯାଇଥିଲା। ତତ୍‌ପରେ କବୟିତ୍ରୀ ରୋଜାଲିନ୍ ଜେନାଙ୍କୁ 'ଉଦୀୟମାନ ପ୍ରତିଭା ସମ୍ମାନ', କବି ଦିଲ୍ଲୀପ କୁମାର ମହାନ୍ତିଙ୍କୁ 'ଉତ୍କଳ ପଦ୍ମ ରବିନାରାୟଣ ରାୟ ସାରସ୍ୱତ ସମ୍ମାନ', କବି ମାୟାଧର ସରାଫଙ୍କୁ ଶ୍ରେଷ୍ଠ ଭାଷାବିତ ସମ୍ମାନ', କବୟିତ୍ରୀ ସ୍ନେହଲତା ପାଢ଼ୀଙ୍କୁ 'ଗୀତିକବି ସମ୍ମାନ', କବୟିତ୍ରୀ ପୁଷ୍ପଲତା ମିଶ୍ରଙ୍କୁ 'କବି ଭାରତୀ ସମ୍ମାନ', କବି ସୁରେଶ ମହାପାତ୍ରଙ୍କୁ 'କବି କୋଣାର୍କ ସମ୍ମାନ' ଏବଂ କବି ଅତିସ୍ ମହାନ୍ତିଙ୍କୁ 'ଜ୍ଞାନଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଉପସଭାପତି ନିଖିଳ କୁମାର ବଳବନ୍ତରାୟ, ସଞ୍ଚାଳକ ନିରଞ୍ଜନ ଚନ୍ଦ୍ର ପଣ୍ଡା ଓ ଯୁଗ୍ମ ସମ୍ପାଦକ ରବିନାରାୟଣ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ସଞ୍ଚାଳନ କରିଥିଲେ। କବୟିତ୍ରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ମଞ୍ଚରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିଏମ୍‌ସି ପକ୍ଷରୁ ପାତ୍ରପଡ଼ାରେ ବୃକ୍ଷରୋପଣ

ଭୁବନେଶ୍ୱର, ୧୯।୮ (ସମିସ): ବିଏମ୍‌ସି ପକ୍ଷରୁ ପାତ୍ରପଡ଼ା ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହୋଇଛି। ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ନେତୃତ୍ୱରେ ବିଏମ୍‌ସି ପାତ୍ରପଡ଼ା ମହାରାଜା ଖେଳ ପଡ଼ିଆ ବା ରଜ ପଡ଼ିଆଠାରେ ବିଭିନ୍ନ ପ୍ରଜାତିର ୩ହଜାରରୁ ଅଧିକ ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖିଛି। ଗତ ବର୍ଷ ବିଏମ୍‌ସି ସେହି ସ୍ଥାନରେ ଫଳ ଧାରଣକାରୀ, ଔଷଧୀୟ ୮ହଜାର ଗଛ ଲଗାଯାଇଥିଲା। ଏହି ସବୁ ଗଛ ଏବେ ଛୋଟ ଘଞ୍ଚ ଜଙ୍ଗଲରେ ପରିଣତ ହେବାକୁ ଯାଉଛି। ଏହାକୁ ଆଧାର କରି ବିଏମ୍‌ସି ବର୍ତ୍ତମାନ ମିଆୱାକି ପଦ୍ଧତିରେ ବିଭିନ୍ନ ସ୍ଥାନରେ ଜଙ୍ଗଲ ସୃଷ୍ଟି କରିଚାଲିଛି। ଏଥିପାଇଁ ସିଟି ଫରେଷ୍ଟ ଡିଭିଜନ ସହଯୋଗର ହାତ ବଢ଼ାଇ ଆସୁଛି। ଆଜି ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମେୟର, କମିଶନରଙ୍କ ସମେତ ଡେପୁଟି ମେୟର ମଞ୍ଜୁଲତା କହଁର, ସିଟି ଡିଏଫଓ ବିଶ୍ୱରାଜ ପଣ୍ଡା, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ, ୪୪ ନମ୍ବର କର୍ପୋରେଟର ଅଜିତ୍ ବେହେରା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ।

ଏମ୍‌ଏଲ୍‌ଏ କଲୋନୀରେ ପୂଜା ପ୍ରସ୍ତୁତି

ଗଣେଶ ପୂଜାରେ 'ବୋତଲ ତୋରଣ'

ଭୁବନେଶ୍ୱର, ୧୯।୮ (ସମିସ): ଭୁବନେଶ୍ୱରର ୟୁନିଟ୍-୪ ସ୍ଥିତ ଏମଏଲ୍‌ଏ କଲୋନୀର ଯୁବ ଅନୁଷ୍ଠାନ 'ପ୍ୟାସନ କ୍ଲବ୍' ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ଧୁମଧାମରେ ପାଳନ ହେବ। ଏଥର ଆକର୍ଷଣ ପାଲଟିବ ବୋତଲ ଆକୃତିର ତୋରଣ। ଚଳିତବର୍ଷ ପୂଜାକୁ ୨୦ ବର୍ଷ ପୂରଣ ହେଉଥିବାରୁ ଠାକୁରଙ୍କ ବିଗ୍ରହ ୨୦ ଫୁଟ ଉଚ୍ଚତାର ନିର୍ମାଣ ହେବ। ଏଥିପାଇଁ କଲିକତାର ୩୦ରୁ ଉର୍ଦ୍ଧ୍ୱ କାରିଗର ତୋରଣ କାର୍ଯ୍ୟରେ ଲାଗିଥିବା ବେଳେ ମୂର୍ତ୍ତି ତିଆରିରେ ଲାଗିଛନ୍ତି ଆର୍ଟ କଲେଜର ଛାତ୍ରଛାତ୍ରୀମାନେ। ଅଗଷ୍ଟ ୨୭ ରୁ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୂଜାରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ବୃକ୍ଷ ରୋପଣ କରାଯିବ। ୨ତାରିଖ ଦିନ ୨୦୦୦ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସାଙ୍ଗକୁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି କ୍ଲବ୍‌ର ସଭାପତି ଅଶୋକ କୁମାର ପଲ୍ଲାଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ର, ଯୁବ ନେତା ନରେନ ସାହୁ, ଉପଦେଷ୍ଟା ମନୋଜ ରାଉଳ, କ୍ଲବ୍‌ର ଉପସଭାପତି ପ୍ରଶାନ୍ତ ବଡୁ, ସମ୍ପାଦକ ସୁବାଷ ବେହେରା ପ୍ରମୁଖ କର୍ମକର୍ତ୍ତା ଏବଂ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

ମନ୍ଦିର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଲେ ଅଚ୍ୟୁତ ସାମନ୍ତ

ବାଲିଅନ୍ତା, ୧୯।୮ (ସମିସ): ସୋମବାର ସକାଳ ସମୟରେ ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର କୋଷାଧ୍ୟକ୍ଷ ଚକ୍ରଧର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଶିକ୍ଷାବିତ୍, କିଟ ଓ କିମିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ସାକ୍ଷାତ କରିଥିଲେ। ଶ୍ରୀ ସୁଦର୍ଶନ ଦାରୁପୀଠରେ ନିର୍ମିତ ଜଗନ୍ନାଥ ମନ୍ଦିରର ପୂର୍ଣ୍ଣାଙ୍ଗ ଓ ତାର ପାରିପାର୍ଶ୍ୱିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଉ ମଧ୍ୟ ଦାରୁପୀଠକୁ ଆସିବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷାତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରଞ୍ଜନ ମହାପାତ୍ର, ପ୍ରକୃତିବନ୍ଧୁ ବନ୍ଧୁ ଭୋଇ, ଭାଗ୍ୟଧର ସାହୁ, ଲକ୍ଷ୍ମଣ ଜେନା ଓ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ରାଜଧାନୀ ରାସ୍ତାକଡ଼ରେ ମିନି ଭାରତ

ଭୁବନେଶ୍ୱର, ୧୯।୮ (ସମିସ)

ରାଜଧାନୀକୁ ଭୁବନେଶ୍ୱରକୁ ଏକ କ୍ଷୁଦ୍ର ଭାରତ କହିଲେ ଚଳେ। ଏଠାକୁ ବିଭିନ୍ନ ଭାଷା ଭାଷୀ ଓ ଧର୍ମାବଲମ୍ବୀ ଲୋକମାନେ ଆସି ବସବାସ କରିବା ସହିତ ବିଭିନ୍ନ ବେପାର ବଣିଜ କରିବା ସହିତ ବସବାସ ମଧ୍ୟ କରୁଛନ୍ତି।

ମିଳୁଛି ବିଭିନ୍ନ ରାଜ୍ୟର ଖାଦ୍ୟ, ପୋଷାକ, ଅଳଙ୍କାର

ପୂର୍ବରୁ ସହରବାସୀ ଅନ୍ୟସ୍ଥାନକୁ ପେଟପାଟଣା ପାଇଁ ଯାଉଥିବା ବେଳେ ବର୍ତ୍ତମାନ ରାଜଧାନୀ ବାହାରର ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। ସେଥିପାଇଁ ସହରରେ ବୁଲା ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେହେତୁ ସବୁ ବର୍ଗର ଲୋକମାନଙ୍କର ପାଇଁ ମଲ୍ ଓ ବଡ଼ ରେଷ୍ଟୋରାଂ ଯିବା ସମ୍ଭବପର ହେଉନାହିଁ। ଏଣୁ ରାସ୍ତାକଡ଼ ସାଧାରଣ ଲୋକ, ବିଶେଷ କରି ଯୁବପିଢ଼ିଙ୍କର ଆଡ଼ାସ୍ଥଳୀ ପାଲଟିଯାଇଛି। ଓଡ଼ିଶା ସମେତ ରାଜସ୍ଥାନ, ଗୁଜୁରାଟ, ଉତ୍ତରପ୍ରଦେଶ, ଦିଲ୍ଲୀ, ମୁମ୍ବାଇ, ନେପାଳ ଆଦିରୁ ବେପାରୀ ଆସି ରାଜଧାନୀର ବିଭିନ୍ନ ଛକ

ଯେପରିକି ରାଜମହଲ, ରାମ ମନ୍ଦିର, ପ୍ରଦର୍ଶନୀ ପଡ଼ିଆ ପାଖ, ମାଷ୍ଟକ କ୍ୟାଣ୍ଟିନ୍, ସହିଦ ନଗର, ଆଶୋକ ନଗର, ଖଣ୍ଡଗିରି, ଆଦି ସ୍ଥାନରେ ପସରା ମେଲାଇଛନ୍ତି। ଏମାନେ ଓଡ଼ିଶାକୁ ପ୍ରାୟତଃ ଅଗଷ୍ଟ ମାସ ବେଳକୁ ବେପାର କରିବାକୁ ଆସୁଛନ୍ତି। ପାର୍ବଣ ଋତୁ ଓ ନୂଆ ବର୍ଷ ପାଖାପାଖିର ଉତ୍ସବମୁଖର ସମୟରେ ବେପାର କରି ଖଣ୍ଡଗିରି ଯାତ୍ରା ପରେ ପୁଣି ଘରକୁ ଫେରିଯାଉଛନ୍ତି।

ପିଏମ୍ ସ୍କୋୟାର, ରାଜମହଲ ସହିତ ସହରର ଅନ୍ୟ ଛକ ହେଉଛି ଜ୍ୱଳନ୍ତ ଉଦାହରଣ। ଏହିପରି କିଛି ଛକରେ ବ୍ୟବସାୟୀମାନେ ପୋଷାକ, ଅଳଙ୍କାର, ଚପଲ, ମାର୍ବଲ ସାମଗ୍ରୀ, ପ୍ଲାଷ୍ଟିକ୍ କୁଣ୍ଡ, ଫୁଲଦାନୀ, ଅତର, ଚଷମା ଆଦି ସୁଲଭ ମୂଲ୍ୟରେ ବିକ୍ରି କରୁଛନ୍ତି। ଏନେଇ ପୋଷାକ ବ୍ୟବସାୟୀ ଜିତେନ୍ ସିଂହ କୁହନ୍ତି ସାଧାରଣ ଲୋକମାନେ ମଲ୍‌କୁ ଯାଇ ଅଧିକ ଟଙ୍କାରେ ଜିନିଷ କିଣିଲେ ଅଧିକ ପଇସା ଦେବାକୁ ପଡୁଛି। ହେଲେ ଏଠାରେ ଯୁବପିଢ଼ି କମ୍ ମୂଲ୍ୟରେ ପୋଷାକ ସହିତ ଅନ୍ୟ ଜିନିଷ ମଧ୍ୟ ପାଉଛନ୍ତି। ଏଥିସହିତ ସେମାନଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁନାହିଁ। ତେଣୁ ରାସ୍ତାକଡ଼ ଜିନିଷ ପ୍ରତି ଯୁବପିଢ଼ି ଆକର୍ଷିତ ହେଉଛନ୍ତି ବୋଲି କହିଛନ୍ତି। ଏହିପରି ମାଷ୍ଟର କ୍ୟାଣ୍ଟିନ୍ ଛକ, ସହିଦ ନଗର ଛକ ପାଖରେ ପ୍ରତିଦିନ ଜମୁଛି ବିଭିନ୍ନ ରାଜ୍ୟର ଖାଦ୍ୟର ପସରା, ଏଥିରେ ମୁମ୍ବାଇର ବଡ଼ାପାଓ୍ୱା, ପାଓଭାଜି, ପଞ୍ଜାବର ଛୋଲେ ଭତୁରେ, ହାଇଦ୍ରାବାଦୀ ବିରିୟାନୀ ଓ ନେପାଳ, ତଦ୍ଦିତର ମୋମୋ ଆଦି ମିଳୁଛି। ଏହି ସବୁକୁ କିଛି ସ୍ଥାନୀୟ ଲୋକମାନେ ବେପାର କରୁଥିବା ବେଳେ ବାହାର ରାଜ୍ୟର ବେପାରୀମାନେ ଆସି ବେପାର କରୁଛନ୍ତି।

ଅଶୋକ ସାହୁ ପାରାଦୀପ ବନ୍ଦର ଆର୍ଥିକ ପରାମର୍ଶଦାତା ନିଯୁକ୍ତ

ପାରାଦୀପ, ୧୯।୮ (ସମିସ): ଅଶୋକ କୁମାର ସାହୁ ପାରାଦୀପ ବନ୍ଦରର ଆର୍ଥିକ ପରାମର୍ଶଦାତା ଓ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ୨୦୦୫ରେ ୟୁରାନିୟମ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ସହିତ ଜୁନିଅର୍ ଆକାଉଣ୍ଟସ୍ ଅଧିକାରୀ ଭାବେ ତାଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ। ପରେ ସେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷରେ ଯୋଗ ଦେଇଥିଲେ। ସେ ୨୦୦୫ରୁ ୨୦୧୬ ମଧ୍ୟରେ ଆକାଉଣ୍ଟସ୍ ଅଧିକାରୀ ଗ୍ରେଡ୍-୧ ଓ ବରିଷ୍ଠ ଆକାଉଣ୍ଟସ୍ ଅଧିକାରୀ ଭାବେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ୨୦୧୬ରେ ତାଙ୍କୁ ବରିଷ୍ଠ ଉପମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ୨୦୧୯ ପର୍ଯ୍ୟନ୍ତ ନ୍ୟୁ ମାଙ୍ଗାଲୋର ବନ୍ଦର କର୍ତ୍ତୃପକ୍ଷରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷରେ ସମାନ ପଦବୀରେ ନିଯୁକ୍ତି ଦିଆଯାଇଥିଲା। ୨୦୨୧ରେ ତାଙ୍କୁ ଭି.ଓ ଚିଦାମ୍ବରନର ବନ୍ଦର କର୍ତ୍ତୃପକ୍ଷରେ ଆର୍ଥିକ ପରାମର୍ଶଦାତା ଓ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ଉନ୍ନୀତ କରାଯାଇଥିଲା। ଯେଉଁଠାରେ ସେ ତାଙ୍କର ବର୍ତ୍ତମାନର ପୋଷ୍ଟିଂ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ।

ଗାଦିବ୍ରହ୍ମ ମହିଳା କଲେଜରେ ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ କାଦୁଅପଡାସ୍ଥ ଗାଦିବ୍ରହ୍ମ ମହିଳା କଲେଜରେ ଅଧକ୍ଷା ଡଃ ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଇନୋଭେସନ୍ ଓ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଜଗତସିଂହପୁର ଶାଖାର ମୁଖ୍ୟ ପ୍ରବନ୍ଧକ ସୁଶାନ୍ତ ସୁନୀଲ ଅଧିକାରୀ ଯୋଗଦେଇ ଛାତ୍ରୀଙ୍କୁ ଭବିଷ୍ୟତରେ କିପରି ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ରବୀନ୍ଦ୍ର ସ୍ୱାଇଁ, ପବିତ୍ର ମୋହନ ଶତପଥୀ ଓ ଆଇଜାକ୍ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ନିଜ ଭିତରେ ଲୁଚି ରହିଥିବା ପ୍ରତିଭା ଓ ଜ୍ଞାନକୌଶଳ ମାଧ୍ୟମରେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷା ଡଃ ମହାନ୍ତି ଷ୍ଟାର୍ଟଅପର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ଇଣ୍ଟରପିନର ମିନତୀ ମହାରଣାଙ୍କ ସହଯୋଗିତାରେ ଝୋଟ ଓ କତା ନିର୍ମାଣ ୱାର୍କସପ୍ ଅନୁଷ୍ଠିତ ହୋଇଥିଲା। କଲେଜର ଏନଏସଏସ ଅଧିକାରିଣୀ ସାଗରିକା ସାହୁ, ରେଡକ୍ରସ ଅଧିକାରିଣୀ ଡଃ ଉର୍ମିଳା ମହାରଣା, ଅଧାପକ ଅଶୋକ ସ୍ୱାଇଁ, ଆଶୁତୋଷ ପଶାୟତଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧାପିକା ଭାରତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଅଳକା ଆଶ୍ରମରେ ସରଳା ଦେବୀଙ୍କ ଜୟନ୍ତୀ

ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ସହରର ଚାଟ୍ରାସ୍ଥ ଅଳକା ଆଶ୍ରମ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ସରଳା ଦେବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଅଧାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତା, ମୁଖ୍ୟବକ୍ତା ଭାବେ ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ସୋମନାଥ ମହାରଣା ପ୍ରମୁଖ ଯୋଗଦେଇ ସରଳା ଦେବୀଙ୍କ ଦେଶପ୍ରେମ, ତ୍ୟାଗ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ସରଳା ଦେବୀଙ୍କ ସଂଗ୍ରାମୀ ଭୂମିକା ଓ ବିଶେଷକରି ନାରୀଶକ୍ତିକୁ ଜାଗ୍ରତ କରିବାରେ ତାଙ୍କର ଅବଦାନ ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଜ୍ୟୋତି ରଞ୍ଜନ ପ୍ରଧାନ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସବିତା ମହାନ୍ତି, ନିର୍ମଳ ଚେହେରା, ବାବୁ ଦାସ, ଲୋଚନା କୁମାରୀ ଦେଇ ଓ ତିଳୋତ୍ତମା ଦାଶ ପ୍ରମୁଖ ଯୋଗଦେଇ ସରଳା ଦେବୀଙ୍କ ସଂଗ୍ରାମୀ ଜୀବନ ଓ ସମାଜରେ ଚାଲିଥିବା କୁସଂସ୍କାର, ଅନ୍ଧବିଶ୍ୱାସର ବିଲୋପ ପାଇଁ ତାଙ୍କର ବଳିଷ୍ଠ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଶିକ୍ଷାବିତ ବିଜୟ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିପାଟଣା ହାଟରେ ଜମୁଛି ପାଣି

ଧାନ ତଳି ରୋଇ ବ୍ୟବସାୟୀ ଓ ଖାଉଟିଙ୍କ ନିଆରା ପ୍ରତିବାଦ

ବାଲିକୁଦା,୧୯।୮ (ସମିସ):

ବାଲିକୁଦା ବ୍ଲକ୍ ବରମୁଣ୍ଡଳୀ ପଞ୍ଚାୟତରେ ଥିବା ବାଲିପାଟଣା ସାପ୍ତାହିକ ହାଟରେ ବର୍ଷାପାଣି ଜମି ରହୁଥିବା କାରଣରୁ ବ୍ୟବସାୟୀ ଓ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ସରପଞ୍ଚ ଓ ବିଧାୟକଙ୍କୁ ଅବଗତ କରାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବାରୁ ଆଜି ହାଟ ପରିସରରେ ବ୍ୟବସାୟୀ ଓ ଖାଉଟି ଧାନ ତଳି ରୋଇ ନିଆରା ଭାବେ ପ୍ରତିବାଦ କରିଛନ୍ତି।

ସୂଚନା ମୁତାବକ, ବାଲିକୁଦା ବ୍ଲକ୍ ବରମୁଣ୍ଡଳୀ ପଞ୍ଚାୟତର ବାଲିପାଟଣାଠାରେ ଥିବା ସାପ୍ତାହିକ ହାଟ ପରିସରରୁ ଜଳ ନିଷ୍କାସନ ପ୍ରସଙ୍ଗ ଏବେ ଚାଷୀ, ବ୍ୟବସାୟୀ ଓ ଖାଉଟିଙ୍କ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ପ୍ରତ୍ୟେକ ବର୍ଷ ବର୍ଷାଋତୁରେ ଏହି ସମସ୍ୟା ପାଇଁ ବ୍ୟବସାୟୀ ଓ ଚାଷୀଙ୍କ ପନିପରିବା ବର୍ଷା ଜଳ ସମସ୍ୟା କାରଣରୁ ନଷ୍ଟ ହେଉଥିବାବେଳେ ଖାଉଟି ଅଧିକ ଦର ପରିବା କିଣିବାକୁ ବାଧ୍ୟ ହେଉଛନ୍ତି। ଯାହା ଦିନେ ଦୁଇଦିନ ମଧ୍ୟରେ ପଚି ନଷ୍ଟ ହୋଇଯାଉଛି। ଯାହାକୁ ନେଇ ଅନେକବାର ପ୍ରଶାସନ ନିକଟରେ ଦାବି ହୋଇଥିଲେ ମଧ୍ୟ ଏହାର ସମାଧାନ ହେଉ ନ ଥିବା କାରଣରୁ ଚାଷୀ, ବ୍ୟବସାୟୀଙ୍କ ସମେତ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ହାଟ ଉପରେ ବାଲିକୁଦା ବ୍ଲକର ୮ଟି ପଞ୍ଚାୟତ ଖାଲଗାଁ, ଓଷକଣା, ଅପଣ୍ଡରା, ଅନନ୍ତପୁର, କୁସୁପୁର, ବରମୁଣ୍ଡଳୀ, ନହରଣା, ମରିଚପୁରର ଜନସାଧାରଣ ନିର୍ଭର କରୁଥିବାବେଳେ ଏଠାକାର ଚାଷୀ ସପ୍ତାହରେ ୨ ଦିନ ମଙ୍ଗଳବାର ଓ ଶୁକ୍ରବାର ସେମାନଙ୍କ ବାଡ଼ି ଓ କ୍ଷେତରେ ଲଗାଇଥିବା ପନିପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ଅନ୍ୟପକ୍ଷରେ ବାଲିକୁଦା ବ୍ଲକ୍ ସମେତ ନାଉଗାଁ ବ୍ଲକର

ବହୁ ପରିବା ବ୍ୟବସାୟୀ ଏଠାରେ ପରିବା ବିକ୍ରି କରୁଥିବାବେଳେ ଏହି ହାଟରେ ପ୍ରବଳ ଜନସମାଗମ ଦୃଷ୍ଟିକୋଣରୁ ଏହା ବ୍ୟବସାୟୀଙ୍କ ପାଇଁ ଉତ୍କୃଷ୍ଟ ବ୍ୟବସାୟ ସ୍ଥଳୀ ପାଲଟିଥାଏ। ଫଳରେ ଅନେକ ବ୍ୟବସାୟୀ କଟକ ଛତ୍ରପୁର ପରିବା ଆଣି ଭଲ ଆୟ କରିଥା'ନ୍ତି। କିନ୍ତୁ ବର୍ଷା ଋତୁରେ ଅମଳ କମ୍ ହେଉଥିବାବେଳେ ପରିବା ଦର ମଧ୍ୟ ଉଚ୍ଚା ଥାଏ। ହାଟରେ ଆବଶ୍ୟକ ଭିତ୍ତିଭୂମି ଓ ଡ୍ରେନେଜ ସମସ୍ୟା ପାଇଁ ପ୍ରତ୍ୟେକ ବର୍ଷ ବର୍ଷାଋତୁରେ ପରିବା ବର୍ଷା ପାଣିରେ ନଷ୍ଟ ହୋଇଥାଏ। ଏପରିକି କିଛି ଚାଷୀ ବର୍ଷାରେ ଓଦା ହୋଇ ବନ୍ଧ କଡ଼ରେ ପରିବା ବିକ୍ରି କରିଥା'ନ୍ତି। ଯାହା କମ୍ ଦାମରେ ବିକ୍ରି ହେବା ସହ ଖାଉଟି ମଧ୍ୟ ବର୍ଷାରେ ଓଦା ହୋଇ ଏହାକୁ କ୍ରୟ କରିଥାଏ। ଯେଉଁ ପରିବା ଗୁଡିକ ଘରକୁ ଆସିବା ପରେ ଦିନେ ଦୁଇଦିନ ମଧ୍ୟରେ ପଚି ନଷ୍ଟ ହୋଇଥାଏ। ଏଣୁ ଚାଷୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ହାଟ ପଡ଼ିଆରେ ନିର୍ମାଣ ହୋଇଥିବା ପିଣ୍ଡି ଚାରି ଭାଗରୁ ଏକ ଭାଗ ଚାଷୀଙ୍କ ସମସ୍ୟା ସମାଧାନ କରି ନ ଥାଏ। ଏପରିକି କେତେକ ବ୍ୟକ୍ତି ହାଟ ପଡ଼ିଆରେ ଜବରଦଖଲ କରି ରହିଥିବା କାରଣରୁ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଅଧା ରହିଥିଲା। ଏପରିକି ବର୍ତ୍ତମାନ ହାଟ ନିକଟରେ ଥିବା ହୋମିଓପ୍ୟାଥିକ୍ ମେଡିକାଲ ପାଚେରି ନିର୍ମାଣ ପରେ ବର୍ଷା ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ ହୋଇପାରେ ବୋଲି ଚାଷୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ପ୍ରଶାସନ ପକ୍ଷରୁ ସ୍ଥାୟୀ ପିଣ୍ଡି ସମେତ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଗ୍ରହଣ କରିବାକୁ ପପୁ ନାୟକ, ବୀରବର ବିଶ୍ୱାଳ, ବାଇଧର ବିଶ୍ୱାଳ, ଗୋବିନ୍ଦ ନାୟକ, ଦେବରାଜ ମହାନ୍ତି, ଦ୍ୱିଜବର ନାୟକ, ହୃଷିକେଶ ନାୟକ, ସୁଧୀର ବରାଳ, ବାମଦେବ ନାୟକ, କାବୁଲା ମୁଦୁଲି, ସନାତନ ମୁଦୁଲି, ବିଶ୍ୱନାଥ ସ୍ୱାଇଁ, ଝାଟୁ ବିଶ୍ୱାଳ, ଖୁଦ ବିଶ୍ୱାଳ, ଉମେଶ କାଣ୍ଡି, ପ୍ରମୋଦ ବରାଳ, ନେତ୍ରାନନ୍ଦ ମୁଦୁଲି, କାଳିଆ ମୁଦୁଲି, ଗଡିଆ ଦଳାଇ ପ୍ରମୁଖଙ୍କ ସମେତ ବହୁ ପରିବା ବ୍ୟବସାୟୀ ଓ ଖାଉଟି ଦାବି କରିଛନ୍ତି।

ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୯।୮ (ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ବାଇଜଙ୍ଗାସ୍ଥ ହରମୋହନ ଉଚ୍ଚବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଆଇନ ସେବା ପ୍ରାଧିକରଣ ସଚିବ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସୁଭଦ୍ରା, ଓଡ଼ିଶା ନିଯୁକ୍ତି ଯୋଜନା, ସମୃଦ୍ଧ କୃଷକ ଯୋଜାନା, ସିଏମ୍ କିସାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଓଡ଼ିଶା ମତ୍ସ୍ୟ ମିସନ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ପିଏମ୍ ପୋଷଣ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ମମତା ଯୋଜନା, ମଧୁବାବୁ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଧନ୍ୟବାଦ ଅର୍ପଣ କରିଥିଲେ।

ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ସରଞ୍ଜାମ ବଣ୍ଟନ

ପାରାଦୀପ, ୧୯।୮ (ସମିସ): ମତ୍ସ୍ୟଜୀବୀଙ୍କ ଘର ହେଉଛି ସମୁଦ୍ର। ସ୍ଥଳଭାଗ ଅପେକ୍ଷା ସମୁଦ୍ରରେ ସେମାନେ ଅଧିକ ସମୟ ବିତାଇଥା'ନ୍ତି। ସେମାନଙ୍କୁ ସଚେତନ କରାଇବା ସହିତ ବାତ୍ୟା କିମ୍ବା କୌଣସି ପ୍ରାକୃତିକ ଦୁର୍ବିପାକ ସମୟରେ ସମୁଦ୍ରରେ କିଭଳି ଜୀବନ ରକ୍ଷା କରିପାରିବେ, ସେଥିପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆବଶ୍ୟକ ସେଫ୍ଟି ସରଞ୍ଜାମ ଯୋଗାଇ ଦିଆଯାଇଛି। ଜୟଦେବ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ମତ୍ସ୍ୟଜୀବୀ ଏହି ସରଞ୍ଜାମ ପ୍ରଦାନ କରିଥିଲେ। ମତ୍ସ୍ୟଜୀବୀ ସମୁଦ୍ରରେ ୧୦ରୁ ୧୨ ଦିନ ରହି ମାଛ ଧରିଥା'ନ୍ତି। କୌଣସି କାରଣ ବୋଟ୍ ଖରାପ କିମ୍ବା ପ୍ରାକୃତିକ ଦୁର୍ବିପାକ ସମୟରେ ସମୁଦ୍ର ମଝିରେ ସେମାନେ ଜୀବନ ସହିତ ସଂଗ୍ରାମ କରିଥାନ୍ତି। ବୋଟ୍ ମାଲିକଙ୍କ ଦ୍ୱାରା ଦିଆଯାଉଥିବା ସେଫ୍ଟି ସରଞ୍ଜାମ ଉଚ୍ଚକୋଟୀର ହେଉ ନ ଥିବାବେଳେ ରାଜ୍ୟ ସରକାର ଏଥିପାଇଁ ତତ୍ପର ହୋଇଛନ୍ତି। ରାଜ୍ୟର ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ, କୁଜଙ୍ଗ ମତ୍ସ୍ୟ ଅଧିକାରୀ, ପାରାଦୀପ ମାଛଧରା ବନ୍ଦର ଅଧିକାରୀଙ୍କ ସହିତ ବହୁ ମତ୍ସ୍ୟଜୀବୀ ସଂଗଠନ ଯୋଗଦେଇଥିଲେ।

ଶିକ୍ଷାବିତ୍‌ଙ୍କ ପରଲୋକରେ ଶୋକ

ତିର୍ତ୍ତୋଲ,୧୯।୮ (ସମିସ): ପୁରାତନ ଶିକ୍ଷାନୁଷ୍ଠାନ କନକପୁରର ସାରଦା ଏକାଡେମୀର ପୂର୍ବତନ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ସମରେନ୍ଦ୍ର ସିଂହ(୮୬)ଙ୍କ ବିୟୋଗରେ ପୂର୍ବତନ ଛାତ୍ର ସଂଗଠନ ସାରଦା -୭୦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତିର୍ତ୍ତୋଲ ବୃନ୍ଦା ନଦୀ ବିହାର ଝଙ୍କଡ଼ ସାରସ୍ୱତ ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ପୁରାତନ ଛାତ୍ର ଡଃ ପୀତାମ୍ବର ରାଉତ, ନାରାୟଣ ପରିଜା, ପ୍ରଭୁଚରଣ ଆଚାର୍ଯ୍ୟ, ସୁରେନ୍ଦ୍ର ବେଉରା, ବିଷ୍ଣୁଚରଣ ରାଉଳ, ସନ୍ତୋଷ ନନ୍ଦ, ରମେଶ ଚନ୍ଦ୍ର କୁଅଁର, ସୁରେନ୍ଦ୍ର ସେଠୀ, ରମାକାନ୍ତ ରାଉଳ, ସଚ୍ଚିଦାନନ୍ଦ ରାଉଳ, ରାମଚନ୍ଦ୍ର ସାହୁ, ଭାଗୀରଥି ମହାନ୍ତି, କ୍ଷେତ୍ରମୋହନ ସାହୁ ପ୍ରମୁଖ ଯୋଗଦେଇ ପ୍ରିୟ ଶିକ୍ଷକଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ନାଉଗାଁ,୧୯।୮ (ସମିସ): ଘୋଡାଂଶ ଗ୍ରାମର ଝୁଲଣା ନାୟକ ଘର ସମ୍ମୁଖରେ ଚଉରା ପୂଜା କରୁଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସୁନାଚେନ୍ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଜଣେ ହେଲମେଟ ପିନ୍ଧିଥିବାବେଳେ ଅନ୍ୟଜଣେ ଖାଲି ବସିଥିଲା। ଝୁଲଣା ନାୟକ ନାଉଗାଁ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପୁଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

ନବମ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

ସରକାରୀ କାର୍ଯ୍ୟ ଠପ, ହଇରାଣ ହେଉଛନ୍ତି ସାଧାରଣ ଜନତା

ଜଗତସିଂହପୁର,୧୯।୮ (ସମିସ): ରାଜସ୍ୱ ଅମଲାଙ୍କ ଦାବି ପ୍ରତି ରାଜ୍ୟ ସରକାର କର୍ଣ୍ଣପାତ ନ କରିବାରୁ ଗତ ୧୧ ତାରିଖରୁ ରାଜ୍ୟବ୍ୟାପି ସମସ୍ତ ରାଜସ୍ୱ ଅମଲା ସାମୂହିକ ଛୁଟିରେ ରହିଥିବାବେଳେ ଜଗତସିଂହପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ଛୁଟିରେ ଅଛନ୍ତି। ଫଳରେ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ନବମ ଦିନରେ ପହଞ୍ଚିଛି। ଫଳରେ ସାଧାରଣ ଜନତା ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି। ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେନାହିଁ, ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜଗତସିଂହପୁର ଜିଲ୍ଲା ସଭାପତି ନିହାର ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତି ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦୋନ୍ନତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସୀମିତ ସମୟ ମଧ୍ୟରେ କାର୍ଯ୍ୟ କରି ଯୋଗାଇ ଦେଇଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ସେହିପରି ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେଭେଲ୍-୯କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ସଂକଳ୍ପ ପତ୍ର ସଂଖ୍ୟା ୮୮୯୮, ୧୫।୩।୨୪ ଅନୁଯାୟୀ ତଥା ସମସ୍ତ ୩୦ଟି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା ଦାବି ନେଇ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡକରା ଦିଆଯାଇଛି। ୯ ଦିନ ଧରି ଏହି ଆନ୍ଦୋଳନ ଚାଲିବା ଫଳରେ ସରକାରୀ କାମ ଏକପ୍ରକାର ଠପ୍ ହୋଇଯାଇଛି। ଯଦ୍ୱାରା ସାଧାରଣ ଜନତାଙ୍କ ବିଭିନ୍ନ ସରକାରୀ ଦପ୍ତରରେ ଥିବା କାର୍ଯ୍ୟ ବିଳମ୍ବ ହେଉଛି। ଫଟେଣୁ ରାଜ୍ୟ ସରକାର ରାଜସ୍ୱ ଅମଲା ସଂଘ ସହିତ ଆଲୋଚନା କରି ସମାଧାନ ବାଟ ବାହାର କରିବାକୁ ସାଧାରଣରେ ଦାବି କରାଯାଇଛି।

ଓଡ଼ିଆ ଯୁବକଙ୍କ କୃତିତ୍ୱ



କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନା (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

ଶ୍ରୀମା ଉଚ୍ଚବିଦ୍ୟାଳୟ ନୂତନ ଗୃହ ଉଦ୍‌ଘାଟିତ

ପାରାଦୀପ,୧୯।୮ (ସମିସ): ପାରାଦୀପଗଡ଼ ଶ୍ରୀମା ସରକାରୀ ଉଚ୍ଚବିଦ୍ୟାଳୟ ଜଗତସିଂହପୁର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଉକ୍ତ ବିଦ୍ୟାଳୟ ୧୯୬୫ରେ ନିର୍ମିତ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହି ବିଦ୍ୟାଳୟର ଶ୍ରେଣୀ ଗୃହ, ପାଚେରି ଓ ପାରିପାର୍ଶ୍ୱିକ ବିକାଶ ହୋଇପାରିନାହିଁ। ୧୯୬୫ରେ ନିର୍ମାଣ ହୋଇଥିବା ଆଜବେଷ୍ଟସ ଗୃହ ଓ ୧୯୯୯ରେ ନିର୍ମାଣ ହୋଇଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଗୃହ ଭାଙ୍ଗିଗଲାଣି।

ଛାତ୍ରଛାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ଅଧ୍ୟୟନ କରୁଥିବାବେଳେ ଏହାର ଆଶୁ ସମାଧାନ ପାଇଁ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଇତିଶ୍ରୀ ସାହୁ ସରପଞ୍ଚଙ୍କୁ ଜଣାଇବାରୁ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ପାରାଦୀପ ତୈଳ ବିଶୋଧନାଗାରରେ କାର୍ଯ୍ୟରତ ଇଣ୍ଡିଆନ ଅଏଲ ଅଦାନୀ ଭେଞ୍ଚର୍ ବ୍ଲକ୍-୩କୁ ଏହାର ନିର୍ମାଣ ପାଇଁ ଦରଖାସ୍ତ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସରପଞ୍ଚଙ୍କ ଦରଖାସ୍ତକୁ ବିଚାର କରି ତୁରନ୍ତ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଶ୍ରେଣୀ ଗୃହ ନିର୍ମାଣ କରିବା ସହିତ ଡେସ୍କ, ବେଞ୍ଚ, ଚେୟାର ଓ ବ୍ଲକ ବୋର୍ଡ ଆଦି ଶିକ୍ଷା ସାମଗ୍ରୀ ପ୍ରଦାନ କରିବା ପରେ ଏହାର ଉଦ୍‌ଘାଟନ କରାଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କମ୍ପାନୀର ଭାଇସ ପ୍ରେସିଡେଣ୍ଟ କର୍ପୋରେଟ କମ୍ୟୁନିକେସନ ଓ ସିଏସଆର୍ ଅତୁଲ ଖରେଟେ, ସମ୍ମାନିତ ଅତିଥି ଭାବେ କମ୍ପାନୀ ସିଇଓ ଓ ଡାଇରେକ୍ଟର ରେଜିଥ ଭାସ୍କର, ସରପଞ୍ଚ ଶ୍ରୀମତୀ ବେହେରା, ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, କମ୍ପାନୀର ଅନ୍ୟ ଅଧିକାରୀ ଲକ୍ଷ୍ମଣ ଶର୍ମା, ଆର୍ ଚେଲାଦୁରାଇ, ନେତାଜୀ ମାନେକମ୍, ଏନଭି ସୁବ୍ରମଣ୍ୟମ, ବ୍ରିଜଭୂଷଣ ଦ୍ୱିବେଦୀ, ସତ୍ୟରଞ୍ଜନ ନାୟକ, ଅଜିତ ଦାଶ, ପ୍ରୀତିରଞ୍ଜନ ବେହେରା ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ସାହୁ, ପ୍ରଭାତନଳିନୀ ବେହେରା, ସମ୍ପଦ ମୁଦୁଲି, ରମାକାନ୍ତ ଖଣ୍ଡୁଆଳ, ଆଇସ୍ମିତା ସାହୁ ଓ ପଞ୍ଚାୟତ ପକ୍ଷରୁ ବିଷ୍ଣୁଚରଣ ସାହୁ, ଚନ୍ଦ୍ରଶେଖର ଚୌଧୁରୀ, ସଂଗ୍ରାମ ବେହେରା, ପ୍ରକାଶ ମଙ୍ଗରାଜ, ପ୍ରଭାତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ପାନୀର ଏଭଳି ଜନହିତକର କାର୍ଯ୍ୟ ପାଇଁ ପଞ୍ଚାୟତ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସରପଞ୍ଚ ପ୍ରମାଣ ପତ୍ର ସହିତ ସମ୍ବର୍ଦ୍ଧିତ କରିଥିଲେ।

ଦୁର୍ଘଟଣାରେ ଆହତ ଯୁବକ ମୃତ

ମୃତଦେହ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

କୁଜଙ୍ଗ,୧୯।୮ (ସମିସ):

ଗତକାଲି କଟକ-ପାରାଦୀପ ରାଜ୍ୟ ରାଜପଥରେ କୁଜଙ୍ଗ ବଳରାମପୁର ଗ୍ରାମର

କେନାଲପଡ଼ାର ଯୁବକ ଗୁଗୁଲା ଦାସଙ୍କୁ ଏକ ଟ୍ରକ ଧକ୍କା ଦେବା ଫଳରେ ସେ ଗୁରୁତର ହେବା ସହ ତାଙ୍କର ଦୁଇ ଗୋଡ଼ କ୍ଷତିଗ୍ରସ୍ତ ହୋଇଥିଲା। ଏଥିସହିତ ତାଙ୍କ ଛାତିରେ ମଧ୍ୟ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ କୁଜଙ୍ଗ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଅବସ୍ଥାରେ କୌଣସି ସୁଧାର ନ ଆସିବାକୁ ତାଙ୍କୁ ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତଦେହ ବ୍ୟବଚ୍ଛେଦ ହୋଇ ଘରକୁ ଫେରିବା ପରେ ସମ୍ପୃକ୍ତ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ଲୋକେ କଟକ-ପାରାଦୀପ ରାଜ୍ୟ ରାଜପଥର ବଳରାମପୁର ପେଟ୍ରୋଲ ପମ୍ପ ଆଗ ରାସ୍ତାରେ ମୃତଦେହ ରଖି ରାସ୍ତାରୋକ କରିଥିବା ଜଣାପଡିଛି।

ସେହିପରି ଆଉଏକ ଅଭାବନୀୟ ଘଟଣା ମଧ୍ୟ ଘଟିଛି। ମୃତ ଯୁବକ ଗୁଗୁଲାଙ୍କର ବାପା ଗତ ଦେଢ଼ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ପରପାରିକୁ ଚାଲିଯାଇଥିଲେ। ଘରେ ତିନି ଭଉଣୀ ଓ ମାଆ ଥିଲେ। ଏବେ ତାଙ୍କ ମାଆ ପୁତ୍ରର ମୃତ୍ୟୁ ଖବର ଶୁଣି ଏହାକୁ ସହ୍ୟ କରି ନ ପାରି ବିଷଖାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ତାଙ୍କୁ କୁଜଙ୍ଗ ମେଡିକାଲରେ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଛନ୍ତି। ପ୍ରାୟ ଅପରାହ୍ନ ୫ଟାଠାରୁ ରାସ୍ତାରୋକ ଆରମ୍ଭ ହୋଇଛି। ଫଳରେ କଟକ-ପାରାଦୀପ ରାଜ୍ୟ ରାଜପଥରେ ହଜାର ହଜାର ଗାଡ଼ି ଛିଡା ହୋଇ ରହିଥିବା ଜଣାପଡିଛି। ପୁଲିସ ଘଟଣାସ୍ଥଳରେ ସ୍ଥିତିକୁ ଅନୁଧ୍ୟାନ କରିବା ଛଡ଼ା ଆଉ କିଛି କରିପାରି ନ ଥିବା ଜଣାପଡ଼ିଛି।

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ

୨୧ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ପାରାଦୀପ, ୧୯।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଆସନ୍ତା ୧୯ରୁ ୨୧ ତାରିଖ ତିନିଦିନ ପର୍ଯ୍ୟନ୍ତ ଅଶାନ୍ତ ରହିବ ସମୁଦ୍ର। ଲଘୁଚାପ ପ୍ରଭାବରେ ଉଚ୍ଚ ଜୁଆର ଓ ପବନ ବହିବା ସମ୍ଭାବନା ରହିଛି। ଏଥିପାଇଁ ସମୁଦ୍ରକୁ ମାଛ ଧରିବା ପାଇଁ ନ ଯିବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀ ସତର୍କ କରାଇ ଦିଆଯାଇଛି। ବିଭାଗ ପକ୍ଷରୁ ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦର, ଅଠରବାଙ୍କି ବାଲିଫ୍ଲଟ, ନୂଆବଜାର ନୋଳିଆ ସାହି, ଷଣ୍ଢକୁଦ ବସ୍ତି ଓ ଚଉମୁହାଣି ପ୍ରଭୃତି ମାଛଧରା ସ୍ଥାନ ଓ ମତ୍ସ୍ୟଜୀବୀଙ୍କ ବସ୍ତି ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କୌଣସି ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ନ ଯିବା ସହିତ ଯେଉଁମାନେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଛନ୍ତି, ସେମାନେ ଆଜି ସୁଦ୍ଧା କୂଳକୁ ଫେରି ଆସିବାକୁ ସୂଚନା ଦିଆଯାଇଛି।

ମରଣଯନ୍ତା ପାଲଟିଛି କଟକ-ପାରାଦୀପ ରାସ୍ତା

ରଘୁନାଥପୁର, ୧୯।୮ (ସମିସ)

କଟକ-ପାରାଦୀପ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଦୈନନ୍ଦିନ ରଘୁନାଥପୁରରୁ ଜଇପୁର ମଧ୍ୟରେ ଘଟୁଛି ଦୁର୍ଘଟଣା। ବିଗତ ୩୦ ଦିନ ମଧ୍ୟରେ ଏ ଅଞ୍ଚଳରେ ୧୫ରୁ ଅଧିକ ଦୁର୍ଘଟଣା ଘଟିଥିବାବେଳେ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏବେବି ୭ ଜଣ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହମ୍ପରେ ରେଡିୟମ ଲାଇଟ୍ ଲଗାଯାଇ ନ ଥିବାବେଳେ ଦିଆଯାଇଥିବା ରଙ୍ଗ ଲିଭିଗଲାଣି। ଏହା ଦୁର୍ଘଟଣାର କାରଣ ହେଉଛି। ଦୁର୍ଘଟଣା ଏଡ଼ାଇବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।

● ହମ୍ପରେ ଲାଗୁନି ରେଡିୟମ ଲାଇଟ୍
● ଲିଭିଗଲାଣି ରଙ୍ଗ

କେତେକ ସ୍ଥାନରେ ହମ୍ପ ନିର୍ମାଣ କରିବା ପାଇଁ ତାରପୁର ସରପଞ୍ଚ ସୁଷମା ମଲ୍ଲିକ ଚିଠି ନଂ୫୯/୨୦୨୫ରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କୁ ୫ଟି ହମ୍ପ ନିର୍ମାଣ କରାଯିବାକୁ ନିବେଦନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଦୁର୍ଘଟଣା ଏଡ଼ାଇବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ବିଭାଗୀୟ ଅଧିକାରୀ ସବୁ ଜାଣି ନିରବ ରହିଛନ୍ତି। ଜଇପୁରଠାରେ ମହାନଦୀର ନୂତନ ଜଇପୁର କଟିକଟା ପୋଲ ଖଣ୍ଡାତରି ନିକଟରେ କଟକ-ପାରାଦୀପ ରାସ୍ତାକୁ ସଂଯୋଗ କରିଛି। ଏଠାରେ ପୂର୍ତ୍ତ ବିଭାଗ ଦୁର୍ଘଟଣା ଏଡ଼ାଇବା ପାଇଁ ଉଭୟ ପାର୍ଶ୍ୱରେ ୨ଟି ବଡ଼ ହମ୍ପ ନିର୍ମାଣ କରାଯାଇଛି। ଏହି ହମ୍ପରେ କୌଣସି ରେଡିୟମ ଲାଇଟ ଲଗାଯାଇନାହିଁ। ଉଭୟ ପାର୍ଶ୍ୱରେ ଦିଆଯାଇଥିବା ହମ୍ପର ରଙ୍ଗ ଆଉ ଦେଖିବାକୁ ମିଳୁନାହିଁ। ଫଳରେ ଦ୍ରୁତଗତିରେ ଆସୁଥିବା ମାଲବାହୀ ଗାଡ଼ି ହଠାତ ବ୍ରେକ ମାରିବାରୁ ଦୁର୍ଘଟଣାଗ୍ରସ୍ତ ହେଉଛି। ଗାଡ଼ିରେ ଥିବା କୋଇଲା, ବାଲି, ଚିପ୍ସ, ବଜୁରୀ ଓ ଅନ୍ୟାନ୍ୟ ସାମଗ୍ରୀ ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ିଯିବାରୁ ରାସ୍ତାରେ ଯାଉଥିବା ଅନ୍ୟ ଯାନବାହନ ଦୁର୍ଘଟଣାର ଶିକାର ହେଉଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ନୂତନ ହମ୍ପ ନିର୍ମାଣ ହେଉନି କି ହମ୍ପ ନିକଟରେ ରେଡିୟମ ଲାଇଟ, ସୂଚନା ଫଳକ ଓ ରଙ୍ଗ ଦିଆଯାଉନାହିଁ। ଏ ନେଇ ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଆମ ସାମ୍ବାଦିକଙ୍କ ଜରିଆରେ ଜିଲ୍ଲାପାଳ ଓ ପ୍ରଶାସନ ନିକଟରେ ଏହାର ସୁସମାଧାନ ପାଇଁ ଦାବି କରିଛନ୍ତି।

ଚାଷୀଙ୍କ ପୁଅ ମେଡିକାଲ ପଢ଼ିବାକୁ ମନୋନୀତ

ପଞ୍ଚୁପାଣ୍ଡବ, ୧୯।୮ (ସମିସ): ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତ୍ରିପୁରାରିପୁର ଗ୍ରାମର ପୀତାମ୍ବର ମଲିକଙ୍କ ପୁଅ ରମାକାନ୍ତ ମଲିକ ମେଡିକାଲ ପାଠ ପଢ଼ିବାକୁ ମନୋନୀତ ହୋଇଛନ୍ତି। ବାପା ଓ ବଡ଼ଭାଇ ଚାଷ କରୁଥିବାବେଳେ ମଜୁରି କାମ କରନ୍ତି। ରମାକାନ୍ତ ହଳଦିଆପାଟଣା ମଙ୍ଗଳେଶ୍ୱର ବିଦ୍ୟାପୀଠରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଭୁବନେଶ୍ୱର ବିଜେବି କଲେଜରେ +୨ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ମେଡିକାଲ ପଢ଼ିବାକୁ ନିଜକୁ ପ୍ରସ୍ତୁତ କରି ସଫଳ ହୋଇଛନ୍ତି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଚେୟାରମ୍ୟାନ ସରୋଜକାନ୍ତ ସାହୁଙ୍କ ସହ ଗ୍ରାମବାସୀ ରମାକାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ନାବାଳିକା ଦୁଷ୍କର୍ମ ମାମଲା; ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍

କେନ୍ଦ୍ରାପଡ଼ା, ୧୯।୮ (ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ଅଭିଯୁକ୍ତ ସୌମ୍ୟରଞ୍ଜନ ଲେଙ୍କାଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୫ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲାର କୁଦାନଗରୀ ଥାନା ଅଞ୍ଚଳର ଜଣେ ୧୭ ବର୍ଷର ନାବାଳିକା ଚଳିତ ବର୍ଷ ଜାନୁଆରୀ ୨୬ ତାରିଖ ରାତିରେ ମାଆ ପାଖରେ ଶୋଇଥିବାବେଳେ ରାତି ପ୍ରାୟ ୪ଟା ବେଳେ ମା' ଉଠି ଦେଖିବା ବେଳକୁ ଝିଅ ଘରେ ନ ଥିଲା। ମାଆ ନାବାଳିକା ଝିଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଏ ସମ୍ପର୍କରେ ସେ କୁଦାନଗରୀ ଥାନାରେ ଜାନୁଆରୀ ୨୮ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୩୬/୨୦୨୫ରେ କୁଦାନଗରୀ ଥାନାରେ ମାମଲା ରୁଜୁ ହୋଇଥିଲା। ନାବାଳିକା ଝିଅ ଘରୁ ଯିବାର ପ୍ରାୟ ସପ୍ତାହ ପରେ ଘରକୁ ଫୋନ କରି ମାଆକୁ କହିଲା ଅଭିଯୁକ୍ତ ମୋତେ ଆଣି ରାୟପୁରରେ ରଖିଛି। ଏହାପରେ ଫୋନଟି ସୁଇଚଅଫ୍ ହୋଇଯାଇଥିଲା। ଫେବୃଆରୀ ୧ ତାରିଖରେ ମାଆକୁ ପୁନର୍ବାର ଫୋନ କରି କହିଲା ଯେ ମୋତେ ଟଙ୍କା ପଠାଇଲେ ଅଭିଯୁକ୍ତ ମୋତେ ଛାଡିଦେବ। ମାଆ ଝିଅ ଦେଇଥିବା ଫୋନ ନମ୍ବରକୁ ୩ ହଜାର ଟଙ୍କା ପଠାଇଲେ। ଅଭିଯୁକ୍ତ ପୀଡ଼ିତାଙ୍କୁ ସାଙ୍ଗରେ ଆଣି ଫେବୃଆରୀ ୪ ତାରିଖରେ ରେଳ ଯୋଗେ ଢେଙ୍କାନାଳ ଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ଯାଇ ଢେଙ୍କାନାଳ ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଝିଅର ମାଆକୁ ଦେଖି ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲା। ଝିଅ ମାଆଙ୍କୁ କହିଲା ଯେ ମୋତେ ରାୟପୁରର ଏକ ଭଡ଼ାଘରେ ଅଭିଯୁକ୍ତ ରଖିଥିଲା। ମୋ' ସହ ଜବରଦସ୍ତ ଅଭିଯୁକ୍ତ ଶାରିରୀକ ସମ୍ପର୍କ ରଖିଥିଲା। ପରେ ପୀଡ଼ିତାର ମା' ଝିଅକୁ ଆଣି କୁଦାନଗରୀ ଥାନାରେ ପହଞ୍ଚିବା ପରେ ପୁଲିସ ଝିଅର ଡାକ୍ତରୀମାଇନା କରିବା ସହ ବିଏନଏସର ୧୮୩ ଧାରାରେ ବୟାନ ରେକର୍ଡ କରିଥିଲା। ଫେବୃୟାରୀ ୧୮ ତାରିଖରେ ପୁଲିସ ଅଭିଯୁକ୍ତକୁ ତା'ଘରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଲା ଯେ ନାବାଳିକାକୁ ବଳାତ୍କାର କରାଯାଇଛି। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଏପ୍ରିଲ ୧୩ ତାରିଖରେ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ମାମଲାରେ ୯ ଜଣ ସାକ୍ଷୀ ସାକ୍ଷ୍ୟ ପ୍ରଦାନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମନୋଜ ସାହୁ ମାମଲା ପରିଚାଳନା କରୁଥିଲେ।

ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ଶାଖା ବୈଠକ

ଡେରାବିଶ, ୧୯।୮ (ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶ୍ରମିକ ନେତା ମନୋଜ ପରିଡ଼ା ସଭାପତିତ୍ୱ କରିଥିଲେ। ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାୟ ପାଞ୍ଚବର୍ଷ ଧରି ବହୁ ମହିଳା ଶ୍ରମିକ ପରିଚୟ ପତ୍ର ନିମନ୍ତେ ଦରଖାସ୍ତ କରି ମଧ୍ୟ ପରିଚୟପତ୍ର ପାଇପାରିନାହାନ୍ତି। ସେହିଭଳି ଶହ ଶହ ନିର୍ମାଣ ଶ୍ରମିକ ବର୍ଷ ବର୍ଷ ଧରି ଝିଅ ବିଭାଗର ଅନୁଦାନ ନିମନ୍ତେ ଦରଖାସ୍ତ କରି ମଧ୍ୟ ଅଦ୍ୟାବଧି ଅନୁଦାନ ପାଇପାରି ନ ଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଶ୍ରମିକଙ୍କ ସମସ୍ୟା ବିଷୟରେ ବହୁବାର ସଂଘ ଶ୍ରମ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପ୍ରଥମ ଦରଖାସ୍ତ ବିଚାର ପଦ୍ଧତି ସ୍ଥିର ହୋଇଥିଲା। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏହି ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ଫଳରେ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳୁଛି ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଶ୍ରମିକଙ୍କ ସମସ୍ୟା ସମାଧାନ ନିମନ୍ତେ ଶ୍ରମିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରମିକ ନେତା ଅନିରୁଦ୍ଧ ପୃଷ୍ଟି, ଧିରେନ ସାହୁ ଓ ହରିହର ମାହାଳି ସଂଯୋଜନା କରିଥିବାବେଳେ ହୃଷିକେଶ ଧଳ, ଚନ୍ଦ୍ରମଣି ପ୍ରଧାନ, ଅଭିରାମ ସାହୁ, ଗୌତମ ମଳିକ, ଅରୁଣ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱନାଥ ସାଠୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ବଟକୃଷ୍ଣ ମିଶ୍ର ମେଧାବୃତ୍ତି ପ୍ରଦାନ ଉତ୍ସବ

ରାଜନଗର, ୧୯।୮ (ସମିସ): ରାଜନଗରସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳନର ଉଦ୍‌ଯାପନୀ ଉତ୍ସବ ଓ ଡକ୍ଟର ବଟକୃଷ୍ଣ ମିଶ୍ର ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ କବି ଅଭିରାମ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ସଂସ୍କୃତ ଦିବସ ଉପରେ ଆଲୋଚନା କରିବା ସହ ରାଜନଗର ମାଟିର ସୁନାମଧନ୍ୟ କବିରାଜ ଡକ୍ଟର ବଟକୃଷ୍ଣ ମିଶ୍ରଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ତନୁଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ନିହାର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସଂସ୍କୃତ ଦିବସ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ନିଅ; ନଚେତ୍ ୨୬ରୁ ଅନଶନ

ରାଜନଗର, ୧୯।୮ (ସମିସ): ରାଜନଗର ବ୍ଲକ ବଗପାଟିଆସ୍ଥ ପଞ୍ଚୁବରାହୀ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଶିକ୍ଷକ ଉପେନ୍ଦ୍ର ସାହୁ ସାତଭାୟା ଗ୍ରାମ୍ୟ କମିଟି ମୁରବିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଆଜି ବଗପାଟିଆଠାରେ ବିସ୍ଥାପିତ ସାତଭାୟା ପଞ୍ଚାୟତର ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବା ସହିତ ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ନେଲେ ୨୬ ତାରିଖ ଦିନ ବିଦ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଜଣାଇଛନ୍ତି।

ଅଭିଯୋଗ ମୁତାବକ, ଚଳିତ ମାସ ୧୫ ତାରିଖ ଦିନ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ବିଦ୍ୟାଳୟରେ ଶିକ୍ଷକ ଉପେନ୍ଦ୍ର ସାହୁ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ସାତଭାୟା ଗ୍ରାମ୍ୟ କମିଟିର ମୁରବିମାନଙ୍କୁ ଅରୁଚିକର ମନ୍ତବ୍ୟ ଦେବା ସହିତ ମାଡ଼ ମାରିବାର ଧମକ ଦେଇଛନ୍ତି। ଏଥିସହିତ ଶିକ୍ଷକ ଜଣକ ବିଦ୍ୟାଳୟରେ ପାଠ ନ ପଢ଼ାଇ ରାଜନୀତି କରିବା, ବିଦ୍ୟାଳୟକୁ ମଦ୍ୟପାନ କରି ଆସିବା, ଏପରିକି ମୁଖ୍ୟମନ୍ତ୍ରୀଙ୍କୁ କଟୁ ସମାଲୋଚନା କରିଥା'ନ୍ତି ବୋଲି ଗ୍ରାମର ସୁଦର୍ଶନ ରାଉତ, ମଙ୍ଗୁଳି ଚରଣ ଦାସ, ନିରଞ୍ଜନ ସ୍ୱାଇଁ, କରୁଣାକର ସ୍ୱାଇଁ, ନଳିନୀକାନ୍ତ ବେହେରା ପ୍ରମୁଖ ୬୦ରୁ ଅଧିକ ଅଭିଭାବକ ଓ ଗ୍ରାମବାସୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏଥିସହିତ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ବିଶ୍ୱ ଫଟୋଗ୍ରାଫି ଦିବସରେ ସଡ଼କ ସୁରକ୍ଷା ସଚେତନତା

ଜଗତସିଂହପୁର, ୧୯।୮ (ସମିସ): ଜିଲ୍ଲା ଫଟୋ ଓ ଭିଡିଓଗ୍ରାଫି ଟ୍ରେଡର୍ସ ଆସୋସିଏସନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଯାତ୍ରୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ବିଶେଷକରି ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ହେଲମେଟ୍ ପିନ୍ଧିବା ପାଇଁ ସଚେତନ କରାଯାଇଥିଲା। ଜେପିଭିଟି ଆସୋସିଏସନର ଉପସଭାପତି ଲାଲଓ ସଂଗ୍ରାମ କେଶରୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ଥାନା ଅଧିକାରୀ ସରୋଜ କାନ୍ତ ସାମଲ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଶୁଭଙ୍କର ଜେନା, ସାଂଗଠନିକ ସମ୍ପାଦକ ବାସୁଦେବ ସ୍ୱାଇଁ, କୋଷାଧ୍ୟକ୍ଷ ଅତନୁ ସ୍ୱାଇଁ, ସହକାରୀ କୋଷାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ସୁଧାକର ଜେନା, ବାସୁଦେବ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି।

ହାଟ ଓଗାଳୁଛି ବାଟ, ବଢ଼ୁଛି ଦୁର୍ଘଟଣା

କୁଜଙ୍ଗ, ୧୯।୮ (ସମିସ): କୁଜଙ୍ଗ ବ୍ଲକର ସଦର ମହକୁମା କୁଜଙ୍ଗ ବଜାରରେ କେବଳ କୁଜଙ୍ଗ ବ୍ଲକ ନୁହେଁ, ଜଗତସିଂହପୁର ଜିଲ୍ଲାର ଏରସମାର କିଛି ପଞ୍ଚାୟତ, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ମାର୍ଶାଘାଇର କେତେକ ପଞ୍ଚାୟତ ସହ ପାରାଦୀପବାସୀ ନିର୍ଭରଶୀଳ। ଏହି ବଜାରର ପରିବା, ଶୁଖୁଆ, ପାନ ହାଟ ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଗ୍ରାହକଙ୍କ ଭିଡ଼ ଲାଗୁଥିବାବେଳେ ଏହି ବଜାରରେ ସାପ୍ତାହିକ ହାଟ ପାଇଁ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି ବୋଲି ଅଭିଯୋଗ କରିଛନ୍ତି କୁଜଙ୍ଗ ଓକିଲ ସଂଘର ସଭାପତି ତଥା ପ୍ରାକ୍ତନ କୁଜଙ୍ଗ ସମିତି ସଭ୍ୟ ଏଏନ୍‌ଡି ଯାଦବ। ପ୍ରତିଦିନ ଶହ ଶହ ଗାଡ଼ି ଯୋଗେ ଏହି ବଜାରକୁ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଆସୁଥିବାବେଳେ ବିପଦସଙ୍କୁଳ ଭାବେ ରାସ୍ତାରେ ଗାଡ଼ି ରହିବା ସହ ଗାଡି ଖଲାସ କରାଯାଉଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟିବା ଖବର ଆସୁଥିବାବେଳେ ଏବେ ହାଟ ବାଟ ଓଗାଳିବାରେ ଲାଗିଛି। ବ୍ଲକ ପ୍ରଶାସନ ରାସ୍ତାରେ ଟ୍ରଫିକ ସମସ୍ୟା ସହ ଉଠା ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ରାସ୍ତାରେ ଗାଡ଼ି ଇତଃସ୍ତତ ହୋଇ ମାଲ ଖଲାସ କରିବା ଯୋଗୁଁ ବହୁ ଛୋଟ ବ୍ୟବସାୟୀଙ୍କ ବେପାର ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି।

ଧାନେଶ୍ୱରୀ ପୀଠରେ ବ୍ରହ୍ମଏକାକ୍ଷର ମେଳା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୯।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେ ଓ ଉମାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ମେଳାରେ ୧୫ନଂ ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ରତିକାନ୍ତ ଧଳ, କିଶୋର ରାଉତ, ସୁକାନ୍ତ ରାଉତ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ଭିକାରୀ ବାରିକ, ଘନଶ୍ୟାମ ମଳିକ, କୁଳମଣି ଧଳ, ପଦ୍ମନାଭ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଶେଷରେ ଗଗନ ମହାଳିକ, ଉମାକାନ୍ତ ରାଉତ ପୂର୍ଣ୍ଣ ଆହୂତି ପ୍ରଦାନ କରିଥିଲେ।

ସର୍ବସାଧାରଣ ରାସ୍ତା ଜବରଦଖଲ

ସରକାରୀ ମାପ ପରେ ମଧ୍ୟ ହୋଇପାରିଲାନି ମୁକ୍ତ

ପଟ୍ଟାମୁଣ୍ଡାଇ, ୧୯।୮ (ସମିସ)

ସରକାରୀ ଭାବେ ମାପ କରାଗଲେ ମଧ୍ୟ ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ ହୋଇପାରୁନି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ଘଟଣା ପଟ୍ଟାମୁଣ୍ଡାଇ ତହସିଲର ଶାସନ ଆରଆଇ ସର୍କଲ ମାଳିପୁର ଗ୍ରାମରେ ଘଟିଛି। ଏହି ଗ୍ରାମର ସରକାରୀ ରାସ୍ତାକୁ ଦୁଇଜଣ ବ୍ୟକ୍ତି ଜବରଦଖଲରେ ରଖିଥିବାରୁ ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଆଗତ ଏକ ମାମଲା ଡବ୍ଲ୍ୟୁପି (ସି) ନଂ ୩୧୦୨୫/୨୦୨୧ର ବିଚାର କରି କୋର୍ଟ ମାଳିପୁର ଗ୍ରାମର ଖାତା ନଂ୬୧୨, ପ୍ଲଟ ନଂ ୬୬୫ ସରକାରୀ ରାସ୍ତାର ମାପଚୁପ କରି ଜବରଦଖଲ ହଟାଇବା ପାଇଁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିର୍ଦ୍ଦେଶରେ ସରକାରୀ ରାସ୍ତାର ମାପ କରି ଜବରଦଖଲ ହଟାଇବା ପାଇଁ ସରକାରୀ ଅମିନ ରଞ୍ଜିତ ମୁର୍ମୁ, ଶାସନ ଆରଆଇ କମଳାକାନ୍ତ ଦାସ ମାଳିପୁର ଗ୍ରାମରେ ପହଞ୍ଚି ମାପଚୁପ କରିଥିଲେ। ଜବରଦଖଲକାରୀ ସରକାରୀ ମାପକୁ ନ ମାନି ରାସ୍ତାର ଅଧିକ ଅଂଶକୁ ନିଜ ଦଖଲକୁ ନେଇ ରାସ୍ତା ଉପରେ ମାଟି ପକାଇ ବାଡ଼ ବୁଜିବା ସହିତ ବଡ଼ ବଡ଼ ପଥର ରଖି ରାସ୍ତା ଅବରୋଧ କରିଛନ୍ତି। ଫଳରେ ଗ୍ରାମ ମଧ୍ୟକୁ କୌଣସି ଯାନବାହନ ପଶି ପାରୁ ନ ଥିବାବେଳେ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଗ୍ରାମ ମଧ୍ୟକୁ ଆସିପାରୁନାହିଁ। ଫଳରେ ଗ୍ରାମବାସୀ ଆପଦକାଳୀନ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ଏହାକୁ ନେଇ ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଦେଖାଦେଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଅଭିଯୋଗ କରାଯିବା ସହିତ ଘଟଣାରେ ତହସିଲଦାର ହସ୍ତକ୍ଷେପ କରି ରାସ୍ତାକୁ ଜବରଦଖଲ ମୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ପ୍ରଶାନ୍ତ ମହାନ୍ତି, ନିରଞ୍ଜନ ସେଠୀ, ପ୍ରକାଶ ମହାନ୍ତି, ଶ୍ରୀଧର ମହାନ୍ତି, ଅଭିରାମ ମହାନ୍ତି, ଯୁମର ସେଠୀ, ଅମୂଲ୍ୟ ସେଠୀ, ରଦ୍ଧ କୁମାର ଗିରି, ନିମାଇଁ ସେଠୀ, ସୁବାସ ମଲିକ, ଆଶିଷ ମଲିକ ପ୍ରମୁଖ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

କନିକାର ଉତ୍କର୍ଷ ଲୋକକଳା ନନ୍ଦୋତ୍ସବ

ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପରିବେଷଣ

ରାଜକନିକା, ୧୯।୮ (ସମିସ): ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବର ବୃତ୍ତାନ୍ତକୁ ନାଟ୍ୟାଭିନୟରେ ପରିବେଷଣ କରି ସାରା କନିକାରେ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି କରି ବଡ଼ାଗର ଶ୍ରୀକୃଷ୍ଣ ନାଟ୍ୟ ଚେତନା ଅନୁଷ୍ଠାନ। କନିକାର ଉତ୍କର୍ଷ ଲୋକକଳା ନନ୍ଦ ଉତ୍ସବକୁ ପିଢ଼ି ପରେ ପିଢ଼ି ଉଜ୍ଜୀବିତ କରି ଆସିଥିବା ଏହି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଛି ଦେବକୀ ବସୁଦେବ ବିବାହ ସହ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ। ବଡ଼ାଗର ଗ୍ରାମର ଆରାଧ୍ୟ ଦେବତା ଗୋପୀନାଥଜୀଉଙ୍କ ପୀଠରେ ପରିବେଷିତ ହୋଇଛି ନନ୍ଦୋତ୍ସବ। ଯବନ କବି ମିର୍ଜା ଉଜିର ବେଗଙ୍କ ରଚିତ ନନ୍ଦୋତ୍ସବ ଗୀତାଭିନୟ ସାରା କନିକାର ସାଂସ୍କୃତିକ ଭାଇଚାରାର ପ୍ରତୀକ। ଯବନ ସମ୍ପ୍ରଦାୟର କବି ହୋଇ ହିନ୍ଦୁ ଦେବାଦେବୀ ବିଶେଷକରି କୃଷ୍ଣ ରସରେ ନିମଗ୍ନ ହେବା ଓ ଶ୍ରୀକୃଷ୍ଣ ଜନ୍ମ ବୃତ୍ତାନ୍ତକୁ ପାରମ୍ପରିକ ଗୀତାଭିନୟରେ ରଚନା କରି ତତ୍କାଳୀନ ସମୟରୁ ସେ ସାମ୍ପ୍ରଦାୟିକ ସଦଭାବନାର ବାର୍ତ୍ତା ବାଣ୍ଟିବାର ନିଆରାପଣ ପାଇଁ ନନ୍ଦୋତ୍ସବ ଗୀତିନାଟ୍ୟର ସ୍ୱତନ୍ତ୍ରତା ରହିଛି। ଏହି ପାରମ୍ପରିକ ଲୋକକଳା କନିକା ରାଜ ଶାସନ ଅମଳରୁ ଚାଲି ଆସି ଅଶି ଦଶକ ଯାଏ ଆରସା ଓ ବଡ଼ାଗର ଗାଁରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଥିଲା। ବର୍ଷୀୟାନ କଳାକାରଙ୍କ ଦେହାନ୍ତ ଓ ଶାରୀରିକ ଅସୁସ୍ଥତା କାରଣ ସହ ସାମାଜିକ ନାଟକର ରୁଚି ଯୋଗୁଁ ଏହି ଲୋକକଳା ହତାଦର ହେବାରେ ଲାଗିଲା। ବୁଡ଼ିଯାଉଥିବା ଏହି ପ୍ରାଚୀନ ସାଂସ୍କୃତିକ ଜାଗରଣର ସାମ୍ପ୍ରଦାୟିକ ସଦଭାବନା ବାର୍ତ୍ତାକୁ ବୁଝିଥିବା ବଡ଼ାଗର ଗାଁର ଶ୍ରୀକୃଷ୍ଣ ନାଟ୍ୟ ଚେତନା ଏହି ଲୋକକଳାକୁ ବଞ୍ଚାଇ ରଖିବାକୁ ଅଣ୍ଟା ଭିଡିଛି। ଶ୍ରୀକୃଷ୍ଣ ଜନ୍ମଉତ୍ସବର ଜନ୍ମାଷ୍ଟମୀ ହେଉ କିମ୍ବା ଦଶହରା ଓ କାର୍ତ୍ତିକରେ ଆଧ୍ୟାତ୍ମିକ ଭାବଧାରାର ପ୍ରତୀକ ନନ୍ଦୋତ୍ସବ ଗୀତିନାଟ୍ୟର ପରିବେଶଣ ପାଇଁ ବେଶ ଆଗଭର ହୋଇ ନୂଆ ନୂଆ କଳାକାର ଚୟନ କରି ଶ୍ରୀକୃଷ୍ଣ ନାଟ୍ୟ ଚେତନା ପରିଷଦ ବେଶ ପ୍ରଶଂସନୀୟ ହୋଇଛି। ବଡ଼ାଗର ଗାଁରୁ ଧୀରେ ଏହି ଚେତନା ପଡୋଶୀ ଚେରଣ୍ଟପଡ଼ା, କାଳିକାପୁରରେ ଆଦର ଲାଭ କରି ବିଭିନ୍ନ ମଞ୍ଚରେ ନନ୍ଦୋତ୍ସବ ପରିବେଷଣ ହେଉଛି। ବଡ଼ାଗର ନାଟ୍ୟ ପରିଷଦ ଏବେ ନାଟ୍ୟାଭିନୟର ଦକ୍ଷ କଂସ, କାଳଘଣ୍ଟ, ଶ୍ରୀକୃଷ୍ଣ, ବଳରାମ, ନନ୍ଦ, ଯଶୋଦା, ଯଦୁପତି, ଚାଣୁର, ମୁଷ୍ଟିକ, ଶକା, ବକା ଓ ଗୋପୀ, ଗୋପାଙ୍ଗନାଙ୍କ ଭଳି ବହୁ ଉପଯୁକ୍ତ କଳାକାରଙ୍କୁ ଖୋଜି ଏସବୁ ଚରିତ୍ରରେ ନିଖୁଣ ଅଭିନୟ କରିବା ସବୁଠି ଉନ୍ମାଦନା ଆଣିଛି।

ସକାଳ
THE SAKALA

ନୀଳଗିରି ଏନ୍‌ଏସିରେ ବିଗିଡ଼ିଗଲାଣି ପରିମଳ ବ୍ୟବସ୍ଥା

ନୀଳଗିରି, ୧୯।୮ (ସମିସ)

ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ସୌନ୍ଦର୍ଯ୍ୟ ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ପରିମଳ ପରିଚାଳନାରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପରିମଳ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ନୀଳଗିରି ବିଜ୍ଞାପିତ ଅଞ୍ଚଳ ଅଧୀନରେ ୧୩ଗୋଟି ୱାର୍ଡ ଥିବାବେଳେ ପ୍ରତି ୱାର୍ଡରେ ଆବର୍ଜନା ଭର୍ତ୍ତିହେବା ସହିତ ଡ୍ରେନ ଗୁଡିକରେ ମଇଳା ଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ସାହି ରାସ୍ତାଠାରୁ ଆରମ୍ଭ କରି ସହରର ମୁଖ୍ୟ ରାସ୍ତାରେ ସବୁଠି ଅଳିଆ, ଆବର୍ଜନା ଓ ଗଛ ଲତାରେ ପରିପୂର୍ଣ୍ଣ ଥିବା ଦେଖାଦେଇଛି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷଙ୍କ ନଜର ନ ଥିବା ହେଉ କିମ୍ବା ଏନଏସି ତରଫରୁ ନିୟୋଜିତ ଟେଣ୍ଡରଧାରୀ ଭୁବନେଶ୍ୱରର ପ୍ରତ୍ୟୁଷ ନାମକ ସଂସ୍ଥାର ମନମାନି ପାଇଁ ପ୍ରତିମାସ ୯ ଲକ୍ଷରୁ ଉର୍ଦ୍ଧ ଟଙ୍କା ବିଲ ଉଠାଉଥିବା ବେଳେ ସଫେଇ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ ଦୈନନ୍ଦିନ ସଠିକ ଭାବେ ଡ୍ୟୁଟି ନ କରି ଦେହ ଛପା ଦେଇ କାମ କରୁଥିବା ମଧ୍ୟ ଅଭିଯୋଗ ଆସିଛି। ଫଳରେ ପରିମଳବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ତେବେ ୯ ନମ୍ବର ଓ ୩ ନମ୍ବର ୱାର୍ଡ଼ ଡ୍ରେନ ଏବଂ ରାସ୍ତାରେ ଏକ ସପ୍ତାହ ଧରି ଅଳିଆ ପଡିରହିଥିବା ବେଳେ ସ୍ଥାନୀୟ ବାସିନ୍ଦା ସଫେଇ କରିଥିବା ଅଫିସରେ ଆସି ଅଭିଯୋଗ କରିଥିଲେ। କେବଳ ପର୍ବ ପର୍ବାଣୀକୁ ଛାଡିଦେଲେ କାଁ ଭାଁ ବ୍ଲିଚିଂ

ପାଉଡର ସବୁ ୱାଡର୍‌ରେ ପକାଯାଇ ଅନ୍ୟ ଦିନ ମାନଙ୍କରେ ଜମାରୁ ବ୍ଲିଚିଂ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ତେବେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଓ ପରିମଳ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଅଂଶୁମାନ ମହାନ୍ତି କହିଛନ୍ତି। ଘଟଣାର ତଦାରଖ କରିବୁ ଯଦି ହେଉଥାଏ ତେବେ ସଫେଇ ଏଜେନ୍ସିକୁ ନୋଟିସ କରାଯିବ ଏବଂ ଆସନ୍ତା ସେପ୍ଟେମ୍ବର ପହିଲାରୁ ବାୟୋମେଟ୍ରିକ ଅଫିସରେ ଲାଗିବା ପରେ ସମସ୍ତ ସଫେଇ କର୍ମଚାରୀ ଆଉ ଠକେଇ ନପାରି ଅଫିସରୁ ଫିଙ୍ଗର ପ୍ରିଣ୍ଟ ଦେଇ ସଫେଇ କାର୍ଯ୍ୟକୁ ଯିବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।

ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର

ସିମୁଳିଆ, ୧୯।୮ (ସମିସ): ସିମୁଳିଆ ବ୍ଲକରେ ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମାତ୍ର ୯୮ଟି ଅଭିଯୋଗ ଆସିଥିବାର ସୂଚନା ମିଳିଛି। ଉପଜିଲ୍ଲାପାଳ ଶିବ ମାଲଭିଆ ଏବଂ ଏସପି ରାଜ ପ୍ରସାଦ ସମେତ ଏଡିଏମ ଜେନେରାଲ ସୁଧାକର ନାୟକ, ଏଡିଏମ ରେଭିନ୍ୟୁ ହେମନ୍ତ ସିଂହ, ସିଡିଓ ସଂଜୟ କୁମାର ରାଉତ ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଭାରପ୍ରାପ୍ତ ବିଡ଼ିଓ ଶାଶ୍ୱତୀ ସାତୁଆଳ, ଅତିରିକ୍ତ ତାହସିଲଦାର ନିତ୍ୟାନନ୍ଦ ମାଝୀ, ଥାନା ଆଇଆଇସି ଶ୍ରବଣ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ଅଙ୍ଗନବାଡ଼ି କେନ୍ଦ୍ରରେ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟ

ଜଳେଶ୍ୱର,୧୯।୮ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ପଞ୍ଚାୟତର ଜଳିସାହି (୯ ନଂ. ୱାର୍ଡ)ରେ ଥିବା ଅଙ୍ଗନବାଡ଼ କେନ୍ଦ୍ର ଭିତରେ ଟ୍ରାନ୍ସଫର୍ମର ବସିବା ସହ ୧୧ କେଭିଏ ବିଦ୍ୟୁତ ତାର ଉପର ଦେଇ ଯାଇଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ୨୦ଜଣ ପିଲା ଅଧ୍ୟୟନ କରନ୍ତି। ଏ ନେଇ ଅଙ୍ଗନବାଡ଼ି କର୍ମୀ ସୁରଧନୀ ପ୍ରଧାନଙ୍କ ସହିତ ଅଭିଭାବକ ମାନେ ବିଦ୍ୟୁତ ବିଭାଗକୁ ବାରମ୍ବାର ଲିଖିତ ଅଭିଯୋଗ କଲା ପରେ ବି ଫଳ ଶୂନ୍ୟ । ଏହି ୧୧ କେଭି ବିଦ୍ୟୁତ ଖୁଣ୍ଟ ପିଲାମାନଙ୍କ ଜୀବନ ପାଇଁ ବିପଦ ରହିଥିବାରୁ ତପନ ଘୋଷ, ସାଗର ଦାଁ, ପଞ୍ଚାନନ ଘୋଷ, ବାପି ଜେନା ଓ ତପି ଜେନା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି। ଟ୍ରାନ୍ସଫର୍ମର ଓ ଖୁଣ୍ଟ ଅପସାରଣ କରିବାକୁ ଦାବି କରିଛନ୍ତି।

ଭଏସ୍ ଅଫ ଭୋଗରାଇର ବାର୍ଷିକୋତ୍ସବ



ଚନ୍ଦନେଶ୍ୱର, ୧୯।୮ (ସମିସ): ଗାଁ ଗହଳିରେ ବସବାସ କରୁଥିବା ଦଳିତ, ନିଷ୍ପେସିତ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ତଥା ସମାଜରେ ହେଉଥିବା ଅନ୍ୟାୟ, ଅନୈତିକ କାର୍ଯ୍ୟକୁ ଲୋକ ଲୋଚନକୁ ଆଣିବା ସହିତ ତାର ସମାଧାନ ପାଇଁ ଉଦ୍ୟମ କରିବା ଭଏସ ଅଫ ଭୋଗରାଇର କାମ ବୋଲି ସଂଗଠନର ପଞ୍ଚମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚନ୍ଦନେଶ୍ୱର ମାର୍କେଟ କମ୍ପ୍ଲେକ୍ସ ଠାରେ ଏନେଇ ଆୟୋଜିତ ସଭାକୁ ସଂଗଠନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁବାସ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଯୋଗଦେଇ ପାଠ ପଢି ଭଲମଣିଷ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅନନ୍ତ ଦାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଇଂ ଅଭିଜିତ ଦାସ ଯୋଗଦେଇ ଭୋଗରାଇର ସାମୂହିକ ବିକାଶ ପାଇଁ ଆନ୍ତରିକ ପ୍ରୟାସ ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ସମାଜସେବୀ ଆଶିଷ କୁମାର ପାତ୍ର, ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡା, ସଞ୍ଜିବ ସାହୁ, ସୁନୀଲ କର, ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, ପ୍ରଧାନ ଶିକ୍ଷକ ରାଧାଶ୍ୟାମ ଦାସ, କଲେଜ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣି ଜ୍ୟୋସ୍ନାରାଣୀ ପଣ୍ଡା, ଘନଶ୍ୟାମ ନାୟକ,ସାମ୍ବାଦିକ ଦିଲ୍ଲିପ ଦାସ, ତ୍ରିଶା ମ୍ୟୁଜିକାଲ ନାଇଟ ର ଡାଇରେକ୍ଟର ସଂଜୀବ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶେଷରେ ହୁଗୁଳି ସଦସ୍ୟ ଗୋବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ସୁକୁମାର ଜେନା, ଖଗେନ୍ଦ୍ର ପାଳ, ଅବନୀ କୁମାର ପଣ୍ଡା, ହରିପଦ ଗଂଗେଇ, ବିମଳ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

କାଦମ୍ବରୀ ବ୍ରଜମୋହନ ମେଧାବୃତ୍ତି ସମ୍ମାନ ପ୍ରଦାନ ଉତ୍ସବ

କାଳିପଦା, ୧୯।୮ (ସମିସ): ପୁରସ୍କାର ଅଥବା ସମ୍ମାନ ଆଗକୁ ଯିବାକୁ ପ୍ରେରଣା ଦିଏ ଓ ଗୌରବ ଅର୍ଜିବାକୁ ବାର୍ତ୍ତା ଦିଏ ବୋଲି ମଙ୍ଗଳବାର ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ଅନୁଷ୍ଠିତ କାଦମ୍ବରୀ ବ୍ରଜ ମୋହନ ମେଧା ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଦେବବ୍ରତ ଦାସ, ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ନାୟକ, ଉଦ୍ଭିଦ ବିଭାଗ ପ୍ରାଧ୍ୟାପକ ଡ. ଶିବ ନାରାୟଣ ମହାପାତ୍ର, ଇତିହାସ ବିଭାଗ ପ୍ରାଧ୍ୟାପକ ନିର୍ମଳ କୁମାର ସାମଲ, ଅଧ୍ୟାପକ ପରମାନନ୍ଦ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ, ଡେମୋନଷ୍ଟ୍ରେଟର ସଞ୍ଜୟକୁମାର ଦେ ମେଧା ବୃତ୍ତି ପ୍ରଦାନର ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବସୁମତୀ ବାରିକ, କିରଣ ସାହୁ, ବନ୍ଦିତା ଦାସ, ସସ୍ମିତା ହାଜିରା, ସୁନାଲି ବାରିକ, ଦିପ୍ତିମୟୀ ଦେ, ନିହାରିକା ସିଂ, ଗୌତମୀ ପରିଡା, ଗୀତାଞ୍ଜଳି ଗିରି, ଭବେଶ ମହାନ୍ତି, ସସ୍ମିତା ସାମନ୍ତ, ସୁଚିତ୍ରା ନାୟକ ପ୍ରମୁଖ ୧୨ ଜଣ କୃତୀ ଛାତ୍ର ଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଏହି ମେଧା ବୃତ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଯୁକ୍ତ ତିନି ଶେଷ ବର୍ଷ ଡିଗ୍ରୀ ପରୀକ୍ଷାରେ ଏମାନେ ମହାବିଦ୍ୟାଳୟ ସ୍ତରରେ ସମ୍ମାନ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିଲେ।

ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୧୯।୮ (ସମିସ): ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆ ଆନୁକୂଲ୍ୟରେ ଏବଂ ଇନର ହୁଇଲ କ୍ଲବ୍ ଅଫ ସୁବର୍ଣ୍ଣରେଖା ରାଇବଣିଆ ସହଯୋଗିତାରେ ଦୁଇଟି ପୃଥକ ପୃଥକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୁଗୋ ପଂଚାୟତର ସୁଗୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବର ସଭାପତି ପ୍ରାଣକୃଷ୍ଣ ଗିରି ଓ ସମ୍ପାଦକ ସଂଗ୍ରାମ କେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଡ.ଲଳିତ ରଞ୍ଜନ ସେନାପତି, ଡ.ଅଜିତ କୁମାର ମହାନ୍ତି, ସୁନିଲ କୁମାର ନାୟକ ଓ ସୁଧୀର କୁମାର କର, ବିଦାୟୀ ସମ୍ପାଦକ ସୁକୁମାର ରଣା,ଡକ୍ଟର ଅକ୍ଷୟ କୁମାର ପରିଡ଼ା,ସପନ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ନଡ଼ିଆ ଓ ଗୁଆ ବୃକ୍ଷ ରୋପଣ କରିଥିଲେ। ସେହିପରି ଇନର ହୁଇଲ କ୍ଲବ୍ ଅଫ ସୁବର୍ଣ୍ଣରେଖା ରାଇବଣିଆ ପକ୍ଷରୁ ସୁଗୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ଆରତୀ ଦାସ, ପୂର୍ବତନ ସଭାପତି ସୁଷମା ରାଣୀ ଭୂୟାଁ, ଉପସଭାପତି ଅଞ୍ଜନା କର,ଏଡ଼ିଟର ତଥା ପ୍ରଧାନ ଶିକ୍ଷୟିତ୍ରୀ ଗୌରୀବାଳା ମହାନ୍ତି,ସଂପାଦିକା ନଳିନୀ ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଜଳେଶ୍ୱର ରୋଟାରୀ କ୍ଲବ୍ ପକ୍ଷରୁ ବ୍ୟାରିକେଡ ପ୍ରଦାନ

ଜଳେଶ୍ୱର,୧୯।୮ (ସମିସ): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ଥାନା ଅଞ୍ଚଳରେ ଲୋକଙ୍କ ହିତ ପାଇଁ ବ୍ୟାରିକେଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଥାନା ଏସଆଇ ଭଗବାନ ଚନ୍ଦ୍ର ଦାସ ବ୍ୟାରିକେଡ ଗୁଡ଼ିକୁ ଉଦଘାଟନ କରି ସମାଜସେବା କ୍ଷେତ୍ରରେ ରୋଟାରୀ କ୍ଲବର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରି ବ୍ୟାରିକେଡଗୁଡ଼ିକ ଭିଡ ନିୟନ୍ତ୍ରଣ ପାଇଁ ଜଳେଶ୍ୱର-ଚନ୍ଦନେଶ୍ୱର ରାଜରାସ୍ତାରେ ରଖିଥିଲେ। ସଭାପତି ସୁବୀର କୁମାର ସେନାପତି, ସଂପାଦକ ଅଂଶୁମାନ ରାଉତ, ଆଇପିପି ଇଂ ଭାସ୍କର ରଞ୍ଜନ ସ୍ୱାଇଁ, କ୍ଲବ ପବ୍ଲିକ ଇମେଜ ଅଧ୍ୟକ୍ଷ ଲେଲିନ କୁମାର ପ୍ରଧାନ, ପ୍ରାକ୍ତନ ସଭାପତି ବିକାଶ କୁମାର ଧର, ପ୍ରବୀର କୁମାର ପ୍ରଧାନ, ସୁବ୍ରତ କୁମାର ରଣା, ପ୍ରଫୁଲ୍ଲ କୁମାର ଦାସ,ରାଜେଶ କୁମାର ଖଟୁଆ, ସୁରେଶ କୁମାର ଦାସ, ଅଶୋକ ମହାନ୍ତି, ଲକ୍ଷ୍ମୀଧର ହାଁସଦା, ସତ୍ୟନାରାୟଣ ସିଂ ସତ୍ୟବ୍ରତ ଜେନା, ନନ୍ଦିକା ଜ୍ଞାନବିକାଶ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷ ଗୋପୀକିଷାନ ମହାନ୍ତି, ଶିକ୍ଷକ ସଂଜୀବ ପ୍ରଧାନ, ରବିନାରାୟଣ ଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଧାରଣାରେ ଅଣ ଅନୁଦାନପ୍ରାପ୍ତ କଲେଜ କର୍ମଚାରୀ

ଜଳେଶ୍ୱର,୧୯।୮ (ସମିସ) : ସ୍ଥାନୀୟ ଡିଗ୍ରୀ ମହିଳା ମହାବିଦ୍ୟାଳୟର ୨୦୦୮-୨୦୧୮ ବର୍ଷ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କଲେଜ କର୍ମଚାରୀ ମାନେ ସ୍ୱତନ୍ତ୍ର ଦରମା ଲାଗି ଧାରଣାରେ ବସିଛନ୍ତି। ଅନୁଷ୍ଠାନ ଦ୍ୱାରା ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା ମହଙ୍ଗା ଦୁନିଆରେ ଅସମ୍ଭବ ହୋଇପଡିଛି। ଏ ସମ୍ପର୍କରେ ବାରମ୍ବାର ସରକାର ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଯାହାଫଳରେ ମଙ୍ଗଳବାର ମହାବିଦ୍ୟାଳୟର ଫାଟକ ନିକଟରେ ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା, ଅଧ୍ୟାପକ ଦିପ୍ତୀମୟ ସାଠୁଆ, ଅଧ୍ୟାପିକା ବିଦ୍ୟା ଭାରତୀ ଦାସ, ଅଧ୍ୟାପିକା ସାଇସ୍ମିତା ଗିରି, ଅଧ୍ୟାପକ ବନବିହାରୀ ଗିରି, ଅଧ୍ୟାପିକା ସ୍ମୃତିରେଖା ରାଜ, ଅଣ ଶିକ୍ଷକ କର୍ମଚାରୀ ବ୍ୟୋମକେଶ ପାତ୍ର, ଶାନ୍ତନୁ ପ୍ରଧାନ, ଜଳିରାଣୀ ଭୂୟାଁ, ବବିତା ଦାସ, ମାନସ ରଞ୍ଜନ ବେହେରା ପ୍ରମୁଖ ୧୧ ଜଣ କର୍ମଚାରୀ ଫାଟକ ନିକଟରେ ଧାରଣାରେ ବସିଥିଲେ।

ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ଲୋକେ ହନ୍ତସନ୍ତ

କାଳିପଦା, ୧୯।୮ (ସମିସ): ବାଲିଆପାଳ ସୂଚନା ଅଧିକାରୀ ଅଭିଯାନ ସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆଜି ବାଲିଆପାଳ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଅମଲାତନ୍ତ୍ରୀମାନେ ଗଲା ୧୧ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ଯୋଗୁଁ ବାଲିଆପାଳ ବ୍ଲକର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅଧିକାରୀ ଅଭିଯାନ ସଂଘର ସଭାପତି ଅନୁଜ କୁମାର ମହାପାତ୍ରାଙ୍କ ସଭାପତିତ୍ୱରେ ସରକାରଙ୍କ ସ୍ଥାଣୁତାର ଘୋର ନିନ୍ଦା କରାଯାଇଛି। ଅମଲା ତନ୍ତ୍ରୀଙ୍କ ୧୦ ଦଫା ଦାବି ସରକାର ଅବିଳମ୍ବେ ପୂରଣ କରନ୍ତୁ କିମ୍ବା ଜନସାଧାରଣଙ୍କ ନାହିଁ ନ ଥିବା ଅସୁବିଧାର କିଭଳି ସୁଚାରୁ ରୂପେ ସମାଧାନ ହୋଇପାରିବ ତାର ବିକଳ୍ପ ବ୍ୟବସ୍ଥା କରନ୍ତୁ। ଏ ସମ୍ବନ୍ଧରେ ଜଣେ ଜଣେ ସଦସ୍ୟ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ।ଏହି ବୈଠକକୁ ସୂଚନା ଅଧିକାର ଅଭିଯାନର ସଦସ୍ୟ ଗୋପୀନାଥ ଗଙ୍ଗାଇ, ବାବାଜୀ ପାତ୍ର, ଦେବେନ୍ଦ୍ର ଦାସ, ଏସ କେ ମୁନ୍ନା, ପବିତ୍ର ମୋହନ ଗୋଛାୟତ, ବାଦଲ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ଭୋଗରାଇ,୧୯।୮ (ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ସାନତେଘରୀ ଗ୍ରାମର ଶ୍ରୀକୃଷ୍ଣ ମୈଦାନରେ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର ଦଣ୍ଡପାଟ, ଯୁବକ ସଂଘର ସଭାପତି ସୁଶାନ୍ତ ପାତ୍ର, ସମ୍ପାଦକ ଝାଡେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସଂଘର ଉପସଭାପତି ଦେବବ୍ରତ ମହିଶାଳ, ସହ ସମ୍ପାଦକ ଅଜିତ ସାହୁ, କୋଷାଧ୍ୟକ୍ଷ ଅଜିତ ପାତ୍ର, ଚନ୍ଦନ ସାହୁ, ଉପଦେଷ୍ଟା ଦୀପକ ପାତ୍ର, ତାରାପଦ ପାତ୍ର, ରଣଜିତ୍ ପାତ୍ର, ଶମ୍ଭୁନାଥ ସାହୁ, ନକୁଳ ସାହୁ, ମନ୍ମଥ ଦାସମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଏନ୍‌ଏସି ଘୋଷଣା ହେଲାନି, ୨୧ରେ ବାଲିଆପାଳ ବନ୍ଦ ଡାକରା

କାଳିପଦା, ୧୯।୮ (ସମିସ): ପୂର୍ବ ସରକାର ବାଲିଆପାଳକୁ ନୂଆ ଏନ ଏ ସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ଭାବେ ଘୋଷଣା କରିଥିଲେ। କିନ୍ତୁ ଏବେର ସରକାର ନୂଆ ଏନଏସି ହେବା ନେଇ ଯେଉଁ ତାଲିକା ପ୍ରକାଶ କରିଛନ୍ତି ସେଥିରୁ ବାଲିଆପାଳକୁ ବାଦ ଦିଆଯାଇଛି। ଏ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନ ଏ ସି ଆମର ହକ। ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ବେଳୁ ଏହାର ପ୍ରସ୍ତୁତି ସରିଥିଲା। କେବଳ ଘୋଷଣା ବାକି ଥିଲା। ତେବେ ଆମର ହକ ପାଇଁ ଆଜି ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି ପକ୍ଷରୁ ଏକ ସର୍ବ ଦଳୀୟ ଓ ବୁଦ୍ଧିଜୀବୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୋବିନ୍ଦ ଦେବାଶିଷ ପାତ୍ର, ଅରୁଣ କୁମାର ପାତ୍ର, ରଘୁନାଥ ଜେନା, ପ୍ରଫୁଲ୍ଲ କୁମାର ପାତ୍ର, ହରେକୃଷ୍ଣ ଜେନା, ହରବନ୍ଧୁ ଜେନା, ହୃଷିକେଶ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଠ ଘଣ୍ଟିଆ ଏହି ବନ୍ଦରୁ ଅତ୍ୟାବଶ୍ୟକୀୟ ସେବା ଓ ବ୍ୟବସାୟ ପ୍ରତିଷ୍ଠାନକୁ ବାଦ ଦିଆଯାଇଛି।

● ଖଣି ଅଧିକାରିଣୀ ହତ୍ୟା ଷଡଯନ୍ତ୍ରର ଭିଡିଓ ଭାଇରାଲ ଘଟଣା

ମୁଖ୍ୟ ଚକ୍ରାନ୍ତକାରୀ ଗିରଫ

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୧୯।୮ (ସମିସ): ବାଲେଶ୍ୱର ମାଇନ୍ସ ମହିଳା ଅଧିକାରିଣୀଙ୍କୁ ଜୀବନରୁ ମାରିଦେବା ଓ ଗଣଦୁଷ୍କର୍ମ କରିବା ଷଡ଼ଯନ୍ତ୍ର ଭିଡ଼ିଓ ଭାଇରାଲ ପରେ ମୁଖ୍ୟ

ଅଭିଯୁକ୍ତ ବାଲି ମାଫିଆକୁ ପୁଲିସ ଗିରଫ କରିଛି। ଖଣି ଅଧିକାରିଣି ଓ ତାଙ୍କ ସାଥିଙ୍କୁ ହତ୍ୟା ଷଡ଼ଯନ୍ତ୍ରର ଭିଡିଓ ସୋସିଆଲ ମିଡ଼ିଆରେ ପୋଷ୍ଟ ପରେ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସୋମବାର ମୁଖ୍ୟ ଷଡ଼ଯନ୍ତ୍ରକାରୀ କମର୍ଦ୍ଦା ଥାନା କୁସୁଡା ପଞ୍ଚାୟତ ଅନ୍ତର୍ଗତ ଗଛ ଗଡିଆ ଗ୍ରାମର ପ୍ରଫୁଲ୍ଲ ଖଟୁଆ(୩୧)କୁ ପୁଲିସ ଜଳେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ସହଯୋଗୀ ଫେରାର ରହିଛନ୍ତି।

ଭିନ୍ନକ୍ଷମ ଶିଶୁର ଯତ୍ନ ପାଇଁ ସହଯୋଗ ଲୋଡ଼ିଲେ ମା'

ବାଲେଶ୍ୱର,୧୯।୮ (ସମିସ): ନଅ ବର୍ଷର ଭିନ୍ନକ୍ଷମ ଶିଶୁର ଯତ୍ନ ପାଇଁ ସହଯୋଗ ଲୋଡିଲେ ମାଆ। ଏଥିପାଇଁ କୁରୁଡା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚ ତାପସ ପାଣିଗ୍ରାହୀଙ୍କୁ ଭେଟି ସାହାଯ୍ୟ ଲୋଡ଼ିଛନ୍ତି। ଫଳରେ ଉପଯୁକ୍ତ ଯତ୍ନ ପାଇଁ ଭିନ୍ନକ୍ଷମ ଶିଶୁକୁ ନେଇ ଭିନ୍ନକ୍ଷମ ସ୍କୁଲରେ ଛାଡ଼ିଛନ୍ତି ସରପଞ୍ଚ। ମିଳିଥିବା ସୂଚନା ଅନୁସାରେ, ତାମୁଳିଆ ନିକଟରେ ରହୁଥିବା ନମିତା ରାୟଙ୍କ ତିନି ଜଣ ପିଲା। ନମିତାଙ୍କ ସ୍ୱାମୀ ନ ଥିବାରୁ ଘର ଚଳାଇବା ଏବଂ ପିଲାର ଯତ୍ନ ନେବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ତିନି ପିଲା ମଧ୍ୟରୁ ସାନ ଝିଅ ଜନ୍ମରୁ ଭିନ୍ନକ୍ଷମ ସହିତ ବିକୃତ ମସ୍ତିଷ୍କ। ଶିଶୁର ମା' କାନ୍ଦି କାନ୍ଦି କୁରୁଡା ସରପଞ୍ଚ ପାଖରେ ପହଞ୍ଚି ସାହାଯ୍ୟ ପାଇଁ ନିବେଦନ କରିଥିଲେ। ତାଙ୍କର ତିନୋଟି ପିଲା ଏବଂ ସ୍ୱାମୀ ନାହାନ୍ତି। ସାନ ପିଲାଟି ଭିନ୍ନକ୍ଷମ। ଏକୁଟିଆ ତିନି ପିଲା ଏବଂ ଭିନ୍ନକ୍ଷମ ଶିଶୁ କଥା ବୁଝିବା କଷ୍ଟକର ହୋଇପଡୁଛି। ପିଲାକୁ ସମ୍ଭାଳିବା ପାଇଁ ସମୟ ପଳେଇ ଯାଉଥିବା ବେଳେ ନା କାମ କରିବାକୁ ଯାଇପାରୁଛନ୍ତି ନା ଅନ୍ୟ ଦୁଇ ପିଲାଙ୍କୁ ଖାଇବାକୁ ଗଣ୍ଡେ ଦେଇପାରୁଛନ୍ତି। ସେଥିପାଇଁ ସରପଞ୍ଚଙ୍କୁ ଭେଟି ସହଯୋଗ ଲୋଡିଲେ। ସରପଞ୍ଚ ତାପସ ନମିତା ଏବଂ ପିଲାକୁ ନେଇ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇ ସବୁ ପ୍ରକାର ଅଫିସିଆଲ କାଗଜ ପତ୍ର କାମ ସାରି କୁରୁଡ଼ା ସ୍ଥିତ ପ୍ରତୀକ୍ଷା ଭିନ୍ନକ୍ଷମ ସ୍କୁଲରେ ରଖିବାର ବ୍ୟବସ୍ଥା କରାଇଲେ। ଅପାତତଃ ପିଲାଟି ସେଠାରେ ଯତ୍ନରେ ରହିବା ସହିତ ତାର ମା ଆଉ ଦୁଇଜଣ ପିଲାଙ୍କୁ ଲାଳନପାଳନ ଠିକ ଭାବେ କରିପାରିବେ ବୋଲି ସରପଞ୍ଚ ଆଶାବ୍ୟକ୍ତ କରିଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ସାଂସଦ

ନୀଳଗିରି, ୧୯।୮ (ସମିସ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ମିଲେଟ ଚାଷୀମାନଙ୍କର ସମବାୟ ସମିତି ମାଧ୍ୟମରେ ବିସ୍କୁଟ, କେକ, ନୁଡୁଲସ, ମଲ୍ଟି ମିଲେଟ ମଲଟ, କୁକିଜ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବିଶ୍ୱବଜାରରେ ବିକ୍ରୟ ବ୍ୟବସ୍ଥା ଏବଂ ବାଲେଶ୍ୱର ଓ ମୟୂରଭଞ୍ଜରେ ଜୈବ ପରିମଣ୍ଡଳର ଗୁରୁତ୍ୱକୁ ଉପଲବ୍ଧ କରି ଏଠାକାର ଜୈବ ବିବିଧତାର ସୁରକ୍ଷା ଓ ବିକାଶ ପାଇଁ ଏକ ବିସ୍ତୃତ ପରିବେଶଗତ ଅଡିଟ କରିବା ପାଇଁ ନିବେଦନ କରିଛନ୍ତି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ନିୟନ୍ତ୍ରଣ, ଜଳସେଚନ, ତଟ ସୁରକ୍ଷା, ବନ୍ଧ ଓ ଜଳ ଭଣ୍ଡାର ନିର୍ମାଣ, ସୁବର୍ଣ୍ଣରେଖା ସଂସ୍କାର ଯୋଜନାର କ୍ରିୟାନ୍ୱୟନ ଏବଂ ସେବା ସମବାୟ ସମିତି ମାନଙ୍କର ଦକ୍ଷତା ବର୍ଦ୍ଧନ ଆଦି ବିଷୟରେ ଆଲୋଚନା କରିଥିଲେ।

ଖାଲିନା-ବାଇଗଣବାଡ଼ିଆ ରାସ୍ତା ଦୁର୍ଗମ

ଜଳେଶ୍ୱର,୧୮।୮ (ସମିସ)

ଜଳେଶ୍ୱର ବ୍ଲକର ବାଇଗଣ ବାଡିଆ ଓ ଝାଡପିମ୍ପଳ ପଂଚାୟତର ଗ୍ରାମବାସୀ ଜଳେଶ୍ୱର ସଦର ମହକୁମା କିମ୍ବା ନାମ୍ପୋ ଫାଣ୍ଡିକୁ ଆସିବାଲାଗି ଖାଲିନା-ବାଇଗଣବାଡିଆ ଭାୟା ଘଣ୍ଟିଆଡି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ୮ କୋଟି ଟଙ୍କା ବ୍ୟୟରେ ପ୍ରାୟ ୫ କି.ମି. ରାସ୍ତା ନିର୍ମାଣର ଅବଧି ସରିଥିଲେ ମଧ୍ୟ ଅଦ୍ୟାବଧି କାମର ଅଧା ଅଂଶ ବାକିଥିବାରୁ ଏହାର ସଂପୂର୍ଣ୍ଣ ସରିବା ନେଇ ଗ୍ରାମବାସୀ ଆଶଙ୍କାରେ ରହିଛନ୍ତି। ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ବେଳେ କଚ୍ଛପ ଗତିର କାମର ଅଗ୍ରଗତିକୁ ନେଇ ନେତୃସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି।

ଘଟଣାରୁ ପ୍ରକାଶ, ବାଇଗଣ ବାଡିଆ ଓ ଝାଡପିମ୍ପଳ ପଞ୍ଚାୟତର ଗ୍ରାମବାସୀ ଜଳେଶ୍ୱର ବ୍ଲକ, ତହସିଲ, କୋର୍ଟ ଇତ୍ୟାଦି ସ୍ଥାନକୁ ଭାୟା ନାମ୍ପୋ ଦେଇ ଆସିଲେ ୧୫ କି.ମି. ଦୂରତା କମ ହୋଇଥାଏ। ଦୁଇବର୍ଷ ତଳେ ଖାଲିନା (ହାକାଣ୍ଡପୋଖରୀ)-ବାଇଗଣବାଡିଆ ଫଂଚାୟତ ୫ କି.ମି.

କନେକ୍ଟିଭିଟି ନୂତନ ରାସ୍ତା ନିର୍ମାଣ ଲାଗି ୮ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ନୂତନ ୪ କି.ମି ରାସ୍ତା କଂକ୍ରିଟ ହେବାକୁ ଥିବା ବେଳେ ୧.୪ କିମି ରାସ୍ତା ପିଚୋ କରାଯିବାର ନିର୍ଦ୍ଦେଶ ରହିଛି। ଏହି କାମର ଅବଧି ସରିଥିଲାବେଳେ ଏହାର ଅବଧି ମଧ୍ୟ ଦୁଇଥର ବଢାଯାଇଛି। ପୁଣି ଦ୍ୱିତୀୟଥର ଅବଧି ଆସନ୍ତା ଡିସେମ୍ବର ମାସରେ ସରିବାକୁଥିବା ବେଳେ କାମର ଅଗ୍ରଗତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାର ନାମ୍ପୋ ନିକଟରେ ଥିବା ଗନ୍ତା ଖାଲ ଉପରେ ୧୨ ମିଟର ଲମ୍ବର ଏକ ସେତୁ ନିର୍ମାଣ ସରିଥିଲେ ମଧ୍ୟ ରାସ୍ତା ସହିତ ସଂଯୋଗୀକରଣ କରାଯାଇନାହିଁ। ଖରାଦିନେ ଠିକାଦାରଙ୍କ ଦ୍ୱାରା ଡମ୍ପର ଚଳପ୍ରଚଳ କରାଯାଇଥିବାରୁ ଏହି ରାସ୍ତାର ବାଇଧର ପ୍ରାଥମିକ ବିଦ୍ୟାଳୟ ନିକଟରେ ରାସ୍ତାଟି ଖରାପ ହୋଇଛି ଫଳରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାରେ ଅସୁବିଧା ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଦୁଇ ଫଂଚାୟତବାସୀଙ୍କ ନାମ୍ପୋ ପୁଲିସ୍ ଫାଣ୍ଡିକୁ ଆସିବା ଲାଗି ଏକମାତ୍ର ବିକଳ୍ପ ରାସ୍ତା ହୋଇଥିବାରୁ ବିଭିନ୍ନ ସମୟରେ ଜନସାଧାରଣ ଅଭିଯୋଗ ଆଣିବାରେ ଅସମର୍ଥ ହୋଇ ପଡୁଛନ୍ତି। ରାସ୍ତାଟି ଦୁର୍ଗମ ଅବସ୍ଥାରେ ପରିଣତ ହୋଇଥିବାରୁ ଏହା ଉପରେ ଚାଲି ଚାଲି ଯିବା ମଧ୍ୟ ଅସମ୍ଭବ ହୋଇ ପଡିଛି। ତେବେ କଂକ୍ରିଟ କାମ ଆଦୌ ଆରମ୍ଭ ହୋଇନଥିବା ବେଳେ ଏହାର ସମାପ୍ତିକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଶୀଘ୍ର ଶେଷ ନ ହେଲେ ତିନି ଫଂଚାୟତମାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ବାରବାଟୀରେ ବୁଲା କୁକୁର ଆତଙ୍କ

୧୮ ଜଣ କୁକୁର କାମୁଡ଼ାର ଶିକାର

ବାଲେଶ୍ୱର,୧୯।୮ (ସମିସ)

ବାଲେଶ୍ୱର ପୌରପରିଷଦର ବାରବାଟୀ ଅଞ୍ଚଳବାସୀ ବୁଲା କୁକୁରମାନଙ୍କ ଦୌରାତ୍ମ୍ୟରେ ଆତଙ୍କିତ ହୋଇପଡ଼ିଛନ୍ତି। ରାତି ହେଉ କିମ୍ବା ଦିନରେ ଲୋକମାନଙ୍କୁ ଦେଖିବା ମାତ୍ରେ କାମୁଡିବା ପାଇଁ ଦୌଡି ଯାଉଛନ୍ତି। ଏପରିକି ଏହି କୁକୁରମାନେ ଦୀର୍ଘ ୧୫ଦିନରୁ ଅଧିକ ହେବ ସେଠାରେ ଆତଙ୍କ ଖେଳାଇଥିବା ବେଳେ ପାଖାପାଖି ୧୮ ଜଣ ଲୋକଙ୍କୁ ମଧ୍ୟ କାମୁଡି ସାରିଲାଣି। ଅନ୍ୟପଟେ ବୁଲା କୁକୁର ଧରିବାକୁ ନେଇ ପୌର ପ୍ରଶାସନ ଓ ପ୍ରାଣୀସମ୍ପଦ ବିଭାଗ ଦୋଷ ଲଦାଲଦି ହେବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ କରି ୩ଟି ଅଙ୍ଗନବାଡି, ଗୋଟିଏ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ରହିଛି। ଏହାଛଡା ସେଠାରେ ମଧ୍ୟ କୁନ୍ତଳାକୁମାରୀ ସାବତ ମହାବିଦ୍ୟାଳୟ ସାଙ୍ଗକୁ ବିଡିଏମ ପବ୍ଲିକ ସ୍କୁଲ ମଧ୍ୟ ରହିଛି। ଏପରିକି ବାଲିଘାଟ ନଇ ଆରପଟର ବିଭିନ୍ନ ଗ୍ରାମରୁ ଶତାଧିକ ଛାତ୍ରଛାତ୍ରୀ ଏଠାକୁ ପଢ଼ିବାକୁ ଆସୁଛନ୍ତି। ଏହି ବାରବାଟୀ ଅଞ୍ଚଳର ମଣ୍ଡଳବଜାର,ବୁଢ଼ାକାର୍ତିକ ଛକ,ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟଛକ ଠାରୁ ଆରମ୍ଭ କରି ବାରବାଟୀ ଗାଁର ବିଭିନ୍ନ ଛକଠାରେ ଏହି ବୁଲା କୁକୁରମାନଙ୍କର ଆତଙ୍କ ଦେଖିବାକୁ ମିଳିଛି। ଏଠାରେ ପାଖାପାଖି ଗୋଟିଏ ସ୍ଥାନରେ ୫ରୁ ଅଧିକ କୁକୁରମାନେ ସେମାନଙ୍କ ଗ୍ରୁପ ଗଠନ କରି ଆକ୍ରମଣ କରୁଛନ୍ତି। ଏହି ସ୍ଥାନରେ ଦୀର୍ଘ ୧୫ଦିନରୁ ଅଧିକ ହେବାକୁ ବସିଲାଣି ଏହି କୁକୁରମାନଙ୍କର ଉତ୍ପାତ। ଦିନ ସମୟରେ ସେଠାରେ ଜନ ଗହଳି ଥିବାରୁ ସେମାନେ କମ ପରିମାଣରେ ଆକ୍ରମଣ କରୁଥିବା ବେଳେ ରାତିରେ ସେମାନଙ୍କର ଉତ୍ପାତ ଅଧିକ ବୃଦ୍ଧି ପାଉଛି। କିଛି ଦିନ ମଧ୍ୟରେ ଗାଁର ପାଖାପାଖି ୧୮ ଜଣ ଲୋକେ କୁକୁର କାମୁଡାରେ ଶିକାର ହୋଇଥିବା ବେଳେ ଆଜି ମଧ୍ୟାହ୍ନରେ ଜଣେ ମହିଳା ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ରକୁ ତାଙ୍କର ପିଲାଙ୍କୁ ଆଣିବାକୁ ଯାଉଥିବା ବେଳେ କୁକୁର ତାଙ୍କୁ କାମୁଡି ଦେଇଥିବା ଜଣାଯାଇଛି। ଅନ୍ୟପଟେ ବୁଲା କୁକୁରମାନଙ୍କୁ ଧରିବା ପାଇଁ ପୌରପ୍ରଶାସନ ପକ୍ଷରୁ ଗାଡି ରହିଥିବା ବେଳେ ଏବେ କିନ୍ତୁ ତାହା ଆଉ କରାଯାଉ ନାହିଁ।

କୁକୁର ଧରିବାକୁ ପୌର ପ୍ରଶାସନ ଓ ପ୍ରାଣୀ ସମ୍ପଦ ବିଭାଗ ଦୋଷ ଲଦାଲଦି

ଘଟଣା ନେଇ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ କହିଛନ୍ତି ଯେ, ପୂର୍ବରୁ ପୌରପରିଷଦ ବୁଲା କୁକୁରଗୁଡିକୁ ଧରୁଥିଲା। ସେମାନେ ଏକ ଗାଡି ଦ୍ୱାରା ଧରୁ ଥିଲେ। ହେଲେ ବର୍ତ୍ତମାନ ଆଉ ସେଇ କାର୍ଯ୍ୟ କରାଯାଉ ନାହିଁ। କିମ୍ବା ପୌରପରିଷଦ ପକ୍ଷରୁ ସେପରି କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଏହାଛଡା ଅଧିକ ଲୋକବଳ ମଧ୍ୟ ନାହିଁ ଯାହାଦ୍ୱାରା ବୁଲା କୁକୁରମାନଙ୍କୁ କାବୁ କରିବେ। ଏବେ ଭେଟେରେନାରୀ ବିଭାଗ ଏହାକୁ ଦେଖୁଛି ବୋଲି କହି ଏଡାଇଯାଇଛନ୍ତି। ଅନ୍ୟପଟେ ପ୍ରାଣୀ ସମ୍ପଦ ଅଧିକାରୀ ଅଜିତ କୁମାର ସାମଲ କହିଛନ୍ତି ଯେ,ଏହି କାର୍ଯ୍ୟ ପୌରପରିଷଦ କରିବା କଥା। ସେମାନଙ୍କ ପାଖରେ ବୁଲା କୁକୁରମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଭାବେ ଗାଡି ରହିଛି। ହେଲେ ସେମାନ କରୁ ନାହାନ୍ତି। ଯଦି ପୌରପରିଷଦ କୌଣସି ବୁଲା କୁକୁରମାନଙ୍କୁ ଧରି ସେମାନଙ୍କ ନିକଟକୁ ଆଣନ୍ତି ତେବେ ସେମାନେ ତାଙ୍କର ଚିକିତ୍ସା କରାଇବେ । ପୌରପରିଷଦ ଏବଂ ପ୍ରାଣୀ ସମ୍ପଦ ବିଭାଗ ପରସ୍ପର ଉପରେ ଦୋଷାରୋପ କରୁଥିବା ବେଳେ ବାସ୍ତବରେ କିନ୍ତୁ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଣୁ ଜିଲ୍ଲାପାଳ ଏହି ଘଟଣାକୁ ଅତି ଗମ୍ଭୀର ଭାବେ ନେଇ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

୨୩ରୁ ଦୁଇଦିନିଆ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା

ବାଲେଶ୍ୱର,୧୯।୮(ସମିସ): ଚଳିତ ମାସ ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ବାଲେଶ୍ୱର ଇନ୍‌ଡୋର ଷ୍ଟାଡିୟମ ପରିସରରେ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ କୃତି ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏପରିକି ଦୁଇ ଶହରୁ ୨୫୦କୃତି ପ୍ରତିଯୋଗୀ ଏଥିରେ ଭାଗ ନେଇ କୃତକାର୍ଯ୍ୟ ହେବେ ସେମାନଙ୍କୁ ଆସନ୍ତା ଜାନୁଆରୀମାସରେ ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିଅନସିପରେ ଖେଳିପାରିବେ। ଏପରିକି ବାଲେଶ୍ୱର ଇନଡୋର ଷ୍ଟାଡିୟମ ଠାରେ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବାକୁ ଉଦଘାଟନୀ ସମାରୋହରେ ସଦର ବିଧାୟକଙ୍କ ସହ ଜିଲ୍ଲା କ୍ରୀଡ଼ା ଅଧିକାରୀ ଏବଂ ଜିଲ୍ଲାପାଳ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ୨୩ତାରିଖ ସକାଳ ୯ଟାରେ ଏହି ଚାମ୍ପିଅନସିପ ଉଦଘାଟନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ଓ ରାଜ୍ୟ କରାଟେ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏଥିରେ ଆସୋସିଏସନର ରାଜ୍ୟ ସମ୍ପାଦକ ସୌମ୍ୟରଞ୍ଜନ ଶାସମଲ, ଜିଲ୍ଲା ସମ୍ପାଦକ ସମୀର ତାଲଦୀ, କାର୍ଯ୍ୟକାରୀ ସମ୍ପାଦକ ମନୋରଞ୍ଜନ ଆଚାର୍ଯ୍ୟ, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଜୈବବିବିଧତା ସୁରକ୍ଷା ପାଇଁ ଜାତୀୟ କର୍ମଶାଳା ଶୁଭାରମ୍ଭ

ବାଲେଶ୍ୱର,୧୯।୮(ସମିସ): "ସମୁଦ୍ର ତଟୀୟ ଜୈବବିବିଧତା ସୁରକ୍ଷା ପାଇଁ ଭାରତୀୟ ହର୍ସ-ଶୁ କ୍ରାବ' ସଂପର୍କୀୟ ପାଞ୍ଚଦିନିଆ ଜାତୀୟ କର୍ମଶାଳା ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କର୍ମଶାଳା ଆସନ୍ତା ୨୩ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ହର୍ସ-ଶୁ କ୍ରାବ ଗବେଷଣା ଓ ସୁରକ୍ଷା କେନ୍ଦ୍ର ଓ ମାନବ ସମ୍ପଦ ବିକାଶ କେନ୍ଦ୍ର ପକ୍ଷରୁ ଜୀବବିଜ୍ଞାନ ବିଭାଗ ଓ ଜୀବବିଜ୍ଞାନ ଏବଂ ବାୟୋ ପ୍ରଦ୍ୟୋଗିକୀ ବିଭାଗର ସହଭାଗୀତାରେ ଆୟୋଜନ କରାଯାଇଛି। କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ, ସମୁଦ୍ରତଟୀୟ ପରିସ୍ଥିତିତତ୍ତ୍ୱ ଓ ବିଲୁପ୍ତପ୍ରାୟ ପ୍ରଜାତିର ସୁରକ୍ଷାକାରୀ ଗବେଷଣାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସଦା ଉତ୍ସାହିତ ଓ ଗତିଶୀଳ। ହର୍ସ-ଶୁ କ୍ରାବ୍‌ର ଦୀର୍ଘଦିନର ଗବେଷଣାରେ ଏହି ବିଶ୍ୱବିଦ୍ୟାଳୟ ଓଡ଼ିଶା ସରକାରଙ୍କ ମନୋଯୋଗ ଆକର୍ଷିତ କରିଛି ଏବଂ ବର୍ତ୍ତମାନ ବିଜ୍ଞାନ ଓ ପ୍ରଦ୍ୟୋଗିକ ବିଭାଗ ସହିତ ସଂଯୁକ୍ତଭାବେ କାମ କରିବାକୁ 'ଓମବ୍ରିକ' ପ୍ରକଳ୍ପ ଦ୍ୱାରା ଅଗ୍ରସର ହେଉଛି। ଏଥିସହ ସହିତ ସମୁଦ୍ରଜୀବ ଓ ଜୈବବିବିଧତା ସୁରକ୍ଷା ମଧ୍ୟରେ ହର୍ସ-ଶୁ କ୍ରାବର ସଂରକ୍ଷଣ ଓ ଅନୁସନ୍ଧାନର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ କର୍ମଶାଳା ବିଷୟ ପରିଚୟ ଦେଇ ସମୁଦ୍ରତଟୀୟ ପରିସ୍ଥିତି ବ୍ୟବସ୍ଥାପନ ଓ ସୁସ୍ଥାୟୀ ସୁରକ୍ଷାରେ ଏହାର ପ୍ରାସଙ୍ଗିକତାକୁ ବ୍ୟାପକ କରିଥିଲେ। ଡକ୍ଟର ଭାରତ ଭୂଷଣ ପଟ୍ଟନାୟକ(ଡେପୁଟି ନିର୍ଦ୍ଦେଶକ ସମ୍ମାନିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ହର୍ସ-ଶୁ କ୍ରାବକୁ ପରିସ୍ଥିତିର "ମୂଳ ପ୍ରଜାତି' ଯାହା ସଂପର୍କରେ ବିଶେଷ ଅନୁସନ୍ଧାନର ପ୍ରୟୋଜନ ରହିଥିବାର ଅବଗତ କରିଥିଲେ। ପ୍ରଫେସର ରଣୀନ୍ଦ୍ର କୁମାର ନାୟକ(ନିର୍ଦ୍ଦେଶକ- ମାନବ ସମ୍ବଳ ବିକାଶ କେନ୍ଦ୍ର- ଫକୀରମୋହନ ବିଶ୍ୱବିଦ୍ୟାଳୟ) ପରିବେଶ ଓ ଜିନ୍-ଗତ ଦୃଷ୍ଟିକୋଣର ସମନ୍ୱୟକୁ ଗୁରୁତ୍ୱ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ସୁଶୀଳ ଦତ୍ତ (ଡନ୍ ବସ୍କୋ ବିଶ୍ୱବିଦ୍ୟାଳୟ, ଆସାମ) ଭାରତରେ ହର୍ସ-ଶୁ କ୍ରାବ ଉପରେ ବୃଦ୍ଧିଶୀଳ ଗବେଷଣା ଓ ସୁରକ୍ଷାର ଆବଶ୍ୟକତା ବିଷୟରେ ଅଭିଜ୍ଞତା ପ୍ରଦାନ କରିଥିଲେ। ଏହି ଅବସରରେ ଡ. ଅନୁଭବ ଖାନ (ଭାରତୀୟ ବିଜ୍ଞାନ ସଂସ୍ଥାନ, ବେଙ୍ଗାଲୁରୁ) ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ଡ. ରାଜଶ୍ରୀ ଦତ୍ତ ସଂଚାଳନ କରିଥିଲେ।

ଖନ୍ତାପଡ଼ା ଗଣଦୁଷ୍କର୍ମ ମାମଲାର ଅଭିଯୁକ୍ତ କର୍ଣ୍ଣାଟକରୁ ଗିରଫ

ବ୍ରହ୍ମପୁର, ୧୯।୮ (ସମିସ): ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଏକ ହତ୍ୟା ମାମଲାର ଅଭିଯୁକ୍ତକୁ ଧରିବା ପରେ ତା'ର ପୁରୁଣା କାରନାମା ପଦାକୁ ଆସିଛି। ସେ ହେଲା, ବାଲେଶ୍ୱର ଖନ୍ତାପଡ଼ାର ଶାନ୍ତନୁ ପାତ୍ର(୨୯)। ଶାନ୍ତନୁ ବିବାହିତ ଓ ପତ୍ନୀଙ୍କ ସହ ଝଗଡ଼ା ପରେ ସେ ଅଲଗା ରହୁଥିଲା। ୨୦୧୯ରେ ସେ ନିଜ ସମ୍ପର୍କୀୟ ଦୁଇ ଭଉଣୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ଥିଲା। ଏନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ ପରେ ସେ ଫେରାର୍ ହୋଇ ପ୍ରଥମେ ମୁମ୍ବାଇକୁ ପଳାଇଥିଲା। ପରେ ବ୍ରହ୍ମପୁର ଆସି ସୁନୀଲ ସ୍ୱାଇଁ ନାମରେ ରହି ପରିବା ବ୍ୟବସାୟ କରୁଥିଲା। ଏଥିପାଇଁ ସେ ଏକ ନକଲି ଆଧାରକାର୍ଡ ମଧ୍ୟ ତିଆରି କରିଥିଲା। କିଛି ଦିନ ତଳେ ସେ ବ୍ରହ୍ମପୁର ଶ୍ରୀମାନଗର ଦ୍ୱିତୀୟଲେନ୍ ନିବାସୀ ଗାୟତ୍ରୀ ସ୍ୱାଇଁଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଥିଲା। ନିମଖଣ୍ଡି ପୁଲିସ୍ ତାକୁ କର୍ଣ୍ଣାଟକ କଲବର୍ଗୀ ଜିଲ୍ଲା ୱାଡ଼ି ରେଳଷ୍ଟେସନ୍‌ରୁ ଗିରଫ କରିଛି।

ଦ୍ୱିତୀୟ ଦିନରେ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଧାରଣା

ସାମିଲ ହେଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ

ବାଲେଶ୍ୱର,୧୯।୮(ସମିସ): ଉନ୍ନତ ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଦାବିରେ ମେଡିକାଲ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସପ୍ତାହବ୍ୟାପୀ ଗଣଧାରଣାର ଦ୍ୱିତୀୟ ଦିନରେ 'ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ' ଓ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ପକ୍ଷରୁ ଶତାଧିକ ସଭ୍ୟସଭ୍ୟା ଗଣଧାରଣାରେ ଯୋଗ ଦେଇଥିଲେ। ଧାରଣା ସ୍ଥଳରେ ନୀଳଗିରିର ପୂର୍ବତନ ବିଧାୟକ ଚିତରଞ୍ଜନ ଷଡ଼ଙ୍ଗୀ ଓ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ କ୍ରିୟାନୁଷ୍ଠାନ କମିଟିର ୧୮ ଦଫା ଦାବି ଓ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନକୁ ସମର୍ଥନ ଜଣାଇ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ଜିଲ୍ଲାବାସୀ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପାଇବାର ଆଶା ଆଜି ମଉଳିଯାଉଛି। କାରଣ ମେଡିକାଲ କଲେଜରେ ଗୁରୁତର ରୋଗମାନଙ୍କର ଚିକିତ୍ସା ପାଇଁ ବିଭାଗଗୁଡ଼ିକ ଖୋଲାଯାଇପାରିଲା ନାହିଁ। ସମସ୍ତ ବିଭାଗରେ ପ୍ରଫେସର ନାହାନ୍ତି। ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରମାନଙ୍କରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କର ଅଭାବ ଏମସ ସାଟେଲାଇଟ ସେଣ୍ଟରର ବହିର୍ବିଭାଗ ନାମକୁମାତ୍ର ଦୁଇଦିନ କାର୍ଯ୍ୟ କରୁଛି ବୋଲି ଆଲୋଚନା କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟିର ଉପସଭାପତି ନିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଧାରଣାସ୍ଥଳରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଇଂ ବନମାଳୀ ନାୟକ, ସାଧାରଣ ସମ୍ପାଦକ ଦାମୋଦର ନାୟକ ଓ 'ସହାୟକ'ର ସଭାପତି ଡ କ୍ଷିତୀଶ୍ୱର ଦାଶ ଓ ସଂପାଦକ ଇଂ ହୃଷିକେଶ ସାହୁଙ୍କ ସମେତ ମେଡିକାଲ କଲେଜ ପ୍ରତିଷ୍ଠା ଆନ୍ଦୋଳନର ନାରୀନେତ୍ରୀ ଅନୁସୂୟା ନାୟକ, ସରସ୍ୱତୀ ପଣ୍ଡା, ବନ୍ଦନା ପାତ୍ର, ଶରତ କୁମାର ବିଶ୍ୱାଳ, ବରଦା ପ୍ରସନ୍ନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶ୍ୟାମସୁନ୍ଦର ଜେନା, ପ୍ରଫୁଲ୍ଲ କୁମାର ଦାସ, ଆଇନଜୀବୀ ଏମଡି ଇସଲାମ, ଶରତ କୁମାର ମହାପାତ୍ର, ଶାନ୍ତନୁ ଦାସ, ପ୍ରଜ୍ଞା ପାରମିତା ବିଶ୍ୱାଳ,ବେଣୁଧର ସାହୁ,ରମେଶ ଚନ୍ଦ୍ର ଜେନା,ଦୀନବନ୍ଧୁ ଲେଙ୍କା, ସଞ୍ଜୟ କୁମାର ପଣ୍ଡା, ପଦ୍ମଲୋଚନ ଦତ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଏକ ପ୍ରତିନିଧି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ଜିଲ୍ଲା ସବ୍‌ଜୁନିୟର ମହିଳା ହକି ଦଳର ରାଉରକେଲା ଯାତ୍ରା

ବାଲେଶ୍ୱର,୧୯।୮(ସମିସ): ଜିଲ୍ଲା ସବଜୁନିୟର ମହିଳା ହକି ଦଳ ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ ୨୦୨୫ରେ ଯୋଗଦେବା ପାଇଁ ରାଉରକେଲା ଯାତ୍ରା କରିଛନ୍ତି। ଦଳରେ ମୋଟ ୧୬ଜଣ ଖେଳାଳୀଙ୍କ ସହ ଦୁଇ ଜଣ ଅଧିକାରୀ ରହିଛନ୍ତି। ଏହି ପ୍ରତିଯୋଗିତା ଚଳିତ ମାସ୨୦ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ରାଉରକେଲାରେ ଆୟୋଜିତ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ଦଳମାନଙ୍କ ସହିତ ମୁକାବିଲା କରିବା ପାଇଁ ଏହି ଦଳ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସମସ୍ତ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

ପରିତ୍ୟକ୍ତ ଶିଶୁଙ୍କ ପାଇଁ ପଦକ୍ଷେପ

ବାଲେଶ୍ୱରରେ 'ବେବି କ୍ରାଡଲ୍ ପଏଣ୍ଟ' ଉଦ୍‌ଘାଟିତ

ବାଲେଶ୍ୱର,୧୯।୮(ସମିସ)

ଅନେକ ସମୟରେ ପିତାମାତା ଏବଂ ମାତାମାନେ ସେମାନଙ୍କର ନବଜାତ ଶିଶୁମାନଙ୍କୁ ଅଳିଆ ଗଦାରେ, ରାସ୍ତା କଡ଼ରେ, ଜଙ୍ଗଲ ଭିତରେ ଏବଂ ନଦୀ ଗର୍ଭରେ ଫିଙ୍ଗି ଦେଉଥିବାର ଅନେକ ଘଟଣା ସାମ୍ନାକୁ ଆସିଛି। ନବଜାତ ଶିଶୁମାନଙ୍କୁ ଅପରିଷ୍କାର ସ୍ଥାନରେ ଫିଙ୍ଗି ଦେବା ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ସଂକ୍ରମଣ ହୁଏ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ। ଶିଶୁମାନେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କାରେ ଅଛନ୍ତି ଏବଂ କେତେକ ପ୍ରାଣ ହରାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପରିତ୍ୟକ୍ତ ଶିଶୁମାନଙ୍କ ପାଇଁ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ 'ବେବି କ୍ରାଡଲ୍ ପଏଣ୍ଟ' ଆରମ୍ଭ ହୋଇଛି। ପରିତ୍ୟକ୍ତ ଶିଶୁଙ୍କ ପାଳନ ଯତ୍ନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍ ଏ ଏ(ସା), ଉତ୍କଳ ବାଳାଶ୍ରମ ମୁଖ୍ୟ ଗେଟ୍ ନିକଟରେ ପରିତ୍ୟକ୍ତ ନବଜାତ ଶିଶୁଙ୍କ ପାଇଁ 'କ୍ରାଡଲ୍ ବେବି ପଏଣ୍ଟ' ଉଦଘାଟିତ ହୋଇଛି। ଏହି ପଏଣ୍ଟକୁ ଡିଏସଡବ୍ଲୁଓ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବାଳାଶ୍ରମ ସୁପରିଟେଣ୍ଡେଣ୍ଟ ସୁବ୍ରତ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ, ପିଓ ଏବଂ କାଉନସିଲର ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଜିଲ୍ଲାରେ ଏପରି ଘଟଣାର ପୁନରାବୃତ୍ତିକୁ ରୋକିବ ବୋଲି ଆଶା କରାଯାଉଛି। ଶିଶୁକୁ ନଫୋପାଡି ସେମାନେ ଏଠାରେ ଦେଇପାରିବେ। ପିଲା କେହି ଏଠାରେ ଦେବା ପରେ ସେଠାରେ ଥିବା ସୁରକ୍ଷା କର୍ମୀ ପିଲାକୁ ଆଣି ଶିଶୁ ଯତ୍ନ ଗୃହରେ ଦେବେ। କେହି ପିଲା ରଖିବା ମାତ୍ରେ ଆମେ ସଙ୍ଗେ ସେଠାରୁ ଉଦ୍ଧାର କରିବୁ। ଆମେ ପିଲାକୁ ତୁରନ୍ତ ସେଠାରୁ ଉଦ୍ଧାର କରି ଯତ୍ନ ଗୃହରେ ରଖିବୁ ଏବଂ କେହି କାରା ମାଧ୍ୟମରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଚାହିଁବେ କରିପାରବେ ବୋଲି ଉତ୍କଳ ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ମତପ୍ରକାଶ କରିଛନ୍ତି। ଏସ୍ ଏ ଏ ପକ୍ଷରୁ କ୍ରାଡଲ ବେବି ପଏଣ୍ଟ ସ୍ଥାପନ ବାଧ୍ୟତାମୂଳକ ନେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ଡିସିପିଓଙ୍କୁ ଚିଠି ଆସିଥିଲା। ପରିତ୍ୟକ୍ତ ଶିଶୁ ଗ୍ରହଣ ତଥା ଉଦ୍ଧାର ପାଇଁ ଜିଲ୍ଲାରେ ଦୁଇଟି କ୍ରାଡଲ୍ ବେବି ପଏଣ୍ଟ ସ୍ଥାପନ ପାଇଁ ନିର୍ଦ୍ଦେଶ ହୋଇଥିଲା।

ଏଫ୍ଏମ୍ ଛାତ୍ରୀ ଆତ୍ମଦାହ ଘଟଣା

ଦିଲ୍ଲୀପ ଘୋଷଙ୍କ ଜାମିନ ଆବେଦନ ଖାରଜ

ବାଲେଶ୍ୱର,୧୯।୮(ସମିସ): ଏଫ୍ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଗିରଫ ହୋଇଥିବା ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ଜାମିନ ଆବେଦନ ଖାରଜ ହୋଇଛି। ମଙ୍ଗଳବାର ଅଦାଲତରେ ତାଙ୍କର ଜାମିନ ଆବେଦନ କରାଯାଇଥିଲା। ଜିଲ୍ଲା ଓ ଦୌରାଜଜ ବିଚାରପତି ଏହାକୁ ଖାରଜ କରିଥିଲେ। ପୂର୍ବରୁ ଅର୍ଥାତ ଏଚଓଡି ତଥା ପ୍ରଫେସର ସମୀର କୁମାର ସାହୁ, ଗିରଫ ଦୁଇ ଛାତ୍ର ନେତା ଶୁଭ୍ରସମ୍ବିତ ନାୟକ, ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଥିଲା। ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କ ଜାମିନ ପାଇଁ ତାଙ୍କର ବ୍ୟକ୍ତିଗତ ଆଇନଜୀବୀ ଗୁରୁପ୍ରସାଦ ଦେହେରା ଆବେଦନ କରିଥିଲେ। ମାତ୍ର ଏହାକୁ ବିଚାରପତି ଅଗ୍ରାହ୍ୟ କରିଥିଲେ। ଶ୍ରୀ ଘୋଷଙ୍କ ଜାମିନ ଆବେଦନ ପାଇଁ ଉପରିସ୍ଥ ଅଦାଲତରେ ଦ୍ୱାରସ୍ଥ ହେବେ ବୋଲି ଆଇନଜୀବୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

ଏଥରର ଆକର୍ଷଣ ୧୫ ଫୁଟିଆ ଗଣେଶ

ରାଇଭାଲ କ୍ଲବ୍

ଆସୁଛନ୍ତି ଗଜାନନ

ବାଲେଶ୍ୱର,୧୯।୮(ସମିସ): ଗଣେଶ ପୂଜା ପାଇଁ ଆରମ୍ଭ ହୋଇଗଲାଣି ଗଣେଶ ମୂର୍ତ୍ତି ନିର୍ମାଣ। ସହର ବି ଚଳଚଞ୍ଚଳ। ବିଭିନ୍ନ କ୍ଲବ ପକ୍ଷରୁ ନିଆରା ମୂର୍ତ୍ତି ତିଆରି କାମ ଚାଲିଛି। ବାଲେଶ୍ୱର ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। କାରଣ ଏହି ଗୋଟିଏ ଜାଗାରେ ୪୫ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଯାହାକୁ ଦେଖିବା ପାଇଁ ଗହଳି ଜମେ। ଏହି କନଭେଣ୍ଟ ସ୍କୁଲ ଲାଇନ୍‌ରେ ପ୍ରତି ଶହେ ମିଟର ଦୂରତାରେ ୪୫ ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜା ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ ରାଇଭାଲ କ୍ଲବ ଅନ୍ୟତମ୍। ରାଇଭଲ କ୍ଲବ ଗଣେଶ ପୂଜା କମିଟି ପକ୍ଷରୁ ସ୍ଥାନୀୟ କନଭେଣ୍ଟ ସ୍କୁଲ ରୋଡ ସ୍ଥିତ ଗଣେଶ ପୂଜା ପେଣ୍ଡାଲରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ମହାଆଡମ୍ବରରେ ପ୍ରଭୁ ଗଜାନନଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ଦୀର୍ଘ ୨ ଦିନ ଧରି ପୂଜା ଅନୁଷ୍ଠିତ ହେବ। ଏଥର ବିଶେଷ ଆକର୍ଷଣ ହେଉଛି ପ୍ରଭୁ ଗଜାନନଙ୍କ ଗହଣା। କୁମାରଟୁଲିର ସ୍ୱତନ୍ତ୍ର ଗହଣା। ଏହି ଗହଣା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହେବ। ଯାହା ମୁଖ୍ୟ ଆକର୍ଷଣ ସାଜିବ। ଏବର୍ଷ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଭୁ ଗଜାନନଙ୍କ ମୂର୍ତ୍ତି ବାଲେଶ୍ୱର ମୂର୍ତ୍ତି କାରିଗର କାରିଗରଙ୍କ ଦ୍ୱାରା ପ୍ରସ୍ତୁତି ଚାଲିଅଛି। ଦୁଇ ଦିନ ପୂଜା ପରେ ୨୯ ତାରିଖ ଦିନ ଭସାଣି ଉତ୍ସବ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। କ୍ଲବ ସଭାପତି ଝାଡ଼େଶ୍ୱର କର ସମ୍ପାଦକ ଅନୁରାଗ, ସହ ସମ୍ପାଦକ ଶ୍ରେୟାସ, ଦେବାଶିଷ ରାଉତ, ସୌମ୍ୟ, ବାପ୍ପୁ, ରାଜା,ଲାଲା, ଲିପୁ, ଶିବୁ, ସନ୍ନୁ, ଆହିଲ, ଦିବ୍ୟାଂଶୁ, ବିନାୟକ, ପପୁ, କ୍ରିଷ୍ଣା, ରାଜେଶ, ଚନ୍ଦ୍ରଜିତ, ବିଟୁ, ବୋବଲୁ, ବଣ୍ଟି, ମିଟୁ, ରଞ୍ଜନ, ବିକାଶ, ତନ୍ମୟ, ରାକେଶ, ଚନ୍ଦନ, ସନ୍ତାନଙ୍କ ସହଯୋଗରେ ପୂଜା ହୋଇଥାଏ।

କ୍ଲବ୍ ଆଟ୍ରାକସନ୍; ଓଡ଼ିଆ ସଂସ୍କୃତିରେ ଝଲସିବ ମଣ୍ଡପ

ବାଲେଶ୍ୱର,୧୯।୮(ସମିସ): ଗଣେଶ ପୂଜା ପାଇଁ ସହର ଚଳଚଞ୍ଚଳ। ସହରର ବିଭିନ୍ନ କ୍ଲବ ପକ୍ଷରୁ ଆରମ୍ଭ ହୋଇଯାଇଛି ନିଆରା ମୂର୍ତ୍ତି ତିଆରି କାମ। ତେବେ ବାଲେଶ୍ୱର ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। କାରଣ ଏହି ଗୋଟିଏ ଜାଗାରେ ୪୫ ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଯାହାକୁ ଦେଖିବା ପାଇଁ ଗହଳି ଜମେ। ଏହି କନଭେଣ୍ଟ ସ୍କୁଲ ଲାଇନ୍‌ରେ ପ୍ରତି ଶହେ ମିଟର ଦୂରତାରେ ୪୫ ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜା ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ କ୍ଲବ ଆଟ୍ରାକସନ୍ ଅନ୍ୟତମ୍। କ୍ଲବ ଆଟ୍ରାକସନ୍ ପକ୍ଷରୁ ୨୦୧୦ ମସିହାରୁ ଗଣେଶ ପୂଜା ସ୍ଥାନୀୟ କନଭେଣ୍ଟ ସ୍କୁଲ ରୋଡ ନିକଟରେ ହୋଇଆସୁଛି। ଚଳିତବର୍ଷ ୧୬ ତମ ଗଣେଶ ପୂଜା ପାଳନ କରିବ କ୍ଲବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମହାଆଡମ୍ବରରେ ପ୍ରଭୁ ଗଜାନନଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ଅନୁଷ୍ଠିତ ହେବ। ଏଥରର ବିଶେଷ ଆକର୍ଷଣ ହେଉଛି ନିଆରା ପୂଜା ପେଣ୍ଡାଲ। ଯାହାର ନାମ ରହିଛି 'ଆମ ଭାଷା ଆମ ସଂସ୍କୃତି'। ଏଥରର ପେଣ୍ଡାଲ ଓଡ଼ିଆ ସଂସ୍କୃତିର ପ୍ରତିକୃତି ଭାବେ ଝଲସିବ। ଏହାକୁ କ୍ଲବ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏବର୍ଷ ପୂଜା ପାଇଁ ୪/୫ ଲକ୍ଷ ଟଙ୍କା ବଜେଟ୍ ରହିଛି। ମୂର୍ତ୍ତି ଉଚ୍ଚତା ୧୫ ଫୁଟ୍ ରହିଥିବା ବେଳେ ପେଣ୍ଡାଲ ଉଚ୍ଚତା ୨୫ ରୁ ୩୦ ଫୁଟ୍ ରହିଛି। ମାଣିଖମ୍ବ ଅଞ୍ଚଳର ଅବିନାଶ ବଢେଇ ଓ ସିପୁ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏହାବ୍ୟତୀତ ପେଣ୍ଡାଲ କାମ ଗୌତମ ଏବଂ ମେଢ କାମ ମୁନା କରୁଥିବା କ୍ଲବ ପକ୍ଷରୁ ସୂଚନା ମିଳିଛି। ଦୁଇ ଦିନ ବ୍ୟାପୀ ଅର୍ଥାତ୍ ୨୭ ଓ ୨୮ ତାରିଖ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ପ୍ରଶାସନର ନିଷ୍ପତ୍ତି ଅନୁସାରେ କ୍ଲବ ପକ୍ଷରୁ ବିସର୍ଜନ କରାଯିବ। କ୍ଲବର ସଦସ୍ୟ ବିଶ୍ୱଜିତ, ବାପୁ, ତୁଷାର, ଅଜୟ, ହିରଣ, ସିଦ୍ଧାନ୍ତ, ପ୍ରତୀକ, ରାକେଶ, ରୋହିତ, ଜଗନ୍ନାଥ, ନିଶାନ୍ତ, ସମ୍ବିତ, ଦେବାଶିଷ, ଗତି, ଲିପୁ, ବିଭୂତି, ପ୍ରଭାଂଶୁ ଏବଂ ମନୋଜ୍ ପ୍ରମୁଖଙ୍କ ସହଯୋଗ ପୂଜା ଶାନ୍ତି ଶୃଙ୍ଖଳାର ସହ ସମାପନ ହୁଏ।

ସିଟି କଟକ

କମିଶନରେଟ୍ ପୁଲିସର ପାର୍ବଣ ପ୍ରସ୍ତୁତି

ପାଟ୍ରୋଲିଂ ଓ ଏନ୍‌ବିଡବ୍ଲ୍ୟୁ ଗିରଫଦାରୀ ହେବ କଡ଼ାକଡ଼ି

କଟକ,୧୯।୮ (ସମିସ):

କମିଶନରେଟ୍ ପୁଲିସ ପକ୍ଷରୁ ଆଗାମୀ ପାର୍ବଣକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଆଗାମୀ ପାର୍ବଣକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଏଡିସିପି, ସମସ୍ତ ଜୋନ୍ ଏସିପି ଓ ଆଇଆଇସିମାନଙ୍କ ସହିତ ଆଲୋଚନା କରିଛନ୍ତି। ଆଜି ଥାନାୱାରୀ ଆଇଆଇସି ଓ ଜୋନ୍ ଏସିପି ମାନେ ନିଜ ନିଜ ଥାନାର ସମ୍ପତ୍ତି ସ୍ଥିତି ଓ ଘଟୁଥିବା ଅପରାଧମୂଳକ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ତେବେ ଡିସିପି ଶ୍ରୀ ଦ୍ୟାନେଦଓ କଟକ ୟୁପିଡି ଅଧିନରେ ଥିବା ପ୍ରତ୍ୟେକ ଥାନାରେ ପୂର୍ବରୁ ଜାରି ହୋଇଥିବା ଜାମିନ୍ ବିହୀନ ପରୱାନା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ମୋଟ୍ ୯୫୦ଜଣ ଅପରାଧି କମିଶନରେଟ୍ ପୁଲିସ ପକ୍ଷରୁ ପ୍ରସ୍ତୁତ ହୋଇଥିବା ତାଲିକାରେ ହିଟ୍ ଲିଷ୍ଟରେ ରହିଛନ୍ତି। ଏହି ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ସହିତ ସମ୍ପୃକ୍ତ ମାମଲାର ତଦନ୍ତକୁ ଖୁବଶୀଘ୍ର ଶେଷ କରିବାକୁ ଡିସିପି କହିଛନ୍ତି।

କଟକ ସହରରେ ଗଣେଶ ପୂଜାରୁ ପାର୍ବଣ ବାତାବରଣ ସୃଷ୍ଟି ହେବ। ଦାଦାବଟି ଓ ବିଭିନ୍ନ ଅପରାଧମୂଳକ ଘଟଣା ବୃଦ୍ଧି ପାଇବାକୁ ଲକ୍ଷ୍ୟ କରାଯାଉଥିବା ବେଳେ ଏହାକୁ କିପରି ପରିଚାଳନା ତଥା ସମାଧାନ କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଐତିହାସିକ କଟକ ସହର ହେଉଛି ଭାଇଚାରାର ସହର। ଏଠାରେ ପୂର୍ବଭଳି ଅପରାଧ ଘଟୁ ନାହିଁ। ପୁଲିସ ରେକର୍ଡ ଅନୁଯାୟୀ, ନିଶା ଚାଲାଣ, ବନ୍ଧୁକ ଚାଲାଣର ମାତ୍ରା ଅଧିକ ରହିଛି। ଏହାକୁ ରୋକିବାକୁ ସମସ୍ତ ପ୍ରକାରର ପ୍ରଚେଷ୍ଟା କରାଯିବ ବୋଲି ସେ କହିଥିଲେ। ସାରା ସହରରେ ପୁଲିସ ପାଟ୍ରୋଲିଂକୁ କଡା କଡି କରାଯିବା ସହିତ ଅପରାଧ ଦମନକୁ ଗୁରୁତ୍ୱ ଦିଆଯିବାକୁ ସେ ସମସ୍ତ ଏଡିସିପି ଓ ଜୋନ୍ ଏସିପିମାନଙ୍କୁ ପରାମର୍ଶ ଦେଇଥିଲେ। ଥାନାୱାରୀ ଯେଉଁମାନଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି, ସେମାନଙ୍କୁ ୧ମାସ ମଧ୍ୟରେ ଗିରଫ କରିବାକୁ ଥାନାୱାରୀ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପ୍ରତ୍ୟେକ ଥାନାରେ ଏନ୍‌ବିଡବ୍ଲ୍ୟୁ ତାଲିକା କାନ୍ଥରେ ଲଗାଯିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଆସନ୍ତା କାଲି ଠାରୁ ଏହି କାର୍ଯ୍ୟ ଆରମ୍ଭ କରିବାକୁ କୁହାଯାଇଛି। ଏଥି ସହିତ ବିଭିନ୍ନ ଅଞ୍ଚଳକୁ ପୁଲିସ ଯାଇ, ଯେଉଁ ଅପରାଧିଙ୍କ ନାଁରେ ଜାମିନ୍ ବିହୀନ ପରୱାନା ଜାରି ହୋଇଛି, ସେମାନଙ୍କ କାନ୍ଥରେ ଏହି ତାଲିକାକୁ ପୋଷ୍ଟର୍ ଭାବେ ଲଗାଇବ। ପାର୍ବଣ ପୂର୍ବରୁ ସହରରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯିବ ବୋଲି ଆଜି ଡିସିପି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଏକ ନୂତନ ତଡ଼ିପାର୍ ତାଲିକା ପ୍ରକାଶ ପାଇବ। ଏହି ତାଲିକା ପ୍ରକାଶ ପାଇବା ପରେ କେଉଁ ଅପରାଧୀମାନଙ୍କୁ ତଡ଼ିପାର୍ କରାଯିବ ତାହାର ସ୍ପଷ୍ଟ ସୂଚନା ମିଳିବ। ଠିକ୍ ଢ଼ଙ୍ଗରେ ପାର୍ବଣ ପରିଚାଳନା କରିବା ନିମନ୍ତେ ପୁଲିସ ଏଭଳି ପଦକ୍ଷେପ ନେଉଥିବା ଜଣାପଡ଼ିଛି।

ଉତ୍କଳ ସାହିତ୍ୟ ସମାଜ ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି

କଟକ,୧୯।୮ (ସମିସ): ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ ଥରେ ଘୋଷିତ ହେବା ପରେ ପୁନର୍ବାର ଦୁଇ ମାସ ଘୁଞ୍ଚାଇ ଦେବା ବିରୋଧରେ ଆଜି ଏକ ପ୍ରତିନିଧି ଦଳ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଆହୂତ କରିବାକୁ ଦାବି ଉଠାଇଛନ୍ତି। ଆଜି ସନ୍ଧ୍ୟାରେ ସାହିତ୍ୟ ସମାଜର କେତେଜଣ ବରିଷ୍ଠ ସଦସ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ଭେଟି ନିର୍ବାଚନ ବାରମ୍ବାର ଘୁଞ୍ଚିବା ଓ ସମ୍ବାଦପତ୍ରରେ ତାରିଖ ଘୋଷଣା ହେଲା ପରେ କୌଣସି ବିଶେଷ କାରଣ ନ ଥାଇ ଦୁଇ ମାସ ଘୁଞ୍ଚିବା ସମ୍ପର୍କରେ ଆଲୋଚନା କରିଥିଲେ। ଅଗଷ୍ଟ ୮ ତାରିଖରେ କାର୍ଯ୍ୟ ନିର୍ବାହିକା ସମିତିରେ ନିର୍ବାଚନ ପରିଚାଳକ ଓ ସହ ପରିଚାଳକଙ୍କ ନାମ ଘୋଷିତ ହେବା ପରେ ମଧ୍ୟ ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ ପ୍ରକ୍ରିୟା ବିଧିବଦ୍ଧ ଭାବେ ଆରମ୍ଭ ନ କରି ସଭା ସମିତି ଆୟୋଜନ କରିବା ବିରୋଧରେ ମଧ୍ୟ ପ୍ରତିବାଦ କରାଯାଇଥିଲା। ସମ୍ବିଧାନର ଧାରା ୩୦ (ଘ) ଓ (ଙ) ଅନୁସାରେ ତୁରନ୍ତ ସାଧାରଣ ପରିଷଦର ସ୍ୱତନ୍ତ୍ର ବୈଠକ ଆହୂତ କରିବାକୁ ୨୫ରୁ ଅଧିକ ଆଜୀବନ ସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀ ଚାନ୍ଦ ସାତଦିନ ଭିତରେ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଡବଲ୍ସ ବକ୍ସ ବ୍ରେ ପ୍ରତିଯୋଗିତା ଉଦ୍‌ଘାଟିତ

କଟକ,୧୯।୮ (ସମିସ): ଝାଞ୍ଜିରୀମଙ୍ଗଳାସ୍ଥିତ ମଙ୍ଗଳା କ୍ଲବ ଆନୁକୂଲ୍ୟରେ ସପ୍ତମ ଡବଲ୍ସ ବକ୍ସ ବ୍ରେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏକ ମାସ ୧୫ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୨୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ସାହିର ଦିବଙ୍ଗତ ବରିଷ୍ଠ ମୁରବୀ ସ୍ୱର୍ଗତ ବିପିନବିହାରୀ ରାଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଛି। କ୍ଲବର ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ଶିବ ପ୍ରସାଦ ମଲ୍ଲିକ, କର୍ପୋରେଟର ସୁମିତ୍ରା ବସ୍ତିଆ, ସାହି କମିଟି ସଭାପତି ପତିତପାବନ ସ୍ୱାଇଁ, ସମ୍ପାଦକ ବିଜୟ କୁମାର ନାୟକ, ମଙ୍ଗଳା କ୍ଲବର ପୂର୍ବତନ ସମ୍ପାଦକ ସତ୍ୟ ମହାନ୍ତି, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଯକୃତ ପ୍ରତିରୋପଣ କେନ୍ଦ୍ର ପରିଦର୍ଶନ କଲେ ବିଧାୟିକା ସୋଫିଆ

କଟକ,୧୯।୮ (ସମିସ): ଆଜି ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ବନ୍ଦ ହୋଇପଡିଥିବା ଲିଭର ପ୍ରତିରୋପଣ କେନ୍ଦ୍ର ପରିଦର୍ଶନରେ ଯାଇ ଏସସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରିଥିଲେ। ବର୍ଷେ ପାଖାପାଖି ହେବ ଏହା ବନ୍ଦ ହୋଇ ପଡିବା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ବିଧାୟିକା କହିଥିଲେ। ପୂର୍ବ ଭାରତର ଏକମାତ୍ର ମେଡିକାଲ ଯେଉଁଠାରେ ଯକୃତ ପ୍ରତିରୋପଣ ହେଉଥିଲା। ଦୁଇଟି ପ୍ରତିରୋପଣ ପରେ ଏହାକୁ ବନ୍ଦ କରାଗଲା। ଅନେକ ରୋଗୀ ହନ୍ତସନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଆଗାମୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରାଯିବ ବୋଲି ବିଧାୟିକା ସୋଫିଆ କହିଛନ୍ତି। ମେଡିକାଲ ଅଧୀକ୍ଷକ ଡାକ୍ତର ଗୌତମ ଶତପଥୀ ଏହା ଉପରେ ବିଧାୟିକାଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। କର୍ପୋରେଟର ଜେ. କାମେଶ୍ୱର ରାଓ, ସୋନୁ ସ୍ୱାଇଁ, ଅବଦୁଲ ନସିମ ଉପସ୍ଥିତ ଥିଲେ।

■ 'ମହାତ୍ମା'ଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ ଉଦ୍‌ଘାଟନ

ଶୈଳବାଳା ମହାବିଦ୍ୟାଳୟରେ ବିଶେଷ କାର୍ଯ୍ୟକ୍ରମ

କଟକ,୧୯।୮ (ସମିସ): ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ ଆଜି କଟକର ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନଙ୍କ ମିଳିତ ଉଦ୍ୟମରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୨୫ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣରେ ଗାନ୍ଧୀଜୀଙ୍କ ଆଗମନ ଓଡ଼ିଶାର ସାମାଜିକ ଓ ଆର୍ଥିକ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ। ସେ ସମୟରେ ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ "ଉତ୍କଳ ଟ୍ୟାନେରୀ" ଋଣଭାରରେ ଆକ୍ରାନ୍ତ ହୋଇପଡ଼ିଥିଲା। ଉତ୍କଳ ଗୌରବଙ୍କ ନିମନ୍ତ୍ରଣ ରକ୍ଷା କରି ଗାନ୍ଧୀଜୀ ନିଜେ ଉତ୍କଳ ଟ୍ୟାନେରୀ ପରିଦର୍ଶନ କରି, ସେଥିରେ ଲୋକଙ୍କ ପରିଶ୍ରମ, ସ୍ୱଦେଶୀ ସଂକଳ୍ପ ଓ ଗୁଣମାନରେ ନିଷ୍ଠାକୁ ଦେଖି ଅତ୍ୟନ୍ତ ଅନୁପ୍ରାଣିତ ହୋଇଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ସାକ୍ଷାତର ୧୦୦ ବର୍ଷ" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାନ୍ଧୀ ମଧୁ ଲେଖକ ଦାସ ବେନହୁର, ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନବଲ୍ଲଭ ଜେନା, ସମ୍ମାନିତ ବକ୍ତା ଭାବେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଙ୍ଗଠନ ସମ୍ପାଦକ ହରିହର ସେନ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ଡ. ବିଶ୍ୱଜିତ୍ ସଭା ସଞ୍ଚାଳନ କରିଥିବା ବେଳେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ସ୍ୱାଗତ ଭାଷଣ ଓ ରାଷ୍ଟ୍ରୀୟ ଯୁବା ସଂଗଠନର ସଂଯୋଜକ ମାନସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୈଳବାଳା ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡ. ଅନିରୁଦ୍ଧ ଖିଲାର ଧନ୍ୟବାଦ ଦେଇଥିଲେ। ବୃକ୍ଷରେ ଜଳଦାନ ପୂର୍ବକ ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା।

କଟକରେ ହେବ ଆନ୍ତଃସ୍କୁଲ ବାଳିକା ଫୁଟ୍‌ବଲ ଚାମ୍ପିଅନ୍‌ସିପ

କଟକ,୧୯।୮ (ସମିସ): ଓଡ଼ିଶା ଭେଟେରାନ ଫୁଟବଲ ପ୍ଲେୟାର ଆସୋସିଏସନର ବାର୍ଷିକ ସାଧାରଣ ପରିଷଦ ବୈଠକ ବାରବାଟୀ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଶୀର୍ବାଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସହରର ଅନେକ ବରିଷ୍ଠ ଖେଳାଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଚଳିତବର୍ଷ କଟକ ସହରରେ ବାଳକ ବର୍ଗର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଏବଂ ୧୮ ବର୍ଷରୁ କମ୍ ବାଳକ ଫୁଟବଲ ଚାମ୍ପିଅନସିପ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏତଦବ୍ୟତୀତ ପ୍ରଥମଥର ବାଳିକା ବର୍ଗରେ ଆନ୍ତଃସ୍କୁଲ ଚାମ୍ପିଅନସିପ୍ କରିବା ନିମନ୍ତେ ମଧ୍ୟ ଯୋଜନା ହୋଇଛି। ବର୍ଷୀୟାନ ଫୁଟବଲ ଖେଳାଳି କୃଷ୍ଣଚନ୍ଦ୍ର ବେହେରା, ବିଜୟ କୁମାର ଦାସ, ଏମଏନ ରାଓ ଏବଂ ସେଖ ହଲିମଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭକ୍ତବଲ୍ଲଭ ଦାସ, ଶୁଭାଶିଷ କର, ଦିଲ୍ଲୀପ ସାହୁ, ବିଶ୍ୱରଞ୍ଜନ ଘଡେଇ, ମହମ୍ମଦ ସହିଦ ଜବାର ପ୍ରମୁଖ ଉପସ୍ଥିତ ଥିଲେ।

କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର ପ୍ରତିବାଦ

୨-ଜି ପିଓଏସ୍‌ରେ ମେସିନ୍‌ରେ ପଡୁଛି ୪-ଜି ସଫ୍ଟୱେୟାର

କଟକ,୧୯।୮ (ସମିସ): ସମ୍ବଲପୁରରେ ନୂତନ ୪ଜି ପିଓଏସ ମେସିନ ଖୁଚୁରା ବିକ୍ରେତାମାନଙ୍କୁ ଦିଆଯାଇଥିବା ବେଳେ କଟକ ମହାନଗର ନିଗମର ଖୁଚୁରା ବିକ୍ରେତାମାନଙ୍କର ୧୦ ବର୍ଷର ପୁରୁଣା ୨ଜି ପିଓଏସ ମେସିନ ୪ଜିର ସଫ୍ଟୱେୟାର ପକାଇ ତାହାକୁ ଅପଗ୍ରେଡେସନ କରାଯାଉଛି।

କଟକ ଯୋଗାଣ ବିଭାଗ ଅଧିକାରୀମାନେ ଏତେ ତତ୍ପର କାହିଁକି ?



ଯାହାକୁ ସଂପୂର୍ଣ୍ଣ ବେଆଇନ ଏବଂ ଏଥିପାଇଁ କୌଣସି ସରକାରୀ ନିର୍ଦ୍ଦେଶନାମା ଦିଆଯାଇ ନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଯେଉଁ ୨ଜି ପିଓଏସ ମେସିନ ଦ୍ୱାରା ବର୍ତ୍ତମାନ ବଣ୍ଟନ ଏବଂ ଇ-କେୱାଇସି କରାଯାଉଥିଲା ଯାହାଫଳରେ ଏହା ୨ଜି ହୋଇଥିବାରୁ ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଯେଉଁଥିପାଇଁ ସରକାର ଏହି ୨ଜି ମେସିନ ବଦଳରେ ୪ଜି ମେସିନ ଦେବା ପାଇଁ ଘୋଷଣା କରିଥିଲେ। ବର୍ତ୍ତମାନ ଯଦି ଏହି ୨ଜି ମେସିନରେ ୪ଜି ସଫ୍ଟୱେୟାର ପକାଯାଏ ତେବେ ବିଶେଷ କିଛି ପରିବର୍ତ୍ତନ ଦେଖାଯାଉ ନାହିଁ। ଅପରପକ୍ଷରେ ଭିଜନଟେକ ଏକ ନୂତନ ମେସିନ ବାବଦକୁ ପ୍ରାୟ ୫୫ ହଜାର ଟଙ୍କା ଯୋଗାଣ ବିଭାଗ ସହ ଚୁକ୍ତି କରିଥିବା ନେଇ ଶୁଣିବାକୁ ମିଳୁଛି। ଏହି ସମସ୍ୟା ନେଇ ଗତକାଲି କଟକ ରିଟେଲ ଡିଲର୍ସ ଆସୋସିଏସନ ପକ୍ଷରୁ କଟକ ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏହି ଦାବି ଗୁଡିକ ମଧ୍ୟରେ ଉକ୍ତ ଅବ୍ୟବସ୍ଥା ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଯୋଗାଣ ବିଭାଗ ପକ୍ଷରୁ ଖୁଚୁରା ବିକ୍ରେତାଙ୍କୁ ଆସନ୍ତାକାଲି ୨ଜି ମେସିନ ସାଙ୍ଗରେ ଆଣି ଯୋଗାଣ କାର୍ଯ୍ୟାଳୟରେ ୪ଜିରେ ଅପଗ୍ରେଡ କରିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି। ତେବେ ମେସିନକୁ ଅପଗ୍ରେଡ କରିବା ପାଇଁ ଯୋଗାଣ ବିଭାଗର ଅଧିକାରୀମାନେ ହଠାତ ଏତେ ତତ୍ପର କାହିଁକି ବୋଲି ରିଟେଲ ଡିଲର୍ସ ଆସୋସିଏସନ ପ୍ରଶ୍ନ ଉଠାଇଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବା ଏବଂ ପଡିକାର୍ଡଧାରୀ ଓ ଖୁଚୁରା ବିକ୍ରେତାମାନଙ୍କ ବଣ୍ଟନ ବିଭ୍ରାଟ ସମସ୍ୟାର ନିରାକରଣ ପାଇଁ ୨ଜି ବଦଳରେ ନୂତନ ୪ଜି ପିଓଏସ ମେସିନ ଯୋଗାଇଦେବାକୁ ଆସୋସିଏସନର କାର୍ଯ୍ୟକାରୀ ସଭାପତି ସୟଦ ଏକ୍ରାମ ହୁସେନ ଦାବି କରିଛନ୍ତି।

ଗାନ୍ଧିଜୀଙ୍କ କୃଷ୍ଣାଶ୍ରମ ଆଗମନର ଶତବାର୍ଷିକୀ ସମାରୋହ

ଆୟୋଜନର ସ୍ଥିତି ପରଖିଲେ ଜିଲ୍ଲାପାଳ

କଟକ,୧୯।୮ (ସମିସ): କଟକ ନୂଆବଜାରସ୍ଥିତ କୃଷ୍ଣାଶ୍ରମଠାରେ ଗାନ୍ଧିଜୀଙ୍କ ଆଗମନର ଶତବାର୍ଷିକୀ ସମାରୋହ କଟକ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ ଏବଂ କଟକ ଜିଲ୍ଲା କୃଷ୍ଣ କଲ୍ୟାଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଦିନ ମହାସମାରୋହରେ ପାଳନ କରାଯିବ। ଏହି ଅବସରରେ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଏବଂ ସଭାସ୍ଥଳରେ ଜନସମାଗମ ହେବା ପରିପ୍ରେକ୍ଷୀରେ ପ୍ରସ୍ତୁତି ସ୍ୱରୂପ ସମସ୍ତ କାର୍ଯ୍ୟ ତଦାରଖ ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଆଜି ଅପରାହ୍ନରେ ବରିଷ୍ଠ ଅଧିକାରୀ, ଯନ୍ତ୍ରୀଙ୍କ ସହ କୃଷ୍ଣାଶ୍ରମ ସଭାସ୍ଥଳ ଏବଂ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ସ୍ଥଳ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ବିଶେଷକରି ସେଠାରେ ମଞ୍ଚ ନିର୍ମାଣ ଓ ଏହାର ସୁରକ୍ଷା ଉପରେ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାବାକୁ ସଂପୃକ୍ତ ଯନ୍ତ୍ରୀ ଓ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଥାଉକି ମାହାତ୍ମା ଗାନ୍ଧୀ ୧୯୨୫ ମସିହା ଅଗଷ୍ଟ ମାସ ୨୦ ତାରିଖରେ ମଧୁବାବୁଙ୍କ ଡାକରାରେ କଟକ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ନୂଆବଜାରଠାରେ ଅବସ୍ଥିତ କୃଷ୍ଣାଶ୍ରମ ପରିଦର୍ଶନ କରିଥିଲେ ଏବଂ ସେଠାରେ ତାଙ୍କ ରହଣି ସମୟରେ ନିଜ ହାତରେ ଅନ୍ତେବାସୀଙ୍କ ସେବା କରିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ କଟକ ମହାନଗର ନିଗମ ଆୟୁକ୍ତ କିରଣ ଦୀପ କୌର ସାହୋତା ଉପସ୍ଥିତ ରହି ମହାନଗର ନିଗମ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ତଥା ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

ଆସୁଛନ୍ତି ଗଜାନନ ପୂଜା ପାଇବେ ମରାଠୀ ଶୈଳୀ ଗଣେଶ

କଟକ,୧୯।୮ (ସମିସ):

ଚାନ୍ଦିନୀଚୌକ ଅନ୍ତର୍ଗତ ପ୍ରଧାନ ସାହିର ଟାର୍ଗେଟ ଗ୍ରୁପ। ୧୯୯୮ ମସିହାରେ ଏଠାରେ ଗଣେଶ ପୂଜା ଆରମ୍ଭ ହୋଇଥିଲା। କିଛି ଯୁବଗୋଷ୍ଠୀଙ୍କୁ ନେଇ ଗଢ଼ି ଉଠିଥିବା ଉକ୍ତ କ୍ଲବ ଇତି ମଧ୍ୟରେ ପ୍ରାୟ ଅଢ଼େଇ ଦଶନ୍ଧି ଧରି ଗଣେଶ ପୂଜା ଧୁମଧାମରେ ପାଳି ଆସୁଛି। ତେବେ ଏଥର ପୂଜା ଆୟୋଜନରେ କିଛି ନୂତନତ୍ୱ ଭରି

ପ୍ରଧାନସାହି ଟାର୍ଗେଟ ଗ୍ରୁପ

ପୂଜାକୁ ଆହୁରି ଆକର୍ଷଣୀୟ କରିବାକୁ କ୍ଲବ ସଦସ୍ୟମାନେ ସ୍ଥିର କରିଛନ୍ତି। ଚଳିତଥର ଗଣେଶ ମୂର୍ତ୍ତି ୬ ଫୁଟର ହେଉଛି। ଏହା ମଧ୍ୟ ମହାରାଷ୍ଟ୍ରର ମରାଠୀ ଶୈଳୀରେ। ଟାର୍ଗେଟ ଗ୍ରୁପର ଭସାଣୀ ଶୋଭାଯାତ୍ରା ମଧ୍ୟ ଜାକଜମକରେ କରାଯିବ। ସମ୍ବଲପୁରର ପ୍ରସିଦ୍ଧ ଜୟ ମାତାଦୀ ଘଣ୍ଟ ବାଦ୍ୟ ସହ ଅନ୍ୟାନ୍ୟ ଦେଶୀ ବାଜା ପାଇଁ ବଇନା ଦିଆସରିଛି ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

ପୂଜା ସହ ସାମାଜିକ କାର୍ଯ୍ୟକ୍ଷେତ୍ରରେ ଟାର୍ଗେଟ ଗ୍ରୁପର ଅନେକ ଅବଦାନ ରହିଛି। ଉକ୍ତ ଗ୍ରୁପର ସଦସ୍ୟମାନେ ବର୍ଷ ତମାମ ଅନେକ ସାମାଜିକ କାର୍ଯ୍ୟ କରନ୍ତି। ସ୍ଥାନୀୟ ଶିଶୁଭବନରେ ରୋଗୀଙ୍କୁ ନିଃଶୁଳ୍କରେ ଖାଦ୍ୟ ବଣ୍ଟନ କରିବା ସହ ଅନେକ ସମୟରେ କ୍ଲବର ସଦସ୍ୟମାନେ ଅସହାୟ ଗରିବ ରୋଗୀଙ୍କ ପାଇଁ ରକ୍ତଦାନ ଭଳି ସେବା କାର୍ଯ୍ୟରେ ମଧ୍ୟ ସାମିଲ ହୁଅନ୍ତି। ଏହାଛଡ଼ା ଚାରାରୋପଣ ମଧ୍ୟ ଗ୍ରୁପ ପକ୍ଷରୁ କରାଯାଏ। ଚଳିତ ବର୍ଷ ପୂଜା ଧୂମଧାମରେ ପାଳନ କରାଯିବାକୁ ଥିବା ବେଳେ ଏଥି ପାଇଁ ୨.୫ ଲକ୍ଷ ଟଙ୍କା ବଜେଟ ଅଟକଳ ହୋଇଛି। ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ସାହିର ପ୍ରତି ଲୋକଙ୍କ ମଧ୍ୟରେ ଲଡୁ ଭୋଗ ବଣ୍ଟାହେବ। ସାହିର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି ମଧ୍ୟ ଏହି ଭସାଣି ଉତ୍ସବରେ ସାମିଲ ହେବେ।

କ୍ଲବର ପ୍ରତିଷ୍ଠାତା ସଦସ୍ୟ ତଥା ସଭାପତି ପ୍ରୀତିଶ ସୋମ ଓ ସମ୍ପାଦକ ଅକ୍ଷୟ ସିଂହଙ୍କ ତତ୍ତ୍ୱବଧାନରେ ପୂଜା ଆୟୋଜିତ ହେଉଥିବା ବେଳେ ଉପସଭାପତି ରବୀନ୍ଦ୍ର ସିଂହ ଓ ସହ ସମ୍ପାଦକ ସ୍ୱାଗତ ରଞ୍ଜନ ପ୍ରଧାନ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ଦାସ, ସନ୍ତୋଷ ସିଂହ, ଗୌତମ ସିଂହ, ସୁନୀଲ ସିଂହ, ଦିଲ୍ଲୀପ ସିଂହ, କୋଷାଧ୍ୟକ୍ଷ ଗୌରବ ପ୍ରଧାନ, ଅନୁଭବ ପଣ୍ଡା, କାର୍ଯ୍ୟକାରୀ ସଭ୍ୟ ମନୋଜ ଦାସ, ଶୁଭଙ୍କର ପାଣି, ରୁଦ୍ରପ୍ରତାପ ସିଂହ, ଅଶୋକ ଦାସ, ସୌଭାଗ୍ୟ ପାଣି, ରାଜେନ୍ଦ୍ର ବାରିକ, ରାଜେଶ ସିଂହ, ବିରେନ୍ଦ୍ର ସିଂହ, ସମରେଶ ଦତ୍ତ, ଦେବକୃପା ମିଶ୍ର, ଅମିତ କୁମାର ଲାଲା, ମନୋଜ ସିଂ, ଦିଲ୍ଲୀପ ସିଂ, ଆନନ୍ଦ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର, ମାନସ ସାହୁ, ବିରେନ୍ଦ୍ର ସିଂ, ପ୍ରଦୀପ ଦାସ, ସରୋଜ ଦାସ, ଦିବ୍ୟଜ୍ୟୋତି ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ସୁପ୍ରୀତ ପ୍ରଧାନ, ବିଶ୍ୱଭୂଷଣ ପାଣି, ଭରତଭୂଷଣ ପାଣି, ସାର୍ଥକ ସିଂହ, ସୂର୍ଯ୍ୟଦୀପ ପ୍ରଧାନ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ କରୁଛନ୍ତି।



ଓଡ଼ିଆ ଯୁବକଙ୍କ କୃତିତ୍ୱ

କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍.ଏଲ୍.(M.L.) ପ୍ରୟୋଗର ଉନ୍ନତ ଅନୁକଳନ (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

ମଦ ଦୋକାନରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

ସାଲେପୁର,୧୯ ।୮ (ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନର ସଟର ଭାଙ୍ଗି କେହି ଦୁର୍ବୃତ୍ତ ଦୋକାନ ଡ୍ରରେ ଥିବା ୩ ଲକ୍ଷରୁ ଉଦ୍ଧର୍ ନଗଦ ଟଙ୍କା ଓ ବହୁ ବିଦେଶୀ ମଦ ଚୋରି କରି ନେଇଥିବା ନେଇ ଅଭିଯୋଗ ହୋଇଛି । ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତ୍ରିରେ କଟକ-ସାଲେପୁର ରାସ୍ତାର ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନର ସଟର ଭାଙ୍ଗି କେହି ଦୁର୍ବୃତ୍ତ ଦୋକାନ ଭିତରେ ପ୍ରବେଶ କରି ଡ୍ରରେ ଥିବା ପ୍ରାୟ ୩ ଲକ୍ଷରୁ ଉଦ୍ଧର୍ ଟଙ୍କା ଲୁଟି ନେଇଥିବା ବେଳେ ମୂଲ୍ୟବାନ୍ ମଦ ମଧ୍ୟ ଚୋରି କରି ନେଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସାଲେପୁର ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍‌ରୁ ଆଧାର କରି ପୁଲିସ ତଦନ୍ତ ଚଳାଇଛି । ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସାଲେପୁର ଥାନା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି । ଏହି ଘଟଣାରେ ୩ଜଣ ଅପରାଧୀ ସଂପୃକ୍ତ ଥିବାବେଳେ ସମସ୍ତେ ମୁହଁରେ କପଡ଼ା ବାନ୍ଧି ଏହି କାଣ୍ଡ ଭିଆଇଥିବା ଜଣାଯାଇଛି ।

ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ନିଆଳି,୧୯।୮ (ସମିସ): ନିଆଳି ଥାନା ଅଲଣା ପଞ୍ଚାୟତ ଓଳାଂଶ ଗ୍ରାମରେ ମଙ୍ଗଳବାର ସକାଳୁ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି । ମୃତ ଯୁବକ ହେଲେ ଓଳାଂଶର ପ୍ରତାପ ସ୍ୱାଇଁଙ୍କ ପୁଅ ପରେଶ ସ୍ୱାଇଁ (୨୮) । ପରେଶ ବାହାରେ ରହି କାମ କରୁଥିବା ବେଳେ ଗତ କିଛି ଦିନ ହେବ ଘରକୁ ଆସିଥିଲେ । ଗତକାଲି ଖାଇସାରି ଘରେ ଶୋଇଥିବା ବେଳେ ମଙ୍ଗଳବାର ସକାଳୁ ବାରିପଟ ଏକ ଚାକୁଣ୍ଡା ଗଛରେ ତାଙ୍କ ଶବ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ପରିବାର ପକ୍ଷରୁ ରସି କାଟି ଶବକୁ ଘରକୁ ଅଣାଯାଇଥିବା ବେଳେ ଖବର ପାଇ ନିଆଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି । ପରେଶଙ୍କ ମୃତ୍ୟୁ ସନ୍ଦେହଜନକ ରହିଥିବା ବେଳେ ନିଆଳି ପୁଲିସ ତଦନ୍ତ ଆରମ୍ଭ କରିଛି ।

ଗୋଟିଏ ରାତିରେ ୨୮ ଟି ଛେଳି ଚୋରି

ନରସିଂହପୁର,୧୯ ।୮ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଗୁହାଳସାହି, କାଠଉଖୋଜା ଗ୍ରାମରୁ ଗୋଟିଏ ରାତିରେ ଦୁଇଟି ଗାଁରୁ ୨୮ ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଗୁହାଳସାହି ଗ୍ରାମର ଗୋପୀନାଥ ବେହେରାଙ୍କର ଗୁହାଳ ତାଲା ଭାଙ୍ଗି ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ୨୦ଟି ଛେଳି ଚୋରି କରିନେଇଥିବା ଅଭିଯୋଗ ହୋଇଛି । ସେହିପରି କଠଉଖୋଜା ଗ୍ରାମର ବିଜୁଳି ସାହୁଙ୍କର ୫ଟି ଓ ବନମାଳୀ ବେହେରାଙ୍କର ୩ଟି ଛେଳିକୁ ମିଶାଇ ଦୁଇଟି ଗାଁର ୩ଜଣଙ୍କ ଘରୁ ୨୮ ଟି ଛେଳି ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି ।

ସ୍ୱାସ୍ଥ୍ୟ ସଚେତନତା ଶିବିର ପାଇଁ ପ୍ରସ୍ତୁତି

କଟକ,୧୯।୮ (ସମିସ): ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖ ଶନିବାର ଦିନ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହେବାକୁ ଯାଉଛି । ସମ୍ ଅଲ୍ଟିମେଟ୍ ମେଡିକେୟାର ଭୁବନେଶ୍ୱରର ସହଯୋଗିତାରେ ଏହି ଶିବିର ଶନିବାର ସକାଳ ୯ ଘଟିକା ଠାରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ଅଫିସ ଘରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏ ନେଇ ଆଜି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯିବା ସହ ଶିବିରକୁ ସଫଳତାର ସହ ଶେଷ କରିବା ନେଇ ଆଲୋଚନା କରାଯାଇଥିଲା । ଏହି ଶିବିର ସମ୍ପୂର୍ଣ୍ଣ ଦେୟମୁକ୍ତ ରହିଥିବାରୁ ଅଞ୍ଚଳବାସୀ ଏହି ଶିବିରରେ ଯୋଗଦେଇ ନିଜ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଇବା ସହ ଶିବିରକୁ ସଫଳ କରିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

ଗଣେଶ ପୂଜା ପୂର୍ବରୁ ପ୍ରସ୍ତୁତି ବୈଠକ

ତ୍ରିଶୂଳିଆ,୧୯ ।୮ (ସମିସ): ବାରଙ୍ଗ ଥାନା ପକ୍ଷରୁ ଗଣେଶଙ୍କ ପୂଜା ପୂର୍ବରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାରଙ୍ଗ ଶାନ୍ତି କମିଟି ଏବଂ ସମସ୍ତ ପୂଜା କମିଟିର ସଦସ୍ୟ ଓ ଅଞ୍ଚଳବାସୀଙ୍କୁ ନେଇ ଏହି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ତ୍ରିଶୂଳିଆ ବଜାର ନିକଟସ୍ଥ ଏକ ଘରୋଇ କଲ୍ୟାଣ ମଣ୍ଡପର ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୭ ତାରିଖରେ ଶ୍ରୀ ବିଘ୍ନ ବିନାଶକଙ୍କ ପୂଜା ଆରମ୍ଭ ହେବାକୁ ଯାଉଛି । ଏନେଇ କିଭଳି ଭାବେ ଶାନ୍ତିଶୃଙ୍ଖଳାର ସହ ସମସ୍ତ ପୂଜା ମଣ୍ଡପରେ ପୂଜା ସମ୍ପନ୍ନ ହେବା ସହ ମେଢ଼ ବିସର୍ଜନ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ହେବ ସେଥିନେଇ କମିଶନରେଟ ପୁଲିସ ପକ୍ଷରୁ ବିଭିନ୍ନ ମାର୍ଗଦର୍ଶିକା ଜାରି କରାଯାଇଛି । ତେବେ ଭସାଣି ଶୋଭାଯାତ୍ରା ପାଇଁ ୩ଟି ରବିବାରରେ ବିସର୍ଜନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି ଯଥା ଆସନ୍ତା ଅଗଷ୍ଟ ୩୧, ସେପ୍ଟେମ୍ବର ୭ ଏବଂ ସେପ୍ଟେମ୍ବର ୧୪ ତାରିଖକୁ ନିର୍ଦ୍ଧାରିତ କରାଯାଇଛି । ବାରଙ୍ଗ ଶାନ୍ତି କମିଟିର ସଭାପତି ବିଜୟ ପଣ୍ଡା, ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତିଙ୍କ ସହ ଜୋନ ଏସିପି ଶଶିକାନ୍ତ ରାଉତ, ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ, ରବିନାରାୟଣ ପରିଡ଼ା, ସଞ୍ଜୟ ହାଂସଦା, ଜ୍ୟୋସ୍ନା ପଟ୍ଟନାୟକ, ଅଶୋକ ଦାସ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ । ଏସଆଇ ସୁନିତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଗ୍ରାମ୍ୟ ଉନ୍ନୟନ ବିଭାଗର ବିଚିତ୍ର ନୀତି

ପ୍ରକଳ୍ପରେ ନକଲି ସିମେଣ୍ଟ ବ୍ୟବହାର, ତଦନ୍ତ ଦାବି

ଭଦ୍ରେଶ୍ୱର,୧୯।୮ (ସମିସ): ଗମନାଗମନର ସ୍ୱଚ୍ଛତା ଆଣିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରି ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମୀଣ ରାସ୍ତାକୁ ଉନ୍ନତିକରଣ କରୁଛନ୍ତି । ପରିତାପର ବିଷୟ ସରକାରୀ ନୀତିନିୟମକୁ ଖୋଲାଖୋଲି ଉଲଙ୍ଘନ କରି ବିଭାଗୀୟ ଯନ୍ତ୍ରୀଙ୍କ ଜ୍ଞାତସାରରେ ନକଲି ସିମେଣ୍ଟରେ ରାସ୍ତା କାର୍ଯ୍ୟ ହେବା ଘଟଣା ବିଭାଗୀୟ ପାରିବାପଣିଆ ଓ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଥିବା ବେଳେ ନକଲି ସିମେଣ୍ଟ ସରକାରୀ ରାସ୍ତା କାର୍ଯ୍ୟରେ ଲାଗିବା ଓ ସମ୍ପୃକ୍ତ କମ୍ପାନୀର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି । ସିମେଣ୍ଟ ପ୍ରସ୍ତୁତିର ୧୫ଦିନ ପୂର୍ବରୁ କାମରେ ବିନିଯୋଗ ହେବା ଘଟଣା ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ଅନୁଯାୟୀ, ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସାଇ ମନ୍ଦିର ଠାରୁ ଯଶୁଆପୁର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଗତ ଅଗଷ୍ଟ ୧୫ ତାରିଖ ଦିନ ଯଶୁଆପୁର ନିକଟରେ ଏହି ରାସ୍ତାର ଢଳେଇ କାର୍ଯ୍ୟ କରାଯାଉଥିଲା । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଳି ଭଗତରେ ନକଲି ସିମେଣ୍ଟର ବ୍ୟବହାର କରାଯାଉଥିଲା । ମହା ସିମେଣ୍ଟରେ କଂକ୍ରିଟ ପ୍ରସ୍ତୁତ କରାଯାଉଥିଲା । ସିମେଣ୍ଟ ବ୍ୟାଗକୁ ନିରୀକ୍ଷଣ କରିବା ପରେ ଜଣାପଡିଲା ଯେ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ ପ୍ୟାକେଟ ଉତ୍ପାଦନ ତାରିଖ ୩୧/୮/୨୦୨୫ ଲେଖା ହୋଇଥିଲା । ଯାହାକି ୮୪ ଦିନ କାର୍ଯ୍ୟକ୍ରମ କ୍ଷମତା ଅବଧି ପ୍ୟାକେଟରେ ଦର୍ଶାଯାଇଛି । ତେବେ ୧୫ ତାରିଖ ଦିନ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ ଆଗୁଆ ଭାବେ ୩୧ ତାରିଖରେ ପ୍ରସ୍ତୁତ ହୋଇଥିବା ଜଣାପଡିବା ପରେ ସିମେଣ୍ଟ କମ୍ପାନୀ ଓ ସିମେଣ୍ଟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ତେବେ ବିଭାଗୀୟ ଯନ୍ତ୍ରୀ ସିମେଣ୍ଟର ବ୍ୟବହାର ପୂର୍ବରୁ ସିମେଣ୍ଟର ଗୁଣବତା ଓ ସରକାରଙ୍କ ସ୍ୱୀକୃତୀ ଉପରେ ଯାଞ୍ଚ କରିବା ବିଧେୟ ଥିବା ବେଳେ ପିସି ଲୋଭରେ ସବୁ ବେଆଇନ କାର୍ଯ୍ୟକୁ ଯନ୍ତ୍ରୀ ଆଇନସମ୍ମତ କରାଇଦେଉଥିବାର ପ୍ରମାଣ ମିଳିଛି । ତେବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ପରବର୍ତ୍ତୀ ସମୟରେ ଅତି ତରବରିଆ ଭାବେ ସିମେଣ୍ଟକୁ ଘଟଣାସ୍ଥଳରୁ ଉଠାଇ ନେଇ ଅନ୍ୟ ଏକ କମ୍ପାନୀର ସିମେଣ୍ଟରେ କାର୍ଯ୍ୟ କରାଯାଇଥିଲା । ତେବେ ସରକାର ଓ ଖୋଦ ମାହାଙ୍ଗା ବିଧାୟକ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବାରମ୍ବାର ଗଣମାଧ୍ୟମରେ ବାହାସ୍ଫୋଟ ମାରୁଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭାଗୀୟ ଯନ୍ତ୍ରୀଙ୍କ ଏଭଳି ଜାଲିଆତି ଓ ଦୁର୍ନୀତି ଦୃଷ୍ଟି ଗୋଚର ହେଉନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ରଖିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟ ହେଉଥିବା ସ୍ଥାନର କଂକ୍ରିଟକୁ ସଂଗୃହିତ କରି ବିଧିବଦ୍ଧ ପରୀକ୍ଷା ନିରୀକ୍ଷା କରି ରାସ୍ତାର ସ୍ଥାୟିତ୍ୱ ଉପରେ ସ୍ପଷ୍ଟିକରଣ ରଖନ୍ତୁ ବୋଲି ସାଧାରଣରେ ଦାବି ହୋଇଛି । ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ସମ୍ପୃକ୍ତ ନକଲି ସିମେଣ୍ଟ କମ୍ପାନୀ ଓ ଠିକାଦାରଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହୋଇଛି ।

ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଧାରଣା

ସାଲେପୁର,୧୯ ।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଡାକରାରେ ସ୍ଥାୟୀ ନିଯୁକ୍ତି ଗ୍ରାଣ୍ଟିନେଟ୍ ଜିଆଇଭି ୫ ଦଫା ଦାବି ନେଇ ଗତ ୧୬ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛି କର୍ମଚାରୀ ଓ ଅଧ୍ୟାପକମାନେ । ଏହାକୁ ସମର୍ଥନ କରି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ୧୬ ତାରିଖ ଠାରୁ କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି । କଲେଜ ପରିସରରେ କାର୍ଯ୍ୟ ବନ୍ଦ କରି ସମସ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ଧାରଣାରେ ବସିଛନ୍ତି । ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ଅଧ୍ୟାପକ, କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ଗ୍ରାଣ୍ଟିନେଟ୍ ଜିଆର ପ୍ରଦାନ ଦାବିରେ ଅଟଳ ରହିଛନ୍ତି ବେସରକାରୀ କର୍ମଚାରୀମାନେ । ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ପୂରଣ ନ କରିବେ, ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ ବୋଲି ସାଲେପୁର କଲେଜର ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନରେ ସୟଦ ଅବ୍ରାର ଅହମ୍ମଦ, ସଞ୍ଜୟ ନାୟକ, ହରପ୍ରିୟା ସିଂହ, ଅୟସ୍କାନ୍ତ ଷଡ଼ଙ୍ଗୀ, ସିଦ୍ଧାନ୍ତ ନାୟକ, ଚିନ୍ମୟରଞ୍ଜନ ଭୂୟାଁ, ସୁଦେଷ୍ଣା ପଣ୍ଡା, ରୋଜାଲିନ୍ ସାହୁ, ସ୍ୱାତିମୁକ୍ତା ଷଡ଼ଙ୍ଗୀ, ମାନସ ରଞ୍ଜନ ପତି, ପ୍ରମୋଦ ସାମଲ, ରଞ୍ଜନ ସାହୁଙ୍କ ସମେତ ବହୁ ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ ।

ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ବାର୍ଷିକୋତ୍ସବ

କଟକ,୧୯।୮ (ସମିସ): ଚାନ୍ଦିନୀଚୌକ ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ୪୪ ତମ ବାର୍ଷିକୋତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ୯ତାରିଖ ପବିତ୍ର ରାକ୍ଷୀ ପୂର୍ଣ୍ଣିମାଠାରୁ ୧୩ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ପବିତ୍ର ଗହ୍ମାପୂର୍ଣ୍ଣମୀ ତିଥିରେ ମା' ଭଗବତୀଙ୍କ ପୀଠରେ ନୃତ୍ୟ ଏବଂ ସହରର କୋଣ ଅନୁକୋଣରୁ ୧୦ଟି ମଣ୍ଡଳ ଆଳତୀ ବାଦ୍ୟ ପ୍ରଦର୍ଶନ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଚାନ୍ଦିନୀଚୌକ ରାମଲୀଳା ସମିତିର ଯୁବ କଳାକାରଙ୍କ ଦ୍ୱାରା ରାମଲୀଳା ପରିବେଷଣ ହୋଇଥିଲା । ବିଭିନ୍ନ ଦିବସରେ ଅତିଥି ଭାବେ ପୂର୍ବତନ ବିଧାୟକ ତଥା କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶ ସାହୁ, ୨୫ଦିଗଭାଗର ସର୍ବମହନ୍ତ ରବୀନ୍ଦ୍ର ବସ୍ତିଆ, ଏଡିସିପି ଦେବଦତ୍ତ କର, ଏସିପି କୃଷ୍ଣଚନ୍ଦ୍ର ସେଠୀ, ଲାଲବାଗ ଥାନା ଅଧିକାରୀ ସୁଧାଂଶୁଭୂଷଣ ଜେନା, ସ୍ଥାନୀୟ କର୍ପୋରେଟର ଆରତୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ସମିତିର ସଭାପତି ସୁରେନ୍ଦ୍ର ମହାରଣା, ସମ୍ପାଦକ ଆନନ୍ଦ ଦାସ, ମହନ୍ତ ଗିରିଜାଶଙ୍କର ରାଓ, ଅଧିକାରୀ ଦିଲ୍ଲୀପ ଦଳେଇ, କଟୁଆଳ କ୍ଷୀରୋଦ ମହାରଣା ଏବଂ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମଗୁଡିକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ ।

ବିଶ୍ୱ ଫଟୋଗ୍ରାଫି ଦିବସରେ ରକ୍ତଦାନ ଶିବିର

ଡିଗିରିଆ,୧୯।୮ (ସମିସ): ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ଆଠଗଡ ଉପଖଣ୍ଡସ୍ତରୀୟ ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବଡମ୍ବା ଟେନିସ ପଡିଆ ସ୍ଥିତ ସଂସ୍କୃତି ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନର ସଭାପତି ଶିବନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମେଡିକାଲ କଲେଜର ବ୍ଲଡ ବ୍ୟାଙ୍କର କର୍ମଚାରୀଙ୍କ ଉପସ୍ଥିତିରେ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅତିଥି ଭାବରେ ବଡମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପହଞ୍ଚି ଆନୁଷ୍ଠାନିକ ଭାବରେ ଏହାକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବଡମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ଆମ୍ବ୍ରର ଅଧ୍ୟକ୍ଷ ମହେନ୍ଦ୍ର ପଡିହାରୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଫଟୋଗ୍ରାଫର ମହାସଂଘର ସଦସ୍ୟମାନେ ଯୋଗଦେଇ ଆଠଗଡ ଉପଖଣ୍ଡ ଫଟୋଗ୍ରାଫର ଆସୋସିଏସନର ଏଭଳି ସାମାଜିକ କାର୍ଯ୍ୟକ୍ରମକୁ ବହୁ ପ୍ରଶଂସା କରିଥିଲେ । ଆଠଗଡ ଫଟୋଗ୍ରାଫର ଆସୋସିଏସନର ସମ୍ପାଦକ ସୁରଥ ଦାସ, ପ୍ରକାଶ ଦାସ, ମାନସ ରଞ୍ଜନ ମହାପାତ୍ର, ଶରତ ସାହୁ, କାହ୍ନୁଚରଣ ସାହୁଙ୍କ ସହ ଆଠଗଡ, ଡିଗିରିଆ, ବଡମ୍ବା ଏବଂ ନରସିଂହପୁରର ଫଟୋଗ୍ରାଫର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ।

ଯୁବକଙ୍କ ଆତ୍ମହତ୍ୟା

ସାଲେପୁର,୧୯ ।୮ (ସମିସ): ପାରିବାରିକ ଅଶାନ୍ତି କାରଣରୁ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ସାଲେପୁର ବ୍ଲକ୍ ଅନ୍ତର୍ଗତ କିଶୋରନଗର ଥାନା ଅଧୀନ ଦ୍ୱିପାଞ୍ଚଳରେ ଥିବା ତରିଡୋ ପଞ୍ଚାୟତ ମୁର୍କୁଣ୍ଡି ଗ୍ରାମର ଅନନ୍ତ ସୂତାରଙ୍କ ପୁଅ ମୃତ୍ୟୁଞ୍ଜୟ ସୂତାର ଗତକାଲି ରାତିରେ ନିଜ ଶୋଇବା ଘରେ ବେକରେ ରଶି ଲଗାଇଦେଇଥିଲେ । ସ୍ଥାନୀୟ ଲୋକେ କବାଟ ଭାଙ୍ଗି ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । କିଶୋରନଗର ପୁଲିସ ଖବର ପାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି ।

କଲେଜ ଛାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

ମାହାଙ୍ଗା,୧୯।୮ (ସମିସ): ସ୍ୱଷ୍ଟ ଦିବାଲୋକରେ କଲେଜ ଛାତ୍ରୀକୁ ମରଣାନ୍ତକ ଆକ୍ରମଣ କରିବା ଘଟଣା ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କଟକ ଜିଲ୍ଲା ମାହାଙ୍ଗା ଥାନା ଅଧିନସ୍ଥ କୁହୁଣ୍ଡା ପଞ୍ଚାୟତ ବିରୂପା ସେତୁ ନିକଟ ମୂଳବସନ୍ତ ଠାରେ ଜବାହାରଲାଲ ନେହେରୁ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଛାତ୍ରୀ ଶୁଭସ୍ମିତା ସାହୁ (୧୮)ଙ୍କୁ ୨ ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ । ସେ ଘରକୁ ଫେରୁଥିବା ବେଳେ ପୂର୍ବ ପ୍ରସ୍ତୁତି କରି ରହିଥିବା ଏହି ୨ଜଣ ଯୁବକ ପ୍ରଥମେ ଛାତ୍ରୀଙ୍କ ମୋବାଇଲ, ବ୍ୟାଗକୁ ଛଡାଇଥିଲେ । ଛାତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ଛାତ୍ରୀ ଜଣକ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରୁ ଛାତ୍ରୀକୁ ଉଦ୍ଧାର କରି ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ସେଠାରେ ତାଙ୍କର ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ଖବର ପାଇ ମାହାଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଖବର ଲେଖା ହେଲା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି । ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରିବା ପାଇଁ ଚଢଉ ଜାରି ରଖିଥିବା ଥାନାଧିକାରୀ ତପନ ରାଉତ ସୂଚନା ଦେଇଛନ୍ତି ।

ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

କଟକ,୧୯।୮ (ସମିସ): କଟକ ବାରବାଟୀ ଦୁର୍ଗ ନିକଟରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଛି । କଟକ ଫଟୋଗ୍ରାଫର ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ସମସ୍ତ ଫଟୋଗ୍ରାଫର ଓ କ୍ୟାମେରାମ୍ୟାନ ଏକ ଶୋଭାଯାତ୍ରାରେ ସଚେତନତା ସୃଷ୍ଟି କରିଥିଲେ । ପରେ ଆସୋସିଏସନର ସମସ୍ତ କର୍ମକର୍ତ୍ତା ସମାଜ କାର୍ଯ୍ୟାଳୟସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୟାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ । ଏହି ଅବସରରେ ଫଟୋଗ୍ରାଫରଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଓ ଆର୍ଥିକ ସହଯୋଗ ଦେବାକୁ ସରକାରଙ୍କୁ ଦାବି କରାଯାଇଥିଲା । କାର୍ଯ୍ୟକ୍ରମରେ ଆସୋସିଏସନର ସଭାପତି ସୁଜିତ ମିଶ୍ର, ସମ୍ପାଦକ ସଚ୍ଚିଦାନନ୍ଦ ସ୍ୱାଇଁ, ଉପସଭାପତି କଲ୍ୟାଣ ଭଗତ, କୋଷାଧ୍ୟକ୍ଷ ଆଶିଷ ମିତ୍ର, ଯୁଗ୍ମ ସମ୍ପାଦକ ସୟିଦ ଜାଭେଦ ଓ ଜନ୍ମେଜୟ ବାସ୍, ସଂଗଠନ ସମ୍ପାଦକ ପ୍ରକାଶ ମାଝୀ, ଉପଦେଷ୍ଟା ସଚ୍ଚିଦାନନ୍ଦ ବେହେରାଙ୍କ ସହ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ସାଲେପୁରକୁ ଏନ୍‌ଏସି ମାନ୍ୟତା ନ ମିଳିବା ପ୍ରତିବାଦ

ବିଜେଡି ପକ୍ଷରୁ ୮ ଘଣ୍ଟିଆ ସାଲେପୁର ବନ୍ଦ

ସାଲେପୁର,୧୯ ।୮ (ସମିସ): ଆଜି ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରା ନ ଯିବା ପ୍ରତିବାଦରେ ସାଲେପୁର ବିଜେଡି ପକ୍ଷରୁ ସାଲେପୁର ବନ୍ଦ ଡାକରା ଦିଆଯାଇଥିଲା । ଏହି ୮ ଘଣ୍ଟିଆ ବନ୍ଦ ଡାକରା ପରିପ୍ରେକ୍ଷୀରେ ସାଲେପୁର ଅଞ୍ଚଳରେ ଯାନବାହନ ଚଳାଚଳ ସଂପୂର୍ଣ୍ଣ ଠପ୍ ହୋଇଥିବାବେଳେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ କଲେଜ ବ୍ୟାଙ୍କ ବନ୍ଦ ହେବା ସହ ଦୋକାନ ବଜାର ବନ୍ଦ କରାଯାଇଥିଲା । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଆଜି ଶତାଧିକ ବିଜେଡି କର୍ମୀ କଟକ -ସାଲେପୁର ରାସ୍ତାର କୁଆଁପାଳ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ କରିଥିଲେ । ରାଜ୍ୟ ସରକାର ଉଦ୍ଦେଶ୍ୟମୂଳକ ଭାବେ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିନାହାଁନ୍ତି । ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ସାଲେପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରା ନ ଯିବା ଦୁଃଖର ବିଷୟ ବୋଲି ସାଲେପୁର ବିଧାୟକ ପ୍ରକାଶ କରିବା ସହ ଯଦି ସରକାର ତୁରନ୍ତ ସାଲେପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ପ୍ରଦାନ ନ କରନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ସାଲେପୁର ଅଞ୍ଚଳର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବାବେଳେ ବହୁ ବ୍ୟବସାୟ ଅନୁଷ୍ଠାନ ପକ୍ଷରୁ ଏହି ବନ୍ଦ ଡାକରାକୁ ସମର୍ଥନ କରାଯାଇ ଦୋକାନ ବଜାର ବନ୍ଦ ରଖିଥିଲେ । ଅପର ପକ୍ଷରେ ଦୂରଦୂରାନ୍ତରରୁ ଆସୁଥିବା ଯାତ୍ରୀମାନଙ୍କର ଯାତାୟତରେ କୌଣସି ଅସୁବିଧା ନ ହୁଏ, ସେଥିପାଇଁ ପୁଲିସ ପକ୍ଷରୁ କେନ୍ଦୁପାଟଣା ଓ ଶିଶୁଆ ବଜାର ନିକଟରେ ଅଟକାଯାଇ କେନ୍ଦ୍ରାପଡ଼ା କେନାଲବନ୍ଧରେ ଯାନବାହନ ଚଳାଚଳର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ୍ ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ଛାତ୍ରବିଜେଡି ସଭାପତି ଶୁଭମ୍ ଦାଶ, ସରପଞ୍ଚ ପବିତ୍ର ସାମଲ, ପ୍ରଭାତ ପାତ୍ର, ଜ୍ଞାନରଞ୍ଜନ ପଟ୍ଟନାୟକ, ସଂଜୟ ବେହୁରା, ଅଶ୍ୱିନୀ ଦାସ, ଜୟରାମ ବେହେରା, ସୌମ୍ୟରଞ୍ଜନ ମଲ୍ଲଙ୍କ ସମେତ ଶତାଧିକ ବିଜେଡି କର୍ମୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ।

ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଚୌଦ୍ୱାର,୧୯।୮ (ସମିସ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଚୌଦ୍ୱାର ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନେ ବେତନ ଦାବିରେ ମଙ୍ଗଳବାର ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟବନ୍ଦ କରି କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ୨୦୦୮ ମସିହାରୁ ୨୦୧୮ ମଧ୍ୟରେ କଲେଜରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ନୂତନ ଅନୁଦାନ ନୀତି ପ୍ରଣୟନ କରି ଅନୁଦାନ ଅନ୍ତର୍ଭୁକ୍ତ କରିବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି । ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ଯେ, ବିଗତ ଦିନ ମାନଙ୍କରେ ୪୯୭ ଦିନ ଭୁବନେଶ୍ୱରରେ ଅହୋରାତ୍ର ଧାରଣା, ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ସଭା, ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ସହିତ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ ଓ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଅନ୍ତର୍ଭୁକ୍ତ କରିବା ପାଇଁ ପୂର୍ବ ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ବର୍ତ୍ତମାନ ସରକାର ତାହା ପୂରଣ କରୁନାହାନ୍ତି । ମହାବିଦ୍ୟାଳୟର ଅଧ୍ୟାପକ ରତିକାନ୍ତ ସ୍ୱାଇଁ, ଆରଣ୍ୟକ ରାଉତରାୟ, ପ୍ରତାପ ଘଡାଇ, ରଚିତା ବେହେରା, ଝୁନୁରାଣୀ ଦାସ, ସୁଚିସ୍ମିତା ମହାନ୍ତି, କର୍ମଚାରୀ ପରେଶ ବେଉରା, ଲୋହରୀ ଲୋପାମୁଦ୍ରା ରାଉତରାୟ, ସୂର୍ଯ୍ୟକାନ୍ତ ସାହୁ, ସସ୍ମିତା ଆଚାର୍ଯ୍ୟ, ଆଶୋକ ଦାସ, ରଶ୍ମିରଞ୍ଜନ ମଙ୍ଗରାଜ, ଶ୍ରୀକାନ୍ତ ନାୟକ, ପ୍ରଭାସିନୀ ଜେନା, କାହ୍ନୁଚରଣ ବେହେରା ଓ ଲକ୍ଷ୍ମୀଧର ବେଉରା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।

ଆସୁଛି ଗଣେଶ ପୂଜା; ଚଳଚଞ୍ଚଳ ପୁରପଲ୍ଲୀ



ଶେରଗଡ଼, ୧୯।୮ (ସମିସ): ଚଳିତ ମାସ ୨୭ରେ ଗଣେଶ ପୂଜା। ଏବେଠୁ ସଜେଇ ହେଲାଣି ପୁରପଲ୍ଲୀ। ବିଭିନ୍ନସ୍ଥାନରେ ଟେଣ୍ଟ ଭିଡ଼ା କାମ ଆରମ୍ଭ ହୋଇଥିବାବେଳେ ମୂର୍ତ୍ତି ଗଢ଼ା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। କେବଳ କାରିଗର ଶେଷ ସ୍ପର୍ଶକୁ ଅପେକ୍ଷା। ପୂଜାକୁ ଧୂମଧାମରେ ପାଳନ କରିବା ଲାଗି ବିଭିନ୍ନ କମିଟିର ସଦସ୍ୟ ମାନେ ଦିନରାତି ଏକ କରି ଦେଇଛନ୍ତି। ଶେରଗଡ଼ ବ୍ଲକରେ ବିଘ୍ନରାଜଙ୍କ ପୂଜା ଧୂମଧାମରେ ପାଳନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ସବୁ କମିଟି ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଜାରି ରହିଛି।

ଛାତ୍ରଛାତ୍ରୀଙ୍କ ମାଗଣା ଚକ୍ଷୁ ପରୀକ୍ଷା

ପୋଲସରା, ୧୯।୮ (ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ଓ ଚିରିକିପଡ଼ା ଶାସନ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୋଛାବାଡି ଓ ପରେ ଚିରିକିପଡ଼ା ଶାସନ ଉଚ୍ଚ ବିଦ୍ୟାଳୟରେ ମୋଟ ୩୦୨ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ଚଷମା ପ୍ରଦାନ କରିବାକୁ ଚିହ୍ନଟ କରାଯାଇଥିବା ବେଳେ ୫ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସମସ୍ୟା ଥିବା ଜଣାପଡ଼ିଥିବାରୁ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ଜିଲ୍ଲା ଚକ୍ଷୁ ପରୀକ୍ଷା କେନ୍ଦ୍ରକୁ ପଠାଯିବ। କାର୍ଯ୍ୟକ୍ରମରେ ଡଃ ସିଲାଇ ସୀତାରାମ, ଚକ୍ଷୁ ବିଶେଷଜ୍ଞ ଡଃ ଏ. ନାଗେଶ୍ୱର ରାଓ ଆଚାରୀ ଓ ସୃଷ୍ଟି ସାହୁ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଗୋଛାବାଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରମୋହନ ଗୌଡ଼, ଚିରିକିପଡ଼ା ଶାସନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଲୁ ବେହେରା ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ବଳ ଶିକ୍ଷକ ଉପେନ୍ଦ୍ର କୁମାର ସେଠୀ ଓ କମଳିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଅନ୍ତର୍ନିଦେଶୀ ଶିକ୍ଷା ସ୍ୱେଚ୍ଛାସେବୀ, ସିଆରସିସି ଉଭୟ ବିଦ୍ୟାଳୟ ପରିଚାଳନା କମିଟି ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

ଖଡ଼ିରତ୍ନଙ୍କ ସ୍ମୃତିରେ ମେଗା ସ୍ୱାସ୍ଥ୍ୟ ଶିବିର

ରମ୍ଭା, ୧୯।୮ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡ଼ି ରାଧାଗୋବିନ୍ଦପୁର ପଞ୍ଚାୟତ ଆର୍. ବିଞ୍ଚଣାପଲ୍ଲୀରେ ଖଡିରତ୍ନ ସନାତନ ସ୍ମୃତି ଟ୍ରଷ୍ଟ, ଶ୍ରୀହରି ମେଡିକାଲ ଷ୍ଟୋର ବ୍ରହ୍ମପୁର ଓ ଚଉଦଦେଶ କର୍ମଚାରୀ ସେବା ସଂଘ ରମ୍ଭାର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନକୁ ମତ୍ସ୍ୟ ଉପନିର୍ଦ୍ଦେଶକ ବ୍ରହ୍ମପୁରର ସୁରେଶ୍ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିଲିକା ମତ୍ସ୍ୟଜୀବୀ ମହିଳା ସଂଘର ସଭାନେତ୍ରୀ ମୀନା କୁମାରୀ ଡାହଲ, ସମ୍ମାନୀତ ଅତିଥି ଭାବେ ଚଉଦଦେଶ କର୍ମଚାରୀ ସେବା ସଂଘର ସଭାପତି ପ୍ରହ୍ଲାଦ ବେହେରା, ସୁରେନ୍ଦ୍ର ବେହେରା, ଦିଲ୍ଲୀପ ବେହେରା, ମୃତ୍ୟୁଞ୍ଜୟ ବେହେରା, ଚିତ୍ରସେନ ଦାସ ଓ ଖଡ଼ିରତ୍ନ ସନାତନ ସ୍ମୃତି ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ମତପୋଷଣ କରିଥିଲେ। ଏହି ଶିବିରକୁ କୃଷ୍ଣପ୍ରସାଦ ପାରିକୁଦ ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସନ୍ତୋଷ କୁମାର ବେହେରା ଓ ବ୍ରହ୍ମପୁରର ଚକ୍ଷୁ ଡାକ୍ତର ରାଜେନ୍ଦ୍ର କୁମାର ବେହେରା, ସ୍ୱାସ୍ଥ୍ୟ କର୍ମଚାରୀ କୃପାସିନ୍ଧୁ ବେହେରା, ଶୁଭେନ୍ଦୁ ପଟ୍ଟନାୟକ ଓ ଅଙ୍ଗନବାଡ଼ି କର୍ମୀ ଆରତୀ ପ୍ରଧାନ, ଆଶାକର୍ମୀ ଶାନ୍ତିଲତା ନାହାକ ଉପସ୍ଥିତ ରହି ପ୍ରାୟ ୮୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱପ୍ରଶିକ୍ଷଣ ତାଲିମ କେନ୍ଦ୍ରର ଶିକ୍ଷକ ବିଶ୍ୱନାଥ ବେହେରା, ବିନୋଦ ବେହେରା ଓ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ମୋଚିରାମ ବେହେରା, ସୀମାଞ୍ଚଳ ବେହେରା, ଦୁଃଖିଶ୍ୟାମ ବେହେରା, ଭିକୁ ଚରଣ ବେହେରା ସହଯୋଗ କରିଥିଲେ।

ମାନବ ଚାଲାଣ ରୋକିଲା ବେଲଗୁଣ୍ଠା ପୁଲିସ

ରାଉରକେଲାରୁ ନାବାଳିକା ଉଦ୍ଧାର; ୨ ଗିରଫ

ବେଲଗୁଣ୍ଠା, ୧୯।୮ (ସମିସ)

ମାନବ ଚାଲାଣ କରୁଥିବା ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି ବେଲଗୁଣ୍ଠା ପୁଲିସ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୁଚନା ଅନୁସାରେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟସ୍ଥ ନବରତ୍ନପୁର ଗ୍ରାମର ଜଣେ ନାବାଳିକା ବେଲଗୁଣ୍ଠା ମହିଳା ମହାବିଦ୍ୟାଳୟରେ ପଢୁଥିଲେ। ସେହି କଲେଜ୍‌ରେ ଆସିକା ଥାନା ଅନ୍ତର୍ଗତ ଅସୁରେଇପଲ୍ଲି ଗ୍ରାମର ଗ୍ୟାରେଜ୍ କରିଥିବା କାହ୍ନୁ ଚରଣ ରାଉତଙ୍କ ପତ୍ନୀ ପ୍ରଭାସିନୀ ରାଉତ ନାମକ ଜଣେ ବିବାହିତା ମହିଳା ମଧ୍ୟ ନାମ ଲେଖାଇଥିଲେ। ଗୋଟିଏ କଲେଜରେ ପଢ଼ିବା ଯୋଗୁଁ ଦୁହେଁ ପରସ୍ପରର ବାନ୍ଧବୀ ପାଲଟିଥିଲେ ଏବଂ ବନ୍ଧୁତା ନିବିଡ ହେବା ସହିତ ନାବାଳିକା ଜଣକ ପ୍ରଭାସିନୀକୁ ନିଜ ଘରକୁ ମଧ ବେଳେ ବେଳେ ନେଉଥିଲେ। ଏହା ମଧ୍ୟରେ ପ୍ରଭାସିନୀଙ୍କ ସ୍ୱାମୀ କାହ୍ନୁଙ୍କ ସହିତ ନାବାଳିକାଙ୍କ କଥାବାର୍ତ୍ତା ମଧ

ହେଉଥିଲା। ଏହାରି ମଧ୍ୟରେ କାହ୍ନୁ ଅଜାଣତରେ ତା ସ୍ତ୍ରୀ ପ୍ରଭାସିନୀଙ୍କ ଗ୍ୟାରେଜ୍‌ରେ କାମ କରୁଥିବା ଜଣେ ଯୁବକ ପପୁ ସହିତ ସମ୍ପର୍କ ବୃଦ୍ଧି କରିଥିଲା। ଏହା କାହ୍ନୁ ଜାଣିବା ପରେ ପ୍ରଭାସିନୀ ଓ କାହ୍ନୁ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାର ସୁଯୋଗରେ କାହ୍ନୁ ଜନୈକ ନାବାଳିକାକୁ ଭାବପ୍ରବଣ ହୋଇ ତାଙ୍କୁ ଭଲ ପାଉଛନ୍ତି ବୋଲି କହି ବିବାହ ପ୍ରସ୍ତାବ ମଧ ଦେଇଥିଲେ। ଏଥି ସହିତ କାହ୍ନୁ ପ୍ରଭାସିନୀଙ୍କୁ ଛାଡ଼ପତ୍ର ଦେଲା ପରେ ପପୁ ସହିତ ପ୍ରଭାସିନୀ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ନାବାଳିକା ଜଣକ କାହ୍ନୁର ପ୍ରସ୍ତାବରେ ରାଜି ହୋଇଗଲେ। ପରେ ଗତ ୧୪ ତାରିଖ ଦିନ ପ୍ରଭାସିନୀ ଓ କାହ୍ନୁ ନାବାଳିକାକୁ ନିଜ ଘରକୁ ଡାକିଥିଲେ। ସେ ଘରେ କଲେଜ ଯାଉଛି କହି, ବସ୍‌ରେ ପଳେଇ ଯାଇଥିଲେ। ସେଠାରେ କାହ୍ନୁ ଓ ପ୍ରଭାସିନୀ ପ୍ରଥମେ ବ୍ରହ୍ମପୁର ପରେ ଆସିକା ଯାଇ ସେଠାରୁ ବସ୍‌ରେ ରାଉରକେଲା କାହ୍ନୁର ଭଉଣୀ ଘରକୁ ଯାଇଥିଲେ। କିନ୍ତୁ ସେ ଜାଣିବାକୁ ପାଇଥିଲେ କାହ୍ନୁ ପୂର୍ବରୁ ବିବାହିତ ଓ ୫ ବର୍ଷର ପୁଅଟିଏ ଅଛି। ପୁଣି ପ୍ରଥମ ସ୍ତ୍ରୀକୁ ଛାଡି ଏବେ ପ୍ରଭାସିନୀ ସହିତ ରହୁଛି। ସେପରି ପ୍ରଭାସିନୀ ମଧ ପ୍ରଥମ ସ୍ୱାମୀକୁ ଛାଡ଼ି କାହ୍ନୁ ସହିତ ରହୁଛି। ଠକାମୀର ଶିକାର ହେବା ଜାଣିବା ପରେ ସମସ୍ତ ବିଷୟ ନିଜ ପରିବାରକୁ ଫୋନ୍ ଦ୍ୱାରା ଜଣାଇଥିଲେ। ପରିବାର ଲୋକେ ବେଲଗୁଣ୍ଠା ଥାନାରେ ଆସି ଅଭିଯୋଗ କରିଥିଲେ। ବେଲଗୁଣ୍ଠା ପୁଲିସ ମାମଲା ରୁଜୁ କରି ପରିବାର ସହିତ ରାଉରକେଲା ଗସ୍ତ କରି ସେକ୍ଟର ୧୬ ସାମ୍ନା ଏକ ବସ୍ତିରୁ ନାବାଳିକାକୁ ଉଦ୍ଧାର କରିଥିଲେ। କାହ୍ନୁ ଓ ପ୍ରଭାସିନୀ ମାନବ ଚାଲାଣରେ ସମ୍ପୃକ୍ତ ଏବଂ ନାବାଳିକାକୁ ଚାଲାଣ କରି ଦେହ ବ୍ୟବସାୟରେ ସମ୍ପୃକ୍ତ କରାଇବାକୁ ଯୋଜନା କରୁଥିବା ପୁଲିସ୍ ସୂତ୍ରରୁ ପ୍ରକାଶ। ନାବାଳିକାର ବୟାନ ଅନୁସାରେ, ବେଲଗୁଣ୍ଠା ପୁଲିସ କାହ୍ନୁ ଓ ପ୍ରଭାସିନୀକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଭାର ଏସ୍‌ଆଇ ଅଭୟ କୁମାର ପ୍ରଧାନ ନେଇଥିବା ବେଳେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ନେଇ ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉ କି, ପ୍ରଭାସିନୀ ଓ ଉକ୍ତ ନାବାଳିକା ଓ କାହ୍ନୁ ବେଲଗୁଣ୍ଠା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ନିକଟରେ ଗତ କିଛିଦିନ ତଳେ ପିଟାପିଟି ହେଉଥିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଖବର ପାଇ ବେଲଗୁଣ୍ଠା ପୁଲିସ ପହଞ୍ଚିବା ପରେ ଏହା ଆମର ପାରିବାରିକ ଓ ବ୍ୟକ୍ତିଗତ ମାମଲା କହି ଏଡ଼ାଇ ଦେଇଥିଲେ।

ମାଓ ହିଂସାରେ ଗିରଫ ଶିକ୍ଷକଙ୍କ ଭଣଜା କହିଲେ 'ମାମୁଁ ନିର୍ଦ୍ଦୋଷ'

ପାରଳାଖେମୁଣ୍ଡି, ୧୯।୮ (ସମିସ): ଗଜପତି ଜିଲ୍ଲା ଅଡବା ପୁଲିସ୍ ଆଲିଗଣ୍ଡା ଗ୍ରାମର ତଥା ନୂଆଁଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ ନାୟକଙ୍କୁ ମାଓ ହିଂସାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରେ ତାଙ୍କୁ ଆର୍.ଉଦୟଗିରି ଜେଲକୁ ପଠାଯାଇଥିଲା। ଆଜି ଗିରଫ ଶିକ୍ଷକ ପ୍ରତାପଙ୍କ ଭଣଜା ମନୁ ମଲ୍ଲିକ ପୁଲିସ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ମୋ ମାମୁଁ ଘରେ ଥିବା ବେଳେ ସାଧା ପୋଷାକରେ କିଛି ପୁଲିସ୍ ୦୭ ଅଗଷ୍ଟ ୨୦୨୫ ସନ୍ଧ୍ୟାରେ ଆସି ଥାନାରେ ଦସ୍ତଖତ କରିବାକୁ ଡାକି ନେଇଥିଲେ। ରାତ୍ର ପର୍ଯ୍ୟନ୍ତ ମାମୁଁ ଘରକୁ ଫେରିନଥିଲେ। ତହିଁ ପରଦିନ ଆମ ପରିବାର ମାମୁଁ ଆର୍.ଉଦୟଗିରି ଅଦାଲତରେ ଅଛନ୍ତି ବୋଲି ପୁଲିସଠାରୁ ସୂଚନା ପାଇ ସେଠାରେ ଭେଟିଲୁ। ତାଙ୍କୁ ମାଓ ମାମଲାରେ ଫାସାଯାଇଛି ଏବଂ ମୁକୁଳାଇବା ପାଇଁ କାନ୍ଦି କାନ୍ଦି ପ୍ରକାଶ କରିଥିଲେ। ଅଡବା ପୁଲିସ ଥାନା ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଘଟିଥିବା ୨ଟି ହିଂସାକାଣ୍ଡରେ ମାମୁଁ ଯଦି ସମ୍ପୃକ୍ତ ପୁଲିସ୍ କରୁଥିଲା କ'ଣ ବୋଲି ମନୁ ପ୍ରଶ୍ନ କରିଛନ୍ତି। ମାମୁଁଙ୍କ ନାମରେ ମାମଲା ଯଦି ରୁଜୁ ହୋଇଥିଲା କାହିଁକି ଅଦାଲତରୁ ସମନ ଆସୁନଥିଲା। ହଠାତ୍ ଏନ୍‌ବିଡବ୍ଲ୍ୟୁ ମାମୁଁଙ୍କ ଘରକୁ ନଆସି ପୁଲିସ୍‌କୁ ଆସିଲା କିପରି।

ନାସିବ ଓରଫ ପ୍ରତାପ ନାୟକ ବୋଲି ଜଣେ ବ୍ୟକ୍ତି ଆଲିଗଣ୍ଡା ଗ୍ରାମରେ ରୁହନ୍ତି। ଯିଏକି ଜଣେ ଆତ୍ମସମର୍ପଣ କରିଥିବା ମାଓବାଦୀ। କିନ୍ତୁ ନାସିବ ବଦଳରେ ମୋ ମାମୁଁଙ୍କୁ ଗିରଫ କରିଛି ପୁଲିସ। ମୋ ମାମୁଁଙ୍କ ଗିରଫଦାରୀ ଶିକ୍ଷା ବିଭାଗ ପାଇଁ ଏକ ଅପମାନ। ସେ ନିର୍ଦ୍ଦୋଶ ଥିବାରୁ ଆମେ ଶିକ୍ଷା ବିଭାଗକୁ ଅନୁରୋଧ କରୁଛୁ ଏହାର ସଠିକ୍ ତଦନ୍ତ କରି ମୋ ମାମୁଁଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଗଣମାଧ୍ୟମରେ ସୂଚନା ଦେବା ପରେ ଆମେ ସୂଚନା ଅଧିକାର ଆଇନ ବଳରେ ଏହି ଘଟଣା ବିଷୟରେ ଜାଣିବାକୁ ଆବେଦନ କରିଛୁ। କେଉଁମାନେ ୨୦୧୩-୧୪ ମସିହାରେ ଆତ୍ମସମର୍ପଣ କରିଛନ୍ତି। ଆଗାମୀ ଦିନରେ ପୁଲିସ ପ୍ରଶାସନ ଦ୍ୱାରା ଯଦି ସଠିକ୍ ତଦନ୍ତ ନ କରାଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଆର୍.ଉଦୟଗିରି ଏସଡିପିଓ ସୁରେଶ କୁମାର ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ, ଗଜପତି ଆରକ୍ଷୀ ଅଧୀକ୍ଷକ ଅଥବା ଥାନା ଅଧିକାରୀଙ୍କୁ ଏକ ବିସ୍ତୃତ ତଥ୍ୟ ଏହି ଘଟଣାର ମାଗିଛନ୍ତି ଏବଂ ସେ ନିଜେ ଏହି ଘଟଣା ଉପରେ ନଜର ରଖିଛନ୍ତି।

ଭୀଷ୍ମଗିରୀ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

ଦିଗପହଣ୍ଡି, ୧୯।୮ (ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ସରପଞ୍ଚ ଗାୟତ୍ରୀ ବ୍ରହ୍ମାଙ୍କ ବିରୋଧରେ ୱାର୍ଡସଭ୍ୟା/ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ମଙ୍ଗଳବାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଆଦର୍ଶ ଗ୍ରାମ ଭାବରେ ପରିଚିତ ଥିବା ଏକମାତ୍ର ଗ୍ରାମକୁ ନେଇ ଗଠିତ ହୋଇଥିବା ଭୀଷ୍ମଗିରି ପଞ୍ଚାୟତ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ମନ୍ଥରତା ଏବଂ ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟାକୁ ସମାଧାନ ଦିଗରେ ସରପଞ୍ଚଙ୍କ କୌଣସି ସହଯୋଗ ପାଇ ଆସୁନଥିବା ନେଇ ପୂର୍ବରୁ ଜନସାଧାରଣଙ୍କ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା।

ପଞ୍ଚାୟତରେ କୌଣସି କାର୍ଯ୍ୟରେ ସରପଞ୍ଚ ୱାର୍ଡ ସଦସ୍ୟଙ୍କୁ ଅବଗତ କରାଉନଥିବା ଫଳରେ ୧୬ ଜଣ ୱାର୍ଡ ସଭ୍ୟା ସଭ୍ୟ ମଧ୍ୟରୁ ୧୩ ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲାପାଳଙ୍କୁ ଦରଖାସ୍ତ ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡସଭ୍ୟ ତମାଳ ଗୌଡ଼, ଟୁକୁନା ଗୌଡ଼, ଅଜୟ ପଣ୍ଡା, ଗୀତାଞ୍ଜଳି ରାଉତ, ରୀତା ନାୟକ, ବେଣୁ ମାଧବ ବକ୍ସି, ଅମୂଲ୍ୟ ଦାସ, ବି. ଚନ୍ଦ୍ରମଣି ନାୟକ, ମୁନା ସେଠୀ, ବି. ଲବ କୁମାର ପୃଷ୍ଟି, ସସ୍ମିତା ଗୌଡ଼, ସୀତା ସାହୁ ଏବଂ ବି. ଅଗାଡି ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ସରପଞ୍ଚଙ୍କୁ ପଚାରିବାରୁ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ନାଁ ରେ ଅଭିଯୋଗ କରାଯାଇଛି। ନିର୍ଦ୍ଧାରିତ ସମୟରେ ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ ପଞ୍ଚାୟତରେ ଚାଲିଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ମହାବିଦ୍ୟାଳୟ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ପାତ୍ରପୁର, ୧୯।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନରେ ଭରତ ପତି ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଛନ୍ତି। ଅଧ୍ୟାପକ ଓ କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ନଦେଇ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ଅଧ୍ୟାପକ ଓ କର୍ମଚାରୀ ମାନେ ଏଥିରେ ସାମିଲ ଅଛନ୍ତି। ସଂଘର ଆନ୍ଦୋଳନ ଡ଼ାକରାକୁ ସମର୍ଥନ ଜଣାଇ ପାତ୍ରପୁର ବ୍ଲକ କୋର୍ଡ଼ିନେଟର ବଳରାମ ମହାପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି। ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ଅନ୍ତର୍ଭୁକ୍ତ ଦାବି ହୋଇଛି। ସଂଘର ନିଷ୍ପତ୍ତି ଅନୁଯାୟୀ ସରକାରଙ୍କ ପକ୍ଷରୁ ଦାବି ପୂରଣ ନହେଲେ ଉକ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାତ୍ରପୁର ବ୍ଲକ କୋର୍ଡ଼ିନେଟର ବଳରାମ ମହାପାତ୍ର ସୂଚନା ଦେଇଛନ୍ତି।

କାର୍‌ରୁ ୩ ଖଣ୍ଡା ଜବତ; ଦୁର୍ବୃତ୍ତ ଚମ୍ପଟ

ବ୍ରହ୍ମପୁର, ୧୯।୮ (ସମିସ): ଆଙ୍କୁଲି ବାଇପାସ୍ ନିକଟରେ ଏକ କାର୍‌ରୁ ୩ଟି ଖଣ୍ଡା ଜବତ କରିଛି ଲାଞ୍ଜିପଲ୍ଲୀ ଫାଣ୍ଡି ପୁଲିସ। ଏହି ଗାଡ଼ିରେ ଛତ୍ରପୁର ଅଞ୍ଚଳର କିଛି ଯୁବକ ବନ୍ଧୁକ ଓ ଖଣ୍ଡା ଧରି ଗତକାଲି ରାତିରେ ବିଜିପୁର ଅଞ୍ଚଳରେ ଜଣେ ଯୁବକକୁ ମାରପିଟ କରିଥିଲେ ବୋଲି ସୂଚନା ରହିଛି। ସମ୍ପୃକ୍ତ ଯୁବକମାନେ କାହାକୁ ଜୀବନରୁ ମାରିଦେବାକୁ ଯୋଜନା କରିଥିବା ହେତୁ ଉକ୍ତ ଗାଡ଼ିରେ ଖଣ୍ଡା ରହିଥିବା ପୁଲିସ ସନ୍ଦେହ କରୁଛି। ଆଜି ପାଟ୍ରୋଲିଂ ବେଳେ ବୈଦ୍ୟନାଥପୁର ଥାନା ପୁଲିସ ଉକ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ସେପଟେ ଗାଡ଼ି ଛାଡ଼ି ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକମାନେ ବ୍ରାଉନ୍‌ସୁଗର କାରବାରରେ ଲିପ୍ତ ରହିଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ଲଣ୍ଡା ହୋଇଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ କରିଛି ପୁଲିସ। ସୀମାଞ୍ଚଳରୁ ଲଣ୍ଡା ହୋଇ ଆସିଥିବା ପୁଲିସ ତଦନ୍ତରେ ଜାଣିବାକୁ ପାଇଛି।

+୨ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା, ୧୯।୮ (ସମିସ): ପୋଲସରା ବ୍ଲକ ଚିରିକିପଡ଼ା ଶାସନ ପଞ୍ଚାୟତର ନରସିଂହପଲ୍ଲୀ ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଦିଲ୍ଲୀପ କୁମାର ନାୟକ, ଆଞ୍ଚଳିକ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ପରମଗୁରୁ ଓ ଅଧ୍ୟାପକ ଶିଶିରକାନ୍ତ ବିଷୋୟୀ, ବୁଗୁଡ଼ା ପିପୁଲସ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପୁରୁଷୋତ୍ତମ ମିଶ୍ର ଓ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ବର୍ତ୍ତନୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ବିମଳ କୁମାର ପାଣିଗ୍ରାହୀ ଓ ଅଧ୍ୟାପିକା ରଶ୍ମିତା କୁମାରୀ ପାଣିଗ୍ରାହୀ ଯୋଗଦେଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଉଚିତ ଶିକ୍ଷା ଗ୍ରହଣ କରି ସମାଜରେ ଭଲ ମଣିଷଟିଏ ହେବାପାଇଁ ପରାମର୍ଶ ଦେଇଥିଲେ। ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ଦାୟିତ୍ୱ ଅଧ୍ୟାପିକା ସରିତା କୁମାରୀ ସାହୁ ଗ୍ରହଣ କରିଥିବା ବେଳେ ଅଧ୍ୟାପିକା ବର୍ଷା ରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ମାଝୀ, ପୂଜାରାଣୀ ସାହୁ, ଆରତୀ ପ୍ରଧାନ, ଟିକିନା ପାତ୍ର, ସୁପ୍ରିୟା ପାଣିଗ୍ରାହୀ, ଅଧ୍ୟାପକ ଶିବ ପ୍ରସାଦ ମିଶ୍ର ଓ ଡିଇଓ ଶୁଭଶ୍ରୀ ଶତପଥୀ ସମେତ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

ଧାରଣାରେ ରାଜସ୍ୱ ଅମଲା କର୍ମଚାରୀ ସଂଘ

ବୁଗୁଡା, ୧୯।୮ (ସମିସ): ୧୦ ଦଫା ଦାବି ନେଇ ରାଜ୍ୟ ଅମଲା ସଂଘ ଗତ ୧୧ତାରିଖ ଦିନଠୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇ ଆସୁଥିବା ବେଳେ ବୁଗୁଡା ତହସିଲ କାର୍ଯ୍ୟାଳୟର ୧୦, ଆଇସିଡିଏସ କାର୍ଯ୍ୟାଳୟର ୨ ଓ ବ୍ଲକ କାର୍ଯ୍ୟାଳୟର ୩ ଜଣ ଅମଲା ବ୍ରହ୍ମପୁର ସବକଲେକ୍ଟର ଅଫିସ୍ ପ୍ରାଙ୍ଗଣରେ ସଂଘର ଅନ୍ୟ ଅମଲାଙ୍କ ସହିତ ଧାରଣା ଦେଇ ଆସୁଛନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ଯାଏଁ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସଂଘ ଚେତାବନୀ ଦେଇଛି। ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବିଭାଗୀୟ କାମ ଏକ ପ୍ରକାର ଅଚଳ ହୋଇପଡ଼ିଛି।

ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ସାନଖେମୁଣ୍ଡି, ୧୯।୮ (ସମିସ): ବିଶ୍ୱ ଫୋଟଗ୍ରାଫି ଦିବସ ଅବସରରେ ଖେମୁଣ୍ଡି ଫୋଟ ଗ୍ରାଫର 'ଲେଫର୍ ଆସୋସେସନ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫୋଟଗ୍ରାଫି ଦିବସ ପାଳିତ ହୋଇଯାଇଛି। ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ସମସ୍ତ ଫୋଟଗ୍ରାଫର ଭାଇମାନେ ଏକତ୍ରିତ ହୋଇ ପ୍ଲାକାର୍ଡ ଧରି ଦିଗପହଣ୍ଡି ସହର ଏବଂ ସାନଖେମୁଣ୍ଡିର ଗାନ୍ଧିଛକ ଠାରୁ କଲେଜ ପର୍ଯ୍ୟନ୍ତ ବାଇକ୍ ରାଲି କରିଥିଲେ। ୧୨୦ରୁ ଉର୍ଦ୍ଧ୍ୱ ଫୋଟଗ୍ରାଫର ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ଖେମୁଣ୍ଡି ଫଟୋଗ୍ରାଫର 'ଲେଫର୍ ଆସୋସେସନ ଚାରି ଟେବୁଲ୍ ଟ୍ରଷ୍ଟର ଉପଦେଷ୍ଟା ସୀମାଞ୍ଚଳ ବେହେରା, ସୁବୋଧ ସ୍ୱାଇଁ, ସଭାପତି ବି. ସନ୍ତୋଷ କୁମାର ଆଚାରି, ସମ୍ପାଦକ ସୁଶାନ୍ତ ବାଡତ୍ୟାଙ୍କ ସମେତ ସାନଖେମୁଣ୍ଡି ଓ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଫୋଟଗ୍ରାଫର ଉପସ୍ଥିତ ଥିଲେ।

ଅପେକ୍ଷାରେ ବିତିଲାଣି ୧୫ ବର୍ଷ

ଶେରଗଡ଼କୁ ଏନ୍‌ଏସି ମାନ୍ୟତା କେବେ

ଶେରଗଡ଼, ୧୯।୮ (ସମିସ)

୨୦୨୪ ଫେବୃଆରୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ନୂତନ ୩୪ଟି ଏନ୍‌ଏସି ବା ବିଜ୍ଞାପିତ ଅଞ୍ଚଳ ପରିଷଦର ନାମ ଘୋଷଣା କରିଥିଲେ। ସେଥିରେ ଗଞ୍ଜାମ ଜିଲ୍ଲାର ଶେରଗଡ଼ ଅନ୍ତର୍ଭୁକ୍ତ ଥିଲା। ଶେରଗଡ଼ ବ୍ଲକର ମୁଖ୍ୟ କେନ୍ଦ୍ର ଶେରଗଡ଼ ସହରକୁ ଏନ୍‌ଏସି ଘୋଷଣା କରାଯିବ ବୋଲି ଶେରଗଡ଼ବାସୀ ଖୁସି ଥିଲେ। ଶନିବାର ରାଜ୍ୟ ସରକାର ନୂତନ ଭାବେ୧୨ଟି ଏନଏସି ଲାଗି ବିଧିବଦ୍ଧ ଭାବେ ଘୋଷଣା କରିବା ପରେ ପୁଣି କ୍ଷଣିକ ପରେ ସେମାନଙ୍କ ଖୁସି ପାଣି ଫୋଟକା ପରି ମିଳେଇଗଲା। କିନ୍ତୁ ବିଜେଡି ସରକାର କ୍ଷମତାରୁ ଯିବା ପରେ ଜଣାପଡ଼ିଲା ଶେରଗଡ଼କୁ ଏନଏସି କରିବା ଲାଗି କୌଣସି ପ୍ରକ୍ରିୟା ଆରମ୍ଭ ହୋଇନଥିଲା। ତେଣୁ ଡବଲ ଇଞ୍ଜିନ ସରକାରଙ୍କ ପ୍ରତି ଆସିଛି ଶେରଗଡ଼ବାସୀଙ୍କ ଆସିଛି ତୀବ୍ର ଅସନ୍ତୋଷ। ସେଥିଲାଗି ଶେରଗଡ଼ବାସୀଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି, କେବେ ମିଳିବ ଶେରଗଡ଼କୁ ଏନଏସି ମାନ୍ୟତା ? ବାସ୍ତବରେ ଏହା ଶେରଗଡ଼ବାସୀଙ୍କ ଲାଗି ବୋଧେ ଧୂଆଁବାଣ ଥିଲା। ଗତ ନିର୍ବାଚନରେ ଯେଉଁ ନାରା ଦେଇ ଶାସକ ଦଳ ନିର୍ବାଚନ ବୈତରଣୀ ପାର ହୋଇ ଜିତାପଟ ହାସଲ କରିଥିଲା, ସେହି ପ୍ରତିଶ୍ରୁତି କୁଆଡେ ଗଲା, ଏହାର ଉତ୍ତର କିଏ ଶେରଗଡ଼ବାସୀଙ୍କୁ କିଏ ଦେବ ବୋଲି ପ୍ରଶ୍ନ ଉଠୁଛି। ଏହାକୁ ନେଇ ଶେରଗଡ଼ରେ ରାଜନୈତିକ ସ୍ଥିତି ସରଗରମ ହେବାରେ ଲାଗିଛି। ଶେରଗଡ଼କୁ ଏନଏସି ମାନ୍ୟତା ଦାବି ଆଜିର ନୁହେଁ, ବିଗତ ୧୫ ବର୍ଷ ଧରି ଶେରଗଡ଼ବାସୀ ଦାବି କରି ଆସୁଛନ୍ତି। ଏନଏସି ମାନ୍ୟତା ପାଇବା ଦ୍ୱାରା ଶେରଗଡ଼କୁ ଅଧିକ ପ୍ରଶାସନିକ ଓ ଆର୍ଥିକ ସହାୟତା ମିଳିପାରିବ, ଯାହା ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଥିଲେ। ପ୍ରକାଶ ଥାଉକି, ହିଞ୍ଜିଳି ବିଧାନସଭା ଆସନରେ ଶେରଗଡ଼ ବ୍ଲକର ଭୋଟ ନିର୍ଣ୍ଣାୟକ ଭୂମିକା ନେଇଥାଏ। ଏଠାରେ ଯେଉଁ ଦଳ ଅଧିକ ଭୋଟ ପାଇଥାଏ ସେହି ଦଳର ପ୍ରାର୍ଥୀ ବିଜୟ ଲାଭ କରିଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ ଯେହେତୁ, ଶେରଗଡ଼ ବ୍ଲକର ନେତାମାନେ ଶେରଗଡ଼କୁ ସଦାସର୍ବଦା ଉପେକ୍ଷିତ ଓ ଅବହେଳିତ କରି ଆସୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ଭଞ୍ଜନଗର, ୧୯।୮ (ସମିସ): ଘୁମୁସର ଫୋଟଗ୍ରାଫର ଆସୋସିଏସନ, ଭଞ୍ଜନଗର ପକ୍ଷରୁ ବିଶ୍ୱ ଫୋଟଗ୍ରାଫି ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ପ୍ରଥମେ ଲଣ୍ଡେଇ ସାହି ଶ୍ରୀରାମ ମନ୍ଦିରରେ ଚାରାରୋପଣ କରାଯାଇଥିଲା। ଏହାପରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ରୋଟାରୀ କ୍ଲବ ସଭାପତି ରଞ୍ଜିତ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ଲାଲ ସିଂ ସରପଞ୍ଚ ଶିବରାମ ସାହୁ ଓ ଆଦର୍ଶ କିରାଣି ସଂଘ ସଭାପତି ଗୌରୀ ଶଙ୍କର ପାତ୍ର ଯୋଗ ଦେଇଥିଲେ। ସାମ୍ବାଦିକ ତଥା ଜିପିଏ ସଭାପତି ଜୟକୃଷ୍ଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି

ଅବସରରେ ଭଞ୍ଜନଗର ସହରର ବରିଷ୍ଠ ଫୋଟଗ୍ରାଫର ଅଶୋକ କୁମାର ପଟେଲ (ବାଲିଆ)ଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉପଦେଷ୍ଟା ବିରଞ୍ଚି ପ୍ରସାଦ ମିଶ୍ର, ଦର୍ପ ନାରାୟଣ ଜେନା, ସାଗର ବେହେରା, ପ୍ରଣୟ ରଞ୍ଜନ ବେହେରା, ସୁକାନ୍ତ ମହାନ୍ତି, ସଂଗ୍ରାମ ସ୍ୱାଇଁ, ଆନନ୍ଦ ମିଶ୍ର, ଅନୀଲ ବିଷୋୟୀ, ସୁଶାନ୍ତ ନାୟକ, ପ୍ରେମ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।

ସକାଳ
THE SAKALA

କାର୍ ସହ ୪୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ

ଫିରିଙ୍ଗିଆ,୧୯।୮ (ସମିସ): ଫିରିଙ୍ଗିଆ ପୁଲିସ ଏକ ଦାମୀ କାର ସହ ୪୦ କିଲୋ ଗଞ୍ଜେଇ ଜବତ କରି ଦୁଇଜଣ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଗୋଛାପଡା ଅଞ୍ଚଳରୁ ଭୁବନେଶ୍ୱରକୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଫିରିଙ୍ଗିଆ ଥାନା ଏସ୍ଆଇ ଦୀପକ କୁମାର ରାଉତ ସଦଳବଳ ଚଢ଼ଉ କରି ମାଝୀପଡ଼ା ଘାଟି ନିକଟରେ ଦ୍ରୁତ ଗତିରେ ଯାଉଥିବା କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡ଼ିରୁ ଦୁଇଟି ବସ୍ତାରେ ଥିବା ୪୦ କିଲୋ ଗଞ୍ଜେଇ ମିଳିଥିଲା। ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯିବା ସହିତ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଦୁଇ ଜଣ ହେଲେ ଫୁଲବାଣୀ ସଦର ଥାନା ବିଶିପଡା ପଞ୍ଚାୟତ ଡୁମୁରୀଗୁଡାର ପଙ୍କଜ ପ୍ରଧାନ ଓ ଭଟାଲପଦରର ବିକ୍ରମ ମହାକୁଡ଼ ବୋଲି ଜଣାପଡିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଗୋପୀନାଥ ବେହେରା କହିଛନ୍ତି।

ନୂତନ ଭେଷଜ ନିରୀକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଫୁଲବାଣୀ,୧୯।୮ (ସମିସ): ଫୁଲବାଣୀ ସାଲୁଙ୍କି ହୋଟେଲ ସଭାଗୃହରେ କନ୍ଧମାଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ପୂର୍ବତନ ଭେଷଜ ନିରୀକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନ ଭେଷଜ ନିରୀକ୍ଷିକା ପ୍ରିୟଙ୍କା ଚକ୍ରବର୍ତ୍ତୀଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ଭେଷଜ ନିରୀକ୍ଷକ ଶ୍ରୀ ପ୍ରଧାନଙ୍କ ନୟାଗଡ଼ ବଦଳି ହୋଇଥିବା ବେଳେ ନୂତନ ଭେଷଜ ନିରୀକ୍ଷିକା ପୂର୍ବରୁ ନୟାଗଡ଼ ଭେଷଜ ନିରୀକ୍ଷକ ଥିଲେ। ଆସୋସିଏସନ ସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ପାଦକ ରାମଚନ୍ଦ୍ର ପାତ୍ର ମଞ୍ଚାସୀନ ଥିଲେ। ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ସାହୁ ପରିଚାଳନା କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ସ୍ଥାନରୁ କାର୍ଯ୍ୟକାରୀ ସଭ୍ୟ ଯୋଗଦେଇ ଥିଲେ।

ନଦୀରେ ବୁଡ଼ି ଯୁବକ ନିଖୋଜ

ମୋହନା,୧୯।୮ (ସମିସ): ଗଜପତି ଜିଲ୍ଲା ଅଡ଼ବା ଗ୍ରାମରେ ଥିବା ହରଭଙ୍ଗୀ ନଦୀରେ ବୁଡି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଅଡ଼ବା ଖ୍ରୀଷ୍ଟିଆନ ସାହିର ସୁବ୍ରତ ନାୟକ(୨୬)। ସୋମବାର ସନ୍ଧ୍ୟାରେ ସୁବ୍ରତ କିଛି ସାଙ୍ଗଙ୍କ ସହିତ ମିଶି ନଦୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଖବର ଲେଖା ଶେଷ ସୁଦ୍ଧା ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ। ଅଡ଼ବା ପୁଲିସ ମୋହନା ଅଗ୍ନିଶମ ବାହିନୀ ସହାୟତାରେ ଯୁବକଙ୍କ ସନ୍ଧାନ ଜାରି ରଖିଛି। ସୁବ୍ରତଙ୍କ ସହ ମାଛ ଧରିବା ପାଇଁ ଯାଇଥିବା ୪ ଜଣ ଯୁବକଙ୍କୁ ପୁଲିସ ଅଧିକ ପଚରାଉଚରା କରୁଛି।

ଲଗାଣ ବର୍ଷାରେ ଚାଷଜମି ଜଳମଗ୍ନ

 କାଶୀନଗର,୧୯।୮ (ସମିସ):

ଗଜପତି ଜିଲ୍ଲା କାଶୀନଗରରେ ଦୁଇଦିନ ଧରି ବର୍ଷା ଲାଗି ରହିଛି। ଅତ୍ୟଧିକ ବର୍ଷା ଯୋଗୁ ନାଳରେ ଜଳ ନିଷ୍କାସନ ହୋଇପାରିନାହିଁ। ସହରର ଦୁଇ ପାର୍ଶ୍ୱରେ ପାଣି ଭର୍ତ୍ତି ହୋଇ ରହିଥିବା ଦେଖିବାକୁ ମିଳିଛି। ରାସ୍ତାରେ ପାଣି ପ୍ରବାହିତ

ବ୍ୟାପକ ଫସଲ ନଷ୍ଟ; ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ହେବା ଦ୍ୱାରା ସ୍ଥାନୀୟ ଲୋକେ, ଛାତ୍ରଛାତ୍ରୀ ଓ ଯାନବାହାନ ଯାତାୟତରେ ବାଧା ସୃଷ୍ଟି ହୋଇଛି। ବହୁ ଚାଷ ଜମିରେ ପାଣି ଭର୍ତ୍ତି ହୋଇଯିବା ଯୋଗୁ ବ୍ୟାପକ ଫସଲ ନଷ୍ଟ ଆଶଙ୍କା ପ୍ରକାଶ ପାଉଛି। ଦୁଇ ଦିନ ତୁଳନାରେ ଆଜି ବର୍ଷା କମ୍ ରହିଥିବା ବେଳେ ବଂଶଧାରା ନଦୀର ପ୍ରବାହିତ ଜଳସ୍ତର ୫୩.୭୨ ମିଟର ରହିଛି। କାଶୀନଗର ଅଞ୍ଚଳରେ ୧୦୫.୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବଂଶଧାରା ନଦୀରେ ବିପଦସଂକେତ ତଳେ ପାଣି ପ୍ରବାହିତ ହେଉଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବିପଦ ନାହିଁ ବୋଲି କେନ୍ଦ୍ରୀୟ ଜଳ ସମ୍ପଦ ଆୟୋଗ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ଗତ ଦୁଇ ଦିନ ଧରି ନଦୀ କଡ଼ରେ ରହିଥିବା ବିଭିନ୍ନ ଗ୍ରାମ ପାଲସିଂଙ୍ଗ, ବାଡ଼ିଗାଁ, ସାରା, ଇଦୁଡ଼ି ସମେତ କାଶୀନଗର ଏନ୍ଏସିର ୩, ୪, ୭, ୯ ଓ ୧୦ ୱାର୍ଡରେ ଲୋକଙ୍କୁ ସଚେତନା କରିବା ସହ ବିଭିନ୍ନ ସ୍ଥାନରେ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇଥିବା ବିଡିଓ ଡମ୍ବୁରଧର ମଲ୍ଲିକ ସୂଚନା ଦେଇଛନ୍ତି। ତହସିଲଦାର ସୁଧୀର କୁମାର ନନ୍ଦ ନଦୀ ପାର୍ଶ୍ୱର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି।

ମଙ୍ଗଳବାର ସକାଳେ ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା କାଶୀନଗର ଏନ୍ଏସି ଓ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ତହସିଲଦାର ସୁଧୀର କୁମାର ନନ୍ଦ, ବିଡିଓ ଡମ୍ବୁରଧର ମଲ୍ଲିକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭଗବତ ସାହୁ, ସିଡ଼ିପିଓ ଓ ଅନ୍ୟ ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। କାଶୀନଗର ଉପର ମୁଣ୍ଡରେ ଯଦି ବର୍ଷା ହୁଏ ନଦୀରେ ପାଣି ବଢ଼ିବାରେ ସମ୍ଭାବନା ରହିଛି ବୋଲି କାଶୀନଗର କେନ୍ଦ୍ରୀୟ ଜଳ ସମ୍ପଦ ଆୟୋଗ ପକ୍ଷରୁ ସୂଚନା ମିଳିଛି।

ମାଛ ଧରିବାକୁ ଯାଇ ରାଧାସାଗରରେ ଯୁବକ ନିଖୋଜ

ପାରଳାଖେମୁଣ୍ଡି,୧୯।୮ (ସମିସ): ଗାରାବନ୍ଧ ଥାନା ଲାବାଣ୍ୟଗଡ଼ରେ ଏକ ଅଭାବନୀୟ ଘଟଣା ଘଟିଛି। ଗତକାଲି ଆନ୍ଧ୍ରର ୪ଜଣ ଯୁବକ ଏକ ଲୁହାଡଙ୍ଗାରେ ଲାବାଣ୍ୟଗଡ଼ ସ୍ଥିତ ରାଧାସାଗରରେ ମାଛ ଧରିବାକୁ ଯାଇ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶ ଗୋପିଲୀ ଗ୍ରାମର ୩ ଜଣ ପହଁରି କୂଳକୁ ଚାଲିଆସିଥିବାବେଳେ ମିଳିଆପୁଟି ଥାନା ସାନହଂସା ଗ୍ରାମର ଲାଣ୍ଡା ରାମାରାଓ (୪୭) ଆସିପାରିନଥିଲେ। କୂଳକୁ ପହଁରି ଆସିଥିବା ଯୁବକ ଅପେକ୍ଷା କରିବା ପରେ ମଧ୍ୟ ରାମାରାଓ ଫେରିନଥିଲେ। ତୁହାକୁ ତୁହା ବର୍ଷା ସତ୍ତ୍ୱେ ଖୋଜାଖୋଜି କରିଥିଲେ। ଡଙ୍ଗା ସହ ରାମାରାଓ ବୁଡିଯାଇଥିବା ଗାରାବନ୍ଧ ପୁଲିସ୍‌କୁ ଆଜି ଜଣାଇଥିଲେ। ପୁଲିସ୍ ସୂଚନା ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀର ସହଯୋଗରେ ରବର ବୋଟ୍ ଯୋଗେ ସକାଳୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ହେଲେ ରାଧାସାଗରେ ବୁଡ଼ିଯାଇଥିବା ଲୁହାଡ଼ଙ୍ଗା ଉଦ୍ଧାର କରାଯାଇଛି। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି।

ଲାଭଜନକ ମକା ଚାଷ ପାଇଁ ତାଲିମ

ଟିକାବାଲି,୧୯।୮ (ସମିସ): ଟିକାବାଲି ବ୍ଲକ କୃଷି ଅଧିକାରୀଙ୍କ ତାଲିମ କକ୍ଷରେ ଖରିଫ ଋତୁରେ ଲାଭଜନକ ମକା ଚାଷ ସମ୍ପର୍କରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଓଡ଼ିଶା ଫାଉଣ୍ଡେସନ ଭୁବନେଶ୍ୱର ଓ ହାଇଦରାବାଦର ସିଆଇଏମ୍ଏମ୍ୱାଇଟି (ସିମିଟ) ସଂସ୍ଥା ମିଳିତ ସହଯୋଗ ଓ ଟିକାବାଲି ବ୍ଲକ କୃଷି ଅଧିକାରୀ, ସନ୍ତୋଷ ଦଳ ବେହେରା ଏବଂ ସହକାରୀ କୃଷି ଅଧିକାରୀ ଶୁଭସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବ୍ଲକର ୪୦ରୁ ଅଧିକ ମହିଳା ଓ ପୁରୁଷ ଚାଷୀଙ୍କୁ ବର୍ଷା ଦିନରେ କିଭଳି ମକା ଚାଷ କରାଯାଇପାରିବ ବିଶେଷକରି ଜମି ପ୍ରସ୍ତୁତି, ଧାଡିରେ ମଞ୍ଜି ଲଗା, ଘାସ ନିୟନ୍ତ୍ରଣ, ରୋଗ ପୋକ ନିୟନ୍ତ୍ରଣ, ସାର ପ୍ରୟୋଗ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ମୃତ୍ତିକା ବୈଜ୍ଞାନିକ ଡ଼. କିରଣ କୁମାର ମହାପାତ୍ର, ସିମିଟ୍‌ର ପରାମର୍ଶଦାତା ଡ଼. ଦେବରାଜ ଲେଙ୍କା ଓ ଓଡ଼ିଶା ଫାଉଣ୍ଡେସନର ଭୂପେନ୍ଦ୍ର ଭାସ୍କର ମେହେର ପରିଚାଳନା କରିଥିଲେ। କୃଷକ ସାଥୀ ଅକ୍ଷୟ କହଁର, ଟିକାବାଲି ଅଞ୍ଚଳରେ ହାଇବ୍ରିଡ଼ କିସମ ସହ ଭାରତର ବିଭିନ୍ନ ରାଜ୍ୟରେ ଅଧିକ ଅମଳ ପ୍ରଦାନ କରୁଥିବା ମରୁଡି ସହଣୀ ଶକ୍ତି ଥିବା ୪ କିସମ ମକ୍କା ବିହନର ପରୀକ୍ଷଣ କରାଯିବ ବୋଲି କହିଥିଲେ। ଚଳିତ ବର୍ଷ ଓ ଆସନ୍ତା ବର୍ଷ ଦୀର୍ଘ ଦୁଇ ବର୍ଷର ପରୀକ୍ଷଣକୁ ଦେଖି ଅଧିକ ଅମଳ ପ୍ରଦାନ କରିଥିବା କିସମକୁ ଅନ୍ୟ ବ୍ଲକର ଅଧିକ ଅଞ୍ଚଳରେ ଚାଷ କରିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି କୁହାଯାଇଛି।

ବିଷ୍ଣୁ ଗୋବିନ୍ଦ ଟିକାବାଲିର ନୂତନ ବିଡିଓ

ଟିକାବାଲି,୧୯।୮ (ସମିସ): ଟିକାବାଲି ବ୍ଲକରେ ଆଜି ନୂତନ ବିଡିଓ ଭାବରେ ବିଷ୍ଣୁ ଗୋବିନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଥିଲେ। ଟିକାବାଲି ବ୍ଲକ ଦାୟିତ୍ୱରେ ଥିବା ନାରାୟଣ ଦୀକ୍ଷିତଙ୍କୁ କାକଟପୁର ବଦଳି କରାଯାଇଛି। ଦାୟିତ୍ୱ ଗ୍ରହଣ ଅବସରରେ ବିଷ୍ଣୁ ଗୋବିନ୍ଦ ବ୍ଲକରେ ବିକାଶକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ବିଦ୍ୟାଳୟ ଶ୍ରେଣୀ ଗୃହରୁ ସାପ ଉଦ୍ଧାର

ମୋହନା,୧୯।୮ (ସମିସ): ମୋହନା ସହର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସରକାର ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହରୁ ମଙ୍ଗଳବାର ୫ ଫୁଟ ଲମ୍ବର ଏକ ଢମଣା ସାପକୁ ଉଦ୍ଧାର କରାଯାଇଛି। ଲଗାଣ ବର୍ଷା ଯୋଗୁ ବିଦ୍ୟାଳୟ ଖୋଲିବାବେଳେ ସାପ ଶ୍ରେଣୀ ଗୃହରେ ଥିବା ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ସର୍ପ ଉଦ୍ଧାରକାରୀ ଦଳ ପହଞ୍ଚି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ।

ଗଛ ପଡ଼ି ୫ ଘଣ୍ଟା ଏନ୍ଏଚ୍ ଅବରୋଧ

ମୋହନା,୧୯।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ସକାଳେ ଗଜପତି ଜିଲ୍ଲା ମୋହନା ବ୍ଲକର ମାଣ୍ଡିମରା ଗ୍ରାମ ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥରେ ଏକ ବିରାଟ ଗଛ ରାସ୍ତା ଉପରେ ପଡ଼ିଯାଇଥିଲା। ଏଥିଯୋଗୁ ଉକ୍ତ ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ୩୨୬ ନଂ. ଜାତୀୟ ରାଜପଥ ବ୍ରହ୍ମପୁରରୁ ରାୟଗଡା, କୋରାପୁଟ ଏବଂ ମାଲକାନଗିରିକୁ ସଂଯୋଗ କରୁଥିବା ବେଳେ ରାସ୍ତା ବନ୍ଦଯୋଗୁ ଶତାଧିକ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ପରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନେତୃତ୍ୱରେ ଅଞ୍ଚଳବାସୀ ବହୁ ଚେଷ୍ଟା କରି ରାସ୍ତା ଉପରୁ ଗଛକୁ ହଟାଇଥିଲେ। ୫ ଘଣ୍ଟା ପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

କଲେଜ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧ ଦିବସ

କାଶୀନଗର,୧୯।୮ (ସମିସ): ଗଜପତି ଜିଲ୍ଲା କାଶୀନଗରସ୍ଥିତ ଶ୍ରୀରାମ ଜୁନିଅର କଲେଜ ଓ ଶ୍ରୀରାମ ଡିଗ୍ରୀ କଲେଜର ପ୍ରତିଷ୍ଠାତା ରଘୁନାଥ ସାହୁଙ୍କ ୩୫ ତମ ଶ୍ରାଦ୍ଧ ଦିବସରେ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଥିଲା। ଡିଗ୍ରୀ କଲେଜରେ ଅଧକ୍ଷ ଡ. ପ୍ରଶାନ୍ତ ବନପାଲିଙ୍କ ଅଧକ୍ଷତାରେ କଲେଜ ସଭା ଗୃହରେ କାର୍ଯ୍ୟକ୍ରମ ହୋଇଥିବା ବେଳେ କଲେଜ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସେହିପରି ଶ୍ରୀରାମ ଜୁନିୟର କଲେଜ ଅଧକ୍ଷା ସଂଯୁକ୍ତା ପାଢ଼ୀଙ୍କ ସଭାପତିତ୍ୱରେ ସଭା ଗୃହରେ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀରାମ ଜୁନିଆର କଲେଜରେ ଅନୁଷ୍ଠିତ ସମାରୋହରେ ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ଏନ୍ଏସି ଅଧକ୍ଷା ଏମ୍. ସୁଧାରାଣୀ ଓ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ରଘୁରାମ ସାହୁ ମଂଚାସୀନ ଥିଲେ। ପ୍ରେସ୍ କ୍ଲବ୍ ଉପଦେଷ୍ଟା କବି ପ୍ରଶାନ୍ତ ମିଶ୍ର, ବଂଶଧାରା ପାଠାଗାର ସଭାପତି ହୃଷୀକେଶ ଗୌଡ଼, କଲେଜର ପୂର୍ବତନ ଅଧ୍ୟାପକ ସୁରେନ୍ଦ୍ରନାଥ ରଥ ଯୋଗ ଦେଇ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ କରିଥିଲେ। ଆଲୋଚନା ଅବସରରେ ବ୍ରାହ୍ମଣ ସାହି ନିକଟସ୍ଥ ରାମ ମନ୍ଦିର ଠାରୁ ଶ୍ରୀରାମ ଜୁନିଅର କଲେଜ ପର୍ଯ୍ୟନ୍ତ ରାସ୍ତାକୁ ରଘୁନାଥ ସାହୁ ମାର୍ଗ ଓ ଉକ୍ତ ରାମ ମନ୍ଦିର ଠାରୁ ଶ୍ରୀରାମ ଡିଗ୍ରୀ କଲେଜ ପର୍ଯ୍ୟନ୍ତ ରାସ୍ତାକୁ ରଘୁନାଥ ସାହୁଙ୍କ ଧର୍ମପତ୍ନୀ ତଥା ପୂର୍ବତନ କଲେଜ ପରିଚାଳନା କମିଟି ସମ୍ପାଦିକା ପୁଷ୍ପଲତା ସାହୁ ମାର୍ଗ ନାମରେ ନାମିତ କରିବାକୁ ମତ ପ୍ରକାଶ ପାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ରଘୁନାଥ ସାହୁଙ୍କ ପୁତ୍ର ଓ ପୁତ୍ରବଧୂ ଭାସ୍କର ଓ ଭାଗ୍ୟଲକ୍ଷ୍ମୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ହାତୀ ସ୍ଥାନାନ୍ତର ଦାବିରେ ଜି.ଉଦୟଗିରି ଓ କଳିଙ୍ଗା ବନ୍ଦ

ଜି.ଉଦୟଗିରି,୧୯।୮ (ସମିସ):

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ହାତୀ ଆକ୍ରମଣରେ ମନୁଷ୍ୟ ଓ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି। ଉକ୍ତ ହାତୀକୁ ସ୍ଥାନୀୟ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ୪ ଦଫା ଦାବି ପୂରଣ ପାଇଁ ଅଞ୍ଚଳବାସୀ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରିଥିଲେ। ଜି.ଉଦୟଗିରି ଓ କଳିଙ୍ଗା ବନ୍ଦ ପାଳନ କରାଯାଇଥିବା ବେଳେ ଶାନ୍ତିପୂର୍ଣ୍ଣ ରହିଥିଲା। ବନ୍ଦକୁ ଅଞ୍ଚଳବାସୀ ସମର୍ଥନ କରିଥିଲେ। ଦୋକାନ ବଜାର ବନ୍ଦ ରହିବା ସହ ସରକରୀ ବେସରକାରୀ ଅନୁଷ୍ଠାନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବନ୍ଦ ପାଳନ ବେଳେ ଶତାଧିକ ମହିଳା ପୁରୁଷ ସ୍ଥାନୀୟ ହାଟପଦାଠାରୁ ଏକ ଶୋଭାଯାତ୍ରାରେ ଯାଇ ହିଂସ୍ର ଦନ୍ତା ହାତୀକୁ ଅନ୍ୟତ୍ର ସ୍ଥାନାନ୍ତର, ହାତୀ ଉପଦ୍ରବରେ ପ୍ରଭାବିତ ସମସ୍ତ ଗ୍ରାମରେ ସୋଲାର ଲାଇଟ୍ ଲଗାଇବା, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଓ କନ୍ଧମାଳ ଜିଲ୍ଲାରେ ସ୍ଥାୟୀ ରକ୍ଷକ ଦଳ ବା ରାପିଡ୍ ରେସ୍‌ପନ୍ସ ଟିମ୍ ନିଯୁକ୍ତି ଦାବି କରିଥିଲେ। ଏସମ୍ପର୍କରେ ଏକ ଦାବିପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ ଓ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରିଥିଲେ।

ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଓ ବିଡିଓଙ୍କୁ ଦାବିପତ୍ର

ସୂଚନା ଅନୁସାରେ ହାତୀ ଆକ୍ରମଣରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ ମାସ ହେଲା ହାତୀ ହିଂସ୍ର ହୋଇ ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି କରୁଛି। ହାତ୍ରୀ ଆକ୍ରମଣରେ ୩ ଜଣ ଗ୍ରାମବାସୀ ଏବଂ ୯ ଗାଈଗୋରୁଙ୍କ ମୃତ୍ୟୁ ହୋଇଛି। ହାତୀ ଆକ୍ରମଣରେ ନୟାନ୍ତ ଅଞ୍ଚଳବାସୀ ହାତୀକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବନ ବିଭାଗ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ହୋଇନାହିଁ। ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ମଙ୍ଗଳବାର ଏକତ୍ର ହୋଇ ଶୋଭାଯାତ୍ରା କରିବା ସହ ବନ୍ଦ ପାଳନ କରିଥିଲେ। ହେଲେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା।

■ ଯନ୍ତ୍ରୀଙ୍କୁ ପରିସ୍ରା ପିଆଇବା ଘଟଣା

ବଦଳି ପାଇଁ ଜିଲ୍ଲାପାଳଙ୍କୁ କଲେ ଗୁହାରି

ପାରଳାଖେମୁଣ୍ଡି,୧୯।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ପରିସ୍ରା ପିଆଇବା ଘଟଣାର ପୀଡ଼ିତ ଯନ୍ତ୍ରୀ ସଚିନ କୁମାର ଗୌଡ଼ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ସହ ହୋଇଥିବା ଘଟଣା ବିଷୟରେ ଲିଖିତ ଭାବେ ଜଣାଇଛନ୍ତି। ଏପରିକି ପୂର୍ବରୁ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବି କୌଣସି ସୁଫଳ ମିଳିନଥିବା ଦର୍ଶାଇଛନ୍ତି। ତାଙ୍କ ସହ ହୋଇଥିବା ଘଟଣା ବିଷୟରେ ନ୍ୟାୟ ପାଇଁ ପ୍ରଥମେ ବିଭାଗ ପରେ ପୁଲିସ୍‌ର ଦ୍ୱାରସ୍ଥ ହେବାପରେ ମଧ୍ୟ କୌଣସି ନ୍ୟାୟ ପାଇ ନଥିବାରୁ ସେ ବର୍ତ୍ତମାନ ଆର୍.ଉଦୟଗିରିରୁ ପାରଳାଖେମୁଣ୍ଡି ସ୍ଥିତ ଡିଭିଜନ କାର୍ଯ୍ୟାଳୟକୁ ବଦଳି ହେବାକୁ ଅନୁରୋଧ କରିଛନ୍ତି। ଏପରିକି ସେ ବର୍ତ୍ତମାନ କାର୍ଯ୍ୟରତ ଆର୍.ଉଦୟଗିରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ସାଙ୍ଗକୁ କିଛି ଅବସରପ୍ରାପ୍ତ କର୍ମଚାରୀ ଓ ଅଣକର୍ମଚାରୀଙ୍କ ଉପସ୍ଥିତି ଯୋଗୁ ତାଙ୍କ ପ୍ରତି ସମସ୍ୟା ସୃଷ୍ଟି ହେବା ସହ ସେ ଅସୁରକ୍ଷିତ ମଣୁଥିବା ଯନ୍ତ୍ରୀ ଶ୍ରୀ ଗୌଡ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

ଆର୍.ଉଦୟଗିରି କାର୍ଯ୍ୟାଳୟରେ ସମସ୍ୟା ସୃଷ୍ଟି କରୁଛନ୍ତି ଅବସରପ୍ରାପ୍ତ କର୍ମଚାରୀ

ପ୍ରକାଶ ଯେ ଜୁଲାଇ ୨୩ ରାତିରେ ଆର୍.ଉଦୟଗିରି ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଉପଖଣ୍ଡସ୍ତରୀୟ ସରକାରୀ ବାସଭବନରେ ଜଣେ କର୍ମଚାରୀ ଏକ ଷ୍ଟେନଲେସ୍ ଷ୍ଟିଲ୍ ପାଣି ବୋତଲରେ ପିଇବା ପାଇଁ ପାଣି ଦେଇଥିଲେ। ସେହି ପାଣି ଏସ୍‌ଡିଓ କ୍ୱାର୍ଟରରୁ ଅଣାଯାଇଥିଲା। ଏହାକୁ ପିଇବା ପରେ ଯନ୍ତ୍ରୀ ଶ୍ରୀ ଗୌଡ ଏହା ପାଣି ବଦଳରେ ଆଉ କିଛି ବୋଲି ସନ୍ଦେହ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଦୁଇଜଣ କର୍ମଚାରୀ ମଧ୍ୟ ପାନ କରିଥିଲେ ଏବଂ ଏହାର ସ୍ୱାଦ ଏବଂ ଗୁଣବତ୍ତା ବିଷୟରେ ସନ୍ଦେହ ପ୍ରକାଶ କରିଥିଲେ। ସନ୍ଦେହକୁ ନେଇ ଉକ୍ତ ତରଳ ପଦାର୍ଥକୁ ଏକ ସ୍ୱଚ୍ଛ ବୋତଲରେ ଢଳାଯାଇଥିଲା। ଏହା ସୁରକ୍ଷିତ ପାନୀୟ ଜଳ ନୁହେଁ ବୋଲି ଜଣାପଡିଥିଲା। ଉକ୍ତ ତରଳ ପଦାର୍ଥର ନମୁନାକୁ ଉପବିଭାଗୀୟ ପରୀକ୍ଷାଗାରକୁ ପ୍ରାଥମିକ ପରୀକ୍ଷା ପାଇଁ ଯନ୍ତ୍ରୀ ପଠାଇଥିଲେ। ନମୁନାରୁ ଆମୋନିଆ ଘନତା ୨ ମିଗ୍ରା/ଲିଟରରୁ ଅଧିକ ଥିଲା, ଯାହା ଗୁରୁତର ପ୍ରଦୂଷଣକୁ ସୂଚିତ କରୁଥିବା ଜଣାପଡିଥିଲା।

ବସ୍-ବାଇକ ମୁହାଁମୁହିଁ; ୩ ଗୁରୁତର

ମୋହନା, ୧୯।୮ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ରାମଗଡ଼ ବୁଲାଣିରେ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଉମରକୋଟ ଯାଉଥିବା କମଧେନୁ ନାମକ ଏକ ଘରୋଇ ଯାତ୍ରୀବାହୀ ବସ ସହ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ମୋହନା ଥାନା ଝାଟିକା ସାହି ଗ୍ରାମର ରବି ମଲିକ (୨୬) ଏବଂ ଡେଙ୍ଗାଆମ୍ବ ଗ୍ରାମର ଶୁଭେନ୍ଦ୍ର ମଲିକ (୧୧) ଓ କୁଇହୁରୁ ଗ୍ରାମର ରାଜକିଶୋର ମଲିକ(୨୫) ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକ ମୋହନାରୁ ନିଜ ଗ୍ରାମକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯିବା ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୋହନା ପୁଲିସ ଦୁର୍ଘଟଣା ଘଟାଇଥିବା ବସ୍ ଏବଂ ଡ୍ରାଇଭରଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

ଡାକବିଭାଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଶଙ୍ଖଚିଲା, ୧୯।୮ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ସ୍ଥିତ ସରକାରୀ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟରେ ଯାଜପୁର ଡାକଡିଭିଜନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ୮୦ଟି ବିଷୟବସ୍ତୁ ଉପରେ ଅନୁଷ୍ଠିତ ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ଅଭିଜିତ ବାରିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥି ସହିତ ଯାଜପୁର ପୋଷ୍ଟାଲ ଡିଭିଜନର ସୁପରିଟେଣ୍ଡେଣ୍ଟ ଶୁଭ୍ରକାଂଶ ନାୟକ, ଯାଜପୁରରୋଡ୍ ଡାକବିଭାଗର ଇନ୍‌ସପେକ୍ଟର (ଆଇପିଇ) ବିଷ୍ଣୁଚରଣ ପ୍ରଧାନ, ବିଜନେସ ଏକ୍‌ଜ୍ୟୁକିଟିଭ ଅମୀୟ କୁମାର ଦାସ, ଶଙ୍ଖଚିଲା ପୋଷ୍ଟଅଫିସର ପୋଷ୍ଟମାଷ୍ଟର ରାଜେଶ ଧଳ, କର୍ମଚାରୀ ଗଦାଧର ପାରମାଣିକ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କ ଉତ୍ସାହିତ କରିଥିଲେ । ପ୍ରଧାନଶିକ୍ଷକ ଶ୍ରୀ ବାରିକ୍‌ଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସୁଚିସ୍ମିତା ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ । ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ଚିତ୍ରଗୁଡିକ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା ବେଳେ ଏଥିରେ ରାଜ୍ୟସ୍ତରରେ ଶ୍ରେଷ୍ଠ ମନୋନୀତ ଚିତ୍ରଟି ଡାକ ଟିକେଟରେ ସ୍ଥାନ ପାଇବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଭୁଲ ଇଞ୍ଜେକସନ୍ ଯୋଗୁଁ ଚାଲିଗଲା ଜୀବନ

ଚିକିତ୍ସାଳୟ ପରିସରରେ ଚାପା ଉତ୍ତେଜନା

ଯାଜପୁର, ୧୯।୮ (ସମିସ)

ଜଣେ ରୋଗୀକୁ ଭୁଲ ଇଞ୍ଜେକସନ ଦେବା ଯୋଗୁଁ ରୋଗୀର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ । ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଯାବରା ପଞ୍ଚାୟତ ବାଉଁଶକଣ୍ଠା ଗ୍ରାମର ଅନାଦି ଚରଣ ଦାସଙ୍କ ପୁଅ ଭରତ ଦାସ(୩୦) ଗତ ସୋମବାର ସକାଳେ କୌଣସି କଥାକୁ ନେଇ ଯୁକ୍ତି ହେବା ପରେ ବିଲରେ ପକାଯାଉଥିବା ବିଷକୁ ପିଇ ଦେଇଥିଲେ । ପରିବାର ଲୋକେ ଭରତକୁ ତୁରନ୍ତ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ ଭରତର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରେ ଉତ୍ତମ ଚିକିତ୍ସା ନିମନ୍ତେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭରତଙ୍କ ଚିକିତ୍ସା କରାଯାଇଥିଲା । ଚିକିତ୍ସା ପରେ ସେ ସୁସ୍ଥ ଥିଲେ । ମଙ୍ଗଳବାର ସକାଳୁ ଭରତ ନିଜ ବେଡ୍‌ରୁ ଉଠି ବାହାରେ ବୁଲାବୁଲି କରିବା ସହ ଚା' ପିଇ ଆସିଥିଲେ । ଏହାପରେ ଜନୈକା ନର୍ସ ଭରତକୁ ଏକ ଇଞ୍ଜେକସନ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଇଞ୍ଜେକସନ ଦେବା ପରେ ଖୁବ କମ୍ ସମୟ ମଧ୍ୟରେ ଭରତଙ୍କ ମୃତ୍ୟୁ ହୋଇଯାଇଥିଲା । ପରିବାର ଲୋକ ଆଖି ସାମ୍ନାରେ ପୁଅର ମୃତ୍ୟୁକୁ ସହ୍ୟ କରିପାରିନଥିଲେ । ଭୁଲ ଇଞ୍ଜେକସନ୍ ଯୋଗୁଁ ଭରତଙ୍କ ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିବା ସହ ନ୍ୟାୟ ଦାବିରେ ଚିକିତ୍ସାଳୟ ପିଣ୍ଡାରେ ଅଡ଼ି ବସିଥିଲେ । ମେଡ଼ିକାଲ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା । ପରିସ୍ଥିତିକୁ ଆୟତ କରିବା ପାଇଁ ଯାଜପୁର ପୁଲିସ ନିୟୋଜିତ ହୋଇଥିଲେ । ପରିବାର ଲୋକେ ସମ୍ପୃକ୍ତ ନର୍ସଙ୍କ ବିରୋଧରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନାରେ କେଶ ନଂ. ୩୮୯/୨୫ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ମୃତ ଭରତର ମରଶରୀରକୁ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା ।

ଥାନାରେ ଅଭିଯୋଗ କଲେ ପରିବାର ଲୋକେ

ସଂସ୍କୃତି ଭବନରେ ସ୍ଥାନ ପାଇଲେ ନୀଳମଣି ସାମଲ

ବାଲିଚନ୍ଦ୍ରପୁର, ୧୯।୮ (ସମିସ): ଯାଜପୁର ସହରସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନରେ ସ୍ଥାନ ପାଇଛି ବଡ଼ଚଣା ମାଟିର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ପ୍ରାକ୍ତନ ସଭାପତି ସ୍ୱର୍ଗତ ନୀଳମଣି ସାମଲଙ୍କ ଫଟୋଚିତ୍ର । ସଂଗ୍ରାମୀ ଗ୍ରାମ ଭାବେ ପରିଚିତ ବଡ଼ଚଣାର ବାଲିପଡ଼ିଆ ଗ୍ରାମର ସଂଗ୍ରାମୀ ସ୍ୱର୍ଗତ ସାମଲ ୧୦୦ ବର୍ଷରେ ପରଲୋକ ଗମନ କରିଥିଲେ । ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ କାରାବରଣ କରିଥିଲେ । ସ୍ୱର୍ଗତ ସାମଲ ରାଷ୍ଟ୍ରପତିଙ୍କ ଠାରୁ ୪ ଥର ସମ୍ବର୍ଦ୍ଧିତ ହୋଇ ବଡ଼ଚଣା ମାଟିକୁ ଗୌରବାନିତ୍ୱ କରିଥିଲେ । ତେବେ ଗତ ଅଗଷ୍ଟ ୧୫ ତାରିଖ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ସଂଗ୍ରାମୀ ସ୍ୱର୍ଗତ ସାମଲଙ୍କ ଫଟୋଚିତ୍ରକୁ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ସ୍ଥାନିତ କରାଯାଇଥିଲା । ଏହି ଉପଲକ୍ଷେ ଅୟୋଜିତ ଅନାବରଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶ୍ରୀମଲ, ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ଉପାଧକ୍ଷ ଗଣେଶ୍ୱର ବରାଳ, ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ତେବେ ସ୍ୱର୍ଗତ ସାମଲଙ୍କ ଫଟୋଚିତ୍ର ଜିଲ୍ଲା ସଂସ୍କୃତି ଭବନରେ ସ୍ଥାନ ପାଇଥିବାରୁ ତାଙ୍କ ଗ୍ରାମ ବାଲିପଡ଼ିଆ ଗ୍ରାମ ସମେତ ବଡ଼ଚଣା ବ୍ଲକ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି ।

ସ୍ୱଳ୍ପ ବୃଷ୍ଟିପାତ

ଧାନ ଫସଲ ବାଧାପ୍ରାପ୍ତ

ଧର୍ମଶାଳା, ୧୯।୮ (ସମିସ): ଧର୍ମଶାଳା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ହେବାରୁ ଧାନ ଚାଷ ବାଧାପ୍ରାପ୍ତ ହୋଇଛି । ଚଳିତ ବର୍ଷ ଜୁନ ମାସ ଆରମ୍ଭରୁ ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ହୋଇଯାଇଥିଲା ବେଳେ ମୌସୁମୀ ବର୍ଷା ଲଗି ରହିଥିଲା । ହେଲେ ଜିଲ୍ଲାରେ ଅନ୍ୟ ବ୍ଲକ ତୁଳନାରେ ଧର୍ମଶାଳା ବ୍ଲକରେ ଆବଶ୍ୟକତା ଠାରୁ ଖୁବ କମ ବର୍ଷା ରେକର୍ଡ କରାଯାଇଛି । ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ଜୁନ ମାସରେ ୧୮୭ ମିଲି ମିଟର, ଜୁଲାଇ ମାସରେ ୧୨୪ ମିଲିମିଟର ଓ ଅଗଷ୍ଟ ମାସରେ ଆଜି ପର୍ଯ୍ୟନ୍ତ ମାତ୍ର ୭୦ ମିଲିମିଟର ବର୍ଷା ହୋଇଥିବା ସରକାରୀ ଭାବେ ରେକର୍ଡ କରାଯାଇଛି । ବର୍ଷା କମ ହେବା ଫଳରେ ଚଳିତ ବର୍ଷ ଧର୍ମଶାଳା ବ୍ଲକ ଅଞ୍ଚଳରେ ଧାନ ଚାଷ ବିଳମ୍ବ ହୋଇଛି । ଗତ ଏକ ସପ୍ତାହ ହେବ କେନାଲ ଗୁଡିକରେ ପାଣି ଆସିବା ଫଳରେ ପୋଖରୀ ଗାଡିଆ ଗୁଡିକରେ ପାଣି ରହିଥିବା ଦେଖିବାକୁ ମିଳୁଛି । କେନାଲରେ ପାଣି ନଆସିବା ଯାଏ ଗ୍ରାମାଞ୍ଚଳରେ ପୋଖରୀ ଓ ବିଲ ଗୁଡିକ ଶୁଖିଲା ପଡ଼ିଥିଲା । କେନାଲ ଦ୍ୱାରା ଜଳ ସେଚିତ ହେଉଥିବା ବିଲ ଗୁଡିକର ଏଭଳି ଅବସ୍ଥା ରହିଥିବା ବେଳେ ଉଚ୍ଚ ସ୍ଥାନରେ ଥିବା ଜମି ଗୁଡିକରେ ଧାନ ରୁଆପୋତା ନହୋଇ ହେକ୍ଟର ହେକ୍ଟର ଚାଷ ଜମି ପଡ଼ିଆ ହୋଇ ପଡ଼ିରହିଛି । ଚଳିତ ମାସରେ ଜଦି ସଠିକ ବର୍ଷା ନହୁଏ ତେବେ ପାହାଡିଆ ଉଚ୍ଚ ସ୍ଥାନରେ ରହିଥିବା ଅଣ ଜଳସେଚିତ ଜମି ଗୁଡିକରେ ଧାନ ଚାଷ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି । ତେବେ ଗତ ଦୁଇ ଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗିରହିଥିଲେ ବି ଆବଶ୍ୟକ ବର୍ଷା ନହୋଇ ଝିପଝିପି ତୁହାକୁ ତୁହା ବର୍ଷା ହେଉଥିବା ବେଳେ ଏହାର ପ୍ରଭାବ ସେଭଳି ଅନୁଭୂତ ହେଉନାହିଁ ।ଏହି ବର୍ଷା ଯୋଗୁଁ ଦିନ ମଜୁରିଆ ଓ ଖଟିଖିଆମାନେ ନାହିଁ ନଥିବାର ସମ୍ମୁଖିନ ହେଉଛନ୍ତି । ସକାଳୁ ଝିପଝିପି ବର୍ଷା ଲଗିରହିବାରୁ କାମକୁ ଯିବା ସମ୍ଭବପର ହେଉନାହିଁ । ଯାହା ଫଳରେ ସେମାନେ ଘରେ ରହି ଭୋକ ଓପାସରେ ଦିନ କାଟୁଛନ୍ତି । ଧର୍ମଶାଳା ବ୍ଲକରେ ଚଳିତ ବର୍ଷ ୧୨ ହଜାର ହେକ୍ଟର ଜମିରେ ଧାନ ଚାଷ କରିବାକୁ ସରକାରୀ ସ୍ତରରେ ଧାର୍ଯ୍ୟ କରାଯାଇଛି । ହେଲେ ଧାନ ଚାଷ ପାଇଁ ଧର୍ମଶାଳା ଅଞ୍ଚଳରେ ମୁଶଳଧାରାରେ ବର୍ଷା ହେବାର ଆବଶ୍ୟକତା ରହିଛି । ଅଧିକ ପରିମାଣର ବର୍ଷା ହେଲେ ଧାନ ରୁଆ ପୋତା କାମ ଅଗେଇ ପାରିବ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି ।

ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ମହିଳା କ୍ରୀଡ଼ାବିତ୍‌ଙ୍କ ରାଉରକେଲା ଗସ୍ତ



ଯାଜପୁର, ୧୯।୮ (ସମିସ): ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ କ୍ରୀଡା ଯୁବ ସେବା ଓ ହକି ଆସୋସିଏସନ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ଚତୁର୍ଥ ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ ଆୟୋଜନ କରାଯାଉଛି । ଏହି ଚାମ୍ପିଅନସିପରେ ମହିଳା ଟୁର୍ଣ୍ଣାମେଣ୍ଟରେ ଯାଜପୁର ପ୍ରଥମ ମ୍ୟାଚରେ ଗଜପତିକୁ ଭେଟିବ । ଏହି ମହିଳା ଦଳ ଆଜି ରାଉରକେଲା ଗସ୍ତ କରିଛି । ଯାଜପୁର ଜିଲ୍ଲାପାଳ ତଥା ହକି ଆସୋସିଏସନ୍‌ର ସଭାପତି ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ତଥା ହକି ଆସୋସିଏସନ୍‌ର ସମ୍ପାଦକ ଶିବାନନ୍ଦ ସ୍ୱାଇଁ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିରମୋହନ ଟୁଡୁ ଯାଜପୁର ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ହକି ଦଳ ସହିତ କୋଚ୍ ମମତା କିଣ୍ଡୋ ଓ ମ୍ୟାନେଜର ଭାବେ ପାର୍ବତୀ ମାଝୀ ରାଉଲକେଲା ଗସ୍ତ କରିଛନ୍ତି । ଏହି ଅବସରରେ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ହକି ଷ୍ଟାଡିଅମ ଠାରେ ହକି କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ଯାଜପୁର ଜିଲ୍ଲାକୁ ଗୌରାବାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ ।

ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ଧର୍ମଶାଳା, ୧୯।୮ (ସମିସ): ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତର ମୁରାରିପୁର ଗ୍ରାମ ସ୍ଥିତ ଗୋପାଳଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷ କେନ୍ଦ୍ର ବାଲ ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କଥାଶିଳ୍ପୀ ଡ. ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଫକିର ମୋହନ ସେନାପତି ମହାବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ କବି ଡ. ରବୀନ୍ଦ୍ର ବିହାରୀ ଓ ଅବସରପ୍ରାପ୍ତ ଅଧ୍ୟାପକ ଉମେଶ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ସ୍କୁଲରେ ଶ୍ରୀ ପାଢ଼ୀ ୧୭ବର୍ଷ କାଳ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ଯୁବ ସଙ୍ଗଠକ ପ୍ରସନ୍ନ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷକ ନାରାୟଣ ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, କୁଳମଣି ଦାସ, ସ୍କୁଲ କମିଟି ସମ୍ପାଦକ ପୁରୁଶୋତମ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଟ୍ରେନ୍ ଧକ୍କାରେ ଗାଈ ଗୁରୁତର

ବାଲିଚନ୍ଦ୍ରପୁର, ୧୯।୮ (ସମିସ): ଟ୍ରେନ ଧକ୍କାରେ ଗୋଟିଏ ଗାଈ ଗୁରୁତର ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ବଡ଼ଚଣା ବ୍ଲକ ତଥା କୁଦଳ ପଞ୍ଚାୟତ ଅନ୍ତର୍ଗତ ସଇକା ଗ୍ରାମର ବୈଲୋଚନ ରାଉତଙ୍କର ଗୋଟିଏ ଗାଈ ଚରିବାକୁ ଯାଇ ଗ୍ରାମ ପାଖ ଦେଇ ଯାଇଥିବା ଟ୍ରେନ ଲାଇନ ଉପରକୁ ଉଠିଯାଇଥିଲା । ତେବେ ଆଜି ସନ୍ଧ୍ୟା ସମୟରେ ଏକ ଟ୍ରେନ ଗାଈଟିକୁ ଧକ୍କା ଦେବାରୁ ଗାଈଟି ଗୁରୁତର ଆହତ ହୋଇ ଟ୍ରେନ ଲାଇନ ତଳକୁ ଖସି ପଡ଼ିଥିଲା । ପରିବାର ଲୋକେ ଏହା ଜାଣି ଚଣ୍ଡିଖୋଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଈଟିକୁ ଉଦ୍ଧାର କରି ସେ ପଡ଼ିଥିବା ସ୍ଥାନରୁ କାନ୍ଧରେ ବୋହି ଦୁଇ କିଲୋମିଟର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଆଣିଥିଲେ । ପରେ ଗାଈକୁ ବୈଲୋଚନ ଘରକୁ ନେଇ ଚିକିତ୍ସିତ କରୁଥିବା ଜଣାଯାଇଛି ।

ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

ଦାନଗଦି/ଯଖପୁରା, ୧୯।୮ (ସମିସ): ଟମକା ଥାନା ଅନ୍ତର୍ଗତ ଚିତ୍ରୀ ନୂଆଗାଁ ଗ୍ରାମରେ ଗଛରେ ଝୁଲୁଥିବା ଅବସ୍ଥା ରେ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି, ମୃତ ଯୁବକ ହେଲେ ଚିତ୍ରୀ ନୂଆଗାଁ ଗ୍ରାମର ପୁରୁଷୋତମ ହାଁସଦା (୧୯), ପରିବାର ଲୋକଙ୍କ କହିବା ଅନୁଯାୟୀ ଆଜି ସକାଳୁ ପୁରୁଷୋତ୍ତମ ତାଙ୍କ ଘର ଆଗରେ ଏକ ଗଛରେ ନିଜ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିବାର ଦେଖିଥିଲେ । ତାଙ୍କ ବାପା ମୋହନ ହାଁସଦାଙ୍କର ଦୁଇଟି କିଡ୍‌ନୀ ଖରାପ ଥିଲା । ଏହାକୁ ଚିନ୍ତାକରି ମାନସିକ ଦୁଶ୍ଚିନ୍ତାରେ ସେ ଏହିଭଳି କାମ କରିଛି ବୋଲି ଆମେ ଭାବୁଛୁ ବୋଲି କହିଛନ୍ତି । ଖବର ପାଇ ଟମକା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା କହିଛି ।

ବୌଦ୍ଧ ଗବେଷକ ହରିଶ୍ଚନ୍ଦ୍ର ପୃଷ୍ଟି ଗୁରୁତର



ବାଲିଚନ୍ଦ୍ରପୁର, ୧୯।୮ (ସମିସ): ବଡ଼ଚଣା ବ୍ଲକ ତଥା ବାଲିପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଦେକୁଡି ଗ୍ରାମର ଅବସରପ୍ରାପ୍ତ କଲେଜ ଅଧକ୍ଷ ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପୃଷ୍ଟି ଶାରିରିକ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ତାଙ୍କ ଅସୁସ୍ଥତା ଖବର ପାଇ ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନୀଲ କୁମାର ସାମଲ, ଶିକ୍ଷାବିତ ଉମାକାନ୍ତ ବଳ, ଶରତ ଚନ୍ଦ୍ର ପ୍ରଧାନ, ଶୁଭେନ୍ଦୁ କୁମାର ଭୂୟା, ସାମ୍ବାଦିକ ଭକ୍ତଚରଣ ସାହୁଓ ପତରାଜପୁର ପଞ୍ଚାୟତ ସମିତି ସଭ୍ୟ କୁଳମଣି ବାରିକ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଗାଡ଼ି ଚାଳକଙ୍କ ହୃଦ୍‌ଘାତରେ ମୃତ୍ୟୁ

ଦାନଗଦି, ୧୯।୮ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳ ଟାଟାଷ୍ଟିଲ କାରଖାନାରେ କାର୍ଯ୍ୟରତ ଜଣେ ଗାଡ଼ି ଚାଳକଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ମୃତ ଗାଡ଼ି ଚାଳକ ହେଲେ ଯାଜପୁର ରୋଡ୍ ଥାନା କୋପଣ୍ଡ ଗ୍ରାମର ସ୍ୱର୍ଗତ ଗଣେଶ୍ୱର ଦାଶଙ୍କ ପୁଅ ମନୋଜ (୪୫) ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ ମନୋଜ ଗତକାଲି ଅପରାହ୍ନରେ କାରଖାନାରେ ଡ୍ୟୁଟିରେ ଥିବା ସମୟରେ ହଠାତ୍ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ । ବାନ୍ତି ହେବା ସହିତ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାରଖାନାରୁ ସ୍ଥାନୀୟ ଟାଟା ମେଡିକା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ପ୍ରଥମେ ତାଙ୍କୁ ଭୁବନେଶ୍ୱର କେୟାର ହସ୍ପିଟାଲ ଓ ପରେ ସମ୍ ହସ୍ପିଟାଲକୁ ପଠାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମନୋଜଙ୍କର ଗୋଟିଏ ପୁଅ ଦୁଇଟି ଝିଅ ଥିବାବେଳେ ପରିବାରରେ ସେ ଏକମାତ୍ର ରୋଜକାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁରେ ସାରା ପରିବାରରେ ଶୋକର ଛାୟା ଖେଳିଯାଇଛି । ମୃତଦେହ ଘରକୁ ଫେରିବା ପରେ ଏଠାରେ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନ ମରଶରୀର ନିକଟରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା କରିଥିଲେ ।

ସ୍କୁଟି ସହ ଡିଜେଲ ଜବତ; ଜଣେ ଗିରଫ

ଦାନଗଦି/ଯଖପୁରା/ସୁକିନ୍ଦା, ୧୯।୮ (ସମିସ): କଳିଙ୍ଗନଗର ପୁଲିସ ଗତକାଲି ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଟାଟା କାରଖାନା ୧ ନମ୍ବର ଗେଟ୍ ନିକଟରୁ ଜଣେ ଡିଜେଲ ଚୋରକୁ ଗିରଫ କରିଛି । ତା' ନିକଟରୁ ଏକ ସ୍କୁଟି ବାଇକ୍ ସହ ଦୁଇଟି ଜାରରେ ଥିବା ୪୦ ଲିଟର ଡିଜେଲକୁ ଜବତ କରିଛି । ଚୋର ଜଣକ ହେଲେ ଯଖପୁରା ଥାନା ପଙ୍କପାଳ ଗ୍ରାମର ସୁଧୀର ରାଉତ (୪୫), ଜବତ ସ୍କୁଟି ନମ୍ବର ହେଲା ଓଡ଼ି ୩୪-୭୮୮୫ । ପୁଲିସ କେସ ନମ୍ବର ୨୭୮/୨୦୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ସୁଧୀରକୁ ଆଜି କୋର୍ଟଚାଲାଣ କରିଛି ।



ବର୍ଷାରେ ଭାଙ୍ଗିଲା ଘର

ସୁକିନ୍ଦା, ୧୯।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତ ଅଧୀନସ୍ଥ କଣ୍ଟାପାଳ ଗ୍ରାମର ରସାନନ୍ଦ ମହାନ୍ତଙ୍କ ରହିବା ଘର ଭାଙ୍ଗି ନଷ୍ଟ ହୋଇଯାଇଛି । ସୂଚନା ମୁତାବକ କଣ୍ଟାପାଳ ଗ୍ରାମର ରସାନନ୍ଦ ମହାନ୍ତଙ୍କ ସ୍ତ୍ରୀ, ପୁଅ, ବୋହୂ ଓ ନାତି ନାତୁଣୀଙ୍କୁ ମିଶାଇ ସପରିବାର ୭ ଜଣ ରହୁଥିବା ଘରଟି ଲଘୁଚାପ ବର୍ଷା ପ୍ରଭାବରେ ମଙ୍ଗଳବାର ଭାଙ୍ଗି ନଷ୍ଟ ହୋଇଯାଇଛି । ସୌଭାଗ୍ୟବଶତଃ ପରିବାର ଲୋକେ ବର୍ତ୍ତିଯାଇଥିଲେ । ବର୍ତ୍ତମାନ ସେହି ପରିବାର ବାସହରା ହୋଇପଡ଼ିଛି । ସମ୍ପୃକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ବିଜେପି ପକ୍ଷରୁ କର୍ମୀ ସମ୍ମିଳନୀ

କୟାଁଗୋଲା, ୧୯।୮ (ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ବିଜେପି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । କୟାଁ ପଞ୍ଚାୟତ ବିଜେପି ସଭାପତି ହରେଶ କୁମାର ବେହୁରିଆଙ୍କ ନେତୃତ୍ୱରେ ତଥା ଜୟଚଣ୍ଡୀ ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡବଙ୍କ ସଭାପତିତତ୍ୱ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବବିତା ମଲ୍ଲିକ, ସମ୍ମାନିତ ଅତିଥିଭାବେ ନିର୍ବାଚନ ମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆ, ପ୍ରାକ୍ତନ ବ୍ଲକ ଅଧକ୍ଷ ପୁରସ୍ତମ ବେହେରା, ମଣ୍ଡଳ ସଭାପତି ଶ୍ରୀଧର ଜେନା, ସଞ୍ଜୟ ପତି, ମନୋରଞ୍ଜନ ସାହୁ, ଶୁକଦେବ ଦାସ, ସାଂସଦ ପ୍ରତିନଧି ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତମ ସରପଞ୍ଚ ପ୍ରଶେଷ ସୁତାରଙ୍କ ନେତୃତ୍ୱରେ ଦିଲ୍ଲୀପ ନାୟକ, ସୂର୍ଯ୍ୟକାନ୍ତ ବାରିକ, ଚିତ୍ରସେନ ମଲ୍ଲିକ, ନିରାକାର ମଲ୍ଲିକ, ପ୍ରସନ୍ନ ରାୟ, ତ୍ରିଲୋଚନ ମାଝୀ, ସୁଦର୍ଶନ ଦାସ, ଶୁଭ୍ରକାନ୍ତ ନାୟକ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ଯୋଗ ଦେଇଥିଲେ ।

ଆସୁଛନ୍ତି ଅଗ୍ରପୂଜ୍ୟ ପ୍ରଭୁ ଗଜାନନ

ସଜେଇ ହେଉଛି ସହର

ଯାଜପୁର, ୧୯।୮ (ସମିସ)

ଆଉ ମାତ୍ର ଦିନ କେଇଟା ପରେ ପୂଜା ପାଇବେ ଅଗ୍ରପୂଜ୍ୟ ପ୍ରଭୁ ଗଜାନନ । ସେଥିପାଇଁ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଚଳଚଞ୍ଚଳ ହୋଇପଡ଼ିଛି । ଯାଜପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗଣେଶ ମୂର୍ତ୍ତି ପୂଜା ପାଇଥାନ୍ତି । ମୂର୍ତ୍ତି କାରିଗରମାନେ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ । କେଉଁଠି ଗଣେଶଙ୍କ ମୂର୍ତ୍ତି ଏକମାଟିଆ କାମ ସାରି ଦୋ'ମାଟିଆ କାମ ହେଉଛି ତ, ଆଉ କେଉଁଠି ଦୋ ମାଟିଆ କାମ ଶେଷ ପର୍ଯ୍ୟାୟରେ ଦେଖିବାକୁ ମିଳିଛି । କାରିଗରମାନେ ଦିନ ରାତି ଏକ କରି ପ୍ରଭୁ ଗଣେଶଙ୍କ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ । ଯାଜପୁର ସହରର ବିଭିନ୍ନ ସ୍ଥାନରେ କାରିଗରମାନେ ଅସ୍ଥାୟୀ ଟେଣ୍ଟ ତଳେ ବିଭିନ୍ନ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି । ଛୋଟରୁ ବଡ଼ ବିଭିନ୍ନ ଡିଜାଇନର ଗଣେଶ ମୂର୍ତ୍ତ ତିଆରି ହୋଇଛି । ବିଶେଷ କରି ମୁମ୍ବାଇ ଡିଜାଇନର ଗଣେଶ ମୂର୍ତ୍ତି ଯାଜପୁରରେ ନିର୍ମାଣ ହୋଇଛି । ସେହିପରି ପିଲାଠୁ ଆରମ୍ଭ କରି ଯୁବପିଢ଼ି ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ଗୋଟିଏ ଦଳ ଗଢ଼ି ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ପ୍ରଭୁ ଗଣେଶଙ୍କ ପୂଜା କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେଣି । କିଏ କାହାଠାରୁ ଭଲ ଭାବେ ପୂଜା କରିବେ ସେଥିପାଇଁ ନିଜ ନିଜ ଭିତରେ ପ୍ରତିଯୋଗିତା ଲାଗି ଗଲାଣି । ବିଭିନ୍ନ ପୂଜା କମିଟି ପକ୍ଷରୁ ଟେଣ୍ଟ ଭିଡ଼ା କାମ ଆରମ୍ଭ ହୋଇଗଲାଣି । ସବୁ ପୂଜା କମିଟି ପକ୍ଷରୁ ପ୍ରଭୁ ଗଣେଶଙ୍କୁ ସ୍ୱାଗତ କରିବା ପାଇଁ ଏବେ ଠାରୁ ଲାଗି ପଡ଼ିଲେଣି । କେଉଁ ପୂଜା କମିଟି ଠାକୁରଙ୍କୁ ନେଇ ବ୍ୟସ୍ତ ତ ଆଉ କେଉଁ ପୂଜା କମିଟି ଭସାଣି ଶୋଭାଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ତ ଆଉ କିଏ ପୂଜା ସମୟରେ ନାମୀଦାମୀ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ବର୍ତ୍ତମାନ ଠାରୁ ବ୍ୟସ୍ତ ଥିବାର ଦେଖିବାକୁ ମିଳିଛି । ସବୁଠି ଧାଁ ଦଉଡ଼ ଓ ବ୍ୟସ୍ତତା ପ୍ରଭୁ ଗଣେଶଙ୍କ ପୂଜା ପାଇଁ । ମାଟି ମୂର୍ତ୍ତି କାରିଗରମାନେ ମଧ୍ୟ ଗଣେଶଙ୍କୁ ଶେଷ ସ୍ପର୍ଶ ଦେବା ପାଇଁ ଲାଗି ପଡ଼ିଛନ୍ତି । ଆଉ କିଛି ଦିନ ପରେ ଯାଜପୁର ସହର ଗଣେଶ ପୂଜା ପାଇଁ ଦୁଲୁକିବ, ସେଥିପାଇଁ ସହର ଏବେ ଠାରୁ ସଜେଇ ହେଲାଣି ।

ସକାଳ
THE SAKALA

ରାଜ୍ୟପାଳଙ୍କ ୨ ଦିନିଆ ଭଦ୍ରକ ଜିଲ୍ଲା ଗସ୍ତ

ପରିଦର୍ଶନ କଲେ କାଦବରାଙ୍ଗ ଇଣ୍ଡଷ୍ଟ୍ରିଆଲ ପାର୍କ

ଭଦ୍ରକ,୧୯ ।୮ (ସମିସ)

ଭଦ୍ରକ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି। ମଙ୍ଗଳବାର ପ୍ରଥମ ଦିନରେ ଭଦ୍ରକ ସର୍କିଟ ହାଉସରେ ପହଞ୍ଚି କାଦବରାଙ୍ଗ ଇଣ୍ଡଷ୍ଟ୍ରିଆଲ ପାର୍କ ଗସ୍ତ କରିଥିଲେ। ସେଠାରେ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଗୁଡ଼ିକୁ ବୁଲି ଦେଖିଥିଲେ। ପରେ ମହିଳା ଗୋଷ୍ଠୀ କର୍ମକର୍ତ୍ତା ଓ ସ୍ଥାନୀୟ ଲକ୍ଷପତି ଦିଦିଙ୍କ ସହ ଆଲୋଚନା କରିଥିଲେ। ତେବେ ଆଜି ଦିନତମାମ କାର୍ଯ୍ୟକ୍ରମ ମଧ୍ୟରେ ବଡବର୍ଚିକୟାଁ ଇଣ୍ଟିଗ୍ରେଟେଡ ଫାର୍ମି କ୍ଲଷ୍ଟର ବୁଲି ଦେଖିବା ସହିତ କିଭଳି ସ୍ୱରୋଜଗାର କ୍ଷମ ହେବା ସହ ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀରେ ଏକ ସମୟରେ ଏକାଧିକ ପ୍ରକାର ଫଳ, ପନିପରିବା ଚାଷ ହେଉଛି ତାହା ମଧ୍ୟ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ପରେ ସ୍ଥାନୀୟ ଅଞ୍ଚଳର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଭେଟି ଆଲୋଚନା କରିବେ ରାଜ୍ୟପାଳ। ଏହି ଗସ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେଠାରୁ ଫେରି ଅପରାହ୍ନରେ ହରିପୁର ସ୍ଥିତ ସିୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ଅସୁରାଳି ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। କୃଷି ବିଜ୍ଞାନ କେନ୍ଦ୍ର ରାଣୀତାଲଠାରେ ୧୦ ଜଣ ପିଏମ୍ କିଷାନ ଓ ସିଏମ କିଷାନ ହିତାଧିକାରୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ପରେ ରାଜ୍ୟପାଳ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କୁ ଦର୍ଶନ କରିବା ସହ ଭଦ୍ରକରେ ରାତ୍ରି ଯାପନ କରିବେ। ଆସନ୍ତାକାଲି ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ସମୀକ୍ଷା କରିବେ। ପରେ ସମସ୍ତ ବ୍ୟାଙ୍କ୍ ସହ ସରକାରୀ ଯୋଜନାରେ ସହଯୋଗିତା ଉପରେ ମଧ୍ୟ ଆଲୋଚନା କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳଙ୍କ ଏହି ଗସ୍ତବେଳେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶୁଭେନ୍ଦୁ ସାମଲ, ବିଡିଓ ସୀତାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଜ୍ୟପାଳ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତର ମାତୃଶକ୍ତି ମହିଳା ମହାସଂଘ ଅଧୀନ ମିଶ୍ରିତ କୃଷିକ୍ଷେତ୍ରର ମତ୍ସ୍ୟ, କୁକୁଡ଼ା, ଛେଳି, ପରିବା ଓ ଫୁଲ ଚାଷ ପରିଦର୍ଶନ କରିଥିଲେ। ଏହାପରେ ବଡ଼ବର୍ଚ୍ଚିକୟାଁ ଗ୍ରାମର ଗ୍ରାମୀଣ ଆବାସ ହିତାଧିକାରୀଙ୍କ ସହିତ ମଧ୍ୟ ସେ ଆଲୋଚନା କରିଥିଲେ। ସରପଞ୍ଚ ପୁଷ୍ପାଞ୍ଜଳି ସ୍ୱାଇଁ, ପିଇଓ ସଂଗୀତା ରାଣୀ ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କ ସାମଗ୍ରିକ ବିକାଶ ପାଇଁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ।

ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ।

ବନ୍ତ/ଆଗରପଡା,: ମଙ୍ଗଳବାର ରାଜ୍ୟପାଳ ଡକ୍ଟର ହରିବାବୁ କୁମ୍ଭମପତି ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ବାବାଧବଳେଶ୍ୱର ମହିଳା ମହାସଂଘ ଦ୍ୱାରା ପରିଚାଳିତ ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କର ବିଭିନ୍ନ ୟୁନିଟ ଯଥା- ଟେଲରିଂ ଓ ସିଲେଇ, ଚାରା ଉତ୍ପାଦନ, ବ୍ୟାଗ ଉତ୍ପାଦନ, ମୁଢ଼ି, ଡାଲି, ମତ୍ସ୍ୟ ଉତ୍ପାଦନ ଆଦି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହିତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସ୍ୱରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ପୂର୍ବାଞ୍ଚଳ ଆଇଜି ସତ୍ୟଜିତ ମହାନ୍ତି, ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ

ଭୁଶୁଡ଼ିଲା ରାଜ୍ୟପାଳଙ୍କ ମଞ୍ଚ

ସଭାମଞ୍ଚରୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଓହ୍ଲାଇବାର ପ୍ରାୟ ୫ ମିନିଟ ପରେ ଭାଙ୍ଗିଗଲା ମଞ୍ଚ। ଭଦ୍ରକ ଜିଲ୍ଲାକୁ ମଙ୍ଗଳବାର ଦୁଇ ଦିନିଆ ଗସ୍ତରେ ଆସି ଭଦ୍ରକ କାଦବାରାଙ୍ଗରେ ଆୟୋଜିତ ପ୍ରଥମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଏଭଳି ଅଘଟଣ ଦେଖିବାକୁ ମିଳିଛି। ସଭାମଞ୍ଚରୁ ଓହ୍ଲାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟାଳୟରେ ରାଜ୍ୟପାଳ ବସିଥିବା ବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। କିଛି ସମୟ ଧରି ବର୍ଷା ଲାଗି ରହିଥିବା ବେଳେ ଟେଣ୍ଟ ଛାତ ଭୁଶୁଡି ପଡିଥିଲା। ତେବେ ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ତେବେ ସଭା ସରିବା ପରେ ମଞ୍ଚ ଭାଙ୍ଗି ଥିବାରୁ ଭଦ୍ରକ ପ୍ରଶାସନ ଏକ ଦୁର୍ନାମ ମୁଣ୍ଡାଇବାରୁ ବର୍ତ୍ତି ଯାଇଛି। ତେବେ ଏଠାରେ କହି ରଖୁଛୁ କି ଯେ, ମଙ୍ଗଳବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଭଦ୍ରକକୁ ଦୁଇଦିନିଆ ଗସ୍ତରେ ଆସିଛନ୍ତି। ମଞ୍ଚରେ ରାଜ୍ୟପାଳଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ପୂର୍ବାଞ୍ଚଳ ଡିଆଇଜି ଡ.ସତ୍ୟଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ମନ୍ଦିରରୁ ଚୋରି ସାମଗ୍ରୀ ଜବତ; ୨ ଗିରଫ

ଧାମନଗର,୧୯ ।୮ (ସମିସ): ଧାମନଗର ଅଞ୍ଚଳରେ ଗତ କିଛିଦିନ ହେବ ମନ୍ଦିର ପୂଜା ସାମଗ୍ରୀ ଚୋରି ହେଉଥିବା ବେଳେ ଭଦ୍ରକ ଓ ଯାଜପୁର ଜିଲ୍ଲାର ବିଭିନ୍ନ ମନ୍ଦିରରୁ ମଧ୍ୟ ଦେବାଦେବୀଙ୍କ ପୂଜା ସାମଗ୍ରୀ ଓ ଅଳଙ୍କାର ଚୋରି ହେଉଥିଲା। ବିଶେଷକରି ଭଦ୍ରକ ଜିଲ୍ଲାର ଧାମନଗର,ଭଣ୍ଡାରୀପୋଖରୀ ଓ ଯାଜପୁର ଜିଲ୍ଲାର ବିଞ୍ଝାରପୁର, ଅଳକୁଣ୍ଡ ଆଦି ଅଞ୍ଚଳରେ ଥିବା ଦେବାଦେବୀଙ୍କ ମନ୍ଦିରରୁ ପିତ୍ତଳ ଘଣ୍ଟ, ହାଣ୍ଡି, ନୋଟା, ଥାଳି, ଦୀପ ଆଦି ପୂଜା ସାମଗ୍ରୀ ମାନ ଚୋରମାନେ ଲୁଟି ନେଉଥିଲେ। ଫଳରେ ସଂପୃକ୍ତ ଅଞ୍ଚଳର ପୁଲିସ ଅଧିକାରୀଙ୍କ ନିଦ ହଜିଯାଇଥିଲା। ମାତ୍ର ଧାମନଗର ପୁଲିସକୁ ମିଳିଛି ବଡ ସଫଳତା। ଶତାଧିକ ଚୋରିରେ ସଂପୃକ୍ତ ଦୁଇଜଣ ଚୋରଙ୍କୁ ଧରିବାରେ ଧାମନଗର ପୁଲିସ ସଫଳ ହୋଇଥିବା ବେଳେ ସେମାନଙ୍କ ପାଖରୁ ବିପୁଳ ପରିମାଣରେ ଚୋରି ଜିନିଷ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଗତ ୧୭ ତାରିଖ ଭୋର ସମୟରେ ଧାମନଗର-ଭଦ୍ରକ ମୁଖ୍ୟ ରାସ୍ତାର ନାୟରା ପେଟ୍ରୋଲ ପମ୍ପ ନିକଟସ୍ଥ ଗୁହାଳିଆ ଛକ ନିକଟରୁ ପୁଲିସ ପାଟ୍ରୋଲିଂ ସମୟରେ ସେକ ମୁସ୍ତାକ ନାମକ ଜଣେ ସନ୍ଦିଗ୍ଧଙ୍କୁ ଧରିଥିଲା। ମୁସ୍ତାକର ଘର କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଜୟିପୁରା ଗ୍ରାମରେ। ପରେ ଧାମନଗର ଥାନା ନିକଟସ୍ଥ ହବିବନଗରରୁ ମୀର ଅରଫାନକୁ ପୁଲିସ ଗିରଫ କରିଥିଲା। ଏହି ଦୁଇ ଚୋରକୁ ଧରିଥିବାବେଳେ ଅନ୍ୟତ ୩ଜଣ ଚୋର ଫେରାର ଥିବା ଧାମନଗର ଆଇଆଇସି ଗୋପାଳକୃଷ୍ଣ ଜେନା ସୂଚନା ଦେଇଛନ୍ତି। ଧାମନଗର ଥାନାରେ ଏକ ମାମଲା ରୁଜୁ କରାଯାଇ ୨ ଚୋରକୁ କୋର୍ଟ ଚାଲାଣ କରାଯାଇଛି। ଏହି ଦୁଇ ଚୋର ଧରାପଡିବା ପରେ ଯାଜପୁର ଟାଉନ, ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ଅଧିକାରୀମାନେ ଧାମନଗର ଥାନାରେ ପହଞ୍ଚି ନିଜ ଥାନା ଅଞ୍ଚଳରେ ହୋଇଥିବା ମନ୍ଦିର ଚୋରିର ତଦନ୍ତ କରି ଫେରିଛନ୍ତି। ଥାନାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଚୋରି ସମ୍ପର୍କରେ ସୂଚନା ଦେବା ସମୟରେ ଏସଆଇ ରସ୍ମିତା ମଲ୍ଲିକ, ରାଜେଶ ସେଠୀ, ପ୍ରଦୀପ ନାୟକ, କୈଳାସ ଚନ୍ଦ୍ର ପରିଡ଼ା, ଏଏସଆଇ ସୁଜିତ ରାଉତ, ପ୍ରତାପ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ବଜ୍ରପାତରେ ଚାଷୀ ମୃତ

ବନ୍ତ/ଆଗରପଡା,୧୯।୮ (ସମିସ):ବିଲରେ କାମ କରୁଥିବା ବେଳେ ବଜ୍ରପାତ ଘଟି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ମଙ୍ଗଳବାର ସମୟରେ ବନ୍ତ ଥାନା ସେଣ୍ଡତୀରା ପଞ୍ଚାୟତ ଚାରିପୋଖରୀଆ ଗ୍ରାମର ଗୌରା ମୁଣ୍ଡା(୨୮) ନିକଟସ୍ଥ ବିଲରେ ଚାଷ କରୁଥିବା ସମୟରେ ଲଘୁଚାପ ପ୍ରଭାବରେ ବର୍ଷା ସାଙ୍ଗକୁ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ସେ ଜମିରେ ଟଳି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଗ୍ରାମ୍ୟ ମୁରବୀ ସଦାଶିବ ପଣ୍ଡାଙ୍କ ଦେହାନ୍ତ

ଦୋବଲ,୧୯ ।୮ (ସମିସ): ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ବିରୁହାଁ ଗ୍ରାମର ସମାଜସେବୀ ତଥା ଗ୍ରାମ୍ୟ ମୁରବୀ ସଦାଶିବ ପଣ୍ଡା (୭୮)ଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ସେ କିଛି ଦିନ ତଳେ ଅସୁସ୍ଥ ହୋଇ ଘରୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ଧାମନଗର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋଜ ମଲ୍ଲିକ, ସ୍ଥାନୀୟ ସରପଂଚ ଓ ସମିତି ସଭ୍ୟ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ବିରଜା ପ୍ରସନ୍ନ ରାଉତ, ବିଜେଡି ନେତା ରଘୁନାଥ କର, ରାମଚନ୍ଦ୍ର ସାହୁ, ସନ୍ଦୀପ ସ୍ୱାଇଁ, ରଜତ ପଣ୍ଡା ଓ ଅନ୍ୟ ତଥା ବିଜେପି ଓ କଂଗ୍ରେସ ଦଳର ନେତୃମଣ୍ଡଳୀଙ୍କ ସମେତ ବହୁ ଶୁଭେଚ୍ଛୁ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପଣ୍ଡାଙ୍କ ଦେହାନ୍ତ ଖବର ଶୁଣି କାର୍ଯ୍ୟବ୍ୟସ୍ତତା ଯୋଗୁଁ ଆସିନପାରି ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, କବି ଦୟାନିଧି ମିଶ୍ର ପ୍ରମୁଖ ପଣ୍ଡା ପ୍ରମୁଖ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବଡ଼ ପୁଅ ମୁଖାଗ୍ନି ଦେଇଥିଲେ।

ସ୍ୱାଧୀନତା ଦିବସରେ ପିଏମ୍ ପୋଷଣ ମଧ୍ୟାହ୍ନ ଭୋଜନ ହଡପ

ଅଭିଯୋଗ ପରେ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ବାସୁଦେବପୁର,୧୯ ।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ପିଏମ ପୋଷଣରେ ମଧ୍ୟାହ୍ନ ଭୋଜନ ଅଧିକାଂଶ ସ୍କୁଲର ପ୍ରଧାନ ଶିକ୍ଷକ ହଡପ କରିଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ନୋଡାଲ ଅଫିସର ତାଗିଦକୁ ଫୁ କରି ଶିକ୍ଷକ ଏହି ଲୁଟ୍ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଗଣମାଧ୍ୟମକୁ ପ୍ରଧାନ ଶିକ୍ଷକ ଖାଇବାକୁ ଦେଇଥିବା କହୁଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଦ୍ୟ ଖାଇ ନ ଥିବା ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ସ୍ୱାଧୀନତା ଦିବସରେ ପ୍ରତି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପି.ଏମ ପୋଷଣ ଖାଦ୍ୟ ପ୍ରଦାନ କରିବାକୁ ସରକାରଙ୍କ ପି.ଏମ.ପୋଷଣ ନୋଡାଲ ଅଫିସର ପୂର୍ବ ଦିନ ନିର୍ଦ୍ଦେଶନାମା ଜାରି କରିଥିଲେ । ବାସୁଦେବପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ସ୍କୁଲରେ ସକାଳେ ଜାତୀୟ ପତାକା ଉତ୍ତୋଳନ କରି ସେଉ ଓ ବୁନ୍ଦିଆ ଦେଇ ଛାଡି ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବାସୁଦେବପୁର ବ୍ଲକର ୨୯ ୯ସ୍କୁଲରେ ପି.ଏମ. ପୋଷଣ ଯୋଜନାର ମଧ୍ୟାହ୍ନ ଭୋଜନ ବଣ୍ଟନ କରାଯାଉଛି। ଦାମୋଦର ଜୀଉ ସେଣ୍ଟ୍ରାଲକୁ କିଚେନ ବଣ୍ଟନ ଦାୟିତ୍ୱ ପ୍ରଦାନ କରାଯାଇଛି । ସରକାରଙ୍କ ନିୟମକୁ ଉଲ୍ଲଂଘନ କରି ସ୍ୱାଧୀନତା ଦିବସରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କୁ କେବଳ ସେଉ ବୁନ୍ଦିଆ ଦେଇ ବିଦା କରିଦେଇଛନ୍ତି । କୁନି କୁନି ଶିଶୁମାନଙ୍କ ପ୍ରଦାନ କରାଯାଉଥିବା ଅର୍ଥକୁ ଲୁଟି ନେଲେ । କିଛି ସ୍କୁଲର ପ୍ରଧାନ ଶିକ୍ଷକ ଖାଦ୍ୟ ପ୍ରଦାନ କରିଛନ୍ତି ବୋଲି କହୁଥିବା ବେଳେ ଛାତ୍ରଛାତ୍ରୀ ସିଧାସଳଖ ସେଉ ଓ ବୁନ୍ଦିଆ ଛଡା କିଛି ଖାଇ ନାହାନ୍ତି ବୋଲି ସ୍ପଷ୍ଟ ଭାବେ ମନା କରୁଛନ୍ତି । ଆଉ ଏହି ମଧ୍ୟାହ୍ନ ଭୋଜନ ଲୁଟରେ ଶିକ୍ଷା ବିଭାଗର ତଳ ଠାରୁ ଉପର ଯାଏଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଅଛନ୍ତି ବୋଲି ଅଭିଯୋଗ ହେଉଛି। କିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାତୀୟ ପତାକା ଉତ୍ତୋଳନ ପରେ ସେଉ ଓ ବୁନ୍ଦିଆ ସହିତ ମଧ୍ୟାହ୍ନ ଭୋଜନ ସହିତ ଅଣ୍ଡା ପ୍ରଦାନ କରିଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ସ୍ୱୀକାର କରିଛନ୍ତି । ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣୀରେ ଏହି ମଧ୍ୟାହ୍ନ ଭୋଜନ ହଡପ ଅଭିଯୋଗ ପରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ତୁରନ୍ତ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭଦ୍ରକ, ୧୯।୮ (ସମିସ): ଭଦ୍ରକ ରେଳ ଷ୍ଟେସନରେ ମୌଳିକ ସୁବିଧା, କ୍ରିୟୁ ଲବି ଏବଂ ୟାର୍ଡ ପରିଚାଳନା ଦକ୍ଷତା ଯାଞ୍ଚ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଙ୍ଗଳବାର ପହଞ୍ଚି ରାଜଧାନୀ ଏକ୍ସପ୍ରେସରେ ଅନ-ବୋର୍ଡ ଯାଞ୍ଚ କରିଛନ୍ତି। ଯାତ୍ରୀଙ୍କ ପାଇଁ ଏକ ଆରାମଦାୟକ ଏବଂ ସୁଗମ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଯାତ୍ରୀଙ୍କ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଏବଂ ସେବା ଗୁଣବତ୍ତା ଉପରେ ସେ ଯାଞ୍ଚ କରିଥିଲେ। ଏଥିସହିତ ସେ ଭଦ୍ରକ ରେଳ ଷ୍ଟେସନ୍ ନିରୀକ୍ଷଣ କରିଥିଲେ। ପରେ ଯାତ୍ରୀଙ୍କ ସୁବିଧା, କ୍ରିୟୁ ଲବି ଏବଂ ଷ୍ଟେସନ୍ ୟାର୍ଡର ସମୀକ୍ଷା କରିଥିଲେ। ଶ୍ରୀ ଫୁଙ୍କୱାଲ ସ୍ୱଚ୍ଛତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବା, ସୁରକ୍ଷା ପ୍ରୋଟୋକଲ୍ ଲାଗୁ କରିବା ଏବଂ ଷ୍ଟେସନ୍ ପରିଚାଳନାର ସାମଗ୍ରିକ ଦକ୍ଷତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ଗସ୍ତ କର୍ମଚାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ମନୋବଳକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଶ୍ରୀ ଫୁଙ୍କୱାଲ ବିଭାଗୀୟ ଅଧିକାରୀମାନଙ୍କୁ ସମଗ୍ର ଜୋନରେ ନିରାପଦ, ପରିଷ୍କାର ପରିଚ୍ଛନ୍ନତା ଏବଂ ଯାତ୍ରୀ ଅନୁକୂଳ ସେବା ପ୍ରଦାନ କରିବା ପାଇଁ ସମର୍ପିତ ରହିବାକୁ ଉତ୍ସାହିତ କରିଥିଲେ।

ଦୋଳସାହି-ବୋଡକ ରାସ୍ତା ବିପଜ୍ଜନକ

୧୦ ବର୍ଷରେ ଗଲାଣି ୨୦ରୁ ଊର୍ଦ୍ଧ୍ୱ ଜୀବନ

ଦୋଳସାହି,୧୯ ।୮ (ସମିସ): ତିହିଡି ବ୍ଲକ ଅଧୀନ ଦୋଳସାହି-ବୋଡକ ଦୀର୍ଘ ୮ କିମି ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ପଡିରହିଛି। ଏହି ରାସ୍ତା ଉପରେ ୮ଟି ପଞ୍ଚାୟତର ଜନସାଧାରଣ ଯାତାୟତ କରିବା ନେଇ ନିର୍ଭର କରିଥାନ୍ତି। ସୂଚନା ଅନୁସାରେ, ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତା ବହୁବାର ଟେଣ୍ଡର ହୋଇ କାର୍ଯ୍ୟ ଅତି ନିମ୍ନମାନର କରାଯାଇ ଠିକାଦାର ମାଲାମାଲ ହେଉଛନ୍ତି। ରାସ୍ତାର ଅବସ୍ଥା ଏମିତି ହୋଇଛି ଗତ ୧୦ ବର୍ଷରେ ପ୍ରାୟ ୨୦ରୁ ଅଧିକ ଲୋକ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଦୋଳସାହିରୁ ୧ କିଲୋମିଟର ଆଗକୁ ରାସ୍ତା କଡ଼ରେ ଅନାବନା ଗଛ ରହିଥିବାରୁ ରାସ୍ତାଅବରୋଧ ହେଉଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହି ୮ କିମି ରାସ୍ତା ବିଭିନ୍ନ ସ୍ଥାନ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ବର୍ଷାଦିନେ ପାଣିଭର୍ତ୍ତି ହୋଇଯାଉଥିବା ବେଳେ ଗାଡିଚାଳକ ଠିକ ଜାଣିନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ପ୍ରବେଶ ପଥ ଦୋଳସାହି ବଜାର ଠାରୁ ରାମନାରାୟଣ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଛି। ଏହି ରାସ୍ତା ମରାମତି ନିମନ୍ତେ ଗୁଆମାଳ ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା ଭଦ୍ରକ ଜିଲ୍ଲାପାଳଙ୍କୁ ଅବଗତ କରାଇବା ପରେ ସରକାରୀ ଅଧିକାରୀ ଆସି ଏହାକୁ ଅନୁଧ୍ୟାନ କରି ଫେରିଛନ୍ତି। ରାସ୍ତା ତୁରନ୍ତ ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।

ଆମ୍ବୁଲାନ୍ସ ଧକ୍କାରେ ଛାତ୍ର ଗୁରୁତର

ଭଣ୍ଡାରିପୋଖରୀ/ବାରିକପୁର,୧୯ ।୮ (ସମିସ): ଭଣ୍ଡାରିପୋଖରୀ ଥାନା କୁଲଣା ବଜାର ନିକଟସ୍ଥ ବିଶୋଳ ଛକଠାରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ୫ମ ଶ୍ରେଣୀ ଛାତ୍ର ଗୁରୁତର ହୋଇଥିବା ଜଣାପଡିଛି। ଗାଁର ଜିତେନ୍ଦ୍ର ସାହୁଙ୍କ ଭଣଜା ପ୍ରିତିଦୀପ୍ତ (୧୨) । ମଙ୍ଗଳବାର ପୂର୍ବାହ୍ନ ସାଢେ ୯ଟା ବେଳେ ସାଇକଲ ଯୋଗେ ଟିଉସନରୁ ଘରକୁ ଫେରୁଥିଲେ। ସାମ୍ନା ପଟରୁ ଆସୁଥିବା ୧୦୮ ଆମ୍ବୁଲାନ୍ସ ଛାତ୍ର ଜଣଙ୍କୁ ଧକ୍କା ଦେଇଥିଲା। ଛାତ୍ର ଜଣକ ଗୁରୁତର ଅବସ୍ଥାରେ ଉକ୍ତ ଆମ୍ବୁଲାନ୍ସ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତାଙ୍କର ମୁଣ୍ଡ ଫାଟି ଥିବାବେଳେ ଛାତିରେ ଗଭୀର ଆଘାତ ଲାଗିବା ସହିତ ହାତଗୋଡ ମଧ୍ୟ ଖଣ୍ଡିଆ ଖାବରା ହୋଇ ରକ୍ତାକ୍ତ ହୋଇଛି।

ବର୍ଜ୍ୟବସ୍ତୁ ପରିଚାଳନା ଗୃହରେ ତାଲା

ଖତ ଖାଇଲାଣି ଯନ୍ତ୍ରାଂଶ

ଦୋଳସାହି,୧୯ ।୮ (ସମିସ)

ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବର୍ଜ୍ୟବସ୍ତୁ ପରିଚାଳନା ଗୃହ ନିର୍ମାଣ କରାଯିବା ସହ ପରିଚାଳାନା ଯନ୍ତ୍ରାଂଶ ପ୍ରଦାନ କରାଯାଇଥିଲା। ସୂଚନା ଅନୁସାରେ, ତିହିଡି ବ୍ଲକ ତିହିଡି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୭ଟି ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ବର୍ଜ୍ୟବସ୍ତୁ ପରିଚାଳାନ ଯନ୍ତ୍ରାଂଶ ଯୋଗାଇ ଦିଆଯିବା ସହ ଏହି ଯନ୍ତ୍ରାଂଶ ସୁରକ୍ଷିତ ରଖିବା ପାଇଁ ବଜ୍ୟବସ୍ତୁ ଗୃହ ନିର୍ମାଣ କରାଯାଇଅଛି। ମୋଟ ୮ଟି ବଜ୍ୟବସ୍ତୁ ପରିଚାଳାନା ମେସିନ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ ବର୍ଷ ପୂର୍ବରୁ ଯୋଗଇ ଦିଆଯାଇଥିବା ବେଳେ ଏଥିମଧ୍ୟରୁ ଗୋଟିଏ ବି କାମରେ ଲାଗୁନଥିବା ଜଣାଯାଇଛି। ଏହି ଯନ୍ତ୍ରାଂଶ ସୁରକ୍ଷିତ ରଖିବା ନିମନ୍ତେ ବର୍ଜ୍ୟବସ୍ତୁ ପରିଚାଳନା ଗୃହ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ମନମୁଖି କାର୍ଯ୍ୟପାଇଁ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ଏଥିସହ ଗୁଆମାଳ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଥିବା ବର୍ଜ୍ୟବସ୍ତୁ ପରିଚାଳନା ଯନ୍ତ୍ରାଂଶ ବର୍ଷା, ପାଣି, ଖରାରେ ନଷ୍ଟ ହେଉଛି। ବର୍ଜ୍ୟବସ୍ତୁ ଗୃହ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିଲେ ମଧ୍ୟ ସର୍ବଦାନ ତାଲା ପଡି ରହୁଛି। କର୍ତ୍ତୃପକ୍ଷ କୌଣସି ନଜର ଦେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଧାୟକଙ୍କ ପ୍ରତିଶ୍ରୁତି ପାଣିର ଗାର

ଖଣ୍ଡପଡ଼ା ଉପକାରାଗାର ହେବ ସ୍ଥାନାନ୍ତର

ନୟାଗଡ଼, ୧୯।୮ (ସମିସ)

ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ପ୍ରାୟ ୮୭ ବର୍ଷର ପୁରୁଣା ଉପକାରାଗାରକୁ ନୟାଗଡ଼ ସ୍ଥାନାନ୍ତର ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ବିଗତ ଦିନରେ ଏହାକୁ ନେଇ ଖଣ୍ଡପଡ଼ାରେ ତୁମ୍ବିତୋଫାନ ହୋଇଥିବା ବେଳେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଜେଲ ସ୍ଥାନାନ୍ତର ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ନେଇ ସେ ଖଣ୍ଡପଡ଼ା ବାସୀଙ୍କୁ କହିଥିଲେ। ମାତ୍ର ଖଣ୍ଡପଡ଼ା ଉପକାରାଗାର ସ୍ଥାନାନ୍ତର ହେବା ପ୍ରସଙ୍ଗ ଆଜି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏନେଇ ଗତ ମାସ ୮ ତାରିଖରେ ଗୃହବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳବାସୀ ମଧ୍ୟରେ ଏ ନେଇ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା। ଇତି ମଧ୍ୟରେ ଘଟଣାକୁ ପ୍ରାୟ ଦେଢ଼ ମାସ ବିତିଥିବା ବେଳେ ନିଷ୍ପତ୍ତି ବାତିଲ ନେଇ ଚିଠି ବାହାରିପାରିଲା ନାହିଁ। ଫଳରେ ଉପକାରାଗାର ଉଠିଯିବା ପ୍ରସଙ୍ଗକୁ ନେଇ ଏବେ ମଧ୍ୟ ଆଶା ଆଶଙ୍କାରେ ରହିଛନ୍ତି ଅଞ୍ଚଳବାସୀ।

ଗୃହ ବିଭାଗ ପତ୍ର ସଂଖ୍ୟା ୨୮୩୭୦ ମାଧ୍ୟମରେ ଖଣ୍ଡପଡ଼ା ଉପକାରାଗାରକୁ ସବୁ ଦିନ ପାଇଁ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କମ ସଂଖ୍ୟକ କଏଦୀ ଏବଂ ପରିଚାଳନା ଗତ ଖର୍ଚ୍ଚ ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବେଳେ ଏଠାରେ ଥିବା କଏଦୀ ଓ କର୍ମଚାରୀଙ୍କୁ ନୟାଗଡ଼ ଜିଲ୍ଲା କାରାଗାରକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ରହିଥିଲା। ଏହି ଘଟଣାକୁ ନେଇ କିଛିଦିନ ପର୍ଯ୍ୟନ୍ତ ଶାସକ ଦଳ ଓ ବିରୋଧୀ ମୁହାଁମୁହିଁ ହୋଇଥିବା ବେଳେ ସ୍ଥାନାନ୍ତର ପ୍ରସଙ୍ଗରେ ଆନ୍ଦୋଳନକୁ ଓହ୍ଲାଇଥିଲେ ଏକାଧିକ ସଂଗଠନ। ଭାରତୀୟ ବିକାଶ ପରିଷଦ ପକ୍ଷରୁ ତହସିଲ ଘେରଉ କରାଯାଇଥିବା ବେଳେ ଖଣ୍ଡପଡ଼ା ବାର ଆସୋସିଏସନ ପକ୍ଷରୁ ମଧ୍ୟ ସ୍ଥାନୀୟ ଅଞ୍ଚଳର ଆଇନଜୀବୀ, ସାମ୍ବାଦିକ, ବରିଷ୍ଠ ନାଗରିକଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ପ୍ରତିବାଦ କରାଯାଇଥିଲା। ସମାନଭାବେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଧ୍ୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ମଧ୍ୟ ସମାଲୋଚନା କରାଯାଇଥିଲା। ଏଯାବତ ଏ ଦିଗରେ କୌଣସି ଅଗ୍ରଗତି ହୋଇନଥିବା ଜେଲ ସୂତ୍ରରୁ ସୂଚନା ମିଳିଛି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ବାତିଲ ନେଇ ଆଜିଯାଏଁ କୌଣସି ଚିଠି ପ୍ରକାଶ ପାଇନଥିବା ଜଣାପଡ଼ିଛି। ଫଳରେ କାରାଗାର ସ୍ଥାନାନ୍ତର ବାବଦରେ ଏବେ ଆଶା ଆଶଙ୍କାରେ ରହିଛନ୍ତି ଖଣ୍ଡପଡ଼ା ଅଞ୍ଚଳବାସୀ। ଏପରିକି ଆଜି ଦିନତମାମ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି ବିରୋଧୀ। ଗୃହ ବିଭାଗ ଖଣ୍ଡପଡ଼ା ଉପକାରାଗାର ପ୍ରସଙ୍ଗରେ ଅସମ୍ଭବ ନୀରବତାକୁ ସାଧାରଣ ଲୋକେ ସମାଲୋଚନା କରିଥିବା ବେଳେ ନିଷ୍ପତ୍ତି ବାତିଲ କରିବାକୁ ଦାବି କରିଛନ୍ତି। ଏହା ସହିତ ସିଧାସଳଖ ଖଣ୍ଡପଡ଼ା ବିଧାୟକଙ୍କୁ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି। ଏଥିସହିତ ଏହି ସମ୍ପର୍କିତ ଚିଠି ମଧ୍ୟ ଜାରି କରିବାକୁ ଦାବି କରିଛନ୍ତି ସହରାଞ୍ଚଳର ଆଇନଜୀବୀ, ସାମ୍ବାଦିକ, ତଥା ବରିଷ୍ଠ ନାଗରିକ। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ନିଷ୍ପତ୍ତି ନେବାକୁ ସାଧାରଣରେ ଦାବି ହୋଇଛି।

ଗଣମାଧ୍ୟମର କଣ୍ଠରୋଧ କରୁଛନ୍ତି ବିଧାୟକ

ନୟାଗଡ଼: ଖଣ୍ଡପଡ଼ା ଉପକାରାଗାର ସ୍ଥାନାନ୍ତର ପ୍ରସଙ୍ଗରେ ବିଗତ ଦିନରେ ଏକ ଆଲୋଚନା ବୈଠକ ଖଣ୍ଡପଡ଼ାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ କିଛି ବ୍ୟକ୍ତି ଏହାକୁ ଜୋରଦାର ବିରୋଧ କରିଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଯାହାକୁ ନେଇ ଖଣ୍ଡପଡ଼ା ବିଧାୟକ ଉତ୍‌କ୍ଷିପ୍ତ ହୋଇ ତାଙ୍କ ବ୍ୟକ୍ତିଗତ ସହାୟକ ଜରିଆରେ ତିନି ଜଣ ସାମ୍ବାଦିକଙ୍କ ନାମରେ ମାମଲା ରୁଜୁ କରିଥିଲେ। ଫତେଗଡ଼ ଥାନା ଅଧୀନସ୍ଥ ଟିକିରିପଡ଼ା ଗ୍ରାମର ଯୋଗୀନାଥ ପ୍ରଧାନଙ୍କ ପୁଅ ବବୁଲ ପ୍ରଧାନ ଏନେଇ ଥାନାରେ ଅଭିଯୋଗ କରିଥିଲେ। ବିଧାୟକଙ୍କ ମାନ ସମ୍ମାନ ହାନୀ କରିଥିବା ନେଇ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଖଣ୍ଡପଡ଼ା ପୁଲିସ ଗତ ଜୁଲାଇ ୧୩ ତାରିଖରେ ଏକ ଖଣ୍ଡପଡ଼ାର ସାମ୍ବାଦିକ ସତ୍ୟନାରାୟଣ ସୁରଜଗଦେବ, ଜନ୍ମେଜୟ ଦଳେଇ ଏବଂ ଭାପୁର ବ୍ଲକ ସାମ୍ବାଦିକ ପ୍ରଭାତ କୁମାର ବରାଡ଼ଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ସାମ୍ବାଦିକଙ୍କୁ ଉଚ୍ଚ ନ୍ୟାୟାଳୟରୁ ଜାମିନ ପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଖଣ୍ଡପଡ଼ାର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କ କଣ୍ଠରୋଧ କରାଯିବାକୁ ବିଧାୟକ କିଛି ନ୍ୟସ୍ତ ସ୍ୱାର୍ଥ ଓ ଚକ୍ରାନ୍ତକାରୀଙ୍କ ବୁଦ୍ଧିରେ ଏଭଳି କରିଥିବା ସାମ୍ବାଦିକ ମହଲରେ ଜୋରଦାର ଆଲୋଚନା ହେଉଛି। ଖଣ୍ଡପଡ଼ା ଉପକାରାଗାର ସ୍ଥାନାନ୍ତର ପ୍ରସଙ୍ଗକୁ ନେଇ ଯଦି ବିରୋଧ ଉଚିତ ଭାବେ ହୋଇଥାନ୍ତା, ତେବେ କିଛି ପ୍ରଭାବ ପଡ଼ିଥାନ୍ତା। ମାତ୍ର ଗଣମାଧ୍ୟମ କଣ୍ଠରୋଧ କାରଣରୁ ଏହା ଏବେ ସ୍ଥାନାନ୍ତର ହେବ ସୁନିଶ୍ଚିତ ବୋଲି ଆଲୋଚନା ହେଉଛି।

ଗୋରୁଙ୍କ ବେକରେ ଲାଗିଲା ରେଡିୟମ୍ ଫିତା

ନୟାଗଡ଼, ୧୯।୮ (ସମିସ): ଆଜିକାଲି ରାଜରାସ୍ତାରେ ଅଧିକାଂଶ ଗାଈଗୋରୁ, ଷଣ୍ଢ ପ୍ରଭୃତି ପଶୁମାନେ ବିଚରଣ କରିବା ହେତୁ ରାତ୍ର ସମୟରେ ଗାଡ଼ି ଚାଳକ ମାନେ ଦେଖି ନପାରି ବହୁତ ଗୁଡ଼ାଏ ଦୁର୍ଘଟଣା ଘଟୁଛି। ଏହାକୁ ନଜରରେ ରଖି ଦେବଦୂତ ସେବା ପରିଷଦର ସଦସ୍ୟମାନେ ମିଶି ଜନ୍ମାଷ୍ଟମୀଠାରୁ ପ୍ରାୟ ୫ ନିଆରା ଉଦ୍ୟମ ଆରମ୍ଭ କରିଛନ୍ତି। ନୟାଗଡ଼ ଜଗନ୍ନାଥ ମନ୍ଦିର ଠାରୁ ଇଟାମାଟି ପର୍ଯ୍ୟନ୍ତ ଏବଂ ବଲାଙ୍ଗୀ ବନ୍ଧ ଠାରୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାଜରାସ୍ତାରେ ବୁଲୁଥିବା ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ବେକରେ ରେଡିୟମ ଫିତା ପିନ୍ଧାଇଛନ୍ତି। ଏହାଦ୍ୱାରା ଅନାୟାସରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ନିରୀହ ପଶୁ ଗୁଡ଼ିକର ରକ୍ଷା କରାଯାଇପାରିବ ବୋଲି ସମସ୍ତ ସଦସ୍ୟ ମତ ବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଉମାକାନ୍ତ ମହାପାତ୍ର ଓ ସମ୍ପାଦକ ପ୍ରଭୁଦତ୍ତ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତେ ଏକତ୍ରିତ ହୋଇ ଏହି କାର୍ଯ୍ୟ ସମ୍ପାଦାନ କରିଛନ୍ତି।

ବିଶ୍ୱ ଫଟୋଗ୍ରାଫି ଦିବସ

ନୟାଗଡ଼, ୧୯।୮ (ସମିସ): ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ଓଡଗାଁ ବ୍ଲକ ଫଟୋଗ୍ରାଫି ଆସୋସିଏସନ ତରଫରୁ ଶରଣକୁଳସ୍ଥିତ ମା' ଝାଡେଶ୍ୱରୀଙ୍କ ପୀଠରେ ନୟାଗଡ଼ ଜିଲ୍ଲାର ପ୍ରତି ବ୍ଲକରୁ ଫଟୋଗ୍ରାଫରଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମା' ଝାଡେଶ୍ୱରୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ରୁ ଆସିଥିବା ବରିଷ୍ଠ ଫଟୋଗ୍ରାଫର ମାନବ କିଶୋର ରାୟ, ବିରେନ୍ଦ୍ର ଦାଶ, ନରସିଂହ ବେହେରା, ନାରାୟଣ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଫଟୋଗ୍ରାଫି ସମ୍ପର୍କରେ ସୁବିଧା ଅସୁବିଧା ସବୁ ଆଲୋଚନା କରାଯାଇଥିଲା। ଆସୋସିଏସନ ସଭାପତି ବଳଭଦ୍ର ସ୍ୱାଇଁ ଫଟୋଗ୍ରାଫି ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆଗକୁ କରିବା ପାଇଁ ଆଲୋଚନା କରିଥିଲେ। ସମ୍ପାଦକ ପାଣ୍ଡୁ ଚରଣ ଖଟୋଇ ଆସୋସିଏସନ ବାର୍ଷିକ ବିବରଣୀ ଦେଇଥିଲେ। ପରିଶେଷରେ ସୁରେନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା।

ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ

ଗଣିଆ, ୧୯।୮ (ସମିସ): ଗଣିଆରେ ଥିବା ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ବିଶ୍ୱମୋହନ ଜେନା, ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ଦାଶ, ଜିଲ୍ଲା ସଂଯୋଜକ, ଜାତୀୟ ସେବା ଶିବିର, ବିଦ୍ୟାଳୟର ଅଧ୍ୟକ୍ଷା ସଲିଳା ସେଠୀ, ପ୍ରୋଗ୍ରାମ ଅଧିକାରୀ ସୁନିଲ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗଣିଆରେ ଦୀର୍ଘ ଦୁଇ ବର୍ଷ ହେବ ଜାତୀୟ ସେବା ଯୋଜନା ବନ୍ଦ ହୋଇଯାଇଥିବା ବେଳେ ନୂତନ ଅଧ୍ୟକ୍ଷାଙ୍କ ଅନୁରୋଧରେ ପୁଣିଥରେ ସେବା ଯୋଜନା ଆରମ୍ଭ ହୋଇଛି ବୋଲି ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ କରିଥିଲେ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ବାଘେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପାଇବାରୁ ବୃଦ୍ଧା ବଞ୍ଚିତ

ଭାପୁର, ୧୯।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ କୁଞ୍ଜବନପ୍ରସାଦ ଗ୍ରାମର ୮୦ ପ୍ରତିଶତ ଭିନ୍ନକ୍ଷମ ବୃଦ୍ଧା ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁଞ୍ଜବନପ୍ରସାଦ ଗ୍ରାମର ବ୍ରଜକିଶୋର ମହାପାତ୍ରଙ୍କ ସ୍ତ୍ରୀ ସରୋଜିନୀ ମହାପାତ୍ର ବର୍ତ୍ତମାନ ମାସିକ ଏକ ହଜାର ଟଙ୍କା ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ମାସିକ ୩୫୦୦ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ମାତ୍ର, ବାସ୍ତବରେ ସବୁଲୋକ ଏହାର ସୁଫଳ ପାଉନାହାନ୍ତି। ସରୋଜିନୀ ଏହି ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ହେଁ ଏ ପର୍ଯ୍ୟନ୍ତ ସେ ଏହି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ସୋମବାର ସରୋଜିନୀ ଘୁଷୁରୀ ଘୁଷୁରୀ ହୋଇ ଆସି ଭାପୁର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ତାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ନିବେଦନ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ତାଙ୍କୁ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମସ୍ତିଷ୍କାଘାତରେ ସମାଜସେବୀଙ୍କ ପରଲୋକ

ଭାପୁର, ୧୯।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ନିମାଣୀ ପଞ୍ଚାୟତ ଅରଖପଲ୍ଲୀ ଗ୍ରାମର ପ୍ରଫୁଲ୍ଲ କୁମାର ବାରିକ ମସ୍ତିଷ୍କାଘାତରେ ମୃତ୍ୟୁବରଣ କରିଛନ୍ତି। ପ୍ରଫୁଲ୍ଲଙ୍କୁ ପାଞ୍ଚ ଦିନ ପୂର୍ବେ ବ୍ରେନ୍‌ଷ୍ଟ୍ରୋକ ହେବାରୁ ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମଙ୍ଗଳବାର ଦିନ ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ ଗାଁ ଶ୍ମଶାନରେ ଶେଷ କୃତ୍ୟ କରାଯାଇଛି। ବଡପୁଅ ବୁଲୁ ମୁଖାଗ୍ନି ଦେଇଛନ୍ତି। ମୃତ ପ୍ରଫୁଲ୍ଲଙ୍କ ସ୍ତ୍ରୀ ମନୋରମା ବାରିକ ଜଣେ ଆଶାକର୍ମୀ ଭାବେ କାର୍ଯ୍ୟ କରନ୍ତି। ସେ ବିଜୁ ଜନତା ଦଳର ଜଣେ ଦୃଢ଼ ସମର୍ଥକ ଥିଲେ।

ଅନୁଦାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗଣିଆ, ୧୯।୮ (ସମିସ): ଓଡ଼ିଶା ରାଜ୍ୟ ଅଧ୍ୟାପକ ଅଧ୍ୟାପିକା ସଂଘ ଡାକରାରେ ଗଣିଆ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଅନୁଦାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ସଂଘ ତରଫରୁ ଏନେଇ ସରକାରଙ୍କୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନଥିବାରୁ ଅଧ୍ୟାପକ ଅଧ୍ୟାପିକାମାନେ କାର୍ଯ୍ୟବନ୍ଦ କରି ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଅଧ୍ୟାପକ ରାକେଶ କୁମାର ବରାଡ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଧ୍ୟାପକ ଭଗବାନ ପୃଷ୍ଟି ପ୍ରକାଶ କରିଛନ୍ତି।

ଓଡ଼ଗାଁ: ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ କାର୍ଯ୍ୟ ବନ୍ଦ କରି ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନରେ ବସି ରହିଛନ୍ତି। ସଂଘ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ଏହାକୁ ସମର୍ଥନ କରି ଓଡ଼ଗାଁ କଲେଜରେ କାର୍ଯ୍ୟରତ ଅଧ୍ୟାପକ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଅଧ୍ୟାପକ ବିପିନ କୁମାର ମହାପାତ୍ର କହିଛନ୍ତି।

ଶିଳ୍ପୀ ମହାସଂଘ ପକ୍ଷରୁ ବିକ୍ଷୋଭ

ନୟାଗଡ଼, ୧୯।୮ (ସମିସ): ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ ହଜାର କୋଟି କାରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ଓଡ଼ିଶା ଶିଳ୍ପୀ ମହାସଂଘ ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଆଜିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ବହୁ କାରିଗର ସାମିଲ ହୋଇଥିବା ବେଳେ ଟ୍ରାଫିକ ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, କାର୍ଯ୍ୟକାରୀ ସମିତି ସଦସ୍ୟ କଳ୍ପତରୁ ପଣ୍ଡା, ନୟାଗଡ଼ ଜିଲ୍ଲା ସଂଯୋଜକ ଶୁଶାନ୍ତ କୁମାର ମହାରଣା, ପବିତ୍ର ମହାରଣା, ହରେକୃଷ୍ଣ ମୁଦୁଲି, ନିର୍ମଳ ଚନ୍ଦ୍ର ସାହୁ, ଭୀମସେନ ମହାରାଣା, ଗୀତାଞ୍ଜଳି କର, ପ୍ରମିଳା ମହାରଣା, ସତ୍ୟନାରାୟଣ ବେହେରା, ଦୀନବନ୍ଧୁ ମୁଦୁଲି, ଅଚ୍ୟୁତ ମହାରଣା, ସୁବାସ ମହାରଣା, ବଂଶୀଧର ମୁଦୁଲି ପ୍ରମୁଖ ନେତୃତ୍ୱ ନେଇଥିଲେ।

ଦବିଗଲାଣି କଲେଜ ରୋଡ୍ ନୂଆ ପିଚୁରାସ୍ତା

ଓଡ଼ଗାଁ, ୧୯।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ନୟାଗଡ଼ ଭଞ୍ଜନଗର ୨୧ ନମ୍ବର ରାଜ୍ୟ ମୁଖ୍ୟ ସଡ଼କ କଲେଜ ରୋଡ଼ ସନ୍ତୋଷୀ ମା' ମନ୍ଦିର ନିକଟ ଦବି ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଗମନାଗମନ କରୁଥିବା ଯାନବାହାନ ଚଳାଚଳଙ୍କ ସୂଚନା ନିମନ୍ତେ ଗର୍ତ୍ତ ମଧ୍ୟରେ ଏକ ଡାଳପୋତି ସଙ୍କେତ ଦିଆଯାଇଛି। ମାତ୍ର ୨୦ ଦିନ ତଳେ ଉକ୍ତ ରାସ୍ତାରେ ପିଚୁ ପଡ଼ିଥିବା ବେଳେ ଏବେ ସେହି ରାସ୍ତା ଦବି ଗର୍ତ୍ତ ସୃଷ୍ଟି ହେବାକୁ ନେଇ ନିର୍ମାଣ କାର୍ଯ୍ୟ ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ଗାଁ ଏନ୍‌ଏସି ଅଞ୍ଚଳ ମଧ୍ୟ ଦେଇ ଯାଇଥିବା ରାଜ୍ୟ ରାଜପଥର ପ୍ରଶସ୍ତି କରଣ କାର୍ଯ୍ୟ ବିଭିନ୍ନ ସମୟରେ ଚାଲିଥିବା ବେଳେ ସଡ଼କର ଉଭୟ ପାର୍ଶ୍ୱରେ ନିକଟରେ ପକାଯାଇଥିବା ଫେଭର ବ୍ଲକ ଅବସ୍ଥା କଥା ନକହିବା ଭଲ। ଅନ୍ୟପକ୍ଷରେ ଗୋଟିଏ ପାର୍ଶ୍ୱରେ ପାଣିପାଇପ୍ ଓ ଅନ୍ୟ ପାର୍ଶ୍ୱରେ ଭୂତଳ ବିଦ୍ୟୁତ୍ ଲାଇନ୍ ପଡ଼ିବା କାରଣରୁ ରାସ୍ତା ପାର୍ଶ୍ୱକୁ ଖୋଳା ଯାଉଥିବାରୁ ଏହାର ଭିତିଭୂମି ମଧ୍ୟ ଅଧିକ ଦୁର୍ବଳ ହେଉଛି। ରାସ୍ତା ଦବିବା ସମ୍ପର୍କରେ ପଚାରି ବାରୁ ଆମେ ଖୁବଶୀଘ୍ର ମରାମତି କରାଇଦେବୁ ବୋଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ବେହେରା କହିଛନ୍ତି।

ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ପାଇବେ ଶତ୍ରୁଜିତ

ନୟାଗଡ଼, ୧୯।୮ (ସମିସ): ସପ୍ତମ ଶ୍ରେଣୀ ପାଠ ପଢ଼ି ଡ୍ରଇଂ ଶିକ୍ଷକରୁ ଅଧ୍ୟାପକ ହେବା ସହ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଅନେକ ଗବେଷଣାତ୍ମକ ପୁସ୍ତକ ରଚନା କରିଥିବା ନୟାଗଡ଼ ଜିଲ୍ଲାର ଗର୍ବ ଓ ଗୌରବ ଅନନ୍ୟ ସାରସ୍ୱତ ସାଧକ ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅଗଷ୍ଟ ୨୭ ତାରିଖ ୨୦୨୫ରେ ନୟାଗଡ଼ଠାରେ ଅନୁଷ୍ଠିତ ହେବ। ସମାରୋହରେ ଚଳିତ ବର୍ଷ ତଥାସ୍ତୁ ତରଫରୁ କବି, ପ୍ରାବନ୍ଧିକ ଓ ସମ୍ପାଦକ ଶତ୍ରୁଜିତଙ୍କୁ ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ପାଳନ ପାଇଁ କଳା, ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ତଥାସ୍ତୁ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତଥାସ୍ତୁର ସଭାପତି ବସିରନ୍ ବିବିଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ବ୍ୟାପକ ଭାବେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ତଥାସ୍ତୁର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଜୟନ୍ତୀ ସମାରୋହରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ବକ୍ତୃତା, ସାଧାରଣ ଜ୍ଞାନ ଓ ସ୍ୱରଚିତ କବିତା ଲିଖନ ପ୍ରତିଯୋଗିତା କରାଯିବା ସହ କବିତା ପାଠ ଓ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନୀ ତଥା ସାହିତ୍ୟ କୃତି ଆଧାରିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ତଥାସ୍ତୁ ତରଫରୁ କବି, ପ୍ରାବନ୍ଧିକ ଓ ସମ୍ପାଦକ ଶତ୍ରୁଜିତଙ୍କୁ

ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରସ୍ତୁତି ବୈଠକରେ ପ୍ରଫେସର ମହମ୍ମଦ ଓମାର ମଲ୍ଲିକ, ନିଳୀମା ନନ୍ଦ, ହରପ୍ରିୟା ଦ୍ୱିବେଦୀ, ମମତା ମଞ୍ଜରୀ ଦେବୀ, ମଣିମାଳା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିବାବେଳେ ସହ ସମ୍ପାଦକ ଗୋକୁଳ କୁମାର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

ନୀଳମାଧବ ପୀଠରେ ଲବଣି ଚୋରି ଓ କାଳୀୟଦଳନ ନୀତି

କଣ୍ଟିଲୋ, ୧୯।୮ (ସମିସ): ଭଗବାନ ଶ୍ରୀକୃଷ୍ଣଙ୍କ ଗୋପଲୀଳା କ୍ରମରେ ନୀଳମାଧବ ପୀଠରେ ଲବଣି ଚୋରି ଓ କାଳୀୟ ଦଳନ ନୀତି ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି। ପୌରାଣିକ କଥାବସ୍ତୁ ଆଧାରରେ ପ୍ରତୀକାତ୍ମକ ଭାବେ କାଳୀୟ ଦଳନ ନୀତି ସମାପନ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଲବଣି ଚୋରି ନୀତି ପାଇଁ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ବାଳକୃଷ୍ଣ ସ୍ୱତନ୍ତ୍ର ଭାବେ ସଜ୍ଜିତ ମଣି ବିମାନରେ ଅଧିଷ୍ଠିତ ହୋଇ ଗୋପିକା ଗୃହ ବ୍ରାହ୍ମଣ ସାହିର ହୃଷୀକେଶ ମିଶ୍ରଙ୍କ ଘରକୁ ବିଜେ ହୋଇଥିଲେ। ସେଠାରେ ଲବଣି ଚୋରି ନୀତି ପରେ ନିକଟସ୍ଥ ଦୟଣା ଚୋରି ବଗିଚାକୁ ବିଜେ ହୋଇଥିଲେ। ବଗିଚା ମଧ୍ୟରେ ଥିବା

ପୁଷ୍କରିଣୀକୁ କାଳୀୟ ହ୍ରଦ ମନେ କରାଯାଇ ନୀତି ସମ୍ପନ୍ନ ହୋଇଥିଲା। ନୀଳମାଧବ ପୀଠରେ ଏଥିପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ପ୍ରଶାସନ ନିର୍ଦ୍ଦେଶକୁ ଫୁଁ'

କାଠଚୁଲିରେ ମଧ୍ୟାହ୍ନ ଭୋଜନ ରୋଷେଇ

ଗଣିଆ, ୧୯।୮ (ସମିସ)

ବାୟୁମଣ୍ଡଳକୁ ପ୍ରଦୂଷଣ ମୁକ୍ତ କରିବା ତଥା ପରିବେଶର ସ୍ୱଚ୍ଛତା ପାଇଁ ସରକାର ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ବିଦ୍ୟାଳୟକୁ ରନ୍ଧନ ଗ୍ୟାସ ଯୋଗାଇ ଦେଇଛନ୍ତି। ରନ୍ଧନ ଗ୍ୟାସ ବଦଳରେ ଗଣିଆ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାଠଚୁଲିରେ ରୋଷୋଇ କରାଯାଉଛି। ପାଚିକାମାନେ କାଠ ଫୁଙ୍କି ଫୁଙ୍କି ରୋଷେଇ କରୁଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ୟାସ୍ ଦରବୃଦ୍ଧି ଆଳ ଦେଖାଇ ଖସି ଯାଉଛନ୍ତି। ସରକାର ମଧ୍ୟାହ୍ନ ଭୋଜନ ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ୧୦ ଟଙ୍କା ୧୫ ପଇସା ଦେଉଥିବା ବେଳେ ୬ଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪ ଟଙ୍କା ୭୪ ପଇସା ଓ ଦଶମ

ଶ୍ରେଣୀ ପାଇଁ ୧୪ ଟଙ୍କା ୯୪ ପଇସା ଦେଉଛନ୍ତି। ଜାଳେଣି ପାଇଁ ପିଲା ପିଛା ୧ ଟଙ୍କା ପ୍ରଦାନ କରୁଛନ୍ତି। ବିଦ୍ୟାଳୟରେ ଏଲପିଜି ଗ୍ୟାସ ସଂଯୋଗ ଦିଆଯାଇଛି। ହେଲେ କେଉଁଠି ଗ୍ୟାସ ଖତ ଖାଉଛି ତ ଆଉ କେଉଁଠି ସିଲିଣ୍ଡର ବି ନାହିଁ। କାଠ ଚୂଲିରେ ଚାଲିଛି ମଧ୍ୟାହ୍ନ ଭୋଜନ। ପ୍ରଶାସନ ତରଫରୁ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଶିକ୍ଷକ ମାନେ ଏହାର ଫାଇଦା ଉଠାଇ ଖୁଲମଖୁଲା କାଠ ଚୂଲିରେ ରୋଷେଇ କରୁଛନ୍ତି। ଅଧିକାରୀଙ୍କ ନିର୍ଦ୍ଦେଶକୁ ଖୋଲା ଖୋଲି ଉଲ୍ଲଙ୍ଘନ କରାଯାଉଥିବା ବେଳେ ଶିକ୍ଷକ ମାନେ ଗ୍ୟାସ ଦରବୃଦ୍ଧିର ଆଳ ଦେଖାଇ ଉକ୍ତ ଘଟଣାକୁ ଏଡାଇ ଯାଉଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ତେଜୁଛି ପୌରନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

ଖୋର୍ଦ୍ଧା,୧୯।୮ (ସମିସ)

ପୁଣି ବିବାଦରେ ଖୋର୍ଦ୍ଧା ପୌରନିର୍ବାହୀ ଅଧିକାରୀ। ତାଙ୍କ ଅତୀତ ଏବଂ ବର୍ତ୍ତମାନର ଆଚରଣ ଉଚ୍ଚାରଣ କାର୍ଯ୍ୟକଳାପ ବିରୋଧରେ ଅସନ୍ତୋଷ ପୁଞ୍ଜିଭୂତ ହେବାକୁ ଯାଉଛି। ସାଧାରଣ ଲୋକଙ୍କ ପ୍ରତି ଆଚରଣ, ଉଚ୍ଚାରଣ ଏବଂ ପୌରାଧ୍ୟକ୍ଷା, ନିର୍ବାଚିତ କାଉନ୍‌ସିଲ ବିନା ଅନୁମୋଦନରେ ବ୍ୟାପକ ଅନିୟମିତତା କାର୍ଯ୍ୟ କରୁଥିବା ଯାହା ପୌରବାସୀଙ୍କୁ ବ୍ୟଥିତ କରୁଛି। ତେଣୁ ସମ୍ପୃକ୍ତ ଅଧିକାରିଣୀଙ୍କୁ ତୁରନ୍ତ ବଦଳି କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ମେରି ରାୟ ନୀତିରେ ନିର୍ଦ୍ଦିଷ୍ଟ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କୁ ହାତବାରିଶି କରି କ୍ୟାବିନ୍ ବ୍ୟବସାୟୀଙ୍କୁ ଥଇଥାନ ଆଳରେ ବ୍ୟାପକ ଅନିୟମିତତା ହୋଇଥିବା ବିଭିନ୍ନ ସମୟରେ ଖବର ପ୍ରକାଶିତ ହୋଇଛି। ଏ ସମ୍ପର୍କରେ ପୌରାଧ୍ୟକ୍ଷା କିମ୍ବା କାଉନ୍‌ସିଲର ଅବଗତ ନ ଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଶୌଚାଳୟ ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ପୂର୍ବରୁ ଗଣମାଧ୍ୟମରେ ଲୋକଲୋଚନକୁ ଆସିବା ପରେ ଉଚିତ୍ ତଦନ୍ତ ପାଇଁ ପୌରବାସୀ ଦାବି ରଖିଛନ୍ତି।

୨୨ଟି ୱାର୍ଡର ସଫେଇ କାର୍ଯ୍ୟକୁ ଘରୋଇକରଣ କରାଯାଇଛି। ଘରୋଇ ଠିକାସଂସ୍ଥାକୁ ଟେଣ୍ଡର ଯୋଗେ ଦିଆଯାଇଥିଲା। ମାତ୍ର ଦୀର୍ଘଦିନ ହେଲା ସମ୍ପୃକ୍ତ ଠିକା ସଂସ୍ଥାର ଟେଣ୍ଡର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ନୂଆ ଟେଣ୍ଡର କରାନଯାଇ ଉକ୍ତ ସଂସ୍ଥାକୁ ଅହେତୁକ


DM20251299114 Detail Information

Registration No.	DM20251299114	Received By	Collector, Khordha
Name	Sourya Ranjan Mohanty	Received Date	07-Aug-2025, 4:52 PM
Contact No		Email Address	—
Address	Khordha (M) - Ward No.12,Khordha (m) - ward no.12,Khordha mpl,Khordha,ODISHA	Current Status	Open

Action History Details

Sl#	Action Date	Description	Sent By	Case Presently with
1	07-Aug-2025 04:52 PM	Complaint Register	Sourya Ranjan Mohanty	Collector, Khordha
2	08-Aug-2025 11:25 AM	Complaint Assigned	Collector, Khordha	Executive Officer, Khordha MPL

Remark : Appropriate action may be taken in the matter.

ଅନୁକମ୍ପା ପ୍ରଦର୍ଶନ କରିବା ସହିତ ଭିତିରିଆ ଭାବେ କାର୍ଯ୍ୟାଦେଶ ପ୍ରଦାନ ପାଇଁ ମସୁଧା ଚାଲିଥିବାର ମଧ୍ୟ ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବିନା ଠିକା ସଂସ୍ଥାରେ କିଏ ସଫେଇ କାର୍ଯ୍ୟ କରୁଛି ଏବଂ ସେଥିପାଇଁ ଆର୍ôଥକ ଅନୁଦାନ କିପରି ମଞ୍ଜୁର କରାଯାଉଛି ତାହା ମଧ୍ୟ ସନ୍ଦେହ ଘେରରେ, ଯାହା ତଦନ୍ତ ସାପେକ୍ଷ। ଏହିଭଳି ଅନିୟମିତତାର ଲମ୍ବା ତାଲିକା ସମ୍ପୃକ୍ତ ଅଧିକାରିଣୀଙ୍କ ବିରୋଧରେ ଯୋଡ଼ି ହୋଇଯାଉଛି। ଯାହା ସମ୍ପର୍କରେ ପୌରାଧ୍ୟକ୍ଷା କିମ୍ବା କାଉନ୍‌ସିଲ୍ ଅବଗତ ନ ଥିବା ଅଭିଯୋଗ ହୋଇଛି। କ୍ୟାବିନ୍ ବ୍ୟବସାୟୀଙ୍କ ଭାଗ୍ୟକୁ ନିର୍ଦ୍ଦିଷ୍ଟ ଜଣେ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କ ହାତରେ ଅଧିକାରିଣୀ ଜଣକ ଟେକି ଦେଇଥିବା ଅଭିଯୋଗ ହେଉଛି। ଏଭଳି ଅନେକ ବିବାଦରେ ଥିବା ଅଧିକାରିଣୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ପୌରବାସୀ। ଅଣନିଃଶ୍ୱାସୀ ହୋଇ ପଡ଼ିଥିବା ପୌରବାସୀ ସମ୍ପୃକ୍ତ ପୌରନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ

- **ଆଚରଣ, ଉଚ୍ଚାରଣ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ**
- **ବଦଳି ଦାବି ଜିଲ୍ଲା କାର୍ଯ୍ୟାଳୟରୁ ରାଜ୍ୟ କାର୍ଯ୍ୟାଳୟକୁ ବ୍ୟାପିବା ଆଶଙ୍କା**
- **ଆଜି କାଉନ୍‌ସିଲ୍ ବୈଠକରେ ହୋଇପାରେ ହଙ୍ଗାମା**

ବଦଳି କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଏକ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ଦିଆଯାଇଛି।

ଅଭିଯୋଗ ମୁତାବକ, ଉକ୍ତ ଅଭିଯୋଗ ଗତ ୭ ତାରିଖ ଅପରାହ୍ଣରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଥିବାବେଳେ ପଞ୍ଜୀକରଣ ସଂଖ୍ୟା ଡିଏମ୍୨୦୨୫୧୨୯ ୯୧୪୪ ବୋଲି ଉଲ୍ଲେଖ ରହିଛି। ୮ ତାରିଖରେ ବିଭାଗୀୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସଂକ୍ରାନ୍ତରେ ପୌରନିର୍ବାହୀ ଅଧିକାରିଣୀଙ୍କୁ ଅବଗତ କରାଯାଇଥିବା ପ୍ରାମାଣିକ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ କୌଣସି କାରଣରୁ ପୌର କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହିବା ଘଟଣା ପୌରାଧ୍ୟକ୍ଷା ଏବଂ କାଉନ୍‌ସିଲ୍ ମଧ୍ୟରେ ଚାଲିଥିବା ବିବାଦକୁ ପଦାରେ ପକାଇଛି। ପୌରନିର୍ବାହୀ ଅଧିକାରୀଙ୍କ ତୁରନ୍ତ ବଦଳି ଦାବି ଜିଲ୍ଲାପାଳଙ୍କ ନିକଟରେ କରିବା ଚର୍ଚ୍ଚା ଏହାକୁ ବେଶ୍ ଖୋରାକ ଯୋଗାଇଛି। ପୌରବାସୀଙ୍କର ପୌରନିର୍ବାହୀ ଅଧିକାରୀଙ୍କ ପ୍ରତି ଅଦୃଶ୍ୟ ଭାବେ ଥିବା ଅସନ୍ତୋଷ ଦୃଶ୍ୟମାନ ହୋଇଛି। ବୁଧବାର ହେବାକୁ ଥିବା କାଉନ୍‌ସିଲ ବୈଠକରେ ଏହି ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି।

ପୂର୍ବରୁ ପୌର ପରିଷଦ ସାଧାରଣ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ କାର୍ଯ୍ୟ ବିରୋଧରେ ପ୍ରଶ୍ନ ଉଠିଥିବାବେଳେ ଉପସ୍ଥିତ ଥିବା ପୌରାଧ୍ୟକ୍ଷା ଏବଂ ବରିଷ୍ଠ କାଉନ୍ସିଲରଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତି ଶାନ୍ତ ହୋଇଥିବା ଅନେକ ନଜିର ରହିଛି। ମାତ୍ର କୁହୁଳୁଥିବା ଅବସ୍ଥାରେ ଥିବା ଜନଅସନ୍ତୋଷ ବର୍ତ୍ତମାନର ଅଗଷ୍ଟ ୧୫ ଏବଂ ତୁରନ୍ତ ବଦଳି ଦାବି ଘଟଣା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ଅବସ୍ଥାକୁ ଚାଲି ଆସିଛି। ଜିଲ୍ଲା କାର୍ଯ୍ୟାଳୟଠାରୁ ରାଜ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହା ବ୍ୟାପିବାର ଆଶଙ୍କା ରହିଛି। କାରଣ ଏହି ଅସନ୍ତୋଷ ବର୍ତ୍ତମାନ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଥିବାବେଳେ ଆଗକୁ ରାଜ୍ୟ ସରକାରଙ୍କ ନିକଟରେ ନ ପହଞ୍ଚିବ ଏଥିରେ ଦ୍ୱିମତ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଜିଲ୍ଲା ଫଟୋଗ୍ରାଫର ସଂଘ ପକ୍ଷରୁ ଫଟୋଗ୍ରାଫି ଦିବସ

ଖୋର୍ଦ୍ଧା,୧୯।୮ (ସମିସ): ଜିଲ୍ଲା ଫଟୋଗ୍ରାଫର ସଂଘ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରବୀର କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ଶତାଧିକ ଷ୍ଟୁଡିଓର ଫଟୋଗ୍ରାଫର ଯୋଗଦେବା ସହ ସ୍ଥାନୀୟ ପରିବେଶକୁ ସଫାସୁତରା କରି ବୃକ୍ଷରୋପଣ କରିଥିଲେ। ପରେ ଆୟୋଜିତ ବୈଠକରେ ଜିଲ୍ଲାର ବରିଷ୍ଠ ଫଟୋଗ୍ରାଫର ଦୁର୍ଯ୍ୟୋଧନ ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଫଟୋଗ୍ରାଫରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା। ଫଟୋଗ୍ରାଫି ଏକ ପେସା ନୁହେଁ ବରଂ ଏହା ପ୍ରତିଟି ଫଟୋଗ୍ରାଫର ପାଇଁ ଏକ ଚ୍ୟାଲେଞ୍ଜ ବୋଲି ବରିଷ୍ଠ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଆଖି ସାମ୍ନାରେ ଘଟି ଯାଉଥିବା ଘଟଣାକୁ କିଛି ସେକେଣ୍ଡ ନିଜ କ୍ୟାମେରା ଲେନ୍ସରେ କଏଦ କରିବା ସହଜ କଥା ନୁହେଁ, ଏହା ଏକ ପ୍ରତିଭା। ଆଜିର ସୋସିଆଲ ମିଡିଆ ଓ ଏଆଇ ଯୁଗରେ ନିଜ ପ୍ରତିଭାକୁ ଅଧିକ କ୍ରିୟାଶୀଳ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ସଦସ୍ୟ ସନ୍ଦିପ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଦିବସକୁ କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ସାମନ୍ତରାୟ, ସାଧାରଣ ସମ୍ପାଦକ ଗଗନ ବିହାରୀ ମହାପାତ୍ର, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାପାତ୍ର, ଉପସଭାପତି ଦିଲ୍ଲୀପ ବିଧାର ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଶ୍ରୀକାନ୍ତ ଜଗଦେବ, ନାଲୁ ମହାରଣା, ବିଷ୍ଣୁ ମୋହନ ପଟ୍ଟନାୟକ, ମନୋଜ ରାୟସିଂ ପ୍ରମୁଖ ସହଯୋଗ କରିଥିଲେ।

● ଗୋଦାବରୀଶ ମହାବିଦ୍ୟାଳୟ

ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ବାଣପୁର/ଗମ୍ଭାରୀମୁଣ୍ଡା,୧୯।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତଥା ଓସନାଲିଆର ଡକରାରେ ଗତ ୧୮ ତାରିଖଠାରୁ ସାରା ରାଜ୍ୟରେ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୦୮ ରୁ ୨୦୧୮ ମଧ୍ୟରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ପୂର୍ଣ୍ଣ ଅନୁଦାନ ତଥା ଜିଆଇଏ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ୍ ହୋଇ ମହାବିଦ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ସହ କର୍ମକର୍ତ୍ତା ସଙ୍ଘ ପକ୍ଷରୁ ଗତ ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

୨୪ ଚୋରା ମୋବାଇଲ୍ ଫେରାଇଲା ପୁଲିସ

ଖୋର୍ଦ୍ଧା,୧୯।୮ (ସମିସ): ଚୋରି ମୋବାଇଲ ଫେରାଇଛି ପୁଲିସ। ମୋବାଇଲ୍ ଫେରସ୍ତ ମେଳାର ଆୟୋଜନ କରି ଜିଲ୍ଲାର ବିଭିନ୍ନ ଥାନାରେ ଚୋରି ହୋଇଥିବା ମୋବାଇଲ୍ ଉଦ୍ଧାର କରି ଲୋକଙ୍କୁ ମଙ୍ଗଳବାର ଫେରାଇଛି ଜିଲ୍ଲା ପୁଲିସ। ପ୍ରକାଶ ଥାଉକି, ମୋବାଇଲ୍ ଚୋରି ଗଲେ କିମ୍ବା ହଜିଗଲେ ଆଉ ମିଳିବାର ସମ୍ଭାବନା କମ୍ ଥାଏ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନାର ପ୍ରତିଦିନ ମୋବାଇଲ ହଜିବା କିମ୍ବା ଚୋରି ହୋଇଯିବା ସଂକ୍ରାନ୍ତରେ ଅନେକ ଏତଲା ମଧ୍ୟ ଦାୟର ହୋଇଛି। ୬ ମାସ ପୂର୍ବେ ଚୋରି ହୋଇଥିବା ମୋବାଇଲ ଜବତ କରି ପୁଲିସ ମାଲିକଙ୍କୁ ଫେରାଇବାରେ ସଫଳ ହୋଇଛି। ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମୋବାଇଲ ଫେରସ୍ତ ମେଳାରେ ଏସ୍‌ପି ସାଗରିକା ନାଥ ୨୪ଟି ଚୋରି କିମ୍ବା ହଜିଥିବା ମୋବାଇଲକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଜବତ କରି ସେଗୁଡ଼ିକ ଚିହ୍ନଟ କରି ମୋବାଇଲ ମାଲିକଙ୍କୁ ଫେରାଇଛନ୍ତି। ମୋବାଇଲ ପାଇ ଲୋକମାନେ ଖୁସି ହୋଇ ଜିଲ୍ଲା ପୁଲିସକୁ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସମେତ ଅତିରିକ୍ତ ଏସ୍‌ପି ଅମ୍ରିତ ପାଲ ସିଂ, ଇନ୍ସପେକ୍ଟର ସୁଚିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ

ଜଟଣୀ,୧୯।୮ (ସମିସ): ଜଟଣୀ ଅଞ୍ଚଳର ଜଣାଶୁଣା ସଂଗଠକ ହେମନ୍ତ ମହାପାତ୍ର (କୁନେଇ)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ ବିଜୁ ଜନତା ଦଳର ଜଣେ ସକ୍ରିୟ ସଦସ୍ୟ ଥିଲେ। ବର୍ତ୍ତମାନର ଜଟଣୀ ବିଧାୟକଙ୍କର ଅତ୍ୟନ୍ତ ଘନିଷ୍ଠ ରାଜନୈତିକ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ଜଟଣୀର ପୂର୍ବତନ ବିଧାୟକ ଶରତ ପାଇକରାୟଙ୍କର ମଧ୍ୟ ସେ ରାଜନୈତିକ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ବିଶେଷ



ଭାବେ ଯେକୌଣସି ପ୍ରକାର ହସ୍ପିଟାଲଜନିତ ସମସ୍ୟା ହେଲେ ସେ ତୁରନ୍ତ ପହଞ୍ଚି ସାହାଯ୍ୟ ସହଯୋଗ କରିଥା'ନ୍ତି। ମଙ୍ଗଳବାର ହୃଦ୍‌ଘାତଜନିତ ସମସ୍ୟା ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ନଈରେ ଭାସି ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୧୯।୮ (ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ଶାଳିଆ ନଈର ଶାଖା କଂଶାରୀ ନଈକୁ ଗାଧୋଇବାକୁ ଯାଇ ସୋମବାର ସକାଳେ ଜଣେ ଯୁବକ ଭାସିଯାଇ ନିଖୋଜ ହୋଇଯାଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ସହ ଓଡ୍ରାଫ୍ ଟିମ୍ ବହୁ ଖୋଜାଖୋଜି ଚଳାଇଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଯୁବକଙ୍କର କୌଣସି ସନ୍ଧାନ ମିଳିପାରି ନ ଥିଲା। ମଙ୍ଗଳବାର ସକାଳୁ ଅଗ୍ନିଶମ ବାହିନୀ ସହ ଓଡ୍ରାଫ୍ ଟିମ ପୁଣି ଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବାବେଳେ ଅପରାହ୍ଣ ପ୍ରାୟ ୧ଟା ସମୟରେ ଯୁବକ ବୁଡ଼ିଥିବା ସ୍ଥାନର ଅନତିଦୂର ଦଳ ମଧ୍ୟରେ ମୃତଦେହ ଭାସୁଥିବାର ଦେଖି ଉଦ୍ଧାର କରିଥିଲେ। ବାଲୁଗାଁ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକ ଜଣକ ହେଲେ ବାଲୁଗାଁ ଥାନା ବାଙ୍କିଆପଲ୍ଲି ଗ୍ରାମର ସ୍ୱର୍ଗତ ବାବୁଲା ବେହେରାଙ୍କ ପୁଅ ଆଶୀର୍ବାଦ ବେହେରା ଓରଫ କାର୍ତ୍ତିକ (୨୦)।

ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ବେଗୁନିଆ,୧୯।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ସୁଜିତ କୁମାର ନାଗଙ୍କ ତତ୍ତ୍ୱାବଧାନରେ ଚଢ଼ଉ ହୋଇଛି। ତେବେ ଗୁରୁଜଙ୍ଗ ଗ୍ରାମ ଟାଙ୍ଗୀ ସାହିର ଅଜୟ ସୁନ୍ଦରାୟ ନାମକ ଜଣେ ବ୍ୟକ୍ତି ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଶିଳ୍ପାଞ୍ଚଳରେ ବ୍ରାଉନ୍‌ସୁଗର୍ ବ୍ୟବସାୟ କରୁଥିଲେ। ଏଥିରେ ଭ୍ରାମ୍ୟମାଣ ଅବକାରୀ ବିଭାଗର କର୍ମଚାରୀମାନେ ଚଢ଼ଉ କରି ୫୩ ଗ୍ରାମ୍ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବେଗୁନିଆକୁ ଏନ୍‌ଏସି ଦାବିରେ ୨୨ରେ ବିଜେଡିର ବିକ୍ଷୋଭ

ବେଗୁନିଆ,୧୯।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବେଗୁନିଆକୁ ଏନ୍‌ଏସି କରିବା ପାଇଁ ଘୋଷଣା କରାଯାଇଥିଲା। ତେବେ ବିଜେପି ଶାସନ କ୍ଷମତାକୁ ଆସି ବେଗୁନିଆକୁ ବାଦ୍ ଦେଇ ୧୨ଟି ଏନ୍‌ଏସି ଘୋଷଣା କରାଯାଇଛି। ଏଥିରେ ବେଗୁନିଆ ଏନ୍‌ଏସିର ନାମ ନ ଥିବାରୁ ଆସନ୍ତା ୨୨ ତାରିଖରେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବ ବୋଲି ସୂଚନା ମିଳିଛି। ଏ ନେଇ ବେଗୁନିଆ ସଦର ମହକୁମାସ୍ଥିତ ଡାକବଙ୍ଗଳାଠାରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଆବାହକତ୍ୱରେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବ୍ଲକ୍ ବିଜେଡି ସଭାପତି ପ୍ରଶାନ୍ତ ବେହେରା, ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥା, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ସମାଜସେବୀ ନୀଳକଣ୍ଠ ସ୍ୱାଇଁଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିଭୁ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଭାତ ସାହୁ ଓ ପଞ୍ଚାୟତର ୱାର୍ଡ ସଭ୍ୟ ସହ ସଚେତନ ନାଗରିକମାନେ ଉପସ୍ଥିତ ରହି ବେଗୁନିଆ ବନ୍ଦ ଡକରାକୁ ସମର୍ଥନ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଛାତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରି ଗିରଫ

ବାଣପୁର,୧୯।୮ (ସମିସ): ଟ୍ୟୁସନ ସାରି ରାତିରେ ଘରକୁ ଫେରୁଥିବାବେଳେ ଜଣେ ନାବାଳିକା ଛାତ୍ରୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଦର୍ଶନ ବାରିକ (୪୩)।

ଅଭିଯୋଗ ମୁତାବକ, ବାଣପୁର ଏନ୍‌ଏସି ଅଞ୍ଚଳର ଛାତ୍ରୀ ଜଣକ(୧୫) ଗତ ୧୨ ତାରିଖ ରାତି ପ୍ରାୟ ୮ଟାରେ ଟ୍ୟୁସନ ସାରି ଘରକୁ ଫେରୁଥିଲେ। ତେବେ ତୁଳସୀଦେଇପୁର କମଳେଶ୍ୱର ମନ୍ଦିର ନିକଟରେ ତୁଳସୀଦେଇପୁର ଗ୍ରାମର ଦର୍ଶନ ବାରିକ ସମ୍ପୃକ୍ତ ଛାତ୍ରୀଙ୍କୁ ମାରଧର୍ କରିବା ସହ ଏକ ବ୍ଲେଡ୍‌ରେ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ହାତରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିବା ସହ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୁଲିସ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଦର୍ଶନକୁ ଗିରଫ କରି ମଙ୍ଗଳବାର ଭୁବନେଶ୍ୱର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

ମନ୍ଦିର ପ୍ରାଚୀର ଭାଙ୍ଗିଲା ବଣୁଆ ହାତୀ



ବେଗୁନିଆ,୧୯।୮ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ପ୍ରସିଦ୍ଧିଲାଭ କରିଥିବା ଶୈବ ପୀଠ ବାବା ଲୋକନାଥ ଦେବଙ୍କ ମନ୍ଦିର ପ୍ରାଚୀର ବଣୁଆ ହାତୀ ସୋମବାର ବିଳମ୍ବିତ ରାତିରେ ଭାଙ୍ଗି ଦେଇଛି। ଯାହାକି ୪୦ ହାତରୁ ଅଧିକ ପ୍ରାଚୀର ଭାଙ୍ଗି ଦେଇଛି ବୋଲି ଜଣାପଡ଼ିଛି। ଏହି ହାତୀଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲିଆସିଥିବା ବେଳେ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତୁରନ୍ତ ବନ ବିଭାଗ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖି ଜନସାଧାରଣଙ୍କ ଧନଜୀବନ ରକ୍ଷା କରିବାକୁ ସାଧାରଣରେ ଦାବି ହେଉଛି।

ସମାଜସେବୀଙ୍କ ପରଲୋକ

ଟାଙ୍ଗୀ,୧୯।୮ (ସମିସ): ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପୂର୍ବତନ ଉପସଭାପତି ଦିଲ୍ଲୀପ କୁମାର ମହାନ୍ତିଙ୍କ (୭୧) ପରଲୋକ ଘଟିଛି। ତାଙ୍କ ବିୟୋଗରେ ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ହୃଷୀକେଶ ପ୍ରଧାନଙ୍କ ପୌରୋହିତ୍ୟରେ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ଅମର ଆତ୍ମାର ସଦ୍‌ଗତି କାମନା ସହିତ ତାଙ୍କ ପରିବାରକୁ ପ୍ରଭୁ ମହାବୀର ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ ମତବ୍ୟକ୍ତ କରିଥିଲେ। ଏଥିରେ ଉପସଭାପତି ରାଜକିଶୋର ବୈରିଗଞ୍ଜନ, ସହସମ୍ପାଦକ ରମେଶ ନାଇଡୁ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ସଚ୍ଚିଦାନନ୍ଦ ପ୍ରଧାନ, ଆନନ୍ଦ ରାଓ, ହରିବନ୍ଧୁ ସାମନ୍ତରାୟ, ରତ୍ନାକର ସାମନ୍ତରାୟ, ବିଭୂତି ଚମ୍ପତି, କେଦାର ପାତାଳସିଂହ, ବିପିନ ଉଦୟସିଂହ, ଲଳିତ ମୋହନ ବରାଳ, ହେମନ୍ତ ଜେନା, ସଞ୍ଜୟ ସ୍ୱାଇଁ, ବାବୁଲା ପାତ୍ର, ଲକ୍ଷ୍ମୀକାନ୍ତ ଦଳାଇ ଓ ସିଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱାମୀ ପ୍ରଣବାନନ୍ଦ ପାଠାଗାର ଉଦ୍‌ଘାଟିତ

ବେଗୁନିଆ,୧୯।୮ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପରିଛଲସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳ ପରିସରରେ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ଗ୍ରନ୍ଥାଗାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୁରୁକୂଳ ଆଶ୍ରମର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବେଙ୍ଗାଲୁରୁସ୍ଥିତ କମ୍ବିଅମ୍ ନେଟ୍‌ୱର୍କର ଉପସଭାପତି ବିଜୁ କୁଞ୍ଜୁକୁଞ୍ଜୁ ମୁଖ୍ୟ ଅତିଥି, ନେଟ୍‌ୱର୍କର ବରିଷ୍ଠ ନିର୍ଦ୍ଦେଶକ ସନ୍ଦୀପ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ପୁସ୍ତକ ଅଧ୍ୟୟନ ଦ୍ୱାରା ଉତ୍ତମ ଜ୍ଞାନ ଆହରଣ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ଚଣ୍ଡ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ପ୍ରବୀର୍ ମଲ୍ଲିକ, ରତିକାନ୍ତ ସୁନ୍ଦରାୟ ଓ ସାଧକ ଗୋପାଳଜୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟକ୍ଷ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ପୋଲ ନିର୍ମାଣ ବନ୍ଦ; ପ୍ରଶାସନ ନୀରବଦ୍ରଷ୍ଟା

ଗ୍ରାମର ୭୦ ବସ୍ତିର ପରିବାର ହନ୍ତସନ୍ତ

ବାଣପୁର/ଗମ୍ଭାରୀମୁଣ୍ଡା, ୧୯।୮ (ସମିସ)

ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ବେଲଡିହ ଗ୍ରାମର ମୁଖ୍ୟରାସ୍ତା ସ୍ଥିତ ଏକ ପୋଲ ନିର୍ମାଣ କାର୍ଯ୍ୟ ଏବେ ବନ୍ଦ ହୋଇଯାଇଥିବାରୁ ୭୦ଟି ବସ୍ତିର ପରିବାର ଲୋକଙ୍କ ଦୁଃଖ କହିଲେ ନସରେ। ବେଲଡିହ ଗ୍ରାମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବସ୍ତି ଥିବାବେଳେ ଗ୍ରାମର ପଶ୍ଚିମ ପାଶ୍ୱର୍ରେ ପ୍ରାୟ ୭୦ ବସ୍ତିର ଲୋକେ ବସବାସ କରନ୍ତି। ସେହି ପଶ୍ଚିମ ପାଶ୍ୱର୍ ସାହିକୁ ଯିବା ରାସ୍ତାରେ ଜରିପଡ଼ା ନାମକ ନାଳ ପଡୁଥିବାବେଳେ ସେଠାରେ ଏକ ପରିତ୍ୟକ୍ତ ପୋଲ ଥିଲା। ଉକ୍ତ ପୋଲକୁ ପୁନରୁଦ୍ଧାର କରିବା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଆସୁଥିବା

ବେଳେ ବିଜେଡି ସରକାର ସମୟରେ ପ୍ରାୟ ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ପୋଲ ନିର୍ମାଣ ପାଇଁ ଟେଣ୍ଡର

ହୋଇଥିଲା। ଦୁଃଖ ଓ ପରିତାପର ବିଷୟ ଉକ୍ତ ପୋଲ ନିର୍ମାଣ ଗତ ମାର୍ଚ୍ଚ ମାସରେ ସମ୍ପୃକ୍ତ ଠିକାଦାର କାର୍ଯ୍ୟ ଆରମ୍ଭ କରି ପୁରୁଣା ପୋଲଟିକୁ ଭାଙ୍ଗି ଦେଇଥିଲେ। କିନ୍ତୁ କାର୍ଯ୍ୟ ଏବେ ବନ୍ଦ ରହିଥିବାବେଳେ ଏଯାବତ୍ ସେଠାରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମାପନ ହୋଇପାରିଲା ନାହିଁ। ବର୍ତ୍ତମାନ ବର୍ଷା ଦିନରେ ଉକ୍ତ ଜରିପଡ଼ା ନାଳ ଦେଇ ପ୍ରାୟ ୪ ଫୁଟ୍ ଉଚ୍ଚରେ ପାଣି ସୁଅ ଛୁଟୁଥିବାବେଳେ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ୭୦ ବସ୍ତି ପରିବାର ଲୋକେ ଏକପ୍ରକାର ଅଞ୍ଚଳରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି। ଏପରିକି ପିଲାମାନେ ସ୍କୁଲ, କଲେଜ ଯିବାକୁ ଭୟ କରୁଥିବାବେଳେ, ରୋଗୀଙ୍କୁ ଡାକ୍ତରଖାନାକୁ ନେବାରେ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଲୋକଙ୍କ ଯାତାୟାତ ନିମନ୍ତେ ଠିକାଦାର ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିଥିଲେ ମଧ୍ୟ ତାହା ଖାଲୁଆ ସ୍ଥାନରେ ହୋଇଥିବାରୁ ସ୍ୱଳ୍ପ ବର୍ଷାରେ ଉକ୍ତ ରାସ୍ତାରେ ପ୍ରାୟ ଆଣ୍ଠୁଏ ଉଚ୍ଚରେ ପାଣି ସୁଅ ଛୁଟୁଛି। ଫଳରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ପୋଲ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଗ୍ରାମବାସୀ ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭକରି ନେତା ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଅନ୍ୟପକ୍ଷେ ଏହି ପୋଲ ଭଙ୍ଗାଯିବାର ପ୍ରାୟ ୨ମାସ ପରେ ଆୟତପୁର ଦେଉଗାଁ ମଝିରେ ଥିବା ପୋଲଟି ଭଙ୍ଗାଯାଇଥିବାବେଳେ ବର୍ତ୍ତମାନ ତାହାର ନିର୍ମାଣ କାର୍ଯ୍ୟ ସରିଛି। ଲୋକଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗୁରୁତ୍ୱର ସହ ନେଇ ଯଥାଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

ଭୂମିହୀନଙ୍କୁ ଜମି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ

ଖୋର୍ଦ୍ଧା,୧୯।୮ (ସମିସ): ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଜମିରେ କାଜୁଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବାସିନ୍ଦାଙ୍କୁ ପ୍ରଶାସନ ଶିଳ୍ପ ନାଁରେ ଉଚ୍ଛେଦ କରୁଛି। ଜୋର୍‌ଜବରଦସ୍ତ ସେମାନଙ୍କୁ ତାଙ୍କ ଜମିରୁ ଉଚ୍ଛେଦ କରାଯାଉଛି। ମାତ୍ର ଉଚ୍ଛେଦ ହେଉଥିବା ଲୋକଙ୍କୁ ଥଇଥାନ କରାଯାଉନି। ପ୍ରଶାସନ ନିକଟକୁ ଦୌଡ଼ିଲେ ପ୍ରଶାସନ ଶୁଣୁନି। ଏହାର ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସୂଚନା ପ୍ରକାରେ, ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତ ହଳଦୀପଦା ଗ୍ରାମର ଆଦିବାସୀ ସମ୍ପ୍ରଦାୟ ୧୯୮୦-୮୧ ମସିହାରୁ ପ୍ରାୟ ୪୫ ବର୍ଷ ଧରି ସରକାରଙ୍କ ପକ୍ଷରୁ ପ୍ରାଖାପାଖି ୨୫ ଏକର ଜମି ପଟ୍ଟା ପାଇ କାଜୁ ବଗିଚା କରି ଭୋଗଦଖଲ କରିଆସୁଥିଲେ। ମାତ୍ର ଶିଳ୍ପ ସଂସ୍ଥା ପ୍ରତିଷ୍ଠା ନାଁରେ ସେମାନେ ଭୋଗଦଖଲ କରୁଥିବା ଜମିରୁ ଉଚ୍ଛେଦ କରାଯାଉଛି। ଏନେଇ କୌଣସି ଗ୍ରାମ୍ୟ କମିଟି ବୈଠକ ହୋଇନାହିଁ କି ଆଦିବାସୀଙ୍କ ମତାମତ ନିଆଯାଇନି। ସେମାନଙ୍କୁ ଥଇଥାନ ନ କରି ସେମାନଙ୍କ ଘରବାରି ଉଚ୍ଛେଦ କରାଯାଇଛି। ଏନେଇ ସେମାନେ ପ୍ରଶାସନ ନିକଟକୁ ଦୌଡୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ଏହା ପ୍ରତିବାଦରେ ମଙ୍ଗଳବାର ବିକ୍ଷୋଭ କରି ପରେ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଭୂମିହୀନମାନଙ୍କୁ ଜମି ଯୋଗାଇଦେବାକୁ ଦାବି କରିଛନ୍ତି। ଏହି ବିକ୍ଷୋଭ ହଳଦୀପଦାର କେତେକ ଗ୍ରାମବାସୀ ଓ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ରାଜ୍ୟ କମିଟି ସଭ୍ୟ ତଥା ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ବେହେରା, ଆଞ୍ଚଳିକ ସମ୍ପାଦକ କମ୍ରେଡ୍ ଅଶୋକ ସାହୁ, ଆଞ୍ଚଳିକ କମିଟି ସଭ୍ୟ ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ସଂଘମିତ୍ରା ମହାପାତ୍ର, ଅରୁଣ ନାୟକ, ସୁମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷକ ବଦଳିରେ ବ୍ୟାପକ ଅନିୟମିତତା

ସରକାରୀ ନୀତିନିୟମର ଖୋଲା ଉଲ୍ଲଙ୍ଘନ; ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି,୧୯।୮(ସମିସ): ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ବଳରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଶିକ୍ଷକମାନଙ୍କର ଏକ ବଦଳି ତାଲିକା କରାଯାଇ କଟକ ଜିଲ୍ଲା ବଦଳି କମିଟି ଅନୁମୋଦନ କ୍ରମେ ମୋଟ୍ ୨୯ଜଣ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏହି ବଦଳିରେ ସରକାରୀ ନୀତିନିୟମକୁ ସମ୍ପୂର୍ଣ୍ଣ ଉଲଙ୍ଘନ କରାଯାଇ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ବାଙ୍କି ବ୍ଲକକୁ ବଦଳି ହୋଇଥିବା ଜଣେ ଶିକ୍ଷକ ଏହାକୁ ବେଆଇନ ଦର୍ଶାଇ ହାଇକୋର୍ଟର ଆଶ୍ରୟ ନେବା ପରେ ଏହି ବଦଳିକୁ ବାତିଲ କରାଯାଇ ପୁର୍ନବାର ତାଙ୍କ ନିଜ ସ୍ଥାନକୁ ଫେରାଇ ଆଣିଥିବା ଘଟଣା ବଦଳି ତାଲିକାରେ ହୋଇଥିବା ଅନିୟମିତତାକୁ ପଦାରେ ପକାଇଛି। ଏହାଛଡ଼ା ନଇଗୁଆଁ ଦାଉଦପୁର ମଇ ବିଦ୍ୟାଳୟର ଜଣେ ଅନୁଦାନପ୍ରାପ୍ତ ଚୁକ୍ତିଭିତ୍ତିକ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ତବଲିଗ୍ ନଗର ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହି ପଦରେ ରହିଥିବା ଶିକ୍ଷକଙ୍କର କୌଣସି ସ୍ଥାନକୁ ବଦଳି ହୋଇପାରିବ ନାହିଁ ବୋଲି ସରକାରୀ ନିୟମ ରହିଥିଲା ବେଳେ ସମ୍ପୃକ୍ତ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ କାର୍ଯ୍ୟାଳୟ ପକ୍ଷରୁ କିଭଳି ବଦଳି କରାଯାଇଛି ସେ ନେଇ ପ୍ରଶ୍ନ ଉଠିଛି। ଏହାଛଡ଼ା ଏହି ବ୍ଲକ ଅଧୀନରେ ୫୦ରୁ ଉର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଅନେକ ସ୍କୁଲରେ ବିଜ୍ଞାନ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ବାଧାପ୍ରାପ୍ତ ଦେଖାଯାଇଛି। ହେଲେ ଉକ୍ତ ବଦଳି ପ୍ରକ୍ରିୟାରେ ବଳଭଦ୍ର ନୋଡ଼ାଲ ସ୍କୁଲ ଓ ହରଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ ପୂର୍ବରୁ ଜଣେ ଲେଖାଏଁ ବିଜ୍ଞାନ ଶିକ୍ଷକ ରହିଥିବା ବେଳେ ପୁଣି ସେହି ବିଦ୍ୟାଳୟକୁ ଆଉ ଜଣେ ଲେଖାଏଁ ବିଜ୍ଞାନ ଶିକ୍ଷକ ଦିଆଯାଇଥିବାରୁ ଏହା ସରକାରୀ ନିୟମକୁ ଉଲ୍ଲଙ୍ଘନ କରୁଥିବା ଦେଖାଦେଇଛି।

ଏହାଛଡ଼ା ବହୁ ଶିକ୍ଷକ ଗୋଟିଏ ଲେଖା ବିଦ୍ୟାଳୟରେ ୨୦ରୁ ୨୫ବର୍ଷ କାଳ ରହିଥିବା ବେଳେ ସେମାନଙ୍କୁ ବଦଳି କରା ନ ଯାଇ ଗତ ୮ ମାସ ହେବ ନୂତନ ଭାବେ ଯୋଗଦେଇଥିବା ସ୍କେମାଟିକ୍ ଶିକ୍ଷକଙ୍କୁ ବଦଳି କରାଯାଇଥିବା କେତେଦୂର ସରକାରୀ ନିୟମ କାର୍ଯ୍ୟକାରୀ ହେଇଛି ଏଥିରୁ ସ୍ପଷ୍ଟ ଜଣାପଡ଼ିଛି। ଛାତ୍ର ଶିକ୍ଷକ ଅନୁପାତକୁ କାର୍ଯ୍ୟକାରୀ କରିବା ଏବଂ ଏକକ ଶିକ୍ଷକ ବିଦ୍ୟାଳୟକୁ ଦୂର କରିବା ପାଇଁ ଏହି ବଦଳି ପ୍ରକ୍ରିୟା କରାଯାଇଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ତାହା କରା ନ ଯାଇ ସ୍ୱାର୍ଥକୁ ଚରିତାର୍ଥ କରିବା ନିମନ୍ତେ ଜମରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ୨ଜଣ ଶିକ୍ଷକଙ୍କୁ ବଦଳି କରାଯିବା ପରେ ସେଠାରେ ଅନ୍ୟ ବିଦ୍ୟାଳୟରୁ ଆଉ ଜଣେ ଶିକ୍ଷକଙ୍କୁ ଦିଆଯାଇଛି। ବହୁ ବିଦ୍ୟାଳୟରେ ସଠିକ ସଂଖ୍ୟକ ଛାତ୍ରଛାତ୍ରୀ ନଥିବା ବେଳେ ସେଠାରେ ଲେବୁଲ-୩ ଓ ଲେବୁଲ- ୪ ପ୍ରଧାନଶିକ୍ଷକ ରହିଛନ୍ତି ଏପରିକି ଜଣେ ପିଲାଙ୍କ ପାଇଁ ମଧ ଜଣେ ଲେବୁଲ-୪ ପ୍ରଧାନଶିକ୍ଷକ କାର୍ଯ୍ୟ କରୁଥିବା ଦେଖାଯାଇଛି। ପଦ ନ ଥାଇ ନରୁଆ ମଙ୍ଗଳପୁର ହାଇସ୍କୁଲକୁ ଜଣେ ଲେବୁଲ-୪ ପ୍ରଧାନଶିକ୍ଷକଙ୍କୁ ବଦଳି କରାଯାଇଥିବା ମଧ ସରକାରୀ ନିୟମକୁ ଉଲ୍ଲଙ୍ଘନ କରୁଛି। ଏହିଭଳି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସଠିକ୍ ଭାବେ ସରକାରୀ ନୀତି ନିୟମକୁ ଉପଲବ୍ଧି ନ କରି ମନଇଚ୍ଛା ଭାବେ ବଦଳି ତାଲିକା କରି ଶିକ୍ଷକଙ୍କୁ ବଦଳି କରିଥିବାରୁ ଏବେ ଶିକ୍ଷାଦାନରେ ବ୍ୟାହତ ସୃଷ୍ଟି ହୋଇଛି।

'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ଆଠଗଡ,୧୯।୮(ସମିସ): ଆଠଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜଷ୍ଟ ଫର ୟୁ ସେବାସଂଘ ୭୯ତମ ସ୍ୱାଧୀନତା ଦିବସ ଅବସରରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସଂଗଠନର ସଭାପତି-ପ୍ରତିଷ୍ଠାତା ସୁଧାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଆଠଗଡ଼ ଅଞ୍ଚଳର କୁଂଆଳ, କରିକୋଲ ଏବଂ ବାଙ୍କୀ ଅଞ୍ଚଳର ଜାଗିଆପଡ଼ା ଏକଲବ୍ୟ ଏକାଡେମୀରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ୧୦୦ରୁ ଅଧିକ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବରେ ଲକ୍ଷ୍ମୀନାରାୟଣ ଭଞ୍ଜ ଏବଂ ଜାଗିଆପଡ଼ା ଠାରେ ବଡଭୂମି ସରପଞ୍ଚ ଗୋପାଳଚନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରସାନନ୍ଦ ରାଉତ, ଅମ୍ଳାନ ପରିଡ଼ା, ବିଚିତ୍ରାନନ୍ଦ ସାହୁ, ସଞ୍ଜୟ ସ୍ୱାଇଁ, ସାଇନିଙ୍ଗ ସାହାଣୀ, ପ୍ରିୟବ୍ରତ ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ବିଷ୍ଣୁ ଗୁରୁ, ରାକେଶ ସାହୁ, ଦୁଷ୍ମନ୍ତ ଜେନା, ସତ୍ୟମ ସତ୍ୟ ପ୍ରକାଶ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

ସାପ କାମୁଡ଼ାରେ ମହିଳା ମୃତ

ଭଦ୍ରେଶ୍ୱର,୧୯।୮(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତ ବାଲିପଡା ଗ୍ରାମରେ ସର୍ପାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ନାହାଙ୍ଗ ପଞ୍ଚାୟତ ବାଲିପଡା ଗ୍ରାମର ମନୋଜ କୁମାର ବାରିକଙ୍କ ପତ୍ନୀ ନିର୍ମଳା ବାରିକ(୪୦) ଗତକାଲି ରାତ୍ରରେ ଘରେ ଶୋଇଥିଲା ବେଳେ ତାଙ୍କୁ ଏକ ବିଷଧର ସର୍ପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମରଶରୀରକୁ କଟକ ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ବାଲିପଡା ଗ୍ରାମକୁ ଅଣାଯାଇଥିଲା। ଶୋକାକୂଳ ପରିବେଶରେ ତାଙ୍କର ଶବଦାହ କରାଯାଇଥିଲା। ତାଙ୍କର ସ୍ୱାମୀ ମୁଖାଗ୍ନି ଦେଇଥିଲେ।

ନାହାଲପୁର ବଜାରରୁ ସିରିଜ ଚୋରି

କଣ୍ଟାପଡ଼ା,୧୯।୮(ସମିସ): ଗୋବିନ୍ଦପୁର ଥାନା ନାହାଲପୁର ବଜାରରୁ ଗତିକାଲି ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଛି। ଚୋରମାନେ ଏକ ପୂଜା ସାମଗ୍ରୀ, ଲେଡିଜ କର୍ଣ୍ଣର ଓ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ଫେରାର ହୋଇଯାଇଛନ୍ତି। ଚତୁର ଚୋରମାନେ ସିସି କ୍ୟାମେରାକୁ ପଛ କରି ଚୋରି କରିଥିବା ଦେଖିବାକୁ ମିଳିଛି। ଏନେଇ ବ୍ୟାବସାୟୀ ତିନି ଜଣ ଗୋବିନ୍ଦପୁର ଥାନାରେ ଏତଲା ଦେବା ପରେ ପୁଲିସ ସନ୍ଧ୍ୟା ୫ଟା ବେଳେ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଥିଲେ ମଧ ଖବର ଲେଖା ହେଲା ପର୍ଯ୍ୟନ୍ତ ପୁଲିସ ଚୋରି ସାମଗ୍ରୀ ଓ ଚୋରଙ୍କ ସନ୍ଧାନ ପାଇପାରି ନାହିଁ।

ଗଞ୍ଜେଇ ଜବତ; ୨ ଗିରଫ

ମଙ୍ଗୁଲି,୧୯।୮(ସମିସ): ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଗଞ୍ଜେଇ ଜବତ ସହ ୨ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ଟାଙ୍ଗୀ ଟୋଲ ଗେଟ୍ ଦେଇ ଏକ କାର ଯୋଗେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ବିଶେଷ ସୂତ୍ରରୁ ଖବର ପାଇ କଟକ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ କାରରୁ ପ୍ରାୟ ୩୦ କେଜିର ଗଞ୍ଜେଇ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ ପାଇକାଷ୍ଟି ଗ୍ରାମର ମହେଶ୍ୱର ବେହେରା ଓ ଖଣ୍ଡାପଡ଼ା ଥାନା ଅନ୍ତର୍ଗତ ତୁନ୍ଦରା ଗ୍ରାମର ମନୋରଞ୍ଜନ ଜେନା (୨୫)ଙ୍କୁ ଗିରଫ କରିବା ସହ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିବା ଜଣାପଡ଼ିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିବା ବେଳେ ଏହି ଚଢ଼ଉରେ ଅବକାରୀ ବିଭାଗର ଇନସ୍ପେକ୍ଟର ଧୀରେନ ବେହେରା, ଅବନୀ ମହାପାତ୍ର, ଏସ୍ଆଇ ଦିବ୍ୟଜ୍ୟୋତି ସତ୍ପ୍ରକାଶ, ଏଏସ୍ଆଇ କିଶୋରଚନ୍ଦ୍ର ରାଉତ, ଏଏସ୍ଆଇ ଥବିର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

ବାଇକ୍ ତଳେ ଚାପିହୋଇ ଚାଷୀ ମୃତ

ନରସିଂହପୁର,୧୯।୮(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିଝରୀ ପଞ୍ଚାୟତ ଶ୍ୟାମାସୁନ୍ଦରପୁର ଗ୍ରାମର ଯୁବ ଚାଷୀ ରଶ୍ମି ରଞ୍ଜନ ନାୟକ (୪୦)ଙ୍କର ଧାନତଳି ନେଇ ବିଲକୁ ରୋଇବାକୁ ଯାଉଥିବା ବେଳେ ବିଲହୁଡାରୁ ଖସିପଡି ମୃତ୍ୟୁ ହୋଇଛି। ଏହି ଘଟଣାରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ସକାଳେ ରଶ୍ମି ବାଲିଝରି ଗହୀରରେ ଥିବା ତାଙ୍କ ବିଲକୁ ଏକ ବାଇକରେ ଧାନତଳି ବୋଝେଇ କରି ବନ୍ଧରେ ଯାଉଥିଲେ। ବାଇକଟି ଭାରସାମ୍ୟ ହରାଇ ବନ୍ଧ ତଳକୁ ଖସିପଡିବା ଦ୍ୱାରା ତଳେ ଥିବା ବିଲ କାଦୁଅରେ ବାଇକ୍ ସହିତ ମୁହଁ ମାଡି ପଡିବା ପରେ ତାଳି ବୋଝେଇ ବାଇକ ତାଙ୍କ ଉପରେ ମାଡି ବସିଥିଲା। ସେହି ସ୍ଥାନରେ ରଶ୍ମି ଅଚେତ ହୋଇପଡ଼ିଥିଲେ। ପାଖ ଜମିରେ ଥିବା ଅନ୍ୟ ଚାଷୀମାନେ ରଶ୍ମିଙ୍କ ଘରକୁ ଖବର ଦେବା ସହିତ ବଡମ୍ବା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳିଯାଇଛି। ଶବକୁ ବ୍ୟବଚ୍ଛେଦ କରାଯାଇ ଗ୍ରାମକୁ ଅଣାଯାଇ ଶଶ୍ମାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଥିଲା। ଏକମାତ୍ର ପୁତ୍ର ସୋହନ ମୁଖାଗ୍ନି ଦେଇଥିଲେ।

କଟକ ଜିଲ୍ଲା ତୀରନ୍ଦାଜ ସଂଘର ସ୍ୱତନ୍ତ୍ର ଅଧିବେଶନ

କୁରାଙ୍ଗଶାସନରେ ହେବ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

ଫୁଲନଖରା,୧୯।୮(ସମିସ): କଟକ ଜିଲ୍ଲା ତୀରନ୍ଦାଜ ସଂଘର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ କୁରାଙ୍ଗ ଶାସନସ୍ଥିତ ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡେମୀର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ସଭାପତି ପରକ୍ଷିତ ମହାରଣା ଅଧକ୍ଷତା କରିଥିବା ବେଳେ ସଂପାଦକ ସଂପୂର୍ଣ୍ଣାନନ୍ଦ ଦାସ ବାର୍ଷିକ ବିବରଣୀ ପାଠ କରିବା ସହିତ ଆୟବ୍ୟୟର ଅଟକଳ ଓ ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସମ୍ଭାବ୍ୟ ବଜେଟ୍ ଉପସ୍ଥାପନ କରିଥିଲେ। ଆସନ୍ତା ଡିସେମ୍ବର ମାସରେ କୁରାଙ୍ଗଶାସନସ୍ଥିତ ମିନି ଷ୍ଟାଡିୟମ୍‌ରେ ୧୦ ବର୍ଷ, ୧୩ ବର୍ଷ ଓ ୧୫ ବର୍ଷରୁ କମ୍ ବର୍ଗର ଉଭୟ ବାଳକ ଓ ବାଳିକା ବିଭାଗଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ତୀରନ୍ଦାଜ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି କ୍ଷୀତିଶ ଚନ୍ଦ୍ର ପାତ୍ର, ଉପସଭାପତି ବିଷ୍ଣୁ ଚରଣ ଦାସ, ନନ୍ଦ କିଶୋର ଜେନା, ଦୀପକ ଚୌଧୁରୀ, ଯୁଗ୍ମ ସଂପାଦକ ସାରଦା ପ୍ରସାଦ ଦାସ, ଅର୍ପିତା ଦାସ ଓ କାର୍ଯ୍ୟକାରିଣୀ ସଦସ୍ୟ ସୁଘୋଷ ଦାସ, ମହମ୍ମଦ ଜାନିସ ନଦିମ୍, ନଳିନୀକାନ୍ତ ବେଉରା, ଦେବାଶିଷ ଦାସ, ଭୂଧର ମିଶ୍ର, ଶିବାଶିଷ କର ଓ କୋଷାଧକ୍ଷ ଜଟାଧାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ଚଳିତ ବର୍ଷର ବାର୍ଷିକ କ୍ରୀଡାସୂଚୀ ଚୂଡାନ୍ତ କରାଯାଇଥିଲା। ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆସିଥିବା ପ୍ରତିଯୋଗୀମାନେ ସଂସ୍କୃତ ଏକାଡେମୀରେ ରହିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁମୋଦନ କ୍ରମେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ପଣ୍ଡିତ ଅଜୟ ପତି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ନନ୍ଦ କିଶୋର ଜେନା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପ୍ରଥମ ଥର ପାଇଁ କୁରାଙ୍ଗଶାସନଠାରେ ହେବାକୁ ଯାଉଥିବାରୁ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

କଟକ,୧୯।୮(ସମିସ): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସହିତ ଆଲ୍ ଓଡ଼ିଶା ଲ ଷ୍ଟୁଡେଣ୍ଟସ ଆଣ୍ଡ ଲୟରସ୍ ଆସୋସିଏସନ୍‌ଙ୍କ ସଂଯୁକ୍ତ ଉଦ୍ୟମରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ତିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରୁ ବାହାରି କଲେଜ ଛକ, ରାଣୀହାଟ କ୍ଲକ୍ ଟାୱାରରୁ ପୁଣି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପରିସରକୁ ଫେରି ଥିଲା। ସମସ୍ତଙ୍କର ସହଯୋଗ, ଯୋଗଦାନ ଓ ସମର୍ଥନ ପାଇଁ ଏଓଏଲଏସଏଲଏ ସଭାପତି ତଥା ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ର ନେତା ରୋହିତ କୁମାର ସୁନା ଧନ୍ୟବାଦ ଦେଇଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ଅଗ୍ନେୟ ପାଣି, ଅରୂପ କୁମାର ଦେଓ, ସତ୍ୟପ୍ରକାଶ ମହାପାତ୍ର, ସାଇଦତ୍ତ ବିପ୍ଳବ, ଦୀପରାଜ ସାହୁ, ବିଶ୍ୱରୂପା ପଣ୍ଡା, ଦେବସ୍ମିତା ଘଡାଇ, ପ୍ରତିକ୍ଷା ପ୍ରିୟଦର୍ଶୀ, ଆୟୁଷ ମିଶ୍ର, ଅଲେଖ ଭୋଇ ଆଦି ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ତ୍ରିରଙ୍ଗା ଯାତ୍ରାକୁ ସଫଳ କରିଥଲେ।

ଡ୍ରିମ୍ସରେ ର୍ୟାଗିଂ ନିରୋଧ ସପ୍ତାହ

କଟକ,୧୯।୮(ସମିସ): ର୍ୟାଗିଂ ଏକ ରୁଗ୍ଣ ମାନସିକତା। ଏହାଠୁ ସର୍ବଦା ଦୂରରେ ରହି ଛାତ୍ର ଜୀବନର ମୂଲ୍ୟବାନ ସମୟର ସୁବିନିଯୋଗ କରି ଜୀବନର ଲକ୍ଷ୍ୟ ହାସଲ ସହିତ ଦେଶର ଜଣେ ସୁନାଗରିକ ହେବାକୁ ଚେଷ୍ଟିତ ହେବା ଉଚିତ ବୋଲି କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ମତବ୍ୟକ୍ତ କରିଛନ୍ତି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ର୍ୟାଗିଂ ନିରୋଧ ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଶ୍ରୀ ସିଂହ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା, କଠିନ ପରିଶ୍ରମ ଓ ସାଧନା, ଈଶ୍ୱରଙ୍କ ପ୍ରତି ଭକ୍ତି ଓ ପିତାମାତାଙ୍କ ଆଶୀର୍ବାଦ ରହିଲେ ଜୀବନରେ ସଫଳତା ଅବଶ୍ୟମ୍ଭାବୀ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ର୍ୟାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ ଭାବରେ 'ଡ୍ରିମ୍ସ' ବିଗତ ୨୫ବର୍ଷ ଧରି ନିଜର ଗୌରବ ଅକ୍ଷୁଣ୍ଣ ରଖିଥିବାରୁ ଛାତ୍ରଛାତ୍ରୀଙ୍କୁ ବଧାଇ ଜଣାଇଥିଲେ। ସଂଯୋଜିକା ପ୍ରାଧାପିକା ଡ. ଅନୁରେଖା ନାୟକ ସ୍ୱାଗତ ଅଭିଭାଷଣ ଏବଂ ପ୍ରାଧାପିକା ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧାପିକା ଅନିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନା ଆଇଆଇସି ଶିବ ପ୍ରସାଦ ଭଦ୍ର, କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଅସହାୟଙ୍କୁ ସମାଜସେବୀଙ୍କ ସହାୟତା

ଆଠଗଡ଼,୧୯।୮(ସମିସ): ଆଠଗଡ ବ୍ଲକ୍ କଣ୍ଡରେଇ ଗ୍ରାମପଞ୍ଚାୟତର କଂସର ସିବୁର କାରୁଆଙ୍କ ଦୁରବସ୍ଥା ଦେଖି ଆଠଗଡ ଅଞ୍ଚଳର ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ ସିବୁର ପାଖରେ ପହଞ୍ଚି ଦୈନନ୍ଦିନ ଚଳିବା ପାଇଁ ଖାଦ୍ୟପଦାର୍ଥ, ଲୁଗାପଟା ଆଦି ପ୍ରଦାନ କରିବା ସହିତ ରହୁଥିବା ଭଙ୍ଗା ଘରଟିକୁ ୧ମାସ ମଧ୍ୟରେ ତିଆରି କରିଦେବା ସହିତ ଅସୁସ୍ଥ ଶିବୁରଙ୍କର ଚିକିତ୍ସା ପାଇଁ ବ୍ୟବସ୍ଥା କରିଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ଜ୍ଞାନ ରଞ୍ଜନ ଦାଶ ହିଛନ୍ତି କି, ସିବୁର ଆଦିବାସୀ ସଂପ୍ରଦାୟର ବ୍ୟକ୍ତି ଅଟନ୍ତି। ତାଙ୍କର କୌଣସି ଜମିବାଡ଼ି ପଟ୍ଟା ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି। ଏହାଛଡା ସରକାରଙ୍କ ରେସନ କାର୍ଡ, ସ୍ୱାସ୍ଥ୍ୟକାର୍ଡ ଉପଲବ୍ଧ ରହିଛି। ଏଣୁ ମାନବିକତା ଦୃଷ୍ଟିକୋଣରୁ ତାଙ୍କ ଓ ତାଙ୍କ ପରିବାରକୁ ଚିକିତ୍ସା ଯୋଗାଇ ଦିଆଯିବ।

ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନରସିଂହପୁର,୧୯।୮(ସମିସ): ନରସିଂହପୁର ବ୍ଲକ ଅଧୀନ ମୁକ୍ତାନାଥ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷୟିତ୍ରୀ ରିତୁ ଦଳେଇଙ୍କ ଅନ୍ୟତ୍ର ବଦଳିକୁ ନେଇ ଏକ ସମ୍ବର୍ଦ୍ଧନାର ଆୟୋଜନ କରାଯାଇ ଆନୁଷ୍ଠାନିକ ଭାବେ ବିଦାୟ ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ମଦନ ବେହେରା, ସନ୍ତୋଷ ପ୍ରଧାନ, ସମର କେଶରୀ ରାଉଳ, ଅରୁଣ ବେହେରା, ସଞ୍ଜୀବନି ପ୍ରାଣିଗ୍ରାହୀ ବିଦାୟୀ ଶିକ୍ଷୟିତ୍ରୀ ରିତୁ ଦଳେଇଙ୍କ ଗୁଣଗାନ କରିଥିଲେ।

ମହିଳାଙ୍କ ଆପତ୍ତିଜନକ ଫଟୋ ଭାଇରାଲ; ଯୁବକ ଗିରଫ

ନରସିଂହପୁର,୧୯।୮(ସମିସ): ନରସିଂହପୁର ଥାନା ଅନ୍ତର୍ଗତ ଏକ ଗ୍ରାମର ଜୈନିକା ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ସାମାଜିକ ଗଣମାଧ୍ୟମରେ ଛାଡିବା ଅଭିଯୋଗରେ ବଡମ୍ବା ଥାନା ଅନ୍ତର୍ଗତ ରତାପାଟ ଗ୍ରାମର ଅଭିଯୁକ୍ତ ବିକାଶ କୁମାର ମହାନ୍ତିଙ୍କୁ ଆନ୍ଧ୍ରପ୍ରଦେଶ ଅଞ୍ଚଳରୁ ନରସିଂହପୁର ପୁଲିସ ଗିରଫ କରିଥିବାର ନରସିଂହପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଅଭିଯୁକ୍ତ ସମ୍ପୃକ୍ତ ମହିଳାଙ୍କ ଅନ୍ତରଙ୍ଗ ମୁହୁର୍ତ୍ତର ଫଟୋ ଉଠାଇ ୫୦ ହଜାର ଟଙ୍କା ନ ଦେଲେ ଏହାକୁ ସୋସିଆଲ ମିଡିଆରେ ଛାଡିବା ପାଇଁ ଧମକ ଦେବା ସହ ଇନଷ୍ଟାଗ୍ରାମରେ ଫେକ୍ ଆଇଡି ଖୋଲି ଏହାକୁ ଭାଇରାଲ କରିଥିଲେ। ସମ୍ପୃକ୍ତ ମହିଳା ଏନେଇ ନରସିଂହପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ନରସିଂହପୁର ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଚଢ଼ଉ କରି ସେଠାରୁ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ନରସିଂହପୁର ଥାନା ଅଧିକାରୀ ଶ୍ରୀ ଖୁଣ୍ଟିଆ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ବିଧାୟକଙ୍କ ଜନସମ୍ପର୍କ ଯାତ୍ରା

କନ୍ଦରପୁର,୧୯।୮(ସମିସ): କଟକ ସଦର ଅନ୍ତର୍ଗତ ଆୟତପୁର ପଞ୍ଚାୟତରେ କନ୍ଦରପୁର ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କ ନେତୃତ୍ୱରେ ଆୟୋଜିତ ଜନସଂପର୍କ କାର୍ଯ୍ୟକ୍ରମରେ ସଦର ବିଧାୟକ ଙ୍ଗ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପଞ୍ଚାୟତର ଶାସନ, ଶବର ସାହି, ଆୟଉପୁର, ଦଣ୍ଡୁଆସିପଡ଼ା, ବ୍ରାହ୍ମଣବାଡ ବିଭିନ୍ନ ଗ୍ରାମର ସାହି ବୁଲି ଜନସମ୍ପର୍କ ଯାତ୍ରା କରିଥିଲେ। ଏହି ଜନସମ୍ପର୍କ ଯାତ୍ରାରେ ଲୋକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସେଗୁଡ଼ିକର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ନିମାଇଁ ମହାପାତ୍ର, ବଳରାମ ନାୟକ, ସଞ୍ଜୟ ସେଠୀ, ଅରୁଣ ଲେଙ୍କା, ଜ୍ଞାନ ରଞ୍ଜନ ବେହେରା, ବାପି ସେଠୀ ପ୍ରମୁଖ ବିଧାୟକଙ୍କ ସହିତ ସାମିଲ ହୋଇ ଲୋକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

ପାଖେଇଲାଣି ଗଣେଶ ପୂଜା

ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ କାରିଗର

କଟକ, ୧୯।୮(ସମିସ): ଆଉ ଦିନ କେଇଟା ପରେ ବିଘ୍ନ ବିନାଶକ ଗଣେଶଙ୍କର ପୂଜା। ଏଥି ପାଇଁ ବର୍ତ୍ତମାନଠୁ ଚଳଚଞ୍ଚଳ ହୋଇ ଉଠିଲାଣି ଗାଁ ଠୁ ସହର। ଗଜାନନଙ୍କ ପୂଜା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ମୂର୍ତ୍ତି ନିର୍ମାଣ କରିବା ପାଇଁ କାରିଗର ବ୍ୟସ୍ତ ଥିବା ବେଳେ ପ୍ରାୟ ସମସ୍ତ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଗଲାଣି। ସେହିଭଳି କଟକ ଜିଲ୍ଲାର ବାଙ୍କୀ ଗୋଡିସାହି ଠାରେ ଥିବା କୁମ୍ଭାର ସାହିରେ ନିର୍ମାଣ ହେଉଛି ବିଭିନ୍ନ ଗଜାନନଙ୍କର ସୁନ୍ଦର ସୁନ୍ଦର ମୃଣ୍ମୟୀ ମୂର୍ତ୍ତି। ମୂର୍ତ୍ତିକୁ ଜୀବନ୍ତ କରିବା ପାଇଁ ଲାଗି ପଡିଛନ୍ତି କାରିଗର। କିଏ ମୂର୍ତ୍ତି ଗଢୁଛି ତ ଆଉ କିଏ ମାଟି ଚକଟି ମୂର୍ତ୍ତି ପାଇ ନଡ଼ା ବାନ୍ଧୁଛି। ପୁରୁଷଙ୍କ ଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତେ ଲାଗିପଡିଛନ୍ତି ମୂର୍ତ୍ତି ଗଢ଼ିବା କାମରେ। ଏ ନେଇ ମୂର୍ତ୍ତି କାରିଗର ଦୀପନ ବେହେରା କୁହନ୍ତି। ଦିନକୁ ଦିନ

ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ମୂର୍ତ୍ତି ନିର୍ମାଣ କରାଯାଉଛି। ଆମ ଅଞ୍ଚଳରେ ଥିବା ପ୍ରାୟ ସମସ୍ତଙ୍କ ଘରେ ମୂର୍ତ୍ତି ନିର୍ମାଣ କରାଯାଇଛି। ବର୍ଷସାରା ବିଭିନ୍ନ ପୂଜାପର୍ବାଣୀ ସମୟରେ ଆମେ ବିଭିନ୍ନ ମୂର୍ତ୍ତି ନିର୍ମାଣ କରିଥାଉ ହେଲେ ଗଣେଶ ପୂଜା ସମୟରେ ଆମକୁ ଫୁରସତ ମିଳି ନ ଥାଏ। ଚଳିତ ବର୍ଷ ମଧ ଆମେ ୧୫ରୁ ଉର୍ଦ୍ଧ ମୂର୍ତ୍ତି ନିର୍ମାଣ କରୁଛୁ। ସେହିଭଳି ମୂର୍ତ୍ତି କାରିଗର ଟିକିନା ବେହେରା କୁହନ୍ତି ବର୍ତ୍ତମାନ ଆଉ ଆଗଭଳି କଞ୍ଚାମାଲ ମିଳୁନି ମୂର୍ତ୍ତି ନିର୍ମାଣ ପାଇଁ। ଗଣେଶ ମୂର୍ତ୍ତି ନିର୍ମାଣ ପାଇଁ ଅର୍ଡର ଆସୁଥିଲେ ମଧ କଞ୍ଚାମାଲ ଅଭାବରୁ ଆମେ ଆଉ ବେଶି ମୂର୍ତ୍ତି ଅର୍ଡର ରଖୁନୁ। ଆମ ଅଞ୍ଚଳର ମୂର୍ତ୍ତିର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ କ୍ଲବର ସଦସ୍ୟମାନେ ଆସନ୍ତା ବର୍ଷ ପାଇଁ ଆମକୁ ଚଳିତ ବର୍ଷ ଠାରୁ ଅଗ୍ରୀମ ଦେଇସାରିଲେଣି। ଆମ ଅଞ୍ଚଳର ଗଣେଶ ମୂର୍ତ୍ତି

ବାଙ୍କୀ ଗୋଡ଼ିସାହି ଚଳଚଞ୍ଚଳ

କଟକ, ଭୁବନେଶ୍ୱର ସହ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଉଛି। ଗୋଡିସାହି ଅଞ୍ଚଳରେ ଦିନକୁ ଦିନ ମୂର୍ତ୍ତି କାରିଗରଙ୍କ ସଂଖ୍ୟା ବଢୁଥିଲେ ମଧ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ଶୁଭ ଦୃଷ୍ଟି ଏମାନଙ୍କ ଉପରେ ପଡ଼ିପାରି ନାହିଁ। ମୂର୍ତ୍ତି କାରିଗରଙ୍କୁ ସରକାରୀ ସହାୟତ ମିଳିଲେ ସେମାନେ ଉପକୃତ ହୋଇପାରନ୍ତେ ବୋଲି ଅନେକ ମୂର୍ତ୍ତି କାରିଗର କହିଛନ୍ତି।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ,୧୯।୮ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଧୀନରେ ଥିବା ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପିଟି ପିଟି ଯୁବକଙ୍କୁ ହତ୍ୟା କରାଯାଇଛି । ଏ ନେଇ ମୃତକ ନୃସିଂହ ଚରଣ ସେଠୀ (୪୨)ଙ୍କ ପତ୍ନୀ ଉର୍ମିଳା ସେଠୀ ନିକିରାଇ ଥାନାରେ ଅଭିଯୋଗ କରିଥିବାବେଳେ ନ୍ୟାୟ ଦାବିରେ ପରିବାର ଲୋକ ଥାନା ଆଗରେ ଧାରଣା ଦେଇଥିବା ଜଣାପଡ଼ିଛି । ଗତ ଗୁରୁବାର ଦିନ ଉର୍ମିଳାଙ୍କ ସ୍ୱାମୀ ପୂଜା ସାମଗ୍ରୀ ନେଇ ଘରକୁ ଫେରୁଥିବାବେଳେ ଧିରେନ୍ ସେଠୀ, କଳ୍ପତରୁ ସେଠୀ, ଅନିରୁଦ୍ଧ ସେଠୀ, ନବ ସେଠୀ ଜୀବନରୁ ମାରିଦେବାକୁ ଯୋଜନା କରି ଜଗି ରହିଥିଲେ । କିଛି ସମୟ ଭିତରେ ସେମାନଙ୍କ ସହ ହଠାତ୍ ନିରଞ୍ଜନ ସେଠୀ, ଲିପୁନା ସେଠୀ, ଭିକାରୀ ସେଠୀ, କ୍ଷୀରୋଦ ସେଠୀ ଓ ତାଙ୍କ ସ୍ତ୍ରୀମାନେ ସଂଘବଦ୍ଧ ଭାବେ ଲୁହା ରଡ୍ ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏହାପରେ ମାନସୀ ସେଠୀ, ଦୀପ୍ତିମୟୀ ସେଠୀ, କବିତା ସେଠୀ, ଅନୀତା ସେଠୀ, ସକୁନ୍ତଳା ସେଠୀ, ଅରୁଣୀବାଳା ସେଠୀ, ବିଜୁଳି ସେଠୀ, ସୁଷମା ସେଠୀ ପ୍ରମୁଖ ତାଙ୍କ ଉପରେ ଲଙ୍କାଗୁଣ୍ଡ ପାଣି ଢାଳିଥିଲେ । ଫଳରେ ସେ ଗୁରୁତର ହୋଇପଡିଥିଲେ । ତାଙ୍କୁ ପରିବାର ଲୋକେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ଦିନ ମୃତ୍ୟୁ ହୋଇଥିଲା । ମୃତଶରୀରକୁ ନିକିରାଇ ଥାନା ସମ୍ମୁଖରେ ରଖି ନ୍ୟାୟ ଦାବିରେ

ନ୍ୟାୟ ଦାବିରେ ପରିବାର ଲୋକଙ୍କ ଥାନା ଆଗରେ ଧାରଣା

ପରିବାର ଲୋକେ ଧାରଣା ଦେଇଥିଲେ । ଏହି ଘଟଣାରେ ସାମିଲ ଥିବା ସନ୍ଦେହରେ ପୁଲିସ ପ୍ରାୟ ୩୦ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ପୁଲିସ ଭୟରେ ଗ୍ରାମ ପୁରୁଷ ଶୂନ୍ୟ ହୋଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ଉର୍ମିଳାଙ୍କ ପରିବାର ଉପରେ ୩ଥର ଆକ୍ରମଣ କରାଯାଇଥିଲା ଅଭିଯୋଗ ହୋଇଛି । ମୃତ ସେଠୀଙ୍କ ପତ୍ନୀ ସେହି ଗ୍ରାମରେ ଅଙ୍ଗନବାଡି କର୍ମୀ ଭାବେ ଚାକିରି କରିଥିବା ଦିନରୁ କିଛି ଲୋକେ ତାଙ୍କ ବିରୋଧରେ ଲାଗି ୭ ମାସର ଦରମା ବନ୍ଦ କରାଇଥିବା ଉର୍ମିଳା କହିଛନ୍ତି । ଏସଂକ୍ରାନ୍ତରେ ନିକିରାଇ ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନୃସିଂହଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ଫଳରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଏକ ହତ୍ୟା ମମାଲା ରୁଜୁ ହୋଇ ତଦନ୍ତ ଚାଲିଛି । ଆମେ ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରୁଛୁ । ଏଥିରେ ଯେଉଁମାନେ ଅଭିଯୁକ୍ତ ବୋଲି ପ୍ରମାଣ ମିଳିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ।

ଅଷ୍ଟଶମ୍ଭୁ ସଂସ୍କୃତ କଲେଜରେ ସଂସ୍କୃତ ସପ୍ତାହ

ରାଜନଗର,୧୯।୮(ସମିସ): ରାଜନଗର ବ୍ଲକ୍ କୁରୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଶିଖରଠାରେ ଥିବା ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ସପ୍ତାହ ଉଦ୍‌ଯାପିତ ହୋଇଛି । ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅଧ୍ୟାପକ ରାଜକିଶୋର ପାଣି ବେଦ ପାଠ କରିଥିଲେ । ସଂସ୍କୃତ ଭାଷା ହେଉଛି ସମସ୍ତ ବିଶ୍ୱଭାଷାର ଜନନୀ ଓ ସଂସ୍କୃତି ସମ୍ପନ୍ନ ମଣିଷ ତିଆରି କରିବାରେ ଏହି ଭାଷା ଓ ସାହିତ୍ୟ ବିଶେଷ ଉପଯୋଗୀ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ ପାଲ, ସତୀଶ ମହାପାତ୍ର, ବୈକୁଣ୍ଠ ବଳ, ପ୍ରଫୁଲ୍ଲ ପ୍ରଧାନ, ବିଶ୍ୱମ୍ଭର ତ୍ରିପାଠୀ, ଅଧ୍ୟାପିକା ଭଗବତୀ ରାଉତ ଯୋଗଦେଇ ପୁରାଣ ଗ୍ରନ୍ଥ ଭାରତୀୟ ସଂସ୍କୃତିର ମହାନତାକୁ ଗାନ କରୁଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରବନ୍ଧ, ବକ୍ତୃତା, ଶ୍ଳୋକାବୃତ୍ତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ରମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ ସଭା ପରିଚାଳନା କରିଥିଲେ ।

ମୁକୁନ୍ଦପୁର ଗ୍ରାମରେ ନାହାନ୍ତି ଆଶାକର୍ମୀ

ଡେରାବିଶ, ୧୯।୮(ସମିସ): ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଗତ ଦେଢ଼ବର୍ଷ ଧରି ଆଶାକର୍ମୀ ନାହାନ୍ତି । ଫଳରେ ପ୍ରସୂତୀ ସ୍ୱାସ୍ଥ୍ୟ ସେବା ପାଇବାରେ ବିଭିନ୍ନ ସମସ୍ୟା ଉପୁଜୁଛି । ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର ରାଜସ୍ୱ ଗ୍ରାମ ତିନୋଟି ୱାର୍ଡକୁ ନେଇ ଗଠିତ । ଏହି ତିନି ୱାର୍ଡ ବିଶିଷ୍ଟ ଗ୍ରାମରେ ପୂର୍ବରୁ ଜ୍ୟୋତିର୍ମୟୀ ଜେନା ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିଲେ । ଦେଢ଼ ବର୍ଷ ପୂର୍ବେ ତାଙ୍କର ଅକାଳ ମୃତ୍ୟୁ ହେବା ପରଠାରୁ ନୂତନ କର୍ମୀ ନିଯୁକ୍ତି ହୋଇନାହିଁ । ପ୍ରସୂତୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଯୋଜନା ଆଶାକର୍ମୀଙ୍କ ମାଧ୍ୟମରେ ହିଁ ପହଞ୍ଚିଥାଏ । ଏପରିକି ଗର୍ଭଧାରଣ ପରେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା, ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶ, ଔଷଧ ସେବନ, ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ଓ ପ୍ରସୂତୀ ସନ୍ତାନ ଜନ୍ମଯାଏ ସେମାନେ ସେବା ଦେଇଥା'ନ୍ତି । ତେବେ ଦେଢ଼ବର୍ଷ ଧରି ପଡ଼ୋଶୀ ଗ୍ରାମର ଆଶାକର୍ମୀଙ୍କୁ ଅତିରିକ୍ତ ଭାବେ ମୁକୁନ୍ଦପୁର ଗ୍ରାମ ଦାୟିତ୍ୱ ଦିଆଯାଇଛି । ଏବେ ମୁକୁନ୍ଦପୁର ଗ୍ରାମର ପ୍ରସୂତୀ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ପାଇପାରୁ ନ ଥିବା ସହିତ ଏହି ଗ୍ରାମର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ କାଡର୍ ବଣ୍ଟାଯାଇପାରୁନି । ନୂତନ ଆଶାକର୍ମୀ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ସାଂସଦ ବୁଝିଲେ ଦାମୋଦରପାଟଣା ରାସ୍ତା ସମସ୍ୟା

'ସକାଳ' ପ୍ରଭାବ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୯।୮ (ସମିସ): ଧୋୟାଞ୍ଚଳର ଜଗନ୍ନାଥପୁର-ଦାମୋଦରପାଟଣା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା କେନ୍ଦ୍ରାପଡ଼ାରୁ ଯାଜପୁରକୁ ସଂଯୋଗ କରିଥାଏ । ଦାମୋଦରପାଟଣାଠାରେ ମୁଖ୍ୟ ରାସ୍ତା ପ୍ରାୟ ୧୫୦ ଫୁଟ ଦବିଯାଇଥିବା ହେତୁ ଉକ୍ତ ରାସ୍ତାରେ ସର୍ବଦା ପାଣି ଜମିରହି ଯାତାୟାତ ସମୟରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି କରୁଛି । ଏଠାରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହି ସମସ୍ୟା ସମ୍ପର୍କରେ "ସକାଳ' ଖବରକାଗଜରେ ଖବର ପ୍ରକାଶ ପରେ ଏହି ସମସ୍ୟା ର ସମାଧାନ ପାଇଁ ବିଜେପି ବ୍ରାହ୍ମଣୀ ମଣ୍ଡଳ ଉପସଭାପତି କିଶୋର ରାଉତ କେନ୍ଦ୍ରାପଡ଼ା ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାଂସଦ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାର ଓ ତଥା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ର ଲେଖି ପରାମର୍ଶ ଦେଇଥିବା ଜଣାପଡିଛି ।

କଷୋଟିବାଲି ଗ୍ରାମ ମୁରବୀଙ୍କ ପରଲୋକ

ମାର୍ଶାଘାଇ,୧୯।୮ (ସମିସ): କଷୋଟିବାଲି ଗ୍ରାମ ମୁରବୀ, ସମାଜସେବୀ ତଥା ବ୍ୟବସାୟୀ ଝରି ବସନ୍ତଆ(୮୮)ଙ୍କ ପରଲୋକ ଘଟିଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ

ପୀଡ଼ିତ ଥିଲେ । ମାର୍ଶାଘାଇ ଜୁଣ ବାସଭବନରେ ଝରିବାବୁଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସେ ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି ନିର୍ଦ୍ଦେଶକ, ମାର୍ଶାଘାଇ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ବଜାର ଦୁର୍ଗା କମିଟି ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ଜନ୍ମମାଟି କଷୋଟିବାଲିର ସାମଗ୍ରିକ ବିକାଶ, ଗ୍ରାମଦେବତୀ ମା' ବଜ୍ରସୁନା ମନ୍ଦିର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି । ତାଙ୍କ ପରଲୋକରେ କଷୋଟିବାଲି ଗ୍ରାମବାସୀ ଶୋକ ପ୍ରକାଶ କରିଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ମନୋରଞ୍ଜନ ବସନ୍ତିଆ ମୁଖାଗ୍ନି ଦେଇଥିଲେ ।

୧୮ ନଂ ଜୋନ୍‌ରେ ତ୍ରିରଙ୍ଗା ଶୋଭାଯାତ୍ରା

ମାଳିପୁର,୧୯।୮(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ୧୮ ନଂ ଜୋନ୍‌ରେ ଶୁକ୍ରବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମାଳିପୁର ବଜାରରେ ଜାତୀୟ ପତାକା ଉତ୍ତୋଳନ ପରେ

ଶୋଭାଯାତ୍ରା ମାଳିପୁରଠାରୁ ବାହାରି ଡାମରପୁର, ବଳଭଦ୍ରପୁର ପଞ୍ଚାୟତ ପରିକ୍ରମା କରିଥିଲା । ଅପରାହ୍ନରେ ବାଇକ୍ ଶୋଭାଯାତ୍ରା ମାଳିପୁରଠାରୁ ଆରମ୍ଭ ହୋଇ ଶାସନ, ନିମପୁର, ଦିଆନପୁର ପରିକ୍ରମା କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଜନଗର ବିଜେପି ପ୍ରଭାରୀ ସୁନାକର ପ୍ରଧାନ,ପୂର୍ବତନ ଜୋନ ସଭାପତି ଗୋପୀନାଥ ପଣ୍ଡା, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ମହାନ୍ତି, ଅର୍ଜୁନ ସାହୁ, ଆଶିଷ ମଲିକ, ଦେବାଶିଷ ରାଉଳ, ଶଶୀକାନ୍ତ ମଲିକ, ରମାକାନ୍ତ ଦାଶ, ତପନ ଦାଶ, ତୀର୍ଥ ପରିଡ଼ା, ଦିବାକର ବେହେରା ପ୍ରମୁଖ ସାମିଲ ଥିଲେ ।

ଧୋୟାଞ୍ଚଳରେ ତ୍ରିରଙ୍ଗା ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୯।୮(ସମିସ): ଧୋୟାଞ୍ଚଳର ବଲୁରିଆ ପଞ୍ଚାୟତ ଉଚ୍ଚବିଦ୍ୟାଳୟଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଅଳପୁଆ ପଞ୍ଚାୟତ ରାମମନ୍ଦିର ନିକଟରେ ଶେଷ ହୋଇଥିଲା । ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଉପସଭାପତି ଅଭିମନ୍ୟୁ ଗୋଛାୟତ, ଜିଲ୍ଲା ସାଧାରଣ ସମ୍ପାଦକ ଅମିତାଭ ସୁଆର, ସ୍ୱଚ୍ଛ ଭାରତ ଅଭିଯାନର ଜିଲ୍ଲା ସଂଯୋଜକ ଭାରତ ଭୂଷଣ ଦାସ, ଜୋନ ସଭାପତି ଅରୋଶିଷ ରାଉତ, ପୂର୍ବତନ ସଭାପତି ଦିଲ୍ଲୀପ ବିଶ୍ୱାଳ, ପୂର୍ବତନ ସଭାପତି ନଳିନୀ କାନ୍ତ ବିଶ୍ୱାଳ, ପୂର୍ବତନ

ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ବିଦ୍ୟୁସାଗର ଦାସ, ଅଳପୁଆ ପଞ୍ଚାୟତ ସଭାପତି ବ୍ରଜ ବିହାରୀ ଧଳ, ସୌମ୍ୟରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

● ମଇଁଷି ମୃତ ଘଟଣାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ପ୍ରାଥମିକ ତଦନ୍ତ

'ଦଳ ଓ ଲତାରେ ଛନ୍ଦି ହେବାରୁ ମୃତ୍ୟୁ ହୋଇଛି'

କେନ୍ଦ୍ରାପଡ଼ା,୧୯।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆ ଗ୍ରାମରେ ୧୭ ତାରିଖ ଦିନ ମଇଁଷି ମୃତ୍ୟୁ ଘଟଣାରେ ନୂଆ ମୋଡ଼ ଆସିଛି । ମଇଁଷି ପଲ ଦଳ ଓ ପାଣି ଲତାରେ ଛନ୍ଦି ହୋଇ ପଡ଼ିବା ଯୋଗୁଁ ମୃତ୍ୟୁବରଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ୯ ଜଣ ଚାଷୀଙ୍କ ୯୦ଟି ମଇଁଷି ଚରିବାକୁ ଯାଇଥିଲେ । ହେଲେ ଛନ୍ଦାଛନ୍ଦି ହୋଇଯିବାରୁ ଅମ୍ଳଜାନ ନ ପାଇ ୮୨ ମଇଁଷିଙ୍କ ମୃତ୍ୟୁ ହୋଇଛି । ୮ଟି ମଇଁଷି ଫେରିଆସିଛନ୍ତି । ୮୨ ମୃତ ମଧ୍ୟରୁ ୪୪ଟି ମଇଁଷିର ମୃତ ଶରୀର ଉଦ୍ଧାର କରାଯାଇଛି । ଆହୁରି ୩୮ ମଇଁଷି ନିଖୋଜ ଅଛନ୍ତି । ୨ଟି ମୃତ ମଇଁଷିର ଶରୀର ବ୍ୟବଚ୍ଛେଦ ହୋଇଛି । ଅଧିକ ତଥ୍ୟ ହାସଲ ପାଇଁ ମୃତ ଶରୀରର ପୋଷ୍ଟମର୍ଟମ ପାଇଁ ନମୁନା କୋଲକାତା ପଠାଯାଇଛି । କୋଲକାତାସ୍ଥ ରିଜିଓନାଲ ଡିଜିଜ ଡାଇଗ୍ନୋଷ୍ଟିକ ଲାବ୍ରୋଟରୀରେ ପରୀକ୍ଷା ପରେ ମଇଁଷି ମୃତ୍ୟୁ ଉପରୁ ପରଦା ହଟିବ ବୋଲି ସେ କହିଛନ୍ତି । ସୋମବାର ଏକ ସ୍ୱତନ୍ତ୍ର ପ୍ରାଣୀ ବିଶେଷଜ୍ଞ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମଇଁଷିଙ୍କ ପୋଷ୍ଟମର୍ଟମ କରିଥିଲେ । ଏଥିସହିତ ପାଖ ପାଟନାଳୀରୁ ପାଣି ନମୁନା ମଧ୍ୟ ପରୀକ୍ଷା ପାଇଁ ପଠାଯାଇଛି । ଆଜି ମୃତ ମଇଁଷିଙ୍କୁ ନିଆଁ ଲଗାଇ ପୋଡି ଦେବା ପାଇଁ ପ୍ରାଣୀ ସମ୍ପଦ ବିଭାଗ ଯୋଜନା କରିଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅବଶିଷ୍ଟ ମଇଁଷିଙ୍କ ମୃତଦେହ ଖୁବଶୀଘ୍ର ଉଦ୍ଧାର କରାଯିବ । ଅନ୍ୟପକ୍ଷରେ କ୍ଷତିପୂରଣ ପାଇଁ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରୁଥିବା କୁହାଯାଇଛି ।

ଜିଲ୍ଲା ସାରସ୍ୱତ ସଂଘର ସାଂଗଠନିକ ବୈଠକ

ପାରାଦୀପ,୧୯।୮(ସମିସ): ଜଗତସିଂହପୁର ଜିଲ୍ଲା ସାରସ୍ୱତ ସଂଘର ସାଂଗଠନିକ ବୈଠକ ନୀଳାଚଳ ସାରସ୍ୱତ ସଂଘ ପୁରୀ କେନ୍ଦ୍ର ଆସନ ବୀର ତୁଙ୍ଗର ପାରାଦୀପ ଶାଖା ସଂଘରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ଶାଖା ସଂଘର ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଶିଷ୍ୟ, ସେବକ ଓ ସେବିକା, ଗୁରୁଭାଇ ଯୋଗ ଦେଇଥିଲେ । ଜିଲ୍ଲା ସାରସ୍ୱତ ସଂଘର ସାଂଗଠନିକ ବୈଠକରେ ବିଭିନ୍ନ ଶାଖା ସଂଘର ଗୁରୁଭାଇ ବିଭିନ୍ନ ସମସ୍ୟା ଓ ସମାଧାନ, ଗୃହ ଆଶ୍ରମରେ ସୁଚାରରୂପେ ପୂଜାନୀତି ବିଷୟରେ ଆଲୋଚନା କରିଥିଲେ । ଏଥିସହ କେନ୍ଦ୍ର ଆସନ ବୀରତୁଙ୍ଗ ଓ ନୀଳାଚଳ କୁଟୀରରେ ଶାଖା ସଙ୍ଘ ଓ ମହିଳା ସଙ୍ଘ ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟ ଓ ପାଳି ସେବା ଦେବା ପାଇଁ ଆଲୋଚନା କରାଯାଇଥିଲା । ଆଗାମୀ ୭୫ତମ ପ୍ରାଦେଶିକ ସମ୍ମିଳନୀ ଆସନ୍ତା ଜାନୁଆରୀରେ ବୀରତୁଙ୍ଗଠାରେ ଅନୁଷ୍ଠିତ ହେବ । ଏହି ପ୍ରାଦେଶିକ ସମ୍ମିଳନୀରେ ଜିଲ୍ଲା ସାରସ୍ୱତ ସଙ୍ଘ ଓ ବିଭିନ୍ନ ଶାଖା ସଂଘର ଗୁରୁଭାଇ ସକ୍ରିୟ ଭାବେ ସେବା କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଏହା ନୀଳାଚଳ ସାରସ୍ୱତ ସଂଘର ପରିଚାଳନା କମିଟି ଓ ପରିଚାଳକ ଦୁର୍ଗା ଚରଣ ଭାଇଙ୍କ ଦ୍ୱାରା ଅନୁମୋଦନ ପାଇଁ ସ୍ଥିରୀକୃତ କରାଯାଇଛି । ଜିଲ୍ଲା ସାରସ୍ୱତ ସଂଘ ସଭାପତି ବୀରକିଶୋର ବାରିକ ସଭାପତିତ୍ୱ କରିଥିଲେ । ପାରାଦୀପ ଶାଖା ସଭାପତି ସୁଧାକର ମନ୍ତ୍ରୀ, ଭୂତମୁଣ୍ଡାଇ ଶାଖା ସଭାପତି ବ୍ରହ୍ମାନନ୍ଦ ବେହେରା, ସାରସ୍ୱତ ସଂଘ ସମ୍ପାଦକ ନରେନ୍ଦ୍ର ନନ୍ଦ, ସହସମ୍ପାଦକ ଅମର ପରିଡା, ପାରାଦୀପ ଶାଖା ସମ୍ପାଦକ ତ୍ରିଲୋକ୍ୟ ସାହୁ, ଶକ୍ତି ଚୈତନ୍ୟ ନନ୍ଦ, ଦେବବ୍ରତ ପ୍ରଧାନ, ଅସିତ ସାହୁ, ରମାକାନ୍ତ ମିଶ୍ର, ସୁଧାଂଶୁ ଜେନା, ଅରବିନ୍ଦ ରାୟ, ଦୀପକ ପାଢୀ, ପ୍ରଦ୍ୟୁମ୍ନ ସ୍ୱାଇଁ ଯୋଗ ଦେଇଥିଲେ ।

ପ୍ରତ୍ୟାଶା ପ୍ରିୟଦର୍ଶିନୀଙ୍କୁ ପ୍ରତିଭା ପୁରସ୍କାର

ତିର୍ତ୍ତୋଲ,୧୯।୮(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ କଟରାସ୍ଥ ରାଧାକାନ୍ତ ଉଚ୍ଚବିଦ୍ୟାଳୟରେ ୧୯୮୧ ବ୍ୟାଚ୍ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ପ୍ରତ୍ୟାଶା ପ୍ରିୟଦର୍ଶିନୀ ନାୟକଙ୍କୁ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି । ୧୯୮୧ ବ୍ୟାଚ୍ ସଂଯୋଜକ ତଥା ଭାରତୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସେଠୀ ପ୍ରଶଂସା ପତ୍ର, ଫଳକ, ଅର୍ଥ ରାଶି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଛାତ୍ରୀ ପ୍ରତ୍ୟାଶାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପଞ୍ଚଶଖା ଶିକ୍ଷା ସେତୁ ଅଭିଯାନ ସଭାପତି ଧୀରେନ୍ଦ୍ର ନାଥ ବିଶ୍ୱାଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାୟକ ଯୋଗଦେଇ ଛାତ୍ରୀ ପ୍ରତ୍ୟାଶାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିକ୍ଷକ ପୁଳିନ ପରିଜା, ରାକେଶ ବେହେରା, ପ୍ରକାଶ ରାଉତ, ସ୍ନିଗ୍ଧାପ୍ରଭା ନାୟକ ଶୁଭଶ୍ରୀ ଶୁଭସ୍ମିତା ଦାସ, ପ୍ରିୟଙ୍କା ବେହେରା, ସୁମିତ୍ରା ବେହେରା, ଅଞ୍ଜନାରାଣୀ ଦାସ, ଦୁର୍ଗାପ୍ରସାଦ ସେଠୀ, ଅଞ୍ଜନା କୁମାରୀ ସ୍ୱାଇଁ, ମହେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଦକ୍ଷବ୍ରହ୍ମପୁର ମଠରେ ନନ୍ଦ ଉତ୍ସବ

ଡେରାବିଶ,୧୯।୮(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁରସ୍ଥ ରଘୁନାଥଜୀଉଙ୍କ ମଠ ପରିସରରେ ନନ୍ଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରୁ ନନ୍ଦ ଉତ୍ସବ ପାଇଁ ଶ୍ରଦ୍ଧାଳୁଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ଭକ୍ତମାନେ ରାଧାକୃଷ୍ଣ ଓ ନନ୍ଦ ଯଶୋଦା ବେଶରେ ବିଭିନ୍ନ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅଭିନୀତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶହ ଶହ ଶ୍ରଦ୍ଧାଳୁ ଉପଭୋଗ କରିଥିବାବେଳେ ମନ୍ଦିର ଟ୍ରଷ୍ଟ ବୋଡର୍ ଓ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟି ପରୀକ୍ଷିତ ପଣ୍ଡା, ଶରତ ଦାସ, ସୁନ୍ତନୁ ମହାନ୍ତି, କାର୍ତ୍ତିକ ନାୟକ, କବିଚନ୍ଦ୍ର ପଣ୍ଡା, ତ୍ରିଲୋଚନ ଦାସ ଓ ପୂଜକ ଦୁର୍ଗାପ୍ରସାଦ ରଥ ପ୍ରମୁଖ ପରିଚାଳନା କରିଥିଲେ ।

ସାର ଅଭାବ, ଚାଷୀ ହୀନସ୍ତା

କୁଜଙ୍ଗ,୧୯।୮(ସମିସ): ନିଅଣ୍ଟିଆ ବର୍ଷା କାରଣରୁ ଚାଷ ବିଳମ୍ବ ହୋଇଥିବାବେଳେ ଏବେ ଆବଶ୍ୟକ ଅନୁଯାୟୀ ସାର ମିଳୁନାହିଁ । କେତେକ ସ୍ଥାନରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୧୦୦ ଟଙ୍କାରେ ସାର ବିକ୍ରି ହେଉଥିବା ଚାଷୀ ନେତା ଶ୍ରୀନିବାସ ଝୁଝାରସିଂହ ଅଭିଯୋଗ କରିଛନ୍ତି । ଏହି ତହସିଲର ଅଧୀନରେ ଜାତୀୟ ସ୍ତରର ଦୁଇଟି ସାର କାରଖାନା ରହିଥିବାବେଳେ ଏହାର ୩୦୦୦ କିମି ଦୂରରେ ସାର ଯେଉଁ ଦରରେ ବିକ୍ରି ହେଉଛି କୁଜଙ୍ଗରେ ସେହି ଦରରେ ବିକ୍ରିହେବା ଚାଷୀଙ୍କୁ ନିରୁତ୍ସାହିତ କରୁଥିବା କୁଜଙ୍ଗ ଅବନା ଘର ପ୍ରତିଷ୍ଠାତା ଗିରିଧାରୀ ସାହୁ ଅଭିଯୋଗ କରିଛନ୍ତି । ଚାଷୀ ସମବାୟ ସମିତି ଗଠନ କରିଥିବାବେଳେ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ମିଳୁନି । ତେବେ କେତେକ ସମିତି ସାର ଦେଉଛି, ତାହା ଚାଷୀଙ୍କ ଚାହିଦା ପୂରଣ କରୁ ନ ଥିବା ଅଭିଯୋଗ କରିଛନ୍ତ କୃଷକ ନେତା ଶ୍ରୀନିବାସ ଜୁଝାରସିଂହ, ଶରତ ବେହେରା, ଶରତ ବଳିୟାରସିଂହ, ରବୀନ୍ଦ୍ର ମହାପାତ୍ର, ରବୀନ୍ଦ୍ର ମାଝୀ । ରୁଆ ସମୟରେ ପାଣି ଅଧିକ ଥିବାରୁ ରୁଆ ସାର ନ ଦେଇ ଚାଷ କରାଯାଇଥିବାବେଳେ ଏବେ ସାରର ଅଭାବୀ ବିକ୍ରି ଚାଷୀଙ୍କୁ ହତାଶ କରିଛି । ଅକାଶରେ ମେଘ ଥାଇବି ବିଗତ ତିନିଦିନ ଧରି ବର୍ଷା ହେଉନଥିବା ଯୋଗୁଁ ଚାଷୀ ହତାଶ ହେଉଥିବା ଅଭିଯୋଗ ହୋଇଛି ।

ରାଜକନିକା ବ୍ଲକ୍‌ରେ ଜିଏସ୍‌ଟି ଠକେଇ ଅଭିଯୋଗ

ରାଜକନିକା, ୧୯।୮(ସମିସ): ରାଜ୍ୟ ସରକାର ସାଧାରଣ ଲୋକଙ୍କ ପାଇଁ ବହୁ ଯୋଜନା କରୁଥିବାବେଳେ ଟିକସକୁ ସରଳ କରି ଜିଏସ୍‌ଟି ଲାଗୁ କରି ଆର୍ଥିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଚେଷ୍ଟା କରୁଛନ୍ତି । ରାଜକନିକା ବ୍ଲକ ପ୍ରଶାସନ ଏହି ନିୟମର ଗଳା ବାଟ ଦେଇ ବଡ଼ଧରଣର ଠକେଇ କରିଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା କେତେକ ଉନ୍ନୟନ କାମ ବିଲ୍‌ର ସାମଗ୍ରୀ କିଣା ରସିଦରେ ସ୍ପଷ୍ଟ ହୋଇଛି । ଦୁର୍ଭାଗ୍ୟ କଥା ହେଉଛି ରାଜକନିକା ବ୍ଲକର ଦାନା ବାତ୍ୟା ମରାମତି, '୫-ଟି' ଓ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ବିଭିନ୍ନ ପ୍ରକଳ୍ପ ଜିଏସଟି ବିଲ୍‌ରେ ବଡ଼ଧରଣର ଠକେଇ ସାମ୍ନାକୁ ଆସୁଛି । ସୂଚନା ମୁତାବକ, ବ୍ଲକ୍‌ର ବିଭିନ୍ନ ଉନ୍ନତି ପାଇଁ ଯେଉଁ କାମ କରାଯାଇଛି, ତାହାର କାର୍ଯ୍ୟାଦେଶ ଯନ୍ତ୍ରୀଙ୍କ ନାମରେ ରହିଥିବାବେଳେ ଏହି କାମ ତଥାକଥିତ ଭୋଟ ସଂଗ୍ରହକାରୀ ଏଜେଣ୍ଟ ରୂପକ ଠିକାଦାରଙ୍କ ଦ୍ୱାରା କରାଯାଉଛି । ଏସବୁ କାମ କନିଷ୍ଠ ଯନ୍ତ୍ରୀ କରୁଥିବାବେଳେ କାର୍ଯ୍ୟକୁ ତଦାରଖ କରୁଛନ୍ତି ସହକାରୀ ଯନ୍ତ୍ରୀ । ତେବେ ରାଜକନିକା ବ୍ଲକ୍‌ରେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର କାର୍ଯ୍ୟ ହୋଇଥିଲେ ମଧ୍ୟ ସରକାର ନିୟମ ମୁତାବକ ଏସବୁ କାମରେ ବ୍ୟବହୃତ ସାମଗ୍ରୀ କିଣାଯାଇଥିବା ଏଜେନ୍ସି, ଦୋକାନର ନାମ, ଜିଏସଟି ନମ୍ବର ଦେଇ ମିଥ୍ୟା ବିଲ ଦେଇଥିବା ଜଣାପଡୁଛି । ତେବେ ରାଜକନିକା ବ୍ଲକର ଅଧିକାଂଶ କାମରେ ପ୍ରଦାନ କରାଯାଇଥିବା ଜିଏସଟି ବିଲରୁ ଜଣାଯାଇଛି ଯେ, ଆଦୌ ଏସବୁ ଜିଏସଟି ଥିବା ଦୋକାନ କୌଣସି ପ୍ରକାର ସାମଗ୍ରୀ ଦେଇ ନ ଥିବାବେଳେ ତାଙ୍କ ବୋର୍ଡରେ ଲେଖାଯାଇଥିବା ଜିଏସଟି ନମ୍ବରକୁ ଲେଖି ଭାଉଚର କରି ସେଥିରେ କୋଟି କୋଟି ଟଙ୍କାର ବିଲ ହେଉଥିବା ଭଳି ସାଙ୍ଘାତିକ ତଥ୍ୟ ଆମ ସମସ୍ତ ସରକାରୀ ଯୋଜନାର ଅସଲ ରୂପକୁ ପଦାରେ ପକାଇଛି । ତେବେ ପାରମ୍ପରିକ ଭାବେ ଏଭଳି ଅଭ୍ୟାସଗତ ଜିଏସଟି ଠକେଇ କରିବା ଧାରାରେ ଅଭ୍ୟସ୍ତ ଥିବା ରାଜକନିକା ବ୍ଲକ ପ୍ରଶାସନର ଆକାଉଣ୍ଟସ ବିଭାଗ ଓ ଉନ୍ନୟନ ବିଭାଗର ଜିଏସଟି ଠକେଇ କାରନାମା ସମ୍ପର୍କରେ ଜିଏସଟି ବିଭାଗ ଓ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତଦନ୍ତ କଲେ, ବ୍ଲକ୍‌ରେ ହୋଇଥିବା ବହୁ ଟିକସ ଫାଙ୍କିର ଅନିୟମିତତାର ପର୍ଦ୍ଦାଫାସ ହେବ ବୋଲି ସ୍ପଷ୍ଟ ହୋଇଛି । ଏ ସମ୍ପର୍କରେ ବ୍ଲକର ସହକାରୀ ଯନ୍ତ୍ରୀଙ୍କୁ ପଚାରିଥିଲେ ବି ଉପଯୁକ୍ତ ବିଲ ଦିଆଯାଇ କାର୍ଯ୍ୟ ହୋଇଛି ବୋଲି କହିଛନ୍ତି ।

ସ୍ୱାମୀକୁ ଛାଡ଼ି ପ୍ରେମିକ ସହ ପଳାଇଆସିଥିବା ମହିଳା ହଟହଟା

ହେପାଜତକୁ ନେଇ ପଟ୍ଟାମୁଣ୍ଡାଇ ପୁଲିସର ତଦନ୍ତ

ପଟ୍ଟାମୁଣ୍ଡାଇ,୧୯।୮ (ସମିସ)

ଗତ ତିନିବର୍ଷ ତଳେ ପ୍ରେମ ବିବାହ କରିଥିବା ଜଣେ ମହିଳା ସ୍ୱାମୀଙ୍କୁ ଛାଡ଼ି ଚାରୋଟି ସନ୍ତାନର ଜନକ ପ୍ରେମିକ ସହିତ ପଳାଇଆସି ହଟହଟା ହେବା ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । କଟକ ଜିଲ୍ଲା ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଓସ୍ତପୁର ଗ୍ରାମର ଜଣେ ଯୁବତୀ (ଛଦ୍ମନାମ ଅର୍ଚ୍ଚନା) ଆଳି ଥାନା ଅଧୀନ ମଙ୍ଗରାଜପୁର ଗ୍ରାମର ସୁନୀଲ ସାମଲଙ୍କୁ ତିନିବର୍ଷ ତଳେ ପ୍ରେମ ବିବାହ କରିଥିଲେ । ତେବେ ସମ୍ପୃକ୍ତ ଯୁବତୀ ଗର୍ଭାବସ୍ଥାରେ ଶାଶୂଘର ଲୋକଙ୍କ ଅତ୍ୟାଚାରର ଶିକାର ହୋଇ ଦୁଇଥର ଗର୍ଭସ୍ଥ ସନ୍ତାନ ନଷ୍ଟ ହୋଇଯାଇଥିଲା । ଏହାପରେ ଯୁବତୀ ଜଣକ ତାଙ୍କ ସ୍ୱାମୀଙ୍କ ସହିତ ଭୁବନେଶ୍ୱରରେ ରହୁଥିଲେ । ସୁନୀଲ ଭୁବନେଶ୍ୱରରେ ଗ୍ୟାସ ପାଇପ ଲାଇନ କାମ ଠିକାଦାରୀ କରୁଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ତନୁପୁର ଗ୍ରାମର କିଶୋର ମଲିକଙ୍କ ପାଖରେ ମଜୁରିଆ ଭାବେ କାମ କରୁଥିଲେ । ଚାରିମାସ ପୂର୍ବେ ଅର୍ଚ୍ଚନାଙ୍କର ଗ୍ୟାସ ପାଇପ ଲାଇନ ଠିକାଦାର କିଶୋର ମଲିକଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିଶୋର ପୂର୍ବରୁ ବିବାହିତ ଓ ତାଙ୍କର ପତ୍ନୀ, ଚାରିଟି କନ୍ୟା ସନ୍ତାନ ଅଛନ୍ତି । ଏହା ଜାଣିବା ପରେ ମଧ୍ୟ ଅର୍ଚ୍ଚନା କିଶୋରଙ୍କୁ ଭଲ ପାଇଁ ବସିଲେ ଓ ଭୁବନେଶ୍ୱରର ଏକ ମନ୍ଦିରରେ ଦୁହେଁ ବିବାହ କରିଥିଲେ । ଏକଥା ଜାଣିବା ପରେ ଅର୍ଚ୍ଚନାଙ୍କ ପ୍ରଥମ ସ୍ୱାମୀ ଥାନାରେ ଅଭିଯୋଗ କରିବାରୁ ପ୍ରେମିକ କିଶୋର ଅର୍ଚ୍ଚନାଙ୍କୁ ଧରି ଗତକାଲି ପଟ୍ଟାମୁଣ୍ଡାଇକୁ ନିଜ ଘରକୁ ପଳାଇ ଆସିଥିଲେ । ତେବେ କିଶୋରଙ୍କ ପ୍ରଥମ ପତ୍ନୀ ଓ ପରିବାର ଲୋକେ ଅର୍ଚ୍ଚନାକୁ ଘରୁ ବାହାର କରିଦେବା ସହିତ ମାଡ଼ ମାରିଥିଲେ । ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ଓ ଧମକ ଦେଇଥିବା ଅର୍ଚ୍ଚନା ଅଭିଯୋଗ କରିଛନ୍ତି ।

ଆଜି ମଧ୍ୟାହ୍ନରେ ଅର୍ଚ୍ଚନା ଜୀବନ ବଞ୍ଚାଇ ଦୌଡ଼ି ପଳାଇ ଆସିବା ସହିତ ପଟ୍ଟାମୁଣ୍ଡାଇ କୋର୍ଟ ପରିସରକୁ ପଶି ଆସିଥିଲେ । ତାଙ୍କ ପିଛା କରି କିଶୋରଙ୍କ ପତ୍ନୀ ଓ ପରିବାର ଲୋକେ କୋର୍ଟ ପର୍ଯ୍ୟନ୍ତ ଆସିଥିଲେ ହେଁ ସାହସ କରି ଭିତରକୁ ପ୍ରବେଶ କରି ନ ଥିଲେ । ଘଟଣା ସମ୍ପର୍କରେ ଅବଗତ ହେବା ପରେ ପଟ୍ଟାମୁଣ୍ଡାଇ କୋର୍ଟ ବାର୍ ଆସୋସିଏସନର କେତେକ ଓକିଲ ଓ କୋର୍ଟ ସିଏସଆଇ କାର୍ଯ୍ୟାଳୟ ପୁଲିସ ଅର୍ଚ୍ଚନାଙ୍କୁ ସୁରକ୍ଷା ଦେବା ସହିତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଖବର ଦେଇଥିଲେ । ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୁଲିସ ଟିମ ଅର୍ଚ୍ଚନାଙ୍କୁ ଉଦ୍ଧାର କରିବା ସହିତ ନିଜ ହେପାଜତକୁ ନେଇ ଘଟଣାର ଅନୁସନ୍ଧାନ ଜାରି ରଖିଛି । ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇରେ ଆଲୋଡ଼ନ ସୃଷ୍ଟି କରିଛି ।

ରାଜ୍ୟସ୍ତରୀୟ ଏନ୍‌ସିସି ଶିବିରରେ ଅସନଯୋଡ଼ା ପିଏମ୍‌ଶ୍ରୀ ସ୍କୁଲର ସଫଳତା

ବାରିପଦା/କୁଳିଅଣା, ୧୯।୮(ସମିସ): ଭୁବନେଶ୍ୱର ସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମର ଶିକ୍ଷାର୍ଥୀ ବାହିନୀ ଶିବିରରେ କୁଳିଅଣା ବ୍ଲକର ଅସନଯୋଡା ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୩୫ ଜଣିଆ ଏନସିସି ଟ୍ରୁପ ଅଂଶଗ୍ରହଣ କରିବା ସହ ଜିଲ୍ଲାପାଇଁ ସଫଳତା ଆଣିଛନ୍ତି। ବିଦ୍ୟାଳୟର ଏନସିସି ଅଫିସର ଉମା ଦେ'ଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଏହି ଦଳର ଲିଡର ଭାବେ ମାନିନୀ ମୁର୍ମୁ ଓ କମାଣ୍ଡର ଭାବେ ଭୂମିକା ମାଝୀ ସାମିଲ ହୋଇଥିଲେ। ଚଳିତ ମାସ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରରେ ଏହି ଦଳ ବିଭିନ୍ନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରତିପାଦନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଆୟୋଜିତ ସାମୂହିକ ନୃତ୍ୟ ଗୀତରେ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରୀମାନେ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ।

ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାଦାନରେ ଅବ୍ୟବସ୍ଥା ପ୍ରସଙ୍ଗ

ଡିଇଓ ଓ ଡିଡବ୍ଲୁଓ କାର୍ଯ୍ୟାଳୟରେ ଭଞ୍ଜସେନାର ଆନ୍ଦୋଳନ

ବାରିପଦା, ୧୯।୮(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ସ୍କୁଲ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନରେ ଅବ୍ୟବସ୍ଥା ନେଇ ପୂର୍ବରୁ ଭଞ୍ଜସେନା ଚେତାବନୀ ଦେଇଥିଲା। ତେଣୁ ପୂର୍ବ ଚେତାବନୀ ଅନୁସାରେ, ମଙ୍ଗଳବାର ସଂଗଠନ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ) ଓ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ)ଙ୍କ କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ କରାଯାଇଥିଲା। ଉଭୟ ଅଧିକାରୀଙ୍କ ବିରୋଧରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ଭଞ୍ଜସେନା ପକ୍ଷରୁ ପ୍ରଦତ୍ତ ସମୟ ସୀମା ମଧ୍ୟରେ ପ୍ରଶାସନ ତଥା ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ପଦକ୍ଷେପ ନ ନେବାରୁ ମଙ୍ଗଳବାର କାର୍ଯ୍ୟାଳୟରେ ତାଲାପକାଇ କର୍ମୀମାନେ ବିକ୍ଷୋଭ କରିଥିଲେ। ଶିକ୍ଷକ ବଦଳିରେ ରେସନାଲାଇଜେସନ ରୁଲର ଅବମାନନା, ୧୨ବର୍ଷ ଧରି ଗ୍ରେଡେସନ ନକରି ପଦନ୍ନୋତି ପୂର୍ବକ ମନମୁଖି ଶିକ୍ଷକ ବଦଳି, ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ପାଖାପାଖି ଶତାଧିକ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ବାରିପଦା ସହର ପାଖାପାଖି ରଖିବା, ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ଯୋଗାଇ ଦେବାରେ ଅବ୍ୟବସ୍ଥା, ଶୁଳିଆପଦା ବ୍ଲକ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ବିଇଓଙ୍କୁ ସୁରକ୍ଷା ପ୍ରଦାନ ସହିତ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡରେ ଶିକ୍ଷକ ମରୁଡ଼ି ପାଇଁ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଅନୁସୂଚିତ ଜାତି ଓ ଜନଜାତି ଅନ୍ତେବାସୀଙ୍କ ପ୍ରତି ଅବହେଳା ପ୍ରଦର୍ଶନରେ ଛାତ୍ରୀ ମୃତ ଘଟଣାରେ ଜନପ୍ରତିନିଧି ସବୁ ଜାଣି ଚୁପ ରହିବା ଆଦି ନେଇ ସଂଗଠନର କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଅଞ୍ଚଳରେ ଜନ ପ୍ରତିନିଧି ଓ ସମ୍ପୃକ୍ତ ଅଧିକାରୀଙ୍କୁ ରାଜରାସ୍ତାରେ ବିରୋଧ କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି। ପ୍ରକାଶ ଥାଉକି, ଏ ନେଇ ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହିତ ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଯାଇଥିଲା; କିନ୍ତୁ କୌଣସି ସୁଫଳ ନ ମିଳିବାରୁ ପୁଣି ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଉପରୋକ୍ତ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନରେ ଭଞ୍ଜସେନା ଅଧକ୍ଷ ସଞ୍ଜୀବ ରାଉତ, ଜିଲ୍ଲା ସଂଯୋଜକ ରାକେଶ ବେହେରା, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ଉପସଭାପତି ପ୍ରଶାନ୍ତ ମହାକୁଡ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଛାତ୍ର ସଂଯୋଜକ ସୂର୍ଯ୍ୟବର୍ଦ୍ଧନ ସିଂଦେଓ, ଜିଲ୍ଲା ଯୁବଶାଖା ସଭାପତି ଏସ୍ କେ ରାଜାଖାନ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି ପ୍ରମୁଖ ବହୁ କର୍ମୀ ସାମିଲ ହୋଇଥିଲେ।

ନିର୍ବାଚିତ ପ୍ରତିନିଧି ଓ ଅଧିକାରୀଙ୍କୁ ରାଜରାସ୍ତାରେ ବିରୋଧ ଚେତାବନୀ

ଏନର୍ଜେଟିକ୍ ସିନିଅର ସିଟିଜେନ୍ସର ବୈଠକ

ରଘୁନାଥପୁରରେ ଡାକଘର ଖୋଲିବାକୁ ଦାବି

ବାରିପଦା, ୧୯।୮(ସମିସ): ବାରିପଦା ଏନର୍ଜେଟିକ ସିନିୟର ସିଟିଜେନ୍ସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ଉପଦେଷ୍ଟା ନରେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ସହିତ ସଂଘର ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ରଘୁନାଥପୁର ଅଞ୍ଚଳର କିଛି ସମସ୍ୟାକୁ ନେଇ ସଦସ୍ୟମାନେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ପ୍ରଥମେ ଡ୍ରେନେଜ୍ ବ୍ୟବସ୍ଥା ସମସ୍ୟାକୁ ଉଠାଇବା ସହ ଏ ନେଇ ପୂର୍ବରୁ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ର ବାବଦରେ ମଧ ଆଲୋଚନା ହୋଇଥିଲା। ଆସନ୍ତା ମାସରେ ଜିଲ୍ଲାପାଳଙ୍କ ମାସିକ ଜନଶୁଣାଣିରେ ଏହି ସମସ୍ୟା ପୁଣି ଉଠାଇବାକୁ ସଭାରେ ସ୍ଥିର କରାଗଲା। ପରେ ରଘୁନାଥପୁର ଅଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଏଠାରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ବ୍ୟାବସାୟିକ ସଂସ୍ଥା ଓ କାର୍ଯ୍ୟାଳୟର ଚାହିଦାକୁ ଦୃଷ୍ଟିରେ ରଖି, ଏକ ଡାକଘର ସ୍ଥାପନ ନେଇ ସଦସ୍ୟମାନେ ଜୋର ଦେଇଥିଲେ। ଏହାକୁ ନେଇ ଶୀଘ୍ର ହିଁ ଏକ ପ୍ରତିନିଧି ଦଳ ଡାକ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବାକୁ ସ୍ଥିର କରାଗଲା। ବୈଠକରେ ସଭାପତି ସିଦ୍ଧାର୍ଥ କର ମହାପାତ୍ର, ଉପସଭାପତି ହିମାଂଶୁ କୁମାର ସାଥୁଆ, ସଂଗଠନ ସମ୍ପାଦକ ସନ୍ତୋଷ ଦାସ, ସମ୍ପାଦକ ଆଶୁତୋଷ ପଣ୍ଡା, ସହକାରୀ ସମ୍ପାଦକ ଭବତରଣ ସି, କୋଷାଧକ୍ଷ ହରିଶଚନ୍ଦ୍ର ନାୟକ ସହିତ ବସନ୍ତ କୁମାର ମଲ୍ଲିକ, ସୁଶୀଲ ଚନ୍ଦ୍ର କର, ରତିକାନ୍ତ ସି ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ଜାତୀୟ ସେବା ଯୋଜନା ସମ୍ମିଳନୀ

ବାରିପଦା, ୧୯।୮(ସମିସ): ଲକ୍ଷ୍ମୀପୋଷି ମୟୂରଭଞ୍ଜ ସ୍କୁଲ ଅଫ ଇଂଜିନିୟରିଂଠାରେ ଜାତୀୟ ସେବା ଯୋଜନାର ସମ୍ମିଳନୀରେ ନୂତନ ଛାତ୍ରମାନଙ୍କ ପାଇଁ ଇନଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଆ ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନାର ରାଜ୍ୟ ନୋଡାଲ ଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ଡ ବିଶ୍ୱମୋହନ ଜେନା, ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନାର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମନୋରଞ୍ଜନ ଦାସ ଯୋଗଦେଇ ଥିଲେ। ଅନୁଷ୍ଠାନର ଅଧକ୍ଷ ଇଂ ଧରମବୀର ବୁଗୁଡେଇ, ଅନୁଷ୍ଠାନର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଇଂ ବିଶ୍ୱନାଥ ବେହେରାଙ୍କ ସହିତ ପୂର୍ବତନ ଅଧିକାରୀ ଇଂ ବିଶ୍ୱଜିତ ମଣ୍ଡଳ ଓ ଇଂ ବଳଧର ଜେନା ମଧ ଉପସ୍ଥିତ ଥିଲେ। ଆଇକ୍ୟୁଏସିର ନିର୍ଦ୍ଦେଶକ ଇଂ ସୌରିନ ମହାନ୍ତି ଅତିଥି ପରିଚୟ ଓ ପ୍ରଶାସନିକ ଅଧିକାରୀ ଇଂ ଶାଶ୍ୱତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ଶିକ୍ଷାବିତ୍ ଡ. ସଂଗ୍ରାମ କେଶରୀ ମଲ୍ଲିକ ସମ୍ମାନିତ

ଶୁକୁଳି, ୧୯।୮(ସମିସ): ଶିକ୍ଷାବିତ ଡ. ସଂଗ୍ରାମ କେଶରୀ ମଲ୍ଲିକଙ୍କୁ ସମାଜସେବା ପାଇଁ ସମ୍ମାନିତ କରାଯାଇଛି। ବିଶେଷକରି ଅସହାୟ ଶିଶୁଙ୍କ ପାଇଁ କାର୍ଯ୍ୟ କରୁଥିବା ରାଜସ୍ଥାନର ଆଇକ୍ୟାନ ଫାଉଣ୍ଡେସନ ପକ୍ଷରୁ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଛି। ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀଠାରେ ଏକ ବିଶେଷ ଉତ୍ସବରେ ଏହି ସମ୍ମାନ ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶିକ୍ଷାବିତ ତଥା ଆମିତ ବିଶ୍ୱବିଦ୍ୟାଳୟର ଚାନସେଲର ଡ଼ଃ ଅସୀମ ଚୌହାନ ଡ. ମଲ୍ଲିକଙ୍କୁ ସମ୍ମାନିତ କରିଥିଲେ। ଗଛ ମଣିଷ ଭାବରେ ପରିଚିତ ଡ଼ଃ ମଲ୍ଲିକ ଜଣେ

ନିରଳସ ସାମାଜିକ କର୍ମୀ ଭାବରେ ଯଥା ସମ୍ଭବ ସେବା ଯୋଗାଇ ଦେଇଥାନ୍ତି। ଶିକ୍ଷା ପରିବେଶ ତଥା ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କର ଉଦ୍ୟମ ଅନୁକରଣୀୟ। କାର୍ଯ୍ୟକ୍ରମରେ ଫାଉଣ୍ଡେସନର ପ୍ରତିଷ୍ଠାତା ଗୌରବ ଗୌତମ, ସମାଜସେବୀ ଜୁହାରୀ ଲାଲ ଓ ରାଜନେତା ସନ୍ତୋଷ ବଗୋର୍ଡିଆ ମଧ ଉପସ୍ଥିତ ଥିଲେ।

ଦେବେନ୍ଦ୍ରପୁରରେ ଛତୁ ଚାଷୀଙ୍କ ସମ୍ମିଳନୀ

ବାରିପଦା, ୧୯।୮(ସମିସ): ଦେବେନ୍ଦ୍ରପୁର ଠାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଛତୁଚାଷୀଙ୍କ ସମ୍ମିଳନୀ ସ୍ଥାନୀୟ ମୟୂରଭଞ୍ଜ ମଶ୍ରୁମ ପ୍ରତିଷ୍ଠାତା ଶିଶିର କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧିଙ୍ଗିରି ଛତୁର ବ୍ୟାପକ ଚାଷ, ବଜାର ସନ୍ଧାନ ତଥା ଗୁଣା।କ ଉତ୍ପାଦ ତିଆରି କରିବା କୌଶଳର ଉପକୁକ୍ତ ତାଲିମ କାର୍ଯକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଆମ ଅଞ୍ଚଳରେ ୮ମାସ ପାଳ ଛତୁ ଚାଷ ବ୍ୟାପକ ହେଉଥିବା ବେଳେ ଆଉ ୪ମାସ ପ୍ରାୟ ଚାଷୀ ବେରୋଜଗାର ରହୁଛନ୍ତି। ଏମାନେ ବର୍ଷ ସାରା ଛତୁ ଚାଷକୁ ଆପଣାର କରି ଅଧିକ ଉପାର୍ଜନ କରିବା ନେଇ ଶୀତ ଦିନରେ ଧିଙ୍ଗିରି ଛତୁର ଚାଷ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ସମ୍ମିଳନୀରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର ରତିରଞ୍ଜନ ହାସଦା ଓ ଏପିକ୍ରାର ଛୋଟରାୟ ସିଂ ଚାଷୀଙ୍କୁ ବ୍ୟାଙ୍କ ସହାୟତା ଓ ସରକାରୀ ସ୍କିମ ବାବଦରେ ଅବଗତ କରିଥିଲେ।

ସାପ କାମୁଡ଼ାରେ ଯୁବକ ମୃତ

ବହସାହି, ୧୯।୮(ସମିସ): ବଡସାହି ଥାନା ବଦଲିଗାଁ ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ବସନ୍ତ ପଢ଼ିହାରୀଙ୍କ ପୁଅ ପବିତ୍ର(୧୮)। ସେ ବାରିପଦାରେ ରହି ପଢୁଥିଲେ। ଗତ ସନ୍ଧ୍ୟାରେ ସେ ଫୋନରେ କଥା ହେଉଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ବିଳମ୍ବିତ ରାତିରେ ଅସୁସ୍ଥ ହେବାରୁ ତାଙ୍କୁ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ; କିନ୍ତୁ ଭଦ୍ରକ ନିକଟରେ ତାଙ୍କର ମୃତ୍ୟୁ ଘଟିଛି।

୫ ବର୍ଷିୟାନ୍ ଫଟୋ ଗ୍ରାଫର ସମ୍ମାନିତ

ବାରିପଦା, ୧୯।୮(ସମିସ): ମୟୂରଭଞ୍ଜ ଫଟୋଗ୍ରାଫାର ଓ ଭିଡିଓ ଗ୍ରାଫର ଆସୋସିଏସନ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱ ଫଟୋଗ୍ରାଫି ଦିବସ ସାଇବିନାୟକ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସଦର ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବିଶେଷ ଅତିଥିଭାବେ ଯୋଗ ଦେଇ ଜିଲ୍ଲାର ୫ ଜଣ ବର୍ଷିୟାନ ଫଟୋଗ୍ରାଫରଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରଥିଲେ। ସେମାନେ ହେଲେ ଉଦଳାରୁ ଆଶିଷ ମହାନ୍ତି, କୁଳିଅଣାରୁ ମନ୍ମଥ ନାଏକ, ବାଙ୍ଗିରିପୋଷିରୁ ସୋମନାଥ ନାଏକ, କରଞ୍ଜିଆରୁ ନଳିନ୍ଦ୍ର କୁମାର ସେଠୀ ଓ ରାଇରଙ୍ଗପୁରର ଛଟୁପୋଦକ ମୋଦକ। ଆସୋସିଏସନର ସଭାପତି ସଞ୍ଜୀବ କୁମାର ଦ୍ୱିବେଦୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଭବାନୀ ଶଙ୍କର ରାମ ଧନ୍ୟବାଦ ଦେଇଥିଲେ। ଆସନ୍ତା ଡିସେମ୍ବର ୨୧ ତାରିଖରେ ଆସୋସିଏସନର ବାର୍ଷିକ ଉତ୍ସବ କରାଯିବ ବୋଲି ଘୋଷଣା କରାଯାଇଥିଲା।

ନଦୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ବହସାହି, ୧୯।୮(ସମିସ): ବଡସାହି ଥାନା ମାଧପୁର ଗ୍ରାମ ନିକଟ ଦେଇ ଯାଇଥିବା ବୁଢାବଳଙ୍ଗ ନଦୀରୁ ଏକ ଅଜଣା ଯୁବକର ମୃତଦେହ ଉଦ୍ଧାର ହୋଇଛି। ଲଗାଣ ବର୍ଷରେ ନଦୀରେ ପାଣି ଆସିଥିବା ବେଳେ ଶବଟି ଭାସି ଆସି ଲଟାବୁଦାରେ ଲାଗିଥିଲା। ଏହାକୁ ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଦମକଳ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଯୁବକର ବୟସ ୫୦ବର୍ଷ ପାଖାପାଖି ହେବ। ତାଙ୍କ ମୁହଁଟି ବିକୃତ ହୋଇଯାଇଥିବା ବେଳେ ସେ ଗୋଟିଏ ହାପ୍ ପ୍ୟାଣ୍ଟ ଏବଂ ଏକ କଳା ରାଙ୍ଗର ଫୁଲସାର୍ଟ ପିନ୍ଧିଛନ୍ତି। ହେଲେ ଶବ ପରିଚୟ ମିଳିପାରିନାହିଁ।

ଓଡ଼ିଆ ଯୁବକଙ୍କ କୃତିତ୍ୱ

କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନତ ଅନୁକଳନ (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରରେ ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।

୨୫ ଯାଏ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ବୃଦ୍ଧି

ଆବେଦନ କଲେଣି ଏକ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ

ବାରିପଦା, ୧୯।୮(ସମିସ)

ରାଜ୍ୟ ସରକାର ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ଧାର୍ଯ୍ୟ ନିୟମ ଚାଷୀ ପଞ୍ଜୀକରଣରେ ଅନ୍ତରାୟ ସୃଷ୍ଟି କରିଛି। ସରକାର ୫ ଦିନ ପଞ୍ଜୀକରଣ ଅବଧିକୁ ବୃଦ୍ଧି କରିବା ପରେ ମଧ ଜିଲ୍ଲାର ୩୫% ଚାଷୀ ଆଜିଯାଏ ପଞ୍ଜୀକରଣ କରିପାରିନାହାନ୍ତି। ଫଳରେ ଆବେଦନ ତାରିଖ ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ବିଜେଡି କୃଷକ ମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି। ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଜିଲ୍ଲାର ୨୬ଟି ବ୍ଲକ, ୨ଟି ପୌର ପରିଷଦ ଓ ୨ଟି ବିଜ୍ଞାପିତ ଅଞ୍ଚଳରେ ଥିବା ୫୨ଟି ଲ୍ୟାମ୍ପ୍ସ ଅଧୀନରେ ୧୦୩ଟି ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀ ଆବେଦନ ଜାରି ରଖିଛନ୍ତି। ଅଦ୍ୟାବଧି ୬୪ ହଜାର ୭୩୨ ଚାଷୀଙ୍କ ନାମ ପଞ୍ଜୀ କରଣ ହୋଇସାରିଥିବା ବେଳେ ସଂଖ୍ୟା ବୃଦ୍ଧି ପାଇବା ନେଇ ଡିଆରସିଏସ ଅଶୋକ କୁମାର ପାଣି କହିଛନ୍ତି। ଗତବର୍ଷ ଜିଲ୍ଲାରେ ୫୫ ହଜାର ୯୩୮ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୫୫,୪୯୮ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ସେଥି ମଧ୍ୟରୁ ୫୨,୫୭୪ ଚାଷୀଙ୍କଠାରୁ ୨୨ଲକ୍ଷ ୩୫ହଜାର ୪୩୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ୮ଶହ ଟଙ୍କା ପାଇବା ପାଇଁ ଯୌଥ ପରିବାରରୁ ଏକାଧିକ ଚାଷୀ ନାମ ପଞ୍ଜୀକରଣ କରିବାକୁ ଆଗ୍ରହୀ ହୋଇପଡ଼ିଛନ୍ତି। ଫଳରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ନାମମାତ୍ର ଓ ଭାଗଚାଷୀଙ୍କ ସଂଖ୍ୟା କମ ହେବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ଜମିଜମା ରେକର୍ଡପତ୍ର, ବଂଶାନୁବଳୀ ପ୍ରମାଣପତ୍ର ଓ ଜମିଜମା ମକଦ୍ଦମାକୁ ନେଇ ସମସ୍ୟା ହେବାରୁ ଅନେକ ଚାଷୀ ପଞ୍ଜୀକରଣ କରିବାରୁ ବଞ୍ଚିତ ରହୁଛନ୍ତି। ଖରିଫ ଋତୁ ପାଇଁ ଚଳିତ ବର୍ଷ ଜିଲ୍ଲାରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଆବେଦନ କରିଛନ୍ତି। ଗତବର୍ଷ ତୁଳନାରେ ୮୭୯୪ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ରବି ଧାନ ବିକ୍ରିରେ ମୋଟ ୩୮୩୪ ଚାଷୀ ପଞ୍ଜିକରଣ କରିଥିବା ବେଳେ ୩୬୩୧ ଯୋଗ୍ୟ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ସେଥି ମଧ୍ୟରୁ ୩୬୦୨ଚାଷୀଙ୍କୁଠାରୁ ୨୪ଟି ଲ୍ୟାମ୍ପସ ଅଧୀନରେ ଥିବା ୨୫ଟି ମଣ୍ଡିରୁ ମୋଟ ୧ଲକ୍ଷ ୨୯ହଜାର ୨୩୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ତେବେ ରବି ଓ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ପ୍ରକ୍ରିୟା ପରିବର୍ତ୍ତନ କରାଯାଇଥିବାରୁ ଚାଷୀ ପଞ୍ଜୀକରଣରେ ସମସ୍ୟା ଦେଖାଦେଇଛି। ଫଳରେ ସରକାର ୨୫ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ବୃଦ୍ଧି କରିଥିବା ବେଳେ ତାହାକୁ ସେପ୍ଟେମ୍ବର ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କୃଷକ ବିଜେଡି ପକ୍ଷରୁ ପୁରୁଷୋତ୍ତମ ପଣ୍ଡା ଦାବି କରିଛନ୍ତି।

ବିଭିନ୍ନ ଦାବିନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କେନ୍ଦୁଝର, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ହାଟଡିହି ବ୍ଲକ ଅନ୍ତର୍ଗତ କେ ବାଲିପାଳ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୟୂରଭଞ୍ଜର ଶରତ ବିକାଶ ମଞ୍ଚ ଏବଂ କେ ବାଲିପାଳ ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ଏହି ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଦାବିଗୁଡିକ ମଧ୍ୟରେ କେ ବାଲିପାଳ ଜନସାଧାରଣଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପ୍ରଦାନ, ପାଲବଣୀରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ, ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥା ନିମନ୍ତେ ପାଲବଣୀରେ ହାଇସ୍କୁଲ ସ୍ଥାପନ, ପାଲବଣି ଘାଟିରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ରାସ୍ତା ନିର୍ମାଣ, କେ ବାଲିପାଳ ଲୋକଙ୍କୁ ଏଫଆରଏ-୨୦୦୬ ଅନୁଯାୟୀ ଜମି ପଟ୍ଟା ପ୍ରଦାନ, ହାଟଡିହିକୁ ଆକାଂକ୍ଷା ବ୍ଲକ ଯୋଜନାରେ ସାମିଲ, କେନ୍ଦୁଝର ଜିଲ୍ଲାକୁ ଆକାଂକ୍ଷା ଜିଲ୍ଲା ଯୋଜନାରେ ସାମିଲ, ମଲ୍ଲିପକ୍ଷି ଗ୍ରାମବାସୀଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ପ୍ରଦାନ, କେ ବାଲିପାଳରେ ନେଟୱର୍କ ସେବା ପ୍ରଦାନ ଆଦି ରହିଛି ।

ସମାନ କାମକୁ ସମାନ ଦରମା ଦାବି

ସାଇଁକୁଳ ପତିତପାବନ କଲେଜ ଫାଟକ ସମ୍ମୁଖରେ ଅଧ୍ୟାପକ-କର୍ମଚାରୀଙ୍କ ଧାରଣା

ରାମଚନ୍ଦ୍ରପୁର, ୧୯।୮ (ସମିସ): ସମାନ କାମକୁ ସମାନ ଦରମା ଦାବିରେ ସାଇଁକୁଳ ପତିତପାବନ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନେ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି । ଅଭିଯୋଗ ଅନୁଯାୟୀ ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ସମେତ କର୍ମଚାରୀଙ୍କୁ ସରକାରୀ ଅନୁଦାନ ମିଳିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏ ଦିଗରେ ସରକାର କର୍ଣ୍ଣପାତ କରୁନାହାନ୍ତି । ରାଜ୍ୟ ସଂଘର ଆହ୍ୱାନରେ ଘଷିପୁରା ବ୍ଲକ୍ ସାଇଁକୁଳ ପତିତପାବନ ମହିଳା ମହାବିଦ୍ୟାଳୟର ୨୩ ଜଣ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏହି କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇ ମହାବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବସି ରହିଛନ୍ତି । ସରକାର ତାଙ୍କ ଦାବି ପୂରଣ ନକରିବା ଯାଏଁ ଧାରଣା ଚାଲୁ ରହିବ ବୋଲି ଅଧ୍ୟାପକ ମହେନ୍ଦ୍ର କୁମାର ଚକ୍ର, ପ୍ରତାପରୁଦ୍ର ରାଉତ, ଜୟଦେବ ଦାଶ, ଆଲୋକ ଦାସ, ନିରାକାର ଚକ୍ର, ବିଦ୍ୟାଧର ଦାସ, ପ୍ରବିଣ କବି, ସୁକାନ୍ତ ଖଟୁଆ, ଜଗବନ୍ଧୁ ଜେନା, ବିଦ୍ୟାଧର ଘଡେଇ, ପୁଷ୍ପଲତା ପାଢୀ, ସୌମ୍ୟାସୁଚରିତା ସାହୁ, ଦେବସ୍ମିତା ପାଟଶାଣୀ, ଦେବସ୍ମିତା ମହାନ୍ତି, ପ୍ରଦୀପ ସାହୁ, ଶ୍ରଦ୍ଧାଞ୍ଜଳି, କୁନି ଦେହୁରୀ, ସଂଜୟ ରାଉତ, ମାନସୀ ବେହେରା, ନମିତା ବଳ, ଶ୍ରଦ୍ଧାଞ୍ଜଳି ଜେନା ପ୍ରକାଶ କରିଛନ୍ତି । କାର୍ଯ୍ୟବନ୍ଦ ପାଇଁ ଛାତ୍ରଛାତ୍ରୀଙ୍କ ପାଠପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଥିବା ମାନିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସରକାରଙ୍କୁ ଅନୁରୋଧ କରିଛନ୍ତି ।

ଗାଁ ପଡ଼ିଆରୁ ଅଜଗର ଉଦ୍ଧାର

ତୁରୁମୁଙ୍ଗା, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ୍ ରାଇଡିହା ବିଟ୍ ଅନ୍ତର୍ଗତ ଶିଆଳିଯୋଡ଼ା ଗ୍ରାମ ପଡ଼ିଆରୁ ବନ ବିଭାଗ ଏକ ୧୦ ଫୁଟ ଲମ୍ବ ଅଜଗର ସାପକୁ ମଙ୍ଗଳବାର ଉଦ୍ଧାର କରି ସଂରକ୍ଷିତ ଜଙ୍ଗଲରେ ଛାଡିଛି । ସାପଟିକୁ ଶିଆଳିଯୋଡ଼ା ପଡିଆ ନିକଟରେ ଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ କର୍ମଚାରୀ ପହଞ୍ଚି ସାପକୁ ଉଦ୍ଧାର କରି ଚଢେଇଭୋଳ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିବା ବନରକ୍ଷୀ ଦୀପକ କୁମାର ରଣା କହିଛନ୍ତି । ଅଜଗରର ଉଦ୍ଧାର କାର୍ଯ୍ୟରେ ପାରା ସ୍କ୍ୱାଡ ତ୍ରିଲୋଚନ ମହାନ୍ତ, ସହଦେବ ସେଠୀ କିଶୋରଚନ୍ଦ୍ର ମାଝୀ ସାମିଲ ହୋଇଥିଲେ ।

ସାଇଁକୁଳ ଫାଣ୍ଡି ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ବେଲବାହାଲି/ରାମଚନ୍ଦ୍ରପୁର, ୧୯।୮ (ସମିସ): ଆନନ୍ଦପୁର ଉପଖଣ୍ଡ ଅଧୀନ ସାଇଁକୁଳ ଫାଣ୍ଡି ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ରୋପଣ କରିଥିଲେ । ସହକର୍ମୀ ରାମଚନ୍ଦ୍ର ହୋତା, ନିରଂଜନ ଓଝା, ଜ୍ୟୋସ୍ନାରାଣୀ ମହାନ୍ତ, ଦେବରାଜ ମୁଣ୍ଡା, ରମାକାନ୍ତ ଦେହୁରୀ, ରୋଜାଲିନ ରାଉତ ସମେତ ସ୍ଥାନୀୟ ପଥରପଦା ଗ୍ରାମର ଯୁବ ପରିବେଶବିତ୍ ମନ୍ମଥ ବେହେରା ଏବଂ ସମସ୍ତ ଫାଣ୍ଡି କର୍ମଚାରୀଙ୍କ ସହଯୋଗରେ ଅନେକ ଔଷଧୀୟ ବୃକ୍ଷ ରୋପଣ କରିବା ସହ ପରିବେଶ ସୁରକ୍ଷା ବଜାୟ ରଖିବାକୁ ଶପଥ ନେଇଥିଲେ ।

କମଳାକାନ୍ତ ପ୍ରାଥମିକ ଶିକ୍ଷକ ମହାସଂଘର ଜିଲ୍ଲା ସମ୍ପାଦକ

ତୁରୁମୁଙ୍ଗା, ୧୯।୮ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ କେନ୍ଦୁଝର ଜିଲ୍ଲା ଶାଖାର ସାଧାରଣ ସମ୍ପାଦକ ଭାବେ ପାଟଣା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ପତି ନିର୍ବାଚିତ ହୋଇଛନ୍ତି । ସେହିପରି ପାଟଣା ବ୍ଲକ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ବେହେରା ଜିଲ୍ଲା ଉପସଭାନେତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି । ଘଟଗାଁ ବ୍ଲକ ବାଣେଶ୍ୱର ମନ୍ଦିର ପରିସରରେ ହୋଇଥିବା ନୂତନ କର୍ମକର୍ତ୍ତା ନିର୍ବାଚନରେ ଉଭୟଙ୍କୁ ଚୟନ କରାଯାଇଛି । ୧୩ଟି ବ୍ଲକରୁ ୭୫ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ମହାସଙ୍ଘର ମହାସଚିବ ଚାରୁଲତା ମହାପାତ୍ର, ଯାଜପୁର ଜିଲ୍ଲା ସଭାପତି ବିଜୟ ନାୟକ, ଜିଲ୍ଲାର ପୂର୍ବତନ ସଭାପତି ମୁକୁନ୍ଦ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ଘରେ ପଶି ହାତୀ ଉତ୍ପାତ

ତୁରୁମୁଙ୍ଗା, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜରେ ୩୦ ଟିକିଆ ହାତୀପଲଙ୍କ ଉପଦ୍ରବରେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୋମବାର ବିଳମ୍ବିତ ରାତିରେ ହାତୀପଲ ଆତଙ୍କ ଖେଳାଇବା ସହ ବରପଦା ଗ୍ରାମରେ ଦୁଇଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିବା ସହ ବରପଦା ଗ୍ରାମର ଘନଶ୍ୟାମ ମହାନ୍ତଙ୍କ ଘରେ ପଶି, ଫ୍ରିଜ, ସାଇକଲ ବାଇକ ଓ ପଲଙ୍କଙ୍କୁ ଭାଙ୍ଗି ନଷ୍ଟ କରିଦେଇଛି । ପରିବାର ଲୋକେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏଥିସହ ହାତୀପଲ ଏକର ଏକର ଧାନ ଚାଷକୁ ପାଦରେ ମାଡି ଦଳି ନଷ୍ଟ କରିଛନ୍ତି । ଗାଁ ନିକଟରେ ହାତୀପଲ ରହିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି ।

ବଳଭଦ୍ରପୁରରେ ଶ୍ରଦ୍ଧାଞ୍ଜଳି ଓ ଭଜନ ସମାରୋହ

ଆନନ୍ଦପୁର, ୧୯।୮ (ସମିସ): ଆନନ୍ଦପୁର ବଳଭଦ୍ରପୁର ଶାସନରେ ମଞ୍ଜୁଲତା ମିଶ୍ରଙ୍କ ଦ୍ୱାଦଶକ୍ରିୟା ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମିଶ୍ର ପରିବାର ପକ୍ଷରୁ ରାଧାବଲ୍ଲଭ ମିଶ୍ରଙ୍କ ତତ୍ତ୍ୱାବଧାନରେ ବେଦପାଠ ଗୀତା ପାଠ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟନାୟକ ବ୍ଲକ ସଭାପତି ସୁବ୍ରତ କୁମାର ଚକ୍ର ପୂର୍ବତନ ବ୍ଲକ ଅଧକ୍ଷ ଚତୁର୍ଭୁଜ ନାୟକ ବିଜେଡି ଯୁବ ସଭାପତି ରାକେଶ ରାମ ରମାକାନ୍ତ ବେହେରା ବିଜେପି ନେତା ଭଗବାନ ସାହୁ ବରିଷ୍ଠ ନାଗରିକ ପରିଷଦ ରାଜ୍ୟ ଉପସଭାପତି ଅରୁଣ କୁମାର ମହାନ୍ତି ଏବଂ ଯାଜପୁର ରୋଡ ନୀଳମାଧବ ପୂଜା କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ଏହି ଅବସରରେ ଆୟୋଜିତ ଭକ୍ତି ସଂଗୀତ ସମାରୋହରେ ଆନନ୍ଦପୁର ସଂଗୀତ କଳା ପରିଷଦର କଣ୍ଠଶିଳ୍ପୀ ମନରଞ୍ଜନ ମହାପାତ୍ର ମଦନ ପାଣି ଅମର ମିଶ୍ର ମାନସ ପାଢ଼ୀ ସୁଶ୍ରୀ ଅଭିଲିପସା ସୁଶ୍ରୀ ଶ୍ରେୟା ଯନ୍ତ୍ର ଶିଳ୍ପୀ ହରିହର ଜେନା ସୁବାଶିଷ ଶତପଥୀ ଲିଟୁ ପାତ୍ର ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ ।

ବିଦ୍ୟୁତ୍ ବିଭାଗ ବିରୋଧରେ ଦାନା ବାନ୍ଧୁଛି ଆନ୍ଦୋଳନ

ଆନନ୍ଦପୁର, ୧୯।୮ (ସମିସ): ଆନନ୍ଦପୁର ପୌରାଞ୍ଚଳବାସୀ ଆଜି ବି ବିଦ୍ୟୁତ ସେବା କ୍ଷେତ୍ରରେ ବହୁ ନିର୍ଯାତନା ଭୋଗ କରୁଛନ୍ତି । ବିଦ୍ୟୁତ ସେବା ନିୟମିତ ଯୋଗାଇ ଦେବାରେ ବିଦ୍ୟୁତ ବିଭାଗ ସମ୍ପୂର୍ଣ ବିଫଳ ହୋଇଛି । ସପ୍ତାହରେ ଗୋଟିଏ ଦିନ ମେଣ୍ଟେନାନ୍ସ ଆଳରେ ବିଭାଗ ପକ୍ଷରୁ ବିଦ୍ୟୁତ କାଟ କରାଯାଉଥିବା ବେଳେ ଦୈନିକ ବିଭିନ୍ନ ଆଳଦେଖାଇ ବିଭିନ୍ନ ସମୟରେ ୫ ଘଣ୍ଟାରୁ ଅଧିକ ବିଦ୍ୟୁତ କାଟ କରାଯାଉଛି । ଏକ ପରୀକ୍ଷା ମୂଳକ ସଂଗୃହିତ ବିବରଣୀରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୯ ତାରିଖ ସନ୍ଧ୍ୟା ୭ରୁ ବିଳମ୍ବିତ ରାତ୍ରୀ ୧୧.୩୦ ମିନିଟ ପର୍ଯ୍ୟନ୍ତ ୧୧ କେଭି ସମସ୍ୟା ଥିବା ଯୋଗୁଁ ବିଦ୍ୟୁତ ସରବରାହ ବିଛିନ୍ନ ହୋଇଥିବା ବେଳେ ଗତ ୧୭ ତାରିଖ ଅପରାହ୍ଣ ୧ରୁ ସନ୍ଧ୍ୟା ୫.୩୦ ମିନିଟ ପର୍ଯ୍ୟନ୍ତ କୌଣସି କାରଣକୁ ନେଇ ପୁନଷ୍ଟ ବିଦ୍ୟୁତ ସରବରାହ ବିଭାଗ ପକ୍ଷରୁ ବିଛିନ୍ନ ହୋଇଥିଲା । ସେହିପରି ଗତ ରାତି ୧୦ରୁ ୧୧.୪୦ ମିନିଟ ପର୍ଯ୍ୟନ୍ତ ବିଦ୍ୟୁତ କାଟ କରାଯାଇଥିବା ବେଳେ ନିୟମିତ ବ୍ୟବଧାନରେ ପ୍ରତ୍ୟେକ ୧୦ ମିନିଟ ବ୍ୟବଧାନରେ ଲାଇନ ଯିବା ଆସିବାର ଲୁଚକାଳି ଖେଳ ଦେଖିବାକୁ ମିଳୁଛି । ଏପରିକି ଯଦି ବିଭାଗ ପକ୍ଷରୁ ବିଦ୍ୟୁତ କାଟର ଲୁଚକାଳି ଖେଳକୁ ବନ୍ଦ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରା ନଯାଏ ଆଗାମୀ ଦିନରେ ଅଞ୍ଚଳବାସୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରଉ କରି ଗଣ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାଯାଇଛି ।

ଚମ୍ପୁଆ କ୍ରିକେଟ ପ୍ରିମିୟର ଲିଗ ପାଇଁ ଖେଳାଳି ନିଲାମ

ଚମ୍ପୁଆ, ୧୯।୮ (ସମିସ): ଚମ୍ପୁଆ କ୍ରିକେଟ କ୍ଲବ ଦ୍ୱାରା ଆସନ୍ତା ଚମ୍ପୁଆ ପ୍ରିମିୟର କ୍ରିକେଟ ଲିଗର ଚତୁର୍ଥ ସଂସ୍କରଣ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ପରିପ୍ରେକ୍ଷୀରେ ସ୍ୱାଗତ ଗେଷ୍ଟ ହାଉସଠାରେ ଖେଳାଳି ନିଲାମ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଆଠଟି ଦଳ ଏହି ନିଲାମ ପ୍ରକ୍ରିୟାରେ ଯୋଗଦେଇ ନିଲାମ ମାଧ୍ୟମରେ ନିଜ ଦଳପାଇଁ ଖେଳାଳି ଚୟନ କରିଛନ୍ତି । ଏହି ଦଳଗୁଡିକ ହେଲେ ଏସଏଫସି ୱାରିୟସ, ଏକେଏଫ କ୍ଲବ, ସାୟାନ ଏକାଦଶ, ଅମାନତ ଏକାଦଶ, ମାରୁତି ସ୍ପୋର୍ଟସ, ଏସଏଫସି ଜୟନ୍ତିଗଡ, କେଏଚ ଫ୍ରେଟସ ଏବଂ ଆରୁଷ-ବିନଦାସ । ଦଳ ମୁଖ୍ୟମାନେ ଭାଗନେଇ ୧୫୯ ଜଣ ଖେଳାଳିଙ୍କ ମଧ୍ୟରୁ ନିଜ ପସନ୍ଦ ଖେଳାଳିଙ୍କୁ ନିଲାମ ମାଧ୍ୟମରେ ନିଜ ଦଳରେ ସାମିଲ କରିଥିଲେ । ଏଥିରେ ଜିଲ୍ଲା ତଥା ବାହାର ଖେଳାଳିମାନେ ଭାଗ ନେଇଥିବା ବେଳେ ନିଲାମ ପ୍ରକ୍ରିୟାରେ ଅତିଥି ଭାବରେ ସନ୍ତୋଷ ସାହୁ, ସିଦ୍ଧାର୍ଥ ସିଂ ସମେତ ସଭାପତି ଅରୁଣ ପତି ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ଲକ୍ ଗାୟତ୍ରୀ ପରିବାର ସମନ୍ୱୟ ବୈଠକ

ରାମଚନ୍ଦ୍ରପୁର,୧୯।୮ (ସମିସ): ପରମପୂଜ୍ୟ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଜ୍ୱଳିତ ହୋଇଥିବା ଅଖଣ୍ଡ ଜ୍ୟୋତିର ଶତବାର୍ଷିକ ଓ ବନ୍ଦନିୟା ମାତାଜୀ ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ଗାୟତ୍ରୀ ପରିବାର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସମସ୍ତ ବ୍ଲକ୍ ସମନ୍ୱୟ ସମିତି ଓ ପ୍ରଜ୍ଞାମଣ୍ଡଳ ଓ ମହିଳା ମଣ୍ଡଳଗୁଡିକର ପୁନଃଗଠନ କରାଯିବା ସହ ପ୍ରତି ପଞ୍ଚାୟତରେ ୨୫ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ, ଗୁରୁଦେବଙ୍କ ରଚିତ ଏକ ପୁସ୍ତକ ମେଳା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିସହ ଆଶାଦିଦି ଓ ଅଙ୍ଗନବାଡି ଦିଦିଙ୍କୁ ନେଇ ଆସଗଡିବା ସଂସ୍କାର ପିଢି ବୋଲି ଗର୍ଭବତୀ ମହିଳାଙ୍କ ପାଇଁ କର୍ମଶାଳା ଆୟୋଜନ କରାଯିବ । ଭାରତୀୟ ସଂସ୍କୃତି ଜ୍ଞାନ ପରିକ୍ଷା ପାଇଁ ପ୍ରତ୍ୟେକ ଗାୟତ୍ରୀ ପରିଜନ ଗୋଟିଏ ଲେଖାଁ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରତି ବ୍ଲକରେ ପୂଜନୀୟା ମାତାଜୀ ମା' ଭଗବତୀ ଔଷଧୟ ବାଟିକା ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି । ଏହି ସମନ୍ୱୟ ବୈଠକରେ ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ମିଶ୍ର, ପ୍ରସନ୍ନ ପତି, ଚନ୍ଦ୍ରପ୍ରଭା ପତି, ପୁଷ୍ପଲତା ସାହୁ, ବ୍ଲକ ସଂଯୋଜକ ପ୍ରମୋଦ ବରାଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଷ୍ଣୁନାରାୟଣ ସାମଲ, ଦୈତାରୀ ଦାଶ, ପାର୍ଥସାରଥୀ ରାଉତ, ଦିଲ୍ଲୀପ ରାଉତ, ରବିନ୍ଦ୍ର ନାୟକ, ପ୍ରେମାନନ୍ଦ ଦଳେଇ, ଦୁଃଶାସନ ପାତ୍ର, ସ୍ନେହଲତା ରାଉତ, କାମିନୀ ସାମଲ, ଗୌରୀ ସାହୁ, ନମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

କାନପୁର ପ୍ରକଳ୍ପ; ୧୩୨ ମୌଜାର ମା' ଦ୍ୱାରଶୁଣୀ ସ୍ଥାନାନ୍ତରଣ ସମ୍ପନ୍ନ

ନାରଦପୁର,୧୯।୮ (ସମିସ): ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଦଣ୍ଡପାଟର ଚମକପୁର ଗ୍ରାମର ବୈତରଣୀ ନଦୀ କୂଳରେ ଶହ ଶହ ବର୍ଷ ଧରି ପୂଜା ପାଇଆସୁଥିବା ମା' ଦ୍ୱାରଶୁଣୀ ଠାକୁରାଣୀଙ୍କ ଶକ୍ତିପୀଠକୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରଥରେ ବସାଇ ବାସୁଦେବପୁର ନିକଟସ୍ଥ ନନ୍ଦନା ହୁଡ଼ିକୁ ସ୍ଥାନାନ୍ତରିତ କରାଯାଇଛି । ନୂତନ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଶନିବାର ଘଟ, ଶଙ୍ଖ, ହୁଳହୁଳିରେ ଶହ ଶହ ଶ୍ରଦ୍ଧାଳୁଙ୍କ ଗହଣରେ ଉଚ୍ଛେଦ ଗାଁରୁ ମା'ଠାକୁରାଣୀ ଏବଂ ତାଙ୍କ ପାର୍ଶ୍ୱ ଦେବଦେବୀଙ୍କୁ ନୂତନ ଜାଗାକୁ ଅଣାଯାଇଥିଲା । ଚମକପୁର ଦଣ୍ଡପାଟ ୧୩୨ ମୌଜାର ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ । କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପୂଜକ ଭାସ୍କର ଦେହୁରୀ, ମାର୍କଣ୍ଡ ନନା, ଦେବାଶିଷ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିବା ବେଳେ କାନପୁର ପ୍ରକଳ୍ପ ଅଧିକାରୀ ନଗେନ୍ଦ୍ର ମାଝୀଙ୍କ ସମେତ ପ୍ରଶାସନ ତରଫରୁ ଦେବଦେବୀଙ୍କ ଥଇଥାନ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଏକ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା । କମିଟିର ଲାଲବାହାଦୁର ନାଏକ, ଡିଲେଶ୍ୱର ଦାସ, ଅକ୍ଷୟ ନାଏକ, ଦୁଃଶାସନ ନାଏକ, ପୁରୁଷୋତ୍ତମ ନାଏକ, ପ୍ରମୋଦ ଦାସ, ହରଜିତ ଦାସ, ସରୋଜ ବାରିକ, ଅମର ନାଏକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିବା ଅର୍ଜୁନ ଚରଣ ବେହେରା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ କାନୁପୁର ନଦୀବନ୍ଧ ପ୍ରକଳ୍ପ ଦ୍ୱାରା ଚମକପୁର ଗାଁ କ୍ଷତିଗ୍ରସ୍ତ ହୋଇ ୩ ବର୍ଷ ପୂର୍ବରୁ ଉଚ୍ଛେଦ ହେବା ପରେ ମା' ଠାକୁରାଣୀ ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲେ । ଯାହାକୁ ନେଇ ବିଗତ ଦିନରେ ଗ୍ରାମବାସୀ ଓ ମା' ଦ୍ୱାରଶୁଣୀ କମିଟିର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରି ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

ମହିଳା ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୧୯।୮ (ସମିସ): ସଂପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା ମହିଳା ହିଂସା ରୋକିବାକୁ ସଦର ଥାନା, କେନ୍ଦୁଝର ତରଫରୁ ରାଇସୁଆଁ ମହାବିଦ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରତିନ୍ଦ୍ର କୁମାର ପରିଡା ସଭାପତିତ୍ୱ କରିଥିବାବେଳେ ସଦର ଥାନାଧିକାରୀ ଅମିତ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମହିଳାମାନେ ନିର୍ଭୟ ରହି ନିଜ ନିଜର କର୍ମକ୍ଷେତ୍ରରେ ଆଗକୁ ବଢିବା ଲାଗି ସବ୍ଇନ୍ସପେକ୍ଟର ସୂର୍ଯ୍ୟ ରାଉତରାୟ ଆହ୍ୱାନ ଜଣାଇଥିଲେ । ସଦର ଥାନାର ସିଡବ୍ଲ୍ୟୁପିଓ ସବ୍ଇନ୍ସପେକ୍ଟର ସୁସ୍ମିତା ହୋରୋ, କନେଷ୍ଟବଳ ମାଦ୍ରିମଣୀ ମହାନ୍ତ, ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବିପିନ ବିହାରୀ ସାହୁ, ଡ ଆଶିଷ ରାଉତ, ପୁନମ ମିଶ୍ର, ସଂଜିତା ଗିରି ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଛାତ୍ରୀମାନେ ଶପଥ ପାଠ ମାଧ୍ୟମରେ ଏହି ଅଭିଯାନରେ ସାମିଲ ହୋଇଥିଲେ ।

ଆନନ୍ଦପୁର ବ୍ଲକ୍ କାଠକଟା ପଞ୍ଚାୟତ ଟାଙ୍ଗର ମୁକ୍ତେଶ୍ୱର ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ

ଅନୁମତି ମିଳୁନି; ବଢ଼ି ଚାଲିଛି ବାଲିର ଚୋରା କାରବାର

ଖଣି ଅଧିକାରୀଙ୍କ ଦେଖା ମିଳୁନି

ଆନନ୍ଦପୁର,୧୯।୮ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ନଦୀ ଘାଟରୁ ବାଲି ଉତ୍ତୋଳନ ପାଇଁ ପ୍ରଶାସନିକ ଅନୁମତି ମିଳୁନଥିବାରୁ ଚୋରା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ ନିଷ୍ପତ୍ତି ବାରମ୍ବାର ବଦଳୁଥିବାରୁ ଏହି କାରବାର ସରକାରକୁ ବାର୍ଷିକ କୋଟି କୋଟି ଟଙ୍କା କ୍ଷତି ପହଞ୍ଚାଇଛି । ଅନ୍ୟପକ୍ଷରେ ଆନନ୍ଦପୁର ପାଇଁ ନିୟୋଜିତ ଖଣି ଅଧିକାରୀଙ୍କ ଦେଖା ମିଳୁନଥିବା ଏବଂ ଫୋନ ଉଠାଉ ନଥିବାରୁ ଚୋରା କାରବାର ଲିଙ୍କକୁ ପ୍ରମାଣିତ କରିଛି ବୋଲି ଅଭିଯୋଗ ହେଉଛି । ଆନନ୍ଦପୁର ହାଟଡିହି ଓ ଘସିପୁରା ତହସିଲ ଅଞ୍ଚଳରେ ବାଲିମାଫିଆ ସକ୍ରିୟ ହୋଇ ଉଠୁଛନ୍ତି । ଏବେ ବର୍ଷାଦିନ ପାଇଁ ଲିଜ୍ ହୋଇଥିବା ବାଲିଘାଟରୁ ପରିବହନ ବନ୍ଦ ରହିଥିବାବେଳେ ଚୋରା ବାଲିଚାଲାଣ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି । ଖଣିବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଚୋରା କାରବାରରେ ଅଙ୍କୁଶ ଲାଗି ପାରୁନାହିଁ । ବୈତରଣୀ ନଦୀରେ ପାଣି ଆସିବା ସମ୍ଭାବନା ରହିଥିବାରୁ ଏବେ ଅନେକ ସ୍ଥାନରେ ଶହଶହ ଟ୍ରିପ୍ ବାଲି ଗଚ୍ଛିତ ରଖାଯାଇ ଚୋରା ଚାଲାଣ ହେଉଛି । ଖଣି ବିଭାଗର ଜାଣତରେ ଏଭଳି କାରବାର ଚାଲିଥିବାନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ସେମାନଙ୍କୁ ଧରିବା କ୍ଷମତା କେବଳ ଖଣି ବିଭାଗ ଓ ପୁଲିସ ନିକଟରେ ରହିଛି । ଖଣି ବିଭାଗ ପକ୍ଷରୁ ଚୋରା କାରବାର ଉପରେ ଚଢ଼ଉ କରାଯାଉ ନଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିଛି ।

ଗଞ୍ଜେଇ କାରବାରରେ ମିଥ୍ୟା ମାମଲା ଅଭିଯୋଗ

ସ୍ୱତନ୍ତ୍ର ଗାଡ଼ିରେ କୁଟିଆଙ୍କ ନିକଟକୁ ଯାଉଛି ବେଆଇନ ମଦ

ତେଲକୋଇ, ୧୯।୮ (ସମିସ)

- ମହୁଲି ମଦର ବନ୍ୟା
- ତୀବ୍ର ହେଉଛି ଜନଅସନ୍ତୋଷ
- ଅବକାରୀ ବିଭାଗର ମନମାନି

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅଞ୍ଚଳରେ ଗାଁ ଗଣ୍ଡାଠାରୁ ଆରମ୍ଭ କରି ଛକ ବଜାର ଓ ସାହିରେ ଦେଶୀ ମହୁଲି ମଦ ଖୁଲମ୍‌ଖୋଲା ବେଆଇନ ବିକ୍ରି କରାଯାଉଥିବା ବେଳେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି । ତେଲକୋଇ ଓ ଜଗମୋହନପୁରଠାରେ ଦୁଇଟି ସ୍ୱୀକୃତିପ୍ରାପ୍ତ ଦେଶୀ ମହୁଲି ଭାଟି ରହିଥିବା ବେଳେ ଅବକାରୀ ବିଭାଗ ସଂପୃକ୍ତ ମଦ ମାଫିଆଙ୍କର ଗୁଲାମ ସାଜିଥିବା ଅଭିଯୋଗ ହୋଇଛି । ଭାଟିରେ କେବଳ ଲୋକଙ୍କୁ ମହୁଲି ବିକ୍ରି କରିବାର ନିୟମ ରହିଥିବା ବେଳେ ସଂପୃକ୍ତ ମଦ ମାଫିଆଦ୍ୱୟ ତେଲକୋଇ ବ୍ଲକର ବିଭିନ୍ନ ସ୍ଥାନକୁ ଭାଗ କରି ଏଜେଣ୍ଟ (କୁଟିଆ) ମାନଙ୍କ ଦ୍ୱାରା ଗାଁ ଗାଁରେ ଭାଟି ମହୁଲି ମଦ ବିକ୍ରି କରୁଛନ୍ତି । ମୋଟା ଅଙ୍କର ମୁନାଫା ନେଇ ତେଲକୋଇ ଅବକାରୀ ବିଭାଗ ଏହି ବେଆଇନ କାରବାର କୁ ପ୍ରୋତ୍ସାହନ ଯୋଗାଉ ଥିବା ଅଭିଯୋଗ ହୋଇଛି । ତେଲକୋଇ ହାଟ ତୋଟା ନିକଟରେ ଥିବା ମହୁଲି ଭାଟିର ମଦ ମାଫିଆ ବ୍ଲକର ଦୋବଲା ପାଳ, ରଣ ବିଜୁଳି, ତେଲକୋଇ ତଳ ସାହି, ବଜାର ସାହି, ମଧୁସୁଦନପୁର, ଖୁଣ୍ଟା ପଡ଼ା, ରାମଚନ୍ଦ୍ରପୁର, ଭାଲିଆ ଡାଳ, ଶଙ୍କରପୁର, ଶିବନାରାୟଣପୁର ଗୋଡା, ବିରିଦା, ବାଙ୍ଗୁରୁ ପାଳ, ବେତଖୋଲି, ସିମିଳିପାଳ, ତାଳପଦା, ପୋଡାଙ୍ଗ, କୃଷ୍ଣପୁର, ସିନ୍ଦୁରିଆ,ପଡିଆ ପଶି, ସିରିଗିଡା, କରଦାଙ୍ଗୀ, ଭିମକାଣ୍ଡ ସହିତ ଆହୁରି ଅନେକ ସ୍ଥାନକୁ ସ୍ୱତନ୍ତ୍ର ଭାବେ ଗାଡ଼ିରେ ମଦ ପାର୍ଶଲ କରି କୁଟିଆଙ୍କ ନିକଟରେ ପହଞ୍ଚାଇ ଏହି ବେଆଇନ କାରବାର ଚଳାଇଛନ୍ତି ।

ସେହିପରି ଜଗମୋହନପୁରରେ ଥିବା ମଦ ମାଫିଆ ବିଞ୍ଜବାହାଳ, ଜଗମୋହନପୁର, ସରୁଆଲି, ଗୋଲାବନ୍ଧ, ଛାମୁଣ୍ଡା, ଲୋକନାଥପୁର, ଜଟ, ଡିମିରିଆ, ସଲେଇକେନା, ଜନସନପୁର, ବାରହା ଦେବତା, ଓରିଆ, କତରାପାଲି, ପିଟାନାଳୀ, ଦେଉଳଡିହା, ମଧୁପୁର, ସନ୍ତେଇ ଭଞ୍ଜ, ଗୋଳା ଗାଡିଆ, ଉଦୟଗିରି, ଆକୁଳ, ବିମଳା, ରାଇସୁଆଁ, ମାର୍ଦ୍ଧା, କାଳିଆ ହତା ଆଦି ଆହୁରି ଅନେକ ସ୍ଥାନରେ କୁଟିଆ ରଖି ଏହି ବେଆଇନ କାରବାର ଚଳାଇ ଆସୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଯେଉଁ ଗ୍ରାମରେ ଲୋକେ ମହୁଲି ମଦ ନିଜେ ପ୍ରସ୍ତୁତ କରି ପିଇବା ସହିତ ଘରେ ରଖିଥାଏ ମଦ ମାଫିଆଙ୍କ ଇସାରାରେ ଅବକାରୀ ବିଭାଗ ସେଠାରେ ଯାଇ ଚଢଉ କରି ସେ ଲୋକଙ୍କୁ ଗିରଫ ଯାଇଥାଏ । ଦିନ ଦ୍ୱିପ୍ରହରରେ ମଦ ମାଫିଆଙ୍କ କର୍ମଚାରୀମାନେ ଚାରିଚକିଆ ଓ ଦୁଇଚକିଆ ଗାଡ଼ି ଯୋଗେ କୁଟିଆଙ୍କ ପାଖକୁ ମଦ ସପ୍ଲାଏ କରୁଥିବା ବେଳେ ଅବକାରୀ ନିରବ ସାଜିବା ବିଭାଗୀୟ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମଦ ମାଫିଆଙ୍କଠାରୁ ମାସିକିଆ ବଟି ପାଇ ସ୍ଥାନୀୟ ଅବକାରୀ ଅଧିକାରୀ ଏହି ବେଆଇନ କାର୍ଯ୍ୟକୁ ଅଧିକରୁ ଅଧିକ ପ୍ରୋତ୍ସାହନ ଯୋଗାଉଥିବା ସଙ୍ଗୀନ ଅଭିଯୋଗ ହୋଇଛି । ଗାଁ ଗଣ୍ଡାରେ ବେଆଇନ କାରବାର ଚଳାଇଥିବା ଏହି କୁଟିଆଙ୍କ ପାଖରେ ମହୁଲି ପାନ କରିବାକୁ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି । ରାମଚନ୍ଦ୍ରପୁର, ମୁଣ୍ଡା ସାହିଠାରୁ ଆରମ୍ଭ କରି ତେଲକୋଇ ବଜାର ଅଞ୍ଚଳ ଓ ସମାକୋଇ ନଦୀ ମୁଣ୍ଡରେ ଥିବା ମହୁଲି ବିକ୍ରୟସ୍ଥଳୀ ଲୋକାରଣ୍ୟ ସାଜିଛି । ଏହି ମହୁଲି ପିଇ ଅନେକ ଯୁବା ଅବସ୍ଥାରେ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି । ଏଥିପ୍ରତି ଅବକାରୀ ବିଭାଗ ଦୃଷ୍ଟି ଦେଉ ନଥିବା ବେଳେ ଗଞ୍ଜେଇ କାରବାର ଅଭିଯୋଗରେ ମିଥ୍ୟା ମାମଲା ରୁଜୁକରି କେତେକ ଗଞ୍ଜେଇ ଟାଣୁଥିବା ଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ବାଃ ବାଃ ନେବାକୁ ହୀନ ଉଦ୍ୟମ ଆରମ୍ଭ କରିଛି ।

ସ୍ଥାନୀୟ ଅଞ୍ଚଳର ଅଭିମନ୍ୟୁ ନାୟକ ନାମକ ଜଣେ ବ୍ୟକ୍ତି ଧୂମ୍ରପାନ ଭାବେ ଗଞ୍ଜେଇ ସେବନ କରୁଥିବା ବେଳେ ଘରେ ନିତ୍ୟ ବ୍ୟବହାର ପାଇଁ ସାମାନ୍ୟ କିଛି ଗଞ୍ଜେଇ ରଖିଥିଲେ । ଆଜି ଭୋରୁ ଅବକାରୀ ବିଭାଗ ତାଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲା । ତାଙ୍କ ଘରୁ ହାତଗଣତି ଦୁଇ ଚାରି ପୁଡିଆ ଗଞ୍ଜେଇ ଅବକାରୀ ବିଭାଗ ଜବତ କରିଥିବା ବେଳେ ଏକ କିଲୋରୁ ଅଧିକ ଗଞ୍ଜେଇ ଜବତ କରିଥିବା ମାମଲାରେ ଦର୍ଶାଇଥିବା ଜଣାପଡ଼ିଛି । ଅବକାରୀ ବିଭାଗର ଏଭଳି ହୀନ ଉଦ୍ୟମକୁ ସାଧାରଣରେ ନାପସନ୍ଦ କରାଯାଉଛି । ମହୁଲି ମଦ ମାଫିଆଙ୍କ ପ୍ରତି ଅବକାରୀ ଅଧିକାରୀଙ୍କ ଏତେ ଅନୁକମ୍ପା କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।